# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ସେପ୍ଟେମ୍ବର ୨୭/୨୦୧୮ (୨୦ ପୃଷ୍ଠା+ମନ୍‌ମିଜାଜ୍) Sambalpur, Thursday, September 27/ 2018 ★★

୧୪ଶ ଭାଗ ୨୮୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




**ଅଞ୍ଜଳି ଭାଙ୍ଗିଲେ ୧୬ ବର୍ଷର ମିଟ୍ ରେକର୍ଡ**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ମହିଳା ୪୦୦ ମିଟର ରେସ୍‌ରେ ୧୬ ବର୍ଷର ମିଟ୍ ରେକର୍ଡ ଭାଙ୍ଗିଛନ୍ତି ହରିୟାଣାର ଅଞ୍ଜଳି ଦେବୀ । ୧୯

**ପରିଣିତିଙ୍କ ଫିଟ୍‌ନେସ ଚିନ୍ତା**

୧୬ ବଲିଉଡ୍ ଅଭିନେତ୍ରୀ ପରିଣିତି ଚୋପ୍ରା ଏବେ ନିଜ ଫିଟ୍‌ନେସ ଉପରେ ଗୁରୁତ୍ୱ ଦେବା ସହ ଅନ୍ୟମାନଙ୍କୁ କେତେକ ଫର୍ମୁଲା ଶିଖାଉଛନ୍ତି।



# ଆଧାର ବୈଧ, କିନ୍ତୁ...

AADHAAR

ନୂଆଦିଲ୍ଲୀ,୨୬।୯(ପି.ଟି.)

ଆଧାର ବୈଧ। ଏହାର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରାଯାଇ ପାରିବ ନାହିଁ ବୋଲି ବୁଧବାର ସୁପ୍ରିମକୋର୍ଟ ଏକ ଐତିହାସିକ ରାୟ ଦେଇଛନ୍ତି। ସର୍ବୋଚ୍ଚ ଅଦାଲତ ସାମାଜିକ ଯୋଜନାଗୁଡ଼ିକର ସୁବିଧା ହାସଲ ପାଇଁ ଆଧାରର ବୈଧତାକୁ ସୀମିତ ରଖିଛନ୍ତି। କିନ୍ତୁ ମୋବାଇଲ୍ ଫୋନ୍, ବ୍ୟାଙ୍କ ଅକାଉଣ୍ଟ ଓ ସ୍କୁଲରେ ନାମଲେଖା ଭଳି କ୍ଷେତ୍ରରେ ଏହାର ଆବଶ୍ୟକତା ନାହିଁ ବୋଲି ସ୍ପଷ୍ଟ କରିବା ସହ ଏଥିରେ ଥିବା କେତେକ ନିୟମକୁ ବାଦ୍ ଦେଇଛନ୍ତି। ୫ ବିଚାରପତି ବିଶିଷ୍ଟ ସାମ୍ବିଧାନିକ ପୀଠ 'ବାଡ଼ି ନ ଭାଙ୍ଗୁ କି ସାପ ନ ମରୁ' ନ୍ୟାୟରେ ଦେଇଥିବା ଏହି ସନ୍ତୁଳିତ ରାୟକୁ ନେଇ ବିଭିନ୍ନ ମହଲରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଭାଜପା ରାୟକୁ କେନ୍ଦ୍ର ସରକାରଙ୍କ ବିଜୟ ବୋଲି ଅଭିହିତ କରିଥିବାବେଳେ କଂଗ୍ରେସ ଏହାକୁ ଭିନ୍ନ ଦୃଷ୍ଟିକୋଣରୁ ସ୍ୱାଗତ କରିଛି।

ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼, ଅଶୋକ ଭୂଷଣ, ଏ.ଏମ୍. ଖାନ୍‌ୱିଲକର ଏବଂ ଜେ. ସିକ୍ରିଙ୍କୁ ନେଇ ଗଠିତ ପୀଠ ବୁଧବାର ଆଧାରର ବୈଧତାକୁ ବଜାୟ ରଖିଛନ୍ତି। ଏହାକୁ ଚ୍ୟାଲେଞ୍ଜ କରି ଦାଏର ହୋଇଥିବା ଏକାଧିକ ପିଟିଶନର ଶୁଣାଣି କରି ପୀଠ ୫୬୭ ପୃଷ୍ଠାର ସଂଖ୍ୟାଗରିଷ୍ଠ (୪:୧) ରାୟରେ କହିଛନ୍ତି, ଆୟକର (ଆଇଟି) ରିଟର୍ନ ଦାଖଲ ଓ ପର୍ମାନେଣ୍ଟ ଆକାଉଣ୍ଟ ନମ୍ବର (ପାନ୍) ହାସଲ କ୍ଷେତ୍ରରେ ଆଧାର ଜରୁରୀ।

**ସୁପ୍ରିମକୋର୍ଟଙ୍କ ସନ୍ତୁଳିତ ରାୟ**



- ଆଧାରର ସାମ୍ବିଧାନିକ ବୈଧତା ରହିଛି
- ଏହା ପ୍ରିଭେସିକୁ ଉଲ୍ଲଂଘନ କରୁନାହିଁ
- ଘରୋଇ ସଂସ୍ଥା ନେଇପାରିବେନି ଆଧାର ତଥ୍ୟ

ତେବେ ବ୍ୟାଙ୍କ ଆକାଉଣ୍ଟ ସହିତ ଏହାର ସଂଯୋଗୀକରଣକୁ ବାଧ୍ୟତାମୂଳକ କରାଯାଇ ପାରିବ ନାହିଁ। ସେହିପରି ଟେଲିକମ୍ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକ ମଧ୍ୟ ମୋବାଇଲ ସଂଯୋଗ ପାଇଁ ଆଧାର ଦାବି କରିପାରିବେ ନାହିଁ। ଅନୁରୂପ ଭାବେ ସ୍କୁଲରେ ନାମଲେଖା, କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ), ମେଡିକାଲ୍ ଏଣ୍ଟ୍ରାନ୍ସ ସକାଶେ ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା(ଏନ୍‌ଇଇଟି) ଏବଂ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଦ୍ୱାରା ପରିଚାଳିତ ପରୀକ୍ଷାଗୁଡ଼ିକ ପାଇଁ ଆଧାରର ବ୍ୟବହାର ସ୍ୱେଚ୍ଛାକୃତ ବୋଲି ପୀଠ ସ୍ପଷ୍ଟ କରିଛନ୍ତି।

ଏଥିସହ ପୀଠ ଅଧାର ଆଇନ, ୨୦୧୬ ଅଧୀନରେ ଜାତୀୟ ନିରାପତ୍ତା ବ୍ୟତିକ୍ରମକୁ ହଟାଇଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଆଧାରର ଆବଶ୍ୟକତା ସମ୍ପର୍କରେ ପୀଠ ଅବତାରଣା କରି କହିଛନ୍ତି, ଆଧାରର ତାତ୍ପର୍ଯ୍ୟ ହେଉଛି ସ୍ୱତନ୍ତ୍ର। ଏହା ସମାଜର ବଞ୍ଚିତ ବର୍ଗର ଲୋକଙ୍କ ନିକଟରେ ସୁବିଧା ପହଞ୍ଚାଇବା ପାଇଁ ଉଦ୍ଦିଷ୍ଟ। ଏହି ଯୋଜନା କେବଳ ବ୍ୟକ୍ତିଗତ ଦୃଷ୍ଟିରୁ ନୁହେଁ, ବରଂ ସାମୂହିକ ଓ ବୃହତ୍ ଜନସ୍ୱାର୍ଥ ଦୃଷ୍ଟିରୁ ଲୋକଙ୍କ ମର୍ଯ୍ୟାଦା ରକ୍ଷା କରୁଛି। ସେହିପରି ଆଧାର ପ୍ରମାଣୀକରଣ ତଥ୍ୟକୁ ୬ ମାସରୁ ଊର୍ଦ୍ଧ୍ୱ ସମୟ ସଂରକ୍ଷିତ ରଖାଯାଇ ପାରିବ ନାହିଁ ବୋଲି ପୀଠ ସ୍ପଷ୍ଟ କରିବା ସହ ବେଆଇନ ପ୍ରବାସୀଙ୍କୁ ଆଧାର ନ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆଧାର ଆଇନରେ ଜଣେ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଗୋପନୀୟତା (ପ୍ରିଭେସି) ଅଧିକାର ଉଲ୍ଲଂଘନ ହେବା ଭଳି କିଛି ନାହିଁ ବୋଲି ପୀଠ କହିଛନ୍ତି। ଏହି ପ୍ରସଙ୍ଗରେ ତିନୋଟି ରାୟ ପ୍ରକାଶ ପାଇଛି।

ପ୍ରଥମେ ନିଜ ତଥା ସିଜେଆଇ ମିଶ୍ର ଏବଂ ଜଷ୍ଟିସ୍ ଖାନ୍‌ୱିଲକରଙ୍କ ପାଇଁ ଲେଖିଥିବା ରାୟକୁ ଜଷ୍ଟିସ୍ ସିକ୍ରି ପଢ଼ିଥିଲେ। ଜଷ୍ଟିସ୍ ଚନ୍ଦ୍ରଚୂଡ଼ ଏବଂ ଜଷ୍ଟିସ୍ ଭୂଷଣ ସେମାନଙ୍କ ବ୍ୟକ୍ତିଗତ ରାୟ ଲେଖିଥିଲେ। ଜଷ୍ଟିସ୍ ଚନ୍ଦ୍ରଚୂଡ଼ ୩ ବିଚାରପତିଙ୍କ ରାୟଠାରୁ ଭିନ୍ନମତ ଦେଇଥିବାବେଳେ ଜଷ୍ଟିସ୍ ଭୂଷଣ ସଂଖ୍ୟାଗରିଷ୍ଠ ରାୟ ସହ ସହମତ ବୋଲି କହିଥିଲେ। ଟେଲିକମ୍ କମ୍ପାନୀ ବା ଅନ୍ୟ କର୍ପୋରେଟ୍ ଭଳି ଘରୋଇ ସଂସ୍ଥାଗୁଡ଼ିକୁ ଆଧାର ତଥ୍ୟ ହାସଲ ପାଇଁ ଅନୁମତି ପ୍ରଦାନ କରୁଥିବା ଧାରା ୫୭କୁ ଜଷ୍ଟିସ୍ ସିକ୍ରି ହଟାଇ ଦେଇଛନ୍ତି। ପ୍ରକାଶ ଯେ, ଆଧାରର ବୈଧତାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ୩୮ ଦିନର ଶୁଣାଣି ପରେ ସର୍ବୋଚ୍ଚ ଅଦାଲତ ମେ' ୧୦ରେ ଏହାର ରାୟ ସଂରକ୍ଷିତ ରଖିଥିଲେ।



**ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ଭିନ୍ନ ମତ**

ପୃଷ୍ଠା ୧୪

## କେଉଁଠି ବାଧ୍ୟତାମୂଳକ

**୧.** ପାନ୍ କାର୍ଡ ତିଆରି କରିବା ଲାଗି ଆଧାର କାର୍ଡ ଆବଶ୍ୟକ।

**୨.** ଆୟକର ରିଟର୍ନ ଦାଖଲ କରିବା ବେଳେ ଆଧାର ନମ୍ବର ଜରୁରୀ।

**୩.** ସରକାରଙ୍କ ସମସ୍ତ ଯୋଜନା ଏବଂ ସବ୍‌ସିଡି ଲାଭ ପାଇବା ଲାଗି ମଧ୍ୟ ଆଧାର କାର୍ଡ ବାଧ୍ୟତାମୂଳକ ହେବ।

## କେଉଁଠି ଜରୁରୀ ନୁହେଁ

**୧.** ମୋବାଇଲ ସିମ୍ ପାଇଁ କମ୍ପାନୀ ଆଧାର କାର୍ଡ ଦେବାକୁ ବାଧ୍ୟ କରିପାରିବେ ନାହିଁ।

**୨.** ବ୍ୟାଙ୍କ ମଧ୍ୟ ଆକାଉଣ୍ଟ ଖୋଲିବା ଲାଗି ଆଧାର ନମ୍ବର ମାଗି ପାରିବେ ନାହିଁ।

**୩.** ସ୍କୁଲ କର୍ତ୍ତୃପକ୍ଷ ଆଡମିଶନ୍ ବେଳେ ୬ରୁ ୧୪ ବର୍ଷ ପିଲାର ଆଧାର ନମ୍ବର ମାଗି ପାରିବେ ନାହିଁ।

**୪.** ସିବିଏସ୍‌ଇ, ନିଟ୍ ଏବଂ ୟୁଜିସି ପରୀକ୍ଷା ଲାଗି ଆଧାର ଜରୁରୀ ନୁହେଁ। ପୂର୍ବରୁ ଏଥିପାଇଁ ଆଧାର ଦେବାକୁ ବାଧ୍ୟ କରାଯାଉଥିଲା।

**୫.** ସିବିଏସ୍‌ଇ, ବୋର୍ଡ ପରୀକ୍ଷାରେ ସାମିଲ ହେବା ପାଇଁ ଛାତ୍ରୀଛାତ୍ରଙ୍କ ଠାରୁ ଆଧାର ମଗାଯାଇପାରିବ ନାହିଁ।

**୬.** ୧୪ ବର୍ଷରୁ କମ ବୟସର ପିଲାଙ୍କ ନିକଟରେ ଆଧାର ନ ଥିଲେ ତାଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଉଥିବା ଅତ୍ୟାବଶ୍ୟକ ସେବାଗୁଡିକରୁ ବଞ୍ଚିତ କରାଯାଇପାରିବ ନାହିଁ।

**୭.** ଟେଲିକମ କମ୍ପାନୀ, ଇ-କମର୍ସ ଫାର୍ମ, ଘରୋଇ ବ୍ୟାଙ୍କ ଏବଂ ଅନ୍ୟ ଏଭଳି ସଂସ୍ଥା ଆଧାର ମାଗି ପାରିବେ ନାହିଁ।

**ଆପଣଙ୍କ ଏହି କପି ସହିତ ପାଇବେ ମନ ମିଜାଜ**





**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

**ଆଜିର ସମ୍ପାଦକୀୟ**

ବିପଦରେ ଗଧବଂଶ

**ଆଜିର ମନ୍ତବ୍ୟ**

"ଛାତ୍ରୀଛାତ୍ର ବିତର୍କରେ ସାମିଲ ହୁଅନ୍ତୁ, ପକ୍ଷଭୁକ୍ତ ହୁଅନ୍ତୁ ନାହିଁ
-ସଦ୍‌ଗୁରୁ ଜଗ୍ଗି ବାସୁଦେବ, ଆଧ୍ୟାତ୍ମିକ ଗୁରୁ

**କିଛି ତଥ୍ୟ**

ବର୍ତ୍ତମାନ ଭାରତରେ ବର୍ଷକୁ ପ୍ରାୟ ୨୬ ନିୟୁତ ଟନ ଚିନି ଆବଶ୍ୟକ ହେଉଥିବା ବେଳେ ୨୦୧୭-୧୮ରେ ୩୨ ନିୟୁତ ଟନ ଉତ୍ପାଦନ ହୋଇଥିଲା। ଆଗକୁ ଏହା ୩୫ ନିୟୁତ ଟନକୁ ବୃଦ୍ଧି ପାଇବା ଆଶା କରାଯାଉଛି। -ଖାଦ୍ୟ ମନ୍ତ୍ରଣାଳୟ

## ନ୍ୟାୟିକ ପ୍ରକ୍ରିୟାର ସିଧା ପ୍ରସାରଣ ହେବ

ନୂଆଦିଲ୍ଲୀ,୨୬।୯(ପି.ଟି.)

ଏଣିକି ଘରେ ବସି କ୍ରିକେଟ ଖେଳ ଭଳି କୋର୍ଟରେ ଚାଲିଥିବା ନ୍ୟାୟିକ ପ୍ରକ୍ରିୟାର ସିଧା ପ୍ରସାରଣ ଟିଭି ଚ୍ୟାନେଲରେ ଦେଖିହେବ। ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ବୁଧବାର ଏନେଇ ଅନୁମତି ପ୍ରଦାନ କରିଛନ୍ତି। ଜନସାଧାରଣଙ୍କ ଅଧିକାରରେ ସନ୍ତୁଳନ ଆଣି ଆବେଦନକାରୀଙ୍କ ଗରିମା ସୁରକ୍ଷିତ ରଖିବା ଓ ବିଚାର ପ୍ରକ୍ରିୟାକୁ ଅଧିକ ନିରପେକ୍ଷ କରିବା ଲାଗି କୋର୍ଟ ପ୍ରସିଡିଂର ସିଧା ପ୍ରସାରଣ ଏବଂ ଭିଡିଓ ରେକର୍ଡିଂ ଜରୁରୀ ବୋଲି ସୁପ୍ରିମକୋର୍ଟ ରାୟ ଦେଇଛନ୍ତି।

(ରିପୋର୍ଟ :ପୃଷ୍ଠା-୨)

## 'ଅସ୍ତ୍ର' କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

ବାଲେଶ୍ୱର ଅଫିସ, ୨୬।୯

ବାଲେଶ୍ୱର ଚାନ୍ଦିପୁର ସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ରରୁ ବୁଧବାର ଅପରାହ୍ନ ୨ଟା୨୫ ମିନିଟ ସମୟରେ 'ଅସ୍ତ୍ର' କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରାଯାଇଥିବା ଜଣାପଡିଛି। ଚାନ୍ଦିପୁର ଆକାଶ ମାର୍ଗରୁ ସୁଖୋଇ ଯୁଦ୍ଧ ବିମାନରେ ଏହି କ୍ଷେପଣାସ୍ତ୍ରକୁ ପରୀକ୍ଷା କରାଯାଇଥିଲା। ୩.୮ ମିଟର ଲମ୍ବ,୧୭୮ ମିଲିମିଟର ଚଉଡା ଏବଂ ୧୬୦ କିଲୋ ଓଜନ ବିଶିଷ୍ଟ ଏହି କ୍ଷେପଣାସ୍ତ୍ର ୧୫ କିଲୋଗ୍ରାମ ପାରମ୍ପାରିକ ବିସ୍ଫୋଟକ ସାମଗ୍ରୀ ବହନ କରିବାର କ୍ଷମତା ରଖିଛି। ପ୍ରତିରକ୍ଷା ଗବେଷଣା ବିକାଶ ସଙ୍ଗଠନ ତରଫରୁ ଏହି କ୍ଷେପଣାସ୍ତ୍ରକୁ ବିକଶିତ କରାଯାଇଛି।




NATIONAL EGG CO-ORDINATION COMMITTEE 26.09.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 58 | 103 | 113 |
| CTC | 59 | 105 | 115 |
| DKL | 60 | 106 | 116 |
| BDK | 61 | 107 | 117 |
| BLS | 62 | 109 | 119 |
| ANG | 60 | 106 | 116 |

*Conditions Apply
Eggs Retail Price- 47/-Dozen
Issued in the Interest of Consumers








## ନବୀନଙ୍କୁ ଭେଟିଲେ କମଲ ହାସନ୍



ଏମ୍ଏନ୍ଏମ୍ ସଭାପତି କମଲ ହାସନଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

**ରାଜନୀତି ପାଇଁ ପରାମର୍ଶ ନେଲେ**

ଚେନ୍ନାଇ,୨୬।୯(ପି.ଟି.)

ଅଭିନୟ ଜଗତରୁ ରାଜନୀତିରେ ପାଦ ଦେଇଥିବା ମକ୍କଲ ନିଧି ମଇଅମ୍ (ଏମ୍ଏନ୍ଏମ୍)ର ପ୍ରତିଷ୍ଠାତା-ସଭାପତି କମଲ ହାସନ ବୁଧବାର ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ୍ କରିଛନ୍ତି। ତାମିଲନାଡୁ ଗସ୍ତରେ ଥିବା ବିଜେଡି ସୁପ୍ରିମୋ ନବୀନଙ୍କୁ କମଲ ଭେଟି ତାଙ୍କଠାରୁ ରାଜନୈତିକ ପରାମର୍ଶ ଗ୍ରହଣ କରିଛନ୍ତି। ନିଜକୁ ସେ ନବୀନଙ୍କ ପ୍ରଶଂସକ ବିବେଚନା କରିଛନ୍ତି। ନୂଆକରି ରାଜନୀତିରେ ପାଦ ଥାପିଥିବାରୁ ଏ କ୍ଷେତ୍ରରେ ନିଜ ଆଇକନ୍‌ଙ୍କଠାରୁ ପରାମର୍ଶ ଆଶାରେ ତାଙ୍କୁ ଭେଟିଥିବା କମଲ କହିଛନ୍ତି। ☞ପୃଷ୍ଠା-୪

## ୧୯ ସାମଗ୍ରୀର ସୀମା ଶୁଳ୍କ ବଢ଼ିଲା

**ବଢ଼ିବ ଏସି, ଫ୍ରିଜ୍, ଜୋତା ଦାମ**

ନୂଆଦିଲ୍ଲୀ,୨୬।୯

କେନ୍ଦ୍ର ସରକାର ବିଦେଶରୁ ଆସୁଥିବା ୧୯ ପ୍ରକାର ଅଣ ଆବଶ୍ୟକ ସାମଗ୍ରୀ ଉପରେ ସୀମା ଶୁଳ୍କ ବୃଦ୍ଧି କରିଛନ୍ତି। ଏଭଳି ପଦକ୍ଷେପ ଦ୍ୱାରା ଚଳନ୍ତି ଜମା ନିଅଣ୍ଟକୁ ହ୍ରାସ କରିବା ସହ ଟଙ୍କାର ମୂଲ୍ୟ ହ୍ରାସକୁ ନିୟନ୍ତ୍ରଣରେ ଆଣିବା ସରକାରଙ୍କ ଲକ୍ଷ୍ୟ ରହିଛି। ବୁଧବାର ରାତିରୁ ଏହା ତତ୍କାଳ ଲାଗୁ ହୋଇଯିବ। ଫଳରେ ବିଦେଶୀ ଏସି, ଫ୍ରିଜ, ଟିଭି ସମେତ ଜୋତା ଆଦି ମହଙ୍ଗା ହେବାକୁ ଯାଉଛି। ଖାଲି ସେତିକି ନୁହେଁ ବିଦେଶରୁ ଆମଦାନୀ ହେଉଥିବା ଟରବାଇନ ଫୁଏଲ ବା ବିମାନ ଇନ୍ଧନ ମଧ୍ୟ ମହଙ୍ଗା ହେବ।

☞ପୃଷ୍ଠା-୪



ଧରିତ୍ରୀ
DHARITRI
ଗୁରୁବାର, ୨୭ ସେପ୍ଟେମ୍ବର, ୨୦୧୮



“ଯୁବପିଢ଼ି ଏକତାକୁ ପ୍ରାଧାନ୍ୟ ଦେବା ସହ ପରିବର୍ତ୍ତନର ସ୍ୱରରେ ସାମିଲ ହୁଅନ୍ତୁ। ସେମାନେ ଏଭଳି ଏକ ବିଶ୍ୱ ସମାଜ ଗଠନ କରନ୍ତୁ, ଯେଉଁଠି ଜଣେ ମଧ ବ୍ୟକ୍ତି ପଛୁଆ ହୋଇ ରହି ନ ଥିବେ।

- ପ୍ରଣବ ମୁଖାର୍ଜୀ, ପୂର୍ବତନ ରାଷ୍ଟ୍ରପତି



## ଏସ୍‌ପି ହତ୍ୟା ଘଟଣା
# ଦୁଇ ମାଓବାଦୀଙ୍କୁ ମୃତ୍ୟୁ ଦଣ୍ଡାଦେଶ

**ଦୁମ୍‌କା,୨୬।୯(ପି.ଟି.):** ପୋଲିସ ଅଧିକାରୀଙ୍କ ହତ୍ୟା ଘଟଣାରେ ସମ୍ପୃକ୍ତ ୨ ମାଓବାଦୀଙ୍କୁ ବୁଧବାର ଝାଡ଼ଖଣ୍ଡର ଦୁମ୍‌କା ଜିଲା କୋର୍ଟ ମୃତ୍ୟୁ ଦଣ୍ଡାଦେଶ କରିଛନ୍ତି। ସିପିଏମ୍ ମାଓବାଦୀ ସଙ୍ଗଠନର ଦୁଇ ସଦସ୍ୟ ସନାତନ ବକ୍‌ସୀ ଏବଂ ସୁଖ୍‌ଲାଲ ମୁର୍ମୁ ଓରଫ ପ୍ରବୀର ଦା ୫ବର୍ଷ ପୂର୍ବେ ତତ୍କାଳୀନ ପାକୁର୍ ଏସ୍‌ପି ଅମର୍‌ଜିତ ବଲିହାର ଏବଂ ୫ ଜଣ ପୋଲିସ କର୍ମଚାରୀଙ୍କୁ କାଠିକୁଣ୍ଡଠାରେ ହତ୍ୟା କରିଥିଲେ। ମାମଲାରେ ସମ୍ପୃକ୍ତ ଅନ୍ୟ ୫ ଜଣଙ୍କୁ ପ୍ରମାଣ ଅଭାବରୁ କୋର୍ଟ ଦୋଷମୁକ୍ତ କରିଛନ୍ତି। ପ୍ରବୀର ହେଉଛନ୍ତ ସଙ୍ଗଠନର ବିହାର ଏବଂ ଝାଡ଼ଖଣ୍ଡ ସ୍ପେଶାଲ୍ ଏରିଆ କମିଟି ସଦସ୍ୟ। ଅନ୍ୟ ଏକ ହତ୍ୟା ଘଟଣାରେ ଦୋଷୀ ପ୍ରମାଣିତ ହେବା ପରେ ୨୦୧୬ ଅଗଷ୍ଟ ୯ରୁ ସେ ଆଜୀବନ ଜେଲଦଣ୍ଡ ଭୋଗୁଛନ୍ତି।

## [ଇତିହାସର ଆଇନାରେ]
### ସେପ୍ଟେମ୍ବର ୨୭ର ପ୍ରମୁଖ ଘଟଣା

୨୦୦୭ ସେପ୍ଟେମ୍ବର ୨୭ରେ ଆମେରିକାର ନାସା ମହାକାଶରେ କ୍ଷୁଦ୍ରତମ ଗ୍ରହର ଅନୁସନ୍ଧାନ କରିବା ପାଇଁ ‘ଡନ୍’(ମହାକାଶ ଯାନ)କୁ ପ୍ରେରଣ କରିଥିଲା। ଏହାର ଲକ୍ଷ୍ୟ ଥିଲା ସୌରମଣ୍ଡଳର କ୍ଷୁଦ୍ରତମ ଗ୍ରହ ଭେସ୍ତା ଏବଂ ସେରେସ୍ ସମ୍ପର୍କରେ ଅଧ୍ୟୟନ କରିବା। ୧୬ ଜୁଲାଇ ୨୦୧୧ରେ ଡନ୍ ଭେସ୍ତାର କକ୍ଷପଥରେ ପ୍ରବେଶ କରି ୧୪ ମାସ ପର୍ଯ୍ୟନ୍ତ ଅନୁସନ୍ଧାନ କରିଥିଲା। ଏହାପରେ ସେରେସ୍ ଅଭିମୁଖେ ବାହାରି ସେଠାରେ ୨୦୧୫ରେ ପହଞ୍ଚିଥିଲା।

୧୯୫୯ ସେପ୍ଟେମ୍ବର ୨୭ରେ ଜାପାନରେ ‘ଭୀରା’ ଝଡ଼ର ପ୍ରଭାବରେ ୫,୦୦୦ ଲୋକଙ୍କର ଜୀବନ ଯାଇଥିଲା। ଏହାକୁ ଇସେ-ୱାନ ଟାଇଫୁ ବୋଲି ମଧ କୁହାଯାଏ। ଏହା କାଟାଗୋରି-୫ ଝଡ଼ ହୋଇଥିବାରୁ ଜାପାନରେ ଲ୍ୟାଣ୍ଡଫଲ କରିବା ପରେ ବହୁ ଧନ ଜୀବନ କ୍ଷୟକ୍ଷତି କରିଥିଲା।

## ଏସ୍‌ସି/ଏସ୍‌ଟି କର୍ମଚାରୀଙ୍କ ପଦୋନ୍ନତିରେ ସଂରକ୍ଷଣ
# ପରିବର୍ତ୍ତନ ସହ ପୂର୍ବ ରାୟ ବଳବତ୍ତର

**ନୂଆଦିଲ୍ଲୀ,୨୬।୯(ପି.ଟି.)**

- ୭ ଜଣିଆ ପୀଠକୁ ଯିବନାହିଁ ମାମଲା
- ଅନୁସୂଚିତ ଜାତି/ଜନଜାତି ବର୍ଗର କର୍ମଚାରୀଙ୍କୁ ପ୍ରମାଣ ମାଗିପାରିବେ ନାହିଁ ସରକାର



ସରକାରୀ ଚାକିରିରେ ପଦୋନ୍ନତି ବେଳେ ଅନୁସୂଚିତ ଜାତି/ଜନଜାତି ବର୍ଗଙ୍କ ପାଇଁ ସଂରକ୍ଷଣ ମାମଲାରେ ବୁଧବାର ସୁପ୍ରିମକୋର୍ଟଙ୍କ ସାମ୍ବିଧାନିକ ପୀଠ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏହାର ନିଷ୍ପତ୍ତି ରାଜ୍ୟ ଉପରେ ଛାଡ଼ିବା ସହ ରାଜ୍ୟ ସରକାରଗୁଡ଼ିକ ଏସ୍‌ସି/ଏସ୍‌ଟିଙ୍କୁ ପଛୁଆ ବର୍ଗର ପ୍ରମାଣ ମାଗିପାରିବେ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି। କିନ୍ତୁ ସମଗ୍ର ଏସ୍‌ସି/ଏସ୍‌ଟି ବର୍ଗର କର୍ମଚାରୀଙ୍କୁ ପଦୋନ୍ନତି ବେଳେ ସଂରକ୍ଷଣ ଦେବାକୁ ନେଇ କେନ୍ଦ୍ର ସରକାରଙ୍କ ଆବେଦନକୁ ସୁପ୍ରିମକୋର୍ଟ ଅଗ୍ରାହ୍ୟ କରିଛନ୍ତି। ୧୨ ବର୍ଷ ପୁରୁଣା ଏମ୍. ନାଗରାଜ ମାମଲାର ରାୟକୁ ବଳବତ୍ତର ରଖି ଏହାର ଶୁଣାଣି ୭ ଜଣିଆ ସାମ୍ବିଧାନିକ ପୀଠ ନିକଟକୁ ସ୍ଥାନାନ୍ତର କରିବାର କୌଣସି ଆବଶ୍ୟକତା ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ପ୍ରକାଶ ଯେ, ୨୦୦୬ରେ ଏମ୍. ନାଗରାଜ ମାମଲାର ରାୟ ଦେଇ ସୁପ୍ରିମକୋର୍ଟ ସରକାରୀ ଚାକିରିରେ ପଦୋନ୍ନତି ବେଳେ ଏସ୍‌ସି/ଏସ୍‌ଟି କର୍ମଚାରୀଙ୍କୁ ପଦୋନ୍ନତିରେ ସଂରକ୍ଷଣ ପ୍ରଦାନ କରିବା ବେଳେ କେନ୍ଦ୍ର ସରକାରଙ୍କ ପାଇଁ କେତେକ ସର୍ତ୍ତାବଳୀ ରଖିଥିଲେ। ଏଥିରେ ସାମାନ୍ୟ ପରିବର୍ତ୍ତନ ଆଣି ବୁଧବାର ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧକ୍ଷତା ବିଶିଷ୍ଟ ସୁପ୍ରିମକୋର୍ଟର ୫ ଜଣିଆ ସାମ୍ବିଧାନିକ ପୀଠ ରାୟ ଦେଇଛନ୍ତି। କେଉଁ ପଦରେ ସଂରକ୍ଷଣ ଦିଆଯିବ ଏବଂ କେଉଁଥିରେ ଦିଆଯିବ ନାହିଁ, ତାହା ସରକାର ହିଁ ନିଷ୍ପତ୍ତି ନେବେ ଏବଂ ପଦୋନ୍ନତିରେ ସଂରକ୍ଷଣ ଦେବାବେଳେ ଶାସନ ପ୍ରକ୍ରିୟାରେ ଯେଭଳି ଏହାର ନକାରାତ୍ମକ ପ୍ରଭାବ ନ ପଡ଼େ, ସେଥିପ୍ରତି ସରକାର ଯତ୍ନବାନ ହେବେ ବୋଲି ନାଗରାଜ ମାମଲାରେ ଦିଆଯାଇଥିବା ଉକ୍ତି ବିଷୟରେ ପୀଠ କିଛି କହିନାହାନ୍ତି। ସୁପ୍ରିମକୋର୍ଟଙ୍କ ଏହି ରାୟ ସହ ଏସ୍‌ସି/ଏସ୍‌ଟି ବର୍ଗର କର୍ମଚାରୀଙ୍କୁ ପଦୋନ୍ନତି ବେଳେ ସଂରକ୍ଷଣର ସୁବିଧା ଦେବା ଲାଗି କେନ୍ଦ୍ର ସରକାରଙ୍କ ଆଗରେ ରହିଥିବା ଦ୍ୱନ୍ଦ୍ୱ ଦୂର ହୋଇଯାଇଛି।

ପୀଠର ଅନ୍ୟତମ ସଦସ୍ୟ ଜଷ୍ଟିସ କୁରିଏନ୍ ଜୋଶେଫ୍, ଜଷ୍ଟିସ ରୋହିଙ୍ଗ୍‌ଟନ୍, ଏଫ୍. ନରିମାନ୍, ଜଷ୍ଟିସ ଏସ୍.କେ. କୌଲ୍ ଏବଂ ଜଷ୍ଟିସ ଇନ୍ଦୁ ମାଲ୍‌ହୋତ୍ରା ମଧ ୫୮ ପୃଷ୍ଠାର ଉକ୍ତ ରାୟରେ ଏକମତ ହୋଇଥିଲେ।

ଏହି ରାୟକୁ କେତେକାଂଶରେ ସ୍ୱାଗତ କରାଯାଇପାରେ ବୋଲି ବିଏସ୍‌ପି ସୁପ୍ରିମୋ ମାୟାବତୀ ପ୍ରକାଶ କରିଛନ୍ତି। ପଦୋନ୍ନତିରେ ସଂରକ୍ଷଣ ଦେବାବେଳେ ଏହି ଆଇନ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ସ୍ୱାଧୀନତା ପ୍ରଦାନ କରିବ ବୋଲି ମାୟାବତୀ କହିଛନ୍ତି।

# ନ୍ୟାୟିକ ପ୍ରକ୍ରିୟାର ସିଧା ପ୍ରସାରଣକୁ ଅନୁମତି

**ନୂଆଦିଲ୍ଲୀ,୨୬।୯(ପି.ଟି.)**

ଏଣିକି ଅଦାଲତରେ ନ୍ୟାୟିକ ପ୍ରକ୍ରିୟାର ସିଧା ପ୍ରସାରଣ ଏବଂ ଭିଡିଓ ରେକର୍ଡିଂ କରାଯାଇ ପାରିବ। ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଦୀପକ ମିଶ୍ର, ଜଷ୍ଟିସ ଏ.ଏମ୍. ଖାନ୍‌ୱିଲ୍‌କର ଏବଂ ଜଷ୍ଟିସ ଡି.ୱାଇ. ଚନ୍ଦ୍ରଚୁଡ଼ଙ୍କୁ ନେଇ ଗଠିତ ପୀଠ ବୁଧବାର ଏହାକୁ ବୈଧ ଘୋଷଣା କରିଛନ୍ତି। ଜନସାଧାରଣଙ୍କ ଅଧିକାରରେ ସନ୍ତୁଳନ ଆଣିବା ଏବଂ ଆବେଦନକାରୀଙ୍କ ଗରିମା ସୁରକ୍ଷିତ ରଖିବା ଲାଗି କୋର୍ଟ ପ୍ରସିଡିଂର ସିଧା ପ୍ରସାରଣ ଏବଂ ଭିଡିଓ ରେକର୍ଡିଂ ଜରୁରୀ। କେବଳ ସେତିକି ନୁହେଁ ଏହା ଲୋକଙ୍କ ଜାଣିବା ଅଧିକାରକୁ ପ୍ରଭାବଶାଳୀ କରିବା ସହ ନ୍ୟାୟିକ ପ୍ରକ୍ରିୟାକୁ ଅଧିକ ନିରପେକ୍ଷ କରିବ ବୋଲି ପୀଠ କହିଛନ୍ତି। ଏହି ଅବସରରେ ସୂର୍ଯ୍ୟକିରଣ ସବୁଠୁ ବଡ଼ ଜୀବାଣୁନାଶକ ବୋଲି ପୀଠ କହିଛନ୍ତି। ଜଷ୍ଟିସ ମିଶ୍ର ଏବଂ ଜଷ୍ଟିସ ଖାନ୍‌ୱିଲ୍‌କର ଏକତ୍ର ରାୟ ଶୁଣାଇଥିବାବେଳେ ଜଷ୍ଟିସ ଚନ୍ଦ୍ରଚୂଡ଼ ସହମତି ପ୍ରକାଶ କରିଥିଲେ ସୁଦ୍ଧା ଭିନ୍ନ ଭାବେ ରାୟ ଶୁଣାଇଥିଲେ। ଅଦାଲତରେ ନ୍ୟାୟିକ ପ୍ରକ୍ରିୟାର ସିଧା ପ୍ରସାରଣ କରିବା ପାଇଁ ସୁପ୍ରିମକୋର୍ଟରେ ଏକାଧିକ ଜନସ୍ୱାର୍ଥ ଆବେଦନ (ପିଆଇଏଲ୍) ହୋଇଥିଲା। ଏହାର ଶୁଣାଣି କରି ସର୍ବୋଚ୍ଚ ଅଦାଲତ ଉପରୋକ୍ତ ରାୟ ଦେଇଛନ୍ତି।

# ନିଜକୁ ଦୂରେଇ ରଖିଲେ ମାକ୍ରଁ

## ରାଫାଲ୍ ଦୁର୍ନୀତି ବିବାଦ

**ମିଳିତ ଜାତିସଂଘ, ୨୬।୯(ପି.ଟି.)**

ରାଫାଲ୍ ଚୁକ୍ତି ଦୁର୍ନୀତିକୁ ନେଇ ବିବାଦ ଚରମ ସୀମାରେ ପହଞ୍ଚିଥିବା ବେଳେ ପ୍ରସଙ୍ଗଠାରୁ ନିଜକୁ ଦୂରେଇ ରଖିଛନ୍ତି ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ୍ ମାକ୍ରଁ। ୨୦୧୫ରେ ଭାରତ ଏବଂ ଫ୍ରାନ୍ସ ମଧ୍ୟରେ ହୋଇଥିବା ଏହି ଚୁକ୍ତି ବେଳେ ସେ ଶାସନ ଗାଦିରେ ନ ଥିଲେ ବୋଲି ବୁଧବାର ମାକ୍ରଁ କହିଛନ୍ତି। ମିଳିତ ଜାତିସଂଘ ବାର୍ଷିକ ଜେନେରାଲ୍ ଆସେମ୍ବ୍ଲିରେ ଯୋଗଦେଇ ଫ୍ରାନ୍ସ ରାଷ୍ଟ୍ରପତି କହିଛନ୍ତି, ଏହି ପ୍ରସଙ୍ଗରେ ତାଙ୍କ ଆଭିମୁଖ୍ୟ ଏକ୍‌ଦମ ସ୍ପଷ୍ଟ। ଏହା ଦୁଇଦେଶର ସରକାରଙ୍କ ନିଷ୍ପତ୍ତି। ଏ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ କିଛିଦିନ ପୂର୍ବରୁ ସ୍ପଷ୍ଟ କରିସାରିଛନ୍ତି।

# ପଶ୍ଚିମବଙ୍ଗରେ ହିଂସା

**କୋଲକାତା,୨୬।୯(ପି.ଟି.)**

ପଶ୍ଚିମବଙ୍ଗରେ ଭାଜପା ପକ୍ଷରୁ ବୁଧବାର ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ବନ୍ଦ ପାଳନ ବେଳେ କେତେକ ଜିଲାରେ ଭାଜପା ଏବଂ ତୃଣମୂଳ କଂଗ୍ରେସ (ଟିଏମ୍‌ସି) କର୍ମୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିବାର ସୂଚନା ମିଳିଛି। ଦିନାଜପୁର ଜିଲାରେ ଦୁଇ ଛାତ୍ରଙ୍କ ମୃତ୍ୟୁ ପ୍ରତିବାଦରେ ଭାଜପା ପକ୍ଷରୁ ଏହି ବନ୍ଦ ଡାକରା ଦିଆଯାଇଥିଲା। ଏହା ଯୋଗୁ ପରିବହନ ସେବା ବ୍ୟାହତ ହୋଇଥିବା ବେଳେ ବିଭିନ୍ନ ସ୍ଥାନରେ ଦୋକାନ ବଜାର ବନ୍ଦ ରହିଥିଲା। ଭାଜପା କର୍ମୀ ଉତ୍ତର ଦିନାଜପୁରର ୩୪ ନଂ ଜାତୀୟ ରାଜପଥକୁ ବନ୍ଦ କରିଦେଇଥିଲେ।

# ଦିଲ୍ଲୀରେ କୋଠା ଭୁଶୁଡ଼ି ୬ମୃତ, ୭ ଆହତ

**ନୂଆଦିଲ୍ଲୀ,୨୬।୯(ପି.ଟି.)**

ଦିଲ୍ଲୀର ଅଶୋକ ବିହାର ଅଞ୍ଚଳରେ ବୁଧବାର ଏକ ୫ ମହଲା କୋଠା ଭୁଶୁଡ଼ି ୬ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୭ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୪ ଶିଶୁ ଏବଂ ୨ଜଣ ମହିଳା ଅଛନ୍ତି। ମୃତ ଶିଶୁଙ୍କ ବୟସ ୫ରୁ ୧୦ ବର୍ଷ ମଧ୍ୟରେ ରହିଛି। ସକାଳ ପ୍ରାୟ ୯ ଟା ବେଳେ କୋଠାଟି ଭୁଶୁଡ଼ି ପଡ଼ିଥିଲା। ଭଗ୍ନାବଶେଷ ତଳେ ଆହୁରି କେତେ ଲୋକ ଚାପି ହୋଇ ରହିଥିବା ଆଶଙ୍କା କରାଯାଇଛି। ଦିଲ୍ଲୀ ଅଗ୍ନିଶମ ବିଭାଗ ଏବଂ ଏନ୍‌ଡିଆରଏଫ୍ ଟିମ୍ ଉଦ୍ଧାର କାର୍ଯ୍ୟରେ ମୁତୟନ ଅଛନ୍ତି। ଉତ୍ତର ଦିଲ୍ଲୀ ନଗର ନିଗମର ଜଣେ ଅଧିକାରୀ କହିଛନ୍ତି, ଏହା ୨୦ ବର୍ଷ ତଳର କୋଠା। ନିର୍ମାଣକାର୍ଯ୍ୟ ଦୁର୍ବଳ ହୋଇଥିବାରୁ ଭୁଶୁଡ଼ି ପଡ଼ିଛି। ଘରର ମାଲିକ ଧର୍ମେନ୍ଦ୍ରଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି।



ବୁଧବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ଘଡଘଡି ସହ ବର୍ଷା ହେବା ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୮ | ୨୪.୦ |
| ଚାନ୍ଦବାଲି | ୩୫.୧ | ୨୬.୬ |
| କଟକ | ୩୩.୪ | ୨୪.୦ |
| ପାରାଦ୍ୱୀପ | ୩୨.୯ | ୨୭.୯ |
| ଭୁବନେଶ୍ୱର | ୩୩.୩ | ୨୪.୦ |
| ଗୋପାଳପୁର | ୩୩.୬ | ୨୫.୯ |
| ପୁରୀ | ୩୪.୪ | ୨୭.୪ |
| ଅନୁଗୋଳ | ୩୨.୭ | ୨୩.୦ |
| ବାରିପଦା | ୩୩.୪ | ୨୬.୦ |
| ଝାରସୁଗୁଡ଼ା | ୩୪.୫ | ୨୪.୬ |
| କେନ୍ଦୁଝର | ୩୧.୫ | ୨୪.୬ |
| ସମ୍ବଲପୁର | ୩୪.୪ | ୨୫.୦ |
| ସୁନ୍ଦରଗଡ଼ | ୩୩.୫ | ୨୨.୦ |
| ହୀରାକୁଦ | ୩୪.୩ | ୨୬.୧ |
| ତାଳଚେର | ୩୪.୨ | ୨୫.୦ |
| ଭବାନୀପାଟଣା | ୩୩.୪ | ୨୩.୦ |
| ବଲାଙ୍ଗୀର | ୩୪.୬ | ୨୫.୦ |
| କୋରାପୁଟ | ୩୦.୬ | ୧୯.୦ |
| ଫୁଲବାଣୀ | --- | ୨୦.୫ |
| ଟିଟିଲାଗଡ଼ | ୩୪.୫ | ୨୨.୫ |
| ମାଲକାନଗିରି | ୩୩.୦ | --- |
| ସୋନପୁର | ୩୫.୪ | ୨୪.୦ |
| ଦାରିଙ୍ଗିବାଡ଼ି | ୨୬.୦ | ୧୯.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍






ଜାପାନର ଟୋକିଓରେ ଘଟିଛି ଏକ ଅଭାବନୀୟ ଘଟଣା। ଏଠାରେ ନବଜାତ ଶିଶୁର ମୃତ୍ୟୁ ହେବାରୁ ମା' ଶିଶୁର ମୃତଦେହକୁ ୫ ବର୍ଷ ପର୍ଯ୍ୟନ୍ତ ୟୁଗୁସୁଡାନୀ ଷ୍ଟେଶନ ଲକରରେ ରଖିଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ପୋଲିସ ଉକ୍ତ ମହିଳାଙ୍କୁ ଗିରଫ କରିଛି। ଜନ୍ମ ହେବାର କିଛି ସମୟ ପରେ ଶିଶୁର ମୃତ୍ୟୁ ଘଟିଥିଲା। ତେବେ ମହିଳା ଜଣକ ଶିଶୁର ମୃତଦେହକୁ ନିଜଠାରୁ ଅଲଗା କରିବାକୁ ଚାହୁଁ ନ ଥିଲେ। ତେଣୁ ଏପରି କରିଥିବା ସ୍ୱୀକାର କରିଛନ୍ତି।

## ପାନ୍‌କାର୍ଡରେ ଆଧାର ସଂଯୋଗ ବାଧ୍ୟତାମୂଳକ




# 'ବିଜ୍ଞାପନ ଜରିଆରେ ଚଞ୍ଚକତା କରିଛନ୍ତି ରାଜ୍ୟ ସରକାର'

ଭୁବନେଶ୍ୱର,୨୬।୯ (ବ୍ୟୁରୋ)

ଖବରକାଗଜରେ ମିଥ୍ୟା ଏବଂ ବିଭ୍ରାନ୍ତିକର ବିଜ୍ଞାପନ ଦେଖାଇ ବାହାବା ନେବା ପ୍ରୟାସରୁ ନିବୃତ୍ତ ହୁଅନ୍ତୁ। ସରକାର କେବଳ ମିଛ ପ୍ରଚାର କରୁଥିବା ଅଭିଯୋଗ କରିଛି କଂଗ୍ରେସ। ପିସିସି ପକ୍ଷରୁ ଏନେଇ କଂଗ୍ରେସ ଭବନରେ ବୁଧବାର ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ପିସିସି ଗଣମାଧ୍ୟମ ପ୍ରମୁଖ ସତ୍ୟପ୍ରକାଶ ନାୟକ କହିଛନ୍ତି ଯେ, ପୁଷ୍ଟିହୀନତା ଦୂର, ମାତୃ ଓ ଶିଶୁ ମୃତ୍ୟୁହାର ରୋକିବା ଦିଗରେ ଉଲ୍ଲେଖନୀୟ ସଫଳତା ସମ୍ପର୍କିତ ଇଂଲିଶ୍ ଦୈନିକଗୁଡ଼ିକରେ ଦିଆଯାଇଥିବା ବିଜ୍ଞାପନ ତଥ୍ୟ ଉପରେ ଆଧାରିତ ନୁହେଁ। ଏଥିରେ ଚଞ୍ଚକତା ଭରି ରହିଛି। ମାତୃମୃତ୍ୟୁହାର ୨୦୧୧-୧୨ରୁ ୨୦୧୪-୧୬ ଯାଏ ଜାତୀୟ ଓ ରାଜ୍ୟର ତଥ୍ୟ ଦିଆଯାଇଛି। ୨୦୧୨-୧୩ ରେ ଜାତୀୟ ହାର ୧୬୭ ପ୍ରତି ଏକ ଲକ୍ଷରେ ଥିବା ବେଳେ ଓଡ଼ିଶାରେ ଥିଲା ୨୨୨। ଏହା ୨୦୧୪-୧୬ରେ ହ୍ରାସ ପାଇ ୧୮୦ରେ ପହଞ୍ଚିଛି ବୋଲି କୁହାଯାଇଛି। ହେଲେ ଜାତୀୟ ହାର ଯାହାକି ୧୩୦ ରହିଛି ତାହାକୁ ସରକାର ବିଜ୍ଞାପନରେ ଦର୍ଶାଯାଇ ନ ଥିବା ସତ୍ୟପ୍ରକାଶ କହିଛନ୍ତି। ରାଜ୍ୟର ପ୍ରସୂତି ମହିଳା ଏବଂ ନବଜାତ ଶିଶୁଙ୍କ ଦୁର୍ଦ୍ଦଶାର ମୁଖ୍ୟ କାରଣ ହେଲା ଆବଶ୍ୟକ ଡାକ୍ତରଙ୍କ ଅଭାବ। ୨୦୧୮ ମାର୍ଚ୍ଚ ୨୨ରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ବିଧାନସଭାରେ ଦେଇଥିବା ଉତ୍ତରରୁ ରାଜ୍ୟ ସରକାରଙ୍କ ବିଫଳତା ଦର୍ଶାଉଥିବା କଂଗ୍ରେସ ପକ୍ଷରୁ କୁହାଯାଇଛି। ରାଜ୍ୟରେ ୬୭୧୯ ଜଣ ଡାକ୍ତରଙ୍କ ଆବଶ୍ୟକ ଥିବା ବେଳେ ବର୍ତ୍ତମାନ ମାତ୍ର ୫୩୫୧ ଜଣ ଅଛନ୍ତି। ସେହିପରି ଭେଷଜ ବିଶେଷଜ୍ଞଙ୍କ ସଂଖ୍ୟା ୪୮୨ ଥିବା ବେଳେ ଅବସ୍ଥାପିତ ଡାକ୍ତରଙ୍କ ସଂଖ୍ୟା ମାତ୍ର ୧୬୦ ଓ ଖାଲିଥିବା ଡାକ୍ତରଙ୍କ ସଂଖ୍ୟା ୩୨୨। ଅର୍ଥାତ୍ ୬୬.୮୦% ଖାଲି ପଡିଛି। ଅନୁରୂପ ଭାବେ ଶିଶୁରୋଗ ବିଶେଷଜ୍ଞ ଡାକ୍ତରଙ୍କ ସଂଖ୍ୟା ୫୯୫ ଥିବାବେଳେ ଅବସ୍ଥାପିତ ଡାକ୍ତରଙ୍କ ସଂଖ୍ୟା ୧୮୯ ଓ ଖାଲିଥିବା ଡାକ୍ତରଙ୍କ ସଂଖ୍ୟା ୪୦୬। ଯାହାକି ୬୮.୨୩ % ଖାଲି ପଡିଛି। ରାଜ୍ୟ ସରକାର ପ୍ରତ୍ୟେକ ବ୍ଲକରେ ଅତି କମ୍‌ରେ ଜଣେ ଶିଶୁ ବିଶେଷଜ୍ଞଙ୍କୁ ନିଯୁକ୍ତି ଦେବା ପାଇଁ କହି ଆସୁଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରି ନାହିଁ। ଆବଶ୍ୟକ ପ୍ରସୂତି ବିଭାଗ ଡାକ୍ତରଙ୍କ ସଂଖ୍ୟା ୫୬୦ ରହିଥିବା ବେଳେ ଅବସ୍ଥାପିତ ଡାକ୍ତରଙ୍କ ସଂଖ୍ୟା ୩୬୦ ଓ ଖାଲି ପଡିଥିବା ଡାକ୍ତରଙ୍କ ସଂଖ୍ୟା ୨୦୦, ଯାହାକି ୩୪% ବୋଲି ସତ୍ୟ ଖବରଦାତା ସମ୍ମିଳନୀରେ ଉଲ୍ଲେଖ କରିଛନ୍ତି। ଆଦିବାସୀ ଅଧ୍ୟୁଷିତ ମାଲକାନଗିରିରେ ପୁଷ୍ଟିହୀନତାର ହାର ୪୭.୨% । ରକ୍ତହୀନତା ହାର ଗ୍ରାମାଞ୍ଚଳରେ ୪୫.୭ ପ୍ରତିଶତ ଥିବା ବେଳେ ସୁନ୍ଦରଗଡରେ ସର୍ବାଧିକ ୮୦.୩ ପ୍ରତିଶତ ରହିଛି ବୋଲି ସତ୍ୟପ୍ରକାଶ କହିଛନ୍ତି।




# ଇସିଏଫ୍‌ଏ ଜୁରୀ ପ୍ୟାନେଲରେ ଓଡ଼ିଆ ପ୍ରଯୋଜକ

## ପ୍ରଥମ ଭାରତୀୟ ସଦସ୍ୟ ହେବାର ସୌଭାଗ୍ୟ ଆଣିଲେ ଜିତେନ୍ଦ୍ର

ଭୁବନେଶ୍ୱର,୨୬।୯(ବ୍ୟୁରୋ)


ଜିତେନ୍ଦ୍ର ମିଶ୍ର

ଓଡ଼ିଶା ଜନ୍ମିତ ଚଳଚ୍ଚିତ୍ର ନିର୍ମାତା ତଥା ପ୍ରଯୋଜକ ଜିତେନ୍ଦ୍ର ମିଶ୍ର ପୁଣିଥରେ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାର ନାମକୁ ଗୌରବାନ୍ୱିତ କରିଛନ୍ତି। ଚଳିତବର୍ଷ ପାଇଁ ସେ ସମ୍ମାନଜନକ ୟୁରୋପିଆନ୍ ଚିଲ୍‌ଡ୍ରେନ୍ ଫିଲ୍ମ ଆସୋସିଏଶନ(ଇସିଏଫ୍‌ଏ)ର ଜୁରୀ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଏଥିପାଇଁ ଆସନ୍ତା ସପ୍ତାହରେ ସେ ଜର୍ମାନୀର ସେମିଞ୍ଜ୍ ସହରରେ ଅନୁଷ୍ଠିତ ହେବାକୁ ଥିବା ୨୩ତମ ସିଲିଞ୍ଜେଲ୍ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲରେ ଯୋଗଦେବାକୁ ଜର୍ମାନୀ ଯାତ୍ରା କରିବେ। ତେବେ ଜିତେନ୍ଦ୍ର ପ୍ରଥମ ଭାରତୀୟ ଭାବେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିବେ।

ଓଡ଼ିଶାର ଟିଟିଲାଗଡ଼ରେ ଜନ୍ମିତ ଜିତେନ୍ଦ୍ର ପୂର୍ବରୁ ଇଣ୍ଟରନ୍ୟାଶନାଲ ସେଣ୍ଟର ଅଫ୍ ଫିଲ୍ମସ ଫର୍ ଚିଲ୍‌ଡ୍ରେନ୍ ଆଣ୍ଡ ୟଙ୍ଗ୍ ପିପୁଲ(ସିଆଇଏଫ୍‌ଇଜେ)ର ବୋର୍ଡ ଅଫ୍ ଡାଇରେକ୍ଟର୍ସଙ୍କୁ ନିର୍ବାଚିତ ହୋଇଛନ୍ତି। ଏହାସହ ମୋଣ୍ଟ୍ରା ଇଣ୍ଟରନ୍ୟାଶନାଲ ସିନେମା ଏଜୁକେଶନ(ଏମ୍‌ଆଇସିଇ) ଫିଲ୍ମ ଫେଷ୍ଟିଭାଲର ଜୁରୀ ସଦସ୍ୟ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ସେହିଭଳି ସ୍ମାଇଲ୍ ଫାଉଣ୍ଡେଶନ ପକ୍ଷରୁ ହେଉଥିବା ସିଫ୍‌କି(ଏସ୍‌ଆଇଏଫ୍‌ଏଫ୍‌ସିଓ୍ୱାଇ)ର ଫେଷ୍ଟିଭାଲ ଡାଇରେକ୍ଟର ରହିଛନ୍ତି। ଗତବର୍ଷ ନଭେମ୍ବରରେ ଗୋଆରେ ଅନୁଷ୍ଠିତ ହୋଇଥିବା ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ ଅଫ୍ ଇଣ୍ଡିଆ(ଆଇଏଫ୍‌ଏଫ୍‌ଆଇ)ର ଇଣ୍ଡିଆନ୍ ପାନୋରମା ଜୁରୀ କମିଟିରେ ମଧ୍ୟ ଜିତେନ୍ଦ୍ର ରହିଥିଲେ। ଫିଲ୍ମ ପ୍ରଯୋଜନା, ଆବଣ୍ଟନ ଏବଂ ପ୍ରମୋଶନର ନୂତନ ଉପାୟ ଆବିଷ୍କାର କରି ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ଜିତେନ୍ଦ୍ର ବିଭିନ୍ନ ବିଭାଗରେ ୧୧୦ରୁ ଅଧିକ ଫିଲ୍ମ ସହ କାମ କରିଛନ୍ତି। ସେଥିରୁ ଅଧିକାଂଶ ଫିଲ୍ମ ବିଶ୍ୱସ୍ତରରେ ଭଲ ପ୍ରଦର୍ଶନ କରିଛି। ଖୁବ୍‌ଶୀଘ୍ର ତାଙ୍କ ପ୍ରଯୋଜିତ ଫିଲ୍ମ 'ଦି ଲାଷ୍ଟ କଲର୍' ବିଶ୍ୱସ୍ତରରେ ରିଲିଜ୍ ହେବାକୁ ଯାଉଛି। ସେଲିବ୍ରିଟି ସେଫ୍ ବିକାଶ ଖାନ୍ନାଙ୍କ ଅଭିନୀତ ଏହି ଫିଲ୍ମର ନିର୍ଦ୍ଦେଶନା ମିଟେଲିନ୍ ଦେଇଥିବା ବେଳେ ଗତ କାନ୍‌ସ ଫିଲ୍ମ ଫେଷ୍ଟିଭାଲରେ ଏହାର ପ୍ରଥମ ଝଲକ ପ୍ରଦର୍ଶିତ ହୋଇଥିଲା।



ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୨୭ ସେପ୍ଟେମ୍ବର, ୨୦୧୮



ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



କାହ୍ନା
ପରିବାରବର୍ଗ



ରପ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଖଟିରେ ଖଟିରେ...

### ସମ୍ମାନ ଟିକେ ମିଳୁ

ହଇଓ ବାବୁ, ତୁମକୁ କିଛି ଜଣା ଅଛି ନା ନାହିଁ। ତୁମେ ଗୋଟେ ଏତେବଡ ଭୁଲ୍ କରିଦବ ସେକଥା ମୁଁ କଳ୍ପନା ବି କରି ନ ଥିଲି। ନାହିଁ ନାହିଁ, ତୁମେ ଆଉ ଏଠାକୁ ଫୋନ୍ କରନି। କ'ଣ ଭାବିଚ କି ମୋତେ? ମୁଁ କ'ଣ ଗୋଟେ ସାଧାରଣ ଲୋକ ନା ତୁମ ବାଡି ତଳ ରଇତ ହୋ। ଆଜିଠୁ ତୁମ ସହ ସବୁ ବନ୍ଦ ହେଲା, ଯାଓ ହୋ ନମସ୍କାର। ଆମ ରାଇଜର ମାଲ୍ ପାଣି କଥା ବୁଝାବୁଝି କରୁଥିବା ବାବୁଙ୍କ ଏମିତି ରାଗ ଦେଖି କିଛି ବୁଝାପଡୁ ନ ଥାଏ। ଇରେ ହେଲା କ'ଣ, କାହିଁକି ବାବୁ ଏତେ ଫାୟାର୍ ବୋଲି ଲୋକଙ୍କ ଭିତରେ ଫୁସୁଫାସ ଆରମ୍ଭ ହେଇଗଲା। ସେଥିରୁ ବାବୁଙ୍କ ଜଣେ ଖାସ୍ ଲୋକ ପଚାରିଦେଲେ, ଆଜ୍ଞା କ'ଣ ହେଲା କି? ବାବୁ ତ ପୂରା ରାଗି ପାଚିଥାଆନ୍ତି, କହିବାକୁ ଲାଗିଲେ, ଆହେ ଶୁଣ ହୋ, ନିମନ୍ତ୍ରଣ ଆସିଲା, ନାଁ ଲେଖା ଥିଲା ହେଲେ ପଦବୀ ରହିଲାନି। ଏଇଟା କ'ଣ ମୋତେ ସମ୍ମାନ। ପଚାରିବାରୁ ସେ ଲୋକ କହୁଛି କ'ଣ ନା, ଭୁଲ୍ ହେଇଗଲା। ଆଗକୁ ଏ ପଦ ଥିବ କି ନାହିଁ ଏବେ ତ ସମ୍ମାନ ଟିକେ ମିଳୁ।

### ଖଟି ମାଷ୍ଟର

ରାଜ୍ୟ ରାଜନୀତିରେ ତାଙ୍କ କଥାର ଅଲଗା ଡିମାଣ୍ଡ। ସେହି କଥା ପାଇଁ ତାଙ୍କୁ ସୁନାମ ସହ ବହୁ ଦୁର୍ନାମ ମଧ ମିଳିଛି। ତଥାପି ତାଙ୍କ କଥାରେ ବାଟୁଳି ବାଜୁନି। କେତେବେଳେ ଲଗାତାର ବାଣ ମାରୁଛନ୍ତି ତ କେତେ ବେଳେ ଧାଡିଏ। ଘାଇଲା କରୁଛନ୍ତି ରାଜ୍ୟ ସରକାରଙ୍କୁ। ଦିନ ଥିଲା ସବୁ ଖଟିରେ ତାଙ୍କ ବାକ୍ୟବାଣ ସମ୍ପର୍କରେ ଚର୍ଚ୍ଚା ଜୋର ଧରିଥାଏ। ଏବେ କିନ୍ତୁ ତାଙ୍କ ରାଜଧାନୀ ବାସଭବନ ଖଟି ପାଲଟିଛି। ଟାଣୁଆ ମାନ୍ୟବାର ବର୍ତ୍ତମାନ ରାଜନୈତିକ ଛୁଟିରେ ଥିବାରୁ ଶଙ୍ଖଦଳ ନେତା ପାଖରେ ପଶୁ ନାହାନ୍ତି। ତେଣୁ ମାନ୍ୟବର ପ୍ରାୟ ଫାଙ୍କା, ତାଙ୍କର ଫାଙ୍କାପଣ ଗଣମାଧମ ପ୍ରତିନିଧିଙ୍କୁ ଭଲ ଖୋରାକ ଯୋଗାଉଛି। ରାଜଧାନୀରେ ଏମିତି ଖଟି ନାହିଁ, ଯେଉଁଠି ତାଙ୍କ ବିଷୟରେ ଆଲୋଚନା ହେଉନି। ବାକ୍ୟବୀର ମାନ୍ୟବର ବି କାହାକୁ ମନା କରୁନାହାନ୍ତି, ଯିଏ ପାଖକୁ ଆସୁଛି ଗପ ମାରୁଛନ୍ତି। ତାଙ୍କର ଏ ଅବତାର ଦେଖି ତାଙ୍କ ନାତିନାତୁଣୀ କୁଆଡେ ତାଙ୍କୁ ଖଟି ମାଷ୍ଟର କହିଲେଣି।

ଉଗ୍ରରୂପ ନେଉଛି ପୋଲିସ-ଆଇନଜୀବୀ ବିବାଦ

# ନବୀନ ନିବାସ ଘେରାଉ ସ୍ଥଗିତ

କଟକ ଅଫିସ,୨୬।୯

ମାଡ଼ ଘଟଣାକୁ ନେଇ ଆଇନଜୀବୀ ଓ ପୋଲିସ ମଧରେ ଉପୁଜିଥିବା ବିବାଦ କ୍ରମଶଃ ଉଗ୍ରରୂପ ନେବାରେ ଲାଗିଛି। ଅଗଷ୍ଟ ୨୯ରୁ ଆଇନଜୀବୀମାନେ ଚଳାଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ଆସନ୍ତା ୨୮ ତାରିଖ ଶୁକ୍ରବାର ପର୍ଯ୍ୟନ୍ତ ବଳବତ୍ତର ରହିବ। ଶନିବାର ହାଇକୋର୍ଟ ବାର୍ ଆସୋସିଏଶନର ସାଧାରଣ ପରିଷଦ ବୈଠକ ପରେ ଆନ୍ଦୋଳନର ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ। ତେବେ ଗୁରୁବାର ନବୀନ ନିବାସ ଘେରାଉ ପାଇଁ ଯେଉଁ କାର୍ଯ୍ୟକ୍ରମ ସ୍ଥିର କରାଯାଇଥିଲା ତାହାକୁ ଆଇନଜୀବୀମାନେ ସ୍ଥଗିତ ରଖିଛନ୍ତି। ମୁଖ୍ୟମନ୍ତ୍ରୀ ଏବେ ରାଜ୍ୟ ବାହାରେ ଥିବାରୁ ଏହି ନିଷ୍ପତ୍ତି ନିଆଯାଇଥିବା ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ତେବେ କଟକରେ ଆଇନଜୀବୀମାନେ ସେମାନଙ୍କ ଆନ୍ଦୋଳନକୁ ଆହୁରି ତୀବ୍ରତର କରିଛନ୍ତି। ମଙ୍ଗଳବାର ଭଳି ବୁଧବାର ମଧ ହାଇକୋର୍ଟ ସନ୍ନିକଟ ସମସ୍ତ ସରକାରୀ କାର୍ଯ୍ୟାଳୟଗୁଡିକୁ ବନ୍ଦ କରି ଏହା ସମ୍ମୁଖରେ ପିକେଟିଂ କରିଥିଲେ। ତେବେ ଏଥିରୁ ବ୍ୟାଙ୍କ୍ ଓ ସ୍କୁଲ୍‌କୁ ଆଇନଜୀବୀମାନେ ବନ୍ଦ କରି ନ ଥିଲେ।

### ହାବିଲଦାର, କନଷ୍ଟେବଳ ମହାସଂଘର ଆନ୍ଦୋଳନ ଧମକ

ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ଚାଉଳିଆଗଞ୍ଜ ଥାନାରେ ରୁଜୁ ହୋଇଥିବା ମାମଲାରେ ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ହୋମ୍‌ଗାର୍ଡଙ୍କ ସମେତ ଦୁଇଜଣଙ୍କୁ ଗିରଫ କରାଯାଇଛି। ଏଥିରେ ଆଇନଜୀବୀମାନେ ସନ୍ତୁଷ୍ଟ ନ ହୋଇ ଆନ୍ଦୋଳନ ଜାରି ରଖିଥିବାରୁ ଜବାବ ଦେବାକୁ ଅଣ୍ଟାଭିଡିଛି ହାବିଲଦାର ଓ କନଷ୍ଟେବଳ ମହାସଂଘ। ମହାସଂଘ ଏହି ଗିରଫଦାରିର ପ୍ରତିବାଦ କରିବା ସହ ଆଇନଜୀବୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରି ସରକାରଙ୍କ ଉପରେ ଅଯଥା ଚାପ ପକାଉଥିବା ଅଭିଯୋଗ କରିଛି। ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମହାସଂଘ ସଭାପତି ସନ୍ତୋଷ ଶତପଥୀ କହିଛନ୍ତି, ସହିବାର ଗୋଟିଏ ସୀମା ଥାଏ। ହେଲେ ତାହା ପାର ହୋଇସାରିଛି। ଯଦି ପୋଲିସ ବିଭାଗ ଉପରେ ଚାପ ପ୍ରୟୋଗ କରି ଆଉ କୌଣସି ପୋଲିସ କର୍ମଚାରୀଙ୍କୁ ଗିରଫ କରାଯାଏ ତେବେ ମହାସଂଘ ଆନ୍ଦୋଳନକୁ ଓହ୍ଲାଇବ। ଆନ୍ଦୋଳନ ବେଳେ ଯଦି କୌଣସି କ୍ଷୟକ୍ଷତି ଘଟେ ତେବେ ସେଥିପାଇଁ ଆଇନଜୀବୀମାନେ ଦାୟୀ ରହିବେ। ଆଇନଜୀବୀମାନଙ୍କ ଦାବି ଅନୁଯାୟୀ, ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ କରାଗଲା। ହେଲେ ସେଥିରେ ସେମାନେ ସନ୍ତୁଷ୍ଟ ହେଲେ ନାହିଁ। ହାଇକୋର୍ଟଙ୍କ ରାୟ ପରେ କ୍ରାଇମବ୍ରାଞ୍ଚ ତଦନ୍ତ ଭାର ଗ୍ରହଣ କଲା। ଆଇନଜୀବୀଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ଜଣେ ପୋଲିସ କର୍ମଚାରୀଙ୍କ ସମେତ ଦୁଇ ଜଣଙ୍କୁ ଗିରଫ କରାଗଲା। ତାହା ପରେ ମଧ ଆଇନଜୀବୀମାନେ ଆନ୍ଦୋଳନ କରିବା ହାଇକୋର୍ଟର ଅବମାନନା ସହ ସମାନ ବୋଲି ଶତପଥୀ କହିଛନ୍ତି।

**ସରକାରୀ କାର୍ଯ୍ୟାଳୟ ବନ୍ଦ ଆନ୍ଦୋଳନ ଜାରି**

# classified

## SALE

Ford Ikon, owner driven, showroom condition, sparingly used, Bhubaneswar. 8763802787. D-63849

## SALE

Book duplex (ready to move) Tankapani road, near BJEM-2 school, Ranga bazar. Cost-55 lakhs with bank finance. 8917360040, 7077074156. D-64176

Book SC plots at Patia Bhubaneswar walkable distance from Patia Station immediate possession/ registration. 6371034524. D-64325

ଭୁବନେଶ୍ୱର ପିତାପଲି NH-5 ଠାରୁ 100' ଦୂରତାରେ BDA yellowzone ପ୍ଲଟ ମିଳୁଅଛି। 8338932027. D-64324

Core house completed 2BHK/ 3BHK flat at Kalinga Vihar, Bhubaneswar. Price: 37/ 47 lakh onwards. Contact: 7381087905. D-64182

Opening newly ayurvedic full body massage ladies, gents. 7609923705, 7438851534. D-38532

All type of massage and good therapy full body massage Sai herbal spa. 7609005923. D-64205

Madam Monalisa massage club-50% discount full body massage by hiprofile smart lady therapist. 9708545108. D-8565

## LOST

I, Ramesh Chandra Sahoo, S/o- Late Harihara Sahoo declare that my original Saledeed No.- 5068 Dt.- 08.10.2004 has been misplaced somewhere else. I have not mortgaged in any Bank. If someone has got this please inform me on my contact. 09007638896.D-58697

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## LOST

I Srikanta Sahu, S/o- Khiradhara Sahu, R/o, Vill./ Po- Burda, Loisingha, Dist- Balangir declared that I was a student of Electrical Engineering in Gandhi Institute of Science and Technology, Rayagada under Biju Patnaik University of Technology, Odisha and I have been issued with a original B.Tech main Certificate Sl. No BDC130105458 from the said institution. That the Said Original B.Tech main Certificate has been completely damaged by white ants as it was kept in a wooden box which is beyond recovery. D-37354

## AFFIDAVIT

I, Manoranjan Dalai rectified my name as Manoranjan Dash through affidavit. D-8583

By an affidavit before the Executive Magistrate, Boudh, I Madhusmita Mahakhud, W/o- Champeswar Mahakhud, R/o- Dhaurakhaman, Po- Kadaligarh, Redhakhola, Dist- Sambalpur (Odisha) declared that in the service document my name has been wrongly mentioned as Madhusmita Mahakud instead of Madhusmita Mahakhud and my mother's name also wrongly mentioned as Lakshmi Mahakhud instead of Laxmi Mahakhud. That Madhusmita Mahakhud and Madhumsmita Mahakud is one and same person and also my mother Laxmi Mahakhud and Lakshmi Mahakhud is one and same person. D-62450

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## Birthday Wish



**Roop Ratan Banerjee**

D/o: Ratan Banerjee & Monika Banerjee

***Happy Birthday to my Little daughter GOD bless you.***

Best wishess from: **Maa, Mama, Dadu, Rimpi, Bhalodida,Mimi,Tuktuk**.

D-59837

## ସପ୍ତମ ଜନ୍ମବାର୍ଷିକ ଶୁଭେଚ୍ଛା



(କାହ୍ନା)

**ବିଶ୍ୱରଞ୍ଜନ ନାୟକ**
**ରାଜମୁକୁନ୍ଦପୁର, ଭଦ୍ରକ**
**ବାପା: ଅଲେଖ ପ୍ରସାଦ ନାୟକ**

ଓଁ ମା' ଭଦ୍ରକାଳୀ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥକୁ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ: **ଜେଜେମା, ବାପା, ମା, ସାନବାପା, ସାନମାଆ ଏବଂ ସମସ୍ତ ବନ୍ଧୁ ଓ ପରିବାରବର୍ଗ।** ଧ-୮୫୬୬

## ବଜ୍ରପାତରେ ଯୁବକ ମୃତ

ବରଗଡ଼ ଅଫିସ୍,୨୬।୯

ବରଗଡ଼ ଜିଲା ମେଲଛାମୁଣ୍ଡା ଥାନା ଅନ୍ତର୍ଗତ କୁଚିପାଲି ଗ୍ରାମରେ ବଜ୍ରପାତରେ ବୁଧବାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ସୋହେଲା ଥାନା ଅନ୍ତର୍ଗତ ଡୁମେରପାଲି ଗ୍ରାମର ଅମିତ ଭୁଏ(୨୨)। ଅମିତ କୁଚିପାଲି ଗ୍ରାମର ମାମୁଁ ଘରକୁ ଯାଇଥିଲେ। ସେ ଗାଈ ଚରାଇବାକୁ ଯାଇଥିବାବେଳେ ବଜ୍ରପାତ ହୋଇଥିଲା। ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନା ଅଣାଯାଇଥିଲା। ସେଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ।

# ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର,୨୬।୯(ବ୍ୟୁରୋ)

ରାଜ୍ୟକୁ ପୁଞ୍ଜି ନିବେଶକାରୀମାନଙ୍କୁ ଆକୃଷ୍ଟ କରିବା ସକାଶେ ରାଜ୍ୟ ସରକାର ମୁମ୍ବାଇ, ଦିଲ୍ଲୀ ପରେ ତାମିଲନାଡୁର ରାଜଧାନୀ ଚେନ୍ନାଇ ଠାରେ ମେକ୍ ଇନ ଓଡିଶା ଇନଭେଷ୍ଟର୍ସ ମିଟ୍ ବୁଧବାର ଆୟୋଜନ କରିଛନ୍ତି। ଓଡିଶାରେ ପୁଞ୍ଜିନିବେଶ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିବେଶକାରୀମାନଙ୍କୁ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡିଶା ପୂର୍ବ ଭାରତର ଦ୍ୱାର ଭାବେ ଦେଶରେ ଦ୍ରୁତ ପ୍ରସାର ଲାଭ କରୁଅଛି। ମେକ୍ ଇନ ଓଡିଶା କନ୍‌କ୍ଲେଭର ପ୍ରଥମ ସଂସ୍କରଣରେ ୨ ଲକ୍ଷ କୋଟି ପୁଞ୍ଜି ନିବେଶ ପାଇଁ ଘୋଷଣା କରାଯାଇଛି। ପ୍ରକଳ୍ପ ଉତ୍ପାଦନକ୍ଷମ ହେବା ଯାଏ ରାଜ୍ୟ ସରକାର ସମସ୍ତ ସହଯୋଗ ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଓଡିଶାରେ ପୁଞ୍ଜି ନିବେଶ କରିବାକୁ ଆଗେଇ ଆସିଥିବା ୬୫ ପ୍ରତିଶତ ପ୍ରକଳ୍ପ ମଧରୁ କେତେକ କାର୍ଯ୍ୟକ୍ଷମ ହୋଇଥିବା ବେଳେ ଆଉ କେତେକ ଅନୁମୋଦନ ସ୍ତରରେ ରହିଛି। ରାଜ୍ୟର ବିକାଶ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପାରାଦୀପ ଦେଶର ଏକ ବୃହତ୍ ଓ ଦ୍ରୁତ ବିକଶିତ ବନ୍ଦର। ଧାମରା ବନ୍ଦର ମଧ ଦ୍ରୁତ ଗତିରେ ବିକଶିତ ହୋଇ ଚାଲିଛି। ଏହାଛଡା ପୂର୍ବତଟ ଅର୍ଥନୈତିକ କରିଡର ପାଇଁ ରାଜ୍ୟ ସରକାର କେନ୍ଦ୍ରାପଡା ଜିଲାରେ ମହାନଦୀରେ ପ୍ରଥମ ନଦୀଭିତ୍ତିକ ବନ୍ଦର ନିର୍ମାଣ କରିବାକୁ ଯାଉଛନ୍ତି। ଏହି ବନ୍ଦରର ବାର୍ଷିକ କାରବାର କ୍ଷମତା ୪୫ ନିୟୁତ ଟନ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହାଛଡା ରାଜ୍ୟର ଉପକୂଳରେ ୧୨ଟି ମଧମ ବନ୍ଦରର ବିକାଶ କାର୍ଯ୍ୟ ଆରମ୍ଭ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟ ସରକାର ଷ୍ଟାର୍ଟ ଅପ ଓଡିଶା ଆରମ୍ଭ କରିଥିବା ବେଳେ ଏଥିରେ ୨୫୦ ଷ୍ଟାର୍ଟ ଅପ ପଞ୍ଜୀକୃତ ହୋଇ ସାରିଲେଣି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। 'ଗୋ ସୁଇଫ୍ଟ' ନାମରେ ରାଜ୍ୟ ସରକାର ପୁଞ୍ଜିନିବେଶକାରୀଙ୍କୁ ସହଯୋଗ କରିବା ସକାଶେ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି। ଗୋ ସୁଇଫ୍ଟ ଜରିଆରେ ଗତ ୧୦ ମାସରେ ୪୦୦ ପ୍ରସ୍ତାବ ଆସିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ୨୦୧୮ ନଭେମ୍ବର ୧୧ରୁ ୧୫ ମଧରେ ଓଡିଶା ସରକାର ଭୁବନେଶ୍ୱରରେ ମେକ୍ ଇନ ଓଡିଶା କନକ୍ଲେଭର ଦ୍ୱିତୀୟ ସଂସ୍କରଣ କରିବାକୁ ଯାଉଛନ୍ତି। ଏହା ୫ ଦିନ ଧରି ଚାଲିବ। ଏହାର ସ୍ଲୋଗାନ ରହିଛି 'ଆଇ ଆମ ଓଡିଶା'। ରାଜ୍ୟରେ ପୁଞ୍ଜିନିବେଶ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରାଯିବ। ଏହି ଇନ୍‌ଭେଷ୍ଟର୍ସ ମିଟ୍‌ରେ ଏଫଆଇସିସିଆଇ ଜାତୀୟ କାର୍ଯ୍ୟନିର୍ବାହୀ ସଦସ୍ୟ ଏମ୍. ରଫିକ ଅହମ୍ମଦ, ରାମ୍‌କୋ ଗ୍ରୁପ ଚେୟାରମ୍ୟାନ ପିଆରଭି ରାଜୁ, ଶ୍ରୀରାମ ଗ୍ରୁପ ଅଧକ୍ଷ ଆର. ତ୍ୟାଗରାଜନ, ଚେଟିନାଡ ଗ୍ରୁପର ଏମ୍‌ଡି ଏମଏଏମ୍‌ଆର ମୁଥିଆ, ଟିଏସଡିଏଲପି ଏମ.ଡି. ଆବ୍ରାହମ ଷ୍ଟିପେନସୋ, ଶିଳ୍ପମନ୍ତ୍ରୀ ଅନନ୍ତ ଦାସ, ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ, ଉନ୍ନୟନ କମିଶନର ଆର. ବାଲକ୍ରିଷ୍ଣନ ପ୍ରମୁଖ ଯୋଗ ଦେଇଥିଲେ।

**ଚେନ୍ନାଇରେ ଇନ୍‌ଭେଷ୍ଟର୍ସ ମିଟ୍**


# ମନେ ପଡ଼ନ୍ତି

### ତ୍ରୟୋଦଶତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ବଂଶୀଧର ମିଶ୍ର**

ଆବିର୍ଭାବ: ୧୦।୦୭।୧୯୫୦

ତିରୋଧାନ: ୨୧।୦୯।୨୦୦୫

ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଶ୍ରୀ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ: ଆତ୍ମୀୟସ୍ୱଜନମାନେ।

ଧ-୮୫୮୨

### ଏକାଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତା ଜ୍ୟୋତ୍ସ୍ନାରାଣୀ ମହାପାତ୍ର**

ହାଡଗଡିଆସାହି, ଯମୁନାଲେନ୍, ପୁରୀ

ଆବିର୍ଭାବ: ୨୨।୦୪।୧୯୬୨

ତିରୋଧାନ: ୨୯।୦୯।୨୦୦୭

ଏକାଦଶତମ ଶ୍ରାଦ୍ଧବାର୍ଷିକୀରେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ ପରିବାରବର୍ଗ।

ଧ-୬୪୦୧୩

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତ ହରିବଲ୍ଲଭ ପତି**

ମଥୁରାପୁର, ଜିଲ୍ଲା- ଯାଜପୁର

ଆବିର୍ଭାବ: ୨୭।୦୩।୧୯୪୦

ତିରୋଧାନ: ୧୪।୦୯।୨୦୧୧

ସମସ୍ତ ବନ୍ଧୁବର୍ଗ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନଙ୍କର ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଅଶ୍ରୁଳ ପ୍ରାର୍ଥନା ଜଣାଉଛୁ। ପତ୍ନୀ- ପ୍ରମୋଦିନୀ, ଝିଅଜ୍ୱାଇଁ, ପୁଅବୋହୂ, ନାତି- ତୀର୍ଥବାସ (ବାବା), ବନ୍ଧୁ, ପରିବାରବର୍ଗ।

ଧ-୮୫୬୯


## ପ୍ରଥମ ପୃଷ୍ଠାରୁ...

### ନବୀନଙ୍କୁ ଭେଟିଲେ ...

ପ୍ରକାଶ ଯେ, ଓଡ଼ିଶା ଭବନ ଉଦ୍‌ଘାଟନ ସାଙ୍ଗକୁ ଅନ୍ୟାନ୍ୟ ସରକାରୀ କାର୍ଯ୍ୟକ୍ରମ ପାଇଁ ମୁଖ୍ୟମନ୍ତ୍ରୀ ଚେନ୍ନାଇ ଗସ୍ତ କରିଛନ୍ତି।

ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପରେ ସାଉଥ୍ ସୁପରଷ୍ଟାର୍ କହିଛନ୍ତି, ନବୀନ ଜଣେ ସୁଶାସକ। ପ୍ରାଥମିକ ସ୍ତରରେ ନବାଗତ ତଥା ଅନଭିଜ୍ଞ ରାଜନେତା ଭାବେ ତାଙ୍କୁ ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା। କିନ୍ତୁ ସମୟକ୍ରମେ ରାଜନୀତିରେ ସେ ଅନେକ ଉପଲବ୍ଧି ହାସଲ କରିପାରିଛନ୍ତି। ରାଜନୀତି ବିଷୟରେ ତାଙ୍କର ବିସ୍ତୃତ ଅଭିଜ୍ଞତା ଏବଂ ଦୂରଦୃଷ୍ଟି ରହିଛି। ଲୋକଙ୍କ ପାଇଁ ସେ ଅନେକ ଅଭିନବ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସେଥିମଧ୍ୟରୁ କେତେକ ସର୍ବଭାରତୀୟ ସ୍ତରରେ ପ୍ରଶଂସିତ ହୋଇପାରିଛି। ବିପର୍ଯ୍ୟୟ ପରିଚାଳନା ଦିଗରେ ତାଙ୍କ ପଦକ୍ଷେପ ଶ୍ରେଷ୍ଠ। ଏଣୁ ନବୀନଙ୍କ ନିକଟରୁ ଅନେକ ଶିକ୍ଷା ଲାଭ କରିବାକୁ ସେ ଚାହାନ୍ତି। ଜଣେ ପ୍ରଶଂସକ ଭାବରେ ତାଙ୍କୁ ଭେଟି କିଛି ଉପଦେଶ ଗ୍ରହଣ କରିବାକୁ ଚେଷ୍ଟା କରିଥିଲେ ବୋଲି କମଲ କହିଛନ୍ତି।

### ୧୯ ସାମଗ୍ରୀର ...

ଏହାଦ୍ୱାରା ଆଗାମୀ ଦିନରେ ବିମାନ ଯାତ୍ରୀଙ୍କୁ ଟିକେଟ ବାବଦରେ ଅଧିକ ବ୍ୟୟ କରିବାକୁ ପଡିବ। ଗତ ଆର୍ଥିକ ବର୍ଷରେ ୮୬୦୦୦ କୋଟି ଟଙ୍କାର ୧୯ ପ୍ରକାର ସାମଗ୍ରୀ ବିଦେଶରୁ ଆମଦାନୀ ହୋଇଥିଲା ବୋଲି ସରକାରଙ୍କ ପକ୍ଷରୁ ଜାରି ତଥ୍ୟ କହୁଛି। ସରକାରଙ୍କ ଏହି ନିଷ୍ପତ୍ତି ଯୋଗୁ ଅଣ-ଜରୁରୀ ସାମଗ୍ରୀ ଆମଦାନୀ ହ୍ରାସ ପାଇବା ସହ ଡଲାର ଚାହିଦା କମିବ। ସେହିପରି ମେକ୍ ଇନ୍ ଇଣ୍ଡିଆ ଅଭିଯାନକୁ ଅଧିକ ପ୍ରୋତ୍ସାହନ ମିଳିବ। ଭାରତର ଏହି ନିଷ୍ପତ୍ତିର ପ୍ରଭାବ ସିଧାସଳଖ ଚାଇନାର ମାନଫ୍ୟାକଚରିଂ ଶିଳ୍ପ ଉପରେ ପଡିବ। କାରଣ ସେ ଦେଶରୁ ବ୍ୟାପକ ହାରରେ ଉପରୋକ୍ତ ସାମଗ୍ରୀ ଦେଶକୁ ଆମଦାନୀ କରାଯାଇଥାଏ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆଜି ଘାତଚନ୍ଦ୍ର ହେତୁ କର୍ମକ୍ଷେତ୍ରରେ ଅପ୍ରୀତିକର ପରିସ୍ଥିତିର ହଠାତ୍ ସାମ୍ନା କରିବାକୁ ପଡ଼ିପାରେ। ସମ୍ମୁଖରେ ଭଲ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ ପ୍ରକାରର କଥା କହୁଥିବାର ଶୁଣିବାକୁ ପାଇବେ। ଆର୍ଥିକ ସ୍ଥିତି ଦୁର୍ବଳ ହେତୁ ଚିନ୍ତାର କାରଣ ହୋଇପାରେ । ପରିବାରରେ ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ପରେ ଅନୁତାପ କରିବାକୁ ପଡ଼ିବ।

**ବୃଷ** – ଅଫିସରେ କିମ୍ବା ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରି ପାରିବେ ନାହିଁ। ଅପରାହ୍ନରେ ଆନୁଷ୍ଠାନିକ କାମରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିପାରନ୍ତି। ମାତ୍ର ଘରୋଇ କ୍ଷେତ୍ରରେ ଅଭାବ ନ ଥାଇ ମଧ ମନଟା ଭଲ ଲାଗି ନ ପାରେ। ଆଗାମୀ ରାଜନୈତିକ, ଆନୁଷ୍ଠାନିକ କାମ ସକାଶେ ବ୍ୟସ୍ତ ରହିପାରନ୍ତି।

**ମିଥୁନ** – ଏକାଦଶସ୍ଥ ଚନ୍ଦ୍ର ପ୍ରଭାବରୁ ଭାବପ୍ରବଣତାକୁ ନିଜର ନିୟନ୍ତ୍ରଣ ମଧରେ ନ ରଖି ଅନ୍ୟ ଉପରେ ଲଦିଲେ ତିକ୍ତତା ସୃଷ୍ଟି ହୋଇପାରେ। ନୂତନ କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ଓ କାମଟି ମଧ କରିବେ । ବିଶେଷ ଭାବରେ ପ୍ରଶାସନ, ସଂଗଠନ, ସଭାସମିତି କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହେବେ।

**କର୍କଟ** – ରାହୁଜନିତ ପ୍ରତ୍ୟେକ କ୍ଷେତ୍ରରେ ଭାରସାମ୍ୟ ରକ୍ଷା କରି ନ ଚଳିଲେ ଅଶାନ୍ତିର ବାତାବରଣ ସୃଷ୍ଟି ହେବ। ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରି ଆତ୍ମବିଭୋର ହୋଇପାରନ୍ତି। ମାଲିମକଦ୍ଦମାରେ ଜୟଲାଭ କରିବାର ଆଶା କ୍ରମଶଃ ବୃଦ୍ଧି ପାଇପାରେ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ବିଦ୍ରୋହ ଓ ଅଶାନ୍ତି ବଢ଼ିବ।

**ସିଂହ** – ଶନି ଓ ରାହୁଙ୍କ କୁପ୍ରଭାବରେ ବିଭିନ୍ନ ପ୍ରକାରର ସମସ୍ୟା ଭିତରେ ଗତିକରି ମଧ ପଛକୁ ଫେରିବା ଚିନ୍ତା କରିବେ ନାହିଁ। ବନ୍ଧୁ କିମ୍ବା ସହକର୍ମୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି ନୂତନ କାମ କରିପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ । କଚେରି ମାମଲାର ଶୁଣାଣିରୁ ମନ ଖୁସୀ ରହିବ।

**କନ୍ୟା** – ବୁଧାଦିତ୍ୟ ଯୋଗରୁ ଆଜି ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ଭଲରେ କଟିବ। ଦୀର୍ଘ ଦିନରୁ ଜମା ପଡୁନଥିବା ବନ୍ଧୁ କିମ୍ବା ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେଇପାରେ। ଆଜିର ଯାତ୍ରାରେ ଅଭିଳଷିତ କାମ ମଧ ହୋଇଯିବ।

**ତୁଳା** – ବୃହସ୍ପତି ରାଶିସ୍ଥ ହେତୁ କୌଣସି ବନ୍ଧୁଙ୍କୁ ଅନୁରୋଧ କରି କାମ ହାସଲ କରିବାର ଚେଷ୍ଟା କରିବେ। ଅବଶ୍ୟ ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ ହେବ, ନଚେତ୍ ହଇରାଣ ହେବାକୁ ପଡ଼ିପାରେ। ଅଫିସ୍ କାମରେ ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହେବ ମାତ୍ର ଆପଣଙ୍କୁ ଅନ୍ୟମାନେ ସାହାଯ୍ୟ କରିବେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିଯିବ।

**ବିଛା** – ଶୁଭ ଚନ୍ଦ୍ର ପ୍ରଭାବରୁ ଅଟକି ରହିଥିବା କାମଗୁଡ଼ିକ ଆଜି ଆକସ୍ମିକ ଭାବରେ ତାହା ହୋଇଯିବ। ପରିବହନ, ଶିଳ୍ପ ଓ ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କରିବେ ଓ ସଫଳ ମଧ ହେବେ। ନିଜ ପରିବାର କିମ୍ବା ସହକର୍ମୀ ମାନଙ୍କ ତରଫରୁ ସମସ୍ୟା ଆସିପାରେ। ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବାର ସୂଚନା ରହିଛି।

**ଧନୁ** – ଶନିଙ୍କ ପ୍ରଭାବଜନିତ କୌଣସି ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ କର୍ମ କ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ଆର୍ଥିକ ଦିଗରୁ କିଛିଟା ସମସ୍ୟା ଲାଗି ରହିବ,ଅବଶ୍ୟ ସମାଧାନର ପନ୍ଥା ଖୋଜି ପାଇବେ। ଅଫିସରେ ସହକର୍ମୀମାନଙ୍କ ସହ ମିଷ୍ଟାଳାପରେ ମାତିରହିବେ ଓ ସମୟ ଅବଶ୍ୟ ଖୁସୀରେ କଟିଯିବ।

**ମକର** – ଆଜି କୌଣସି ବ୍ୟକ୍ତି ଠାରୁ ହଠାତ୍ କୌଣସି ଖବର ପାଇ ଖୁସୀ ହୋଇଯିବେ। ଯେ କୌଣସି କ୍ଷେତ୍ରରେ ହେଉନା କାହିଁକି, ଆପଣଙ୍କ ଶତ୍ରୁମାନେ ଚେଷ୍ଟା କଲେ ମଧ କିଛି କ୍ଷତି କରିପାରିବେ ନାହିଁ। ବନ୍ଧୁମାନଙ୍କ ସାହାଯ୍ୟରୁ ଆର୍ଥିକ ଦୁଃସ୍ଥିତି ଦୂର ହୋଇଯିବ। ଶିଳ୍ପ, ବ୍ୟବସାୟ, ପରିବହନ,ନିର୍ମାଣ,ସଭାସମିତିରୁ ସୁଫଳ ପାଇବେ।

**କୁମ୍ଭ** – ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବା କାରଣରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। ଅଫିସରେ ସାଧାରଣ କଥାରେ ହଠାତ୍ କଳହ ସୃଷ୍ଟି ହୋଇପାରେ। ଧନହାନି, ପରିବହନରେ ତର୍କବିତର୍କ ଓ ସାଧାରଣ କଥାକୁ କେନ୍ଦ୍ରକରି ପାଟିତୁଣ୍ଡ ଲାଗି ରହିବ। କଳା, କ୍ରୀଡା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମୀନ** – ମାନସିକ ସ୍ଥିତି ପ୍ରାୟତଃ ଭଲ ରହିବ। କଅଁଳ କଥା କହି ଅସଜଡ଼ା ପରିସ୍ଥିତିକୁ ସଜାଡ଼ି ନେବେ। ବାଣିଜ୍ୟ, ବ୍ୟବସାୟ, ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ, ନଚେତ୍ ସମସ୍ୟା ଉପୁଜିପାରେ। କୌଣସି ଅପରିଚିତ ବ୍ୟକ୍ତିଙ୍କୁ ବିଶ୍ୱାସ କରି ଖାଲରେ ପଡ଼ିପାରନ୍ତି। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରିବେ।

ଆଜି ଆଶ୍ୱିନ କୃଷ୍ଣ ଦ୍ୱିତୀୟା ଯୁକ୍ତ ତୃତୀୟା ଗୁରୁବାର, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ସେପ୍ଟେମ୍ବର୨୭ ତାରିଖ,ବିଶ୍ୱପର୍ଯ୍ୟଟନ ଦିବସ, ରାଶିନକ୍ଷତ୍ର-ଅଶ୍ୱିନୀ/ମେଷ, ମେଷ ରାଶିର ଘାତଚନ୍ଦ୍ର, ତୃତୀୟାର ଶ୍ରାଦ୍ଧ, ଦିବା ଘ୧୦।୧୧ମି. ଗତେ ଘ୧୧।୪୧ମି. ମଧ୍ୟେ, ଘ୧।୧୧ମି. ଗତେ ଘ୨।୪୧ମି. ମଧ୍ୟେ ଅମୃତବେଳା। ଦିବା ଘ୭।୧୧ମି. ମଧ୍ୟେ ଘ୧୧।୪୧ମି. ଗତେ, ଘ୧।୧୦ମି. ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ନ ଘ୧।୦୭ମି. ଗତେ ଘ୨।୩୭ମି. ମଧ୍ୟେ ରାହୁକାଳ।



ଆମେରିକା ଚାଲଷ୍ଟନ କାଉଣ୍ଟି ସ୍କୁଲରେ ଘଟିଛି ଏକ ଅଭାବନୀୟ ଘଟଣା। ୨୭ ବର୍ଷ ବୟସ୍କା ଜେନିଫର ଓଲାଜିରେ-ଆରୋ ନାମକ ଜଣେ ଗଣିତ ଶିକ୍ଷୟିତ୍ରୀ ୧୭ ବର୍ଷ ବୟସ୍କ ଛାତ୍ରଙ୍କ ସହ ଶାରୀରିକ ସମ୍ପର୍କ ରକ୍ଷା କରିବାକୁ ବାଧ କରିଥିଲେ। ଏଥିରେ ଛାତ୍ର ଜଣକ ରାଜି ନ ହେବାରୁ ତାଙ୍କର ନମ୍ବର ୯୮ ପରିବର୍ତ୍ତେ ୮୯ କରି ଦେଇଥିଲେ। ଏନେଇ ଛାତ୍ର ଏବଂ ତାଙ୍କ ମାତା ଦକ୍ଷିଣ କାରୋଲିନା ପୋଲିସକୁ ଜଣାଇଥିଲେ। ପୋଲିସ ତଦନ୍ତ କରି ଶିକ୍ଷୟିତ୍ରୀଙ୍କୁ ଗିରଫ କରିଛି।




## ■ ଚେନ୍ନାଇରେ ଓଡ଼ିଶା ନିବେଶକ ସମ୍ମିଳନୀ

# ହସ୍ପିଟାଲ ପ୍ରକଳ୍ପ ପ୍ରତି ନିବେଶକ ଆଗ୍ରହୀ

**ଭୁବନେଶ୍ୱର, ୨୬।୯(ବ୍ୟୁରୋ)**




ଚେନ୍ନାଇରେ ଅନୁଷ୍ଠିତ ଓଡ଼ିଶା ନିବେଶ ସମ୍ମିଳନୀରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟମାନେ।

ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ ୨୦୧୮ ଅଧୀନରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଚେନ୍ନାଇରେ ଭାରତୀୟ ବାଣିଜ୍ୟ ଓ ଶିଳ୍ପ ସଂଘ(ଏଫଆଇସିସିଆଇ) ସହଯୋଗରେ ବୁଧବାର ନିବେଶକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟରେ ହସ୍ପିଟାଲ ପ୍ରକଳ୍ପରେ ପୁଞ୍ଜି ନିବେଶ ଲାଗି ନିବେଶକମାନେ ଆଗ୍ରହ ପ୍ରକାଶ କରିଛନ୍ତି। ଗତ ଦିଲ୍ଲୀ ରୋଡ୍ ଶୋ'ରେ ନିବେଶ ପାଇଁ ଆଗ୍ରହ ଦେଖାଇଥିବା ଆପୋଲୋ, କାବେରୀ, ଡକ୍ଟର ଆଇ ଇନଷ୍ଟିଚ୍ୟୁଟ୍, ମେଡାଲମଙ୍ଗ ଆଦି ସ୍ୱାସ୍ଥ୍ୟ ସେବା କମ୍ପାନୀ ସହିତ ଆଲୋଚନା ହୋଇଥିଲା। ବୁଧବାର ମାକ୍ସ ହେଲ୍‌ଥକେୟାର, ମଣିପାଲ ଗ୍ରୁପ୍, ଗ୍ଲୋବାଲ ହେଲ୍‌ଥକେୟାର, ଭିପିଏସ୍ ହେଲଥ୍ କେୟାର, ଯଶୋଦା ହସ୍ପିଟାଲ, ସିଗ୍‌ନସ ମେଡିକେୟାର ଆଦି ୫୨ରୁ ଅଧିକ କମ୍ପାନୀ ସହିତ ଆଲୋଚନା ହୋଇଥିଲା। ଏଥିରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବା କ୍ଷେତ୍ରର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଘରୋଇ ସରକାରୀ ସହଭାଗିତା(ପିପିପି)ରେ ରାଜ୍ୟ ସରକାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିକାଶ ପାଇଁ ଉଦ୍ୟମ ଜାରି ରଖିଛନ୍ତି।

> ■ ୨୫ ସ୍ଥାନରେ ୨୯୦୦ ଶଯ୍ୟାର ହସ୍ପିଟାଲ ନିର୍ମାଣ ହେବ
>
> ■ ୧୩୦୦ କୋଟି ନିବେଶ କରାଯିବ
>
> ■ ଝାରସୁଗୁଡ଼ାରେ ନିର୍ମାଣ ହେବ କ୍ୟାନ୍‌ସର ହସ୍ପିଟାଲ

ରାଜ୍ୟର ପ୍ରମୁଖ ଜିଲାଗୁଡ଼ିକରେ ଏହା କାର୍ଯ୍ୟକାରୀ ହେବ। ରାଜ୍ୟ ସରକାରଙ୍କ ୨୦୧୬ ହେଲ୍‌ଥକେୟାର ନିବେଶକ ବିକାଶ ନୀତି ଅନୁସାରେ ଏହା କାର୍ଯ୍ୟକାରୀ ହେବ ବୋଲି ମନ୍ତ୍ରୀ ଜେନା କହିଛନ୍ତି।

ଓଡ଼ିଶାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିପୁଳ ସୁଯୋଗ ରହିଛି। ରାଜ୍ୟର ୨୫ଟି ସ୍ଥାନରେ ୧,୩୦୦ କୋଟି ଟଙ୍କା ନିବେଶ ସହାୟତାରେ ୨,୯୦୦ ଶଯ୍ୟାର ନୂତନ ହସ୍ପିଟାଲ ନିର୍ମାଣର ପ୍ରସ୍ତାବ ରହିଛି। ଏହାଦ୍ୱାରା ଆସନ୍ତା କିଛିବର୍ଷ ମଧ୍ୟରେ ଛୋଟ ସହରରେ ମଧ୍ୟ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ଉପଲବ୍ଧ ହୋଇପାରିବ। ରାଜ୍ୟରେ ୧୦,୦୦୦ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହୋଇପାରିବ ବୋଲି ମନ୍ତ୍ରୀ କହିଛନ୍ତି। ଏଥିସହିତ ରାଜ୍ୟର ଆର୍ଥିକ ଅନଗ୍ରସର ପରିବାର ବିନା ମୂଲ୍ୟରେ ଚିକିତ୍ସା ସୁଯୋଗ ପାଇପାରିବେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସକେୱାଇ) ଅନ୍ତର୍ଗତ ଏହା କାର୍ଯ୍ୟକାରୀ ହେବ। ଏହି ଯୋଜନା ଅନୁସାରେ ଝାରସୁଗୁଡ଼ାରେ ପିପିପି ମୋଡ୍‌ରେ କ୍ୟାନ୍‌ସର ହସ୍ପିଟାଲ ନିର୍ମାଣ ହେବ। ଫଳରେ ପଶ୍ଚିମ ଓଡ଼ିଶାର ୮୩ ଲକ୍ଷ ଲୋକଙ୍କୁ କ୍ୟାନ୍‌ସର ଚିକିତ୍ସା ସେବା ମିଳିପାରିବ। ଘରୋଇ ନିବେଶକଙ୍କୁ ରକ୍ଷଣାବେକ୍ଷଣ ଏବଂ ପରିଚାଳନା ଦାୟିତ୍ୱ ଦିଆଯିବ। ଏ କ୍ଷେତ୍ରରେ ଆପୋଲୋ ହସ୍ପିଟାଲ, କେୟାର ହସ୍ପିଟାଲ, ଆମ୍ରି ହସ୍ପିଟାଲ, ଏଲଭି ପ୍ରସାଦ ଆଇ ଇନଷ୍ଟିଚ୍ୟୁଟ୍, ସନ୍‌ସାଇନ୍ ହସ୍ପିଟାଲ ଆଦି ଜାତୀୟସ୍ତରୀୟ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ହସ୍ପିଟାଲ ରହିଛନ୍ତି। ଏହି ନିବେଶକ ସମ୍ମିଳନୀରେ ରାଜ୍ୟ ପିପିପି ଏବଂ ପିଏମ୍, ପିଆଣ୍ଡସି ବିଭାଗ ସଚିବ ପ୍ରଦୀପ ଜେନା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା, ଓଏସ୍‌ଏମ୍‌ସିଏଲ୍ ପରିଚାଳନା ନିର୍ଦ୍ଦେଶକ ଅର୍ଚ୍ଚନା ପଟ୍ଟନାୟକଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ଲାଞ୍ଚ ନେଇ ଇନ୍ଦ୍ରାବତୀ ପ୍ରକଳ୍ପ ଅମିନ ଗିରଫ

**କଟକ ଅଫିସ/ଲଡୁଗାଁ, ୨୬।୯(ଡି.ଏନ୍.ଏ.)**

୩୦ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ କଳାହାଣ୍ଡି ଜିଲା କୁସୁମଖୁଣ୍ଟିସ୍ଥିତ ଉପର ଇନ୍ଦ୍ରାବତୀ ପ୍ରକଳ୍ପର ଅମିନ ତୋଫାନ କୁମାର ମହନ୍ତ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ବୁଧବାର ସେ ଏହି ଲାଞ୍ଚ କଳାହାଣ୍ଡି ଜିଲା ଜୟପାଟଣା ଅଞ୍ଚଳର କ୍ଷୀରସିନ୍ଧୁ ପାଣିଗ୍ରାହୀଙ୍କଠାରୁ ଗ୍ରହଣ କରୁଥିଲେ। ଇନ୍ଦ୍ରାବତୀ ପ୍ରକଳ୍ପ ନିମନ୍ତେ କ୍ଷୀରସିନ୍ଧୁଙ୍କଠାରୁ ସରକାର ଜମି ଅଧିଗ୍ରହଣ କରିଥିଲେ। ଜମି କ୍ଷତିପୂରଣ ବାବଦକୁ କ୍ଷୀରସିନ୍ଧୁ ସରକାରଙ୍କଠାରୁ ୧୦ ଲକ୍ଷ ୧୩ ହଜାର ୨୧୯ ଟଙ୍କା ପାଇବା କଥା। ଏଥିପାଇଁ ସେ ଇନ୍ଦ୍ରାବତୀ ପ୍ରକଳ୍ପର ଜମି ଅଧିଗ୍ରହଣ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଅମିନ ମହନ୍ତଙ୍କୁ ଭେଟିଥିଲେ। ମାତ୍ର ମହନ୍ତ ଏଥିପାଇଁ ୩୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ବୁଧବାର ପୂର୍ବାହ୍ନ ୧୧ଟା ୪୦ରେ ଅମିନ ମହନ୍ତ କୁସୁମଖୁଣ୍ଟି ନିକଟ ମୋଟର ଛକଠାରେ କ୍ଷୀରସିନ୍ଧୁଙ୍କଠାରୁ ୩୦ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବାବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ଏହା ପରେ ତାଙ୍କ ସରକାରୀ କ୍ୱାର୍ଟର, ମୟୂରଭଞ୍ଜ ଜିଲା ବାରିପଦା ରାଜାବସା ନିକଟରେ ଥିବା ଘର ଆଦିକୁ ଭିଜିଲାନ୍ସ ଯାଞ୍ଚ କରିଛି। ଏ ସଂକ୍ରାନ୍ତରେ କୋରାପୁଟ ଭିଜିଲାନ୍ସ ଥାନାରେ ୨୧/୧୮ରେ ଏକ ମାମଲା ରୁଜୁ କରାଯାଇ ଅମିନ ମହନ୍ତଙ୍କୁ ଗିରଫ କରାଯାଇଛି।










**THE MAYURBHANJ CENTRAL CO-OPERATIVE BANK LTD.**
BARIPADA, ODISHA
Fax No. 06792-254844,
Email : secymccb@rediffmail.com
Website : www.mccbank.org.in
**Notification No. 2502** **Date : 25.09.2018**

The Mayurbhanj Central Co-operative Bank Ltd., Baripada seeks offers from Security Agencies for deployment of Seven Nos. of guards / Support Staff and one Electirician at the Branches / Head Office of the Bank.
The offer alongwith terms and conditions should reach the undersigned within seven days from the date of publication of notification.
The Bank reserve the right to accept / reject the offers without assigning any reason thereof.
By order of the Committee of Management.
**Sd./- Chief Executive Officer**




# ୨୮ରେ ୨୨ହଜାର ଔଷଧ ଦୋକାନରେ ତାଲା ଝୁଲିବ

**ଭୁବନେଶ୍ୱର, ୨୬।୯(ବ୍ୟୁରୋ)**

ଅନ୍‌ଲାଇନରେ ଔଷଧ ବିତରଣ ପ୍ରତିବାଦରେ ଆସନ୍ତା ୨୮ ତାରିଖରେ ସାରା ଦେଶରେ ୨୪ ଘଣ୍ଟା ଧରି ସମସ୍ତ ଔଷଧ ଦୋକାନ ବନ୍ଦ ରହିବ। ଅଖିଳ ଭାରତୀୟ ଔଷଧ ବ୍ୟବସାୟୀ ମହାସଂଘ ପକ୍ଷରୁ ଦିଆଯାଇଥିବା ଔଷଧ ବ୍ୟବସାୟ ବନ୍ଦ ଡାକରାକୁ ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନ୍ (ୟୁସିଡିଏ) ସମର୍ଥନ କରିଛି। ଫଳରେ ରାଜ୍ୟର ୨୨ହଜାର ଔଷଧ ଦୋକାନରେ ତାଲା ଝୁଲିବ। ତେବେ ବନ୍ଦ ସମୟରେ ଜରୁରିକାଳୀନ ସେବାକୁ ଦୃଷ୍ଟିରେ ରଖି ସରକାରୀ ଓ ବେସରକାରୀ ଡାକ୍ତରଖାନା ପରିସରରେ ଥିବା ଔଷଧ ଦୋକାନଗୁଡ଼ିକ ଖୋଲା ରହିବ। ବୁଧବାର ୟୁନିଟ୍-୪ସ୍ଥିତ ଅଟଳ ଭବନଠାରେ ୟୁସିଡିଏ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ୟୁସିଡିଏର ସମ୍ପାଦକ ବନୋଜ ଜେନା କହିଛନ୍ତି, ଇ-ଫାର୍ମାସୀ ତଥା ଅନ୍‌ଲାଇନରେ ଔଷଧ ବିତରଣକୁ ବିରୋଧ କରି ଏହି ବନ୍ଦ ଡାକରା ଦିଆଯାଇଛି। ସରକାରଙ୍କ ନିଷ୍ପତ୍ତି ବିରୋଧରେ ମେଡିଶିନ ଷ୍ଟୋର ବନ୍ଦ ରଖିବା ପାଇଁ ନିଷ୍ପତ୍ତି ହୋଇଛି। ସଂଘର ସଦସ୍ୟ ହୃଷିକେଷ ମିଶ୍ର, ଗିରିଜା ପ୍ରସାଦ ରଥଙ୍କ ସୂଚନା ଅନୁସାରେ, କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ୱେବ୍‌ପୋର୍ଟାଲ ମାଧ୍ୟମରେ ଔଷଧ ବିତରଣ ଏବଂ ବିକ୍ରି ଆଦି ପାଇଁ ଅଧିସୂଚନା ଜାରି କରିଥିଲେ। ଏବେ ସମସ୍ତ ଔଷଧ ବିକ୍ରି ଅନଲାଇନ୍ କରିଦିଆଯାଇଛି। ଏହି ଅନ୍‌ଲାଇନ ବ୍ୟବସ୍ଥା ଦ୍ୱାରା ବଡ ବ୍ୟବସାୟୀମାନେ କେନ୍ଦ୍ର ସରକାରଙ୍କ ଔଷଧ ବିତରଣ ଆଇନକୁ ଖୋଲାଖୋଲି ଉଲ୍ଲଂଘନ କରିଚାଲିଛନ୍ତି। ସୋସିଆଲ ମିଡିଆରେ ବିଜ୍ଞାପନ ସହ ପ୍ରଚାର ଚଲାଇ ଲୋକଙ୍କ ଜୀବନସହ ଖେଳ ଖେଳୁଛନ୍ତି। ଏହା ପ୍ରତିବାଦରେ ସଂଘ ରାସ୍ତାକୁ ଓହ୍ଲାଇବା ପାଇଁ ନିଷ୍ପତ୍ତି ନେଇଛି। ଆଗାମୀ ଦିନରେ ସରକାର ଯଦି ଏ ଦିଗରେ ଦୃଷ୍ଟି ନ ଦିଅନ୍ତି ତେବେ ସଂଘ ଅନିର୍ଦ୍ଦିଷ୍ଟ କାଳ ପାଇଁ ଔଷଧ ଦୋକାନ ବନ୍ଦ ରଖିବାକୁ ପଛାଇବ ନାହିଁ ବୋଲି ଅଖିଳ ଭାରତୀୟ ଔଷଧ ବ୍ୟବସାୟୀ ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।







**କମିଟି ଗୋଲ୍‌ଡେନ୍ ଫରେଷ୍ଟ୍‌ସ (ଇଣ୍ଡିଆ) ଲିମିଟେଡ୍**

**ନିବେଶକମାନଙ୍କ ପାଇଁ ନୋଟିସ**

ଭାରତର ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ୩୦ ଜୁଲାଇ ୨୦୧୮ ତାରିଖର ନିର୍ଦ୍ଦେଶ ସମେତ ପଠନ ପୂର୍ବକ ୫ ସେପ୍ଟେମ୍ବର ୨୦୧୮ର ଆଦେଶ ମାଧ୍ୟମରେ ଜିଏଫ୍‌ଆଇଏଲ୍ ଓ ଜିପିଏଲ୍‌ର ନିବେଶକମାନଙ୍କୁ ପ୍ରଧାନ ଅର୍ଥରାଶିର ୭୦% ବଣ୍ଟନ କରିବା ସଂକ୍ରାନ୍ତରେ ନିର୍ଦ୍ଦେଶ ଦେଇଥିଲେ।
''ଏହି ପରିସ୍ଥିତିରେ, ଆମେ ନିର୍ଦ୍ଦେଶ ଦେଉଛୁ ଯେ ସାତ ଶହ କୋଟି ଟଙ୍କା ମଧ୍ୟରୁ ପ୍ରଧାନ ଅର୍ଥରାଶିର ୭୦% ପ୍ରତ୍ୟେକ ନିବେଶକଙ୍କୁ ବଣ୍ଟନ କରାଯିବ, ଯେଉଁମାନଙ୍କ ଦାବି କମିଟି ଦ୍ୱାରା ପ୍ରାପ୍ତ ହୋଇଛି....''
ଉପରୋକ୍ତ ନିର୍ଦ୍ଦେଶାବଳୀ ଅନୁଯାୟୀ, କମିଟି ଜିଏଫ୍‌ଆଇଏଲ୍ ନିବେଶକମାନଙ୍କୁ ଅର୍ଥରାଶି ବଣ୍ଟନ କରିବା ପାଇଁ ଏକ ଏଜେନ୍ସିର ସେବା ନିୟୋଜିତ କରିଛି। ନିବେଶକମାନଙ୍କୁ ଏହି ନୋଟିସ ମାଧ୍ୟମରେ ସୂଚିତ କରାଯାଉଛି ଯେ ସମସ୍ତ ଅର୍ଥ ବଣ୍ଟନ ଲାଗି ଯୋଗ୍ୟ ଦାବିଦାରଙ୍କ ପାଇଁ ୱେବ୍‌ପୋର୍ଟାଲ୍ କମିଟିର ୱେବ୍-ସାଇଟ୍: www.goldenforestcommittee.comରେ ୧ ଅକ୍ଟୋବର, ୨୦୧୮ ଦିନ ଖୋଲିବ ଏବଂ ୩୧ ଅକ୍ଟୋବର ୨୦୧୮ ଦିନ ବନ୍ଦ ହେବ। କମିଟି ଡାକ ଯୋଗେ ବ୍ୟକ୍ତିଗତ ନୋଟିସ ପଠାଇବ ନାହିଁ।
*୨୬।୦୯।୨୦୧୮* *କମିଟି ଗୋଲ୍‌ଡେନ୍ ଫରେଷ୍ଟ୍‌ସ (ଇଣ୍ଡିଆ) ଲିମିଟେଡ୍, ଚଣ୍ଡିଗଡ଼*

# ବିପଦରେ ଗଧବଂଶ



## ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ପ୍ରତି କିଛି ବର୍ଷ ବ୍ୟବଧାନରେ ଚାଇନିଜ୍‌ମାନେ ଗୋଟିଏ ପ୍ରାଣୀ ସମ୍ପର୍କରେ ଧରିନେଇ ଥାଆନ୍ତି ଯେ ଏହି ପ୍ରାଣୀର ମାଂସ ଓ ଅଙ୍ଗପ୍ରତ୍ୟଙ୍ଗ ସାଧାରଣ ବ୍ରଣରୋଗଠାରୁ ଆରମ୍ଭ କରି କ୍ୟାନ୍‌ସର ପର୍ଯ୍ୟନ୍ତ ଭଲ କରିପାରିବ। ସେହି ପ୍ରାଣୀଟି ପୃଥିବୀର ଯେଉଁ ସ୍ଥାନରେ ମିଳୁ, ସେଥିରେ କିଛି ଯାଏ ଆସେ ନାହିଁ। ହୋଇଥାଉ ନା କାହିଁକି ସେ ମେକ୍ସିକୋର ଏକ ହ୍ରଦରେ ମିଳୁଥିବା ଏକ ମାଛ। ଚାଇନିଜ୍‌ମାନେ ଏହି ମାଛର ସ୍ୱିମ୍ ବ୍ଲାଡର ଆବଶ୍ୟକ କରୁଥିବାରୁ ଉକ୍ତ ମାଛମାନେ ଏକ ପ୍ରକାର ଲୋପ ପାଇଗଲେଣି। ସେହିପରି ଗଣ୍ଡା ନାକର ବାଳ (ଏହି ଗଣ୍ଡାଙ୍କ ଗୋଟିଏ ପ୍ରଜାତି ଚଳିତବର୍ଷ ପୂରା ଲୋପ ପାଇଯାଇଛନ୍ତି ଏବଂ ଆଉ ଗୋଟିଏ ପ୍ରଜାତିର ଅଳ୍ପ କେଇ ଶହ ମାତ୍ର ବଞ୍ଚିଛନ୍ତି), ଭାରତୀୟ ଭାଲୁଙ୍କ ଅଗ୍ନ୍ୟାଶୟ, ବଜ୍ରକାପ୍ତାଙ୍କ କାତି ଇତ୍ୟାଦିକୁ ଚାଇନିଜ୍‌ମାନେ ତାଙ୍କ ପାରମ୍ପରିକ ଔଷଧରେ ବ୍ୟବହାର କରନ୍ତି। ବଜ୍ରକାପ୍ତାଙ୍କ କାତିରୁ ତିଆରି ଔଷଧ ଅତିଶୟ ଭୟ ଓ ଉନ୍ମାଦ ରୋଗରେ ପିଲାମାନେ କାନ୍ଦିବା, ମହିଳାମାନଙ୍କ ଦେହରେ ଭୂତ ଲାଗିବା, ମ୍ୟାଲେରିଆ ଜ୍ୱର ଓ ବଧିରତା ଆଦି ଭଲ କରିପାରେ ବୋଲି ସେମାନେ ଦାବି କରନ୍ତି। ଭାରତ ସମେତ ଅନେକ ଦେଶର କେତେକ ପ୍ରାଣୀଙ୍କୁ ଚାଇନିଜ୍‌ମାନେ ପୂରା ଲୋପ କରିସାରିଲେଣି। ଚାଇନିଜ୍‌ମାନଙ୍କ ଚାହିଦା ଲାଗି ଭାରତରେ ବାଘ ଓ ଶାର୍କ ଶିକାର କରାଯାଉଛି। ଆଫ୍ରିକାର ହାତୀବଂଶ ଏକ ପ୍ରକାର ଲୋପ ପାଇଗଲେଣି ଏବଂ ଚାଇନାର କାମୋତ୍ତେଜକ ବସ୍ତୁ ଲୋଭୀ (fetish–es)ମାନଙ୍କ ପାଇଁ ଅଷ୍ଟ୍ରେଲିଆ ନିୟୁତ ନିୟୁତ ଦେଶୀ ପକ୍ଷୀଙ୍କୁ ହରାଉଛି। ଏହି ପକ୍ଷୀଙ୍କୁ ଚାଇନିଜ୍‌ମାନେ ନେଇ ପଞ୍ଜୁରିରେ ରଖି ନିଜର ବାସନା ପୂରଣ କରିଥାନ୍ତି। ଆବେଲୋନୀ (ଏକ ପ୍ରକାର ସାମୁଦ୍ରିକ ଶମ୍ବୁକ ଜାତୀୟ ପ୍ରାଣୀ) ଶୁଖୁଆ ହେଉଛି ଚାଇନାର ଏକ ମର୍ଯ୍ୟାଦାଜନକ ଖାଦ୍ୟ, ଯାହା ଏକ ପାଉଣ୍ଡ (ପ୍ରାୟ ୪୫୩.୬ ଗ୍ରାମ୍) ପିଛା ୯୦ ଡଲାରରେ ବିକ୍ରି ହୁଏ। ଏହାର ଚୋରା କାରବାର ଫଳରେ ଦକ୍ଷିଣ ଆଫ୍ରିକାରେ କଳାଧନର ଏକ ଭଣ୍ଡାର ସୃଷ୍ଟି ହେଉଛି। ମନି ଲଣ୍ଡରିଂ ଓ ଡ୍ରଗ୍ କାରବାର ସହ ମଧ୍ୟ ଏହାର ସମ୍ପର୍କ ରହିଛି। ସବାଖିଆ ଚାଇନିଜ୍‌ମାନେ ନିଜ ଦେଶରେ ପ୍ରାୟ ସବୁ ପ୍ରାଣୀଙ୍କୁ ମାରି ଖାଇ ସାରିବା ପରେ ପରିବେଶ ପ୍ରତି ସଚେତନ ଦେଶଗୁଡ଼ିକ ଉପରେ ଆଖି ପକାଇଛନ୍ତି।

ବର୍ତ୍ତମାନ ପାଳି ପଡ଼ିଛି ଗଧର। ଗଧ ଚମଡ଼ାରୁ ସେମାନେ ଜେଲାଟିନ୍ ପ୍ରସ୍ତୁତ କରୁଛନ୍ତି। ପୁରୁଣା ଚାଇନିଜ୍ ଔଷଧରେ ଏକ ନୂଆ ଉପାଦାନ ଭାବେ ସେମାନେ ଏହାକୁ ବ୍ୟବହାର କରୁଛନ୍ତି। ଏହି ଉପାଦାନକୁ କୁହାଯାଉଛି ଏଜିଆଓ। ଏହି ଜେଲାଟିନ୍‌କୁ ୩–୪ ଇଞ୍ଚର ଚତୁଷ୍କୋଣାକାର ଖଣ୍ଡ ଆକାରରେ ବିକ୍ରି କରାଯାଏ। ଏହା କଠିନ, ଭଙ୍ଗୁର, ବାଦାମୀ ଓ ଉଜ୍ଜ୍ୱଳ, ସ୍ୱଚ୍ଛ ଏବଂ ଶୁଖିଲା ଅଠା ପରି ଈଷତ୍ ମିଠା। ଏହା ରକ୍ତକୁ ସମୃଦ୍ଧ କରିବା (ସେଥିରୁ ଯାହା ବି ବୁଝିପାରନ୍ତି), ଅସ୍ଥିକୁ ମଜଭୁତ କରିବା ସହ ମୁଣ୍ଡବୁଲା, ରକ୍ତହୀନତା, ନିଦ୍ରାହୀନତା, କ୍ୟାନ୍‌ସର ପ୍ରଭୃତି ଭଲ କରେ ବୋଲି ଦାବି କରାଯାଏ। ପୁଣି ଏହା ଗର୍ଭସ୍ରାବକୁ ରୋକିବା ସହ ରକ୍ତସ୍ରାବକୁ ବନ୍ଦ କରିବା, ଶୁଖିଲା କାଶ ଭଲ କରିବା, ଯକୃତ, ଫୁସ୍‌ଫୁସ୍ ଓ ବୃକ୍କର କ୍ରିୟାରେ ସାହାଯ୍ୟ କରିବା, କ୍ଳାନ୍ତି ଦୂର କରିବା, ପୁରୁଣା ହଇଜା ଭଲ କରିବା, ବିଭିନ୍ନ ଭୟ ଓ ଅଭିଭୂତି ଦୂର କରିବା, ଉଦ୍‌ବିଗ୍ନତା ଦୂର କରିବା ଇତ୍ୟାଦିରେ ସାହାଯ୍ୟ କରେ ବୋଲି ବିଶ୍ୱାସ କରାଯାଏ। ଚାଇନିଜ୍‌ମାନେ ମଧ୍ୟ ଗଧ ଚମଡ଼ାରୁ ପ୍ରସ୍ତୁତ ଅଠାକୁ ଜଳଖିଆରେ ମିଶାଇ ଖାଆନ୍ତି। ଏହାକୁ କୁହାଯାଏ ଗୁ ୟୁଆନ୍ ଗାଓ। ଏଜିଆଓକୁ ମଦରେ ମିଶାଯାଏ। ଏହାକୁ କ୍ରିମ୍ ସହ ମିଶାଇ ଖାଇଲେ ପାଦ ଘାଆ ଭଲ କରିବା, ବୟସ ଚିହ୍ନ ଦୂର ହେବା ସହ ଏହା ଗାଲ ଓ ଚମଡ଼ାକୁ ଉଜ୍ଜ୍ୱଳ କରେ ବୋଲି ବିଶ୍ୱାସ କରାଯାଏ। କିନ୍ତୁ ଏ ସବୁ କେବଳ ଅନ୍ଧବିଶ୍ୱାସ ଛଡ଼ା ଆଉ କିଛି ନୁହେଁ। ଐତିହାସିକ ତଥ୍ୟ ଅନୁଯାୟୀ ଏଜିଆଓ ଜେଲାଟିନ୍ କଥା କୁଆଡ଼େ ଶେନ୍ ନଙ୍ଗଙ୍କ ମେଟେରିଆ ମେଡ଼ିକାରେ ଅଛି, ଯାହା କିନ୍ (ଖ୍ରୀଷ୍ଟପୂର୍ବ ୨୨୧ରୁ ୨୦୬) ଏବଂ ହାନ୍ (ଖ୍ରୀଷ୍ଟପୂର୍ବ ୨୦୬ରୁ ୨୨୦ ଖ୍ରୀଷ୍ଟାବ୍ଦ) ରାଜବଂଶ ଅମଳରେ ଲେଖାଯାଇଥିଲା। ସେତେବେଳେ ଏଜିଆଓ ଯେକୌଣସି ପ୍ରାଣୀ ଚମଡ଼ାରୁ ପ୍ରସ୍ତୁତ ହେଉଥିଲା। କିନ୍ତୁ ଚାଇନାର ଫାର୍ମାକୋପିଆ କେବଳ ଗଧ ଚମଡ଼ାରୁ ପ୍ରସ୍ତୁତ ଜେଲାଟିନ୍‌କୁ ଏକମାତ୍ର ଏଜିଆଓ ଉପାଦାନ ଭାବେ ସ୍ୱୀକୃତି ଦେଇଛି। ୧୯୯୦ ଦଶକରେ ଏଜିଆଓକୁ ଏକ ଖାଉଟି ଉପାଦାନ ଓ ସୌନ୍ଦର୍ଯ୍ୟ ଉତ୍ପାଦ ଭାବେ ଗ୍ରହଣ କରାଗଲା। ସେଥିପାଇଁ ଗଧ ଚମଡ଼ାର ଚାହିଦା ହୁହୁ ବଢ଼ିଚାଲିଲା। ଫଳରେ ଚାଇନାରେ କୋଟି କୋଟି ଗଧଙ୍କୁ ହତ୍ୟା କରାଗଲା। ଗଧସଂଖ୍ୟା ଅତି ନଗଣ୍ୟ ସ୍ତରକୁ ଚାଲିଆସିଲା। ଗଧ ଚମଡ଼ା ବିରଳ ଓ ବ୍ୟୟବହୁଳ ହୋଇଗଲା– କିଲୋ ପ୍ରତି ଦର ୩୦୦ ପାଉଣ୍ଡ ପର୍ଯ୍ୟନ୍ତ। ଚାଇନାରେ ବିଦେଶରୁ ପ୍ରାଣୀ ଚମଡ଼ା ଆମଦାନି କରିବାରେ ମଧ୍ୟ କଟକଣା ଥିଲା। ତେଣୁ ବ୍ୟବସାୟୀମାନେ ପ୍ରଥମେ ସରକାରଙ୍କ ଉପରେ ଚାପ ପକାଇ ତା' ଉପରୁ କଟକଣା ଉଠାଇଦେଲେ। ତା'ପରେ ମଙ୍ଗୋଲିଆ, ଆଫ୍ରିକା, ଦକ୍ଷିଣ ଆମେରିକା ପ୍ରଭୃତି ବିଭିନ୍ନ ଦେଶରୁ ଶିକାର କରି ସେମାନେ ଚମଡ଼ା ଆମଦାନି କରିବାକୁ ଲାଗିଲେ।

ଗତ ଦଶ ବର୍ଷ ଭିତରେ ସାରା ପୃଥିବୀରେ ଗଧ ଦାମ୍ ବ୍ୟାପକ ବୃଦ୍ଧି ପାଇଛି। ଆଫ୍ରିକୀୟ ଦେଶଗୁଡ଼ିକରେ ଆଉ ପ୍ରାୟ ଗଧ ନାହାନ୍ତି। ଉଗାଣ୍ଡା, ତାଞ୍ଜାନିଆ, ବଟ୍‌ସ୍ୱାନା, ନାଇଜର, ବୁରକିନା ଫାସୋ, ମାଲି ଓ ସେନେଗାଲ ନିଜ ଦେଶରୁ ଚାଇନାକୁ ଗଧ ରପ୍ତାନି କରିବା ଉପରେ ନିଷେଧାଦେଶ ଲଗାଇଛନ୍ତି। ତା' ସତ୍ତ୍ୱେ ଗଧ ବଧ କମିନାହିଁ। କଳାବଜାରରେ ଗଧ ଚମଡ଼ା ଏକ ଗରମାଗରମ ମାଲ ଭାବେ ବିବେଚିତ ହେଉଛି। ଚାଇନାର ଏଜେଣ୍ଟମାନେ ଗାଁ ଗାଁ ବୁଲୁଛନ୍ତି, ପ୍ରାଣୀମାନଙ୍କୁ ରାତିରେ ଚୋରି କରି ତାଙ୍କ ଚମଡ଼ା ଉତାରି ନେଇଯାଉଛନ୍ତି। ନଭେମ୍ବର ୨୦୧୭ରେ ଏପରି ଘଟଣାର ପ୍ରତ୍ୟକ୍ଷଦର୍ଶୀ ଫୁଟେଜ୍ (ଭିଡିଓ) ପ୍ରକାଶ ପାଇଛି।

ଭାରତ ମଧ୍ୟ ସେମାନଙ୍କ ବେଆଇନ କାମରୁ ବର୍ତ୍ତିପାରି ନାହିଁ। ଆପଣ କେତେ ବର୍ଷ ତଳେ ଗଧଟିଏ ଦେଖିଥିଲେ ? ଗତ ଦୁଇବର୍ଷ ଭିତରେ ଭାରତରେ ପ୍ରାୟ ୩ ନିୟୁତ ଗଧଙ୍କୁ ହତ୍ୟା କରାଯିବା ଫଳରେ ଗଧସଂଖ୍ୟା ପ୍ରାୟ ୪୦ ପ୍ରତିଶତ କମିଯାଇଛି। ଯେଉଁ ବନ୍ୟଜନ୍ତୁ ମାଫିଆ ଆଗରୁ ବାଘ ଚମଡ଼ା ଚୋରାଚାଲାଣ କରୁଥିଲେ, ସେମାନେ ଏବେ ଗଧ ଚମଡ଼ା ଚୋରା ଚାଲାଣ କରୁଛନ୍ତି। ଚାଇନାରେ ଏଜିଆଓ ବିକ୍ରି ପରିମାଣ ୨୦୦୮ରେ ୬.୪ ବିଲିୟନ ୟୁଆନରୁ ୨୦୧୬ରେ ୩୪୨.୨ ବିଲିୟନ ୟୁଆନକୁ ବୃଦ୍ଧି ପାଇଛି। ଚାଇନାର ଗଧ ସଂଖ୍ୟା ୧୯୯୦ରେ ୧୧ ନିୟୁତ ଥିବାବେଳେ ତାହା ଏବେ ୧ ନିୟୁତକୁ ହ୍ରାସ ପାଇଛି। ପ୍ରତିବର୍ଷ ଚାଇନାକୁ ବାହାର ଦେଶଗୁଡ଼ିକରୁ ୨ରୁ ୩ ନିୟୁତ ଗଧ ଚମଡ଼ା ଆସୁଛି ଏବଂ ବର୍ତ୍ତମାନ ସେମାନଙ୍କର ବାର୍ଷିକ ଚାହିଦା ହେଉଛି ୧୦ ନିୟୁତ। ଯେଉଁସବୁ ସ୍ଥାନରେ ଲୋକମାନେ ପରିବହନ କାମରେ ଗଧଙ୍କୁ ଲଗାଇ ଜୀବିକା ନିର୍ବାହ କରୁଥିଲେ, ବର୍ତ୍ତମାନ ଗଧମାନଙ୍କର ଆକାଶଛୁଆଁ ଦରବୃଦ୍ଧି ଯୋଗୁ ସେମାନେ ଆଉ ତାହା କରିପାରୁ ନାହାନ୍ତି। ତେଣୁ ସେମାନେ ଜୀବିକାର୍ଜନରୁ ବଞ୍ଚିତ ହେଉଛନ୍ତି। ଉଦାହରଣସ୍ୱରୂପ ବୁରକିନା ଫାସୋରେ ଗୋଟିଏ ଗଧର ଦାମ୍ ୨୦୧୪ରେ ୬୦ ପାଉଣ୍ଡ ଥିବାବେଳେ ୨୦୧୬ରେ ତାହା ୧୦୮ ପାଉଣ୍ଡରେ ପହଞ୍ଚିଛି। ନାଇଜରରେ ଗଧ ଦାମ୍ ୩୪ରୁ ୧୪୫ ପାଉଣ୍ଡକୁ ବୃଦ୍ଧି ପାଇଛି। କେନିଆରେ ଆହୁରି ଅଧିକା।

ଅନେକ ଦେଶରେ ମାଫିଆ ଗୋଷ୍ଠୀ ସୃଷ୍ଟି ହୋଇଛନ୍ତି। ବେଆଇନ ବା 'ବୁଶ୍' ସ୍ଲଟର (ଗଧଙ୍କୁ ଚୋରାଇ ନେଇ ମାରି ଚମଡ଼ା ଉତାରି ବୁଦା ଭିତରେ ଫୋପାଡ଼ିଦେବା) ଘଟଣା ଇଜିପ୍ଟ, ଦକ୍ଷିଣ ଆଫ୍ରିକା ଓ ତାଞ୍ଜାନିଆ, ବ୍ରାଜିଲ, ମେକ୍ସିକୋ ଓ ପେରୁ ପ୍ରଭୃତି ଅଞ୍ଚଳରେ ଘଟୁଥିବାର ରିପୋର୍ଟ ପ୍ରକାଶ ପାଉଛି। ଏହି ଗଧମାନେ ସାଧାରଣତଃ ପରିବହନ କାମରେ ଲାଗିଥାନ୍ତି। ସେମାନେ ବଜାରକୁ ଜିନିଷପତ୍ର ନେବା, ପାଣି ବୋହି ଆଣିବା ବା ପିଲାଙ୍କୁ ସ୍କୁଲ ନେବା ଆଣିବା କରିବା ଇତ୍ୟାଦି କାମରେ ଲାଗିଥାନ୍ତି। ଏମାନଙ୍କୁ ନେଇ ଜୀବିକା ନିର୍ବାହ କରୁଥିବା ଲୋକମାନେ ଜୀବିକା ହରାଇଥାନ୍ତି, କାରଣ ଗଧ ଚୋରିଗଲା ପରେ ଚଢ଼ା ଦାମ୍ ଯୋଗୁ ସେମାନେ ଆଉ ଗଧ କିଣିପାରି ନ ଥାନ୍ତି। ଚାଇନା ଏଭଳି ଗଧମାନଙ୍କ ଗଣହତ୍ୟା ଭଳି କାର୍ଯ୍ୟରୁ ନିବୃତ୍ତ ରହିବା ସକାଶେ ଅନ୍ୟ ଦେଶଗୁଡ଼ିକ ତଥା ଜାତିସଂଘ ତା' ଉପରେ ଚାପ ପ୍ରୟୋଗ କରିବା ଦରକାର।

Email: gandhim@nic.in

# ଓଡ଼ିଶାର ଜାଲିଆନାୱାଲାବାଗ୍



ଅଭୟ ସୂତାର

ସ୍ୱାଧୀନତା ସଂଗ୍ରାମ ଇତିହାସରେ ମହାତ୍ମା ଗାନ୍ଧୀଙ୍କ ଭାରତ ଛାଡ଼ ଆନ୍ଦୋଳନ ସର୍ବଶେଷ ଏବଂ ସର୍ବଶ୍ରେଷ୍ଠ ଆନ୍ଦୋଳନ ଭାବେ ଖ୍ୟାତିଲାଭ କରିଥିଲା, ବିଶ୍ୱ ଇତିହାସରେ ଯେଉଁ ବିପ୍ଳବର ପଟାନ୍ତର ନ ଥିଲା। ଗାନ୍ଧିଜୀଙ୍କ ଡାକରାରେ ସେତେବେଳେ ତେଜି ଉଠିଥାଏ ସାରା ଭାରତ। ଗାଁରୁ ସହର, ପଲ୍ଲୀରୁ ଜଙ୍ଗଲ ଓ ସମୁଦ୍ରରୁ ପାହାଡ଼ ପର୍ଯ୍ୟନ୍ତ ସମଗ୍ର ଅଞ୍ଚଳ ବିପ୍ଳବର ସ୍ୱର ଉତ୍ତୋଳନ କରି ବ୍ରିଟିଶ ବିରୋଧରେ ଚଳାଇଥାନ୍ତି ସଂଗ୍ରାମ। ସବୁଆଡ଼େ ସେହି ଗୋଟିଏ କଥା– କର ବା ମର।

କିଏ ଜାଣିଥିଲା, ଏ ପ୍ରତିଜ୍ଞା ଓଡ଼ିଶା ମାଟିର ଏକ ବଣଜଙ୍ଗଲ, ନଦୀନାଳଘେରା ଅନୁଚ୍ଚ ଅଖ୍ୟାତ ପଲ୍ଲୀ ଇରମର ଅନାମଧେୟ ନିରୀହ ଜନସାଧାରଣଙ୍କ ମନରେ ଶତସିଂହର ସାହସ ଭରିଦେଇ ଏକ ନୂଆ ଇତିହାସ ସୃଷ୍ଟି କରିବ ବୋଲି ? ବ୍ରିଟିଶ ଶାସନରେ ଇରମ କହିଲେ ଅବିଭକ୍ତ ବାଲେଶ୍ୱର ଜିଲା ବାସୁଦେବପୁର ଅନ୍ତର୍ଗତ ସହରଠୁ ବହୁ ଦୂରରେ ଥିବା ଏକ ନଇପଠା, ବଣଗୋହିରୀ ପରିବେଷ୍ଟିତ ଶାନ୍ତ, ଅଜ୍ଞାତ, ନଗଣ୍ୟ ପଲ୍ଲୀ ଅଞ୍ଚଳ, ଯେଉଁଠାରୁ ସ୍ୱତଃସ୍ଫୂର୍ତ୍ତ ଭାବେ ପ୍ରତିଧ୍ୱନିତ୍ୱ ହେଉଥିଲା– ଆମେ ଚାହୁଁ ପୂର୍ଣ୍ଣ ସ୍ୱାଧୀନତା। ଇରମର ମାଟି, ପାଣି, ପବନରେ ଆମେ ଗଢ଼ା ସତ୍ୟାଗ୍ରହୀ ସନ୍ତାନ। ମର୍‌ତେ ଡକ୍– ଲଢେଙ୍ଗେ ହମ୍।

## ୨୮।୯ ଇରମ ଶହୀଦ ଦିବସ ଉପଲକ୍ଷେ

ଜାତୀୟ କଂଗ୍ରେସର ଅସହଯୋଗ ଆନ୍ଦୋଳନଠାରୁ ଆରମ୍ଭ କରି ଐତିହାସିକ ଲାହୋର ଅଧିବେଶନରେ ଆଇନ ଅମାନ୍ୟ ଆନ୍ଦୋଳନର ସିଦ୍ଧାନ୍ତ ପ୍ରତିଧ୍ୱନିତ୍ୱ ହେଉଥିଲା ଏହି ଇରମରେ। ସ୍ୱାଧୀନତା ଆନ୍ଦୋଳନର ଇରମ ଥିଲା ଅନ୍ୟତମ ପ୍ରାଣକେନ୍ଦ୍ର। ବିପ୍ଳବର ଲେଲିହାନ ଶିଖା ଆସ୍ତେ ଆସ୍ତେ ତେଜି ଉଠୁଥାଏ ଇରମରେ ଏବଂ ଏଥିପାଇଁ ୧୯୪୨, ସେପ୍ଟେମ୍ବର ୨୮ ତାରିଖରେ ଇଂରେଜ ସରକାରଙ୍କ ବିରୋଧରେ ଏକ ବିରାଟ ସଭା ଆହୂତ ହେଲା। ନିରୀହ, ଶାନ୍ତ, ସରଳ, ଶୃଙ୍ଖଳିତ ସତ୍ୟାଗ୍ରହୀମାନେ ଅହିଂସା ମନ୍ତ୍ରରେ ଦୀକ୍ଷିତ ହୋଇ ମେଳନ ପଡ଼ିଆରେ ସମବେତ ହେଲେ। ଚାଲିଲା ବ୍ରିଟିଶ ବିରୋଧୀ ସ୍ଲୋଗାନ। ସଂଗ୍ରାମୀମାନଙ୍କର ଓଜସ୍ୱିନୀ ଏବଂ ଲୋମହର୍ଷଣକାରୀ ବକ୍ତବ୍ୟରେ ମେଳନ ପଡ଼ିଆର ବାୟୁମଣ୍ଡଳ ସରଗରମ ହେଉଥାଏ। ସମସ୍ତେ ଅତିଷ୍ଠ, ଅଶାନ୍ତ। ସମସ୍ତେ ଅନ୍ୟାୟ ବିରୋଧରେ ସଂଗ୍ରାମ ଭୂଇଁରେ ଅବତୀର୍ଣ୍ଣ। ସ୍ୱାଧୀନତାର ବାସ୍ନା ପାଇଁ ସମସ୍ତେ ପାଗଳ– କି ବୁଢ଼ା, କି ପିଲା, କି ନେତା, କି ଜନତା।

ହଠାତ୍ ଗୋଧୂଳି ଲଗ୍ନର ଲାଲିମା ମଳିନ ପଡ଼ିଗଲା। ଗୁଡୁମ୍ ଗୁଡୁମ୍ ଆୱାଜରେ ଇରମ ଭୂଇଁ ମୁହୂର୍ତ୍ତକ ମଧ୍ୟରେ ରକ୍ତାକ୍ତ ହୋଇଗଲା। ଆକାଶରେ ମେଘମାଳାର ବିଜୁଳି ଚମକ, ଗୁଳିର ଝଲକ ଲୋକମାନଙ୍କୁ କିଂକର୍ତ୍ତବ୍ୟବିମୂଢ଼ କରିଦେଲା। ଗୁଳିକାଣ୍ଡରେ ୨୯ ଜଣ ସଂଗ୍ରାମୀ ଟଳିପଡ଼ିଲେ, ୫୬ ଜଣ କ୍ଷତବିକ୍ଷତ ହେଲେ। ରକ୍ତସ୍ନାତ ମୃତଦେହ ଓ ଆହତଙ୍କର କରୁଣ କ୍ରନ୍ଦନ ବାୟୁମଣ୍ଡଳକୁ ଭାରାକ୍ରାନ୍ତ କରିଦେଲା। ପତିହରା ପତ୍ନୀ, ପୁତ୍ରହରା ମାତାଙ୍କର ସେହି କାଳରାତ୍ରିର ବୁକୁଫଟା କ୍ରନ୍ଦନ ଏବଂ ଆକୁଳ ଆର୍ତ୍ତନାଦ ଅତୀବ ମର୍ମସ୍ପର୍ଶୀ ଏବଂ ହୃଦୟବିଦାରକ। ବର୍ବରୋଚିତ ଗୁଳିକାଣ୍ଡରେ ସ୍ତ୍ରୀ ତା'ର ସ୍ୱାମୀକୁ ହରାଇ ସୀମନ୍ତରୁ ସିନ୍ଦୂର ପୋଛିଦେଇଛି, ବାପା–ମା' ପୁତ୍ରକୁ ହରାଇ ପାଗଳ ହୋଇଛନ୍ତି, ଭାଇ ତା'ର ଭଉଣୀକୁ ହରାଇ କରୁଣ ଆଘାତରେ ମ୍ରିୟମାଣ ହୋଇଛି, କିନ୍ତୁ ସେମାନଙ୍କର ଦାୟାଦ ଆଜି ପାଇଛନ୍ତି କ'ଣ ?

ଯେଉଁ ବୀର ଶହୀଦଙ୍କ ଆତ୍ମବଳି ଯୋଗୁ ଆମେ ଆଜି ସ୍ୱାଧୀନ ହେଲୁ, ସେହି କଷ୍ଟଲବ୍ଧ ରକ୍ତକ୍ଷୟୀ ସ୍ୱାଧୀନତା ଆମକୁ ବିପଥଗାମୀ କରାଇଛି। ନୀତିହୀନ ବ୍ୟକ୍ତିମାନଙ୍କର ସଙ୍ଗଠନ ଆଜି ପ୍ରଭାବପ୍ରମତ୍ତ, ବହୁ ଦୁଶ୍ଚରିତ୍ର ସମାଜସେବା ନାମରେ ଅରାଜକତା ସୃଷ୍ଟି କରିବାରେ ନିୟୋଜିତ। ନେତୃତ୍ୱ କେଉଁଠାରେ ନାହିଁ। ଅସତ୍ୟ ସ୍ୱାଭାବିକ ହୋଇପଡ଼ିଛି। ଦେଶ ପ୍ରତି କର୍ତ୍ତବ୍ୟରେ ଘୋର ଅବହେଳା ପରିଲକ୍ଷିତ ହେଉଛି। ତଥାପି ସମୟ ଅଛି, ଦେଶକୁ ସ୍ୱାଧୀନ କରିବା ପାଇଁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଯେପରି ଦିନେ ଏକଜୁଟ ହୋଇଥିଲେ, ଠିକ୍ ସେହିପରି ଦେଶକୁ ଉନ୍ନତ ପଥରେ ଆଗେଇନେବା ପାଇଁ ବ୍ୟକ୍ତିଗତ ସଂକୀର୍ଣ୍ଣ ମନୋଭାବ ତଥା ପାରସ୍ପରିକ ମତଭେଦ ତ୍ୟାଗ କରି ଦେଶପ୍ରେମରେ ଉଦ୍‌ବୁଦ୍ଧ ହେବା ଉଚିତ। ଅଶେଷ କଷ୍ଟଲବ୍ଧ ସ୍ୱାଧୀନତାର ସଂରକ୍ଷଣ ନିମନ୍ତେ ତ୍ୟାଗ ଓ ସେବା ମନୋବୃତ୍ତି ନିତାନ୍ତ ପ୍ରୟୋଜନ। ଆମର ଭବିଷ୍ୟତ ବଂଶଧର ତଥା ଦେଶର ଭାବୀ ନାଗରିକମାନଙ୍କୁ କିପରି ଦେଶପ୍ରେମର ନୂତନ ଦିଗ୍‌ଦର୍ଶନ ଦିଆଯାଇପାରିବ, ତାହା ଚିନ୍ତା କରାଯିବା ଉଚିତ। ଯାହାଫଳରେ ନିଷ୍ପେଷିତ, ଦରିଦ୍ର, ନିରକ୍ଷର ଜନସାଧାରଣଙ୍କ ଉନ୍ମାଦନା, ତ୍ୟାଗ, ଜାତୀୟତାଭାବ, କଷ୍ଟ ବରଣ ଓ ଆତ୍ମ ଉତ୍ସର୍ଗର ଜ୍ୱଳନ୍ତ ନିଦର୍ଶନ ହୋଇ କାଳକାଳକୁ ରହିଥିବ ଏହି ରକ୍ତତୀର୍ଥ ଇରମ।

ଭଦ୍ରକ, ମୋ:୯୪୩୭୩୭୬୯୬୭

## ଏଇ ଭାରତରେ

ଆଜିକାଲି ମୋବାଇଲ ପାଇଁ ଯୁବଗୋଷ୍ଠୀ ବାଇଆ। କ୍ଷଣେ ହେଲେ ମୋବାଇଲକୁ ହାତଛଡ଼ା କରିବାକୁ ଚାହାନ୍ତିନି କେହି। କିନ୍ତୁ ମୋବାଇଲରୁ ଯଦି ବ୍ୟାଟେରୀ ଚାର୍ଜ ସରିଯାଏ, ତେବେ ତାହା ପାଖରେ ଥାଇ ବି କିଛି କାମରେ ଆସେ ନାହିଁ। ଏପରି ଅବସ୍ଥାରେ ଚାର୍ଜ କରିବାର ସୁବିଧା ନ ଥିଲେ କଥା ସରିଲା। କିନ୍ତୁ ଯଦି ସୁବିଧା ଥାଏ ଏବଂ ତାହା ସାଧାରଣଙ୍କ ପାଇଁ ନିଷିଦ୍ଧାଞ୍ଚଳ ହୋଇଥାଏ, ତେବେ ଏ ମୋବାଇଲ–ପାଗଳମାନେ ସେ ବାରଣ ସହଜରେ ମାନିବାକୁ ରାଜି ହୁଅନ୍ତି ନାହିଁ। ସୋମବାର ଏପରି ଏକ ଘଟଣା ଘଟିଛି ମୁମ୍ବାଇରୁ କୋଲକାତା ଯିବାକୁ ଅପେକ୍ଷାରତ ଇଣ୍ଡିଗୋ ଯାତ୍ରୀବାହୀ ବିମାନରେ। ଜଣେ ମଦ୍ୟପ ଯାତ୍ରୀ ମୋବାଇଲ ଚାର୍ଜ କରିବା ପାଇଁ ବିମାନ ଚାଳକଙ୍କ ପ୍ରକୋଷ୍ଠ (କକ୍‌ପିଟ୍) ଭିତରକୁ ପ୍ରବେଶ କରିଥିଲେ। ବିମାନଟି କୋଲକାତା ଅଭିମୁଖେ ଯାତ୍ରା ଆରମ୍ଭ କରିବା ପୂର୍ବରୁ ଏହି ଘଟଣା ଜଣାପଡ଼ିବା ପରେ ଯାତ୍ରୀ ଜଣଙ୍କୁ ସୁରକ୍ଷା ନିୟମ ଭଙ୍ଗ କରିବା ଅଭିଯୋଗରେ ବିମାନରୁ ଓହ୍ଲାଇଦେଇ ପୋଲିସ ଜିମା ଦିଆଯାଇଥିଲା। ତାଙ୍କୁ ପଚରାଉଚରା ପରେ ଛାଡ଼ିଦିଆଯାଇଥିବା ପୋଲିସ ପ୍ରକାଶ କରିଛି।

## ଚିରନ୍ତନୀ

ବଂଶୀ କାନ୍ଦିଗଲା ଦୂର ବିଲବନପଥେ
ସ୍ୱର ରହିଗଲା ଏ ମୋର ମରମଗତେ,
ଦୂର ଅତୀତର ଶୁଭୁଥିଲା ଭାଷା
କି ଗହନ ବ୍ୟଥା ଦୁରନ୍ତ ଦୁରାଶା
ସନ୍ଧ୍ୟା ସୁନ୍ଦରୀ ସ୍ୱର୍ଣ୍ଣ ମେଘର ରଥେ
ସଜଳ ନୟନେ ଚାହିଁଥିଲା ବନପଥେ।
(ଲୋହିତ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୭ ସେପ୍ଟେମ୍ବର ୧୯୯୩

- ଆସନ୍ତା ଅକ୍ଟୋବରରେ ଅନୁଷ୍ଠିତ ହେବାକୁ ଯାଉଥିବା ସାଧାରଣ ନିର୍ବାଚନରେ ପାକିସ୍ତାନ ପିପୁଲ୍‌ସ ପାର୍ଟି ଏବଂ ପାକିସ୍ତାନ ମୁସ୍‌ଲିମ୍ ଲିଗ୍ ମିଳିତ ଭାବେ ନିର୍ବାଚନ ଲଢ଼ିବା ନେଇ ଘୋଷଣା କରିଛନ୍ତି।
- ଫତା ସଙ୍ଗଠନର ଅଟକ ଥିବା ପ୍ରାୟ ୪ ହଜାର ପାଲେଷ୍ଟିନୀୟଙ୍କୁ ମୁକ୍ତ କରିଦେବା ପାଇଁ ଇସ୍ରାଏଲ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି।

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | A | | | | 3 | 8 | 0 | | | | C | | | 4 |
| | D | 5 | E | 8 | | 4 | | | | | | 1 | | 2 |
| | | | 2 | A | | D | B | | | 7 | 0 | | | |
| 7 | 3 | | | 0 | | | | 2 | | | | | | |
| | | | B | 1 | | | E | | 4 | | | | 7 | |
| 0 | | 6 | | 3 | | | | | | | | | | 7 |
| 8 | 1 | | | | | 5 | | | | | A | 9 | B | |
| 5 | C | | 9 | | 6 | | | | | | 2 | 0 | 8 | E |
| 9 | | 7 | 1 | 4 | | 3 | | 0 | | B | | | A | 5 |
| | B | 3 | | | | | | | | 9 | D | | | |
| B | | | | | | 7 | | | | | 6 | | 5 | 8 |
| | | | 4 | C | | | 1 | | | A | | | | |
| | 8 | | | E | 0 | 6 | | | | | 7 | | 1 | |
| | | | 5 | B | | 2 | C | | | | 9 | D | | 6 |
| 4 | 7 | | | | | | | | | 5 | 1 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | B | 9 | 3 | 4 | 7 | E | C | 0 | D | A | 5 | 8 | 6 | 2 |
| 2 | A | 4 | 9 | 5 | B | 1 | 8 | 6 | 7 | C | 0 | D | 3 | E |
| 5 | 8 | E | C | D | 1 | 2 | 7 | B | 4 | 3 | 6 | 9 | 0 | A |
| D | C | 0 | 6 | 2 | A | 3 | 5 | 9 | 8 | E | B | 1 | 7 | 4 |
| 3 | 7 | 6 | 8 | 0 | E | A | 4 | D | 9 | 1 | 2 | B | C | 5 |
| B | D | 8 | 4 | 1 | 0 | 9 | E | 3 | 5 | 7 | A | 6 | 2 | C |
| 0 | 5 | C | A | 6 | 3 | 7 | B | 8 | E | 2 | D | 4 | 1 | 9 |
| 6 | 9 | 7 | 5 | E | C | 0 | 2 | 1 | 3 | 8 | 4 | A | D | B |
| A | 3 | 2 | D | B | 8 | C | 6 | 4 | 1 | 0 | 9 | 5 | E | 7 |
| 4 | E | 1 | 2 | 7 | 9 | D | A | 5 | B | 6 | C | 3 | 8 | 0 |
| E | 1 | 5 | B | C | 6 | 8 | 3 | 2 | A | 9 | 7 | 0 | 4 | D |
| 7 | 6 | B | 0 | 8 | 2 | 5 | D | A | C | 4 | 1 | E | 9 | 3 |
| C | 0 | A | E | 9 | 5 | 4 | 1 | 7 | 6 | D | 3 | 2 | B | 8 |
| 8 | 2 | D | 1 | 3 | 4 | B | 9 | C | 0 | 5 | E | 7 | A | 6 |
| 9 | 4 | 3 | 7 | A | D | 6 | 0 | E | 2 | B | 8 | C | 5 | 1 |

ଗତକାଲିର ଉତ୍ତର

# କାହା ସ୍ୱାର୍ଥରେ ସରକାର



ବିଚିତ୍ର ବିଶ୍ୱାଳ

ଆଇନ କ'ଣ ସମସ୍ତଙ୍କ ପାଇଁ ସମାନ ହୋଇଥାଏ ? ଆଇନକୁ ଲାଗୁ କରିବା ବେଳେ ବ୍ୟକ୍ତିର ସାମାଜିକ ଓ ଆର୍ଥିକ ପରିସ୍ଥିତି କିମ୍ବା ତା'ର ପୃଷ୍ଠଭୂମିକୁ କ'ଣ ବିଚାରକୁ ନିଆଯାଏ ନାହିଁ? ଜଣେ ଧନୀ ଲୋକ ପାଇଁ ଆଇନ ଯାହା, ଜଣେ ଗରିବ ଲୋକ ପାଇଁ ଆଇନ କ'ଣ ତାହା ? ନେତା, ମନ୍ତ୍ରୀଙ୍କ କାନକୁ ସୁନ୍ଦର ଶୁଭୁଥିବା କଥା ତଥା ସମ୍ବିଧାନରେ ଲେଖା ହୋଇଥିବା ନୀତି ନିୟମକୁ ନ ଦେଖି ଯଦି ଆମେ ବାସ୍ତବ ସ୍ଥିତିକୁ ଦେଖିବା ତେବେ ହଲପ କରି କୁହାଯାଇପାରେ, ଆଇନ କଦାପି ସମସ୍ତଙ୍କ ପାଇଁ ସମାନ ହୋଇ ନ ଥାଏ। ସେମିତି ହୋଇଥିଲେ ୯ ହଜାର ଟଙ୍କା ଋଣ କରୁଥିବା ଚାଷୀ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଥିବା ବେଳେ ୯ ହଜାର କୋଟି ଟଙ୍କା ଋଣ ଶୁଝୁ ନ ଥିବା ବିଜୟ ମାଲ୍ୟା ବିଦେଶରେ ଅୟସ କରୁ ନ ଥାନ୍ତେ। କେବଳ ବିଜୟ ମାଲ୍ୟା ନୁହନ୍ତି, ଏପରି ଆହୁରି ଅନେକ ଉଦାହରଣ ଅଛି। ଧନୀମାନଙ୍କ ପାଇଁ ଆଇନ ଯେତିକି ହୁଗୁଳା, ଗରିବମାନଙ୍କ ପାଇଁ ଆଇନ ସେତିକି କଡ଼ାକଡ଼ି।

ମଦବେପାରୀ ବିଜୟ ମାଲ୍ୟା ବ୍ୟାଙ୍କଗୁଡ଼ିକରୁ ୯ ହଜାର କୋଟି ଟଙ୍କା ଋଣ ଖିଲାପି କରି ଦେଶ ଛାଡ଼ି ପଳାୟନ କରିବାର ସୁଯୋଗ ପାଇଲେ କିପରି ? ସେ ତ ଆଉ ଲୁଚି ଲୁଚି ତାଙ୍କ ନିଜ କାର୍‌ରେ ଲଣ୍ଡନ ଚାଲି ଯାଇନାହାନ୍ତି। ସେ ବିମାନ ବନ୍ଦରରୁ ସରକାରୀ ନିୟମ ଅନୁସାରେ ପାସ୍‌ପୋର୍ଟ ଭିଜା ଆଦି ବ୍ୟବହାର କରି ବିଦେଶ ଯାଇଛନ୍ତି। ଯେତେବେଳେ କି ଦେଶ ଛାଡ଼ିବାର ଯଥେଷ୍ଟ ପୂର୍ବରୁ ତାଙ୍କ ନାମରେ ଋଣ ଖିଲାପିର ଅଭିଯୋଗ ସ୍ପଷ୍ଟ ଥିଲା। ତା'ହେଲେ ତାଙ୍କୁ ବିମାନ ବନ୍ଦରରେ ଅଟକାଗଲା ନାହିଁ କାହିଁକି ? ତାଙ୍କ ପରେ ଆଉ କେତେଜଣ ମଧ୍ୟ ଦେଶକୁ ଲୁଟି ବିଦେଶ ଚାଲିଗଲେଣି। ନିଜକୁ ଦୁର୍ନୀତିଠାରୁ ଶହେ କୋଷ ଦୂରରେ ବୋଲି ବାହୁସ୍ଫୋଟ ମାରୁଥିବା ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀ ଏହାର କି ଉତ୍ତର ଦେବେ। ବିଜୟ ମାଲ୍ୟା ଦେଶ ଛାଡ଼ି ଚାଲିଯିବା ପରେ ଉଭୟେ କହିଲେ ଯେ, ସେମାନେ କିଛି ଜାଣିନାହାନ୍ତି। କିନ୍ତୁ ସମ୍ପ୍ରତି ବିଜୟ ମାଲ୍ୟା ଲଣ୍ଡନର ଗଣମାଧ୍ୟମ ସାମ୍ନାରେ ପ୍ରକାଶ କରିଛନ୍ତି ଯେ, ସେ ଦେଶ ଛାଡ଼ିବା ପୂର୍ବରୁ ଅରୁଣ ଜେଟ୍‌ଲୀଙ୍କୁ ଦେଖାକରିଛନ୍ତି। ନିଜ ଦୋଷ ଲୁଚେଇବାକୁ ଭାଜପା ସମ୍ପ୍ରତି ଏହି ଘଟଣାକୁ କଂଗ୍ରେସ ଆଡ଼କୁ ଠେଲୁଛି। ହେଲେ ଲୋକେ ଦିନେ ନା ଦିନେ ମୁଖା ତଳର ମୁହଁକୁ ଚିହ୍ନିବେ। ଭାଜପା ସରକାରରେ ଥିବା ବେଳେ ମାଲ୍ୟା ଫେରାର୍ ହୋଇଯିବାରୁ ଯେତେବେଳେ ସରକାରଙ୍କୁ ଉତ୍ତରଦାୟୀ କରାଯାଉଛି, ସେତେବେଳେ କୁହାଯାଉଛି, ମାଲ୍ୟା କଂଗ୍ରେସ ସରକାର ସମୟରେ ଓ କଂଗ୍ରେସ ସରକାର ସୁପାରିସ୍‌ରେ ବ୍ୟାଙ୍କରୁ ଋଣ ପାଇଛନ୍ତି। ଏହା ନିଜ ଦୋଷକୁ ପର ମୁଣ୍ଡରେ ଲଦିବା ପରି କଥା ନୁହେଁ କି?

ମୋଟାମୋଟି ଭାବେ ଦେଖିଲେ ବିଜୟ ମାଲ୍ୟାଙ୍କ ପ୍ରତି ସରକାର ଯେପରି ମନୋଭାବ ଦେଖାଇଲେ ଦେଶର ଜଣେ ସାଧାରଣ ନାଗରିକ ପ୍ରତି ସେପରି ମନୋଭାବ ଦେଖାଇବେ କି? ଏହା ସତ୍ୟ ଯେ ଉପା ସରକାର ସେତେବେଳେ ବିଜୟ ମାଲ୍ୟାଙ୍କୁ ଋଣ ଦେବା ପାଇଁ ବ୍ୟାଙ୍କଗୁଡ଼ିକୁ ସୁପାରିସ କରିଥିଲେ। କିନ୍ତୁ ଏହାର ଅର୍ଥ ନୁହେଁ ଯେ, ମାଲ୍ୟା ଦେଶ ଛାଡ଼ିବାର ଉତ୍ତରଦାୟିତ୍ୱକୁ ଭାଜପା ସରକାର ଫାଙ୍କି ଦେବେ। କାରଣ ୨୦୧୫ ଜୁଲାଇରେ ସିବିଆଇ ଠକେଇ ଅଭିଯୋଗରେ ନିଜ ଆଡ଼ୁ ମାଲ୍ୟାଙ୍କ ବିରୋଧରେ ମାମଲା ରୁଜୁ କରିସାରିଥିଲା। କିନ୍ତୁ କୌଣସି ବ୍ୟାଙ୍କ୍ ତରଫରୁ ବିଧିବଦ୍ଧ ଅଭିଯୋଗ ହୋଇ ନ ଥିବାରୁ ତାଙ୍କ ବିରୋଧରେ ଗିରଫ ପରୱାନା ଜାରି ହୋଇ ନ ଥିଲା। ଇତିମଧ୍ୟରେ ମାଲ୍ୟା ଫେରାର୍ ହୋଇଯିବା ଆଶଙ୍କା ଥିବାରୁ ସେ ବିମାନ ବନ୍ଦରକୁ ଆସିଲେ ତାଙ୍କୁ ଅଟକ ରଖିବାକୁ ସିବିଆଇ ତାଙ୍କ ବିରୋଧରେ ନୋଟିସ୍ ଜାରିକଲା। କିନ୍ତୁ ପୁଣି ୨୦୧୫ ନଭେମ୍ବରରେ ସେହି ନୋଟିସ୍‌କୁ ବଦଳାଇ ଦିଆଗଲା। ନୂଆ ନୋଟିସ୍ ଅନୁଯାୟୀ, ମାଲ୍ୟା ବିମାନ ବନ୍ଦରକୁ ଆସିଲେ ତାଙ୍କୁ ଅଟକ ନ ରଖି ଖାଲି ସୂଚନା ଦେବାକୁ କୁହାଗଲା। ଏଠାରେ ପ୍ରଶ୍ନ ଉଠୁଛି, ସିବିଆଇର ଏହି ନୋଟିସ୍‌କୁ ବଦଳାଗଲା କାହିଁକି ? ମାଲ୍ୟାଙ୍କୁ ଅଟକ ରଖାଯାଇଥିଲେ କାହାକୁ ଅସୁବିଧା ହେଉଥିଲା ? ୨୦୧୫ରେ ଯେହେତୁ ମୋଦି ପ୍ରଧାନମନ୍ତ୍ରୀ ଓ ଜେଟ୍‌ଲୀ ଅର୍ଥମନ୍ତ୍ରୀ ଥିଲେ, ତେଣୁ ସେ ଜବାବ୍ ଦେବେ କି ବିଜୟ ମାଲ୍ୟାଙ୍କ ନୋଟିସ୍‌କୁ କୋହଳ କଲା କିଏ ଓ କାହିଁକି ? ବର୍ତ୍ତମାନ ମୋଦି ଓ ଜେଟ୍‌ଲୀ ଯେତେ କୁମ୍ଭୀର କାନ୍ଦଣା କାନ୍ଦିଲେ ବି ଅସଲରେ ସେଇମାନେ ହିଁ ମାଲ୍ୟାଙ୍କୁ ବିଦେଶକୁ ଉଡ଼ିଯିବାକୁ କ୍ଷେତ୍ର ପ୍ରସ୍ତୁତ କରିଥିଲେ। ଅନ୍ୟପକ୍ଷରେ ଦ୍ୱିତୀୟ ପ୍ରଶ୍ନ ଉଠୁଛି, ମାଲ୍ୟା ହଜାର ହଜାର କୋଟି ଟଙ୍କା ଋଣ ନେଇ ଶୁଝୁ ନ ଥିବା ବେଳେ ତାଙ୍କୁ ପୁଣି ଅଧିକରୁ ଅଧିକ ଋଣ ବ୍ୟାଙ୍କଗୁଡ଼ିକ ଦେଉଥିଲେ କିପରି ? ସାଧାରଣ ଚାଷୀଟିଏ ୫ ହଜାର ଟଙ୍କା ଋଣ ନ ଶୁଝିବା ବେଳକୁ ବ୍ୟାଙ୍କ୍ ତା' ଘରକୁ ବାଉନ୍‌ସର ପଠାଉଛନ୍ତି ବା ଥାନାରେ କେସ୍ ଦେଉଛନ୍ତି। କିନ୍ତୁ ବିଜୟ ମାଲ୍ୟା ୯ ହଜାର କୋଟି ଟଙ୍କା ଋଣ ନେଇ ନ ଶୁଝିବା ବେଳକୁ ବ୍ୟାଙ୍କ୍ ତାଙ୍କୁ ଆହୁରି ଅଧିକ ଋଣ ଦେଲେ ଓ ସିବିଆଇ ନିଜଆଡ଼ୁ କେସ୍ କରିବାର ଛଅ ମାସ ଯାଏ ବି ବ୍ୟାଙ୍କଗୁଡ଼ିକ ମାଲ୍ୟାଙ୍କ ବିରୋଧରେ ବିଧିବଦ୍ଧ ଅଭିଯୋଗ କଲେ ନାହିଁ କାହିଁକି ? ଏଥିରୁ କ'ଣ ବୁଝାପଡୁନାହିଁ କି ବ୍ୟାଙ୍କଗୁଡ଼ିକର ବି ଧନୀମାନଙ୍କ ପାଇଁ ଗୋଟିଏ ନୀତି ଓ ଗରିବଙ୍କ ପାଇଁ ଆଉ ଗୋଟିଏ ନୀତି ! ସେହିପରି ବିଜୟ ମାଲ୍ୟାଙ୍କୁ ରାଜ୍ୟ ସଭାକୁ ଯିବା ପାଇଁ ଉଭୟ କଂଗ୍ରେସ ଓ ଭାଜପା ସାହାଯ୍ୟ କରିଛନ୍ତି। ୨୦୦୨ରେ ଏହି ମଦ ବ୍ୟବସାୟୀ କର୍ଣ୍ଣାଟକରୁ କଂଗ୍ରେସ ଓ ଜେଡିୟୁ ସହଯୋଗରେ ରାଜ୍ୟ ସଭାକୁ ଯାଇଥିବା ବେଳେ ୨୦୧୦ରେ ଭାଜପା ସହାୟତାରେ ରାଜ୍ୟ ସଭା ସଦସ୍ୟ ହୋଇଥିଲେ। ତେଣୁ ସବୁ ସମୟରେ ମାଲ୍ୟାଙ୍କ ଭଳି ଧନିକମାନଙ୍କୁ ସରକାର ଘଣ୍ଟ ଘୋଡ଼େଇ ରଖିଛନ୍ତି ଓ ରଖିଆସୁଛନ୍ତି। ଏବେ ମୋଦି ଓ ଜେଟ୍‌ଲୀ ଯେତେ କୁମ୍ଭୀର କାନ୍ଦଣା କାନ୍ଦିଲେ ବି ଅସଲ ଘଟଣା ଲୋକେ ବୁଝିଲେଣି।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର,
bichitrabiswal@gmail.com

## ପାଠକ ଶ୍ରେଷ୍ଠ ବିଚାରକ

### ରାଜନୈତିକ ଜାତିଭେଦ

ମହାଶୟ,

ସମାଜରେ ବ୍ରାହ୍ମଣମାନେ ଶ୍ରେଷ୍ଠ କର୍ମରେ ନିଯୁକ୍ତ ଥା'ନ୍ତି। ସଂସାରୀ ଲୋକଙ୍କୁ ଉଚିତ ମାର୍ଗରେ ନେବା ପାଇଁ ସେମାନେ ନାନା ଶାସ୍ତ୍ରପୁରାଣ ଆଧାରରେ ଉପଦେଶ ଦେଇଥାନ୍ତି। ସ୍ୱୟଂ ଭଗବାନ ବ୍ରାହ୍ମଣମାନଙ୍କୁ ଅତ୍ୟନ୍ତ ଭଲ ପାଆନ୍ତି। ତେଣୁ ସେ କହିଛନ୍ତି–''ବ୍ରାହ୍ମଣ ମୁଖେ ମୋ ଆହାର।'' ଶ୍ରୀବତ୍ସ ବ୍ରାହ୍ମଣଙ୍କ ପାଦଚିହ୍ନ ଭଗବାନ୍ ହୃଦୟରେ ଧାରଣ କରିଛନ୍ତି। ହେଲେ ଆଜି ସମାଜରେ ପୂଜକ ବ୍ରାହ୍ମଣମାନଙ୍କ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନୁହେଁ। ଜଣେ ଦିନମଜୁରିଆର ଦୈନିକ ମଜୁରି ୩୦୦ଟଙ୍କାରୁ କମ୍ ନୁହେଁ। ମାତ୍ର ଜଣେ ପୂଜକ ମନ୍ଦିରରେ ଦିଅଁମାନଙ୍କ ପୂଜାର୍ଚ୍ଚନା ପାଇଁ ମାସିକ ପାଏ ୩୦୦୦ଟଙ୍କା। ଅର୍ଥାତ୍ ତାଙ୍କର ଦୈନିକ ମଜୁରି ୧୦୦ଟଙ୍କା। ଏପରି ପୂଜକ ଅଛନ୍ତି, ଯେଉଁମାନଙ୍କର ବାର୍ଷିକ ପୂଜା ପାଉଣା ମାତ୍ର ୨୦୦୦ଟଙ୍କା, ନଚେତ୍ କେଇ ଗୁଣ୍ଠ ନିଷ୍କର ଜମି। ସେହି ଜମିରୁ ଆୟ ଫସଲ ମୂଲ୍ୟରେ ନିଜର ବେତନ ଓ ଠାକୁରଙ୍କ ପୂଜାସାମଗ୍ରୀ ମଧ୍ୟ ଭରଣା ହୋଇଥାଏ। ସମାଜରେ ବ୍ରାହ୍ମଣମାନଙ୍କ ପ୍ରତି ଅବହେଳାର ମୂଳ କାରଣ ହେଉଛି 'ରାଜନୈତିକ ଜାତିଭେଦ'।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

### ଶିଶୁଗୃହ ପଞ୍ଜୀକରଣ ଜରୁରୀ

ସମ୍ପ୍ରତି ଆମ ଦେଶ ହେଉ ବା ରାଜ୍ୟରେ ଶିଶୁମାନଙ୍କୁ ଥଇଥାନ ପାଇଁ ଯେଉଁ ସିସିଆଇ(ଶିଶୁ ସୁରକ୍ଷା ଅନୁଷ୍ଠାନ) ରହିଛି, ସେସବୁ କିଶୋର ନ୍ୟାୟ ଆଇନ–୨୦୧୫ ଅନୁସାରେ ପଞ୍ଜୀକୃତ ହେବା କଥା। କିନ୍ତୁ ବହୁ ଅନୁଷ୍ଠାନ ସ୍ୱେଚ୍ଛାସେବୀ ସଂସ୍ଥା ଦ୍ୱାରା ପରିଚାଳିତ ହେଉଛି, ଯେଉଁମାନେ ପିଲାଙ୍କ ନାମରେ ବିଦେଶରୁ ଅର୍ଥ ଆଣି ହରିଲୁଟ କରିଥାନ୍ତି। କେତେକ ସ୍ଥାନରେ ଶିଶୁଙ୍କୁ ଶାରୀରିକ ଓ ମାନସିକ ଯନ୍ତ୍ରଣା ଦିଆଯାଉଛି। ବର୍ତ୍ତମାନ ଦେଶରେ କେତେକ ଶିଶୁଗୃହରେ ଯୌନ କେଲେଙ୍କାରୀ ଘଟଣା ପଦାକୁ ଅସିବା ପରେ କେନ୍ଦ୍ର ସରକାରଙ୍କ ଚେତା ପଶିଛି। ବର୍ତ୍ତମାନ ପରିସ୍ଥିତିରେ ସମସ୍ତ ଅଣପଞ୍ଜୀକୃତ ଶିଶୁଗୃହକୁ ପଞ୍ଜୀକୃତ କରାଯିବା ଉଚିତ।

ବିନୋଦ ଚନ୍ଦ୍ର ଜେନା, ପାରଳାଖେମୁଣ୍ଡି, ଗଜପତି

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ସବୁ ଧର୍ମ ସମାନ। ଯେ ଯାହା ଧର୍ମରେ ଥାଇ ବ୍ୟାକୁଳ ଭାବେ ଈଶ୍ୱରଙ୍କୁ ଡାକିଲେ ସେ ନିଶ୍ଚୟ ମନୋବାଞ୍ଛା ପୂର୍ଣ୍ଣ କରିବେ। ଭଗବାନ ଶିଶୁ ପରି ସରଳ, କୌଣସି କପଟ ମନରେ ଥିଲେ ତାଙ୍କୁ ପାଇବା ଅସମ୍ଭବ।
- ରାମକୃଷ୍ଣ ପରମହଂସ

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ smbselfie@gmail.com ରେ ଆମର ସେଲ୍ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍ଫି କର୍ଣ୍ଣର



@ ଦେବାଶିଷ



@ ଇପ୍ସିତ୍



@ କୃପାସିନ୍ଧୁ



@ ସଞ୍ଜୀପ



@ ଶୁଭମ୍

**ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ**
smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ମୁକୁଳା ଉପକୂଳରେ 'ସାଗର କବଚ'

■ସାମୁଦ୍ରିକ ଥାନା, ନୌବାହିନୀ, କୋଷ୍ଟ ଗାର୍ଡଙ୍କ ପକ୍ଷରୁ ସମରାଭ୍ୟାସ
■ଧରାପଡିଲେ ୩ ଛଦ୍ମବେଶୀ ଅନୁପ୍ରବେଶକାରୀ
■ତିନିଦିନ ଧରି ଅହୋରାତ୍ର ଚାଲିବ ଅଭ୍ୟାସ
■ସମୁଦ୍ରକୁ ନ ଯିବା ସକାଶେ ମତ୍ସ୍ୟଜୀବୀଙ୍କୁ ବାରଣ

ଭୋଗରାଇ, ୨୬।୯(ଡି.ଏନ.ଏ.)

ଓଡ଼ିଶାର ପଶ୍ଚିମବଙ୍ଗ ସୀମା ଦୀଘାଠାରୁ ଗୋପାଳପୁର ଯାଏ ୪୮୧ କି.ମି. ଉପକୂଳ ମୁକୁଳା ପଡିଛି। ବାଲେଶ୍ୱର ଜିଲାରେ ୮୧ କି.ମି. ଉପକୂଳ ଅନୁପ୍ରବେଶକାରୀଙ୍କ ସମସ୍ୟା ଯୋଗୁ ଅଧିକ ସମ୍ବେଦନଶୀଳ ହୋଇଉଠିଛି। ଭଦ୍ରକରେ ଧାମରା ବନ୍ଦରଠାରୁ ଆରମ୍ଭ କରି ବାଲେଶ୍ୱର ଚାନ୍ଦପୁରରେ କ୍ଷେପଣାସ୍ତ୍ର ଘାଟି ରହିଥିବାରୁ ଉପକୂଳ ସୁରକ୍ଷା ଲାଗି ଦୀର୍ଘଦିନରୁ ଗୁରୁତ୍ୱ ଦିଆଯାଇ ଆସୁଛି। ବାଲେଶ୍ୱର ଜିଲାରେ ତାଳସାରୀ, ବଳରାମଗଡି ଓ ବାହାବଳପୁରରେ ସାମୁଦ୍ରିକ ଥାନା ଖୋଲାଯାଇ ଥିଲେ ବି ଆବଶ୍ୟକ ଭିତ୍ତିଭୂମି ଓ କର୍ମଚାରୀ ଅଭାବରୁ ଜଳପଥରେ ପାଟ୍ରୋଲିଂ କାର୍ଯ୍ୟ ଠିକ୍ ଭାବେ ହୋଇ ପାରୁ ନ ଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଛି। ଭଦ୍ରକର ଚାନ୍ଦବାଲିଠାରୁ ବାଲେଶ୍ୱର ମଧ୍ୟରେ ଅନେକ ମାଛଧରା ଜେଟି ରହିଛି। ସମୁଦ୍ରରେ ମାଛ ଧରିବା ଲାଗି ଦୈନିକ ଶହ ଶହ ଯନ୍ତ୍ରଚାଳିତ ଡଙ୍ଗା ଚଳାଚଳ କରୁଛି। ଶହଶହ ମତ୍ସ୍ୟଜୀବୀଙ୍କ ଜୀବନଜୀବିକା ଏହି ଉପକୂଳ ଉପରେ ନିର୍ଭର କରୁଛି। ଏହି ପରିପ୍ରେକ୍ଷୀରେ ଉପକୂଳ ସୁରକ୍ଷାକୁ କଡାକଡି କରିବା ଲାଗି ବୁଧବାର ସାମୁଦ୍ରିକ ଥାନା, କୋଷ୍ଟଗାର୍ଡ ଓ ଭାରତୀୟ ନୌସେନା ପକ୍ଷରୁ ଉପକୂଳ ଅଞ୍ଚଳରେ ମିଳିତ ସମରାଭ୍ୟାସ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ନାଁ ଥିଲା 'ସାଗର କବଚ'। ଏଥରେ ରାଜ୍ୟ ପୋଲିସ ସମେତ ଆନ୍ଧ୍ର ଓ ପଶ୍ଚିମବଙ୍ଗ ପୋଲିସ ମଧ୍ୟ ସାମିଲ ହୋଇଛନ୍ତି।

ପାରାଦୀପରୁ କୋଷ୍ଟଗାର୍ଡର ଯବାନମାନେ ବୋଟ୍ ଯୋଗେ ଆସି ବୁଧବାର ସକାଳେ ଧାମରା ବନ୍ଦରାଞ୍ଚଳରେ ପହଞ୍ଚିଥିଲେ। ଏହାପରେ ଆରମ୍ଭ ହୋଇଥିଲା ସମରାଭ୍ୟାସ। ତାଳସାରୀ ସାମୁଦ୍ରିକ ଥାନାରେ ୧ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ବଳରାମଗଡି, ବାହାବାଳପୁର ସାମୁଦ୍ରିକ ଥାନା ପକ୍ଷରୁ ଅନୁରୂପ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା। ତାଳସାରୀ ସାମୁଦ୍ରିକ ଥାନା ପକ୍ଷରୁ ପଶ୍ଚିମବଙ୍ଗ ସୀମା ଉଦୟପୁର ସମେତ ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ପୀଠରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଧାମରାଠାରୁ କେତେକ ଯବାନ ଛଦ୍ମବେଶ ଧାରଣ କରି ଅନୁପ୍ରବେଶକାରୀ ଭାବେ ଜଳପଥରେ ବାଲେଶ୍ୱର ଉପକୂଳ ଆଡକୁ ଆସିଥିଲେ। ସେମାନଙ୍କୁ ଠାବ କରି ଧରିବା ଲାଗି ସମରାଭ୍ୟାସ କୌଶଳ ପ୍ରଦର୍ଶନ କରାଯାଇଥିଲା। ଶେଷରେ ବଳରାମଗଡି ଅଞ୍ଚଳରେ ୩ ଜଣ ଛଦ୍ମବେଶୀ ଅନୁପ୍ରବେଶକାରୀଙ୍କୁ ଧରାଯାଇଥିଲା।

ଭଦ୍ରକ ଓ ବାଲେଶ୍ୱର ଉପକୂଳ ଅଞ୍ଚଳରେ 'ସାଗର କବଚ' ଅଭିଯାନ ତିନିଦିନ ଧରି ଅହୋରାତ୍ର ଚାଲିବ ବୋଲି ସୂଚନା ମିଳିଛି। ଏଥିଲାଗି ସମୁଦ୍ରକୁ ନ ଯିବା ସକାଶେ ସମସ୍ତ ସ୍ଥାନୀୟ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି। ଭଦ୍ରକ ଜିଲାରେ ଅନୁରୂପ ସାମୁଦ୍ରିକ ଥାନା ପକ୍ଷରୁ ମଧ୍ୟ ସମରାଭ୍ୟାସ କରାଯାଉଛି।

ଉଲ୍ଲେଖନୀୟ ଯେ, ଏଠାକାର ଉପକୂଳବର୍ତ୍ତୀ ସାମୁଦ୍ରିକ ଜଳପଥ ମୁକୁଳା ପଡିଥିବାରୁ ଅନୁପ୍ରବେଶକାରୀଙ୍କ ଆଯାତ ନିୟମିତ ଲାଗି ରହିଛି। ସେହିପରି ମାଦକଦ୍ରବ୍ୟ ସମେତ ବିଭିନ୍ନ ସାମଗ୍ରୀର ଚୋରାଚାଲାଣ କାରବାର ବଢିଛି। ଜଳପଥ ଦେଇ ବହୁ ଅନୁପ୍ରବେଶକାରୀ ଏହି ଅଞ୍ଚଳକୁ ପଶି ଆସୁ ଥିବାରୁ ଆଇନଶୃଙ୍ଖଳା ସ୍ଥିତି ସୃଷ୍ଟି ହେଉଛି। ଭବିଷ୍ୟତରେ ବାଦ୍ୟ ଶତ୍ରୁ ଏହି ଜଳପଥର ଦରୁପଯୋଗ କରିବା ଆଶଙ୍କା ରହିଛି। ଏସବୁ ଦୃଷ୍ଟିରୁ 'ସାଗର କବଚ' ଅଭିଯାନ ଉପକୂଳ ସୁରକ୍ଷାରେ ସହାୟକ ହେବ ବୋଲି ସାମୁଦ୍ରିକ ଥାନା ଓ କୋଷ୍ଟ ଗାର୍ଡ ପକ୍ଷରୁ କୁହାଯାଇଛି ।



ଧାମରା ନିକଟବର୍ତ୍ତୀ ଉପକୂଳରେ ମେରାଇନ ଥାନାର ସ୍ପିଡବୋଟ୍ ପଇଁତରା ମାରୁଛି ।

### ବର୍ଷାରେ ଧାନଫସଲ ନଷ୍ଟ

# ଯୁବଚାଷୀଙ୍କ ଆତ୍ମହତ୍ୟା

ପଟ୍ଟାମୁଣ୍ଡାଇ,୨୬।୯(ସ୍ୱ.ପ୍ର.)

ଗତ ଲଗାଣ ବର୍ଷାରେ ଧାନଫସଲ ସଂପୂର୍ଣ୍ଣ ନଷ୍ଟ ହୋଇଯିବା ଦେଖି କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ବଡଗରା ଗ୍ରାମର ଯୁବ ଚାଷୀ ରମେଶ ରାଉତ(୪୬) ବୁଧବାର ସକାଳେ ଘରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଫଳରେ ତାଙ୍କର ତିନୋଟି ଛୋଟ ପୁଅ ଓ ସ୍ତ୍ରୀ ଦୁଲାଳି ବେସାହାରା ହୋଇ ପଡିଛନ୍ତି । ରମେଶ ଜଣେ ଭାଗଚାଷୀ। ସେ ନିଜ ଗ୍ରାମରେ ଥିବା ସ୍ୱୟଂ ସହାୟିକା ଗୋଷ୍ଠୀରୁ ପ୍ରାୟ ଲକ୍ଷେ ଟଙ୍କା ଋଣ ନେଇ ସାଢେ ୩ ଏକର ଜମିରେ ଧାନ ଚାଷ କରିଥିଲେ। ଏବର୍ଷ ଧାନ ଫସଲ ଭଲ ହୋଇଥିଲା। ମାତ୍ର ଚଳିତ ମାସ ପ୍ରଥମ ସପ୍ତାହରେ ଲଘୁଚାପଜନିତ ଲଗାଣ ବର୍ଷାରେ ଧାନ କିଆରି ପାଣିରେ ସମ୍ପୂର୍ଣ୍ଣ ବୁଡି ଯାଇଥିଲା। ପନ୍ଦର ଦିନ ଧରି ବର୍ଷା ଜଳ ନିଷ୍କାସିତ ହୋଇ ନ ପାରିବାରୁ ଧାନ ଫସଲ ପଚିଯାଇ ନଷ୍ଟ ହୋଇଯାଇଛି। ବୁଧବାର ସକାଳେ ରମେଶ ଧାନ ଜମି ଦେଖି ଦୁଃଖରେ ଭାଙ୍ଗି ପଡିଥିଲେ। ଋଣ ଶୁଝିବା ଓ ପରିବାର ଖର୍ଚ୍ଚ ତୁଲାଇବା ଚିନ୍ତା ତାଙ୍କୁ ଘାରିଥିଲା। ଶେଷରେ ଘରେ ପତ୍ନୀ ଓ ପୁଅ ବାହାରକୁ ଯାଇଥିବା ବେଳେ ବେକରେ ରଶି ଲଗାଇ ରମେଶ ଆତ୍ମହତ୍ୟା କରିଥିଲେ। ଏଥିନେଇ ସଂପୃକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତେବେ ଏ ନେଇ ପୋଲିସ ପାଖରେ କିଛି ଖବର ନାହିଁ ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛିଣ୍ଡିଲା କୁଆଳି ଭାଙ୍ଗିଲା ଯୋତ**
**ଝିଅ ମଲେ ଜୋଇଁ କାହାର ଗୋତ ?**

ଶ୍ୱଶୁରଘରେ ଜୋଇଁଙ୍କୁ ଖୁବ୍ ସମ୍ମାନ ଦିଆଯିବା ସହ ଆଦର ଅଭ୍ୟର୍ଥନା କରାଯାଇଥାଏ। ତେବେ ଝିଅ ଜୀବିତ ଥିବାବେଳେ ଯେଉଁ ଜୋଇଁଙ୍କୁ ମୁଣ୍ଡରେ ବସାଯାଇଥାଏ, ଝିଅର ମୃତ୍ୟୁ ପରେ ସେହି ଜୋଇଁଙ୍କୁ ଆଉ ସେପରି ଗୁରୁତ୍ୱ ଦିଆଯାଇ ନ ଥାଏ। ଝିଅର ମୃତ୍ୟୁ ପରେ ଶ୍ୱଶୁର ଘରେ ଜୋଇଁଙ୍କ ପ୍ରତି ଥିବା ସ୍ନେହ ତଥା ଆଦରଭାବ ସ୍ୱତଃପ୍ରବୃତ୍ତ କମି ଯାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଛି ଛି ତାର ଗୋଡ଼ ମୁଦି କି**
**ଛି ଛି ତାର ସରୁ ଅଳତାକୁ**
**କେତେ ଚାଲୁଅଛି କୁଦି କୁଦି କି ?**

ଗହଣା ପିନ୍ଧି ଅନ୍ୟ ଆଗରେ ନିଜକୁ ଦେଖେଇ ହେବା ନାରୀଙ୍କର ଏକ ସଉକ କହିଲେ ଅତ୍ୟୁକ୍ତି ହେବନହିଁ। ଅଳଙ୍କାର ପ୍ରତି ତାଙ୍କ ମନରେ ବିଶେଷ ଦୁର୍ବଳତା ରହିଥିବା ବେଳେ ବିଭିନ୍ନ ପ୍ରକାରର ଗହଣା ପିନ୍ଧି ଅନ୍ୟ ଆଗରେ ନିଜକୁ ଦେଖେଇ ହେବାରେ ସେମାନେ ଖୁସି ଅନୁଭବ କରିଥାନ୍ତି। ଏପରିକି ନିଜ ରୂପ ଗୁଣକୁ ନେଇ ପ୍ରଶଂସା କରିବାରେ ଆଦୌ ହେଳାକରି ନ ଥାନ୍ତି । ଗୋଡ଼ରେ ମୁଦି ପାଦରେ ଅଳତା ପିନ୍ଧି ଅନ୍ୟ ଆଗରେ ଦେଖେଇ ହୋଇ ଚାଲୁଥିବା ନାରୀଟି ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

ଆଧାରକୁ ନେଇ ଦୀର୍ଘଦିନ ଧରି ଲାଗି ରହିଥିବା ବିବାଦର ଆଜି ପରିସମାପ୍ତି ଘଟିଛି । ବୁଧବାର ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟ ପରେ ଏହି ବିବାଦର ସମାଧାନ ହୋଇଛି । ପୂର୍ବରୁ ଆଧାରକୁ ନେଇ ଲାଗି ରହିଥିବା ମତ ପାର୍ଥକ୍ୟ, ଆଶା ଆଶଙ୍କା ଶେଷ ହୋଇଛି। ଏହି ରାୟ ପରେ ସାଧାରଣ ଲୋକେ ଆଶ୍ୱସ୍ତି ଅନୁଭବ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଜନସାଧାରଣଙ୍କୁ ଭେଟିଥିଲେ ଆମ ପ୍ରତିନିଧିମାନେ । ଆଧାର ଓ ସୁପ୍ରିମକୋର୍ଟଙ୍କ ରାୟକୁ ନେଇ ସେହି ବ୍ୟକ୍ତିବିଶେଷଙ୍କ ମତାମତ...



ଆଧାରକାର୍ଡ ଉପରେ ସୁପ୍ରିମକୋର୍ଟ ଦେଇଥିବା ରାୟ ଐତିହାସିକ। ଆଧାରକାର୍ଡ ଦେବାକୁ ବାଧ ହେଉଥିବା ଲୋକଙ୍କ ବ୍ୟକ୍ତିଗତ ସୂଚନା ଲିକ୍ ହେବାର ସମ୍ଭାବନା ରହିଥିଲା। ଆଇଟି ରିଟର୍ନ ଓ ପ୍ୟାନ କାର୍ଡ ଲିଙ୍କ୍ ଜରୁରୀ ହୋଇଥିବାରୁ ବଡ଼ବଡ଼ ବ୍ୟବସାୟୀମାନେ ଠକିପାରିବେ ନାହିଁ। ଏହା ଦେଶର ଆର୍ଥିକ ଉନ୍ନତିରେ ସହାୟକ ହେବ। ଏହି ରାୟ ସ୍ୱାଗତଯୋଗ୍ୟ ପଦକ୍ଷେପ ଅଟେ।

ବିଭୂତି ପଟ୍ଟନାୟକ, ଆଇନଜୀବୀ, ସମ୍ବଲପୁର



ସ୍କୁଲ, କଲେଜ ଓ ଶିକ୍ଷାନୁଷ୍ଠାନରେ ଆଧାର କାର୍ଡ ବାଧତାମୂଳକ ନୁହେଁ ବୋଲି ସୁପ୍ରିମକୋର୍ଟ ରାୟ ରଖିଛନ୍ତି। ଏହା ସ୍ୱାଗତଯୋଗ୍ୟ। ବ୍ୟାଙ୍କ କ୍ଷେତ୍ରରେ ଏହା ସମସ୍ୟା ସୃଷ୍ଟି କରିପାରେ। ଜଣେ ବ୍ୟକ୍ତି ଗୋଟିଏରୁ ଅଧିକ ଖାତା ଖୋଲି ଠକାମୀ କରିପାରିବ। ବଡ଼ ବ୍ୟବସାୟୀମାନେ ମଧ୍ୟ ଏହାର ସୁଯୋଗ ଉଠାଇପାରିବେ। ଏଣୁ ବ୍ୟାଙ୍କରେ ଆଧାର କାର୍ଡ ବାଧତାମୂଳକ କରାଯିବାର ଆବଶ୍ୟକତା ରହିଛି।

ଦେବେନ୍ଦ୍ର ପ୍ରଧାନ, ଚାଷୀ, ସମ୍ବଲପୁର



ଜନସାଧାରଣଙ୍କ ଆଶା, ଆକାଂକ୍ଷାକୁ ସୁରକ୍ଷା ଦେଇଛି ଓ ଶକ୍ତିଶାଳୀ କରିଛି। ବିଭିନ୍ନ ସରକାରୀ ଓ ବେସରକାରୀ ପ୍ରକ୍ରିୟାରେ ଲୋକେ ଆଧାରକାର୍ଡ଼ ନେଇ ଯେଉଁ ହଇରାଣ ହେଉଥିଲେ ସେହି ସମସ୍ୟାରୁ ଲୋକଙ୍କୁ ମୁକ୍ତି ମିଳିବ। ରାୟ ନିଶ୍ଚିତ ସ୍ୱାଗତଯୋଗ୍ୟ।

- ରାଜକିଶୋର ଷଡଙ୍ଗୀ, ବରିଷ୍ଠ ଆଇନଜୀବୀ, ସୁନ୍ଦରଗଡ।



ଆଧାର ବାଧ୍ୟତାମୂଳକ ଥିବାବେଳେ ଲୋକେ ଅନେକ ହଇରାଣ ହେଉଥିଲେ। ଆଧାର କାର୍ଡ଼ ଲାଗି ଟେନସନ୍‌ରେ ରହୁଥିଲେ। ସୁପ୍ରିମକୋର୍ଟଙ୍କ ରାୟ ଲୋକଙ୍କୁ ଆଶ୍ୱସ୍ତି ଦେଇଛି। ଏହି ରାୟ ସ୍ୱାଗତ ଯୋଗ୍ୟ। ସରକାର ରାୟ ତୁରନ୍ତ କାର୍ଯ୍ୟକାରୀ କରିବା ଆବଶ୍ୟକ।

-ସୁଶାନ୍ତ ଦ୍ୱିବେଦୀ, ସାମାଜିକ କର୍ମୀ, ଦେବଗଡ଼।



ସୁପ୍ରିମକୋର୍ଟ ଛାତ୍ରୀଛାତ୍ର, ଅଭିଭାବକ, ସରକାରୀ, ଘରୋଇ କର୍ମଚାରୀ ତଥା ସାଧାରଣ ଜନତାଙ୍କ ଇଚ୍ଛା ବୁଝିପାରିଛନ୍ତି। ଆଧାରକୁ ନେଇ କୌଣସି ପରୀକ୍ଷା, ଘରୋଇ କମ୍ପାନୀ, ବ୍ୟାଙ୍କରେ ଜମାବେଳେ ବାଧତାମୂଳକ କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ଯେଉଁ ରାୟ ଦେଇଛନ୍ତି, ତାହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। କିନ୍ତୁ ଟେଲିଫୋନ କିମ୍ବା ମୋବାଇଲ ସଂଯୋଗରେ ଆଧାରକୁ ବାଧତାମୂଳକ କରାଯିବା ଉଚିତ ବୋଲି ମୋର ମତ। କାରଣ ମୁଁ ଜଣେ ମୋବାଇଲ ଡିଷ୍ଟ୍ରିବ୍ୟୁଟର ଏବଂ ଦୀର୍ଘ ୧୭ବର୍ଷ ହେଲା ଏହି କ୍ଷେତ୍ରରେ ରହିଛି। ଆଧାର ସଂଯୋଗୀକରଣ ପରେ ପୂର୍ବାପେକ୍ଷା ମୋବାଇଲରେ ହେଉଥିବା ଆପରାଧିକ କାର୍ଯ୍ୟକଳାପ କମିଛି। ତେଣୁ ଟେଲିଫୋନ, ମୋବାଇଲ ସିମ୍ ପାଇଁ ଆଧାର ସଂଯୋଗୀକରଣ ବାଧତାମୂଳକ କରାଗଲେ ଭଲ ହୁଅନ୍ତା।

**-ପ୍ରଦୀପ ଦେବତା, ସମ୍ପାଦକ, ଜିଲା ବ୍ୟବସାୟୀ ସଂଘ, ବରଗଡ଼**



ଆଧାରକାର୍ଡ ସମ୍ପର୍କରେ ସୁପ୍ରିମ କୋର୍ଟଙ୍କ ରାୟ ସ୍ୱାଗତଯୋଗ୍ୟ। ଏହା ଦ୍ୱାରା ସାଧାରଣରେ ରହିଥିବା ଦ୍ୱନ୍ଦ୍ୱ ଶେଷ ହେବ ବୋଲି ଆଶା କରାଯାଉଛି। ତେବେ ଆଧାରକାର୍ଡ ସହିତ ଭୋଟର କାର୍ଡକୁ ସଂଯୋଗ କରାଗଲେ ଭଲ ହୁଅନ୍ତା। ଏଥିସହ ପର୍ଯ୍ୟାୟ କ୍ରମେ ଏହାକୁ କଡ଼ାକଡ଼ି ଲାଗୁ କରାଯିବା ଉଚିତ। ନିର୍ଭୁଲ କାର୍ଡ ଯେମିତି ସମସ୍ତଙ୍କୁ ମିଳିପାରିବ ସେନେଇ ସରକାର ଅଧିକ ଯତ୍ନବାନ ହେବା ଆବଶ୍ୟକ।

କୈଳାସ ସାବତ, ଆଇନଜୀବୀ, ରାଉରକେଲା



ଆଧାର କାର୍ଡ ବ୍ୟବହାର ନେଇ ବହୁଦିନରୁ ରହିଥିବା ଦ୍ୱନ୍ଦ୍ୱକୁ ସର୍ବୋଚ୍ଚ ନ୍ୟାୟାଳୟ ବୁଧବାର ଦୂର କରିଛନ୍ତି। ଏହା ଦ୍ୱାରା ଜନସାଧାରଣ ଉପକୃତ ହେବେ। ପ୍ୟାନ୍ କାର୍ଡ, ଆୟକର ରିଟର୍ନ ଏବଂ ହିତାଧିକାରୀ ସରକାରୀ ସବ୍‌ସିଡି ପାଇବା ପାଇଁ ଆଧାର ଜରୁରୀ ବୋଲି ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏହାଦ୍ୱାରା ସ୍ୱଚ୍ଛତା ରହିବ, ଗରିବଙ୍କ ଟଙ୍କା ଆଉ ବାଟମାରଣା ହୋଇପାରିବ ନାହିଁ। ସେହିପରି ମୋବାଇଲ ସିମ୍ କାର୍ଡ ନେବା, ବ୍ୟାଙ୍କ ଆକାଉଣ୍ଟ ଖୋଲିବା, ବିଦ୍ୟାଳୟରେ ଆଡ୍‌ମିଶନ, ପରୀକ୍ଷା ଓ ୧୪ ବର୍ଷରୁ କମ୍ ବୟସର ଛାତ୍ରୀଛାତ୍ରଙ୍କୁ ସରକାରୀ ସହାୟତା ପ୍ରଦାନ ସକାଶେ ଆଧାର ଆଉ ବାଧକ ନୁହେଁ। ଆଇନର ୫୭ ଧାରାକୁ ମଧ୍ୟ ରଦ୍ଦ କରାଯାଇଛି। ଏହା ସମୟ ଉପଯୋଗୀ ରାୟ।

-ଶ୍ୟାମ ଓଁ ମିଶ୍ର, ଆଇନଜୀବୀ, ସୁବର୍ଣ୍ଣପୁର



ଆଧାରକାର୍ଡ ଉପରେ ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ସ୍କୁଲ, କଲେଜ ଆଡ୍‌ମିଶନ୍, ମୋବାଇଲ ଫୋନ୍ କିଣିବା, ବେଳେ ଆଧାର ବାଧତାମୂଳକ ନୁହେଁ ବୋଲି ଯେଉଁ ରାୟ ଦେଇଛନ୍ତି ତାହା ସ୍ୱାଗତଯୋଗ୍ୟ। ଏହାଦ୍ୱାରା ଛାତ୍ରୀଛାତ୍ର ଓ ଜନସାଧାରଣ ଉପକୃତ ହେବେ। ସେହିଭଳି ବ୍ୟକ୍ତିଗତ ସୂଚନା ଯେଭଳି ପ୍ରଘଟ ହେବନାହିଁ ସେ ଦିଗରେ ସୁପ୍ରିମ୍‌କୋର୍ଟଙ୍କ ପରାମର୍ଶ ମଧ୍ୟ ସ୍ୱାଗତଯୋଗ୍ୟ। ତେବେ ବ୍ୟକ୍ତି ପରିଚୟ ଓ ପ୍ୟାନ୍ କାର୍ଡ କ୍ଷେତ୍ରରେ ଆଧାର ବାଧତାମୂଳକ କରଯିବା ବେଶ୍ ଉତ୍ତମ ପଦକ୍ଷେପ। ଆଧାରକାର୍ଡକୁ ନେଇ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଜନକଲ୍ୟାଣକାରୀ ଯୋଜନାରୁ ସୁଫଳ ପାଇବାରେ ପ୍ରତିବନ୍ଧକ ନ ହେବା ନିଷ୍ପତ୍ତି ମଧ୍ୟ ଗୁରୁତ୍ୱ ବହନ କରେ।

ବିବେକ କୁମାର ରଥ, ଅବସରପ୍ରାପ୍ତ ଏସ୍‌ପି, ବଲାଙ୍ଗୀର



ଆଧାରକାର୍ଡର ବୈଧତା ନେଇ ଦେଶର ସର୍ବୋଚ୍ଚ ଅଦାଲତ ଦେଇଥିବା ରାୟ ଲୋକଙ୍କୁ ଦ୍ୱନ୍ଦ୍ୱମୁକ୍ତ କରିବ। ନାମଲେଖା, ସିମ୍‌କାର୍ଡ କିଣା ଭଳି ଅନାବଶ୍ୟକ ସ୍ଥଳେ ଆଧାରକାର୍ଡ ଦାବି କରାଯାଉଥିଲା। ଏହା ଲୋକଙ୍କୁ ଅଯଥା ସମସ୍ୟାରେ ପକାଉଥିଲା। ସର୍ବୋଚ୍ଚ ଅଦାଲତଙ୍କ ରାୟ ପରେ ସାଧାରଣ ଲୋକଙ୍କୁ ଏହା ଆଶ୍ୱସ୍ତ କରିବ।

**ମଧୁସ୍ମିତା ମିଶ୍ର, ଶିକ୍ଷୟିତ୍ରୀ, ଝାରସୁଗୁଡ଼ା**



ଆଧାର ସବୁକାମରେ ବାଧତାମୂଳକ କରାଯାଇଥିବାରୁ ଦେଶବ୍ୟାପୀ ଲୋକ ହଇରାଣ ହେଉଥିଲେ। ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ରହୁଥିଲେ। ସୁପ୍ରିମକୋର୍ଟ ବର୍ତ୍ତମାନ ଏହା ଉପରୁ ଅଙ୍କୁଶ ଉଠାଇ ଦେଇଛନ୍ତି। ଏହି ରାୟ ବହୁ ଗୁରୁତ୍ୱପୂର୍ଣ୍ଣ ଏବଂ ସ୍ୱାଗତଯୋଗ୍ୟ। ଏହି ରାୟ ସବୁ କ୍ଷେତ୍ର ପାଇଁ ଠିକ ହୋଇଛି। ଏହା ଛାତ୍ରୀଛାତ୍ର, କୃଷକ, କର୍ମଚାରୀ, ଶିକ୍ଷାନୁଷ୍ଠାନ ପାଇଁ ଉପଯୋଗୀ ହେବ।

-ଟଙ୍କଧର ସାହୁ, ସମ୍ପାଦକ, ମହାମାୟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ ଏଜୁକେଶନ, ନୂଆପଡ଼ା


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର, ଫୋନ୍: ୦୬୭୪-୨୫୪୯୬୬୩

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୩ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତି ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଆକାଉଣ୍ଟର ନାମ / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତା: ଶ୍ରୀ ଭାଗ୍ୟଧର ସାହୁ, ପ୍ଲଟ୍ ନଂ.: ଏନ୍-୬/ ୨୩୦, ଅଶୋକ ଚାରୁ ନିବାସ, ପ୍ଲଟ୍ ନଂ.: ୪୦୧, ୟୁନିଟ୍-୩, ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧ | ସମ୍ପତ୍ତିର ମାଲିକ: ଶ୍ରୀ ଭାଗ୍ୟଧର ସାହୁ | ଶ୍ରୀ ଭାଗ୍ୟଧର ସାହୁଙ୍କ ନାମରେ ଥିବା ସମ୍ପତ୍ତି (ଜମି ଏବଂ ଗୃହ)ର ସମସ୍ତ ଅଂଶବିଶେଷ ଯାହାର ମୌଜା: ଅଟଳା, ତହସିଲ/ଏସ୍‌ଆରଓ: ବାଲିଅନ୍ତା, ଥାନା ନଂ.: ୧୬, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୩୫୯/୨୩୭, ପ୍ଲଟ୍ ନଂ.: ୨୨୭/୮୬୬, କ୍ଷେତ୍ର: ଏକର୦.୦୯୨ଡିସିମିଲି, ଅନୁରୂପ ସାବକ ଖାତା ନଂ.: ୩୫୯/୧୦୮, ପ୍ଲଟ୍ ନଂ.: ୨୨୭, କିସମ: ଘରବାରି, ସଂଶୋଧିତ ମ୍ୟୁଟେଟେଡ଼ ଖାତା ନଂ.: ୩୫୯/୮୦୧, ପ୍ଲଟ୍ ନଂ.: ୨୨୭/୮୬୬, କ୍ଷେତ୍ର: ଏକର୦.୦୯୨ଡିସିମିଲି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସବ୍ ପ୍ଲଟ୍ ନଂ.: ୭୧ ଏବଂ ୭୨, ଦକ୍ଷିଣ: ରାସ୍ତା, ପୂର୍ବ: ସବ୍ ପ୍ଲଟ୍ ନଂ.: ୭୬, ପଶ୍ଚିମ: ସବ୍ ପ୍ଲଟ୍ ନଂ.: ୭୩ | ୧୧.୦୫.୨୦୧୮ | ୨୫.୦୯.୨୦୧୮ | ୧୧.୦୫.୨୦୧୮ ସୁଦ୍ଧା ଟ.୪୯,୪୭,୮୮୯/- + ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |

ତାରିଖ: ୨୫.୦୯.୨୦୧୮
ସ୍ଥାନ: ଭୁବନେଶ୍ୱର

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ,
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



ଜୱାନ ଓ କିଷାନ୍‌ର ଜୟ ହିଁ ଦେଶ ଏବଂ ଜାତିର ଜୟ।
- ଲାଲ୍ ବାହାଦୁର ଶାସ୍ତ୍ରୀ



## ସଂକ୍ଷେପରେ

### ଶ୍ରମିକ, ଠିକାଦାର ପାଉଣା ନ ପାଇ ଧାରଣାରେ

ପଡ଼ିଆବାହାଲ,୨୬।୯(ଡି.ଏନ.ଏ.) : ସମ୍ବଲପୁର-କଟକ ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟରେ ନିୟୋଜିତ ହାଇଦ୍ରାବାଦ୍‌ର ଗାୟତ୍ରୀ କନଷ୍ଟ୍ରକଶନ କମ୍ପାନୀର ୭ ଦିନ ହେଲା କାର୍ଯ୍ୟ ବନ୍ଦ ରହିଛି। କମ୍ପାନୀ ଅଧୀନରେ କାର୍ଯ୍ୟ କରୁଥିବା ଠିକାଦାର, ଗାଡ଼ି ମାଲିକ ଓ କର୍ମଚାରୀଙ୍କୁ ପାଉଣା ମିଳି ନଥିବାରୁ ଏଭଳି ବ୍ୟତିକ୍ରମ ଘଟିଛି। ସେମାନେ ବକେୟା ପାଉଣା ଦାବିରେ ଧାରଣାରେ ବସିଛନ୍ତି। ଜାମଟାଲ ଗାଁସ୍ଥିତ କ୍ରସର ୟୁନିଟ୍ ସହ କମ୍ପାନୀ ପରିସରରୁ ଯାନବାହାନ ଚଳାଚଳକୁ ବନ୍ଦ କରିଛନ୍ତି। ପ୍ରାପ୍ତ ସୂଚନାନୁସାରେ ଗତ ୧୦ମାସ ହେଲା କମ୍ପାନୀ କର୍ତ୍ତୃପକ୍ଷ ପ୍ରାପ୍ୟ ଦେବାରେ ଖିଲାପ କରିଚାଲିଛି। ସମସ୍ତ ପ୍ରାପ୍ୟ ନ ମିଳିବା ଯାଏଁ ଧାରଣା ଚାଲୁ ରହିବ ବୋଲି ଧାରଣାରେ ବସିଥିବା କର୍ମଚାରୀଙ୍କଠାରୁ ପ୍ରକାଶ। ବୁଧବାର ଧାରଣାରତ ଶ୍ରମିକ ଓ କର୍ମଚାରୀଙ୍କ ପକ୍ଷରୁ ମୁନା ପଟେଲ, ଜଗନ୍ନାଥ ଅଗ୍ରୱାଲ, ସୁରେଶ ପୃଷ୍ଟି ଜାତୀୟ ରାଜପଥ ପିଡିଙ୍କୁ ସାକ୍ଷାତ କରିବାକୁ ଯାଇଥିବା ବେଳେ ଅରୁଣ ଦେହୁରୀ, ଅଶ୍ୱିନୀ ବେହେରା, କ୍ଷୀରୋଦ ପ୍ରଧାନ, ସନତ ପ୍ରଧାନ, ଅରୁଣ ଶୁକ୍ଲା, ସୁଶୀଳ ବେହେରା ପ୍ରମୁଖ ଧାରଣାରେ ବସି ରହିଥିଲେ। ଅପରପକ୍ଷେ, ସମ୍ବଲପୁର-ଦେବଗଡ଼ ରାସ୍ତା ସଂପ୍ରସାରଣରେ ନିଯୁକ୍ତ ପୁଞ୍ଜିଲଏଡ ଠିକା ସଂସ୍ଥା ମଧ ପାଉଣା ଦେଇ ନଥିବାରୁ ଶ୍ରମିକ ଅଶାନ୍ତିରେ କାମ ପ୍ରାୟତଃ ବନ୍ଦ ରହିଛି। ଅନ୍ୟପଟେ, ନିମ୍ନମାନର କାମ ହୋଇଥିବାରୁ ଉଭୟ ରାସ୍ତାର ଅଧିକାଂଶ ସ୍ଥାନରେ ଧୂଳି ଉଡ଼ି ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଛି। ଗତ ଲଗାଣ ବର୍ଷାରେ ରାସ୍ତା ସବୁରୁ ପିଚୁ ଉଠି ଖାଲଖମାରେ ପରିଣତ ହୋଇଛି।

# ଦେବଝରନ ଡ୍ୟାମରେ ବେଆଇନ ମାଛଚାଷ ଅଭିଯୋଗ

ସମ୍ବଲପୁର,୨୬।୯(ବ୍ୟୁରୋ)

ସମ୍ବଲପୁର ଜିଲା ଜୁଜୁମୁରା ବ୍ଲକ ଦେବଝରନ ଜଳପ୍ରପାତ ଓ ଡ୍ୟାମ ଚଳିତବର୍ଷ ଇକୋ ଟୁରିଜିମ୍ ମାନ୍ୟତା ପାଇଛି। ଏହାର ବିକାଶ ପାଇଁ ସରକାର ୧ କୋଟି ଟଙ୍କା ଯୋଗାଇ ଦେଇଛନ୍ତି। ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ମଧ ପ୍ୟାକେଜ୍ ଘୋଷଣା କରାଯାଇଛି। ବନ ବିଭାଗ ଉନ୍ନୟନ କାର୍ଯ୍ୟର ଦାୟିତ୍ୱ ବହନ କରିଛି। ତେବେ କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ଥିବା ଡ୍ୟାମରେ ଜାଲଘେରି କରାଯାଇ ବେଆଇନ ଭାବେ ମାଛଚାଷ କରାଯାଉଥିବା ଦେଖାଯାଇଛି। ପ୍ରାୟ ୧ ବର୍ଷରୁ ଉର୍ଦ୍ଧ୍ୱ ହେବ ସମ୍ବଲପୁର ସହରର ଜଣେ ବ୍ୟକ୍ତି ୫ଲକ୍ଷ ଟଙ୍କାରେ ୫ବର୍ଷ ପାଇଁ ଲିଜ ସୂତ୍ରରେ ନେଇ ଡ୍ୟାମରେ ମାଛ ଚାଷ କରିଆସୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସ୍ଥାନୀୟ ବନ ବିଭାଗ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ବିନାନୁମତିରେ କୟାକୁଦ ପଞ୍ଚାୟତ ପକ୍ଷରୁ ଏହି ନିଲାମ ପ୍ରକ୍ରିୟା କରାଯାଇଥିବା କୁହାଯାଉଛି। ଏହା ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି। ବନ ବିଭାଗ, କ୍ଷୁଦ୍ର ଜଳସେଚନ ବିଭାଗ ଓ ପଞ୍ଚାୟତ ମଧ୍ୟରେ ଅଯଥା କଳହର ଆଭାସ ମିଳିଛି। ଏଣୁ ଏ ଦିଗରେ ଜିଲାପାଳଙ୍କ ହସ୍ତକ୍ଷେପ ଦାବି ହୋଇଛି।

ବନ ବିଭାଗ ଓ କ୍ଷୁଦ୍ର ଜଳସେଚନ

**ଜିଲାପାଳଙ୍କ ହସ୍ତକ୍ଷେପ ଦାବି**

ବିଭାଗକୁ ଅନ୍ଧାରରେ ରଖି ପଞ୍ଚାୟତ କିଭଳି ଡ୍ୟାମରେ ମାଛ ଚାଷ କରିବାକୁ ଲିଜ୍‌ସୂତ୍ରରେ ଦେଲା ସାଧାରଣରେ ପ୍ରଶ୍ନ କରାଯାଇଛି। ଡ୍ୟାମ୍‌ରେ ସମ୍ପୃକ୍ତ ବ୍ୟକ୍ତି ମାଛ ମାରି ରୋଜଗାର କରୁଥିବା ବେଳେ ନିକଟସ୍ଥ ମତ୍ସ୍ୟଜୀବୀମାନେ ଜୀବିକା ହରାଇଛନ୍ତି, ଯାହା ଅସନ୍ତୋଷର ଦାନା ବାନ୍ଧିଛି। ସୂଚନାଯୋଗ୍ୟ ଯେ, ଅଞ୍ଚଳବାସୀଙ୍କ ଦାବି ଓ ଜିଲା ପ୍ରଶାସନର ଉଦ୍ୟମରେ ଦେବଝରନ ଜଳପ୍ରପାତକୁ ରାଜ୍ୟ ସରକାର ଇକୋ ଟୁରିଜିମ୍ ସ୍ୱୀକୃତି ପ୍ରଦାନ କରିଛନ୍ତି। ଡ୍ୟାମରେ ମାଛଚାଷ ଏହାର ଉନ୍ନୟନ କାର୍ଯ୍ୟରେ ବାଧକ ସାଜିଛି। ଏ ସମ୍ପର୍କରେ ସଦର ରେଞ୍ଜର ଗୌରୀ ଦାସଙ୍କୁ ପଚାରିବାରେ ବନ ବିଭାଗ କିମ୍ବା କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଡ୍ୟାମରେ ମାଛ ଚାଷ କରିବା ପାଇଁ କାହାରିକୁ ଅନୁମତି ପ୍ରଦାନ କରାଯାଇନାହିଁ। ପ୍ରକଳ୍ପର ଉନ୍ନୟନମୂଳକ କାମ ଯେପରି ସୁରୁଖୁରୁରେ ହୋଇପାରିବ ସେଥିପ୍ରତି ବନ ବିଭାଗ ସଜାଗ ରହିଛି।



ସମ୍ବଲପୁର ଜୁଜୁମୁରା ବ୍ଲକ ଦେବଝରନ ଡ୍ୟାମରେ ବେଆଇନ ଭାବେ ଜାଲ ପକାଯାଇ ମାଛ ଚାଷ କରାଯାଉଛି ।

### ବିନା ରସିଦ୍‌ରେ ଜରିମାନା ଆଦାୟ

## ତହସିଲଦାରଙ୍କ ଚାଲାକି ପଦାରେ ପଡ଼ିଲା

ସମ୍ବଲପୁର,୨୬।୯(ବ୍ୟୁରୋ)

ଜେସିବିରେ ଚାଲିଥିବା ମାଟି ଖୋଳା କାର୍ଯ୍ୟ ନେଇ ୧ଲକ୍ଷ ଟଙ୍କା ଜରିମାନା ଦାବି କରି ଶେଷରେ ବିନା ରସିଦ୍‌ରେ ୧୦ ହଜାରରେ ମୂଳଚାଲ୍ କରିଥିବା ଜୁଜୁମୁରା ତହସିଲଦାର ଗଣେଷ ଦଳେଇ ହରଡଘଣାରେ ପଡ଼ିଛନ୍ତି। ଘଟଣାରୁ ପ୍ରକାଶ, ଜୁଜୁମୁରା ନିକଟସ୍ଥ ଏକ ଢାବା ପଛପଟେ ଜେସିବି ସାହାଯ୍ୟରେ ବୁଧବାର ମାଟି ଖୋଳା କାର୍ଯ୍ୟ କରାଯାଉଥିଲା। ସେହି ସମୟରେ ତହସିଲଦାର ଦଳେଇ ସେଠାରେ ପହଞ୍ଚିଥିଲେ। ଜେସିବିକୁ ଅଟକାଇଥିଲେ। ଦୀପକ ପ୍ରଧାନ ନାମକ ଜଣେ ବ୍ୟକ୍ତି ଏହାକୁ ଭଡ଼ାସୂତ୍ରରେ ଆଣି କାମ କରାଉଥିବା ଜାଣି ତାଙ୍କୁ ଡକାଇଥିଲେ। ପ୍ରଧାନ ଘଟଣାସ୍ଥଳରେ ପହଞ୍ଚିବା ପରେ ତାଙ୍କଠାରୁ ୧ଲକ୍ଷ ଟଙ୍କା ଜରିମାନା ଦାବି କରିଥିଲେ। ଏତେ ଟଙ୍କା ଦେଇପାରିବି ନାହିଁ କହି ପ୍ରଧାନ କାକୁତିମିନତି ହୋଇଥିଲେ। ଶେଷରେ ତହସିଲଦାର ଦଳେଇ ୫୦ ହଜାର ଦେବାକୁ କହିଥିଲେ। ପରେ ସହରର ଜଣେ ପ୍ରତିଷ୍ଠିତ କଂଗ୍ରେସ ନେତା ସେଠାକୁ ଆସି ତହସିଲଦାରଙ୍କ ସହ ଆଲୋଚନା କରିଥିଲେ। ଏଥିରେ ତହସିଲଦାର ଦଳେଇ ନରମିଯାଇ ୧୦ ହଜାର ଟଙ୍କାକୁ ଖସି ଆସିଥିଲେ। ପ୍ରଧାନ ଉକ୍ତ ଟଙ୍କା ଘରୁ ଯାଇ ଆଣି ତାଙ୍କ ହାତକୁ ବଢ଼ାଇ ରସିଦ୍ ମାଗିଥିଲେ। ତେବେ ରସିଦ୍ ମାଗିଲେ ୧ଲକ୍ଷ ଟଙ୍କା ଦେବାକୁ ପଡିବ ବୋଲି ଦଳେଇ ରୋକ୍‌ଠୋକ ଶୁଣାଇ ଦେଇଥିଲେ। ୧୦ ହଜାର ଟଙ୍କାରେ ମାମଲା ରଫାଦଫା କରିବାକୁ ବୁଝାଇ ଦେଇଥିଲେ। ତହସିଲଦାରଙ୍କ ଏଭଳି ଚାଲାକି ଅଞ୍ଚଳରେ ହଟଚମଟ ସୃଷ୍ଟି କରିଛି। ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମାଙ୍କୁ ପଚାରିବାରେ ଯଦି ଏଭଳି କିଛି ଘଟିଥାଏ ତେବେ ତହସିଲଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଜଣାଇଛନ୍ତି।

# ଆଜି ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ: ଅର୍ଥ ଯୋଗାଡ଼ ନେଇ ଅସନ୍ତୋଷ

ସମ୍ବଲପୁର,୨୬।୯(ବ୍ୟୁରୋ)

ରାଜ୍ୟ ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ଆମ ଗାଁ ଆମ ବିକାଶ ଯୋଜନା ଶୁଭାରମ୍ଭ କରିଛନ୍ତି। ଏହି ଯୋଜନା ଅନୁଯାୟୀ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସିଧାସଳଖ ଗ୍ରାମବାସୀଙ୍କ ସହ ଭିଡିଓ କନଫରେନ୍ସ ମାଧମରେ ଆଲୋଚନା କରିଥାନ୍ତି। ସମସ୍ୟା ଓ ଦାବି ଅନୁସାରେ ପ୍ୟାକେଜ୍ ଘୋଷଣା କରନ୍ତି। ଗୁରୁବାର ସମ୍ବଲପୁର ଜିଲା ଜୁଜୁମୁରା ବ୍ଲକରେ ଏହି କାର୍ଯ୍ୟକ୍ରମ କରାଯିବାକୁ ସରକାରୀସ୍ତରରେ ସ୍ଥିରୀକୃତ ହୋଇଛି। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜିଲାପାଳ ସମର୍ଥ ବର୍ମା କାର୍ଯ୍ୟକ୍ରମକୁ ସୁରୁଖୁରୁରେ ସମ୍ପନ୍ନ କରିବାକୁ ଯାଇ ପ୍ରସ୍ତୁତି କାର୍ଯ୍ୟ ତଦାରଖ କରୁଛନ୍ତି। ତେବେ ଏହି ସରକାରୀ କାର୍ଯ୍ୟକ୍ରମ ଆୟୋଜନ ଲାଗି ପ୍ରତି ପଞ୍ଚାୟତ ଅଧିକାରୀ ଓ ଜେଇମାନଙ୍କୁ ଯଥାକ୍ରମେ ୨୫ହଜାର ଓ ୩୦ ହଜାର ଟଙ୍କା ଲେଖାଏଁ ଖର୍ଚ୍ଚ କରିବାକୁ କୁହାଯାଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ସେମାନେ ସିଧାସଳଖ କିଛି କହିନଥିଲେ ମଧ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, କାର୍ଯ୍ୟକ୍ରମ ଆୟୋଜନରେ ୪ ରୁ ୫ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାଯାଇଛି। ପ୍ରାୟ ୧୮ ପଞ୍ଚାୟତର ୧୫ ହଜାର ଲୋକଙ୍କୁ କାର୍ଯ୍ୟକ୍ରମରେ ସାମିଲ୍ କରିବାକୁ ବ୍ଲକ ପ୍ରଶାସନ ସ୍ଥିର କରିଛି। ଏଥିପାଇଁ ସ୍ଥାନୀୟ ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ଓ ଜନପ୍ରତିନିଧିମାନଙ୍କୁ ନିୟୋଜିତ କରାଯାଇଛି। ପ୍ରତି ଗ୍ରାମ ପାଇଁ ଗାଡିର ବ୍ୟବସ୍ଥା କରାଯାଇଛି। ଏଥିସହ ଖାଦ୍ୟ, ପାନୀୟର ଖର୍ଚ୍ଚ ମଧ ବ୍ଲକ ପ୍ରଶାସନ ବହନ କରୁଛି । ପୂର୍ବାହ୍ନ ସାଢେ ୧୦ଟାରୁ କାର୍ଯ୍ୟକ୍ରମ ଆରମ୍ଭ ହେବ। ଜିଲାପାଳ ସମର୍ଥ ବର୍ମା, ସ୍ଥାନୀୟ ବିଧାୟକ ରୋହିତ ପୂଜାରୀଙ୍କ ସମେତ ବିଜେଡି ଦଳର ନେତା, କର୍ମକର୍ତ୍ତା ଏଥିରେ ଯୋଗଦେବେ। ଏପିଡି ରାଜେଶ ଅଗ୍ରୱାଲଙ୍କୁ ପଚାରିବାରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଉଥିବା ସେ କହିଛନ୍ତି।

# ସେପ୍ଟେମ୍ବର ୨୭ରୁ ମେଧାବୃତ୍ତି ପରୀକ୍ଷା ପାଇଁ ନାମ ପଞ୍ଜୀକରଣ





ବିରାଟ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀ।

ସମ୍ବଲପୁର,୨୬।୯(ବ୍ୟୁରୋ)

ସମ୍ବଲପୁର ଇଞ୍ଜିନିୟରିଂ ଓ ମେଡିକାଲ ପାଇଁ ଶିକ୍ଷାନୁଷ୍ଠାନ ବିରାଟ ପକ୍ଷରୁ ମେଧାବୃତ୍ତି ପରୀକ୍ଷା ନାମ ପଞ୍ଜୀକରଣ ୨୭ ତାରିଖରୁ ଆରମ୍ଭ ହେବ। ଆର୍ଥିକ ଶିକ୍ଷାବର୍ଷ ୨୦୧୮–୧୯ ନିମନ୍ତେ ଏହି ପଞ୍ଜୀକରଣ କରାଯିବ ବୋଲି ବିରାଟ ଇନ୍‌ଷ୍ଟିଚ୍ୟୁଟ ଅଧ୍ୟକ୍ଷ ରାହୁଲ ରାଜ, ଆୟୋଜିତ ଖବରଦାତା ସମ୍ମିଳନୀରେ ଜଣାଇଛନ୍ତି। ସେ କହିଛନ୍ତି ଯେ, ନାମପଞ୍ଜୀକରଣ କରିଥିବା ଛାତ୍ରୀଛାତ୍ରମାନଙ୍କ ଲାଗି ଅକ୍ଟୋବର ୨୮, ନଭେମ୍ବର ୪, ନଭେମ୍ବର ୧୧, ନଭେମ୍ବର ୧୮ ଓ ନଭେମ୍ବର ୨୫ ତାରିଖରେ ପର୍ଯ୍ୟାୟ କ୍ରମେ ବିରାଟ ସ୍କୁଲରେ ପରୀକ୍ଷା କରାଯିବ। ପଞ୍ଜୀକୃତ ପରୀକ୍ଷାର୍ଥୀମାନେ ଯେ କୌଣସି ଗୋଟିଏ ଦିନରେ ପରୀକ୍ଷାରେ ଯୋଗ ଦେଇପାରିବେ। ଫୋନ ଯୋଗେ ମଧ ଛାତ୍ରୀଛାତ୍ରମାନେ ନାମ ପଞ୍ଜୀକରଣ କରିବାର ସୁବିଧା ରହିଛି। ଚଳିତବର୍ଷ ୬ଷ୍ଠଠାରୁ ଯୁକ୍ତ ୨ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ମେଧାବୃତ୍ତି ପରୀକ୍ଷାରେ ଭାଗ ନେଇପାରିବେ। ଷଷ୍ଠଠାରୁ ନବମ ଶ୍ରେଣୀ କୃତୀ ପରୀକ୍ଷାର୍ଥୀମାନଙ୍କୁ ବିରାଟ ଫାଉଣ୍ଡେସନ ପାଠ୍ୟକ୍ରମ ଓ ଦଶମ ଶ୍ରେଣୀର କୃତୀ ପରୀକ୍ଷାର୍ଥୀମାନଙ୍କୁ ଦୁଇବର୍ଷିଆ ପାଠ୍ୟକ୍ରମ ଏବଂ ଏକାଦଶ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କୁ ଏକବର୍ଷିଆ ପାଠ୍ୟକ୍ରମ, ସେହିପରି ଦ୍ୱାଦଶ ଶ୍ରେଣୀ କୃତୀ ଛାତ୍ରୀଛାତ୍ରମାନଙ୍କୁ ଏକ ବର୍ଷିଆ ଟାର୍ଗେଟ ବ୍ୟାଚ ପ୍ୟାଠକ୍ରମରେ ପ୍ରବେଶ ମିଳିବ। ଏଥିସହ ଚଳିତ ବର୍ଷ କୃତି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିବା ପାଇଁ ୧୦୦ ପ୍ରତିଶତ ମେଧାବୃତ୍ତି ସହ ନଗଦ ରାଶି ଓ ବୁଧବାର, ଗୁରୁବାର ଅନଲାଇନ ପ୍ରତିଯୋଗିତାକୁ ଦୃଷ୍ଟିରେ ରଖି ଛାତ୍ରୀଛାତ୍ରମାନଙ୍କୁ ଗୋଟିଏ ଟାବଲେଟ, କମ୍ପ୍ୟୁଟର ପ୍ରଦାନ କରାଯିବାକୁ ବ୍ୟବସ୍ଥା ରହିଛି ବୋଲି ସେ ଜଣାଇଥିଲେ।

**ବିରାଟ ଶିକ୍ଷାନୁଷ୍ଠାନ**

### ପ୍ରଫେସରଙ୍କୁ ମାର୍‌ପିଟ ଘଟଣା

# ସିଣ୍ଡିକେଟ, ଶୃଙ୍ଖଳା କମିଟି ବୈଠକ ନିଷ୍ଫଳ

- ଉଚ୍ଚସ୍ତରୀୟ କମିଟି ଗଠନ ନିଷ୍ପତ୍ତି
- ଉଭୟପକ୍ଷରୁ ୧୦ଜଣଙ୍କ ବୟାନ ରେକର୍ଡ

ସମ୍ବଲପୁର/ବୁର୍ଲା,୨୬।୯(ବ୍ୟୁରୋ/ଡି.ଏନ.ଏ.)

ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଜ୍ୟୋତିବିହାର) ଅଧ୍ୟାପକ ରଜତ କୁଜୁରଙ୍କୁ ମାର୍‌ପିଟ୍ ଘଟଣାକୁ ନେଇ ଉତ୍ତେଜନା ବଳବତ୍ତର ରହିଛି। ଏହାକୁ ୩ ଦିନ ବିତିଯାଇଥିଲେ ମଧ ଆପୋଷ ସମାଧାନ ହୋଇପାରିନାହିଁ। ବୁଧବାର ଏ ସଂକ୍ରାନ୍ତରେ ହୋଇଥିବା ଶୃଙ୍ଖଳା କମିଟି ଓ ସିଣ୍ଡିକେଟ ବୈଠକ ନିଷ୍ଫଳ ହୋଇଛି। ଅନ୍ୟପଟେ, ଏବିଭିପି ଛାତ୍ର ବିଶ୍ୱରଞ୍ଜନ ଜେନାଙ୍କୁ ପୋଲିସର ଜେରା ଏବିଭିପି ଛାତ୍ର ସଂଘକୁ ତତାଇଛି। ବୁଧବାର ଅପରାହ୍ନରେ ପିଜି କାଉନ୍‌ସିଲ ଅଧ୍ୟକ୍ଷା ପଦ୍ମାବତୀ ଗହଣାଙ୍କ ସଭାପତିତ୍ୱରେ ଏକ ବୈଠକ ହୋଇଥିଲା। ଏଥିରେ ଅଧ୍ୟାପକ କୁଜୁର ଓ ଏବିଭିପି ଛାତ୍ର ସଂଘ ଉଭୟପକ୍ଷରୁ ପ୍ରାୟ ୧୦ଜଣଙ୍କ ବୟାନ ରେକର୍ଡ କରାଯାଇଥିଲା। ଅପରାହ୍ନ ୪ଟାରେ କୁଳପତି ପ୍ରଫେସର ଦୀପକ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ସିଣ୍ଡିକେଟ ବୈଠକ ମଧ ହୋଇଥିଲା। ହେଲେ ଉଭୟ ବୈଠକ କୌଣସି ନିଷ୍କର୍ଷରେ ପହଞ୍ଚିପାରିନାହିଁ। ଏଣୁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯିବାକୁ ନିଷ୍ପତ୍ତି ହୋଇଛି। ଜିଲା ପ୍ରଶାସନ, ସିନେଟ, ସିଣ୍ଡିକେଟ, ମାଜିଷ୍ଟ୍ରେଟଙ୍କ ସମେତ ଏସ୍‌ଟି ସେଲ୍‌ର ଜଣେ କର୍ମକର୍ତ୍ତାଙ୍କୁ ନେଇ ଏହି କମିଟି ଗଠନ କରାଯିବ। ଏହି ଟିମ ତଦନ୍ତ କରି ଯେଉଁ ରାୟ ପ୍ରକାଶ କରିବେ ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସହମତି ପ୍ରକାଶ ପାଇଛି। ଅପରପକ୍ଷେ, ଅଧ୍ୟାପକ କୁଜୁରଙ୍କୁ ସମର୍ଥନ ଜଣାଇ ଅଧ୍ୟାପକ ସଂଘ କାର୍ଯ୍ୟ ବନ୍ଦ ଆନ୍ଦୋଳନ ସ୍ଥଗିତ କରିଛନ୍ତି। ବୁଧବାର କେତେକ ବିଭାଗରେ ପାଠପଢା ହୋଇଥିଲା। ସୂଚନାଯୋଗ୍ୟ ଯେ, ସୋମବାର ଛାତ୍ର ବିଜୁ ଜନତା ଦଳ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ପରେ ପଲିଟିକାଲ ସାଇନ୍ସ ପ୍ରଫେସର କୁଜୁରଙ୍କୁ ଏବିଭିପି ଛାତ୍ର ପକ୍ଷରୁ ମାର୍‌ପିଟ କରାଯାଇଥିବା ଅଭିଯୋଗ ହୋଇଥିଲା। ସେହିପରି ଜଣେ ଛାତ୍ରଙ୍କୁ ଅଧ୍ୟାପକ କୁଜୁର ଗାଳିଗୁଲଜ କରିବା ସହ କେତେକ ଅଣଛାତ୍ରଙ୍କ ସହ ମିଶି ମାର୍‌ପିଟ କରିଥିବା ଏବିଭିପି ଛାତ୍ର ବିଶ୍ୱରଞ୍ଜନ ଜେନା ପାଲଟା ଅଭିଯୋଗ କରିଥିଲେ।

## ମାର୍‌ପିଟ ଅଭିଯୋଗ, ୫ଗିରଫ

ସମ୍ବଲପୁର ୨୬।୯(ବ୍ୟୁରୋ)

ସମ୍ବଲପୁର ଜିଲା ଶାସନ ଥାନା ଟାମ୍ପରକେଲା ଖପସାଡେରାରେ ୨୫ ତାରିଖରେ ମାର୍‌ପିଟ ହୋଇଥିଲା। ଏଥିରେ ଶାସନ ଥାନା ପୋଲିସ ଉଭୟପକ୍ଷରୁ ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । କାର୍ତ୍ତିକ ମିର୍ଦ୍ଧାଙ୍କ ଅଭିଯୋଗକ୍ରମେ ଅପରପକ୍ଷର ୪ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଛି । ଅଶ୍ୱିନୀ ଓରାମ, ଅନୀଲ ଓରାମ, ନୀଳ ଓରାମ ଓ ଶାମ ଓରାଙ୍କୁ ଗିରଫ କରାଯାଇଛି। ସେହିପରି ଅଶ୍ୱିନୀ ଓରାମଙ୍କ ଅଭିଯୋଗକ୍ରମେ ପୋଲିସ କାର୍ତ୍ତିକ ଓରାମଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ୧୯୬/୨୦୧୮ ଓ ୧୯୭/୨୦୧୮ରେ ଦୁଇଟି ମାମଲା ରୁଜୁ ହୋଇଛି । ପାରିବାରିକ ଗଣ୍ଡଗୋଳରୁ ମାର୍‌ପିଟ୍ ହୋଇଥିବା ପୋଲିସ କହିଛି ।

### ମୋଡଘାଟ ପୂଜାମଣ୍ଡପ ଜବରଦଖଲ ଅଭିଯୋଗ

# ସମାଧାନ ପାଇଁ କମିଶନରଙ୍କ ଦ୍ୱାରସ୍ଥ

ସମ୍ବଲପୁର,୨୬।୯(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ମୋଡ଼ଘାଟ ଗ୍ରାମସ୍ଥିତ ପୂଜାମଣ୍ଡପକୁ ଜଣେ ବ୍ୟକ୍ତି ଜବରଦଖଲ କରିଥିବା ନେଇ ଗ୍ରାମବାସୀ ମହାନଗର କମିଶନର ବିମଳେନ୍ଦୁ ରାୟଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଅଭିଯୋଗ କ୍ରମେ ଗାଁ ମଝିରେ ପୂଜାମଣ୍ଡପ ରହିଛି। ହେଲେ ବେଆଇନ ଭାବେ ଜଣେ ବ୍ୟକ୍ତି ଏହି ମଣ୍ଡପକୁ ଅକ୍ତିଆର କରି ନେଇଛନ୍ତି। ସେଠାରେ ରାସ୍ତା ନିର୍ମାଣ କରୁଛନ୍ତି। ଏହାକୁ ଗ୍ରାମବାସୀ ବିରୋଧ କରିବାରେ ବ୍ୟକ୍ତିଜଣକ ଗାଳିଗୁଲିଜ କରିବା ସହ ଧମକ ଚମକ ଦେଉଛନ୍ତି। ଏହି ସମସ୍ୟାର ସମାଧାନ କରିବାକୁ ସେମାନେ ଦାବି କରିଛନ୍ତି। ସ୍ଥାନୀୟ ଆରଆଇକୁ ଏହି ଜମିର ଡିର୍ମାକେଶନ କରିବାକୁ ମଧ ସେମାନେ କମିଶନରଙ୍କୁ ଅନୁରୋଧ କରିଛନ୍ତି। ଭୋରାସାଗର, ଅଶୋକ କୁମ୍ଭାର, ମିଟୁ ଭୋରାସାଗର, ନିବାସ କୁମ୍ଭାର, ସୁନିତା କୁମ୍ଭାର, ମୁନା ମହାନନ୍ଦ, ଦର୍ଶନୀ ସିଂ, କଲ୍ୟାଣୀ ପ୍ରସାଦ ପ୍ରମୁଖ ୩୦ଜଣଙ୍କ ସ୍ୱାକ୍ଷର ଥିବା ଅଭିଯୋଗପତ୍ର କମିଶନରଙ୍କୁ ଦିଆଯାଇଛି।



ସମ୍ବଲପୁର ମହାନଗର ନିଗମ କମିଶନରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଲଗାଣ ବର୍ଷାରେ ଗ୍ରାମ୍ୟ ରାସ୍ତା ବେହାଲ

ପଡିଆବାହାଲ,୨୬।୯(ଡି.ଏନ.ଏ.)

ଲଗାଣ ବର୍ଷା ଗ୍ରାମ୍ୟ ରାସ୍ତାଗୁଡ଼ିକୁ ବିକୃତ କରି ଦେଇଛି। ଜାତୀୟ ରାଜପଥରୁ ଖଲିଆପାଲି ଦେଇ ବାହାମ ଗ୍ରାମପଞ୍ଚାୟତକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ସଡ଼କରୁ ପିଚୁ ଉଠିଯାଇ ଖାଲଖମାରେ ପରିପୂର୍ଣ୍ଣ ହୋଇଛି। ସାଇକେଲ, ମୋଟର ସାଇକେଲ ଚଳାଚଳ ତ ଦୁରୂହ ବ୍ୟାପାର ପାଦଚଲା ଯାତ୍ରୀମାନଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସେହିପରି ଜାତୀୟ ରାଜପଥ ପଡ଼ିଆବାହାଲରୁ ବଡତୁରାଙ୍ଗକୁ ସଂଯୋଗ ରାସ୍ତା ଏବଂ ବଡତୁରାଙ୍ଗରୁ ମୁଣ୍ଡେନପାଲି ରାସ୍ତା ଅତ୍ୟନ୍ତ ଦୟନୀୟ ହୋଇପଡ଼ିଛି। ଜାତୀୟ ରାଜପଥ ପେଟ୍ରୋଲ ପମ୍ପରୁ ପଡ଼ିଆବାହାଲ ଗାଁକୁ ସଂଯୋଗ ରାସ୍ତା ପିଚୁ ହୋଇ ନ ଥିବାରୁ ବେହାଲ୍ ହୋଇପଡ଼ିଛି। ଜାତୀୟ ରାଜପଥଠାରୁ ବଡସାହିର ଘେନୁପାଲିକୁ ସଂଯୋଗ କରୁଥିବା ରାସ୍ତାର ମଧ ସମାନ ଦୁରବସ୍ଥା। ଏ ପର୍ଯ୍ୟନ୍ତ ରାସ୍ତାର ସ୍ଥାୟୀ ମରାମତି ଦିଗ ପ୍ରତି ଧ୍ୟାନ ଦିଆଯାଇନାହିଁ। କେବଳ ଠିକାଦାର ପୋଷା ନୀତିରେ ରାସ୍ତା କାର୍ଯ୍ୟ କରାଯାଇଥିବାରୁ ରାସ୍ତାଘାଟର ଏଭଳି ଦୟନୀୟ ଅବସ୍ଥା ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି ।

# ମାନେଶ୍ୱର ବ୍ଲକରେ ବିଜେଡି କର୍ମୀ ସମ୍ମିଳନୀ



ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ହୁମାଠାରେ ବିଧାୟକ ଉଦ୍‌ବୋଧନ ଦେଉଛନ୍ତି।

ମାନେଶ୍ୱର/ଧମା,୨୬।୯(ଡି.ଏନ.ଏ.)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ହୁମା ଓ ବରଗାଁ ପଞ୍ଚାୟତରେ ବିଜେଡି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଗୋପୀରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାଗୁଡ଼ିକରେ ବିଧାୟକ ରୋହିତ ପୂଜାରୀ, ଜିଲା ପରିଷଦ ସଭ୍ୟ ସତ୍ୟ ନାରାୟଣ ମେଣ୍ଡୁଲୀ ଉପସ୍ଥିତ ରହିଥିଲେ। ହୁମାଠାରେ ଆୟୋଜିତ ସଭାରେ ଗ୍ରାମବାସୀଙ୍କ ସହ ବିଧାୟକ ପୂଜାରୀ ସମସ୍ୟା ଉପରେ ଆଲୋଚନା କରିଥିଲେ। ଗ୍ରାମବାସୀମାନେ ମଧ ରାସ୍ତା, ପାନୀୟ ଜଳ ଭଳି ବିଭିନ୍ନ ସମସ୍ୟା ଉପରେ ବିଧାୟକଙ୍କୁ ଅବଗତ କରିଥିଲେ। ସେହିପରି ବରଗାଁ ପଞ୍ଚାୟତ ଦଶପୁର ଗ୍ରାମରେ ବିଭିନ୍ନ ସମସ୍ୟା ନେଇ ମହିଳାମାନଙ୍କ ସହ ଆଲୋଚନା କରିଥିଲେ । ଏହି ଅବସରରେ ବ୍ଲକ ଉପାଧ୍ୟକ୍ଷ ରାହାସ ମିର୍ଦ୍ଧା, ସନ୍ତୋଷ ପୁରୋହିତ ଓ ସମିତି ସଭ୍ୟାସଭ୍ୟମାନେ ଉପସ୍ଥିତ ରହିଥିଲେ ।

### ପ୍ରଧାନମନ୍ତ୍ରୀ ଫସଲ ବୀମା ବିଭ୍ରାଟ

# ତୃତୀୟ ଦିନରେ ଚାଷୀଙ୍କ ଆନ୍ଦୋଳନ

ସମ୍ବଲପୁର,୨୬।୯(ବ୍ୟୁରୋ)

ସମ୍ବଲପୁର ଜିଲାରେ ପ୍ରଧାନମନ୍ତ୍ରୀ ଫସଲ ବୀମା ବିଭ୍ରାଟକୁ ନେଇ ଚାଷୀ ସଙ୍ଗଠନଗୁଡ଼ିକ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବୁଧବାର ଜିଲାପାଳ ଅଫିସ ସମ୍ମୁଖରେ ଚାଲିଥିବା ଆନ୍ଦୋଳନ ତୃତୀୟ ଦିନରେ ପହଞ୍ଚିଛି। ଦିନକୁ ଦିନ ଏହା ଜନସମର୍ଥନ ଜୁଟାଇବାରେ ଲାଗିଛି। ବୁଧବାର ଜିଲା କୃଷକ ସଙ୍ଗଠନ ସହିତ ମୁଢେନପାଲି ମା' ବନଦୁର୍ଗା କୃଷକ ସଙ୍ଗଠନ ଆନ୍ଦୋଳନରେ ସାମିଲ୍ ହୋଇଥିଲେ। ସେମାନଙ୍କ ସମର୍ଥନରେ କାନ୍ଧ ମିଳାଇଥିଲେ ବିଭିନ୍ନ ଟ୍ରେଡ ୟୁନିୟନର କର୍ମକର୍ତ୍ତା। ଟ୍ରେଡ ୟୁନିୟନ ସଦସ୍ୟ ଗଦାଧର କୁଅଁର, ବିପିନ ବାରିକ, କିଶୋର ଜେନା, ଜି. ରାମାରାଓ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ସେହିଭଳି ଚାଷୀ ସଙ୍ଗଠନ ପକ୍ଷରୁ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ଆବାହକ ଅଶୋକ ପ୍ରଧାନ, ଜିଲା ସଭାପତି ମୁରାରୀ ପୁରୋହିତ, ଉପସଭାପତି ହରିଶଙ୍କର ପୁରୋହିତ, ଦେବେନ୍ଦ୍ର ପ୍ରଧାନ, ଚନ୍ଦ୍ରଶେଖର ପଣ୍ଡା, ବ୍ୟୋମକେଶ ଠାକୁର, ବିଭୂ ପଟ୍ଟନାୟକଙ୍କ ସମେତ ମା' ବନଦୁର୍ଗା କୃଷକ ସଙ୍ଗଠନର ଅକ୍ଷୟ ପ୍ରଧାନ, ରୋଶନ ବେହେରା, ଶ୍ରୀକାନ୍ତ ପଣ୍ଡା, ମନୋଜ ସେନାପତି, ପଦ୍ମନାଭ ପ୍ରଧାନ, ନାରାୟଣ ଯୋଶୀ, ଶୋଭାରାମ ପଧାନ, ଡୁଲାମଣି ସାହୁ, ଅମର ବାଗ, ଗୁରୁଚର ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

ସୂଚନାଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀ ଫସଲ ବୀମା ପାଇଁ ଚାଷୀଙ୍କ ବାରମ୍ବାର ଦାବି ଓ ଆନ୍ଦୋଳନ ପରେ ପ୍ରଧାନମନ୍ତ୍ରୀ ଫସଲ ବୀମାରେ ଟଙ୍କା ପ୍ରଦାନ ଘୋଷଣା କରାଯାଇଥିଲା। ଏଥିପାଇଁ ପ୍ରଶାସନ ଓ ବୀମା କମ୍ପାନୀ ତାଲିକା ପ୍ରସ୍ତୁତ କରିଛନ୍ତି। ହେଲେ ଘୋଷଣା ମୁତାବକ ଚାଷୀମାନଙ୍କୁ ଟଙ୍କା ପ୍ରଦାନ କରାଯାଉନାହିଁ। ମହାନଗରରେ ସାମିଲ ହୋଇଥିବା ୧୨ ପଞ୍ଚାୟତକୁ ଆଦୌ ଟଙ୍କା ମିଳି ନ ଥିବା ବେଳେ ୨୧ ପଞ୍ଚାୟତରେ ଘୋଷଣା ହୋଇଥିବା ବୀମା ପ୍ରତିଶତରୁ କମ ଟଙ୍କା ମିଳୁଛି । ଏହାକୁ ନେଇ ଚାଷୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବୀମା ବିଭ୍ରାଟ ଦୂର ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି ।



ସମ୍ବଲପୁର ଜିଲାପାଳ ଅଫିସ ସମ୍ମୁଖରେ ଚାଷୀ ସଂଗଠନ ପକ୍ଷରୁ ତୃତୀୟ ଦିନ ଧାରଣାରେ ଚାଷୀ ଆନ୍ଦୋଳନ।



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ଜଳଖିଆ ଦୋକାନୀଙ୍କୁ ମାଡ଼ ଘଟଣା
## ଅଭିଯୁକ୍ତ ବିକାଶ, ସୋନୁ ଗିରଫ

**ସମ୍ବଲପୁର,୨୬।୯ (ବ୍ୟୁରୋ)-** ସମ୍ବଲପୁର ଜିଲା ଅଇଁଠାପାଲି ଥାନା ଫାଟକ ଅଞ୍ଚଳରେ ସୋମବାର ଏକ ଜଳଖିଆ ଦୋକାନୀ ଗୋପାଳ ସାହୁଙ୍କୁ ମାଡ଼ ଓ ୪ ଦୋକାନରେ ଭଙ୍ଗାରୁଜା ଘଟଣାରେ ପୋଲିସ ବୁଧବାର ମୁଖ୍ୟ ଅଭିଯୁକ୍ତ ବିକାଶ ମୁଣ୍ଡା ଓ ସହଯୋଗୀ ସୋନୁ ଦେବଗନଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କୁ ଆସନ୍ତାକାଲି କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି । ଏ ନେଇ ଥାନାରେ ୩୫୬/୧୮ରେ ଏକ ମାମଲା ରୁଜୁ କରାଯାଇଛି । ଖୁବଶୀଘ୍ର ଅନ୍ୟ ଅଭିଯୁକ୍ତଙ୍କୁ ଧରାଯିବ ବୋଲି ଅଇଁଠାପାଲି ଥାନାଧିକାରୀ ଚିନ୍ତାମଣୀ ପ୍ରଧାନ କହିଛନ୍ତି।

## ରେଙ୍ଗାଲି ବ୍ଲକରେ ମୁଁ ହିରୋ ଅଭିଯାନ

**ରେଙ୍ଗାଲି,୨୬।୯(ଡି.ଏନ.ଏ.)-** ସମ୍ବଲପୁର ଜିଲା ରେଙ୍ଗାଲିଠାରେ ମୁଁ ହିରୋ ଅଭିଯାନର ଶୁଭାରମ୍ଭ ହୋଇଛି। ବୁଧବାର ରେଙ୍ଗାଲି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲା କ୍ରୀଡ଼ା ଅଧିକାରୀ ଉପେନ୍ଦ୍ର ଶତପଥି, ରେଙ୍ଗାଲି ବିଡିଓ ବେର୍ଣ୍ଣାଦେତ୍ ଲାକ୍ରା, ବିଧାୟକ ପ୍ରତିନିଧି ନାରାୟଣ ଶର୍ମା ପତାକା ଦେଖାଇ ମୁଁ ହିରୋ କାନଭାସର ଶୁଭାରମ୍ଭ କରିଥିଲେ। ପରେ ରେଙ୍ଗାଲିସ୍ଥିତ ସୁରଜମଲ ମହାବିଦ୍ୟାଳୟଠାରେ ମୁଁ ହିରୋ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଜୁ ଯୁବ ବାହିନୀର ସଦସ୍ୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରି ଗୀତ ଓ ନାଚ ପ୍ରଦର୍ଶନ କରିଥିଲେ। ଜିଲା ସଂଯୋଜକ କବିଶ ଅଗସ୍ତି, ଜିଲା ପ୍ରକଳ୍ପ ଅଧିକାରୀ ବିଜୁ ଯୁବା ବାହିନୀ ସ୍ୱାଗତିକା ଜେନା ଏବଂ ବ୍ଲକ ସଂଯୋଜିକା ମୋନାଲିସା ପଟ୍ଟନାୟକ, ସୁରଜମଲ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଜିତ କୁମାର ସେନ, ମହାବିଦ୍ୟାଳୟର କର୍ମଚାରୀବୃନ୍ଦ, ଛାତ୍ରୀଛାତ୍ର ଏବଂ ବିଜୁ ଯୁବ ବାହିନୀର ସଦସ୍ୟମାନେ ଉପସ୍ଥିତ ଥିଲେ।

# ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି

## ■ ଶ୍ରମିକ କର୍ମଚାରୀ ସମନ୍ୱୟ ସମିତି ସାମିଲ

**ସମ୍ବଲପୁର,୨୬।୯ (ବ୍ୟୁରୋ)**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ଦାବିରେ ଓକିଲଙ୍କ ଆନ୍ଦୋଳନରେ ବୁଧବାର ବିଭିନ୍ନ ଅନୁଷ୍ଠାନ ସାମିଲ ହୋଇଛନ୍ତି । ଏହି କ୍ରମରେ ସମ୍ବଲପୁର ଶ୍ରମିକ କର୍ମଚାରୀ ସମନ୍ୱୟ ସମିତି ରାଲିରେ ସହର ପରିକ୍ରମା କରି କଚେରି ଛକ ଧାରଣାସ୍ଥଳରେ ପହଞ୍ଚି ସମର୍ଥନ ଜଣାଇଛନ୍ତି। ସିଆଇଟିୟୁ ଜିଲା ସଭାପତି ଗଦାଧର କୁଅଁର, ଜିଲା ସାଧାରଣ ସମ୍ପାଦକ ମହେଶ୍ୱର ଷଣ୍ଢ, ଏଚଏମଏସ ରାଜ୍ୟ ସମ୍ପାଦକ ଗୋକୁଳ ମେହେର, ବିଜୟ ମହାନ୍ତି, ଏଆଇଟିୟୁସିର ଏନ ଗୋପାଳ, ହୀରାଖଣ୍ଡ କର୍ମଚାରୀ ସଂଘ ଜିଲା ସମ୍ପାଦକ ରଞ୍ଜିତ ମହାପାତ୍ର, ଭି ରାମାରାଓ, ସ୍ୱପ୍ନେଶ୍ୱର ସେନାପତି, କାଶିନାଥ ବେହେରା, ଶରତ ପଟ୍ଟନାୟକ, କିଶୋର ଜେନା, ସୁରେନ୍ଦ୍ର ସ୍ୱାଇଁ, ସୁଶିଳ ସେଠ, ନିରାକାର ପ୍ରମୁଖ ସାମିଲ ଥିଲେ । ସେହିପରି ହୀରାକୁଦ ଇଣ୍ଡଲ ୱାର୍କର୍ସ ୟୁନିୟନ କର୍ମକର୍ତ୍ତାମାନେ ମଧ୍ୟ ଆନ୍ଦୋଳନକୁ ସମର୍ଥନ ଜଣାଇ ରାଲି କରିଥିଲେ । ଜିଲା ଓକିଲ ସଂଘ କର୍ମକର୍ତ୍ତା ଓ ସଭ୍ୟମାନେ ସ୍ୱାଗତ କରିଥିଲେ। ଏତଦ୍‌ବ୍ୟତୀତ ଜିଲାର କୋର୍ଟ, କଚେରୀ ସମେତ ଉପଜିଲାପାଳ, ଜିଲାପାଳ ସମ୍ମୁଖରେ ଓକିଲମାନେ ଧାରଣାରେ ବସିଥିବା ଦେଖାଯାଇଥିଲା । ଯଦ୍ୱାରା କୌଣସି ପ୍ରକାର କାର୍ଯ୍ୟ ହୋଇପାରିନାହିଁ ।




ବୁଧବାର ସମ୍ବଲପୁର ଶ୍ରମିକ ସମନ୍ୱୟ ସମିତି କର୍ମକର୍ତ୍ତାମାନେ ଓକିଲଙ୍କ ଆନ୍ଦୋଳନରେ ସାମିଲ ହେବାକୁ ରାଲିରେ ଯାଉଛନ୍ତି ।

## ୪ ଚୋରା ମୋବାଇଲ ଜବତ

**ସମ୍ବଲପୁର, ୨୬।୯ (ବ୍ୟୁରୋ)**

ସମ୍ବଲପୁର ଜିଲା ଶାସନ ଥାନା ଅନ୍ତର୍ଗତ ଶାସନ ଥାନା ପୋଲିସ ଜଣେ ନାବାଳକଙ୍କଠାରୁ ୪ ମୋବାଇଲ୍ ଜବତ କରିଛି। ଏ ନେଇ ଅଇଁଠାପାଲି ଥାନାରେ ୧୯୫/୧୮ରେ ଏକ ମାମଲା ରୁଜୁ ହୋଇଛି। ଶାସନରେ ଏକ ଇଟା ଫ୍ୟାକ୍ଟ୍ରିରେ କାମ କରୁଥିବା ଶ୍ରମିକମାନଙ୍କଠାରୁ ଏହି ମୋବାଇଲ ଚୋରି ହୋଇଥିଲା। ଏକ କଟର ମେଶିନ ମଧ୍ୟ ଅଭିଯୁକ୍ତଜଣକ ଚୋରି କରିଥିଲେ। ଏହି ଘଟଣାରେ ଦେବାନନ୍ଦ ନାୟକ ଶାସନ ଥାନାରେ ଅଭିଯୋଗ କରିଥିଲେ ।

## ଗୋବିନ୍ଦପୁର, ଜରାବଗାରେ ନୂଆଁଖାଇ ଭେଟଘାଟ

**ବାମରା,୨୬।୯ (ସ୍ୱ.ପ୍ର.)**

ବାମରା ବ୍ଲକର ଜରାବଗାସ୍ଥିତ ମୁଖ୍ୟ କଲ୍ୟାଣ ମଣ୍ଡପଠାରେ ପ୍ରତିବର୍ଷ ଭଳି ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଜାକଜମକରେ ପାଳିତ ହୋଇଯାଇଛି। ସ୍ଥାନୀୟ ସୋଶିଆଲ ସୁପରଷ୍ଟାର ଗ୍ରୁପ ଆନୁକୂଲ୍ୟରେ ଆୟୋଜିତ ନୂଆଁଖାଇ ଭେଟଘାଟରେ ପ୍ରଧାନ ଶିକ୍ଷକ ତୀର୍ଥରାଜ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂଆଁଖାଇର ମହତ୍ତ୍ୱ ଉପରେ ମାର୍ଗଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୁରୁଷୋତ୍ତମ ପଟ୍ଟା, ବାଲୁଙ୍କେଶ୍ୱର ମିଶ୍ର, ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମେ ମା’ ସମଲେଇଙ୍କ ପାରମ୍ପରିକ ପୂଜାର୍ଚ୍ଚନା କରାଯାଇ ଭୋଗ ଓ ପ୍ରସାଦ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ନେଇ ପ୍ରବନ୍ଧ, କୁଇଜ, ବିଭିନ୍ନ ଖେଳ, ଗୀତ ଆଦିର ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ସୁରେଶ ଘୋଷ, ପ୍ରଶାନ୍ତ ପଟେଲ, ଘାସିରାମ ବାଘ, ନବୀନ ମାଝୀ ପ୍ରମୁଖ ସହଯୋଗ କରିଥିଲେ। ସେହିଭଳି ଗୋବିନ୍ଦପୁରସ୍ଥିତ ମକର ମିଳନ ପଡ଼ିଆରେ ଅବସରପ୍ରାପ୍ତ ରେଞ୍ଜର ପ୍ରଶାନ୍ତ ଶତପଥୀଙ୍କ ତତ୍ତ୍ୱାବଧାନରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଥିଲା। ପଦ୍ମଶ୍ରୀ ଲୋକକବି ହଳଧର ନାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସାହିତ କରିଥିଲେ।

## ସିଆରପିଏଫ ପକ୍ଷରୁ ସ୍ୱଚ୍ଛତା ଅଭିଯାନ



**ନାକଟିଦେଉଳ,୨୬।୯ (ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ସଦରସ୍ଥିତ ଅବସ୍ଥାପିତ ସି/୧୨ ବାଟିଲିୟନ୍ ସିଆରପିଏଫ ପକ୍ଷରୁ ବୁଧବାର ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଜଗଦୀଶ ବିଶିଙ୍କ ନେତୃତ୍ୱରେ ସିଆରପିଏଫ ଯବାନମାନେ ବୁଧବାର ସକାଳୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚତୁର୍ପାଶ୍ୱ ସହ ପରିସରକୁ ସଫେଇ କରିଥିଲେ । ସରକାରଙ୍କ ପକ୍ଷରୁ ଚାଲିଥିବା ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ସିଆରପିଏଫ ଯବାନମାନେ ସାମିଲ ହୋଇ ଏପରି ସଫେଇ ଅଭିଯାନ ଜାରି ରଖିଥିବା ଜଣାପଡ଼ିଛି। ଉତ୍ତମ ପରିବେଶ ଏବଂ ସ୍ୱାସ୍ଥ୍ୟ ପାଇଁ ସ୍ୱଚ୍ଛତା ନିହାତି ଜରୁରୀ ବୋଲି ଯବାନମାନେ ସଫେଇ କାର୍ଯ୍ୟ ମାଧ୍ୟମରେ ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଅମୂଲ୍ୟରତ୍ନ ମହନ୍ତଙ୍କ ସମେତ ବହୁ ଆଶାକର୍ମୀ ଓ ଅନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ ।

## କୀଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ

**ବୁର୍ଲା, ୨୬।୯ (ଡି.ଏନ.ଏ.)**

ସମ୍ବଲପୁରର ବିଭିନ୍ନ ଅଞ୍ଚଳରେ ୫ ବ୍ୟକ୍ତି କୀଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ କରି ଗୁରୁତର ହୋଇଛନ୍ତି। ଭୀମସାର ବୁର୍ଲା ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ସେମାନଙ୍କ ସେମାନଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ପୁନମ ପଟେଲ(୨୨), କମୁଲୁ ପ୍ରଧାନ(୭୫), ମଙ୍ଗରା ଓରାମ (୫୦), ସୁରେନ୍ଦ୍ର ମେହେର (୩୨) ଓ ଯଶୋବନ୍ତ କୁଅଁର (୨୪)। ବୁର୍ଲା ମେଡିକାଲ ପୋଲିସ ଖବର ପାଇ ଶବଗୁଡ଼ିକୁ ଜବତ କରି ଏ ନେଇ ତଦନ୍ତ ଆରମ୍ଭ କରିଛି । ଏ ନେଇ ଥାନାରେ ୫ ପୃଥକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଖୁଣ୍ଟିଚକୁଲି ପ୍ରକଳ୍ପ ୟୁପି ସ୍କୁଲରେ କୃମିନାଶକ ଦିବସ

**ସମ୍ବଲପୁର,୨୬।୯(ବ୍ୟୁରୋ)**

ଜାତୀୟ କୃମିନାଶକ ଦିବସ ବୁଧବାର ସମ୍ବଲପୁର ଜିଲା ଖୁଣ୍ଟିଚକୁଲି ପ୍ରକଳ୍ପ ୟୁପି ସ୍କୁଲରେ ପାଳନ କରାଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁନନ୍ଦା ଚାନ୍ଦଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଡା. ପ୍ରତାପ ନାୟକ ଯୋଗଦେଇ ୫୪ ଛାତ୍ରୀ ଓ ୫୪ ଛାତ୍ରଙ୍କୁ କୃମିନାଶକ ଔଷଧ ବଣ୍ଟନ କରିଥିଲେ। ଶିକ୍ଷୟିତ୍ରୀ ନିଶାମଣୀ ବଢ଼େଇ, ଜୟଶ୍ରୀ ପ୍ରଧାନ, ଶିକ୍ଷକ ରାଜେଶ କୁମାର ଧର କୃମିନାଶକ ଔଷଧ ସେବନର ବିଧି ଉପରେ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ।

## ଜିଏମୟୁରେ ବକ୍ତୃତାମାଳା ଅନୁଷ୍ଠିତ

**ସମ୍ବଲପୁର,୨୬।୯ (ବ୍ୟୁରୋ)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ) ପ୍ଲାଟିନମ୍ ଜୁବଲି ଚତୁର୍ଥ ବକ୍ତୃତାମାଳା ବୁଧବାର ଅମୃତ ବିହାର ପରିସରସ୍ଥ ଅଧ୍ୟାପନା ପ୍ରକୋଷ୍ଠ-୧ ଠାରେ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଅତନୁ କୁମାର ପତିଙ୍କ ଅଧ୍ୟକ୍ଷତାରେ ବକ୍ତୃତାମାଳା ହୋଇଥିଲା। ଏଥିରେ ପୂର୍ବତନ ରାଷ୍ଟ୍ରପତି ଡ. କେଆର ନାରାୟଣଙ୍କ ପ୍ରେସ ସଚିବ ସତ୍ୟନାରାୟଣ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସେ ଏକବିଂଶ ଶତାବ୍ଦୀରେ ଗାନ୍ଧୀ-ଯୁବ ସମାଜ ଏବଂ ଜଗତୀକରଣ ବିଶ୍ୱ ଶୀର୍ଷକ ବକ୍ତୃତା ମାଳାରେ ବକ୍ତବ୍ୟ ଦେଇଥିଲେ। ଆମେ ଗାନ୍ଧୀଙ୍କୁ ଦୈନନ୍ଦିନ ଜୀବନରେ ଖୋଜି ପାରିବା। ଗାନ୍ଧୀଙ୍କୁ ଜାଣିବାକୁ ହେଲେ ଅହିଂସା, ସତ୍ୟାଗ୍ରହ, ସ୍ୱଦେଶୀ ଓ ସ୍ୱରାଜ ବିଷୟରେ ଜାଣିବାର ଆବଶ୍ୟକତା ରହିଛି। ଏକବିଂଶ ଶତାବ୍ଦୀରେ ଯୁବକ ସମାଜ ସରଳ ଜୀବନଯାପନ, ପରିବେଶର ସୁରକ୍ଷା, ସଶକ୍ତୀକରଣ, ଅହିଂସା ଓ ସତ୍ୟପଥରେ ଚାଲିଲେ ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇପାରିବେ। ଜିଏମୟୁ ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ. ସୁଚେତା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ଡ. ତ୍ରିପୁରାରୀ ନାରାୟଣ ପତି ଧନ୍ୟବାଦ ଦେଇଥିଲେ। ବକ୍ତୃତାମାଳାରେ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ, ଅବସରପ୍ରାପ୍ତ ଶିକ୍ଷକ, ବରିଷ୍ଠ ନାଗରିକମାନେ ଯୋଗ ଦେଇଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଡ. ସନ୍ତୋଷ କୁମାର ଦାଶ, ଡ. ମୀନକେତନ ପାଠି, ଭାଗବତ ପ୍ରସାଦ ନନ୍ଦ, ସୁଜିତ କୁମାର ବିଶ୍ୱାଳ, ଡ. ଶ୍ରୀନିବାସ ଦାଶ ପ୍ରମୁଖ ଭାଗ ନେଇଥିଲେ । ଛାତ୍ରୀ ଅରୁନ୍ଧତି ସିଂଦେଓ ଓ ଛାତ୍ର ପ୍ରତ୍ୟୁଷ ରଞ୍ଜନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।




ଜିଏମୟୁ କୁଳପତି ପ୍ରଫେସର ଅତନୁ କୁମାର ପତି ବୁଧବାର ମୁଖ୍ୟବକ୍ତା ସତ୍ୟନାରାୟଣ ସାହୁଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।



ବୁଧବାର ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ଆୟୋଜିତ ରେଡକ୍ରସର ସଚେତନତା କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ସାମିଲ ହୋଇଛନ୍ତି ।

# ଜିଲାସ୍ତରୀୟ କୃମିନାଶକ ଦିବସ ପାଳିତ

**ସମ୍ବଲପୁର,୨୬।୯ (ବ୍ୟୁରୋ)**

ସମ୍ବଲପୁର ଜିଲାସ୍ତରୀୟ କୃମିନାଶକ ଦିବସ ବୁଧବାର ଚନ୍ଦ୍ରଶେଖର ବେହେରା ଜିଲାସ୍କୁଲ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସ୍ୱାସ୍ଥ୍ୟ ସମିତି ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଚିକିତ୍ସାଧିକାରୀ ଡା. କଲ୍ୟାଣ କୁମାର ଗୁପ୍ତା ଅଧ୍ୟକ୍ଷତା କରିଥିଲେ। ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ଏସଡିଏ ଅଧ୍ୟକ୍ଷ ବିଜୟ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃମିନାଶକ ଔଷଧ ବଣ୍ଟନ କରିଥିଲେ। ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା. ପଞ୍ଚାନନ ନାୟକ, ସ୍ୱାସ୍ଥ୍ୟ ଅଧିକାରୀ ଡା. ମହେନ୍ଦ୍ର ନନ୍ଦ, ଡିପିଏମ ଉମେଶ ଚନ୍ଦ୍ର ଷଡଙ୍ଗୀ, ସିପିଏମ ଗୁରୁଦତ୍ତ ପୁରୋହିତ ଏବଂ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧିକାରୀ ଗୁରୁ କୁମାର ଭୋଇ କୃମି ଔଷଧ ସେବନ ଉପରେ ଆଲୋକପାତ କରିଥିଲେ। ଜିଲା ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. କୁବେର ଚନ୍ଦ୍ର ମହନ୍ତ ଧନ୍ୟବାଦ ଦେଇଥିଲେ। ଅଶ୍ୱିନୀ ମହାନନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୂଚନାଯୋଗ୍ୟ ଯେ, ସମ୍ବଲପୁର ଜିଲାରେ ୪ଲକ୍ଷ କୃମିନାଶକ ଔଷଧ ବଣ୍ଟନ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଛି। ଏପରି ସ୍ଥଳେ ଜିଲାରେ ଥିବା ସରକାରୀ ସ୍କୁଲଗୁଡ଼ିକରେ ଔଷଧ ବଣ୍ଟନ କରିବାକୁ କୌଣସି ପ୍ରକାର ପ୍ରତିବନ୍ଧକ ସୃଷ୍ଟି ହେଉନାହିଁ । ତେବେ ବେସରକାରୀ ସ୍କୁଲଗୁଡ଼ିକରେ ଅସୁବିଧା ହେଉଛି। ଜିଲାରେ ୩ଲକ୍ଷ ୫୩ ହଜାର ଛାତ୍ରୀଛାତ୍ର ଓ ଶିଶୁଙ୍କୁ କୃମି ଔଷଧ ବଣ୍ଟନ କରାଯିବାକୁ ମତପ୍ରକାଶ ପାଇଛି।



ବୁଧବାର ସମ୍ବଲପୁର ଜିଲାସ୍ତରୀୟ କୃମିନାଶକ ଦିବସ ଉତ୍ସବରେ ଛାତ୍ରଛାତ୍ରୀ ।

# ସାମିଲ ହେବ ବ୍ୟବସାୟିକ ପ୍ରତିଷ୍ଠାନ

**ସମ୍ବଲପୁର, ୨୬।୯ (ବ୍ୟୁରୋ)**

### ୨୮ରେ ଭାରତ ବନ୍ଦ

ସର୍ବ ଭାରତୀୟ ଟ୍ରେଡର୍ସ ଫେଡେରେଶନ (ସିଏଆଇଟି) ଆହ୍ୱାନରେ ଚଳିତ ମାସ ୨୮ ତାରିଖ ଭାରତ ବନ୍ଦ ହେବ । ଏଥିରେ କେବଳ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ସାମିଲ ହେବେ। ସେହିପରି ସମସ୍ତ ଔଷଧ ଦୋକାନ ୨୪ ଘଣ୍ଟା ବନ୍ଦ ରହିବ । ଶିକ୍ଷା, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦପ୍ତର, ବ୍ୟାଙ୍କଗୁଡିକ ଖୋଲା ରହିବ। ବୁଧବାର ରାତିରେ ବୀରସୁରେନ୍ଦ୍ର ସାଏ ମାର୍ଗସ୍ଥିତ ହୋଟେଲ ଶିଲା ଟାୱାରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସମ୍ବଲପୁର ଚେମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଏବଂ ସମ୍ବଲପୁର ଜିଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନ କର୍ମକର୍ତ୍ତା ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ସେମାନେ କହିଥିଲେ ଯେ, ସର୍ବଭାରତୀୟ ଔଷଧ ବ୍ୟବସାୟୀ ସଙ୍ଗଠନର ଆହ୍ୱାନ କ୍ରମେ ଓଡ଼ିଶା ରାଜ୍ୟର ସମସ୍ତ ଔଷଧ ବ୍ୟବସାୟୀମାନେ ଏହି ବନ୍ଦରେ ସାମିଲ ହେବେ। ସମ୍ପ୍ରତି ଔଷଧ ବ୍ୟବସାୟରେ କେନ୍ଦ୍ର ସରକାର ଇ-ଫାର୍ମାସୀ ବ୍ୟବସ୍ଥା ଲାଗୁ ହୋଇଛି। ଏହାକୁ ସଙ୍ଗଠନ ବିରୋଧ କରିଛନ୍ତି। କେନ୍ଦ୍ର ସରକାରଙ୍କ ଏହି ଔଷଧ ବ୍ୟବସାୟ ମାରଣନୀତି ଯୋଗୁଁ ଦେଶର ୮ଲକ୍ଷ ଔଷଧ ବ୍ୟବସାୟୀ ସମେତ ଓଡିଶାର ପ୍ରାୟ ୧୮ ହଜାର ବ୍ୟବସାୟୀ କ୍ଷତିଗ୍ରସ୍ତ ହୋଇ ଜୀବିକା ହରାଇବେ । ଇ-ଫାର୍ମାସୀ ଓ ଅନଲାଇନ୍ ଔଷଧ ବ୍ୟବସାୟ ହେଲେ ପ୍ରକୃତ ଔଷଧ ରୋଗୀ ଓ ସର୍ବସାଧାରଣ ପାଖରେ ପହଞ୍ଚି ପାରିବ ନାହିଁ । ଜରୁରୀକାଳୀନ ସ୍ଥିତିରେ ଆବଶ୍ୟକ ହେଉଥିବା ଔଷଧ ରୋଗୀମାନଙ୍କୁ ମିଳିପାରିବ ନାହିଁ। ଏଣୁ ଇ-ଫାର୍ମାସୀ ସମ୍ପୂର୍ଣ୍ଣ ବନ୍ଦ ହେଲେ ରୋଗୀମାନେ ଉପକୃତ ହୋଇପାରିବେ ବୋଲି କର୍ମକର୍ତ୍ତା କହିଛନ୍ତି । ଖବରଦାତା ସମ୍ମିଳନୀରେ ସମ୍ବଲପୁର ଜିଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ୍ ସଭାପତି ପ୍ରଶାନ୍ତ କୁମାର ରଥ, ସମ୍ପାଦକ ଜୟପ୍ରକାଶ ତ୍ରିପାଠୀ, ଏସ ଶିବ ପ୍ରସାଦ, ସମ୍ବଲପୁର ଚେମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ସଭାପତି ଅରୁଣ ପଟୁଆରି, ସମ୍ପାଦକ ଧନଜିତ ପଟେଲ, ଯଶବୀର ସିଂ ହୁରା, ଇଂ. ଶମ୍ଭୁଜଗତ ରାମକା, ଦାମୋଦର କର ପ୍ରମୁଖ ଖବରଦାତାଙ୍କୁ ସୂଚନା ଦେଇଥିଲେ। ଏହି ଅବସରରେ କର୍ମକର୍ତ୍ତାମାନେ ଭାରତ ବନ୍ଦର ଲିଫଲେଟ ଶୁଭାରମ୍ଭ କରିଥିଲେ।




ବୁଧବାର ସମ୍ବଲପୁରରେ ଭାରତ ବନ୍ଦର ଲିଫଲେଟକୁ କର୍ମକର୍ତ୍ତା ଶୁଭାରମ୍ଭ କରୁଛନ୍ତି ।

## ସଂକ୍ଷେପରେ

### ମାଙ୍କଡ଼ ଆକ୍ରମଣରେ ସହରବାସୀ ଅତିଷ୍ଠ: ପୁଣି ଜଣେ ଆହତ

**ଦେବଗଡ, ୨୬।୯ (ସ୍ୱ.ପ୍ର.):** ମାଙ୍କଡ ପଲର ଉପଦ୍ରବରେ ଦେବଗଡ ସହରବାସୀ ଅତିଷ୍ଠ ହୋଇପଡିଥିବାବେଳେ ବୁଧବାର ପୁଣି ଜଣେ ମାଙ୍କଡ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ମୁତାବକ, ଦେବଗଡ ପ୍ରଧାନପାଟ ରାସ୍ତା କଡରେ ଥିବା କଲ୍ୟାଣ ମଣ୍ଡପ ନିକଟରେ ଶିକ୍ଷୟିତ୍ରୀ ଇତାଲି ଘୋଷ ସକାଳେ ଫୁଲ ତୋଳିବାକୁ ଯାଇଥିଲେ। ତେବେ ଅଚାନକ ମାଙ୍କଡ ପଲ ତାଙ୍କୁ ଆକ୍ରମଣ କରିବାରୁ ସେ ଗୁରୁତର ଆହତ ହୋଇଥିଲେ। ସୂଚନା ଥାଉକି,ଦୀର୍ଘ ବର୍ଷ ହେବ ଦେବଗଡର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ପ୍ରଧାନପାଟ ସଂରକ୍ଷିତ ଜଙ୍ଗଲରେ ରହୁଥିବା ଶତାଧିକ ମାଙ୍କଡ ଖାଦ୍ୟାଭାବ ଯୋଗୁଁ ବର୍ତ୍ତମାନ ସହରମୁହାଁ ହୋଇ ସଂଘବଦ୍ଧ ଭାବେ ସହରର ଜନସାଧାରଣଙ୍କୁ ଅତର୍କିତ ଆକ୍ରମଣ କରିବା ନିତିଦିନିଆଁ ଘଟଣାରେ ପରିଣତ ହୋଇଯାଇଛି। ଏପରିକି ପ୍ରଶାସନ ତରଫରୁ ଯେତେ ପ୍ରତିକାର କଲେ ମଧ ତାହା କାମ ଦେଉନାହିଁ। ଫଳରେ ଜିଲା ପ୍ରଶାସନ ତଥା ବନବିଭାଗ କର୍ତ୍ତୃପକ୍ଷ କିଛି ଠୋସ୍ ପଦକ୍ଷେପ ଗ୍ରହଣ କରିବା ଜରୁରୀ ହୋଇପଡିଛି।



### ପୁରୁଣାଗଡ଼ରୁ ଅଜଗର ସାପ ଉଦ୍ଧାର

**ଦେବଗଡ଼,୨୬।୯(ସ୍ୱ.ପ୍ର):** ପୌରାଞ୍ଚଳ ଅଧୀନ ୮ନଂ. ୱାର୍ଡ ସ୍ଥିତ ପୁରୁଣାଗଡ ଅଞ୍ଚଳର ଓଲଟବର ଛକ ନିକଟସ୍ଥ ଏକ ସ୍ଥାନରୁ ୭ ଫୁଟ ଲମ୍ବର ଏକ ଅଜଗର ସାପକୁ ବନବିଭାଗ ବୁଧବାର ଉଦ୍ଧାର କରିଥିବା ଜଣାପଡିଛି। ସୂଚନା ମୁତାବକ ଓଲଟବର ଛକ ନିକଟସ୍ଥ ଏକ ପାଉଁରୁଟି ଫ୍ୟାକ୍ଟ୍ରି ନିକଟରେ ଏକ ଅଜଗର ସାପ ଥିବାନେଇ ସ୍ଥାନୀୟ ଲୋକ ଦେଖି ଭୟଭୀତ ହୋଇଯାଇଥିଲେ। ସଙ୍ଗେସଙ୍ଗେ ବନ ବିଭାଗର ଫରେଷ୍ଟଗାର୍ଡ ଭୋଳେଶ୍ୱର ସାହୁ ଖବରପାଇ ଉକ୍ତ ସାହିରେ ପହଞ୍ଚି ସାପକୁ ଉଦ୍ଧାର କରିବା ସହିତ ନିକଟସ୍ଥ ଝାଡେଶ୍ୱର ମନ୍ଦିର ସଂରକ୍ଷିତ ଜଙ୍ଗଲରେ ଛାଡ଼ି ଦେଇଥିଲେ। ସାପର ଓଜନ ପାଖାପାଖି ସାଢେ ୭ କିଲୋ ଥିବା ଜଣାପଡିଛି।






ବିଜେଡି ପକ୍ଷରୁ ନୂଆଁଖାଇ ଭେଟଘାଟ୍ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ (ବାମ) । ମଞ୍ଚରେ ଉପସ୍ଥିତ ବିଜେଡି ନେତା ଓ କର୍ମୀ।

### ଦେବଗଡ଼ ଜିଲା ବିଜେଡିର ନୂଆଁଖାଇ ଭେଟ୍‌ଘାଟ୍

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଲା ମଞ୍ଚ

**ଦେବଗଡ଼, ୨୬।୯(ସ୍ୱ.ପ୍ର)**

୨୦୧୯ ନିର୍ବାଚନ ଯେତିକି ପାଖେଇ ଆସୁଛି, ରାଜ୍ୟର ତିନି ପ୍ରମୁଖ ରାଜନୈତିକ ଦଳ ଭିତରେ ବର୍ତ୍ତମାନ ଶକ୍ତି ପ୍ରଦର୍ଶନ ସାଙ୍ଗକୁ ବିଭିନ୍ନ ସଭା ସମିତି ମାଧ୍ୟମରେ ଲୋକଙ୍କ ଆସ୍ଥା ଭାଜନ ହେବାକୁ ଚେଷ୍ଟା ଚାଲିଛି। ଏହି ପରିପ୍ରେକ୍ଷୀରେ ବୁଧବାର ଜିଲା ବିଜେଡି ପକ୍ଷରୁ ପଶ୍ଚିମ ଓଡିଶାର ଗଣପର୍ବ କୁହାଯାଉଥିବା ନୂଆଁଖାଇ ଭେଟଘାଟ୍ କାର୍ଯ୍ୟକ୍ରମ ଦେବଗଡରେ ଆୟୋଜନ କରିଥିବା ଜଣାପଡିଛି। ସ୍ଥାନୀୟ ଗୋପାଳଜୀ ମନ୍ଦିରରୁ ଏକ ବିରାଟ ଶୋଭାଯାତ୍ରାରେ ଦଳୀୟ କର୍ମୀ ତଥା ନେତାମାନେ ବାହାରି ଦେବଗଡ ସହର ପରିକ୍ରମା କରିଥିଲେ। ହାଡିବାଜାର ତାଳେତାଳେ ନୂଆଁଖାଇ ଜୁହାର ହେବା ସହ ବିଭିନ୍ନ ସ୍ଲୋଗାନ ଦେଇ ସ୍ଥାନୀୟ ଇନଡୋର ଷ୍ଟାଡିୟମରେ ପହଞ୍ଚିଥିଲେ। ସେଠାରେ ଜିଲା ବିଜେଡି ସଭାପତି ସୁଧୀର କପରଦାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଆଠମଲିକ ବିଧାୟକ ତଥା ଜିଲା ପର୍ଯ୍ୟବେକ୍ଷକ ସଞ୍ଜୀବ ସାହୁଙ୍କ ସମେତ ପୌରାଧ୍ୟକ୍ଷା ଅନୀତା ପାତ୍ର, ରାଜ୍ୟ ବିଜେଡି ଯୁବ ସାଧାରଣ ସମ୍ପାଦକ ରୋମାଞ୍ଚରଞ୍ଜନ ବିଶ୍ୱାଳ, ସମ୍ବଲପୁର ସମବାୟ ସମିତି ବ୍ୟାଙ୍କ ସଭାପତି ଅମରେନ୍ଦ୍ର ଗଙ୍ଗଦେବ, ଯୁବ ଜିଲା ସଭାପତି ଭୂପେନ୍ଦ୍ର ପ୍ରସାଦ ନାୟକ, ଇଂ.ବିଷ୍ଣୁ ପ୍ରସାଦ ଅମାତ୍ୟ, ଜିଲା ଉପ ସଭାପତି ଦେବେନ୍ଦ୍ର ବେହେରା, ପୂର୍ବତନ ରାଜ୍ୟ ସମାଜ ମଙ୍ଗଳ ବୋର୍ଡ ଅଧ୍ୟକ୍ଷା ନିବେଦିତା ନାୟକ, ଏମ୍‌ପି ପ୍ରତିନିଧି ଇଂ.ସୁଜିତ ପ୍ରଧାନ, କୃଷକ ନେତା ପ୍ରସନ୍ନ ପଟେଲ ପ୍ରମୁଖ ମଞ୍ଚାସୀନ ରହି ନିଜ ବକ୍ତବ୍ୟ ରଖିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା । ସେହିପରି କାର୍ଯ୍ୟକ୍ରମରେ ଦଳର ସମସ୍ତ ସଦସ୍ୟ ସକ୍ରୀୟ ସହଯୋଗ କରିଥିଲେ।

### ୨୦୧ ଚୌକାଠ ସହ ଟ୍ରକ ଜବତ

**ନାକଟିଦେଉଳ,୨୬।୯(ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ବନାଞ୍ଚଳ ପକ୍ଷରୁ ମଙ୍ଗଳବାର ରାତିରେ ଚଢ଼ାଉ ହୋଇଛି। ଏକ ଦଶ ଚକିଆ ଟ୍ରକ ସହ ୨୦୧ ଖଣ୍ଡ ଶାଳ କାଠ (ଚୌକାଠ) ଜବତ କରାଯାଇଛି। ନାକଟିଦେଉଳ ବନାଞ୍ଚଳ ଅନ୍ତର୍ଗତ ଲାଣ୍ଡିମାଳ ଆରଡ଼ି ରାସ୍ତା ପାର୍ଶ୍ୱ ଖସଡ଼ା ଜଙ୍ଗଲରେ ମୂଲ୍ୟବାନ ଶାଳ କାଠ ଟ୍ରକରେ ବୋଝେଇ ହେଉଥିବା ସମ୍ପର୍କରେ ଜଙ୍ଗଲ ବିଭାଗକୁ ସୂଚନା ମିଳିଥିଲା। ସୂଚନା ପାଇବା ପରେ ଉଭୟ ନାକଟିଦେଉଳ ଏବଂ ରେଢ଼ାଖୋଲ ଜଙ୍ଗଲ ବିଭାଗର ଅଧିକାରୀମାନେ ଛକି ରହି ଓଆର୍ ୧୯ ଏଚ-୨୬୫୧) ନମ୍ବର ବିଶିଷ୍ଟ ଏକ ଦଶ ଚକିଆ ଟ୍ରକକୁ ଅଟକାଇ ଖାନତଲାସ କରିଥିଲେ। ଜବତ କାଠର ମୂଲ୍ୟ ଆନୁମାନିକ ୫୦ ହଜାରରୁ ଉର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଇଛି। ଚଢ଼ାଉରେ ନାକଟିଦେଉଳ ରେଞ୍ଜ ଅଫିସର ଦୟାନିଧି ସାହୁ, ଡେପୁଟି ରେଞ୍ଜର ଶର୍ମିଳି ନାଏକ ଏବଂ ରେଢ଼ାଖୋଲ ରେଞ୍ଜ ଅଫିସର ପ୍ରଦୀପ କୁମାର ସେଠୀ ପ୍ରମୁଖ ସାମିଲ ହୋଇଥିଲେ।

### ଜିଲା ଆଇନ୍ ସେବା ପ୍ରାଧିକରଣ ସମ୍ପାଦକଙ୍କ ସେବାଧାମ ଗୃହ ପରିଦର୍ଶନ
#### ଶିଶୁ ଗୃହର ସୁଧାର ଆଣିବା ପାଇଁ ପରାମର୍ଶ

**ଦେବଗଡ଼,୨୬।୯(ସ୍ୱ.ପ୍ର)**

ଦେବଗଡ଼ ଜିଲା ଆଇନ୍ ସେବା ପ୍ରାଧିକରଣ ତରଫରୁ ପ୍ରାଧିକରଣର ସମ୍ପାଦକ ପ୍ରିୟରଞ୍ଜନ ମିଶ୍ର ରେଙ୍ଗାଲବେଡା ସ୍ଥିତ ସେବାଧାମ ଶିଶୁ ଗୃହକୁ ପରିଦର୍ଶନ କରିଥିବା ଜଣାପଡିଛି। ପରିଦର୍ଶନବେଳେ ସେବାଧାମ ଶିଶୁ ଗୃହର କର୍ମଚାରୀ ସୁମନ୍ତ କୁମାର ପେଣ୍ଠେଇ, ଭରତ କୁମାର ସାହୁଙ୍କ ସମେତ ଅନ୍ୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ମିଶ୍ର କର୍ମଚାରୀ ଙ୍କ ଠାରୁ ଜାଣିବାକୁ ପାଇଥିଲେ ଏବଂ ବ୍ୟକ୍ତିଗତ ଭାବେ ଅନୁଭବ କଲେ ଯେ, ଉକ୍ତ ଶିଶୁ ଗୃହଟି ଗୋଶାଳାର ପରିସର ଭିତରେ କାର୍ଯ୍ୟକାରୀ ହେଉଛି। ଶିଶୁ ଗୃହରେ କେତେଜଣ ପିଲା ରହୁଛନ୍ତି ତା' ବିଷୟରେ କର୍ମଚାରୀ କିଛି ଲିଖିତ ତଥ୍ୟ ଉପସ୍ଥାପନ କରିପାରି ନ ଥିଲେ। ଶିଶୁ ଗୃହର ଉପସ୍ଥାନ ଖାତା ଠିକ୍ ପରିଚାଳନା ନ ହେଉଥିବାର ଅନୁଭବ କରିଥିଲେ। ସେହିପରି ଶିଶୁ ଗୃହ, ଆସବାବପତ୍ର ଏବଂ ଏହାର ପରିସର ଠିକ୍ ନ ଥିବାର ଅନୁଭବ କରି ଶିଶୁ ଗୃହର ସୁଧାର ଆଣିବା ପାଇଁ ଶିଶୁଗୃହର ସଭାପତି ପ୍ରଭାସ ଚନ୍ଦ୍ର ମିଶ୍ରଙ୍କୁ ସୂଚନା ଦେଇଥିଲେ।



ପ୍ରାଧିକରଣ ସମ୍ପାଦକ ପ୍ରିୟରଞ୍ଜନ ମିଶ୍ର ସେବାଧାମ ଶିଶୁ ଗୃହକୁ ପରିଦର୍ଶନ କରୁଛନ୍ତି।

### ମହିଳା ବନ୍ଦ କଲେ ବେଆଇନ ମଦଭାଟି

**ବାମରା,୨୬।୯(ସ୍ୱ.ପ୍ର.)**

ବାମରା ବ୍ଲକ ସଦର ମହକୁମା ଗୋବିନ୍ଦପୁର ପଞ୍ଚାୟତ ଖୋକୋପଡ଼ାଠାରେ ପ୍ରାୟ ୬ମାସ ହେବ ବେଆଇନ ମଦ ବିକ୍ରି ଅଭିଯୋଗ ହୋଇ ଆସୁଥିଲା। ଏପରି କି ଗତ ମାସ ୩୧ ତାରିଖରେ ଏହାକୁ ନେଇ ଗଣ୍ଡଗୋଳ ହୋଇଥିଲା। ମହିଳାଙ୍କୁ ଧମକଚମକ ଓ ମାର୍‌ପିଟ କରାଯାଇଥିଲା। ଏହି ଘଟଣା ପରେ ସ୍ଥାନୀୟ ମହିଳାମାନେ ଏକାଧିକବାର ଥାନାରେ ଅଭିଯୋଗ କରିଥିଲେ। ମାତ୍ର ପୁଲିସର କୋହଳ କାର୍ଯ୍ୟାନୁଷ୍ଠାନରେ ମହିଳମାନେ ତାତି ଉଠିଥିଲେ। ଏ ନେଇ ସ୍ଥାନୀୟ ମମତା, ତୁଳସୀ ଓ ବିଣାପାଣୀ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଗତ ୨ ଦିନ ତଳେ ଗାଁରେ ପରିକ୍ରମା କରି ସ୍ଲୋଗାନ ସହ ଶୋଭାଯାତ୍ରା କରିଥିଲେ । ମଙ୍ଗଳବାର ପୁନର୍ବାର ମହିଳାମାନେ ଏକଜୁଟ ହୋଇ ବେଆଇନ ମଦ ଓ ହାଣ୍ଡିଆ ବିକ୍ରେତାଙ୍କୁ ତାଗିଦ କରିବା ସହ ସଭା କରିଥିଲେ। ସ୍ଥାନୀୟ ଗାଁର ଭୋଟର ପିଙ୍ଗ ନାମକ ଚୋରା ମଦ ବେପାରୀ ମଦ ବିକ୍ରୀ ବନ୍ଦ ନ କରିବାରୁ ମହିଳାମାନେ ଜୋରଜବରଦସ୍ତ କବାଟ ଖୋଲି ଶତାଧିକ ମଦ ପାଉଚଗୁଡିକୁ ନଷ୍ଟ କରି ଦେଇଥିଲେ ।




ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ସଚେତନତା ପଦଯାତ୍ରା ସହର ପରିକ୍ରମା କରୁଛି।

### ଜିଲା ମୁଖ୍ୟ ଡାକ୍ତରଖାନାରେ ସ୍ୱଚ୍ଛତା ପକ୍ଷ ପାଳନ

## ସ୍ୱାସ୍ଥ୍ୟକର୍ମୀ, ପ୍ରଶିକ୍ଷାର୍ଥୀଙ୍କ ସଚେତନତା ପଦଯାତ୍ରା

**ଦେବଗଡ,୨୬।୯ (ସ୍ୱ.ପ୍ର.)**

ଜିଲା ମୁଖ୍ୟ ଡାକ୍ତରଖାନାରେ ଜିଲା ସ୍ୱାସ୍ଥ୍ୟ ବିଭାଗ ତଥା ରୋଗୀ କଲ୍ୟାଣ ସମିତି ତରଫରୁ ବୁଧବାର ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଛି। ଏହି ଅବସରରେ ଭାରପ୍ରାପ୍ତ ସିଡିଏମଓ ମନୋଜ କୁମାର ଉପାଧ୍ୟାୟ , ଏଡିଏମଓ (ମେଡିକାଲ) ଡା. ଗଙ୍ଗାଧର ପ୍ରଧାନ, ସ୍ୱାସ୍ଥ୍ୟ ମିଶନ ପରିଚାଳକ ମନୋରଞ୍ଜନ ସାହୁ, ହସପିଟାଲ ମ୍ୟାନେଜର ଯତୀନ ଭଇଁଷା, ଗାଁ କଲ୍ୟାଣ ସମିତି ପରିଚାଳକ ସନ୍ଧ୍ୟାରାଣୀ ପରିଡା, ଫାର୍ମାସିଷ୍ଟ ଅକ୍ଷୟ ସାହୁ, ବିତ୍ତ ପରିଚାଳକ ସଭରତ ବାରିକ ଏବଂ ଡାକ୍ତରଖାନାର ସମସ୍ତ ଷ୍ଟାଫ ଓ ମହିଳା ସ୍ୱାସ୍ଥ୍ୟକର୍ମୀମାନେ ଯୋଗଦେଇଥିଲେ। ସ୍ୱଚ୍ଛତା ପାଳନ ଅବସରରେ ମହିଳା ସ୍ୱାସ୍ଥ୍ୟକର୍ମୀ ତଥା ପ୍ରଶିକ୍ଷାର୍ଥୀଙ୍କୁ ନେଇ ଏକ ସଚେତନତା ପଦଯାତ୍ରା ସହର ପରିକ୍ରମା କରିଥିଲା। ସେହିପରି ସମସ୍ତ ପୌରାଞ୍ଚଳର ୱାର୍ଡ ଯାଇ ସଫାସୁତରା କରିବା ଏବଂ ବ୍ୟକ୍ତଗତ ପରିଚ୍ଛନ୍ନତା ପାଇଁ ଅନ୍ତେବାସୀ ଏବଂ ସେମାନଙ୍କ ପରିବାର ଲୋକଙ୍କୁ ବୁଝାଇଥିଲେ। ସପ୍ତାହ ବ୍ୟାପୀ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନଙ୍କ ସହଯୋଗରେ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ଯୋଜନା ରହିଛି। ଶେଷରେ ବର୍ଷକୁ ଅନ୍ୟୂନ ଶହେ ଘଣ୍ଟା ଶ୍ରମଦାନ କରିବା ପାଇଁ ଏକ ଶପଥପାଠ କରାଯାଇଥିଲା।

### ଦେବଗଡ ସାର୍ବଜନୀନ ଦୁର୍ଗାପୂଜା ପାଇଁ ନୂତନ କର୍ମକର୍ତ୍ତା ମନୋନୟନ

## ରାବଣପୋଡିକୁ ଆକର୍ଷଣୀୟ କରାଯିବ

**ଦେବଗଡ଼, ୨୬।୯(ସ୍ୱ.ପ୍ର.)**

ସ୍ଥାନୀୟ ଗୋପାଳଜୀ ମନ୍ଦିରରେ ଡେଲି ମାର୍କେଟ ସାର୍ବଜନୀନ ଦୁର୍ଗାପୂଜା ପାଇଁ ଏକ ବୈଠକ ଏବଂ ନୂତନ କର୍ମକର୍ତ୍ତା ମନୋନୟନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆବାହକ ସୁଶୀଳ କୁମାର କପରଦାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଗତବର୍ଷର ଆୟବ୍ୟୟର ହିସାବ ଉପସ୍ଥାପନ କରାଯିବା ସହ ଏହି ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ୨୦୧୩ଠାରୁ ଆରମ୍ଭ ହୋଇଥିବା ପୂଜାକୁ ଏବର୍ଷ ମଧ ଆୟୋଜନ ନିମନ୍ତେ ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ଏଥିରେ ସର୍ବସମ୍ମତି କ୍ରମେ ସଭାପତି ଭାବେ ସୁଶୀଳ କୁମାର କପରଦାର ମନୋନୀତ ହୋଇଥିବାବେଳେ ଉପସଭାପତି କ୍ଷେତ୍ର ପାତ୍ର, ସାଧାରଣ ସମ୍ପାଦକ ଅନୁଜ କୁମାର ପ୍ରଧାନ, ସହ ସମ୍ପାଦକ ବିଭୂତିସାହୁ, କୋଷାଧ୍ୟକ୍ଷ ସୁଶୀଳ କୁମାର ନାୟକ, ସହ କୋଷାଧ୍ୟକ୍ଷ ଦୀପକ ଦାସଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଆଇନ ପରାମର୍ଶଦାତା ଭାବେ ବିକାଶ କୁମାର ପ୍ରଧାନ, ପ୍ରତାପ ପାତ୍ର ଏବଂ ପରାମର୍ଶଦାତା ମଣ୍ଡଳୀରେ ଇସମାଇଲ ହେଣେଜ, ସୁଦାମ ବୁଡା, ବସନ୍ତ ମିଶ୍ର, ପ୍ରଫୁଲ୍ଲ କୁମାର ନାୟକ, ମନୋଜ ପ୍ରଧାନ, ଟିକେଶ୍ୱର ଗୁରୁଙ୍କୁ ଦାୟୀତ୍ୱ ଦିଆଯାଇଛି। ସେହିପରି କାର୍ଯ୍ୟକର୍ତ୍ତା ମଣ୍ଡଳୀରେ ହିମାଂଶୁ ଶେଖର ବଡପଣ୍ଡା, କୁଳଚନ୍ଦ୍ରମା ହସ୍ତୀ, ଶିବାନନ୍ଦ ପୃଷ୍ଟି, ସୁଶୀଲ ଖଡିରତ୍ନ, ବିକାଶ ଖଡିରତ୍ନ, ଗୋଲବଦନ ବେହେରା, ପ୍ରତାପ କିଶୋର ନାୟକ, ବୀରେନ୍ଦ୍ର ଦ୍ୱିବେଦୀ, ମୁନିନ୍ଦ୍ର ଗଡନାୟକ, ନରୋତ୍ତମ ସାହୁ, ବିନୋଦ ବିହାରୀ ବେହେରା, ରମଣୀ ରଞ୍ଜନ ଆଚାର୍ଯ୍ୟଙ୍କ ସମେତ ଅନ୍ୟ କେତେକ ସଦସ୍ୟଙ୍କୁ ସାମିଲ କରାଯାଇଥିବା ଜଣାପଡିଛି। ଚଳିତ ବର୍ଷର ଦୁର୍ଗା ପୂଜାକୁ ଅଧିକ ଆକର୍ଷଣୀୟ ଓ ରାବଣ ପୋଡ଼ିକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପ୍ରୟାସ କରାଯିବ ବୋଲି ସଭାପତି କପରଦାର ସୂଚନା ଦେଇଛନ୍ତି।



ଡେଲି ମାର୍କେଟ ସାର୍ବଜନୀନ ଦୁର୍ଗାପୂଜା ପାଇଁ ନୂତନ କର୍ମକର୍ତ୍ତା।

### ରାଫାଲ ଯୁଦ୍ଧ ବିମାନ କିଣା ରାଜିନାମାକୁ ନେଇ ରାଜନୀତି ସରଗରମ

## ଜିଲା କଂଗ୍ରେସ ତରଫରୁ ରାଲି ଓ ବିକ୍ଷୋଭ

**ଦେବଗଡ,୨୬।୯(ସ୍ୱ.ପ୍ର)**

ରାଫାଲ ବିମାନ ଯୁଦ୍ଧ ବିମାନ କିଣା ରାଜିନାମାକୁ ନେଇ ଉଭୟ କଂଗ୍ରେସ ଓ ଭାଜପା ମଧ୍ୟରେ ଲାଗି ରହିଥିବା ବିବାଦ ଥମିବାର ନାଁ ଧରୁ ନାହିଁ। ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ପ୍ରସଙ୍ଗରେ ଦୁଇ ଦଳ ମଧ୍ୟରେ କଥା କଟାକଟି ଜାରି ରହିଛି । ତେବେ ଉକ୍ତ ଘଟଣାକୁ ନେଇ ବୁଧବାର ଜିଲା କଂଗ୍ରେସ ପକ୍ଷରୁ ରାଲି ସହିତ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବା ଜଣାପଡିଛି । ଏହି ପରିପ୍ରେକ୍ଷୀରେ ଡିସିସି ସଭାପତି ଉମାଶଙ୍କର ସାହୁଙ୍କ ନେତୃତ୍ୱରେ ପିସିସି ସମ୍ପାଦକ ସେମ୍ ହେମ୍ରମ, ଜିଲା ଯୁବ କଂଗ୍ରେସ ସଭାପତି ସିଦ୍ଧେଶ୍ୱର ଗୁରୁ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ମଞ୍ଜୁଲତା ନାୟକ, ଏସସି ସେଲ ସଭାପତି ମଞ୍ଜୁଳ ନାଏକ, ସୁବାସ ଭୋଇ, ପ୍ରଶାନ୍ତ ସାହୁ, ବିକାଶ ଖଡିରତ୍ନ, ତପନ ପ୍ରଧାନ, ଯଶୋବନ୍ତ ସାହୁ, ପ୍ରକାଶ ଦେବତାଙ୍କ ସମେତ ବହୁସଂଖ୍ୟକ ଦଳୀୟ କର୍ମୀ ସାମିଲ ହୋଇ ପ୍ରଥମେ ହାତିଶାଳ ସାହି ଛକ ସ୍ଥିତ ଜିଲା କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରି କଚେରୀ ସ୍ଥିତ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ ପୂର୍ବକ କେନ୍ଦ୍ର ସରକାରଙ୍କ ବିରୋଧରେ ବିଭିନ୍ନ ନାରାବାଜୀ ଦେଇଥିଲେ । ଏଡିଏମ ଧରମ ହାଁସଦାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

### ଦେଶୀ ମଦ ଜବତ

**ରେଢ଼ାଖୋଲ,୨୬।୯ (ଡି.ଏନ.ଏ.)**

ଚାରମାଳ ପୋଲିସ ଥାନା ଅନ୍ତର୍ଗତ ବଡହିନ୍ଦୋଳ ଗ୍ରାମରୁ ମଦ ବେପାର କରୁଥିବା ଅଭିଯୋଗରେ ଯାଦବ ମୁଣ୍ଡା(୫୫)ଙ୍କୁ ବୁଧବାର ଗିରଫ କରିଛି। ଏ ନେଇ କେସନଂ ୧୨୧ ରେ ଏକ ମାମଲା ରୁଜୁ କରିଛି। ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ବସନ୍ତ ଦଳାଇ କହିଛନ୍ତି।

### ବିମାନସେବା ସର୍ବେକ୍ଷଣ

# ୨୭% ଲୋକ ଝାରସୁଗୁଡ଼ା-ନୂଆଦିଲ୍ଲୀ ବିମାନସେବା ଚାହୁଁଛନ୍ତି

**ଝାରସୁଗୁଡା ଅଫିସ,୨୬।୯**

ବୀର ସୁରେନ୍ଦ୍ର ସାଏ(ଭିଏସ୍‌ଏସ୍) ବିମାନବନ୍ଦର କାର୍ଯ୍ୟକ୍ଷମ ହୋଇସାରିଛି। ଏହି ବିମାନବନ୍ଦରକୁ ନେଇ ପଶ୍ଚିମ ଓଡ଼ିଶାର ପ୍ରତ୍ୟେକ ଜିଲା ଆଶାବାଦୀ ଅଛନ୍ତି। ଆଞ୍ଚଳିକ ଭିତ୍ତିରେ ବିମାନ ସେବା ଦୃଷ୍ଟିରୁ ପଶ୍ଚିମ ଓଡ଼ିଶା ରାଜ୍ୟର ଦ୍ୱିତୀୟ କେନ୍ଦ୍ର ହୋଇପାରିଥିବା ବେଳେ ଏଠାରୁ ଦେଶର ବିଭିନ୍ନ ସ୍ଥାନକୁ ବିମାନସେବା ଆରମ୍ଭ ନେଇ ଲୋକ ନିଜର ଉତ୍ସୁକତା ପ୍ରକାଶ କରିଛନ୍ତି। ଝାରସୁଗୁଡ଼ା ଏବଂ ଏହାର ଆଖପାଖ ଜିଲା ସମେତ ରାଜ୍ୟ ବାହାରେ ରହୁଥିବା ବ୍ୟକ୍ତିବିଶେଷ, ଛାତ୍ରୀଛାତ୍ର ସେବା ନିରୂପଣ ଦିଗରେ ନିଜର ମତ ପ୍ରକାଶ କରିଛନ୍ତି। ଝାରସୁଗୁଡ଼ାର ଏକ ଅନ୍‌ଲାଇନ୍ ନିଉଜ ପୋର୍ଟାଲ ଦ୍ୱାରା କରାଯାଇଥିବା ସର୍ବେକ୍ଷଣ ମୁତାବକ ଲୋକ ଭିଏସ୍‌ଏସ୍ ବିମାନବନ୍ଦରରୁ ଦେଶର ରାଜଧାନୀକୁ ଉଡିବା ପାଇଁ ସର୍ବାଧିକ ମତପ୍ରକାଶ କରିଛନ୍ତି। ଦେଶର ପ୍ରମୁଖ ସହରକୁ ବିମାନ ସେବା ଦିଗରେ ଏକ ହଜାରରୁ ଅଧିକ ଲୋକ ନିଜ ମତବ୍ୟକ୍ତ କରିଛନ୍ତି।

ଝାରସୁଗୁଡ଼ା ଲାଇଭ୍ ନାମକ ଏକ ୱେବ୍ ନିଉଜ ପୋର୍ଟାଲ ପକ୍ଷରୁ ବିମାନ ସେବା, ବିମାନବନ୍ଦରରେ ଉପଲବ୍ଧ ହେବାକୁ ଥିବା ସୁବିଧା, ସେବାର ବ୍ୟବଧାନ ବାବଦରେ ଜୁଲାଇ ୨ ତାରିଖରୁ ଏକ ସର୍ବେକ୍ଷଣ କରାଯାଇଥିଲା। ଏହି ସର୍ବେକ୍ଷଣରେ ବିଭିନ୍ନ ସ୍ଥାନର ୧୦୮୮ ଲୋକ ଅଂଶଗ୍ରହଣ କରି ନିଜର ମତ ଦେଇଛନ୍ତି। ସର୍ବେକ୍ଷଣରେ ଝାରସୁଗୁଡ଼ା ଭିଏସ୍‌ଏସ୍ ଏୟାରପୋର୍ଟରୁ ଦେଶର ପ୍ରମୁଖ ସହର କୋଲକତା, ନୂଆଦିଲ୍ଲୀ, ମୁମ୍ବାଇ, ବାଙ୍ଗାଲୋର, ବିଶାଖାପଟଣା, ହାଇଦ୍ରାବାଦ୍, ଭୁବନେଶ୍ୱର, ଚେନ୍ନାଇକୁ ବିମାନ ଚଳାଚଳ ବାବଦରେ ମତ ସଂଗ୍ରହ ଆରମ୍ଭ ହୋଇଥିଲା। ଯେଉଁଥିରେ ସର୍ବାଧିକ ୨୬.୯% ଲୋକ ଝାରସୁଗୁଡ଼ାରୁ ଦିଲ୍ଲୀକୁ ବିମାନସେବା ପାଇଁ ଆଶାୟୀ ଥିବା ଜଣାପଡିଛି। ଅନ୍ୟ ସହରଗୁଡିକ ମଧ୍ୟରେ କୋଲକତାକୁ ୧୮.୭%, ବାଙ୍ଗାଲୋରକୁ ୧୮.୮%, ମୁମ୍ବାଇକୁ ୧୩.୭% ଲୋକ ବିମାନସେବା ଚାହୁଁଥିବା ଝାରସୁଗୁଡା ଲାଇଭ୍ ଜରିଆରେ ପ୍ରକାଶ କରିଛନ୍ତି। ଦିଲ୍ଲୀ, ମୁମ୍ବାଇ, ବାଙ୍ଗାଲୋର ଏବଂ କଲିକତା ସପକ୍ଷରେ ୭୮.୧% ଲୋକ ମତ ଦେଇଥିବା ବେ, ଅବଶିଷ୍ଟ ୪ଟି ସହର ବିଶାଖାପଟଣମ୍, ଚେନ୍ନାଇ, ଭୁବନେଶ୍ୱର ଏବଂ ହାଇଦ୍ରାବାଦ ସପକ୍ଷରେ ମାତ୍ର ୨୧.୯% ଲୋକ ମତ ଦେଇଛନ୍ତି।

ସେହିପରି ବିମାନବନ୍ଦର ପରିସରରେ ଅନ୍ୟାନ୍ୟ ସୁବିଧା ପାଇଁ ମଧ ଏହି ସର୍ବେକ୍ଷଣ ଜରିଆରେ ମତ ଦେଇଛନ୍ତି। ସୂଚନାଯୋଗ୍ୟ, ଭୁବନେଶ୍ୱରୁ ନୂଆଦିଲ୍ଲୀ ଯାଉଥିବା ଏୟାର ଇଣ୍ଡିଆର ବିମାନକୁ ଝାରସୁଗୁଡ଼ାରେ ଅବତରଣ କରିବା ସହ ଏଠାରୁ ଯାତ୍ରୀ ନେଇ ଯିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତମାସରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟକୁ ଚିଠି ଲେଖିଥିଲେ। ଏପରିକି ସେପ୍ଟେମ୍ବର ୨୨ ତାରିଖରେ ବିମାନବନ୍ଦର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସମାନ ଅନୁରୋଧ ପ୍ରଧାନମନ୍ତ୍ରୀଙ୍କୁ କରିଥିଲେ। ଏହାସହ ଏହି ଅବତରଣ ବାବଦରେ ହେବାକୁ ଥିବା କ୍ଷତି ଭରଣ କରିବାକୁ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ। ବର୍ତ୍ତମାନ ସର୍ବେକ୍ଷଣରେ ଝାରସୁଗୁଡ଼ାରୁ ନୂଆଦିଲ୍ଲୀ ଉଡିବାକୁ ଲୋକ ଇଚ୍ଛା ପ୍ରକାଶ କରିଥିବାରୁ କେନ୍ଦ୍ର ସରକାର କି ପଦକ୍ଷେପ ନେବେ ଆଗାମୀ ଦିନରେ ସ୍ପଷ୍ଟ ହେବ।




ସର୍ବେକ୍ଷଣ ପରିସଂଖ୍ୟାନ ଫଟୋଚିତ୍ର।

## ସଂକ୍ଷେପରେ

### ଭୋଟର ସଚେତନତା କାର୍ଯ୍ୟକ୍ରମ

**ପାଇକମାଳ, ୨୬।୯ (ଡି.ଏନ.ଏ):** ପାଇକମାଳ ବିନ୍ଧ୍ୟବାସିନୀ ଡିଗ୍ରୀ ମହାବିଦ୍ୟାଳୟ ସଭାଗୃହଠାରେ ଭୋଟର ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ପ୍ରଦୀପ୍ତ କୁମାର ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପାଇକମାଳ ବ୍ଲକ ଜିପିଓ ଭୀଷ୍ମଦେବ ମାଝି ଯୋଗଦେଇ ୧୮ ବର୍ଷର ଛାତ୍ରୀଛାତ୍ରମାନେ କିପରି ଭୋଟର ତାଲିକାରେ ସାମିଲ ହୋଇପାରିବେ ସେ ନେଇ ସଚେତନ କରିଥିଲେ। ଶେଷରେ ଅଧକ୍ଷ ଲୋହିତ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

### ପୁରପଲ୍ଲୀରେ ଭାଗବତ ଜନ୍ମ

**ଅତାବିରା,୨୬।୯(ଡି.ଏନ.ଏ.):** ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ବିଭିନ୍ନ ଗ୍ରାମରେ ଭାଗବତ ଜନ୍ମ ଉତ୍ସବ ପାଳନ ଅବସରରେ ଭାଗବତ ପଠନ କରାଯାଇଛି । ଭାଗବତ ଟୁଙ୍ଗି ଗୁଡିକ ଭାଙ୍ଗିଯାଇ ଥିବାରୁ କ୍ଲବ, ମନ୍ଦିର ପ୍ରାଙ୍ଗଣରେ ଭାଗବତ ପଠନ କରି ଜନସାଧାରଣଙ୍କୁ ଭାଗବତ ବିଷୟରେ ଦିଗ୍‌ଦର୍ଶନ ଦିଆଯାଇଛି। ଅତାବିରା, କୁଲୁଣ୍ଡା, ଝିଲିମିଣ୍ଡା, ଲରମ୍ବା, କାଦୋବାହାଲ, ଉଦେପୁର, ଦେଶପର୍ଥଲା ଆଦି ଗ୍ରାମରେ ଭାଗବତ ଜନ୍ମ ପାଳିତ ହୋଇଯାଇଛି। ଭାଗବତ ଶୁଣିବା ପାଇଁ ଦର୍ଶକଙ୍କ ଭିଡ ଜମିଥିବା ଦେଖିବାକୁ ମିଳିଥିଲା। ଭାଗବତ ଟୁଙ୍ଗିଗୁଡିକ ପୁନରୁଦ୍ଧାର କରିବା ପାଇଁ ପ୍ରଶାସନ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

### ବାଳିକା ହାଇସ୍କୁଲରେ ହିନ୍ଦୀ ଦିବସ

**ବରଗଡ଼ ଅଫିସ୍,୨୬।୯:** ବରଗଡ଼ ସରକାରୀ ବାଳିକା ହାଇସ୍କୁଲରେ ସୋମବାର ହିନ୍ଦୀ ଦିବସ ପାଳନ କରାଯାଇଛି। ପ୍ରଧାନଶିକ୍ଷକ ଜ୍ୟୋତିକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ହିନ୍ଦୀ ଶିକ୍ଷୟିତ୍ରୀ ଶୈବାଳିନୀ ପ୍ରଧାନ ଉଦ୍ଦେଶ୍ୟ ଜ୍ଞାପନ ଓ ଶେହନାଜ ବେଗମ ସ୍ୱରଚିତ କବିତା ପାଠ କରିଥିଲେ । ବିଜ୍ଞାନ ଶିକ୍ଷୟିତ୍ରୀ ବୈଜୟନ୍ତୀ ଦଳପତି ହିନ୍ଦୀ ଭାଷାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ହିନ୍ଦୀ ତର୍କ, ଗୀତ ପ୍ରତିଯୋଗିତା ହୋଇଥିଲା। ଶିକ୍ଷୟିତ୍ରୀ ମିନତୀ ଷଡ଼ଙ୍ଗୀ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ବିଜ୍ଞାନ ଶିକ୍ଷକ ବିବେକାନନ୍ଦ ଅଦାବର ଧନ୍ୟବାଦ ଅର୍ପଣ କରିଥିଲେ ।

### ସିନେମେଟିକ ଭିଡିଓଗ୍ରାଫି ତାଲିମ

**ପାଇକମାଳ, ୨୬।୯ (ଡି.ଏନ.ଏ):** ପାଇକମାଳର ନୃସିଂହନାଥ ପରିସରରେ ପଦ୍ମପୁର ଉପଖଣ୍ଡ ଫଟୋଗ୍ରାଫି ସଂଘ ତରଫରୁ ଚାଲିଥିବା ସିନେମେଟିକ ଭିଡିଓଗ୍ରାଫି ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ଏହି ଶିବିରରେ ୩୦ ଜଣ ଫଟୋଗ୍ରାଫର ତାଲିମ ଗ୍ରହଣ କରିଥିଲେ । ଓଡିଆ ଓ ବଙ୍ଗଳା ସିନେମା ଜଗତର ପ୍ରଖ୍ୟାତ କ୍ୟାମେରାମ୍ୟାନ ଚନ୍ଦନ ମଜୁମଦାର ଶିବିରାର୍ଥୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ସଂଘ ସଭାପତି ସୁବାଶ ଚନ୍ଦ୍ର ଚୌପଦାର ନିଜସ୍ୱ ମତବ୍ୟକ୍ତ କରିଥିଲେ । ଭରତ ଚନ୍ଦ୍ର ସାହୁ, ତ୍ରିବିକ୍ରମ ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା । ଶେଷରେ ପ୍ରଶାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

### କଳାବ୍ୟାଜ୍ ପିନ୍ଧିଲେ ଅଧ୍ୟାପକ

**ବରଗଡ଼ ଅଫିସ୍,୨୬।୯:** ସମ୍ପୂର୍ଣ୍ଣ ଅନୁଦାନ ଦାବିରେ ଶିକ୍ଷକ, କର୍ମଚାରୀ ମିଳିତ ମଞ୍ଚର ଆନ୍ଦୋଳନ ଦିନକୁ ଦିନ ତେଜି ଉଠୁଛି। ସୋମବାରଠାରୁ ମଞ୍ଚର ଅଧ୍ୟାପକ, ଶିକ୍ଷକ, କର୍ମଚାରୀମାନେ କଳାବ୍ୟାଜ ପିନ୍ଧି ଶିକ୍ଷାଦାନ କାର୍ଯ୍ୟ କରିଛନ୍ତି । ଏଥିରେ ବରଗଡ଼ ଜିଲା ସାମିଲ ହୋଇଛି । ଜିଲାର ବରଗଡ଼ ଟ୍ରଷ୍ଟଫଣ୍ଡ କଲେଜ ସମେତ ବିଭିନ୍ନ କଲେଜରେ ଅଧ୍ୟାପକମାନେ କଳାବ୍ୟାଜ ପିନ୍ଧି ଶିକ୍ଷାଦାନ କରୁଛନ୍ତି । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହା ଜାରି ରହିବ। ଆବଶ୍ୟକ ହେଲେ ତୀବ୍ର ଆନ୍ଦୋଳନ କରାଯିବ ବୋଲି ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି ।

## ■ ପଦ୍ମପୁରରେ ଶ୍ରମ କମିଶନଙ୍କ ସମୀକ୍ଷା ବୈଠକ

# ଦାଦନ ରୋକିବାକୁ ଆଲୋଚନା

**ପଦ୍ମପୁର, ୨୬।୯ (ଡି.ଏନ.ଏ)**

ରାଜ୍ୟ ସରକାରଙ୍କ ଶ୍ରମ ବିଭାଗ କମିଶନର ଅଞ୍ଜନ କୁମାର ମାଣିକଙ୍କ ବରଗଡ ଜିଲା ଗସ୍ତ ଅବସରରେ ପଦ୍ମପୁର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଓ ତାର ନିରାକରଣ ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଶ୍ରମ କମିଶନର ମାଣିକ ଦାଦନ ରୋକିବା ପାଇଁ ବିଭାଗ ତରଫରୁ ନିଆଯାଉଥିବା ପଦକ୍ଷେପ ଏବଂ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟାର ନିରାକରଣ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ନିଜ ଅଞ୍ଚଳରେ ଶ୍ରମିକମାନେ କିଭଳି ଜୀବିକା ନିର୍ବାହ କରି ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବେ, ସରକାରଙ୍କ ବିଭିନ୍ନ ଯୋଜନାରେ ଅର୍ନ୍ତଭୁକ୍ତ କରି ସେମାନଙ୍କୁ କାମ ଯୋଗାଇ ଦେବା ପାଇଁ ବିଡିଓ ଏବଂ ଉପସ୍ଥିତ ବିଭାଗୀୟ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏତଦ୍‌ବ୍ୟତୀତ ଯେଉଁ ଶ୍ରମିକମାନେ ଅଧିକ ଉପାର୍ଜନ ତଥା କାମଧନ୍ଦା ପାଇଁ ଅନ୍ୟ ରାଜ୍ୟକୁ ଯିବା ପାଇଁ ଇଚ୍ଛୁକ ସେମାନଙ୍କର ସମ୍ପୂର୍ଣ୍ଣ ବିବରଣୀ ପଞ୍ଚାୟତ ଏବଂ ବ୍ଲକସ୍ତରରେ ପଞ୍ଜୀକରଣ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଅନ୍ୟ ରାଜ୍ୟକୁ କାମ ପାଇଁ ଯାଇଥିବା ବିଜେପୁର ବ୍ଲକ ବାଦିପାଲି ଗ୍ରାମର ଧନେଶ୍ୱର ପୋଢ଼ ଏବଂ ଅନ୍ୟମାନେ କିଭଳି ବିଭିନ୍ନ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇ ଅନ୍ୟରାଜ୍ୟରେ ପ୍ରତିକୁଳ ପରିସ୍ଥିତିରେ କାମ କରୁଥିଲେ ତାହା ବର୍ଣ୍ଣନା କରିଥିଲେ। ଏହାସହିତ ବର୍ତ୍ତମାନ ଶ୍ରମ ବିଭାଗର ଯୋଜନାରେ ସାମିଲ ହୋଇ କିଭଳି ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି ତାହା ଉପରେ ମତାମତ ରଖିଥିଲେ । ଉକ୍ତ ବୈଠକରେ ସହକାରୀ ଶ୍ରମ କମିଶନରଙ୍କ ସମେତ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତ, ଡିପିଏମ ରାଜଗୋପାଳ ଦାଶ, ପଦ୍ମପୁର ଉପଜିଲାପାଳ ଦୌଲତ ଚନ୍ଦ୍ରାକର, ଜିଲା ଶ୍ରମ ଅଧିକାରୀ ହେମନ୍ତ କୁମାର ପ୍ରଧାନ, ଉପଖଣ୍ଡର ସମସ୍ତ ବିଡିଓ, ବିଭାଗୀୟ କର୍ମଚାରୀ ତଥା ବିଭିନ୍ନ ଅଞ୍ଚଳର ଶ୍ରମିକମାନେ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଉପଜିଲାପାଳ ଚନ୍ଦ୍ରାକର ସ୍ୱାଗତ ଭାଷଣ ଏବଂ ପ୍ରକଳ୍ପ ନିର୍ଦ୍ଦେଶକ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।



ବିଜେପୁର ବିଧାୟିକା ରୀତା ସାହୁ ସ୍ୱର୍ଗତ ସୁବଳ ସାହୁଙ୍କ ପ୍ରତିମୂର୍ତ୍ତି ଅନାବରଣ କରୁଛନ୍ତି ।

## କ୍ୟାନସର ହସ୍‌ପିଟାଲ ଦାବି ନେଇ ବୈଠକ

**ବରଗଡ଼ ଅଫିସ୍,୨୬।୯**



ବୈଠକରେ ଯୋଗ ଦେଇଥିବା ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନେ।

ବରଗଡ଼ ଜିଲାରେ କ୍ୟାନସର ହସ୍‌ପିଟାଲ ଦାବିକୁ ବ୍ୟାପକ କରିବା ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ପୁରୋହିତ ଭବନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । କ୍ୟାନସର ହସ୍‌ପିଟାଲ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଥିବା ସ୍ମାରକପତ୍ରର ଅଗ୍ରଗତି ଉପରେ ବୈଠକରେ ଆଲୋଚନା ହୋଇଥିଲା । ଏହି କ୍ରମରେ ସଙ୍ଗଠନର ଏକ ପ୍ରତିନିଧି ଦଳ ବରଗଡ଼ ଜିଲାପାଳଙ୍କୁ ଭେଟିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ସେହିପରି କ୍ୟାନସର ହସ୍‌ପିଟାଲ ଦାବି ନେଇ ଜିଲାର ବିଭିନ୍ନ ଅଞ୍ଚଳର ସଙ୍ଗଠନ ଗୁଡ଼ିକ ପକ୍ଷରୁ କରାଯାଇଥିବା ଦସ୍ତଖତ ଅଭିଯାନ ଉପରେ ମଧ୍ୟ ଆଲୋଚନା ହୋଇଥିଲା । ଦସ୍ତଖତ ଅଭିଯାନର କାଗଜାତକୁ ସଂଗ୍ରହ କରି ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା । ଦାବିକୁ ବ୍ୟାପକ କରିବା ପାଇଁ ଏକ କୋର କମିଟି ଗଠନ କରାଯିବା ସହ ଅକ୍ଟୋବର ୨ତାରିଖରେ ସ୍ଥାନୀୟ ପୁରୋହିତ ଭବନରେ ପୁଣି ଏକ ବୈଠକ କରାଯିବ ବୋଲି ସୂଚନା ଦିଆଯାଇଥିଲା ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ଦେହାନ୍ତ

**ସୋହେଲା,୨୬।୯(ଡି.ଏନ.ଏ.)**

ସୋହେଲା ବ୍ଲକ ବାଉଁସେନମୁରା ପଞ୍ଚାୟତ ଅନ୍ତର୍ଗତ ହୀରାପାଲି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ତଥା ଚାଷୀ ଜଳନ୍ଧର ସାହୁଙ୍କ ପରଲୋକ ହୋଇଛି । ତାଙ୍କୁ ୭୮ ବର୍ଷ ବୟସ ହୋଇଥିଲା । ସେ ଭଟଲି ଏବଂ ସୋହେଲା ବ୍ଲକର ବିଭିନ୍ନ ସ୍କୁଲରେ ଶିକ୍ଷକତା କରିଥିଲେ । ୨୦୦୦ ମସିହା ଜାନୁୟାରୀରେ ବନ୍ଦଲା ପ୍ରାଥମିକ ସ୍କୁଲରୁ ସେ ଚାକିରୀରୁ ଅବସର ଗ୍ରହଣ କରିଥିଲେ । ସେ ବରଗଡ (ଡୋରା) ଚିନି କାରଖାନା ପରିଚାଳନା କମିଟିର ସକ୍ରିୟ ସଦସ୍ୟ ଥିଲେ । ପୁଅ ଅରୁଣ କୁମାର ସାହୁ ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାଇ ଖେଳିଯାଇଛି ।

## ସୁବଳ ସାହୁଙ୍କ ପ୍ରତିମୂର୍ତ୍ତି, ଶିଶୁ ଉଦ୍ୟାନ ଉଦ୍‌ଘାଟିତ

**ବରପାଲି, ୨୬।୯ (ଡି.ଏନ.ଏ)**

ବରଗଡ଼ ଜିଲା ବରପାଲିରେ ପୂର୍ବତନ ବିଜେପୁର ବିଧାୟକ ସ୍ୱର୍ଗତ ସୁବଳ ସାହୁଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅନାବରଣ ସହ ଏକ ଶିଶୁ ଉଦ୍ୟାନ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ବିଜେପୁର ବିଧାୟିକା ରୀତା ସାହୁ ତାଙ୍କ ସ୍ୱାମୀ ସ୍ୱର୍ଗତ ସୁବଳ ସାହୁଙ୍କ ପ୍ରତିମୂର୍ତ୍ତିକୁ ଅନାବରଣ କରିଥିଲେ । ପରେ ସ୍ଥାନୀୟ ନୃପଲାଲ ଉଦ୍ୟାନ ପରିସରରେ ଦେବେଶ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଥିଲା। ଏଥିରେ ଜନାର୍ଦ୍ଦନ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ଅନଙ୍ଗ ଉଦୟ ସିଂଦେଓ, ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ମନ୍ତ୍ରୀ ସୁଶାନ୍ତ ସିଂ, ବୟନ ଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ବରଗଡ ଏମ୍‌ପି ପ୍ରଭାସ ସିଂ, ବିଧାୟିକା ରୀତା ସାହୁ, ଏନଏସି ଅଧ୍ୟକ୍ଷା ମୀନା ସେଠ, ବିଜେପୁର ବ୍ଲକ ଅଧ୍ୟକ୍ଷା ମାନିନୀ ଭୋଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ସିଲେଇରେ ବଁଧା ଜୀବନ୍ ଜୀବ୍‌କା

**ଜାମଟିକ୍ରା, ୨୬।୯ (ଡି.ଏନ.ଏ)**



କାମ୍‌କଲା ଅବସ୍ତାରେ ସନ୍ତୋଷ।

ଜୀବନ୍ ଜୀବ୍‌କା ଲାଗି ବରଗଡ଼ ଜିଲା ଜାମଟିକ୍ରା ଅଂଚଲ୍‌କେ ଛତିଶଗଡରୁ ଗୁଟେ ପରିବାର ପଲେଇ ଆସି ଇଠାନେ ଗଲା ୫୦ ବଛର ହେଲା ରହି ଆସୁଛନ୍। ଫିରତ ବିଭାର(୬୫) ଇଠାନେ ନିଜ୍‌କୁ ସିଲେଇ କାମ୍‌ରେ ନିୟୋଜିତ୍ କରି କୁଟୁମ୍ ପୁଷ୍‌ବାର ସଂଗେ ପିଲାଛୁଆକୁ ବଡ଼ କରିଛନ୍। ଆଗ୍‌ରୁ ସେ ସିଲେଇ ମେସିନ୍‌କେ ସାଇକଲେ ବାଁଧି ଗାଁ ଗାଁ ବୁଲି ନୂଆଁ, ଚିରାଫଟା କପଡ଼ାଲତା ସିଲେଇ କରୁଥିଲେ। ହେଲେ ଏହେଦେ ତାକର ଦୁଇ ପୁଓ ଇ ସିଲେଇ କାମ୍ କରୁଛନ୍। ବଡ଼ଖା ପୁଓ ସନ୍ତୋଷ ବିଭାର(୩୮) ଫିଦିନ୍ ଗାଁ ଗାଁ ବୁଲି ଚିରାଫଟା ଲୁଗାପଟା ସିଲେଇ କରି ପରିବାର ଚଲଉଛନ୍। ସିଲେଇ କାମ୍‌ରୁ ଫିଦିନ୍ ୧ଶହରୁ ୨ଶହ ଟଁକା ତକ୍ ମିଳୁଥିଲା ବେଲେ ତେଲ୍ ନୁନ୍‌ରେ ୧୫୦ ଟଁକା ଖରଚ୍ ହେଉଛେ ବଲି ସେ କହିଛନ୍। ସରକାରୀ ସୁବିଧା ବଏଲେ ତାକର ପରିବାରକେ ୨୦ କେ.ଜି. ଚାଉଲ ମିଳୁଛେ। ସନ୍ତୋଷ ତାକର ବାପାରନୁ କାମ୍ ଶିଖି ୨୫ ବଛର ହେଲା ସିଲେଇ କାମ୍ କରୁଛନ୍। ହେଲେ ସେ ନୂଆଁ ସିଲେଇ ମେସିନ୍‌ଟେ ଘିନି କାମ୍ ବଢ଼ାବାକେ ଚାହୁଁଛନ୍, ହେଲେ ତାକର ଭାଏଗ୍‌ରେ ଟଁକା ୧୦ରୁ ୧୨ ହଜାର କେଭେ ଯୁଟି ନାଇଁପାରୁଛେ। ସେନ୍‌ତା ବଛରକ ୭ରୁ ୮ ମାସ୍ କାମ୍ କରିହେସି। ବରଷା ୪ ମାସକ କାମ୍ ଧଁଦା ପାଖାପାଖି ବନ୍ଦ୍ ରହେସି। ସେଥିର୍‌ଲାଗି ଇ ଦିନ୍‌ମାନ୍‌କେ ଧାର ଉଧାର କରି ପରିବାର ଚଲାବାକେ ପଡ଼ସି। ଫେନ୍ କାମ୍‌ଧଁଦା ଆରମ୍ ହେଲେ ସେ ଲୁକ୍‌କର ପଏସା କଉଡ ସୁଝିଦେସନ୍। ଘର, ରୁଣ, ଜମିବାଡ଼ି ଆଦିର ଅଭାବ୍ ଅସ୍‌ବିଧା ରହିଛେ, ସରକାରୀ ସାହାଯ୍ ଲାଗି ପଁନ୍‌ଚେତ୍ ଆର୍ ବ୍ଲକ୍ କତୁରପକ୍ଷକୁଁ ବାରବାର ଗୁହାରି କଲେ ବି କେହି ନାଇଁ ଶୁନ୍‌ବାର। ତାଁକର ବାପା ଫିରତ ଆର୍ ଆଘର ଲେଖେନ୍ କାମ୍‌ବୁତା ନାଇଁ କରିପାରବାର। ରହେବାର ଲାଗି ପ୍ରଧାନମନ୍ତ୍ରୀ ଆବାସ ଯୋଜ୍‌ନାରେ ଘରଖଁଡେ ଆର ସିଲେଇ ବେଉସାକେ ବଢ଼ାବାର ଲାଗି ତାହାକୁ ବ୍ୟାଙ୍କ ରୁଣ ମିଳିପାର୍‌ଲେ ଭଲ୍ ହେତା ବଲି ସେ ଆଶ୍ ବାଁଧି ବସିଛନ୍। ହେଲେ ଏହେଦେ ନିଜର କଁଟ୍‌ବାଛ୍‌ର ପିଁଧନ୍ ଉଢ଼ନ୍ ବଜାରେ କମ୍ ପଏସାରେ ମିଳୁଛେ। ସେଥିର୍‌ଲାଗି ସିଲେଇ ପେଁଟ୍ କୁର୍‌ତା ପିଁଧିବାର ସଉକ୍ ବି ବହୁତ୍ ଲୋକ୍ ଛାଡିଦେଲେନ। ଯେନ୍‌ଥିର୍‌ଲାଗି ଆମର ଧଁଦାପାନିରେ ମାଡ୍ ପଡୁଛେ ବଲି ସନ୍ତୋଷ କହିଛନ୍।

## ୫ ଟ୍ରାକ୍ଟର ଜବତ, ୬୧ ହଜାର ଜରିମାନା ଆଦାୟ

**ଅତାବିରା, ୨୬।୯(ଡି.ଏନ.ଏ.)**

ଭେଡେନ ତହସିଲ ଅନ୍ତର୍ଗତ ଉଦେପୁର ମହାନଦୀ ପଠାରୁ ବାଲି ଚୋରା ଚାଲାଣ କରୁଥିବା ବେଳେ ଦେଶଭଟଲି ଆରଆଇ ପିଅନ ମିର୍ଦ୍ଧା ଚଢାଉ କରି ୫ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛନ୍ତି । ପରେ ଭେଡେନ ଅତିରିକ୍ତ ତହସିଲଦାର ଦେବରାଜ ତନସନା ଓ ହରିଓମ ଭୋଇ ଘଟଣାସ୍ଥଳକୁ ପହଞ୍ଚି ଟ୍ରାକ୍ଟର ପିଛା ୨୦ ହଜାର ୪ଶହ ଟଙ୍କା ଲେଖାଏଁ ଜରିମାନା କରିଥିଲେ। ୩ଟି ଟ୍ରାକ୍ଟର ମାଲିକଙ୍କଠାରୁ ମୋଟ ୬୧ ହଜାର ୨ଶହ ଟଙ୍କା ରାଜସ୍ୱ ଆଦାୟ କରାଯାଇଛି । ଅନ୍ୟ ୨ଟି ଟ୍ରାକ୍ଟର ମାଲିକ ଜରିମାନା ଦେଇ ନ ପାରିବାରୁ ରୁଚ୍ଛୁଡା ଫାଣ୍ଡି ପୋଲିସକୁ ହସ୍ତାନ୍ତର କରାଯାଇଛି ।

## ଝରଣାର ୨ ଶହ ଫୁଟ୍ ତଳକୁ ଖସିପଡ଼ି ଛାତ୍ର ଗୁରୁତର

**ବରଗଡ଼ ଅଫିସ୍,୨୬।୯**

ବରଗଡ଼ ଜିଲା ଭଟଲି ଥାନା ଅନ୍ତର୍ଗତ ନଳିଚୂଆଁକୁ ସାଙ୍ଗମାନଙ୍କ ସହିତ ପିକ୍‌ନିକ କରିବା ପାଇଁ ଯାଇଥିବାବେଳେ ଝରଣା ଉପରୁ ପ୍ରାୟ ୨ଶହ ଫୁଟ୍ ତଳକୁ ଖସିପଡ଼ି ଜଣେ ଡିପ୍ଲୋମା ଛାତ୍ର ଗୁରୁତର ଆହତ ହୋଇଛନ୍ତି । ଆହତ ଛାତ୍ର ଜଣକ ବରଗଡ଼ ପୌରପରିଷଦ ଅଧୀନ ଗୋବିନ୍ଦପାଲି ତଥା ସ୍ଥାନୀୟ ଏକ ଘରୋଇ ଶିକ୍ଷାନୁଷ୍ଠାନର ଛାତ୍ର ରାହୁଲ ଦାଶ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ରାହୁଲ ସକାଳୁ କଲେଜକୁ ଯାଉଛି କହି ଘରୁ ଯାଇଥିଲେ। ମାତ୍ର ସେ କଲେଜ ଯିବା ପରିବର୍ତ୍ତେ ୫ଜଣ ସାଙ୍ଗଙ୍କ ସହିତ ଭଟଲି ବ୍ଲକ ଅନ୍ତର୍ଗତ ବାରପାହାଡ଼ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ରହିଥିବା ନଳିଚୂଆଁ ପ୍ରପାତ ନିକଟକୁ ପିକ୍‌ନିକ ପାଇଁ ବାଇକ ଯୋଗେ ଯାଇଥିଲେ। ସେଠାରୁ ସେ ତଳକୁ ଖସି ପଡ଼ି ଗୁରୁତର ଆହତ ହୋଇଥିଲେ । ସେଠାରୁ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

## ଅନନ୍ତ ବ୍ରତ ସମ୍ପନ୍ନ

**ବିଜେପୁର/ସୋହେଲା, ୨୬।୯ (ଡି.ଏନ.ଏ)**

ବିଜେପୁର ଏନଏସି ସଦର ମହକୁମାରେ ଚାରିଦିନ ଧରି ଚାଲିଥିବା ପ୍ରସିଦ୍ଧ ଅନନ୍ତ ବ୍ରତ ମହୋତ୍ସବ ବୁଧବାର ଭସାଣି ଶୋଭାଯାତ୍ରା ସହ ସମ୍ପନ୍ନ ହୋଇଛି । ଶୋଭାଯାତ୍ରାରେ ମୃଣ୍ମୟ ପ୍ରତିମାଗୁଡିକୁ ଗ୍ରାମ ପରିକ୍ରମା କରିବା ପରେ ଦାମୋଦର କଟାରେ ବିସର୍ଜନ କରାଯାଇଥିଲା । ଚଳିତ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ କରୁଥିବା ଉପରପଡା ଅନନ୍ତ ବ୍ରତ ମହୋତ୍ସବର ଗୁରୁବାର ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ଜଣାପଡିଛି ।

**ସୋହେଲା,(ଡି.ଏନ.ଏ):** ସୋହେଲାସ୍ଥିତ ହଟଲି ମଣ୍ଡପଠାରେ ଜୀବନ ଆଶା କ୍ଲବ ତରଫରୁ ସାର୍ବଜନୀନ ଅନନ୍ତପୂଜା ଅନୁଷ୍ଠିତ ହୋଇଥିଲା । ଏଥିରେ ସଚିଦା ଝାଙ୍କର ଓ ତାଙ୍କ ସ୍ତ୍ରୀ ସଞ୍ଜୁ ଝାଙ୍କର କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ । ସୁମନ୍ତ ପାଣିଗ୍ରାହୀ, ହିମାଂଶୁ ଦାସ, ସରୋଜ ଦେବତା ଓ ମନୋରଞ୍ଜନ ମହାପାତ୍ର ପୂଜାକାର୍ଯ୍ୟ କରିଥିଲେ । ରବିବାର କଳସ ଶୋଭାଯାତ୍ରା ଓ ପୂଜାରମ୍ଭ ଏବଂ ସୋମବାର ପୂର୍ଣ୍ଣାହୁତି ହୋଇଥିଲା । ସନ୍ଧ୍ୟାରେ କୃଷ୍ଣଗୁରୁ ଭଜନ ଓ ଡ୍ୟାନ୍ସ ପରିବେଷଣ କରାଯାଇଥିଲା । ବୁଧବାର ସକାଳେ ଭସାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମନ ମାଝି, ବୁଲୁ ପରୁଆ ସହଯୋଗ କରିଥିଲେ ।

## ଅଛାଣ୍ଡପାଲିରେ ଇନ୍ଦ୍ରପୂଜା



ଭେଡେନ ବ୍ଲକ ଅଛାଣ୍ଡପାଲିରେ ଇନ୍ଦ୍ରପୂଜା କରାଯାଉଛି ।

**ଭେଡ଼େନ,୨୬।୯(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଲୁହାଖଣ୍ଡି ଗ୍ରାମପଞ୍ଚାୟତର ଅଛାଣ୍ଡପାଲିରେ ଭାଗବତ ଜନ୍ମ ତଥା ଇନ୍ଦ୍ରପୂଜା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଛି । ଏଥିପାଇଁ ସ୍ଥାନୀୟ ରାମ ମନ୍ଦିରରେ ୧୫ରୁ ଅଧିକ ବ୍ରାହ୍ମଣ ସାମୂହିକ ଭାଗବତ ପାଠ କରିଥିଲେ । ଏହାସହ ଋଷ୍ୟଶୃଙ୍ଗ ମୁନି ତଥା ଇନ୍ଦ୍ର ପୂଜା କରାଯାଇଥିଲା । ଏଥିରେ ତାରାଦୀପ ପଧାନ କର୍ତ୍ତା ତଥା ବିପିନ ବିହାରୀ ପଣ୍ଡା ପୁରୋହିତ ଦାୟିତ୍ୱ ସମ୍ପାଦନ କରିଥିଲେ । ସେହିପରି ଅରେଇଗୁଡ଼ି ଭାଗବତ ସେବା ସଂସ୍ଥାନ ତରଫରୁ ଭାଗବତ ଜନ୍ମ ପାଳିତ ହୋଇଛି। ଏଥିରେ ଆନନ୍ଦ ସାହୁ ଏବଂ ସୁରୁଚି ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ନିତ୍ୟାନନ୍ଦ ବିଶି ପ୍ରବଚନ ଓ ଯୋଗେଶ୍ୱର ପାଣିଗ୍ରାହୀ ଭାଗବତ ପାଠ କରିଥିଲେ। ଦୁର୍ଲଭ ବାଗ, ଭଗବାନ ସାହୁ ଏବଂ ଅନ୍ୟ ଗ୍ରାମବାସୀ ସହଯୋଗ କରିଥିଲେ।

## ପରିବହନ କର୍ମଚାରୀଙ୍କ ଧର୍ମଘଟ ପ୍ରତ୍ୟାହୃତ

**ପଦ୍ମପୁର, ୨୬।୯ (ଡି.ଏନ.ଏ)**

ବିଭିନ୍ନ ଦାବି ନେଇ ଗତ ୧ ତାରିଖଠାରୁ ଓଡିଶା ପରିବହନ ନିଗମ ପଦ୍ମପୁର ଶାଖା କର୍ମଚାରୀ ସଂଘ ଜାରି ରଖିଥିବା ଆନ୍ଦୋଳନକୁ ପ୍ରତ୍ୟାହାର କରିଛି। ଏହି ପରିପେକ୍ଷୀରେ ୨୫ ତାରିଖ ଅପରାହ୍ନ ୫ଟା ସମୟରେ ପଦ୍ମପୁର ଉପଜିଲାପାଳ ଦୌଲତ ଚନ୍ଦ୍ରାକରଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଆନ୍ଦୋଳନରତ କର୍ମଚାରୀମାନଙ୍କ ବିଭିନ୍ନ ଦାବି ଉପରେ ଆଲୋଚନା କରାଯାଇଥିଲା। ଡିପିଏମ ସମ୍ବଲପୁର ରାଜେନ୍ଦ୍ର ପୂଝାରୀ କର୍ମଚାରୀମାନଙ୍କର ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପଦ୍ମପୁର ଉପଜିଲାପାଳ ଚନ୍ଦ୍ରାକର ଜନସାଧାରଣଙ୍କ ସ୍ୱାର୍ଥ ତଥା ଆଗାମୀ ପୂଜା ପାର୍ବଣକୁ ଦୃଷ୍ଟିରେ ରଖି ବସ୍ ଚଳାଚଳକୁ ସ୍ୱାଭାବିକ କରିବା ପାଇଁ କର୍ମଚାରୀ ସଂଘର କର୍ମକର୍ତ୍ତାମାନଙ୍କୁ ଅନୁରୋଧ କରିଥିଲେ। ଏହି ଆଲୋଚନାରେ ପଦ୍ମପୁର ୟୁନିଟ ଓଏସଆରଟିସି ଇନଚାର୍ଜ ସର୍ବେଶ୍ୱର ପାଲ, ନାଗରିକ କମିଟି ସଭାପତି ରାମଚନ୍ଦ୍ର ତ୍ରିପାଠୀ, ଯୁଗ୍ମ ସମ୍ପାଦକ ନିରୋଜ ବୋଧ, ଓକିଲ ସଂଘ ସଭାପତି ଯୋଗେନ୍ଦ୍ର କୁମାର ଭୋଇ, ଓକିଲ ରାଧାବଲ୍ଲଭ ପାଣିଗ୍ରାହୀ, ବିଜେଡି ଟାଉନ ସଭାପତି ନବକିଶୋର ସାହୁ, ଭାଜପା ନଗର ସଭାପତି ସୁନୀଲ ଅଗ୍ରୱାଲ, ଆଇଆଇସି କେ. ପ୍ରିୟଙ୍କା ରାଉତରାୟ, ଓଏସଆରଟିସି କର୍ମଚାରୀ ସଂଘ ସଭାପତି ପ୍ରଶାନ୍ତ ମାଝୀ, ସମ୍ପାଦକ ଥବିର ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

**ଦାବି ପୂରଣ ପାଇଁ ପ୍ରତିଶ୍ରୁତି**



ପରିବହନ ନିଗମ କର୍ମଚାରୀଙ୍କ ସମସ୍ୟାର ସମାଧାନ ପାଇଁ ପଦ୍ମପୁର ଉପଜିଲାପାଳ ଙ୍କ ଅଧ୍ୟକ୍ଷତାରେ ବୈଠକ ଚାଲିଛି ।

# ଓଡ଼ିଶାରେ ପ୍ରହସନ

**ପର୍ଯ୍ୟଟନ ହେଉଛି ରାଜ୍ୟ ବିକାଶର ପରିଚୟ। ଉପଯୁକ୍ତ ପର୍ଯ୍ୟଟନ ରାଜସ୍ୱ ଆଣିବା ସହ ସ୍ଥାନୀୟ ଜନସାଧାରଣଙ୍କ ପାଇଁ ରୋଜଗାର ସୃଷ୍ଟିର ମାଧମ ହୋଇଥାଏ। ମାତ୍ର ପ୍ରଶାସନର ପଥଭ୍ରଷ୍ଟ ପର୍ଯ୍ୟଟନ ନୀତି ଏବଂ ଦୂରଦୃଷ୍ଟିବିହୀନ ଯୋଜନା ଏହାର ଉପଯୁକ୍ତ ବିକାଶ କରାଇ ଦେଉନାହିଁ। ପ୍ରାକୃତିକ ପରିବେଶ,ସୁଦୀର୍ଘ ବେଳାଭୂମି, ଐତିହାସିକ ଏବଂ ସାଂସ୍କୃତିକ ପରମ୍ପରା ଓଡ଼ିଶା ପର୍ଯ୍ୟଟନର ମୁଖ୍ୟ ଉପାଦାନ। ମାତ୍ର ତା'ର ବହୁଳ ପ୍ରଚାର ହେଉଥିବା ବେଳେ ଉନ୍ନୟନ ଦେଖିବାକୁ ମିଳୁନାହିଁ।**

## ନାହିଁ ସ୍ପଷ୍ଟ ସୂଚନା



ରାଜଧାନୀରେ ଥିବା ଲିଙ୍ଗରାଜ ମନ୍ଦିରକୁ ଅଣହିନ୍ଦୁମାନଙ୍କର ପ୍ରବେଶ ନାହିଁ। ଫଳରେ ସେମାନେ ମନ୍ଦିରର ଉତ୍ତର ଦ୍ୱାର ନିକଟରେ ଥିବା ପ୍ଲାଟଫର୍ମ ଉପରେ ଦର୍ଶନ କରିଥାନ୍ତି। ଏହି ସମୟରେ ମନ୍ଦିରର ସେବାୟତମାନେ ଅର୍ଥ ଆଦାୟ କରିବା ଦେଖାଯାଉଛି, ଯାହା ବିଦେଶୀ ପର୍ଯ୍ୟଟକଙ୍କୁ ନକାରାତ୍ମକ ବାର୍ତ୍ତା ଦେଉଛି। ଏହାକୁ ସ୍ଥାନୀୟ ପୋଲିସ ବାରଣ କରିବା ବଦଳରେ ଜାଣିଶୁଣି ନୀରବ ରହୁଛି। ଏ ସମ୍ପର୍କରେ ସ୍ଥାନୀୟ ଥାନା ଅଧିକାରୀ ଜନାର୍ଦ୍ଦନ ପାଢ଼ୀ କହିଛନ୍ତି, ଏମିତି ସମସ୍ୟା ଆଉ ଦେଖାଯାଉ ନାହିଁ। ପୋଲିସ ପ୍ରଶାସନକୁ ଛାଡ଼ିଦେଲେ ମନ୍ଦିର ପ୍ରଶାସନର ବି ଦାୟିତ୍ୱ ରହୁଛି। ପର୍ଯ୍ୟଟକଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯାଉଛି। ନିଖୋଜ ଘଟଣା ଅଧିକ ପୋଲିସ ନଜରକୁ ଆସୁଥିବା ସେ କହିଛନ୍ତି। ମାତ୍ର ସ୍ଥାନୀୟ କେତେଜଣ ଛୋଟ ଦୋକାନୀ ନାମ ଗୋପନ ରଖି କହିଛନ୍ତି ଯେ, ଅନେକ ପର୍ଯ୍ୟଟକ ଅର୍ଥ ଆଦାୟକୁ ନେଇ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଏଥିପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ଆଶ୍ଚର୍ଯ୍ୟର ବିଷୟ, ଉକ୍ତ ପ୍ଲାଟଫର୍ମରେ ଲାଗିଥିବା ଫଳକର ଲେଖା ସ୍ପଷ୍ଟ ନୁହେଁ, ଯାହାକୁ ଜଣେ ରାଜ୍ୟ ବାହାରର ପର୍ଯ୍ୟଟକ ପଢ଼ି ସଚେତନ ହୋଇପାରିବ।

କେବଳ ପାହାଡ, ପର୍ବତ କିମ୍ବା ପୁରାତନ ସ୍ଥାପତ୍ୟ ଏବଂ ହୋଟେଲ ଗଢ଼ିଦେଲେ ପର୍ଯ୍ୟଟକ ଦୌଡ଼ି ଆସନ୍ତି ନାହିଁ। ବିଶ୍ୱର ବିଭିନ୍ନ ସ୍ଥାନରେ ସଫଳ ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକୁ ଦେଖିଲେ ଅନେକ କଥା ସ୍ପଷ୍ଟ ବୁଝାପଡ଼େ। ଯେଉଁଠାରେ ସାଧାରଣ ନାଗରିକଙ୍କ ଦ୍ୱାରା ପର୍ଯ୍ୟଟକ ସ୍ୱାଗତର ବାସ୍ନା ପାଇଥାନ୍ତି, ସେହି ସବୁ ସ୍ଥାନରେ ପର୍ଯ୍ୟଟକଙ୍କ ଭିଡ ଜମେ। ଦକ୍ଷିଣ ଭାରତର କେରଳ ରାଜ୍ୟ ଏହାର ଏକ ଜ୍ୱଳନ୍ତ ଉଦାହରଣ। ସେହି ରାଜ୍ୟ ଭଳି ଓଡ଼ିଶାରେ ମଧ୍ୟ ସୁନ୍ଦର ବେଳାଭୂମି ରହିଛି। କିନ୍ତୁ ଆମର ସ୍ଥାନୀୟ ବାସିନ୍ଦାଙ୍କ ଦ୍ୱାରା ସମୁଦ୍ର କୂଳକୁ ପ୍ରବଳମାତ୍ରାରେ ଅପରିଷ୍କାର କରାଯିବା, ପର୍ଯ୍ୟଟକଙ୍କୁ ବିଭିନ୍ନ ପ୍ରକାର ହଇରାଣ ହରକତ କରାଯିବା ସହ ଆକ୍ରମଣ କରାଯାଉଥିବାର ଖବର ମିଳୁଛି। ମନେରଖିବାକୁ ହେବ ଯେ, ପର୍ଯ୍ୟଟନରେ ଆସିଥିବା ବ୍ୟକ୍ତି ସମ୍ପୂର୍ଣ୍ଣ ଭାବେ ଅସହାୟ। ସେମାନଙ୍କୁ ସୁରକ୍ଷା ବ୍ୟବସ୍ଥା ତଥା ପୋଲିସଠାରୁ ଆରମ୍ଭ କରି ଟ୍ରାଭେଲ ଏଜେଣ୍ଟ, ସ୍ଥାନୀୟ ଜନତାଙ୍କ ଦ୍ୱାରା ସୁରକ୍ଷା ଓ ସୁବିଧା ଦିଆଯିବାର ମାନସିକତା ଓଡ଼ିଶାରେ ସୃଷ୍ଟି କରାଯାଇପାରିନାହିଁ। ସେହିଭଳି ସୁରକ୍ଷିତ ବାତାବରଣ କେରଳ, ଗୋଆ ଏବଂ ପଣ୍ଡିଚେରୀ ଭଳି ସ୍ଥାନରେ ଦେଖିବାକୁ ମିଳିଥାଏ। ଅଟୋରିକ୍ସା ଚାଳକ, ଟୁରିଷ୍ଟ ଗାଇଡ୍,ସିଗାରେଟ୍ ଦୋକାନୀ ଏବଂ ହୋଟେଲ ମ୍ୟାନେଜରଙ୍କଠାରୁ ଆରମ୍ଭ କରି ୱେଟରଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ବିରାଟକାୟ ବ୍ୟବସାୟ ଦ୍ୱାରା ଲାଭବାନ ହେଉଥିବା ସତ୍ତ୍ୱେ ସେ ଦିଗରେ ନିଜର କର୍ତ୍ତବ୍ୟକୁ ପାଳନ କଲାଭଳି ପରିଲକ୍ଷିତ ହେଉନାହିଁ। ପର୍ଯ୍ୟଟନ ଏକ ସାମାଜିକ ବ୍ୟବସାୟ। କରଦାତାଙ୍କ ଅର୍ଥରେ ପର୍ଯ୍ୟଟନର ବିକାଶ ପାଇଁ ବହୁଳ ଅର୍ଥ ଖର୍ଚ୍ଚ କରାଯାଉଥିଲେ ମଧ୍ୟ ଏହା ସହ ପ୍ରତ୍ୟକ୍ଷ ସମ୍ପର୍କ ରଖୁଥିବା କେତେଜଣ ଅସାମାଜିକ ବ୍ୟକ୍ତିଙ୍କ ଦୌରାତ୍ମ୍ୟ ଯୋଗୁ ରାଜ୍ୟ ଲୋକହସା ହେବାକୁ ବାଧ୍ୟ ହେଉଛି। ଏମିତି କେତେକ ଅପ୍ରିୟ ଉଦାହରଣ ନିମ୍ନରେ ପ୍ରଦାନ କରାଗଲା।

### ପର୍ଯ୍ୟଟକ ସୁରକ୍ଷା ଢିଲା



ପୁରୀ-ଭୁବନେଶ୍ୱର ମଧ୍ୟରେ ଯାତ୍ରୀମାନଙ୍କ ସାମୟିକ ବିନୋଦନ ପାଇଁ ପଞ୍ଚନାଇକିଆ ଠାରେ 'ଯାଯାବର' ନିର୍ମାଣ କରାଯାଇଛି। ଯାତ୍ରୀ ରହଣି ସହ ଖାଇବା ପିଇବା ବ୍ୟବସ୍ଥା ମଧ୍ୟ ସେଠାରେ ଉପଲବ୍ଧ। ମାତ୍ର ଏହାର ଆଖପାଖର କିଛି ଅସାମାଜିକ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଏବଂ ପ୍ରଶାସନିକ ଉଦାସୀନତା ଅନେକ ସମସ୍ୟାର କାରଣ ପାଲଟିଛି। ସରକାର କିଛିମାସ ପୂର୍ବେ ଉକ୍ତ ସ୍ଥାନକୁ ସରକାରୀ-ଘରୋଇ ସହଭାଗିତା(ପିପିପି) ମୋଡ୍ ଜରିଆରେ ଟିମ୍ ଆଡମାର୍କ ନାମକ ଏକ ଘରୋଇ ସଂସ୍ଥାକୁ ପ୍ରଦାନ କରିଛନ୍ତି। ତା'ର ପରିଚାଳନାରୁ ପ୍ରଶାସନ ବର୍ତ୍ତମାନ ସମ୍ପୂର୍ଣ୍ଣ ମୁକ୍ତ। ଘରୋଇ ସଂସ୍ଥାକୁ ଦେବା ପରେ ପ୍ରଶାସନ ଆନୁଷଙ୍ଗିକ ସହଯୋଗ ନ କରିବା ଏହାର ନିବେଶକଙ୍କୁ ହତୋତ୍ସାହିତ କରିଛି। ଏନେଇ ଟିମ୍ ଆଡମାର୍କର ସିଏମ୍‌ଡି ନିଶିକାନ୍ତ ମିଶ୍ର କହିଛନ୍ତି, ପର୍ଯ୍ୟଟନ ଋତୁରେ ପ୍ରଶାସନ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ପୋଲିସ୍ ମୁତୟନ କରିବାର ମଧ୍ୟ ଆବଶ୍ୟକତା ରହିଛି। ଏହାଦ୍ୱାରା ପର୍ଯ୍ୟଟକମାନେ ନିଜକୁ ସୁରକ୍ଷିତ ମନେ କରିପାରିବେ। ପିପିପି ମୋଡ୍‌ରେ ଘରୋଇ ସଂସ୍ଥାକୁ ଦେବା ପରେ ପ୍ରଶାସନ ଆନୁଷଙ୍ଗିକ ସୁବିଧା ଯୋଗାଇ ନ ଦେବା ଦୁର୍ଭାଗ୍ୟଜନକ। ପ୍ରଶାସନର ଏପରି ମନୋଭାବ ଭବିଷ୍ୟତରେ ଅନ୍ୟମାନଙ୍କୁ ପର୍ଯ୍ୟଟନରେ ନିବେଶ କରିବା ପାଇଁ ହତୋତ୍ସାହିତ କରିବ ବୋଲି ନିଶିକାନ୍ତ କହିଛନ୍ତି। ତେଣୁ ପ୍ରଶାସନ ଏକ ମନ୍ତ୍ରୀସ୍ତରୀୟ କମିଟି ଗଠନ କରି ପିପିପି ମୋଡରେ ଦିଆଯାଇଥିବା ପ୍ରକଳ୍ପର ସ୍ଥିତି ସମ୍ପର୍କରେ ସମୀକ୍ଷା କରୁ। ଏଗୁଡ଼ିକର ପରିଚାଳନା ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ଗଠନ କରାଯାଉ, ଏଥିରେ ଜଣେ ପ୍ରଶାସନିକ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଉ। ବିଭିନ୍ନ ଜିଲାରେ ଥିବା ଏହିସବୁ ସ୍ଥାନର ସୁରକ୍ଷା ଓ ଉନ୍ନୟନ ନେଇ ସ୍ଥାନୀୟ ଜିଲାପାଳଙ୍କୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦିଅନ୍ତୁ ବୋଲି ସେ କହିଛନ୍ତି।

### ଅଭୟାରଣ୍ୟର ସୁରକ୍ଷା ଲୋଡ଼ା

ରାଜଧାନୀକୁ ସଂଲଗ୍ନ ହୋଇଥିବା ଚନ୍ଦକା-ଡମପଡା ଅଭୟାରଣ୍ୟ ଏକମାତ୍ର ସଂରକ୍ଷିତ ଜଙ୍ଗଲ। ଏହା ଦେଶର ଅନ୍ୟ କୌଣସି ଠାରେ ଦେଖାଯାଏନାହିଁ। ହାତୀ ଏଠାରେ ଚଲାବୁଲା କରିଥାନ୍ତି। ପର୍ଯ୍ୟଟନକୁ ଉତ୍ସାହିତ କରାଯାଉଛି ବୋଲି ଦାବି କରୁଥିବା ସରକାର ସେହି ଜଙ୍ଗଲ ମଧ୍ୟରେ ଶିଳ୍ପାଞ୍ଚଳ ଗଢୁଛନ୍ତି। କେତେକ ବ୍ୟକ୍ତି ବିଶେଷଙ୍କ ସୁବିଧା ପାଇଁ ରାସ୍ତା ନିର୍ମାଣ କରାଯାଉଛି। ସେଠାରେ ଏକ ପ୍ରଶସ୍ତ ପୋଲିସ ଫାଇରିଂ ରେଞ୍ଜ ନିର୍ମାଣ କରାଯାଇ ଯବାନମାନଙ୍କୁ ଗୁଳିଚାଳନା ପ୍ରଶିକ୍ଷଣ ଦିଆଯାଉଛି। ଫଳରେ ହାତୀ ଏବଂ ଅନ୍ୟାନ୍ୟ ଦୁର୍ଲଭ ପ୍ରାଣୀମାନଙ୍କ ଯିବା ଆସିବାକୁ ପ୍ରଭାବିତ କରୁଛି। କେରଳ ଭଳି ରାଜ୍ୟରେ ପ୍ରାକୃତିକ ପରିବେଶର ଯେପରି କ୍ଷତି ନ ହୁଏ, ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଇଥାଏ। ଅତୀତରେ ବହୁ ରାଷ୍ଟ୍ରୀୟ କମ୍ପାନୀ ବିଭିନ୍ନ ପ୍ଲାଣ୍ଟ କରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ ବି ସ୍ଥାନୀୟ ପ୍ରଶାସନ ଏବଂ ଜନସାଧାରଣ ତାହାକୁ ବିରୋଧ କରିଛନ୍ତି।

### ଭିତ୍ତିଭୂମି ଲାଗି ଲୋଡ଼ା ଦୂରଦୃଷ୍ଟି

ଉତ୍ତମ ବ୍ୟବହାର ଯେପରି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ, ସେହିପରି ଉପଯୁକ୍ତ ଭିତ୍ତିଭୂମି ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧିରେ ସହାୟକ ହୋଇଥାଏ। ମାତ୍ର ଓଡ଼ିଶାରେ ଆବଶ୍ୟକ ଭିତ୍ତିଭୂମି ଥାଇ ନିବେଶ ପାଇଁ ପଛଘୁଞ୍ଚା ଦେବା ନକାରାତ୍ମକ ବାର୍ତ୍ତା ଦେଉଛି। ଏହା ଉପରେ ମତ ଦେଇ 'ଟ୍ରାଭେଲ ଲିଙ୍କ୍'ର ପରିଚାଳକ ବେଞ୍ଜାମିନ୍ ସାଇମନ୍ କୁହନ୍ତି, ପୁରୀ ପରି ବିଶାଖାପାଟଣାରେ ମଧ୍ୟ ବେଳାଭୂମି ରହିଛି। ସେଠାରେ ଏକାଧିକ ତାରକା ହୋଟେଲ ଥିବାରୁ ଅଧିକ ସଂଖ୍ୟକ ବାହାର ପର୍ଯ୍ୟଟକ ଆସିପାରୁଛନ୍ତି। ଆମ ରାଜ୍ୟରେ ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରୀୟ ହୋଟେଲ ଖୋଲିବାର ଆବଶ୍ୟକତା ରହିଛି। ସେମାନେ ଆସିବା ଦ୍ୱାରା ହିଁ ବାହାର ପର୍ଯ୍ୟଟକଙ୍କୁ ସବୁ ସମୟରେ ପାଇପାରିବା। ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାର ସମୟ ଆସିଛି ବୋଲି ବେଞ୍ଜାମିନ୍ କହିଛନ୍ତି। ଉପକୂଳ ଓଡ଼ିଶାରେ ପୁରୀ ହିଁ ଆମ ପର୍ଯ୍ୟଟନର ଆକର୍ଷଣର କେନ୍ଦ୍ରବିନ୍ଦୁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସବୁ ଧର୍ମାବଲମ୍ବୀଙ୍କ ପାଇଁ ଉପଲବ୍ଧ ନୁହେଁ। ତେଣୁ ମନ୍ଦିର ସମ୍ପର୍କିତ ତଥ୍ୟକୁ ଲାଇଟ ଆଣ୍ଡ ସାଉଣ୍ଡ ଫିଚର ରୂପେ ଉପସ୍ଥାପନ କରାଗଲେ, ଉତ୍ତମ ପଦକ୍ଷେପ ହୁଅନ୍ତା ବୋଲି ମନେହୁଏ। ଶ୍ରୀମନ୍ଦିର ସନ୍ନିକଟ ପାଠାଗାରର ଉନ୍ନତୀକରଣ, ଲିଙ୍ଗରାଜ ମନ୍ଦିର ଉତ୍ତର ଦ୍ୱାର ନିକଟରେ ଥିବା ପ୍ଲାଟଫର୍ମକୁ ବହୁମୁଖୀରେ ପରିଣତ କରିବାର ଆବଶ୍ୟକତା ରହିଛି। ପୂର୍ବାପେକ୍ଷା ବିମାନରେ ଗମନାଗମନ ବୃଦ୍ଧି ପାଇଛି। ତେଣୁ ଓଡ଼ିଶା ମଧ୍ୟରେ ବିଭିନ୍ନ ସ୍ଥାନକୁ ନିୟମିତ ବିମାନସେବା, ଦେଶର ପ୍ରମୁଖ ସହରକୁ ଆକାଶମାର୍ଗରେ ଯୋଡା ଯାଇ ପାରିଲେ, ତାହା ଧନୀ ଶ୍ରେଣୀର ପର୍ଯ୍ୟଟକଙ୍କୁ ଓଡ଼ିଶା ଆସିବାକୁ ବାଧ୍ୟ କରିବ ବୋଲି ପର୍ଯ୍ୟଟନ ଶିଳ୍ପରେ ଜଡ଼ିତ ଥିବା ଅଭିଜ୍ଞ ବ୍ୟକ୍ତିତ୍ୱମାନେ ମତ ପ୍ରକାଶ କରିଛନ୍ତି। ମୋଟ ଉପରେ କହିବାକୁ ଗଲେ, ଉତ୍ତମ ଏବଂ ଅନ୍ତର୍ଜାତୀୟମାନର ଭିତ୍ତିଭୂମି ପର୍ଯ୍ୟଟକ ସଂଖ୍ୟା ବୃଦ୍ଧି କରିବ।

## ସମ୍ବେଦନଶୀଳ ନୁହେଁ ପ୍ରଶାସନ

ପୁରୀ ବେଳାଭୂମିରେ ଅନେକ ସମୟରେ ବିଦେଶୀ ପର୍ଯ୍ୟଟକ ହଇରାଣ ହରକତ ହେବା ସହ ଆକ୍ରମଣର ଶିକାର ହେଉଛନ୍ତି। ସେମାନଙ୍କ ଅଭିଯୋଗ ଶୁଣିବା ସ୍ଥାନୀୟ ସମୁଦ୍ର କୂଳ ଥାନାରେ କେହି ସମ୍ବେଦନଶୀଳ ହେଉନାହାନ୍ତି। ବେଳାଭୂମିକୁ ବହୁସଂଖ୍ୟାରେ ଅନ୍ୟ ଭାଷାଭାଷୀ ଏବଂ ବିଦେଶୀ ପର୍ଯ୍ୟଟକ ଆସୁଥିବାରୁ ସେଠାରେ ବହୁଭାଷାରେ ଦକ୍ଷତା ଥିବା ଅଧିକାରୀଙ୍କୁ ନିଯୁକ୍ତ କରାଯିବା ଆବଶ୍ୟକ। ମାତ୍ର ପ୍ରଶାସନ ଏଦିଗକୁ ଗୁରୁତ୍ୱ ଦେଉନାହିଁ। ସମୁଦ୍ରକୂଳ ଥାନା ଅଧିକାରୀ ବିଶ୍ୱରଞ୍ଜନ ସେନାପତି କହିଛନ୍ତି, ବାହାରୁ ଆସୁଥିବା ପର୍ଯ୍ୟଟକ ଅନେକ ସମୟରେ ଚୋରି, ବୁଡ଼ିଯିବା ଘଟଣା ନେଇ ଅଭିଯୋଗ କରିଥାନ୍ତି। ଦିନକୁ ଦିନ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ତେଣୁ ସେମାନଙ୍କୁ ସୁରକ୍ଷା ଦେବା ପାଇଁ ମାନବ ସମ୍ବଳ ବୃଦ୍ଧିର ଆବଶ୍ୟକତା ରହିଛି। ମହିଳା ପର୍ଯ୍ୟଟକ ଗାଧୋଉଥିବା ବେଳେ ଅନେକ ଅସାମାଜିକ ବ୍ୟକ୍ତି ସେମାନଙ୍କ ଫଟୋ ଏବଂ ଭିଡିଓ ଉତ୍ତୋଳନ କରୁଥିବା ମଧ୍ୟ ଅଭିଯୋଗ ହେଉଥିବା ଥାନାଧିକାରୀ ସ୍ୱୀକାର କରିଛନ୍ତି। ବିଦେଶୀ ପର୍ଯ୍ୟଟକଙ୍କ ପାଇଁ ଥାନାରେ ବହୁଭାଷାରେ ଦକ୍ଷତା ଥିବା ବ୍ୟକ୍ତିଙ୍କ ନିଯୁକ୍ତି ସ୍ୱାଗତଯୋଗ୍ୟ ପଦକ୍ଷେପ ହୋଇପାରିବ ବୋଲି ସେ କହିଛନ୍ତି। ବର୍ତ୍ତମାନ ମଧ୍ୟ ସମୁଦ୍ରକୂଳରେ ଥିବା ଏକାଧିକ ସମସ୍ୟା ରାଜ୍ୟ ପର୍ଯ୍ୟଟନର ନକାରାତ୍ମକ ଚିତ୍ର ପ୍ରଦର୍ଶନ କରୁଛି। ଏ ସମ୍ପର୍କରେ ସ୍ଥାନୀୟ ଅଧିବାସୀ ସତ୍ୟ ମିଶ୍ର କହିଛନ୍ତି, ସମୁଦ୍ରରେ ଜୁଆର ଭଟ୍ଟା ଲାଗି ରହିଥାଏ। କେଉଁ ସମୟରେ ଜୁଆର ରହୁଛି, ସେ ସମ୍ପର୍କରେ ବେଳାଭୂମିରେ ପ୍ରତିଦିନ ସୂଚନା ଦିଆଯାଉନାହିଁ। ଏହାକୁ ଗୁରୁତର ସହ ବିଚାର କଲେ, ତାହା ସମୁଦ୍ରରେ ବୁଡ଼ି ପ୍ରାଣ ହରାଉଥିବା ମୃତକଙ୍କ ସଂଖ୍ୟା କମ୍ କରିପାରନ୍ତା ବୋଲି ସତ୍ୟ କହିଛନ୍ତି। ବିଦେଶୀ ତଥା ରାଜ୍ୟ ବାହାରର ପର୍ଯ୍ୟଟକମାନଙ୍କ ପାଇଁ ଚେଞ୍ଜିଂ ରୁମ୍, ମହିଳାଙ୍କ ପାଇଁ ଆବଶ୍ୟକ ଶୌଚାଳୟ, ଲକର ବ୍ୟବସ୍ଥା ଏବଂ ସର୍ବୋପରି ଗାଧୋଇବା ପାଇଁ ସ୍ୱତନ୍ତ୍ର ପୋଷାକ ଦିଆଯାଉନାହିଁ। ଏସବୁ ସୁବିଧା ସୁଯୋଗର ବ୍ୟବସ୍ଥା କରାଗଲେ, ପର୍ଯ୍ୟଟକ ବାରମ୍ବାର ଆସିବେ ବୋଲି ସତ୍ୟ କହିଛନ୍ତି। ପୁରୀ ବାବଦରେ ଯେତିକି ସୂଚନା ସରକାରୀ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବା କଥା ତାହା ହୋଇନାହିଁ। ଲାଇଫ୍ ଗାର୍ଡ ଏବଂ ଟୁରିଷ୍ଟ ଗାଇଡ୍‌ଙ୍କୁ ବହୁଭାଷୀ କରିବା ସହ ଉପଯୁକ୍ତ ପ୍ରଶିକ୍ଷଣ ଦେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।



### ଖର୍ଚ୍ଚ ହେଉଛି ଅର୍ଥ, ମାତ୍ର ପର୍ଯ୍ୟଟକଙ୍କ ଦେଖାନାହିଁ

ରାଜଧାନୀରେ ବର୍ଷର ବିଭିନ୍ନ ସମୟରେ ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ କରାଯାଉଥିବା ଉତ୍ସବ ଯଥା-ରାଜାରାଣୀ ମହୋତ୍ସବ, ଧଉଳି ମହୋତ୍ସବ, ଖଣ୍ଡଗିରି ମହୋତ୍ସବ ଇତ୍ୟାଦିରେ ପର୍ଯ୍ୟାପ୍ତ ଅର୍ଥ ଖର୍ଚ୍ଚ କରାଯାଉଛି। ମାତ୍ର ଏହି ସବୁ କାର୍ଯ୍ୟକ୍ରମକୁ ଭିତ୍ତିକରି ପର୍ଯ୍ୟଟକଙ୍କୁ ଓଡ଼ିଶା ଆଣିବାରେ ପ୍ରଶାସନ ବିଫଳ ହୋଇଛି। ରାଜଧାନୀ ଏବଂ ଏହାର ଆଖପାଖ ଅଞ୍ଚଳର ଜନସାଧାରଣ ଏହି କାର୍ଯ୍ୟକ୍ରମ ଉପଭୋଗ କରିବା ସାର ହେଉଛି। ଯାହା ଏହାର ଆୟୋଜନର ପ୍ରକୃତ ଲକ୍ଷ୍ୟ ନୁହେଁ। ପର୍ଯ୍ୟଟନ ବିଭାଗର ପ୍ରୋତ୍ସାହନରେ ହେଉଥିବା ଏହିସବୁ କାର୍ଯ୍ୟ ପ୍ରକୃତ ପର୍ଯ୍ୟଟନ ଉନ୍ନୟନର ପରିପନ୍ଥୀ। ପ୍ରତିବର୍ଷ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ସମ୍ପର୍କରେ ସରକାର ଡିଣ୍ଡିମ ପିଟନ୍ତି। ମାତ୍ର ସମାନ ପର୍ଯ୍ୟଟକଙ୍କୁ ଏକାଧିକ ଥର ଗଣାଯାଇ ସଂଖ୍ୟା ବୃଦ୍ଧି କରାଯାଉଥିବା କୁହାଯାଉଛି। ଆଶ୍ଚର୍ଯ୍ୟର କଥା, କୋଣାର୍କ, ରାଜାରାଣୀ ଏବଂ ଉଦୟଗିରିକୁ ଯେତେମାତ୍ରାରେ ବାହାର ପର୍ଯ୍ୟଟକ ଆସିବା କଥା ଆସୁନାହାନ୍ତି।

### ଅନ୍ତର୍ଜାତୀୟ ସଂସ୍ଥାର ନିବେଶ

ଅନ୍ୟ ସ୍ଥାନରେ ପର୍ଯ୍ୟଟକମାନେ ମହଙ୍ଗା ହୋଟେଲରେ ନ ରହି ସ୍ଥାନୀୟ ବାସିନ୍ଦାଙ୍କ ସହ ରହିବାର ଆନନ୍ଦ ଗୋଟାଇ ଥାଆନ୍ତି। ଏହାଦ୍ୱାରା ସେମାନେ ସ୍ଥାନୀୟ ପରିବେଶ, ଚାଲିଚଳନ ସମ୍ପର୍କରେ ଆସିପାରୁଛନ୍ତି। ଫଳସ୍ୱରୂପ ତାଙ୍କୁ ଆତିଥ୍ୟତା ପ୍ରଦାନ କରି ଆର୍ଥିକ ଭାବେ ସ୍ଥାନୀୟ ଲୋକେ ଲାଭବାନ ହୋଇପାରୁଛନ୍ତି। ଏହି ବ୍ୟବସ୍ଥାକୁ ଆହୁରି ସୁବ୍ୟବସ୍ଥିତ ଏବଂ ଶୃଙ୍ଖଳିତ ଭାବେ ପରିଚାଳନା କରୁଛନ୍ତି 'AIRBNB' ଭଳି ଆନ୍ତର୍ଜାତିକ ସଂସ୍ଥା। ସାରା ଭାରତର ବିଭିନ୍ନ ରାଜ୍ୟରେ ୨୬ ହଜାରରୁ ଅଧିକ ଗୃହ ପର୍ଯ୍ୟଟକମାନଙ୍କୁ ଯୋଗାଇ ଦିଆଯାଇପାରୁଛି। ହେଲେ ଓଡ଼ିଶାରେ ଏହି ସଂସ୍ଥାର କୌଣସି ଶାଖା ନାହିଁ। ତେଣୁ ପର୍ଯ୍ୟଟକମାନଙ୍କ ପ୍ରତି ଆମର ମନୋଭାବରେ ଯଥେଷ୍ଟ ପରିବର୍ତ୍ତନର ଆବଶ୍ୟକତା ରହିଛି। ଫଳରେ ନାମୀଦାମୀ ସଂସ୍ଥା ଆମ ରାଜ୍ୟରେ ପର୍ଯ୍ୟଟକଙ୍କ ପାଇଁ ସୁବିଧା ଯୋଗାଇବାକୁ ଇଚ୍ଛା ପ୍ରକାଶ କରିବେ, ଯାହା ପର୍ଯ୍ୟଟକ ବୃଦ୍ଧିରେ ସହାୟକ ହୋଇପାରିବ। ପର୍ଯ୍ୟଟନ ଜଗତର ବଡ ବଡ ତାରକାମାନେ ଓଡ଼ିଶାମୁଖୀ ନ ହେବା ଦ୍ୱାରା ରାଜ୍ୟ ପରମ୍ପରାଗତ ପର୍ଯ୍ୟଟକଙ୍କ ଭରସାରେ ରହିବାକୁ ବାଧ୍ୟ ହେଉଛି, ତେଣୁ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ନିହାତି ଆବଶ୍ୟକ। କେବଳ ପ୍ରବାସ ସୁବିଧା ନୁହେଁ, ପର୍ଯ୍ୟଟନ ଶିଳ୍ପ ସହ ଜଡ଼ିତଥିବା ନାମୀଦାମୀ ସଂସ୍ଥାକୁ ରାଜ୍ୟକୁ ଆଣିବା ପାଇଁ ବିହିତ ପଦକ୍ଷେପ ନେବା ଆବଶ୍ୟକ।

### ପ୍ରଶିକ୍ଷଣ ଜରୁରୀ

ଓଡ଼ିଶା ପର୍ଯ୍ୟଟନ ଶିଳ୍ପ ସହ ଜଡ଼ିତ ଥିବା ପ୍ରତ୍ୟେକ ବ୍ୟକ୍ତି ବିଶେଷଙ୍କର ପ୍ରଶିକ୍ଷଣର ଆବଶ୍ୟକତା ରହିଛି। ଅଭିଜ୍ଞ ପର୍ଯ୍ୟଟନବିତ୍ ବେଞ୍ଜାମିନ୍ ସାଇମନ କହିଛନ୍ତି, ଟ୍ରାଭେଲ ଡ୍ରାଇଭର, ହୋଟେଲ ରିସେପସନ୍ ଠାରୁ ଆରମ୍ଭ କରି ରୁମ୍ ବୟ, ସ୍ଥାପତ୍ୟ ସ୍ଥଳୀରେ ଥିବା ଫଟୋଗ୍ରାଫର ଏବଂ ସ୍ଥାନୀୟ ଦୋକାନୀ ସିଧାସଳଖ ପର୍ଯ୍ୟଟକଙ୍କ ସମ୍ପର୍କରେ ଆସିଥାନ୍ତି। ତେଣୁ ସେମାନଙ୍କ ବ୍ୟବହାର ପରିମାର୍ଜିତ ହେବା ଆବଶ୍ୟକ। ସେମାନଙ୍କୁ ନିୟମିତ ବ୍ୟବଧାନରେ ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା କରାଯିବା ଦରକାର। ବିଭିନ୍ନ ସମୟରେ ପର୍ଯ୍ୟଟକଙ୍କୁ ତଥ୍ୟ ସମ୍ପର୍କରେ ଅବଗତ କରିବା ପାଇଁ ଉଚ୍ଚଶିକ୍ଷିତ ଇଣ୍ଟରପ୍ରିଟର ଅନୁବାଦକ ମାନଙ୍କର ଆବଶ୍ୟକତା ରହିଛି। ଓଡ଼ିଶାରେ ସଫଳ ଅନୁବାଦକ ନ ଥିବାରୁ ରାଜ୍ୟକୁ ବାହାର ରାଜ୍ୟ ତଥା ଦେଶର ଅନୁବାଦକଙ୍କ ଉପରେ ନିର୍ଭର କରିବାକୁ ପଡୁଛି। ଏଥିପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ପର୍ଯ୍ୟାପ୍ତ ଅର୍ଥ ଖର୍ଚ୍ଚ ହେଉଥିବା ସୂଚନା ମିଳୁଛି। ରାଜ୍ୟରେ ହୋଟେଲ ଏବଂ ଟ୍ୟୁରିଜିମ୍ ମ୍ୟାନେଜମେଣ୍ଟ ପାଠ୍ୟକ୍ରମରେ ବିଦେଶୀ ଭାଷା ଅନୁବାଦକ କୋର୍ସକୁ ପ୍ରୋତ୍ସାହନ ଦେବା ଉଚିତ ବୋଲି ବେଞ୍ଜାମିନ୍ ମତ ପୋଷଣ କରିଛନ୍ତି। ସ୍ଥାନୀୟ ଯୁବକମାନେ ନିଜ ଅଞ୍ଚଳର ପର୍ଯ୍ୟଟନ ସହ ବେଶ ପରିଚିତ। ସେମାନଙ୍କ ମଧ୍ୟରୁ ପାଠଶାଠ ପଢିଥିବା ଯୁବକଙ୍କୁ ଅନୁବାଦକ ତାଲିମ ଦିଆଯିବାର ଆବଶ୍ୟକତା ରହିଛି।

### ଆବଶ୍ୟକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ ନୀତି

ରାଜ୍ୟରେ ଉପଯୁକ୍ତ ପର୍ଯ୍ୟଟନ ନୀତିର ଅଭାବ ପରିଲକ୍ଷିତ ହେଉଛି ବୋଲି ଅନେକ ସମୟରେ ଅଭିଯୋଗ ହୋଇଥାଏ। ପର୍ଯ୍ୟଟନ ଶିଳ୍ପ ସହ ଜଡ଼ିତ ଥିବା ବ୍ୟକ୍ତି ବିଶେଷ ନିକଟରେ ପର୍ଯ୍ୟଟନ ଉନ୍ନୟନ ବିକାଶ ପ୍ରାଧିକରଣ ଗଠନ ସପକ୍ଷରେ ମତ ରଖିଛନ୍ତି। କିଛିମାସ ତଳେ ହୋଟେଲ ଏବଂ ରେଷ୍ଟୁରାଣ୍ଟ ଆସୋସିଏଶନ୍ ଅଫ୍ ଓଡ଼ିଶା(ହାରୋ) ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏ ସମ୍ପର୍କିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏନେଇ ହାରୋର ଅଧ୍ୟକ୍ଷ ଜେ.କେ. ମହାନ୍ତି କହିଛନ୍ତି, ପର୍ଯ୍ୟଟନ ବିଭାଗରେ ଦକ୍ଷତା ବିକାଶ ପ୍ରାଧିକରଣ ଭଳି ଏକ ସଂସ୍ଥା ଗଠନ ହେଉ। ଏଥିରେ ଜଣେ ଅଭିଜ୍ଞତା ସମ୍ପନ୍ନ ପ୍ରଶାସନିକ ଅଧିକାରୀଙ୍କୁ ମୁଖ୍ୟ ଭାବେ ଦାୟିତ୍ୱ ଦିଆଯାଉ। ତାଙ୍କ କାର୍ଯ୍ୟକାଳ ଅନ୍ତତଃ ୫ ବର୍ଷ ରଖାଯାଉ। ଅଫିସରଙ୍କ ଅଚାନକ ବଦଳି କାର୍ଯ୍ୟ ରୂପାୟନ କ୍ଷେତ୍ରରେ ବାଧା ସୃଷ୍ଟି କରୁଛି। ତେଣୁ ଟାର୍ଗେଟ ସ୍ଥିର କରି ନିର୍ଦ୍ଦିଷ୍ଟ ସମୟସୀମା ପ୍ରଦାନ କରାଗଲେ, ଏହା ଫଳପ୍ରଦ ହୋଇପାରନ୍ତା ବୋଲି ମହାନ୍ତି କହିଛନ୍ତି। ଆସୋସିଏଶନ୍ ପକ୍ଷରୁ ଦୃଷ୍ଟି ଆକର୍ଷଣ କରାଯାଇଥିବା ଅନ୍ୟାନ୍ୟ ପ୍ରମୁଖ ପ୍ରସଙ୍ଗଗୁଡ଼ିକ ହେଉଛି- ଭୁବନେଶ୍ୱର ବିମାନବନ୍ଦରରେ ବିଦେଶୀ ପର୍ଯ୍ୟଟକଙ୍କ ପାଇଁ ଇ-ଟୁରିଷ୍ଟ ଭିଜା ସେବା, ଜାତୀୟ ଏବଂ ଅନ୍ତର୍ଜାତୀୟ ଗଣମାଧ୍ୟମରେ ଉପଯୁକ୍ତ ପ୍ରଚାରପ୍ରସାର, ଜଳ ଭିତ୍ତିକ ପର୍ଯ୍ୟଟନକୁ ପ୍ରୋତ୍ସାହନ, ଏକାଧିକ ବିଦେଶୀ ଭାଷା(ଫ୍ରେଞ୍ଚ, ଜର୍ମାନ, ଚାଇନିଜ୍, ଇଟାଲିୟାନ ଏବଂ ସ୍ପାନିଶ୍ ) ଭାଷାର ଦକ୍ଷ ଗାଇଡ୍, ସ୍ୱତନ୍ତ୍ର ଟୁରିଷ୍ଟ ପୋଲିସ ବ୍ୟବସ୍ଥା ଇତ୍ୟାଦି। ରାଜଧାନୀ ଭୁବନେଶ୍ୱର ଏବଂ ପୁରୀର ପର୍ଯ୍ୟଟନ କ୍ଷେତ୍ରକୁ ଉନ୍ନୟନ କରାଯାଇ ଉପଯୁକ୍ତ ଭାବରେ ପ୍ରଚାର କରାଗଲେ ରାଜ୍ୟରେ ପର୍ଯ୍ୟଟନ ଶିଳ୍ପର ଉନ୍ନତି ହୋଇପାରିବ ବୋଲି ଅନେକେ ମତ ରଖିଛନ୍ତି।

୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ବଜେଟ୍‌ରେ ପର୍ଯ୍ୟଟନ ପାଇଁ ୨୧୩ କୋଟିର ବ୍ୟୟବରାଦ ରହିଛି, ଯାହା ମୋଟ ଅଟକଳର ମାତ୍ର (.୧୭ ପ୍ରତିଶତ)। ଏଥିମଧ୍ୟରେ ୧୧ କୋଟି ଟଙ୍କା ଖର୍ଚ୍ଚରେ ବରିଷ୍ଠ ନାଗରିକଙ୍କୁ ଅନ୍ୟସ୍ଥାନକୁ ନେଇ ତୀର୍ଥ କରାଇବା ପାଇଁ ମଧ୍ୟ ରଖାଯାଇଛି। ଭିତ୍ତିଭୂମି, ଆତିଥ୍ୟକୁ ବାଦ୍ ଦେଇ ପ୍ରଚାରରେ ବାର୍ଷିକ ପ୍ରାୟ ୭୦ରୁ ୭୫ କୋଟି ଖର୍ଚ୍ଚ ହୋଇଯିବ। ଅତିରିକ୍ତ ବଜେଟରେ କରାଯାଇଥିବା ବ୍ୟୟବରାଦ ମଧ୍ୟ ନଗଣ୍ୟ। ବାକି ରହିଥିବା ଟଙ୍କାରେ କି ପ୍ରକାର ଭିତ୍ତିଭୂମି ଉନ୍ନୟନ କରାଯାଇ ପାରିବ, ତାହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସମଗ୍ର ଘଟଣାକୁ ଅନୁଶୀଳନ କଲେ ପର୍ଯ୍ୟଟନ ଯେ ପ୍ରହସନ ପାଲଟି ଯାଇଛି, ଏଥିରେ ସନ୍ଦେହ ନାହିଁ।

ଫଟୋ: ମନୋରଞ୍ଜନ ମିଶ୍ର, ଯଜ୍ଞେଶ୍ୱର ମହାନ୍ତି ଓ ମୌସମ ନନ୍ଦ

ରିପୋର୍ଟ: ଚିଦାନନ୍ଦ ଜେନା, ଭୁବନେଶ୍ୱର

## ରୋମାଞ୍ଚ ଆଣେ କଟେଜ ରହଣି



ସାନ୍ତାଳି କୁଡ଼ିଆ

**ଶିମିଳିପାଳ ଅଭୟାରଣ୍ୟ**

**ଯେଉଁଠି ପ୍ରାକୃତିକ ସୌନ୍ଦର୍ଯ୍ୟ କରେ ଆନମନା**

**ପର୍ଯ୍ୟଟକଙ୍କୁ ମିଳେ ନିଆରା ଆଦିବାସୀ ଖାଦ୍ୟ**

ଶିମିଳିପାଳ ଅଭୟାରଣ୍ୟରେ ଥିବା ମେଘାସନ ପାହାଡ଼ଠାରୁ ଆରମ୍ଭ କରି ବିଭିନ୍ନ ଝରଣା, ଜଳ ପ୍ରପାତ, ସବୁଜ ବନାନୀ, କଳା ବାଘ ଭଳି ବିରଳ ବନ୍ୟପ୍ରାଣୀ, ବିଭିନ୍ନ ପ୍ରଜାତିର ପକ୍ଷୀ ଓ ଏହାର ଜୈବ ବିବିଧତା ପର୍ଯ୍ୟଟକଙ୍କୁ ସବୁବେଳେ ଆକୃଷ୍ଟ କରି ଆସୁଛି। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଏହାର ଶୋଭା ବଢାଉଛି। ପର୍ଯ୍ୟଟକଙ୍କ ପାଇଁ ବର୍ଷର ୭ ମାସ ଖୋଲା ରହୁଥିବା ଏହି ଅଭୟାରଣ୍ୟରେ ରାତ୍ରୀଯାପନର ଅନୁଭୂତି ବେଶ୍ ରୋମାଞ୍ଚକର। ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ସବୁ ପର୍ଯ୍ୟଟକଙ୍କୁ ଆନମନା କରେ। ପରିବେଶ ପର୍ଯ୍ୟଟନର ବିକାଶ ଲକ୍ଷ୍ୟ ନେଇ ଅଭୟାରଣ୍ୟର ବିଭିନ୍ନ ସ୍ଥାନରେ କଟେଜ ପ୍ରକଳ୍ପ କରାଯାଇଛି ଯେଉଁଠି ପର୍ଯ୍ୟଟକଙ୍କ ରହଣି ସୁବିଧା ରହିଛି।

ଶିମିଳିପାଳକୁ ଯିବା ପାଇଁ ଅଛି ୨ଟି ପ୍ରବେଶ ପଥ। ପର୍ଯ୍ୟଟକମାନେ ମୟୂରଭଞ୍ଜ ଜିଲା ସଦର ମହକୁମା ବାରିପଦା ପଟୁ ଆସି ଲୁଲୁଙ୍ଗ ଗେଟ୍ ଦେଇ ଅଭୟାରଣ୍ୟକୁ ପ୍ରବେଶ କରିଥାନ୍ତି। ସେହିପରି ଯଶିପୁର କାଳିଆଣି ଗେଟ୍ ଦେଇ ପର୍ଯ୍ୟଟକମାନେ ଯାତାୟାତ କରିଥାନ୍ତି। ପ୍ରାକୃତିକ ସୌନ୍ଦର୍ଯ୍ୟଭରା ପରିବେଶରେ ଜାମୁଆଣି, କୁମାରୀ, ଗୁଡୁଗୁଡ଼ିଆ ଓ ରାମତୀର୍ଥଠାରେ ସେମାନଙ୍କ ରହଣି ପାଇଁ ନିର୍ମିତ ସୁଦୃଶ୍ୟ 'କଟେଜ' ଆକର୍ଷଣ ପାଲଟିଛି। ଏସବୁ ସ୍ଥାନରେ ଟେଣ୍ଟ ବ୍ୟବସ୍ଥା ସାଙ୍ଗକୁ ସାନ୍ତାଳୀ ଓ ଆଦିବାସୀଙ୍କ କୁଡ଼ିଆ, ବାଉଁଶ କୁଡ଼ିଆ ଓ ମଞ୍ଚା ରହିଛି। କେତେକ କୁଡ଼ିଆରେ ବାତାନୁକୂଳ ବ୍ୟବସ୍ଥା ହୋଇଛି। ରାମତୀର୍ଥକୁ ବିଜୁଳି ସଂଯୋଗ ହୋଇଥିବାବେଳେ ଅନ୍ୟ ସ୍ଥାନରେ ସୌରାଲୋକ ରାତିର ଅନ୍ଧାର ଦୂର କରୁଛି। ଅଭୟାରଣ୍ୟର କୁମାରୀ ଓ ମୁକ୍ତାପୁରଠାରେ ରହିଛି ଆଧୁନିକ ରେଷ୍ଟୁରାଣ୍ଟ ବ୍ୟବସ୍ଥା, ଯେଉଁଠି ପର୍ଯ୍ୟଟକଙ୍କୁ ସ୍ୱତନ୍ତ୍ର 'ଆଦିବାସୀ ଖାଦ୍ୟ' ପରଷାଯାଏ। ପ୍ରତି କୁଡିଆରେ ମଧ୍ୟ ଖାଦ୍ୟ, ପାନୀୟ ପହଞ୍ଚାଇ ଦିଆଯାଏ। ଜାମୁଆଣିରେ ୨୧, କୁମାରୀରେ ୧୪, ଗୁଡୁଗୁଡିଆରେ ୬, ରାମତୀର୍ଥରେ ୧୦ଟି କୁଡିଆ ରହିଛି। ଏକାଧିକ ପର୍ଯ୍ୟଟକଙ୍କ ରହିବା ପାଇଁ ଡରମିଟୋରି ବ୍ୟବସ୍ଥା ମଧ୍ୟ କରାଯାଇଛି। ରାତ୍ରୀଯାପନ କରୁଥିବା ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ସ୍କ୍ୱାଡ ନିୟୋଜିତ ରହିଛନ୍ତି। କଟେଜରେ ରହିବା ସମୟରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ ସାଙ୍ଗକୁ ବିରଳ ବନ୍ୟପ୍ରାଣୀ ଦେଖିବାର ସୁଯୋଗ ପାଇଥାନ୍ତି ପର୍ଯ୍ୟଟକମାନେ।

ପ୍ରତିବର୍ଷ ନଭେମ୍ବର ପହିଲାରେ ୭ ମାସ ପାଇଁ ଶିମିଳିପାଳ ଖୋଲାଯିବା ପରେ ଏଠି ଭିଡ ଲାଗି ରହିଥାଏ। କଟେଜରେ ରାତ୍ରୀଯାପନ କରିବା ପାଇଁ ଅଗ୍ରିମ ଅନଲାଇନ ବୁକିଂ କରିବାକୁ ପଡ଼େ। କୁଡିଆର ଆକାର ଅନୁଯାୟୀ, ୩ରୁ ୪ ହଜାର ଟଙ୍କା ପର୍ଯ୍ୟନ୍ତ ଭଡ଼ା ଧାର୍ଯ୍ୟ କରାଯାଇଛି। ବନ ବିଭାଗ ଏହାକୁ ପରିଚାଳନା କରୁଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପକ୍ଷେତ୍ର ନିର୍ଦ୍ଦେଶକ ଯଜ୍ଞଦତ୍ତ ପତି କହିଛନ୍ତି, କଟେଜ ରହଣି ସୁବିଧା ପରେ ଶିମିଳିପାଳ ବୁଲି ଆସୁଥିବା ପର୍ଯ୍ୟଟକଙ୍କ ସଂଖ୍ୟା ପ୍ରତିବର୍ଷ ବଢି ଚାଲିଛି। ୨୦୧୬-୧୭ ରେ ୨୯ ହଜାର ୧୩୦ ଏବଂ ୨୦୧୭-୧୮ରେ ୩୦ ହଜାର ୬୬୬ ପର୍ଯ୍ୟଟକ ଶିମିଳିପାଳକୁ ଆସିଛନ୍ତି। ରାଜସ୍ୱ ବାବଦକୁ ୨୦୧୬-୧୭ରେ ୬୮ ଲକ୍ଷ ୩୭ ହଜାର ୪୮୧ ଟଙ୍କା ଏବଂ ୨୦୧୭-୧୮ରେ ୯୫ ଲକ୍ଷ ୬୬ ହଜାର ୩୪୯ ଟଙ୍କା ଆଦାୟ ହୋଇଛି। ଏହି ପ୍ରକଳ୍ପକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଯୋଜନା ରହିଛି। ବାରିପଦାଠାରେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟାଳୟରେ ପର୍ଯ୍ୟଟକଙ୍କ ପାଇଁ ଏକ ଲାଇବ୍ରେରି ଖୋଲାଯିବ। ସେଠାରେ ୱାଇଲ୍ଡ ଲାଇଫ ସମ୍ପର୍କିତ ପୁସ୍ତକ ପଢି ପର୍ଯ୍ୟଟକ ଶିମିଳିପାଳ ସମ୍ପର୍କରେ ଅନେକ ତଥ୍ୟ ପାଇପାରିବେ। ଜାତୀୟ ଉଦ୍ୟାନ ମାନ୍ୟତା ଅପେକ୍ଷାରେ ଥିବା ଶିମିଳିପାଳରେ ୧୦୭୬ ପ୍ରକାରର ବିଭିନ୍ନ ଉଦ୍ଭିଦ ରହିଛି। ଏହାଛଡ଼ା ୪୨ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ, ୨୪୨ ପ୍ରଜାତିର ପକ୍ଷୀ, ୩୦ ପ୍ରଜାତିର ସରୀସୃପ ମଧ୍ୟ ରହିଛନ୍ତି।

- ରିପୋର୍ଟ: ରବିନାରାୟଣ ଚଲାନ, ବାରିପଦା



ଆଧାର ବର୍ତ୍ତମାନ ବାସ୍ତବ ରୂପ ଧାରଣ କରିଛି। କିନ୍ତୁ ଏହାର ନକାରାତ୍ମକ ପ୍ରଭାବ ଦିଗରେ ସରକାର ଦୃଷ୍ଟି ଦେବା ଆବଶ୍ୟକ। ସାଇବର ସୁରକ୍ଷା ସମେତ ବିଭିନ୍ନ କ୍ଷେତ୍ର ଉପରେ କେନ୍ଦ୍ର ପଦକ୍ଷେପ ଗ୍ରହଣ କରିବା ଉଚିତ।

-ପଓ୍ୱନ ଦୁଗ୍ଗଲ, ସାଇବଲ ସୁରକ୍ଷା ବିଶେଷଜ୍ଞ



# ଦୁଃଖ ଡାକିଆଣିବ



ମୁଁ ଦୁଃଖିତ ଏବଂ ମର୍ମାହତ। ଆଧାର ସମ୍ପର୍କିତ ବିତର୍କ କେବଳ ମୋବାଇଲ ସିମ୍ କିମ୍ବା ବ୍ୟାଙ୍କ ଖାତାରେ ସୀମିତ ନାହିଁ। ଅନ୍ତରଙ୍ଗ ତଥ୍ୟ ଏକାଠି କରୁଥିବା ଏହି ବ୍ୟବସ୍ଥାକୁ ସରକାରୀ ଯୋଜନା ସହିତ ସମାନ ଭାବେ ଦେଖିବା ଉଚିତ ନୁହଁ। ଆଧାର ଏକ ସ୍କିମ୍ ନୁହଁ। ଆଧାର ଜନ୍ମ ପଛରେ ଥିବା ମନ୍ଦ ଉଦ୍ଦେଶ୍ୟକୁ ସାଧାରଣ ନାଗରିକ ବୁଝିବାରେ ଅକ୍ଷମ। ଦୁଃଖର ବିଷୟ ଯେ, ସୁପ୍ରିମ୍‌କୋର୍ଟର ବିଚାରପତିମାନେ ମଧ୍ୟ ଏହି ଆଧୁନିକ ଡକାୟତିକୁ ବୁଝିପାରିନାହାନ୍ତି। ଏତେ ବୃହତ୍ ଜନସଂଖ୍ୟା ବିଶିଷ୍ଟ ଦେଶର ପ୍ରତ୍ୟେକ ନାଗରିକଙ୍କ ତଥ୍ୟର ମୂଲ୍ୟ ଆକଳନ କରିବା ଅସମ୍ଭବ। ଏହି ଅଦୃଶ୍ୟ ଶତ୍ରୁ ଭବିଷ୍ୟତରେ ଅନେକ ଦୁଃଖ ଦେଶବାସୀଙ୍କ ପାଇଁ ଡାକିଆଣିବ।

- ତଥାଗତ ସତପଥୀ, ଢେଙ୍କାନାଳ ଏମ୍‌ପି

# ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ଭିନ୍ନ ବିଚାର

ନୂଆଦିଲ୍ଲୀ, ୨୬।୯(ପି.ଟି.)

■ମହାବିପଦ ରୂପେ ଉଭା ହୋଇପାରେ ଆଧାର

■ସବୁ ବ୍ୟାଙ୍କ ଆକାଉଣ୍ଟଧାରୀ ଆତଙ୍କବାଦୀ ନୁହନ୍ତି

ଆଧାର ମାମଲାର ବିଚାର କରିଥିବା ସୁପ୍ରିମକୋର୍ଟଙ୍କ ପାଞ୍ଚଜଣିଆ ଖଣ୍ଡପୀଠରେ ସଦସ୍ୟତା କରିଛନ୍ତି ଜଷ୍ଟିସ୍ ଡି.ଓ୍ୱାଇ. ଚନ୍ଦ୍ରଚୂଡ଼। ବୁଧବାର ଜଷ୍ଟିସ୍ ଏ.କେ. ସିକ୍ରି ରାୟ ଘୋଷଣା କରିବା ପରେ ସେ ପୃଥକ୍ ରାୟ ଲେଖି ନିଜର ଭିନ୍ନ ବିଚାର ଉପସ୍ଥାପନ କରିଛନ୍ତି। ଆଧାର ଏକ ମହାବିପଦ ରୂପେ ଉଭା ହୋଇପାରେ। ରାଜ୍ୟ ସଭାରେ ଆଧାର ଆଇନ ଗୃହୀତ ହୋଇ ନ ଥିଲେ ସୁଦ୍ଧା ସର୍ବୋଚ୍ଚ ଅଦାଲତ ଆଧାର ଆଇନକୁ କାର୍ଯ୍ୟକାରୀ କରାଇବା ଏକ ଛଳନାପୂର୍ଣ୍ଣ କାର୍ଯ୍ୟ। ସମ୍ବିଧାନର ଧାରା ୧୧୦ର ଉଲ୍ଲଂଘନ କରୁଥିବାରୁ ଏହି ଆଇନକୁ ଉଚ୍ଛେଦ କରିବା ଉଚିତ ବୋଲି ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହିଛନ୍ତି। ସେହିପରି ପ୍ରିଭେନ୍ସନ ଅଫ ମନି ଲଣ୍ଡରିଂ ଆକ୍ଟ (ପିଏମ୍‌ଏଲ୍‌ଏ)ରେ ଥିବା ନିୟମକୁ ଦେଖିଲେ ଏପରି ଲାଗୁଛି, ସତେ ଯେମିତି ବ୍ୟାଙ୍କରେ ଆକାଉଣ୍ଟ ଖୋଲିଥିବା ସବୁ ଲୋକ ଅର୍ଥ ହଡ଼ପକାରୀ। ସମସ୍ତ ଆକାଉଣ୍ଟଧାରୀଙ୍କୁ ଲୁଟେରା କିମ୍ବା ଆତଙ୍କବାଦୀ ବୋଲି ଭାବିବା ଅତି କ୍ରୁର ଚିନ୍ତାଧାରା ବୋଲି ସମ୍ପୃକ୍ତ ବିଚାରପତି କହିଛନ୍ତି।

ଖଣ୍ଡପୀଠର ପାଞ୍ଚ ବିଚାରପତିଙ୍କ ମଧ୍ୟରୁ କେବଳ ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ବିଚାର ଭିନ୍ନ ଥିବାରୁ ସଂଖ୍ୟାଗରିଷ୍ଠତା ଦୃଷ୍ଟିରୁ ଏହା କାଟ୍ ଖାଇଗଲା। ଅନ୍ୟ ୪ ବିଚାରପତିଙ୍କ ସହମତିକ୍ରମେ ଆଧାରକୁ ବୈଧାନିକ ମାନ୍ୟତା ମିଳିଯାଇଛି। ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହିଛନ୍ତି ଯେ, ଧାରା ୧୧୦ରେ ଅର୍ଥ ବିଲ୍ ସଂକ୍ରାନ୍ତରେ ସ୍ୱତନ୍ତ୍ର ବିଧିବ୍ୟବସ୍ଥା ରହିଛି। କିନ୍ତୁ ଆଧାର ଆଇନ ଏସବୁରୁ ଊର୍ଦ୍ଧ୍ୱରେ। ତଥାପି ଅର୍ଥବିଲ୍ ଆକାରରେ ଆଧାର ଆଇନ ଗୃହୀତ ହୋଇଗଲା। କିନ୍ତୁ ଏହାକୁ ବର୍ତ୍ତମାନ ପରିପ୍ରେକ୍ଷୀରେ ସାମ୍ବିଧାନିକ ମାନ୍ୟତା ମିଳିଥିବା କୁହାଯାଇପାରିବ ନାହିଁ। ଏହି ଆଇନକୁ କାର୍ଯ୍ୟକାରୀ କରିଦେଲେ କେନ୍ଦ୍ରର ଆଧାର ଯୋଜନା ରକ୍ଷା ହୋଇପାରିବ ନାହିଁ ବୋଲି ଜଷ୍ଟିସ୍ ଚନ୍ଦ୍ରଚୂଡ଼ ଦର୍ଶାଇଛନ୍ତି। ସେ ଆହୁରି କହିଛନ୍ତି ଯେ, ଆଜିକାଲି ସଭିଙ୍କ ଜୀବନରେ ମୋବାଇଲ ଫୋନ୍ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପାଲଟିଗଲାଣି। ଏପରିସ୍ଥଳେ ସିମ୍ କାର୍ଡକୁ ଆଧାର ସହ ସଂଯୋଗ କରାଯିବା ଗୋପନୀୟତା (ପ୍ରିଭେସୀ), ବ୍ୟକ୍ତିଗତ ସ୍ୱାଧୀନତା, ସ୍ୱୟଂଶାସନ ପାଇଁ ଏକ ବଡ଼ବିପଦ ରୂପେ ଉଭା ହୋଇଛି। ମୋବାଇଲ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକ ଗ୍ରାହକଙ୍କ ଆଧାର ତଥ୍ୟକୁ ହଟାଇଦେବା ଉଚିତ। ଆଧାର ଯୋଗୁ ସୂଚନା ପ୍ରିଭେସୀ, ଆତ୍ମପରିଚୟ ଏବଂ ତଥ୍ୟ ସୁରକ୍ଷାକୁ ନେଇ ଥିବା ନିୟମର ଉଲ୍ଲଂଘନ ହେଉଥିବା ଜଷ୍ଟିସ୍ ଚନ୍ଦ୍ରଚୂଡ଼ ମତବ୍ୟକ୍ତ କରିଛନ୍ତି।

ୟୁନିକ୍ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ (ୟୁଆଇଡିଏଆଇ ) ମଧ୍ୟ ସ୍ୱୀକାର କରିସାରିଛି ଯେ, ଏହା ଲୋକଙ୍କ ଗୁରୁତ୍ୱପୂର୍ଣ୍ଣ ସୂଚନା ସଂଗ୍ରହ କରି ରଖିଛି। ଏହାଦ୍ୱାରା ଗୋପନୀୟତା ଅଧିକାର ଆଇନର ଉଲ୍ଲଂଘନ ହେଉଛି ବୋଲି ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହିଛନ୍ତି। ଏବେ ଆଧାର ବିନା ଭାରତରେ ରହିବା ଅସମ୍ଭବ ହୋଇପଡ଼ିଛି। କିନ୍ତୁ ଏହା ଫଳରେ ସମ୍ବିଧାନର ଧାରା ୧୪ର ଉଲ୍ଲଂଘନ ହେଉଛି ବୋଲି ସେ କହିଛନ୍ତି।

## ଧାରା ୩୩(୨), ୪୭ ଓ ୫୭ ବାଦ୍ ପଡ଼ିଲା

ସୁପ୍ରିମକୋର୍ଟ ଆଧାରକୁ ବୈଧ ଘୋଷଣା କରିଥିଲେ ହେଁ ଏହି ଆଇନରେ ଥିବା ଧାରା ୩୩(୨), ୪୭ ଓ ୫୭କୁ ବାଦ୍ ଦେଇଥିବା ବେଳେ ଧାରା ୨(ଘ) ଅଧୀନରେ ୬ ମାସରୁ ଅଧିକ ସମୟ ଧରି ଡାଟାକୁ ଗଚ୍ଛିତ ରଖାଯାଇପାରିବ ନାହିଁ ବୋଲି ବିଚାରପତି ଏ.କେ.ସିକ୍ରି କହିଛନ୍ତି।

### ଧାରା ୩୩(୨) କ'ଣ

ଆଧାର ଆଇନର ଧାରା ୩୩ ଅଧୀନରେ କେତେକ କ୍ଷେତ୍ରରେ ସୂଚନା ପ୍ରଘଟ କରାଯାଇପାରିବ। ଧାରା ୩୩(୧)ରେ ଉଲ୍ଲେଖ କରାଯାଇଛି ଯେ, ଜିଲା ବିଚାରପତି ଚାହିଁଲେ ତାଙ୍କ ଅନୁମତି ନେଇ ବ୍ୟକ୍ତିବିଶେଷଙ୍କ ସୂଚନା, ପରିଚୟ ଓ ଅନ୍ୟ ବୈଧତା ସମ୍ପର୍କିତ ରେକର୍ଡକୁ ପ୍ରଘଟ କରାଯାଇପାରିବ। ତେବେ ଏଥିପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ନିଜର ପକ୍ଷ ରଖିବା ପାଇଁ ସୁଯୋଗ ମିଳିବ।

ଅନ୍ୟପକ୍ଷରେ ଧାରା ୩୩(୨) କହୁଛି ଯେ, ସୂଚନା ପ୍ରଦାନ କରିବା ଲାଗି ଧାରା୩୩(୧)ରଉପଧାରା(୨)ଅଥବାଉପଧାରା(୫)ରେଉଲ୍ଲେଖକରାଯାଇଥିବା ବିଷୟ କିମ୍ବା ଧାରା ୨୮ ଅଥବା ଧାରା୨୯ର ଉପଧାରା(୨)ରେ ସୂଚନା ପ୍ରଦାନ କରାଯାଇପାରିବ, କିନ୍ତୁ ଏଥିପାଇଁ ଜିଲା ବିଚାରପତିଙ୍କ ଅନୁମତି ନେବାକୁ ପଡିବ।

### ଧାରା ୪୭

ଏହି ଧାରାରେ ଧର୍ତ୍ତବ୍ୟ ଅପରାଧ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଅଧିକୃତ ଅଧିକାରୀ ଅଭିଯୋଗ ନ ଆଣିଲେ କୌଣସି ଅଦାଲତ ଆଧାର ଆଇନ ଅନୁଯାୟୀ ଧର୍ତ୍ତବ୍ୟ ଅପରାଧ ମାମଲା ଗ୍ରହଣ କରିପାରିବେ ନାହିଁ। ତେବେ ଆଧାର ଆଇନ ଅଧୀନରେ ଚିଫ୍ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ, ଚିଫ ଜୁଡିସିଆଲ ମାଜିଷ୍ଟ୍ରେଟ ହିଁ କେବଳ ଧର୍ତ୍ତବ୍ୟ ଅପରାଧ ମାମଲାର ବିଚାର କରିପାରିବେ।

### ଧାରା ୫୭ କ'ଣ କହୁଛି

ଯେକୌଣସି ଉଦ୍ଦେଶ୍ୟରେ ବ୍ୟକ୍ତିର ଚିହ୍ନଟ ଲାଗି କର୍ପୋରେଟ ସଂସ୍ଥା କିମ୍ବା କମ୍ପାନୀ ଉକ୍ତ ଧାରାରେ ଆଧାର ତଥ୍ୟ ମାଗିପାରିବେ। ଜଷ୍ଟିସ ସିକ୍ରି ତାଙ୍କ ରାୟରେ ଏହା ଅସାମ୍ବିଧାନିକ ବୋଲି ଉଲ୍ଲେଖ କରିଛନ୍ତି। ଏହି ଧାରାର ଅପବ୍ୟବହାର କରି ପେଟିଏମ୍, ଏୟାରଟେଲ ପେମେଣ୍ଟସ ବ୍ୟାଙ୍କ ବହୁ କମ୍ପାନୀ ଗ୍ରାହକଙ୍କ ତଥ୍ୟ ହାସଲ କରୁଥିଲେ। ଏହି ଧାରାକୁ ବାଦ୍ ଦିଆଯାଇଛି।

### ଧାରା ୨(ଘ)

ସୁପ୍ରିମକୋର୍ଟ ଆଧାର ଆଇନର ଉପରୋକ୍ତ ଧାରା ସମ୍ପର୍କରେ ଉଲ୍ଲେଖ କରି କହିଛନ୍ତି ଯେ, ୬ ମାସରୁ ଅଧିକ ସମୟ ଧରି ଡାଟାକୁ ଗଚ୍ଛିତ ରଖାଯାଇପାରିବ ନାହିଁ। ୫ ବର୍ଷ ପର୍ଯ୍ୟନ୍ତ ଡାଟାକୁ ଗଚ୍ଛିତ ରଖିଲେ ଏହାକୁ ଆଇନ ଦୃଷ୍ଟିରୁ ଖରାପ କୁହାଯିବ।
ଅଗଷ୍ଟ ୨୪: ୯ ଜଣିଆ ଖଣ୍ଡପୀଠ ତାଙ୍କ ଅନ୍ତରୀଣ ରାୟରେ ଦର୍ଶାଇଥିଲେ ଯେ, ଗୋପନୀୟତାର ଅଧିକାର 'ଜୀବନ ଏବଂ ସ୍ୱାଧୀନତା ଲାଗି ଅନ୍ତର୍ନିହିତ' ହୋଇଥିବା ବେଳେ ଦେଶର ସମ୍ବିଧାନର ଅଂଶ-୩ ଅନ୍ତର୍ଗତରେ ଉଦ୍ଦିଷ୍ଟ ବିଭିନ୍ନ ମୌଳିକ ସ୍ୱାଧୀନତାର ସ୍ୱାଭାବିକ ରୂପ ଭାବେ ସଂରକ୍ଷିତ ହୋଇଛି।

# କେଉଁ କ୍ଷେତ୍ର ପ୍ରଭାବିତ ହେବ

ନୂଆଦିଲ୍ଲୀ, ୨୬।୯

ସୁପ୍ରିମକୋର୍ଟ ଆଧାରକୁ ବୈଧ ଘୋଷଣା କରିଛନ୍ତି। ତେବେ କେଉଁଠି ଏହା ବ୍ୟବହାରଯୋଗ୍ୟ ସେ ସମ୍ପର୍କରେ ମଧ୍ୟ ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି। କେଉଁଠି ଆଧାର ଦେବା ଜରୁରୀ ଓ କେଉଁଠି ନୁହେଁ ସେ ସମ୍ପର୍କରେ ସର୍ବୋଚ୍ଚ ଅଦାଲତ ଉଲ୍ଲେଖ କରିଛନ୍ତି।

# ଆଶ୍ୱସ୍ତ କରିଛି ଆଧାର ରାୟ

ନୂଆଦିଲ୍ଲୀ, ୨୬।୯(ଆଇଏଏନ୍‌ଏସ୍)

କେନ୍ଦ୍ର ସରକାରଙ୍କ ଆଧାର ଯୋଜନାର ସାମ୍ବିଧାନିକ ବୈଧତା ରହିଥିବା ବୁଧବାର ଐତିହାସିକ ରାୟ ଦେଇ ସୁପ୍ରିମକୋର୍ଟ କହିଛନ୍ତି। କେଉଁ କ୍ଷେତ୍ରରେ ଆଧାର ଆଇନ ଲାଗୁ ହେବ କି ନାହିଁ, ସେ ସମ୍ପର୍କରେ ଅଦାଲତ ସ୍ପଷ୍ଟ କରିଦେଇଛନ୍ତି। ପ୍ରଧାନ ବିଚାରପତି ଦୀପକ ମିଶ୍ର ଅଧକ୍ଷତା କରୁଥିବା ୫ ଜଣିଆ ଖଣ୍ଡପୀଠ ସନ୍ତୁଳିତ ରାୟ ଦେଇ ସବୁ ପକ୍ଷକୁ ସନ୍ତୁଷ୍ଟ କରିବାକୁ ଉଦ୍ୟମ କରିଛନ୍ତି। ଏହା ବିବାଦର ସ୍ଥାୟୀ ସମାଧାନ ଭଳି ମନେହେଉ ନ ଥିଲେ ସୁଦ୍ଧା ଦୀର୍ଘଦିନ ହେଲା ଆଧାର ଦ୍ୱନ୍ଦ୍ୱରେ ଯୁଝୁଥିବା ସାଧାରଣ ନାଗରିକଙ୍କୁ ସାମାନ୍ୟ ଆଶ୍ୱସ୍ତି ପ୍ରଦାନ କରିଛି ବୋଲି ଆଇନ ବିଶେଷଜ୍ଞମାନେ କହିଛନ୍ତି।

ପୂର୍ବତନ ଆଟର୍ନି ଜେନେରାଲ (ଏଜି) ସୋଲି ସୋରାବ୍‌ଜୀ ଏବଂ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଆଧାର ସମ୍ପର୍କିତ ରାୟକୁ ସ୍ୱାଗତ କରିଛନ୍ତି। ସବୁ ଦୃଷ୍ଟିରୁ ଦେଖିବାକୁ ଗଲେ ଏହା 'ଉତ୍ତମ ରାୟ', ଯାହାକି ସାଧାରଣ ନାଗରିକଙ୍କ ପାଇଁ ସହାୟକ ହେବ ବୋଲି ଦୁହେଁ କହିଛନ୍ତି।

ତେବେ ଖଣ୍ଡପୀଠର ଅନ୍ୟତମ ସଦସ୍ୟ ଜଷ୍ଟିସ୍ ଡି.ଓ୍ୱାଇ. ଚନ୍ଦ୍ରଚୂଡ଼ ଭିନ୍ନ ରାୟ ଦେଇଥିବାରୁ ଏହାକୁ ଉଭୟେ ପ୍ରଶଂସା କରିଛନ୍ତି। ଆଧାର ଆଇନ ଅର୍ଥ ବିଲ୍ ଆକାରରେ ଗୃହୀତ କରାଯିବା ଆବଶ୍ୟକ ନ ଥିଲା। ଏହାଦ୍ୱାରା ସମ୍ବିଧାନ ସହ ଧୋକା ହୋଇଛି। ତା'ଛଡ଼ା ଗୋପନୀୟତା ଅଧିକାରକୁ ପ୍ରଭାବିତ କରୁଥିବାରୁ ଆଧାରକୁ ବୈଧାନିକ ମାନ୍ୟତା ପ୍ରଦାନ କରାଯିବା ଅନୁଚିତ ବୋଲି ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହିଛନ୍ତି। ତାଙ୍କ ରାୟ ଶୁଣି ବ୍ୟକ୍ତିଗତ ଭାବେ ଖୁସିଥିବା ସୋରାବ୍‌ଜୀ କହିଛନ୍ତି। ପ୍ରଶାନ୍ତ ଭୂଷଣ କହିଛନ୍ତି ଯେ, ଆଜି ସୁପ୍ରିମକୋର୍ଟ ଆଉ ଏକ ଐତିହାସିକ ରାୟ ଦେଇଛନ୍ତି। ଆଧାର ଆଇନର ବିଭିନ୍ନ ବ୍ୟବସ୍ଥାକୁ ଅଦାଲତ ଅସାମ୍ବିଧାନିକ ଦର୍ଶାଇଛନ୍ତି। ଟେଲିକମ୍ କମ୍ପାନୀ ସମେତ କୌଣସି ଘରୋଇ କମ୍ପାନୀ, ବ୍ୟାଙ୍କ, ସ୍କୁଲ ଏବଂ ଏୟାରଲାଇନ୍ସ ସେବା ପ୍ରଦାନ ପାଇଁ ଆଧାରକୁ ବାଧ୍ୟତାମୂଳକ କରିପାରିବେ ନାହିଁ। ଖାଲି ସେତିକି ନୁହେଁ, କୌଣସି ପରିସ୍ଥିତିରେ ଜଣେ ବ୍ୟକ୍ତିଙ୍କ ବାୟୋମେଟ୍ରିକ୍ ଡାଟା ଖାପ ନ ଖାଇଲେ ସୁଦ୍ଧା ତାଙ୍କୁ ସରକାରୀ ସୁବିଧାରୁ ବଞ୍ଚିତ କରାଯାଇପାରିବ ନାହିଁ। ଏଭଳି ରାୟ ଦେଇ ସୁପ୍ରିମକୋର୍ଟ ସାଧାରଣ ନାଗରିକଙ୍କ ମନରେ ବଡ଼ଧରଣର ଆଶ୍ୱସ୍ତି ଆଣିଦେଇଛନ୍ତି ବୋଲି ଭୂଷଣ କହିଛନ୍ତି।

ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ବିଚାରକୁ ସମର୍ଥନ ଜଣାଇ ଭୂଷଣ କହିଛନ୍ତି, ଏହି ବରିଷ୍ଠ ବିଚାରପତି ଦୃଢ଼ ମତପୋଷଣ କରିଛନ୍ତି। ଆଧାର ଆଇନକୁ ଅର୍ଥ ବିଲ୍ ଆକାରରେ ଗୃହୀତ କରାଇବା ସମ୍ବିଧାନକୁ ବେଖାତିର କରିବା ସଙ୍ଗେ ସମାନ। କାହିଁକି ନା ରାଜ୍ୟ ସଭାକୁ ଏକପାଖିଆ କରି ଏହି ବିଲ୍ ଗୃହୀତ କରାଯାଇଛି। ତେଣୁ ଆଧାର କାର୍ଡ ଜରିଆରେ ସଂଗୃହୀତ ସମସ୍ତ ତଥ୍ୟକୁ ନଷ୍ଟ କରିଦେବା ଉଚିତ ବୋଲି ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହିଛନ୍ତି। ଏହା ସ୍ୱାଗତଯୋଗ୍ୟ ବିଚାର ବୋଲି ଭୂଷଣ କହିଛନ୍ତି। ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ବିଚାର ସହ ଖଣ୍ଡପୀଠର ଅନ୍ୟ ସଦସ୍ୟମାନେ ସହମତ ହୋଇ ନ ଥିଲେ ବି ତାଙ୍କ ମତ ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ବରିଷ୍ଠ ଆଇନଜୀବୀ ଭୂଷଣ କହିଛନ୍ତି। ସେ ଯାହା ହେଉନା କାହିଁକି ଲୋକେ ରାୟକୁ ନେଇ ଖୁସି। ଏବେ ସେମାନଙ୍କୁ ସବୁକ୍ଷେତ୍ରରେ ଆଧାର କାର୍ଡ ଦେଖାଇବାକୁ ପଡ଼ିବ ନାହିଁ ବୋଲି ଭୂଷଣ ପ୍ରକାଶ କରିଛନ୍ତି। ତେବେ ଆଧାର ମାମଲାର ଆବେଦନକାରୀ ଏବଂ ସାମାଜିକ କର୍ମୀ ସୁପ୍ରିମକୋର୍ଟଙ୍କ ରାୟକୁ ସ୍ୱାଗତ କରିଛନ୍ତି। ଆଉ କେତେଜଣଙ୍କୁ ଏହି ଐତିହାସିକ ରାୟ ନିରାଶ କରିଛି।





ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ବିଚାରକୁ ସୋଲି ସୋରାବ୍‌ଜୀ, ପ୍ରଶାନ୍ତ ଭୂଷଣଙ୍କ ପ୍ରଶଂସା




## ଆଇଟି ଜଗତର ସ୍ୱାଗତ

ହାଇଦ୍ରାବାଦ, ୨୬।୯(ପି.ଟି.)

ଆଧାର ସମ୍ପର୍କରେ ସର୍ବୋଚ୍ଚ ଅଦାଲତଙ୍କ ସନ୍ତୁଳିତ ରାୟକୁ ଆଇଟି ଜଗତ ସ୍ୱାଗତ କରିଛି। ଇନ୍‌ଫୋସିସ୍ ଲିମିଟେଡର ମୁଖ୍ୟ ଆର୍ଥିକ ଅଧିକାରୀ (ସିଏଫ୍‌ଓ) ଟି.ଭି. ମୋହନଦାସ ପାଇ, କମ୍ପାନୀର ପୂର୍ବତନ ସିଏଫ୍‌ଓ ଭି. ବାଲକ୍ରିଷ୍ଣନ୍ କହିଛନ୍ତି, ଏହି ରାୟ କେନ୍ଦ୍ରୀୟ କଟକଣାକୁ ହଟାଇଦେଇଛି। ସର୍ତ୍ତ ଭିତ୍ତିରେ ଆଧାରକୁ ବାଧ୍ୟତାମୂଳକ କରିବା ଲାଗି ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସ୍ୱାଗତଯୋଗ୍ୟ ବୋଲି ସେମାନେ କହିଛନ୍ତି।

# ଆଧାର ବୈଧତା: ନ୍ୟାୟିକ ବିତର୍କ



**୨୦୦୯ ଜାନୁୟାରୀ ୨୮:** ୟୁଆଇଡିଏଆଇ ସଂକ୍ରାନ୍ତୀୟ ବିଜ୍ଞପ୍ତି ଆଣିଲେ କେନ୍ଦ୍ର ସରକାର।

**୨୦୧୦-୨୦୧୧:** 'ନ୍ୟାଶନାଲ ଆଇଡେଣ୍ଟିଫିକେଶନ୍ ଅଥରିଟି ଅଫ୍ ଇଣ୍ଡିଆ ବିଲ୍, ୨୦୧୦ ଆଗତ। ପରେ ଏହାକୁ ଅର୍ଥ ବ୍ୟାପାର ସ୍ଥାୟୀ କମିଟିକୁ ପଠାଇ ଦିଆଯାଇଥିଲା। କମିଟିର ରିପୋର୍ଟ ଆଧାର ଗୋପନୀୟତା, ସୁରକ୍ଷା ଆଦି ସମ୍ବେଦନଶୀଳ ପ୍ରସଙ୍ଗରେ ଆପତ୍ତି ଉଠାଇଥିଲା।

**୨୦୧୨ ନଭେମ୍ବର ୩୦:** କର୍ଣ୍ଣାଟକ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି କେ.ଏସ୍. ପୁଟ୍ଟାସ୍ୱାମୀ ଏବଂ ଅନ୍ୟମାନେ ଆଧାରର ବୈଧତାକୁ ଚ୍ୟାଲେଞ୍ଜ୍ କରି ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ।

**୨୦୧୩ ନଭେମ୍ବର ୩୦:** ପିଆଇଏଲ୍ ପରିପ୍ରେକ୍ଷୀରେ ପ୍ରତିକ୍ରିୟା ଦାଖଲ କରିବା ଲାଗି ସୁପ୍ରିମକୋର୍ଟ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

**୨୦୧୬ ମାର୍ଚ୍ଚ ୩:** 'ଆଧାର ବିଲ୍, ୨୦୧୬' ଲୋକ ସଭାରେ ଆଗତ। ପରେ ଅର୍ଥ ବିଲ୍ ଆକାରରେ ମଞ୍ଜୁର।

**୨୦୧୭ ମେ:** ଆଧାର ବିଲ୍‌କୁ ଅର୍ଥ ବିଲ୍ ଭାବେ ପାର୍ଲାମେଣ୍ଟରେ ପାସ୍ କରିବା ନେଇ ସରକାରଙ୍କ ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ୍ କଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା କଂଗ୍ରେସ ନେତା ଜୟରାମ ରମେଶ।

**୨୦୧୭ ଅଗଷ୍ଟ ୨୪:** ଗୋପନୀୟତା (ପ୍ରିଭେସୀ) ଅଧିକାର ଏକ ମୌଳିକ ଅଧିକାର ବୋଲି ସୁପ୍ରିମକୋର୍ଟର ୯ଜଣିଆ ପୀଠ ରାୟ ଦେଲେ।

**୨୦୧୭ ଡିସେମ୍ବର ୧୫:** ୨୦୧୮ ମାର୍ଚ୍ଚ ୩୧ ସୁଦ୍ଧା ବିଭିନ୍ନ ସେବା ଏବଂ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ସହ ଆଧାର ଲିଙ୍କ୍ ବାଧ୍ୟତାମୂଳକ ପାଇଁ ସୁପ୍ରିମକୋର୍ଟଙ୍କ ଆଦେଶ।

**୨୦୧୮ ଜାନୁୟାରୀ ୧୭:** ସୁପ୍ରିମକୋର୍ଟର ୫ ଜଣିଆ ପୀଠରେ ଆଧାର ମାମଲାର ଶୁଣାଣି ଆରମ୍ଭ।

**୨୦୧୮ ଜାନୁୟାରୀ ୨୫:** ୧୦ ଦିନ ମଧ୍ୟରେ ଆଦେଶରେ ସଂଶୋଧନ କରିବା ଲାଗି ରାଜ୍ୟର ତଳକୋର୍ଟଗୁଡ଼ିକୁ ଆଦେଶ ଦେବା ପାଇଁ ସୁପ୍ରିମକୋର୍ଟ ଛତିଶଗଡ଼ ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିବା ବେଳେ ଆଧାର କାର୍ଡ ନକଲ ଗ୍ରହଣ କରିବା ଲାଗି ତଳକୋର୍ଟକୁ ଆଦେଶ ଦେବାକୁ ସୁପ୍ରିମକୋର୍ଟ କହିଥିଲେ।

**ଫେବୃୟାରୀ ୨୧:** ଆଧାର ଯୋଜନାରେ ନାଗରିକଙ୍କ ବାୟୋମେଟ୍ରିକ୍ ଡାଟା ବେଆଇନ ଭାବେ ସଂଗ୍ରହ କରାଯାଉଥିବା ନେଇ ଉଠୁଥିବା ଅଭିଯୋଗର ବିଧିବଦ୍ଧ ସମାଧାନ ହେବା ଉଚିତ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଥିଲେ।

**ମାର୍ଚ୍ଚ ୭:** ସର୍ବଭାରତୀୟ ପରୀକ୍ଷାଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ପାଇଁ ଆଧାର ନମ୍ବର ବାଧ୍ୟତାମୂଳକ ନୁହେଁ ବୋଲି କୋର୍ଟ ସ୍ପଷ୍ଟ କଲେ।

**ମାର୍ଚ୍ଚ ୧୩:** ଆଧାର ଲିଙ୍କ୍ ସମୟ ସୀମା ବୃଦ୍ଧି।

**ମାର୍ଚ୍ଚ ୩:** ଆଧାର ଆଇନ ନିରପେକ୍ଷ ଏବଂ ଯଥୋଚିତ ବୋଲି ସୁପ୍ରିମକୋର୍ଟଙ୍କୁ କେନ୍ଦ୍ର ସରକାର ଅବଗତ କଲେ।

**ଏପ୍ରିଲ ୧୭:** ଆଧାର ତଥ୍ୟର ଅପବ୍ୟବହାର ନେଇ ସୁପ୍ରିମକୋର୍ଟଙ୍କ ଚିନ୍ତାବ୍ୟକ୍ତ।

**ଏପ୍ରିଲ ୨୫:** ମୋବାଇଲ୍ ନମ୍ବର ସହ ଆଧାର ଲିଙ୍କ୍ ବାଧ୍ୟତାମୂଳକ ପ୍ରସଙ୍ଗରେ ଅଦାଲତଙ୍କ ପ୍ରଶ୍ନ।

**ମେ ୧୦:** ସୁପ୍ରିମକୋର୍ଟରେ ରାୟ ସଂରକ୍ଷିତ।

**ସେପ୍ଟେମ୍ବର ୨୬:** କେତେଗୁଡ଼ିଏ କଟକଣା ସହ ଆଧାରକୁ ବୈଧ ଘୋଷଣା କଲେ ସୁପ୍ରିମକୋର୍ଟ।

# ଶ୍ରେୟ ପାଇଁ ଟଣାଓଟରା

ନୂଆଦିଲ୍ଲୀ, ୨୬।୯ (ପି.ଟି)

ଦେଶର ବୃହତ୍ ସ୍ୱାର୍ଥକୁ ଦୃଷ୍ଟିରୁ ଆଧାରର ବୈଧତା ବଜାୟ ରହିବ ବୋଲି ବୁଧବାର ସୁପ୍ରିମକୋର୍ଟ ଏହି ରାୟ ଦେବା ପରେ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଏହାକୁ ସ୍ୱାଗତ କରିଛନ୍ତି। ନ୍ୟାୟିକ ସମୀକ୍ଷା ପରେ ଆଧାର ସମ୍ପର୍କିତ ବିଚାରକୁ ଅଦାଲତ ଗ୍ରହଣ କରିଛନ୍ତି। ତେଣୁ ଏହା ଏକ ଐତିହାସିକ ରାୟ ବୋଲି କେନ୍ଦ୍ର ସରକାର କହିଛନ୍ତି। ଅନ୍ୟପକ୍ଷେ ଶାସକ ଭାଜପା ଏବଂ ବିରୋଧୀ କଂଗ୍ରେସ ଶ୍ରେୟ ନେବାରେ ବ୍ୟସ୍ତ। ସୁପ୍ରିମକୋର୍ଟ କେତେକ ନିୟମକୁ ବାଦ୍ ଦେଇଥିବାରୁ ଏହି ରାୟ ଭାଜପାକୁ ଚାପୁଡ଼ା ମାରିବା ସଙ୍ଗେ ସମାନ ବୋଲି କଂଗ୍ରେସ କହିଛି। ତେବେ ଗରିବଙ୍କ ଲାଗି ଲଢୁଥିବା ମୋଦି ସରକାରଙ୍କ ପାଇଁ ଏହା ମହାବିଜୟ ବୋଲି ଭାଜପା କହିଛି।

ଆଧାର ସମ୍ପର୍କିତ ରାୟ ପ୍ରକାଶ ପାଇବା ପରେ ଭାଜପା ଏବଂ କଂଗ୍ରେସ ନିଜକୁ ପ୍ରଶଂସା କରିବା ସହ ଅପରକୁ ଟାର୍ଗେଟ କରିଛନ୍ତି। ମୋବାଇଲ୍ ଫୋନ୍, ବ୍ୟାଙ୍କ ଆକାଉଣ୍ଟ ଓ ସ୍କୁଲରେ ନାମଲେଖା କ୍ଷେତ୍ରରେ ଆଧାରର ଆବଶ୍ୟକତା ନ ଥିବା କୋର୍ଟ ସ୍ପଷ୍ଟ କରିବା ସହ ଏଥିରେ ଥିବା କେତେକ ନିୟମକୁ ବାଦ୍ ଦେଇଛନ୍ତି। ଏନେଇ ଖୁସି ବ୍ୟକ୍ତ କରି କଂଗ୍ରେସ ନେତା କପିଲ ଶିବଲ କହିଛନ୍ତି, ଆଧାର ଆଇନର ଧାରା ୫୭ରେ ଥିବା କଠୋର ବ୍ୟବସ୍ଥାକୁ ସୁପ୍ରିମକୋର୍ଟ ଉଚ୍ଛେଦ କରିଥିବାରୁ କେନ୍ଦ୍ର ଲୋକଙ୍କ ଉପରେ ନଜର ରଖିପାରିବ ନାହିଁ। ଅର୍ଥ ବିଲ୍ ଆକାରରେ ଅଣାଯାଇଥିବା ଆଧାର ବିଲ୍‌କୁ ରାଜ୍ୟ ସଭାରେ ଉପସ୍ଥାପନ କରା ନ ଗଲେ କଂଗ୍ରେସ ପୁଣି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବ ବୋଲି ଶିବଲ କହିଛନ୍ତି।



ଅପରପକ୍ଷେ 'ଚାପୁଡ଼ା' ଉପାଖ୍ୟାନ ଉପରେ ଭାଜପା ମୁଖପାତ୍ର ସମ୍ବିତ୍ ପାତ୍ର କହିଛନ୍ତି ଯେ, ସୁପ୍ରିମକୋର୍ଟଙ୍କ ରାୟ ବିରୋଧୀ ଦଳର ମୁଖା ଖୋଲିଦେଇଛି। କଂଗ୍ରେସ ଦୁର୍ନୀତି ପାଇଁ ମଧ୍ୟସ୍ଥଙ୍କ ସହଯୋଗ ନେଇଥିବାବେଳେ ମୋଦି ସରକାର ଲୋକଙ୍କୁ ସିଧାସଳଖ ସାମାଜିକ ଯୋଜନାରେ ସାମିଲ କରିବା ପାଇଁ ଆଧାରକୁ ମାଧ୍ୟମ କରିଛନ୍ତି ବୋଲି ପାତ୍ର କହିଛନ୍ତି।

# କେନ୍ଦ୍ରକୁ ଶିକ୍ଷା



ଆଧାର କଂଗ୍ରେସ ପାଇଁ ସଶକ୍ତୀକରଣର ଏକ ଅସ୍ତ୍ର। ହେଲେ ଭାଜପା ଏହାକୁ ଏକ ଦମନକାରୀ ଓ ନଜର ରଖିବାର ଅସ୍ତ୍ର ଭାବେ ବ୍ୟବହାର କରୁଥିଲା। କଂଗ୍ରେସର ଆଭିମୁଖ୍ୟକୁ ସମର୍ଥନ କରିଥିବାରୁ ସୁପ୍ରିମକୋର୍ଟଙ୍କୁ ଧନ୍ୟବାଦ।

–ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ



ଆଧାର ଲୋକଙ୍କ ଉପରେ ନଜର ରଖିବାର ଉପକରଣ ନୁହେଁ। ଏହା ବୈଧ ଓ ରାଷ୍ଟ୍ର ହିତ ପାଇଁ ଉଦ୍ଦିଷ୍ଟ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଅଦାଲତଙ୍କ ରାୟ ଗଣତନ୍ତ୍ର ଓ ବଞ୍ଚିତ ବର୍ଗର ଲୋକଙ୍କୁ ସଶକ୍ତ କରିବ।

–ରବିଶଙ୍କର ପ୍ରସାଦ, ଆଇନ ଓ ଆଇଟି ମନ୍ତ୍ରୀ



ଆଧାର ଆଇନର ଅନେକ ନିୟମକୁ ସୁପ୍ରିମକୋର୍ଟ ଅସାମ୍ବିଧାନିକ ଭାବେ ଅବିହିତ କରି ଉଚ୍ଛେଦ କରିଦେଇଛନ୍ତି। ଏହା ଆଇନ ମନ୍ତ୍ରଣାଳୟ ପାଇଁ ଏକ ନମ୍ର ଶିକ୍ଷା।

– ପି. ଚିଦାମ୍ବରମ୍, ପୂର୍ବତନ ଅର୍ଥମନ୍ତ୍ରୀ



ଜାତୀୟ ବାୟୋମେଟ୍ରିକ୍ ଆଇଡି କାର୍ଯ୍ୟକ୍ରମ ଜରିଆରେ ବର୍ଷକୁ ୯୦,୦୦୦ କୋଟି ଟଙ୍କା ସଞ୍ଚୟ କରି ଗରିବଙ୍କୁ ସହାୟତା ଦିଆଯାଇ ପାରୁଛି। ଏହି କାର୍ଯ୍ୟକ୍ରମକୁ ବୈଧ ଘୋଷଣା କରିଛନ୍ତି ସୁପ୍ରିମକୋର୍ଟ। ସର୍ବୋଚ୍ଚ ଅଦାଲତଙ୍କ ରାୟ ସ୍ୱାଗତଯୋଗ୍ୟ।

–ଅରୁଣ ଜେଟ୍‌ଲୀ, ଅର୍ଥମନ୍ତ୍ରୀ



ଲୋକଙ୍କର କେତେଗୁଡ଼ିଏ ଅଧିକାର ରହିବା ଉଚିତ। ବ୍ୟାଙ୍କ ଆକାଉଣ୍ଟ ଓ ମୋବାଇଲ୍ ଫୋନ୍‌କୁ ଆଧାର ସହିତ ଯୋଡ଼ାଯିବା ଦ୍ୱାରା ଜଣଙ୍କର ସମସ୍ତ ବ୍ୟକ୍ତିଗତ ତଥ୍ୟ ସାର୍ବଜନୀନ ହେବ। ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିରୁ ଏହି ଯୁକ୍ତି ସତ୍ୟ ପ୍ରମାଣିତ ହୋଇଛି। ଏହି ରାୟ ସାଧାରଣ ଜନତାଙ୍କ ପାଇଁ ବିଜୟ।

–ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ



ଉପା ସରକାର ଅମଳରେ ଆଧାର 'ନିରାଧାର' ହୋଇ ରହିଥିଲା। ଏହାର କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ନ ଥିଲା। ସୁପ୍ରିମକୋର୍ଟ ଏବେ ଏହାର ବୈଧତାକୁ ବଜାୟ ରଖିଛନ୍ତି। ଅଦାଲତଙ୍କ ରାୟକୁ ନେଇ କଂଗ୍ରେସ ପାଇଁ ଉଲ୍ଲସିତ ହେବା ଭଳି କିଛି ନାହିଁ।

–ଅମିତ୍ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ



ଅଦାଲତଙ୍କ ରାୟ ଐତିହାସିକ। ଏହାକୁ ନେଇ ଅତ୍ୟନ୍ତ ଖୁସି।

–କେ.କେ. ବେଣୁଗୋପାଳ, ଆଟର୍ନି ଜେନେରାଲ



ସୁପ୍ରିମକୋର୍ଟ ଏକ ସନ୍ତୁଳିତ ରାୟ ଦେଇଛନ୍ତି। ଅଦାଲତ ଆଧାରର ମୌଳିକତାକୁ ବଜାୟ ରଖିଛନ୍ତି, ଯାହାକି ସରକାରଙ୍କ ପାଇଁ ଏକ ବିଜୟ।

–ମୁକୁଲ ରୋହତ୍‌ଗୀ, ପୂର୍ବତନ ଆଟର୍ନି ଜେନେରାଲ



ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ

ରାଜ୍ୟ ସ୍କୁଲସ୍ତରୀୟ ଖୋଖୋ ପ୍ରତିଯୋଗିତା

# ଯୋଗଦେଲେ ୨୬ ଜିଲାର କ୍ରୀଡ଼ାବିତ୍

**ବଲାଙ୍ଗୀର ଅଫିସ, ୨୬।୯**

ବଲାଙ୍ଗୀର ଜିଲାର ଟିଟିଲାଗଡଠାରେ ରାଜ୍ୟ ସ୍କୁଲସ୍ତରୀୟ ଖୋଖୋ ପ୍ରତିଯୋଗିତା ବୁଧବାର ଉଦ୍‌ଘାଟିତ ହୋଇଛି । ଷ୍ଟେଟ ସ୍କୁଲ ସ୍ପୋର୍ଟସ ଆସୋସିଏଶନ, ଡିଷ୍ଟ୍ରିକ୍ଟ ସ୍କୁଲ ସ୍ପୋର୍ଟସ ଆସୋସିଏଶନ ବଲାଙ୍ଗୀର ଏବଂ ଶ୍ରୀଦାଦିଜୀ ମନ୍ଦିର ଟ୍ରଷ୍ଟ ପ୍ରଭାବିତ ସ୍କୁଲ ଟିଟିଲାଗଡର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ରାଜ୍ୟର ୨୬ଟି ଜିଲାରୁ ଉଭୟ ବାଳିକା, ବାଳକ ବର୍ଗରେ ୧ହଜାରରୁ ଊର୍ଦ୍ଧ୍ୱ ଖେଳାଳି, ୧୧୯ ଅଫିସିଆଲ ତଥା କ୍ରୀଡା ଶିକ୍ଷକ ଯୋଗଦାନ କରିଛନ୍ତି । ଉଦଘାଟନୀ କାର୍ଯ୍ୟକ୍ରମ ପୂର୍ବରୁ ଟିଟିଲାଗଡ ବିଧାୟିକା ଟୁକୁନୀ ସାହୁ ଏବଂ ଟିଟିଲାଗଡ ଉପଜିଲାପାଳ ସୁଧାକର ନାୟକଙ୍କ ନେତୃତ୍ୱରେ ବିଭିନ୍ନ ଜିଲାର ଖେଳାଳି ତଥା ଅଫିସିଆଲ ସେମାନଙ୍କ ବ୍ୟାନର ଧରି ଏକ ଶୋଭାଯାତ୍ରାରେ କ୍ରୀଡାସ୍ଥଳ ବାଳକ ହାଇସ୍କୁଲ ପଡିଆରୁ ବାହାରି ସହର ପରିକ୍ରମା କରିଥିଲେ। ପରେ ସ୍ଥାନୀୟ ହାଇସ୍କୁଲ ଖେଳପଡିଆରେ ଆତସବାଜି ସହ ରଙ୍ଗାରଙ୍ଗ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟିକା ସାହୁ ଯୋଗଦେଇଥିଲେ । ରାଜ୍ୟ ସ୍ତରୀୟ କ୍ରୀଡା ଉତ୍ସବ କ୍ରୀଡାର ବିକାଶ ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ କହିଥିଲେ। ଉପଜିଲାପାଳ ନାୟକ ଉତ୍ତମ ସ୍ୱାସ୍ଥ୍ୟ ଗଠନରେ କ୍ରୀଡାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବଲାଙ୍ଗୀର ଜିଲା କ୍ରୀଡା ସଂସଦ ସମ୍ପାଦକ ହରି ନାରାୟଣ ପୂଝାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲାରେ କ୍ରୀଡାର ବିକାଶ ନେଇ ଜିଲା କ୍ରୀଡା ସଂସଦ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଥିବା ସୂଚନା ଦେଇଥିଲେ । ରାଜ୍ୟ ଶାରୀରିକ ଶିକ୍ଷା ଅତିରିକ୍ତ ନିର୍ଦ୍ଦେଶକ ଲକ୍ଷ୍ମୀପ୍ରିୟା ଦୀପ, ମିଳିତ ଆୟୋଜକ ପ୍ରଭାବତି ସ୍କୁଲ ପରିଚାଳନା କମିଟି ସଭାପତି ତଥା ଆଇନଜୀବୀ ରାଧେଶ୍ୟାମ ଅଗ୍ରୱାଲ, ଅଧ୍ୟକ୍ଷା ଡ. ସୁନନ୍ଦା ଜତି, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା ମଞ୍ଚାସୀନ ହୋଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ଭଜନ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବରିଷ୍ଠ ଶିକ୍ଷାବିତ୍ ଉମେଶ ଚନ୍ଦ୍ର ଦାସ ଉଦଘାଟନୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ । ବ୍ଲକ ଶିକ୍ଷା ଅଧିକାରୀ ମକୁନ୍ଦ ମୁହୁରା, ପ୍ରମୋଦ ପାଳ, ଚିତରଞ୍ଜନ ଚାନ୍ଦ, ଧବଳେଶ୍ୱର ଦଳବେହେରା, ସନ୍ତୋଷ ମେହେର, ଅମୀୟ ହୋତାଙ୍କ ସମେତ ସହରର ସମସ୍ତ ବିଦ୍ୟାଳୟର ପ୍ରତିନିଧି, କ୍ରୀଡାଶିକ୍ଷକ, କ୍ରୀଡାବିତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



ରାଜ୍ୟ ସ୍କୁଲସ୍ତରୀୟ ଖୋଖୋ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି ଓ କ୍ରୀଡାବିତ୍ ।

ଖୋଲିବ ବ୍ରହ୍ମବିଭ୍ରାଟ ଗୁମର

# ରିପୋର୍ଟରେ ୬ ଜଣଙ୍କ ନାମ

**ପୁରୀ ଅଫିସ,୨୬।୯**

ଆସନ୍ତା ଗୁରୁବାର ଖୋଲିବ ବ୍ରହ୍ମବିଭ୍ରାଟ ରିପୋର୍ଟ। ସେହିଦିନ ଅନୁଷ୍ଠିତ ହେବାକୁ ଥିବା ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ସବ୍ କମିଟି ଦ୍ୱାରା ପ୍ରଦତ୍ତ ରିପୋର୍ଟ ସାର୍ବଜନୀନ ହେବ ବୋଲି ଜଣାପଡିଛି। ପରିଚାଳନା କମିଟି ବୈଠକ ଏଜେଣ୍ଡାରେ ସ୍ଥାନ ପାଇଛି ବ୍ରହ୍ମବିଭ୍ରାଟ ପ୍ରସଙ୍ଗ। କେଉଁ ପରିସ୍ଥିତିରେ ଏବଂ କିଭଳି ବ୍ରହ୍ମ ସଂସ୍ଥାପନରେ ବିଭ୍ରାଟ ହୋଇଥିଲା, ଏଥିପାଇଁ ଦାୟୀ କିଏ, କ'ଣ ହେବ କାର୍ଯ୍ୟାନୁଷ୍ଠାନ ଏସବୁ ପଦାକୁ ଆସିବ ବୋଲି କୁହାଯାଉଛି।

ସୂଚନା ଅନୁଯାୟୀ, ରିପୋର୍ଟରେ ୬ ଜଣଙ୍କ ନାମ ରହିଛି। ବ୍ରହ୍ମବିଭ୍ରାଟ ଘଟଣା ପରେ ଦୁଇଜଣ ଦଇତା ସେବକଙ୍କୁ ନିଲମ୍ବନ କରାଯାଇଥିଲା। ବର୍ତ୍ତମାନ ଯେଉଁ ରିପୋର୍ଟ ଆସିବ ତାହା କେବଳ ତାଗିଦ୍ ଭିତରେ ହିଁ ସୀମିତ ରହିବ। ଦୋଷୀଙ୍କ ବିରୋଧରେ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ହେବନାହିଁ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ମୂଳ ରିପୋର୍ଟ ନେଇ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଉପଯୁକ୍ତ ତଥ୍ୟ ନ ଥିବା କୁହାଯାଉଛି। ଦୀର୍ଘ ୩ ବର୍ଷ ପରେ ଏହି ରିପୋର୍ଟ ଆସିବାକୁ ଯାଉଥିବା ବେଳେ ଏହାକୁ ନେଇ ସମସ୍ତଙ୍କ ମଧ୍ୟରେ ଉତ୍କଣ୍ଠା ରହିଛି। ଅନ୍ୟପକ୍ଷରେ ୨୭ରେ ହେବାକୁ ଥିବା ପରିଚାଳନା କମିଟିରେ ଅନ୍ୟ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଛି। ସେଗୁଡ଼ିକ ହେଲା ୟୁନିଫର୍ମ ପଲିସି ସଂଶୋଧନକୁ ଅନୁମୋଦନ ଏବଂ ସୁପ୍ରିମ୍‌କୋର୍ଟଙ୍କ ପ୍ରସ୍ତାବ ଉପରେ ଗଠିତ ୩ଟି ସବ୍‌କମିଟିର ରିପୋର୍ଟ ଉପସ୍ଥାପନ ଏବଂ ତର୍ଜମା।

**ତାଗିଦ୍‌ରେ ସୀମିତ ରହିପାରେ କାର୍ଯ୍ୟାନୁଷ୍ଠାନ**

ସୂଚନାଯୋଗ୍ୟ, ୨୦୧୫ ଜୁନ୍ ୧୫ରେ ମହାପ୍ରଭୁଙ୍କ ବ୍ରହ୍ମ ସଂସ୍ଥାପନ କାର୍ଯ୍ୟ ସମ୍ପନ୍ନ ହେବାର ଥିଲା। କିନ୍ତୁ ଏଥିରେ ଅହେତୁକ ବିଳମ୍ବ ଘଟିଥିଲା। ଜୁନ୍ ୧୬ ତାରିଖ ସ୍ପଷ୍ଟ ଦିବାଲୋକରେ ହୋଇଥିଲା ବ୍ରହ୍ମ ସଂସ୍ଥାପନ। ବ୍ରହ୍ମବିଭ୍ରାଟକୁ ନେଇ ସରକାର ତତ୍କାଳୀନ ମୁଖ୍ୟ ପ୍ରଶାସକ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦେଇଥିଲେ। ଦୁଇବର୍ଷ ବିତିଯାଇଥିଲେ ବି ସେ ରିପୋର୍ଟ ଦେଇ ନ ଥିଲେ। ଏହାପରେ ତାଙ୍କର ବଦଳି ହୋଇଯାଇଥିଲା। ପ୍ରଦୀପ ଜେନା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଥିବା ସମୟରେ ବ୍ରହ୍ମବିଭ୍ରାଟ ତଦନ୍ତ ରିପୋର୍ଟ ଆସିଥିଲା। ଗତ ମାର୍ଚ୍ଚ ୨୦ ତାରିଖରେ ନବଗଠିତ ପରିଚାଳନା କମିଟି ପ୍ରଥମ ବୈଠକରେ ଏହି ରିପୋର୍ଟ ଉପରେ ଆଲୋଚନା ହୋଇଥିଲା। ହେଲେ ପରିଚାଳନା କମିଟି ୩ ଜଣିଆ ସବ୍‌କମିଟି ଗଠନ କରି ବ୍ରହ୍ମବିଭ୍ରାଟ ରିପୋର୍ଟ ଭାଗ୍ୟ ସେମାନଙ୍କ ହାତରେ ଛାଡିଦେଇଥିଲା। ଗତ ଅଗଷ୍ଟ ୧୮ ବୈଠକରେ କମିଟି ରିପୋର୍ଟ ଦେଇ ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ସେପ୍ଟେମ୍ବର ୩୦ ସୁଦ୍ଧା ରିପୋର୍ଟ ସାର୍ବଜନୀନ ହେବ ବୋଲି ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଥିଲେ। ଇତିମଧ୍ୟରେ ସବ୍‌କମିଟି ରିପୋର୍ଟ ଦେଇଥିବା କୁହାଯାଉଛି।

**ଲୋକାୟୁକ୍ତ ନିଯୁକ୍ତି ପ୍ରସଙ୍ଗ**

# ସୁପ୍ରିମକୋର୍ଟଙ୍କୁ ଅଧିକ ସମୟ ମାଗିବେ ରାଜ୍ୟ ସରକାର

**ଭୁବନେଶ୍ୱର,୨୬।୯(ବ୍ୟୁରୋ)**

ଲୋକାୟୁକ୍ତ ନିଯୁକ୍ତି ନେଇ ସୁପ୍ରିମକୋର୍ଟ ଅନ୍ୟ ରାଜ୍ୟ ସମେତ ଓଡିଶାକୁ ୩ ମାସ ସମୟ ଦେଇଥିଲେ। ନିଯୁକ୍ତି ନେଇ ରାଜ୍ୟ ସରକାର କି ପଦକ୍ଷେପ ନେଇଛନ୍ତି ସେ ନେଇ ଜଣାଇବାକୁ ସର୍ବୋଚ୍ଚ ଅଦାଲତ ଜୁଲାଇ ୧୦ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ତେବେ ରାଜ୍ୟ ସରକାର ଏ ନେଇ ପ୍ରସ୍ତୁତ ହୋଇ ନ ଥିବାରୁ ସୁପ୍ରିମକୋର୍ଟଙ୍କୁ ଅଧିକ ସମୟ ମାଗିବେ ବୋଲି ଜଣାପଡିଛି। ଓଡିଶା ଲୋକାୟୁକ୍ତ ବିଲ୍ ୨୦୧୪ ଫେବୃୟାରୀରେ ବିଧାନସଭାରେ ପାରିତ ହୋଇଥିଲା। ୨୦୧୫ରେ ଏହା ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିଥିଲା। ଚଳିତ ବର୍ଷ ଜୁଲାଇ ୭ ତାରିଖରୁ ସେହି ଆଇନ ରାଜ୍ୟରେ କାର୍ଯ୍ୟକାରୀ ହେଉଛି। ତେବେ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ଅକ୍ଟୋବର ୬ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଚୟନ କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହେବ। ଏହି କମିଟିକୁ ଆଉ ଜଣେ ସଦସ୍ୟଙ୍କୁ ମନୋନୀତ କରାଯିବ।

ଚୟନ କମିଟିରେ ବିଧାନସଭା ସଚିବ, ବିରୋଧୀ ଦଳ ନେତା, ହାଇକୋର୍ଟ ମୁଖ୍ୟ ବିଚାରପତି କିମ୍ବା ତାଙ୍କ ଦ୍ୱାରା ମନୋନୀତ ସଦସ୍ୟ, ରାଜ୍ୟପାଳଙ୍କ ଦ୍ୱାରା ମନୋନୀତ ବ୍ୟକ୍ତି ସଦସ୍ୟ ରହିଛନ୍ତି। ଲୋକାୟୁକ୍ତ ଆଇନ ଅନୁଯାୟୀ ଏହି କମିଟି ସର୍ଚ୍ଚ କମିଟି ଗଠନ କରିବ। ଏହି କମିଟିର କାର୍ଯ୍ୟକାଳ ୨ ବର୍ଷ ରହିବ। ଏହି କମିଟି ଲୋକାୟୁକ୍ତ ଅଧ୍ୟକ୍ଷ ନିଯୁକ୍ତି ପାଇଁ ୫ ଜଣଙ୍କ ନାମ ଚୟନ କରିବା ସହ ୧୫ ଜଣ ସଦସ୍ୟଙ୍କ ନାମ ସୁପାରିସ କରିବ।

# ନାସାରେ ବୈଜ୍ଞାନିକ ହେବେ ବାରିପଦାର ସୁମିତ

**ବାରିପଦା ଅଫିସ,୨୬।୯**



ମା ଙ୍କ ସହିତ ସୁମିତ ।

- ଡାଟା ସାଇଣ୍ଟିଷ୍ଟ ଭାବେ କାର୍ଯ୍ୟ କରିବେ
- ସଫଳତା ନେଇ ପ୍ରଶଂସାର ସୁଅ
- ଏଣିକି ପାଠପଢା ଦାୟିତ୍ୱ ନେବ ନାସା

ସାବାସ ସୁମିତ ସାବାସ। ସମସ୍ତଙ୍କ ମୁହଁରେ ଏବେ ତାଙ୍କ ପ୍ରଶଂସା। ମୟୂରଭଞ୍ଜ ଜିଲା ବାରିପଦା ସହର ଶ୍ରୀ ସତ୍ୟସାୟୀ ବିଦ୍ୟା ବିହାରର ନବମ ଷ୍ଟାଣ୍ଡର୍ଡରେ ପଢୁଥିବା ଛାତ୍ର ସୁମିତ କୁମାର ସାହୁ ଆଗକୁ ନ୍ୟାସନାଲ ଏରୋନଟିକସ୍ ସ୍ପେସ ଆଡମିନିଷ୍ଟ୍ରେସନ (ନାସା)ରେ ଡାଟା ସାଇଣ୍ଟିଷ୍ଟ ଭାବେ କାର୍ଯ୍ୟ କରିବାକୁ ମନୋନୀତ ହୋଇଥିବା ଜଣାପଡିଛି। ଏହି ଖବର ପ୍ରଚାରିତ ହେବା ପରେ ତାଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି । ଅନ୍ତର୍ଜାତୀୟ ସ୍ତରରେ ପରୀକ୍ଷା ଦେଇ ସୁମିତ ଏଭଳି ସଫଳତା ହାସଲ କରିବା ଜିଲା ପାଇଁ ଗୌରବ ଆଣିଛି ବୋଲି ଶୁଭେଚ୍ଛୁମାନେ କହିଛନ୍ତି।

ବାରିପଦା ସହର ୧୯ ନମ୍ବର ୱାର୍ଡ ଅଧୀନ ଦାରୋଗାଡାହି ଗୋଲେଇ ଅଞ୍ଚଳର ଶିବ ସାହୁଙ୍କ ପୁଅ ସୁମିତ। ବାପା ଶିବ ସାଉଦି ଆରବରେ ଇଲେକ୍ଟ୍ରିକାଲ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଛନ୍ତି। ମା' ନାଇଟ କୁଇନ ଜଣେ ଗୃହିଣୀ। ସ୍ଥାନୀୟ ସତ୍ୟସାଇ ଛକ ନିକଟରେ ଥିବା ଶ୍ରୀ ସତ୍ୟସାଇ ବିଦ୍ୟାବିହାର ସ୍କୁଲରେ ସୁମିତ ଏବେ ପାଠ ପଢୁଛନ୍ତି। ଭୁବନେଶ୍ୱରସ୍ଥିତ ଏକ ଘରୋଇ କୋଚିଂ ସେଣ୍ଟରରେ ସପ୍ତାହକୁ ୨ ଦିନ ଅନ୍‌ଲାଇନ ଯୋଗେ କୋଚିଂ ନେଉଛନ୍ତି। ଉକ୍ତ କୋଚିଂ ସେଣ୍ଟର ସହଯୋଗକ୍ରମେ ସେ ଅନ୍‌ଲାଇନ ପରୀକ୍ଷା ଦେଇ ନାସାରେ କାମ କରିବାର ସୁଯୋଗ ପାଇଛନ୍ତି। ତାଙ୍କ ପ୍ରତିଭା ଓ ବିଜ୍ଞାନ ପ୍ରତି ଆଗ୍ରହକୁ ନାସା ପକ୍ଷରୁ ପ୍ରଶଂସା କରାଯାଇଛି।

ଗତ ଜୁଲାଇ ପହିଲାରେ ସୁମିତ ପ୍ରଥମେ ଅନ୍‌ଲାଇନ ପରୀକ୍ଷା ଦେଇ ରାଜ୍ୟ ସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଗତ ଅଗଷ୍ଟ ୧୨ ତାରିଖରେ ଭୁବନେଶ୍ୱରରେ ଅନୁଷ୍ଠିତ ସର୍ବ ଭାରତୀୟ ସ୍ତରରେ ପରୀକ୍ଷା ଦେଇ ସେ ୧ମ ସ୍ଥାନ ଅଧିକାର କରି ଅର୍ନ୍ତଜାତୀୟ ସ୍ତରରେ ପରୀକ୍ଷା ଦେବା ପାଇଁ ମନୋନୀତ ହୋଇଥିଲେ। ଏହାପରେ ସେହି ମାସ ୩୧ ତାରିଖରେ ସେ ଦିଲ୍ଲୀରେ ଅର୍ନ୍ତଜାତୀୟ ସ୍ତରରେ ପରୀକ୍ଷା ଦେଇ ୨ୟ ସ୍ଥାନ ହାସଲ କରିଥିଲେ। ଗଣିତ, ବିଜ୍ଞାନ ଓ କମ୍ପ୍ୟୁଟର ସମ୍ପର୍କିତ ପରୀକ୍ଷାରେ ସୁମିତ ସଫଳତା ପାଇଥିବାରୁ ନାସା ପକ୍ଷରୁ ତାଙ୍କୁ ଛାତ୍ରବୃତ୍ତି ପ୍ରଦାନ ସହ ଆଗକୁ ଚାକିରି ଦେବା ଲାଗି ପ୍ରସ୍ତାବ ଦିଆଯାଇଛି। ନାସା ଏଥିସକାଶେ କେତେକ ସର୍ତ୍ତ ରଖିଛି। ମାଟ୍ରିକ ପରୀକ୍ଷାରେ ସୁମିତଙ୍କୁ ୬୧ ପ୍ରତିଶତ କିମ୍ବା ତା'ଠାରୁ ଊର୍ଦ୍ଧ୍ୱ ପ୍ରତିଶତ ନମ୍ବର ରଖି ପାସ କରିବାକୁ ପଡିବ। ଧାର୍ଯ୍ୟ ପ୍ରତିଶତ ରଖି ପାସ କଲେ ତାଙ୍କୁ ଟେକ୍ସିଲା ଆମେରିକାନ ୟୁନିଭର୍ସିଟିରେ ପାଠ ପଢ଼ାଇବା ପାଇଁ ନାସା ସମସ୍ତ ଦାୟିତ୍ୱ ନେବ। ସେଥିଲାଗି ତାଙ୍କୁ ୧୦ କୋଟି ଟଙ୍କାର ଛାତ୍ରବୃତ୍ତି ଦେବା ସକାଶେ ନାସା ମଧ୍ୟ ଚୁକ୍ତି କରିଛି । ଏହାଛଡା ଚଳିତ ଶିକ୍ଷାବର୍ଷଠାରୁ ତାଙ୍କୁ ମିଳିବ ଛାତ୍ର ବୃତ୍ତି । ପାଠପଢ଼ା ସାରିବା ପରେ ସିଧାସଳଖ ସୁମିତ ନାସାରେ ଡାଟା ସାଇଣ୍ଟିଷ୍ଟ ଭାବେ ଯୋଗ ଦେବେ। ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଓ ମା'ବାପାଙ୍କ ପ୍ରେରଣା ଯୋଗୁଁ ସେ ଏହି ସ୍ଥାନକୁ ଆସିପାରିଛନ୍ତି ବୋଲି ସୁମିତ ତାଙ୍କ ପ୍ରତିକ୍ରିୟାରେ ଖୁସି ଜାହିର କରି କହିଛନ୍ତି। ନାସା ଭଳି ଏକ ସ୍ଥାନକୁ ଯାଇ ସୁମିତ ବିଶ୍ୱ ପାଇଁ ସେବା କରିବ ଏ କଥା ଭାବି ସେ ଆତ୍ମହରା ହୋଇ ପଡିଛନ୍ତି ବୋଲି ତାଙ୍କ ମା' ନାଇଟ କୁଇନ କହିଛନ୍ତି।

# ରେଭିନ୍ୟୁ ଅଫିସର ପରିଚୟ ଦେଇ ଯୁବକ ଗିରଫ

**ବାରିପଦା ଅଫିସ,୨୬।୯**



ନିଜକୁ ଭାରତୀୟ ରାଜସ୍ୱ ସେବା ବିଭାଗର ଅଧିକାରୀ ବୋଲି ପରିଚୟ ଦେଇ ସାଧାରଣ ଲୋକଙ୍କୁ ଠକୁଥିବା ଜଣେ ଯୁବକଙ୍କୁ ବୁଧବାର ବାରିପଦା ପୋଲିସ ଗିରଫ କରିଛି। ଗିରଫ ଯୁବକଜଣକ ହେଉଛନ୍ତି ଭଦ୍ରକ ଜିଲାର ତିହିଡ଼ି ଥାନା ଅନ୍ତର୍ଗତ ବଉଳପାଳ ଗ୍ରାମର ରଜତ କୁମାର ପଣ୍ଡା। ପୂର୍ବରୁ ସେ ନିଜକୁ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ବୋଲି ପରିଚୟ ଦେଉଥିଲେ। ଚାକିରୀ କରାଇ ଦେବାର ପ୍ରଲୋଭନ ଦେଖାଇ ବହୁ ଲୋକଙ୍କୁ ଠକିଥିବା ଅଭିଯୋଗରେ ସେ ପୂର୍ବରୁ ଝାରପୋଖରିଆ ପୋଲିସ ଦ୍ୱାରା ଗିରଫ ହୋଇଥିଲେ। ମୟୂରଭଞ୍ଜ ଭାଜପା ଯୁବ ମୋର୍ଚ୍ଚା ଜିଲା ଉପସଭାପତି ପାୟଲ ରାୟଙ୍କୁ ଏକ ଏନଜିଓ କରାଇ ଦେବାକୁ କହି ସେ ୩ ହଜାର ଟଙ୍କା ସେ ଠକି ନେଇଥିଲେ। ସେହିପରି ଅନ୍ୟ ଜଣେ ବ୍ୟକ୍ତିଙ୍କ ଠାରୁ ମଧ୍ୟ ୧୦ ହଜାର ଟଙ୍କା ସେ ନେଇଯାଇଥିଲେ। ଏ ସମ୍ପର୍କରେ ପାୟଲ ଜାଣିପାରି ପୋଲିସ ନିକଟରେ ଅଭିଯୋଗ କରିଥିଲା। ପରେ ବାରିପଦା ଟାଉନ ଥାନା ଅଧିକାରୀ ଅଶୋକ କୁମାର ନାୟକ ବୁଧବାର ଅମ୍ବିକା ମନ୍ଦିର ନିକଟରୁ ରଜତଙ୍କୁ ଗିରଫ କରିଛି। ତାଙ୍କଠାରୁ ୫ ଟି ମୋବାଇଲ, ୧୦ହଜାର ୧ ଟଙ୍କା, ଜାଲ କାଗଜପତ୍ର ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ ୨୩୨/୧୮) ରୁଜୁ କରିଛି।

**BHUBANESWAR MUNICIPAL CORPORATION**
**Adv No : 32255** **Dt.26.09.2018**

NOTICE INVITING APPLICATIONS

Applications are invited for **"Empanelment of Stray Dog/Cattle catching agencies with Bhubaneswar Municipal Corporation (BMC)"** in conformity with the documents required as per the detailed Advertisement Notice. Please refer to Website www.bmc.gov.in for complete details and downloading the detailed Advertisement Notice. The last date & time of submission of proposal (By Hand/Speed Post/Registered Post/Courier) is **06.10.2018 till 3:30 PM.**

For any queries please contact bmcpmu@bmc.gov.in

By Order,
Dy. Commissioner (Cattle Drive & ABC Program)
Bhubaneswar Municipal Corporation
Progress Through Partnership for a Better Bhubaneswar

**BHUBANESWAR MUNICIPAL CORPORATION**
**Adv No : 32263** **Dt.26.09.2018**

NOTICE INVITING EXPRESSION OF INTEREST (EOI)

Sealed Applications are invited for **"Empanelment of Goushalas with Bhubaneswar Municipal Corporation (BMC) for keeping stray bulls / cows"** in conformity with the terms detailed out in the EOI document. Please refer to Website www.bmc.gov.in for complete details and downloading the EOI document. The last date & time of submission of proposal (By Hand/Speed Post/Registered Post/Courier) is **03.10.2018 till 3:30 PM.**

For any queries please contact bmcpmu@bmc.gov.in

By Order,
Dy. Commissioner (Cattle Drive & ABC Program)
Bhubaneswar Municipal Corporation
Progress Through Partnership for a Better Bhubaneswar

**BHUBANESWAR MUNICIPAL CORPORATION**
**Adv No : 32259** **Dt.26.09.2018**

NOTICE INVITING EXPRESSION OF INTEREST (EOI)

Sealed Applications are invited for **"Selection of Agency/Not for Profit Organisation for Maintenance of Animal Welfare Centre at Jamukoli"** in conformity with the terms detailed out in the EOI document. Please refer to Website www.bmc.gov.in for complete details and downloading the EOI document. The last date & time of submission of proposal (By Hand/Speed Post/Registered Post/Courier) is **03.10.2018 till 3:30 PM.**

For any queries please contact bmcpmu@bmc.gov.in

By Order,
Dy. Commissioner (Cattle Drive & ABC Program)
Bhubaneswar Municipal Corporation
Progress Through Partnership for a Better Bhubaneswar

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
C.D.A
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ – ୧୨

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର – 10 ରେ ପ୍ଲଟ ନଂ – 10-5D/1390 ଟିକୁ ଶ୍ରୀ ସୁଶୀଲ କୁମାର ସାହୁ ପିତା – ଶ୍ରୀ ଶିରିଶଚନ୍ଦ୍ର ସାହୁ, ସା/ପୋ – ଟାଙ୍ଗରପଡା, ଥା – ସୁଆଁପାଟଣା, ଜି – କେଉଁଝରଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ସୁଶୀଲ କୁମାର ସାହୁ, ଉକ୍ତ ଆବଣ୍ଟିତ ପ୍ଲଟସହ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ସୂତ୍ରରେ ଶ୍ରୀମତୀ ସୁରେଖା ଶତପଥୀ, ସ୍ୱା – ଶ୍ରୀ କମଳ କୁମାର ଶତପଥୀ, ଗ୍ରା – ଶଙ୍କରପୁର, ପୋ – ବଣସିଂହ, ଥା – ଢେଙ୍କାନାଳ ସଦର, ଜି – ଢେଙ୍କାନାଳଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।
ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସଚିବ

**idco** ODISHA NEW OPPORTUNITIES
ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO Towers, Janpath, Bhubaneswar - 751022

OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, BHUBANESWAR.
Tender Call Notice No. H.O./P&C/EST/E-920/03/2011/19685 DT:- 24.09.2018

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. **Name of the Work** : Providing & laying of different dia D.I. S/S (K-9) Pipes for improvement of existing Water Supply System to the Units in Jemadei Area & extension of Water Supply to Kholadwar Mouza & FPP, Khurda.
2. **Estimated Cost** : **Rs. 73.38 Lakh (Apprx.)**
3. **Period of completion** : **04 (Four) calendar months.**
4. **Other details**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar-751022 | Bid ID.No.PC-EST -E-63/2018-19 | 27.09.2018 at 16.00 Hrs. | 12.10.2018 up to 17.00 Hrs |

**Further details can be seen from the e-Procurement Portal. www.tendersodisha.gov.in** . Corrigendum or addendum if any will not be published in news papers and can only be seen in the e-procurement portal **www.tenderodisha.gov.in** as well as IDCO website **www.idco.in** .

Sd/-
Chief General Manager (P&C)
IDCO, Bhubaneswar

**OFFICE OF THE NOTIFIED AREA COUNCIL, BHUBAN**
Bhuban (Odisha), Pin-759017, E-mail: bhubann.hud@nic.in
No. 1212 Date: 26.09.2018

**CORRIGENDUM**

In partial modification to this office Tender Call Notice No. 1196 dated 20.09.2018 the following changes have been made due to unavoidable circumstances.

| | | |
|---|---|---|
| Last date & Time of sale of bid document | : | Dt. 03.10.2018 upto 4.00 P.M. |
| Last date & Time of receipt of bid document | : | Dt. 05.10.2018 upto 1.00 P.M. |
| Date & Time of Opening of tenders | : | Dt. 05.10.2018 at 3.00 P.M. |

All other terms and conditions remain unchanged.

Sd./- Executive Officer,
Bhuban NAC

**OFFICE OF THE PARADEEP MUNICIPALITY, PARADEEP**
INVITATION FOR BID
**E-PROCUREMENT NOTICE**
**Bid Reference No:- PDP_MUN_4(5)_2018-19**
**Bid Identification No:- 2018_ORULB_49668**
**No: 7382** **Dated: 25.09.2018**

The Executive Officer, Paradeep Municipality on behalf of Paradeep Municipality invites bids on percentage basis on online mode from registered firms/ service Providers/ contractors of Municipality/ State Govt. / Govt Registered organization satisfying the eligibility criteria as per NIT for "Sanitation service" in Paradeep Municipality of Estimated cost from Rs. 10.46 lakh to 29.60 lakh. The Bidders shall be sincere & dedicated to Sanitation service and shall have ownership/ lease agreement of vehicle/ equipments required for the work. Bid documents consisting of work, estimated cost, Cost of tender paper, EMD, period of contract, Class of contractors and the set of terms and conditions of contract. Bids shall be received on online from Dt. 27.09.18, 17.00 hour up to Dt. 06.10.18 at 17 hour and shall be opened online on Dt. 10.10.2018 at 11.30 A.M. The date and time of dropping of original document in the tender box is 09.10.2018 upto 12.00 P.M. and will be opened on dt. 09.10.2018 at 3.30 P.M. Further details and necessary documents can be seen from the procurement Portal i.e. www.tendersorissa.gov.in.

**Sd./- Executive Officer, Paradeep Municipality**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER CENTRAL CIRCLE (R&B), NIRMAN SOUDHA PHASE-II, 2ND FLOOR, BHUBANESWAR**
**Mail i.d.: seccbbsr@gmail.com**
**E-procurement Short Tender Call Notice No. 12 of 2018-19**
**No. 4694 (Estg.) Bhubaneswar the 24th September' 2018**

**No.647-B:-** The Superintending Engineer, Central Circle (R&B) Bhubaneswar on behalf of the Governor of Odisha invites percentage rate bids for 1 No. of Composite Building work to be received in online bidding, double cover system for construction works as detailed in: https://tendersorissa.gov.in. The details of bid documents will be available in the above website from 4.00 P.M. of 29.09.2018 to 5.00 P.M. of 09.10.2018. The bidders must possess compatible Digital Sugnature Certificate of Class II or III. Bids received online shall be opened at 11.00 A.M. of 10.10.2018 in the Office of the Superintending Engineer, Central Circle (R&B), Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum/ Corrigendum, if required, will be available only in the Website.

**Sd./- Er. R.K. Sahu**
**Superintending Engineer**
**Central Circle (R&B), Bhubaneswar**
34005/11/0021/1819

# ଦୋଛକିରେ ଆରିଏନ୍

ନବାଗତ ଆରିଏନ୍ ଦୋଛକିରେ ପଡିଯାଇଛନ୍ତି। ତାଙ୍କୁ ଏକାଥରେ ଦୁଇଟି ଲକ୍ଷ୍ୟ ହାସଲ କରିବାକୁ ପଡିବ। ତେଣୁ ମାପିଚୁପି ପାଦ ପକାଉଛନ୍ତି। ଟିକେ ଯଦି ଓଲମ ବିଲମ ହୋଇଯାଏ ତା'ହେଲେ ସବୁ ପରିଶ୍ରମ ବୃଥା। ହଁ, ଏଭଳି ଘଟଣା ଘଟିଛି ତାଙ୍କର ରିଲ୍ ଲାଇଫ୍‌ରେ। ଫିଲ୍ମଟି ହେଲା 'ଯୋଉଠି ଥିଲେ ବି ତୁ ମୋର'। ଆରିଏନ୍ କହନ୍ତି, ଏଥିରେ ମୋତେ ଏକ ଗୁରୁତ୍ୱପୂର୍ଣ୍ଣ ରୋଲ୍ ମିଳିଛି। ଜଣେ ବିଜନେସମ୍ୟାନ ଭୂମିକାରେ ଅଭିନୟ କରୁଛି। ଯା ଭିତରେ ମୋ ମନକୁ ଜଣେ ସୁନ୍ଦରୀ ଚୋରି କରି ନେଇଛି। ପ୍ରେମ ସାଗରରେ ଉବୁଟୁବୁ ହେଉଛି ସିନା ହେଲେ ପ୍ରେମ ଆଉ ବିଜ୍‌ନେସ-ଏ ଦୁଇଟି ଜିନିଷକୁ ବେଶ୍ ସମାନ୍ତରାଳ ଭାବରେ ଚଲାଇବାକୁ ପଡୁଛି। ଏଥିରେ ମୁଁ କେତେ ସକ୍‌ସେସ ହେଉଛି ତାହା ଫିଲ୍ମଟି ଦେଖିଲେ ହିଁ ଜାଣିପାରିବେ।' ଏକ ତ୍ରିକୋଣୀୟ ପ୍ରେମ କାହାଣୀକୁ ଆଧାର କରି ଏହି ଫିଲ୍ମଟି ନିର୍ମିତ ହୋଇଛି। ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ଶ୍ରୀକାନ୍ତ ଗୌତମ। ଆରିଏନ୍‌ଙ୍କ ବ୍ୟତୀତ ସମ୍ପିତ, ରିୟା, ବବି ମିଶ୍ର, ପୁପିନ୍ଦର, ଐଶ୍ୱର୍ଯ୍ୟା ବେହେରା ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି। ଏହା ପୂର୍ବରୁ ଶ୍ରୀଧର ମାର୍ଥାଙ୍କ ପ୍ରଯୋଜିତ ଏବଂ ନିରଞ୍ଜନ ବେହେରାଙ୍କ ନିର୍ଦ୍ଦେଶିତ 'ଯୋଗୀ : ଦ ହାଇ ଭୋଲଟେଜ ଡ୍ରାମା'ରେ ମଡେଲ କମ୍ ଆକ୍ଟର ଆରିଏନ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ତେବେ ଆରିଏନଙ୍କ ଓଡ଼ିଆ ସିନେମା କ୍ୟାରିୟରରେ ଗୋଟିଏ ସଂଯୋଗ ପରିଲକ୍ଷିତ ହୋଇଛି। ପ୍ରଥମ ସିନେମା ଏବଂ ଦ୍ୱିତୀୟ ସିନେମାର ପ୍ରାରମ୍ଭ ଅକ୍ଷର 'ଯ' ରହିଛି, ଯାହା ତାଙ୍କ ପାଇଁ ଶୁଭପ୍ରଦ ହେବ ବୋଲି କହନ୍ତି ଏହି ଅଭିନେତା।



ରିୟା-ଆରିଏନ



ପରିଣିତି

# ସତ ହେଲା ସ୍ୱପ୍ନ



(ବାମରୁ) ରାଜେଶ, ଅତୁଲ, ମନୋଜ,ଶ୍ରୀଧର

ପ୍ରଯୋଜକ ଶ୍ରୀଧର ମାର୍ଥାଙ୍କ ସ୍ୱପ୍ନ ସତ ହୋଇଛି। ଭିନ୍ନ ଧରଣର କାହାଣୀକୁ ନେଇ ଏକ ମନଛୁଆଁ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ କରିବାକୁ ଆଶା ରଖିଥିଲେ ସେ। ଶେଷରେ ତ ଏହି ଆଶା ପୂରଣ ହୋଇଛି, ତା' ସହ ଏଭଳି ପରିଶ୍ରମର ମୂଲ୍ୟ ଦର୍ଶକ ନିଶ୍ଚୟ ବୁଝିବେ ବୋଲି ସେ ଦୃଢ଼ୋକ୍ତି ବ୍ୟକ୍ତ କରନ୍ତି। ଚଳଚ୍ଚିତ୍ରଟି ହେଲା 'ପାଟଣାଗଡ଼'। ନିଜର ଏଭଳି ଆଭିମୁଖ୍ୟ ସମ୍ପର୍କରେ ସେ କହନ୍ତି, '' ଏକ ସତ ଘଟଣାକୁ ଆଧାରକରି ଏହି ଫିଲ୍ମଟି ନିର୍ମାଣ କରିଛି। କେବଳ ଓଡ଼ିଆ ନୁହେଁ, ତେଲୁଗୁ ଏବଂ ହିନ୍ଦୀ ଭାଷାରେ ମଧ୍ୟ ଏହା ନିର୍ମିତ ହେବ। ଆମ ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ପାର୍ସଲ ବୋମା ବିସ୍ଫୋରଣ ମୋ ମନକୁ ଆନ୍ଦୋଳିତ କରିଥିଲା। କାହାଣୀ ଅନୁଯାୟୀ ହିଁ ଦୃଶ୍ୟାୟନ କରାଯାଇଛି।'' ଏହି ଫିଲ୍ମର ମୁଖ୍ୟ ଭୂମିକାରେ ମନୋଜ ମିଶ୍ର ଅଭିନୟ କରିଛନ୍ତି। ବଲିଉଡ୍ ଅଭିନେତା ଅତୁଲ କୁଲକର୍ଣ୍ଣୀଙ୍କୁ ଏଥିରେ ଏକ ପ୍ରମୁଖ ଭୂମିକାରେ ଦେଖିବାକୁ ମିଳିବ। ରେଞ୍ଜ ରୟାଲ ସିନେ ଲ୍ୟାବ୍ ବ୍ୟାନରରେ ଉକ୍ତ ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ଜାତୀୟ ଚଳଚ୍ଚିତ୍ର ପୁରସ୍କାରପ୍ରାପ୍ତ ତଥା ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ନିର୍ଦ୍ଦେଶକ ରାଜେଶ ଟଚ୍‌ରିଭର।

# ବଲିଉଡ୍ ହାଲ୍‌ଚାଲ୍

❖ଅଭିନେତା ଅରବାଜ ଖାଁ ଆସନ୍ତା ବର୍ଷ ପୁଣି ଥରେ ଘରସଂସାର କରିବେ। ମଲ୍ଲାଇକା ଆରୋରାଙ୍କୁ ଡିଭୋର୍ସ ଦେବା ପରେ ଅରବାଜ ତାଙ୍କର ପ୍ରେମିକା ଜର୍ଜିଆ ଆନ୍ଦ୍ରିୟାନୀଙ୍କୁ ବିବାହ କରିବାକୁ ଯାଉଛନ୍ତି। ଆସନ୍ତା ବର୍ଷ ପ୍ରଥମାର୍ଦ୍ଧରେ ଏହି ପ୍ରେମୀଯୁଗଳ କୋର୍ଟ ମ୍ୟାରେଜ କରିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ଶୁଣିବାକୁ ମିଳୁଛି।

❖ପୁଣି ଥରେ ଅଭିନୟ ଜଗତକୁ ଫେରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି କିମ୍ ଶର୍ମା। ଯଶ ଚୋପ୍ରାଙ୍କ ସୁପରହିଟ୍ ଫିଲ୍ମ 'ମୋହବତେଁ'ରେ ସେ ଅଭିନୟ କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଭାଗ୍ୟଦେବୀ ତାଙ୍କୁ ସାହା ହୋଇ ନ ଥିଲେ। ଅଧିକାଂଶ ଫିଲ୍ମ ଫ୍ଲପ୍ ହେବା ପରେ ସେ ଅଭିନୟକୁ ଗୁଡ୍‌ବାୟ କରି ଘରସଂସାର କରିଥିଲେ। ହେଲେ ଅଲ୍ଲୀ ପୁଞ୍ଜାନିଙ୍କ ସହ ଡିଭୋର୍ସ ପରେ କିମ୍ ଏବେ କେନିଆରୁ ଭାରତ ଫେରି ଆସିଛନ୍ତି।

❖ଏଣିକି କୁଆଡ଼େ ବୋଲ୍ଡ ଶଟ୍ ଦେବାକୁ ରାଜି ହେବେ ନାହିଁ କାଇରା ଆଡଓ୍ୱାନୀ। ନଗ୍ନତାର ଆଶ୍ରୟ ନେଇ ଶସ୍ତା ଲୋକପ୍ରିୟତା ପାଇବାକୁ ସେ ବଲିଉଡ୍‌କୁ ଆସିନାହାନ୍ତି ବୋଲି କହି ବୁଲୁଛନ୍ତି। ତେଲୁଗୁ ଫିଲ୍ମ 'ଅର୍ଜୁନ ରେଡ୍ଡୀ'ର ହିନ୍ଦୀ ରିମେକ୍‌ରେ ଶାହୀଦ କପୁରଙ୍କ ଅପୋଜିଟ୍‌ରେ ଅଛନ୍ତି କାଇରା।

❖ପ୍ରିୟଙ୍କା ଚୋପ୍ରା ଏବେ ଇଟାଲୀରେ ଡେରା ପକାଇଛନ୍ତି। ତାଙ୍କର ଜଣେ ସାଙ୍ଗଙ୍କର ଏନ୍‌ଗେଜମେଣ୍ଟରେ ଯୋଗଦେବାକୁ ସେ ସେଠାକୁ ଯାଇଛନ୍ତି। ତା' ସହ ସେଠାରେ କିଛି ଦର୍ଶନୀୟ ସ୍ଥାନ ବୁଲି ଦେଖିବେ ଏବଂ ଶପିଂ କରିବାର ଯୋଜନା ମଧ୍ୟ ରହିଛି।



ପ୍ରିୟଙ୍କା

ଅପେରା ହାଲ୍‌ଚାଲ୍

# ଚ୍ୟାଲେଞ୍ଜକୁ ପସନ୍ଦ କରନ୍ତି କିଶୋର

ଓଡ଼ିଆ ଯାତ୍ରା ଜଗତରେ ସେ କେତେ ଲୋକପ୍ରିୟ ତାହା କହିବା ବାହୁଲ୍ୟ। ତାଙ୍କ ନିର୍ଦ୍ଦେଶିତ ପ୍ରତିଟି ନାଟକରେ ଦର୍ଶକ ଭରପୂର ଏଣ୍ଟରଟେନମେଣ୍ଟ ପାଇଥାଆନ୍ତି। ନାଟକଟିକୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଏଭଳି ସଜାଇ ଦିଅନ୍ତି ଯାହା ତାଙ୍କ ନିର୍ଦ୍ଦେଶନା ଦକ୍ଷତାକୁ ସ୍ୱତଃ ପ୍ରମାଣିତ କରିଥାଏ। ଓଡ଼ିଆ ଯାତ୍ରାଜଗତରେ ସେ ଜଣେ ଆଗଧାଡିର ତଥା ଲୋକପ୍ରିୟ ନିର୍ଦ୍ଦେଶକ। ସେ ହେଲେ କିଶୋର ଖଣ୍ଡୁଆଳ। ଚଳିତ ଯାତ୍ରା ସିଜନରେ କିଶୋର ନିଜର ଆଧିପତ୍ୟକୁ ପୂର୍ବବର୍ଷ ଭଳି ବଜାୟ ରଖିବାରେ ସକ୍ଷମ ହୋଇଛନ୍ତି। ଏବର୍ଷ ତାଙ୍କ ନିର୍ଦ୍ଦେଶିତ ନାଟକଗୁଡ଼ିକ ଆରମ୍ଭରୁ ହିଁ ଦର୍ଶକଙ୍କୁ ପ୍ରଭାବିତ କରିଛି। ବିଶେଷଭାବରେ ସେ ନବାଗତ ନାଟ୍ୟକାରଙ୍କୁ ସୁଯୋଗ ଦେବା ସହ ରିସ୍କ ଉଠାଇବାକୁ ପସନ୍ଦ କରିଥାଆନ୍ତି। ଚଳିତବର୍ଷ ତାଙ୍କ ନିର୍ଦ୍ଦେଶିତ ନାଟକଗୁଡିକ ମଧ୍ୟରେ ରହିଛି ବାଘାଯତୀନ ଲୋକନାଟ୍ୟର 'ରାତି ସପନକୁ କରିଛି ସାଥୀ' (ରଚନା-ଅନୁରାଗ), ସ୍ୱର୍ଣ୍ଣମହଲରରେ ଅଧ୍ୟାପକ ଚିନ୍ମୟ ଦାସଙ୍କ ରଚିତ ନାଟକ 'ପ୍ରେମ ସବାରିରେ ପ୍ରୀତି ନାୟିକା', ଶତରୂପା ମିଶ୍ରଙ୍କ ରଚିତ ନାଟକ 'କେମିତି ରାତି ସେ କେମିତି ସାଥୀ' (ରଙ୍ଗମହଲ), 'ରଜନୀ ସଜନୀ ରାତି ପାହିଲା', 'ବରଣୀ କନିଆ ବରଷା ରାଣୀ' (ଶିବାନୀ ଗଣନାଟ୍ୟ) ଏବଂ ଅପେରା ଦାରୁବ୍ରହ୍ମର 'ସଜନୀ ନୁହେଁ ସେ କନିଆ ରାଣୀ'। ତେବେ ଆଗାମୀ ଦିନରେ ଭିନ୍ନ ଭିନ୍ନ ସ୍ୱାଦର ନାଟକ ନିର୍ଦ୍ଦେଶନା ଦେଇ ଯାତ୍ରାପ୍ରେମୀଙ୍କୁ ଭରପୂର ମନୋରଞ୍ଜନ ରଖିବାକୁ ଆଶା ରଖିଛନ୍ତି କିଶୋର।



କିଶୋର ଖଣ୍ଡୁଆଳ

# ଫିଟ୍‌ନେସ ମନ୍ତ୍ର

ପରିଣିତି ଚୋପ୍ରା ଏବେ ଗୋଟିଏ କାମରେ ବ୍ୟସ୍ତ। ଯୁଆଡ଼େ ଗଲେ ଏହାକୁ ସେ ପ୍ରାଥମିକତା ଦେଉଛନ୍ତି। ତାହା କ'ଣ ଜାଣନ୍ତି ? ଫିଟ୍‌ନେସ। ଯାହା ତ ନିଜେ ଶିଖିଛନ୍ତି, ସେହି ଫର୍ମୁଲାଗୁଡ଼ିକୁ ଅନ୍ୟମାନଙ୍କୁ ଶିଖେଇବାକୁ ପଛାଉ ନାହାନ୍ତି ପରିଣିତି। 'ଆଜିକାଲି ଜଣେ ନିଜର ଫିଟ୍‌ନେସକୁ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ। କାରଣ ଆମେ ଫିଟ୍ ରହିଲେ ହିଁ କିଛି କାମ କରିପାରିବା। ମୁଁ ଏବେ ଯେଉଁ ଫିଟ୍ ଆଣ୍ଡ ଫାଇନ ଅଛି ତାହା ଭିତିରି କଥା ମୋ ସାଙ୍ଗମାନଙ୍କୁ କହୁଛି ବୋଲି କହିଛନ୍ତି ସେ।

# ଅପେକ୍ଷାରେ ତନୁଶ୍ରୀ

'ଆଶିକ୍ ବନାୟା ଆପ୍‌ନେ'ର ଅଭିନେତ୍ରୀ 'ତନୁଶ୍ରୀ ଦତ୍ତା ପୁଣି ଥରେ ବଲିଉଡ୍‌କୁ କମ୍‌ବ୍ୟାକ୍ କରୁଛନ୍ତି। ଯେତେବେଳେ ସେ ବଲିଉଡ୍‌ରେ ପାଦ ଦେଲେ ସେତେବେଳେ ନାୟିକା ଦୌଡ଼ରେ ନିଜକୁ ସାମିଲ କରିବାକୁ ଆଶା ରଖିଥିଲେ। ହେଲେ ବାସ୍ତବରେ ସେମିତି କିଛି ହେଲା ନାହିଁ। ବଲିଉଡ୍‌ରେ ନିଜର ସ୍ୱପ୍ନ ମାଟିରେ ମିଶିଯିବା ପରେ ଅଭିନୟଠାରୁ ଦୂରେଇ ଯାଇଥିଲେ ସେ। ଆଉ ତା'ପରେ ଘରସଂସାର କରି ଆମେରିକାରେ ରହୁଥିଲେ। ନିକଟରେ ମୁମ୍ବାଇରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ସେ ପୁଣି ଆକ୍ଟିଂକୁ ଫେରିବାକୁ ଆଗ୍ରହୀ ବୋଲି ପ୍ରକାଶ କରିଥିଲେ। 'ଏବେ ଯଦି ମୋତେ ଆକ୍ଟିଂ କରିବାକୁ ସୁଯୋଗ ମିଳେ ତେବେ ତାହାକୁ ହାତଛଡ଼ା କରିବି ନାହିଁ। ମୋର ବଲିଉଡ୍‌କୁ ପୁଣି ଫେରିବାକୁ ଇଚ୍ଛା ଅଛି ହେଲେ ଏ ନେଇ ମୋତେ କେବେ ସୁଯୋଗ ମିଳିବ ତାହା ମୁଁ କହିପାରିବି ନାହିଁ। ମୋତେ ଅଫର ମିଳିଲେ ନିଶ୍ଚୟ ଗ୍ରହଣ କରିବି ବୋଲି କହିଛନ୍ତି ତନୁଶ୍ରୀ। ୨୦୦୫ରେ ତନୁଶ୍ରୀଙ୍କର ହିନ୍ଦୀ ସିନେମା କ୍ୟାରିୟର ଆରମ୍ଭ ହୋଇଥିଲା। ମାତ୍ର ୫ବର୍ଷର ଅଭିନୟ ଯାତ୍ରା ମଧ୍ୟରେ ସେ 'ଚକୋଲେଟ୍ : ଡିପ୍ ଡାର୍କ ସିକ୍ରେଟ', 'ଢୋଲ୍', 'ରିସ୍କ, 'ଗୁଡ୍‌ବୟ ବ୍ୟାଡ୍ ବୟ'ରେ ଅଭିନୟ କରିଥିଲେ। ତାଙ୍କ ଅଭିନୀତ ଶେଷ ଚଳଚ୍ଚିତ୍ର ଥିଲା 'ଆପାର୍ଟମେଣ୍ଟ' (୨୦୧୦)।

ଏମିତି ବି ହୋଇଥିଲା

# କୁକୁର କଥା ଏବେ ବି ମନେପଡୁଛି

ହଁ, କୁକୁର କଥା ମନେପଡ଼ିଲାବେଳକୁ ଯେତିକି ଡର ଲାଗୁଛି ସେତିକି ହସ ମାଡୁଛି। ମୋର ପ୍ରଥମ ଓଡ଼ିଆ ସିନେମା ଥିଲା 'ମନ ମୋର ପ୍ରଜାପତି'। ଏଥିରେ ମୋତେ ଏକ କୁକୁର ଗୋଡ଼ାଇବା ସିନ୍ ରହିଛି। କଥା କ'ଣ କି ଚଳଚ୍ଚିତ୍ରର କାହାଣୀ ଅନୁସାରେ ମୋ ପ୍ରେମିକାଙ୍କ ଘରେ ଏକ ପୋଷା କୁକୁର ଥାଏ। ଥରେ ତା' ଘରକୁ ଗଲାବେଳେ କୁକୁରଟି ମୋତେ ଗୋଡ଼ାଇଲା। ମୁଁ ଜାଣୁଛି ଯେ ଏହା ଫିଲ୍ମ ଶୁଟିଂ ହେଉଛି, ତଥାପି ମନରେ ଭୟ ଆସୁଥିଲା-କାଳେ କୁକୁର ମୋତେ କାମୁଡ଼ିଦେବ? ସାହସର ସହ ଶଟ୍ ଦେଇଥିଲି । ଠାକୁରଙ୍କ ଆଶୀର୍ବାଦକୁ ଶଟ୍‌ଟି ଏକାଥରେ ଓକେ ହୋଇଥିଲା। ଲକ୍ଷ୍ମୀପୂଜା ପ୍ରଡକ୍ସନ ବ୍ୟାନରରେ ଏହି ଫିଲ୍ମର ପ୍ରଯୋଜନା କରିଥିଲେ ଅନାମ ଚରଣ ସାହୁ। ଏଥିରେ ଦୀପକଙ୍କ ସହ ସ୍କ୍ରିନ ଶେୟାର କରିଥିଲେ ବଙ୍ଗୀୟ ଅଭିନେତ୍ରୀ କୋଏଲ ବାନାର୍ଜୀ।



ଦୀପକ



"ବ୍ୟାଙ୍କ ଆକାଉଣ୍ଟ ଖୋଲିବା ପ୍ରକ୍ରିୟା ସହଜ କରିବାରେ ସରକାରଙ୍କ ଆଧାର ଯୋଜନା ବିଶେଷ ଭାବେ ସହାୟକ ହୋଇଛି ।
– ରଜନୀଶ କୁମାର, ଏସ୍‌ବିଆଇ ଅଧ୍ୟକ୍ଷ



"ଏୟାର ଇଣ୍ଡିଆର ଫାଇନାନ୍ସକୁ ରିଷ୍ଟ୍ରକଚର କରିବାକୁ ସରକାର କାର୍ଯ୍ୟ କରୁଛନ୍ତି ।
– ସୁଭାଷ ଚନ୍ଦ୍ର ଗର୍ଗ, ଅର୍ଥନୈତିକ ବ୍ୟାପାର ସଚିବ

## ସଂକ୍ଷେପରେ

### କ୍ୟାବିନେଟ୍ ମଞ୍ଜୁରୀ ନୂଆ ଟେଲିକମ୍ ନୀତିକୁ ସବୁଜ ସଙ୍କେତ

**ନୂଆଦିଲ୍ଲୀ,୨୬-୯:** କେନ୍ଦ୍ର କ୍ୟାବିନେଟ୍ ବୁଧବାର ନୂଆ ଟେଲିକମ ନୀତିକୁ ଅନୁମୋଦନ କରିଛନ୍ତି। ଏହି ନୂଆ ନୀତିକୁ ରାଷ୍ଟ୍ରୀୟ ଡିଜିଟାଲ ଯୋଗାଯୋଗ ନୀତି (ନ୍ୟାଶନାଲ ଡିଜିଟାଲ କମ୍ୟୁନିକେଶନ ପଲିସି) ୨୦୧୮ ନାମ ଦିଆଯାଇଛି। ନୂଆ ନୀତି ଅନୁଯାୟୀ ୨୦୨୨ ସୁଦ୍ଧା ଦେଶରେ ଟେଲିକମ କ୍ଷେତ୍ରରେ ୧୦,୦୦୦ କୋଟି ଡଲାର ନିବେଶ କରାଯିବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ସେହିପରି ଏହି ନୀତି ଯୋଗୁ ଦେଶରେ ୪୦ ଲକ୍ଷ ରୋଜଗାର ସୁଯୋଗ ସୃଷ୍ଟି ହେବ। ନୂଆ ନୀତି ଅନୁଯାୟୀ ଦ୍ରୁତଗତିରେ ବ୍ରଡବ୍ୟାଣ୍ଡ ପହଞ୍ଚାଇବା, ୫ଜି ଏବଂ ଅପ୍ଟିକାଲ ଫାଇବର ଭଳି ଅତ୍ୟାଧୁନିକ ପ୍ରଯୁକ୍ତି ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଇଛି। ଋଣରେ ବୁଡ଼ିଯାଇଥିବା ଟେଲିକମ କମ୍ପାନୀଙ୍କୁ ଉଦ୍ଧାର କରିବା ପାଇଁ ସ୍ପେକ୍ଟ୍ରମ ଶୁଳ୍କକୁ ତର୍କସଙ୍ଗତ କରିବା ଉପରେ ନୂଆ ନୀତିରେ ଜୋର୍ ଦିଆଯାଇଛି ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ସମସ୍ତଙ୍କୁ ୫୦ମେଗାବିଟ୍ ପ୍ରତି ସେକେଣ୍ଡ ଗତିରେ ବ୍ରଡ଼ବ୍ୟାଣ୍ଡ ସେବା ଯୋଗାଇବା, ୫ଜି ସେବା ଓ ୨୦୨୨ ସୁଦ୍ଧା ୪୦ ଲକ୍ଷ ନୂଆ ରୋଜଗାର ସୃଷ୍ଟି ଲାଗି ବ୍ୟବସ୍ଥା କରାଯାଇଛି।

### ସରକାରୀ କମ୍ପାନୀ ହେବ ଜିଏସ୍‌ଟିଏନ

**ନୂଆଦିଲ୍ଲୀ,୨୬-୯(ପି.ଟି.):** ସାମଗ୍ରୀ ଓ ସେବା ଟିକସ ନେଟ୍‌ୱର୍କ(ଜିଏସ୍‌ଟିଏନ୍) ଏକ ସରକାରୀ କମ୍ପାନୀରେ ପରିଣତ ହେବ। ବୁଧବାର କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଏହାକୁ ମଞ୍ଜୁରୀ ମିଳିଛି। ବୈଠକ ପରେ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ସୂଚନା ଦେଇ କହିଛନ୍ତି, ଜିଏସ୍‌ଟିଏନ୍‌ର ମୋଟ ୧୦୦ ଅଂଶ ମଧ୍ୟରୁ କେନ୍ଦ୍ର ସରକାରଙ୍କ ଅଧୀନରେ ୫୦% ଏବଂ ବାକି ୫୦% ରାଜ୍ୟ ସରକାରଙ୍କ ଅଧୀନରେ ରହିବ। ବର୍ତ୍ତମାନ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏଥିରେ ମୋଟ ୪୯% ଅଂଶ ରହିଛି। ବାକି ୫୧% ଅଂଶ ଏଚ୍‌ଡିଏଫ୍‌ସି ଲିମିଟେଡ୍, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍, ଆଇସିଆଇସିଆଇ ବ୍ୟାଙ୍କ, ଏନ୍ଏସ୍‌ଇ ଷ୍ଟ୍ରାଟେଜିକ୍ ଇନ୍‌ଭେଷ୍ଟମେଣ୍ଟ ଏବଂ ଏଲ୍‌ଆଇସି ହାଉସିଂ ଫାଇନାନ୍ସ ଲିମିଟେଡ୍ ଭଳି ୫ଟି ଅଣସରକାରୀ ଆର୍ଥିକ ପ୍ରତିଷ୍ଠାନ ଅଧୀନରେ ଅଛି। ପୂର୍ବରୁ ଏହାକୁ ଜିଏସ୍‌ଟି ପରିଷଦର ମଞ୍ଜୁରୀ ମିଳିସାରିଛି।

### ଚିନି ଶିଳ୍ପକୁ ୫,୫୩୮ କୋଟିର ପ୍ୟାକେଜ୍

**ନୂଆଦିଲ୍ଲୀ,୨୬-୯(ପି.ଟି.):** ଉଭୟ ଚିନି କଳ ଏବଂ ଆଖୁ ଚାଷୀଙ୍କ ପାଇଁ ସରକାର ୫,୫୩୮ କୋଟି ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ଉତ୍ପାଦନ ଏବଂ ରପ୍ତାନି ଆଦିକୁ ଦୃଷ୍ଟିରେ ରଖି ୨୦୧୮-୧୯ ବିପଣନ ବର୍ଷ ପାଇଁ ଏହି ସହାୟତା ପ୍ରଦାନ କରାଯିବ। ବୁଧବାର କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଏହାକୁ ମଞ୍ଜୁରୀ ମିଳିଛି। ବର୍ତ୍ତମାନ ଚିନି କଳଗୁଡିକ ଉପରେ ପ୍ରାୟ ୧୩ ହଜାର କୋଟି ଟଙ୍କା ବାକି ପଡ଼ିଛି। ଏ କ୍ଷେତ୍ରରେ ମିଲ୍ ମାଲିକମାନଙ୍କୁ ସାହାଯ୍ୟ କରିବା ପାଇଁ ଖାଦ୍ୟ ମନ୍ତ୍ରଣାଳୟ ପୂର୍ବରୁ ପ୍ରସ୍ତାବ ଦେଇଥିଲା। ଏହାକୁ ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ମଞ୍ଜୁରୀ ପ୍ରଦାନ କରିଛି। ମୋଟ ୫୫୩୮ କୋଟି ମଧ୍ୟରୁ ୧,୩୭୫ କୋଟି ଟଙ୍କା ମିଲରମାନଙ୍କୁ ପରିବହନ ସବ୍‌ସିଡି ଏବଂ ବାକି ୪୧୬୩ କୋଟି ଟଙ୍କା ଆଖୁଚାଷୀଙ୍କୁ ପ୍ରଦାନ କରାଯିବ।

### ୫୯ ମିନିଟ୍‌ରେ ମିଳିବ କୋଟିଏ ଟଙ୍କାର ଋଣ

**ନୂଆଦିଲ୍ଲୀ,୨୬-୯:** ଅଣୁ,କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ (ଏମ୍‌ଏସ୍‌ଏମ୍‌ଇ)କୁ ଋଣ ପ୍ରବାହ ବଢ଼ାଇବା ଉଦ୍ଦେଶ୍ୟରେ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଏକ ୱେବ୍ ପୋର୍ଟାଲର ଶୁଭାରମ୍ଭ କରିଛନ୍ତି। ଏହି ପୋର୍ଟାଲ ଜରିଆରେ ଜଣେ ଉଦ୍ୟୋଗୀ ମାତ୍ର ୫୯ ମିନିଟରେ ୧ କୋଟି ଟଙ୍କାର ଋଣ ପାଇପାରିବେ। ଏହି ପୋର୍ଟାଲ ଜରିଆରେ ଜଣେ ଉଦ୍ୟୋଗୀ ସ୍ମଲ ଇଣ୍ଡଷ୍ଟ୍ରିଜ ଡେଭଲପମେଣ୍ଟ ବ୍ୟାଙ୍କ ଅଫ ଇଣ୍ଡିଆ(ସିଡ୍‌ବୀ) ଏବଂ ୫ ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କରୁ କୋଟିଏ ଟଙ୍କାର ଋଣ ହାସଲ କରିପାରିବେ। ପୂର୍ବେ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗକୁ ଋଣ ପ୍ରଦାନ ପାଇଁ ଅନ୍ୟୁନ ୨୦ରୁ ୨୫ ଦିନ ସମୟ ଲାଗୁଥିଲା। ତେବେ ଏହି ପୋର୍ଟାଲ ଜରିଆରେ ମାତ୍ର ୫୯ ମିନିଟ୍‌ରେ ତାଙ୍କୁ ଋଣ ମିଳିଯିବ। ତେବେ ଋଣ ଅନୁମୋଦନର ୭ରୁ ୮ ଦିନ ଭିତରେ ସେ ଋଣ ଅର୍ଥ ପାଇଯିବେ।

# ଜାରି ରହିବ ଭାରତର ଅଭିବୃଦ୍ଧି ଧାରା

**ନୂଆଦିଲ୍ଲୀ,୨୬-୯(ପି.ଟି)**

ଭାରତୀୟ ଅର୍ଥନୀତି ଅଭିବୃଦ୍ଧିଧାରା ଜାରି ରଖିବାକୁ ସକ୍ଷମ ହେବ। ଚଳିତ ଆର୍ଥିକ ବର୍ଷରେ ଅର୍ଥନୀତି ୭.୩% ହାରରେ ଅଭିବୃଦ୍ଧି ହାସଲ କରିବା ନେଇ ଆକଳନ କରାଯାଇଛି। ଏସିଆନ୍ ଡେଭ୍‌ଲପମେଣ୍ଟ ବ୍ୟାଙ୍କ (ଏଡିବି) ବୁଧବାର ଏହା କହିଛି। ମାତ୍ର ଡଲାର ତୁଳନାରେ ଟଙ୍କା ମୂଲ୍ୟ ହ୍ରାସ, ବିତ୍ତ ବଜାରର ଅସ୍ଥିରତା ଘରୋଇ ବଜାର ଲାଗି ଏକ ଚ୍ୟାଲେଞ୍ଜ ବୋଲି ଏହି ମଲ୍ଟି ଲାଟେରାଲ ଲେଣ୍ଡିଂ ଏଜେନ୍ସି ପ୍ରକାଶ କରିଛି। ଏଡିବି ଏହାର ବାର୍ଷିକ ଇକୋନୋମିକ ପବ୍ଲିକେଶନ 'ଦି ଏସିଆନ ଡେଭଲପମେଣ୍ଟ ଆଉଟଲୁକ୍ ୨୦୧୮'ରେ ଏହି ବିଷୟକୁ ଉଲ୍ଲେଖ କରିଛି। ଆଭ୍ୟନ୍ତରୀଣ ଚାହିଦା ବୃଦ୍ଧି ଯୋଗୁ ଏସିଆର ବିଭିନ୍ନ ଅଭିବୃଦ୍ଧିଶୀଳ ରାଷ୍ଟ୍ରଗୁଡିକର ଅଭିବୃଦ୍ଧିଧାରା ସ୍ଥିତାବସ୍ଥାରେ ରହିଛି। ତୈଳ ତଥା ଗ୍ୟାସ ଦର ଭାରତର ଅଭିବୃଦ୍ଧି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଏଡିବି କହିଛି।

ଅପରପକ୍ଷରେ ବାଣିଜ୍ୟକୁ ନେଇ ବିଭିନ୍ନ ଦେଶ ସହ ରହିଥିବା ବିଭିନ୍ନ ଅସୁବିଧା ଯୋଗୁ ଘରୋଇ ବଜାରର ବୃଦ୍ଧି କ୍ଷେତ୍ରରେ ବାଧକ ହେଉଛି। ମାତ୍ର ମୋଟା ମୋଟି ଭାବେ କହିବାକୁ ଗଲେ ଏଭଳି ବିଭିନ୍ନ ବାଧକ ସତ୍ତ୍ୱେ ଭାରତ ଅଭିବୃଦ୍ଧି ପଥରେ ଅଗ୍ରସର ହେବ ବୋଲି ଏହା କହିଛି। ୨୦୧୮ ବର୍ଷ ଲାଗି ଅଭିବୃଦ୍ଧି ଆକଳନକୁ ଏହା ଅପରିବର୍ତ୍ତିତ ରଖିଛି। ଏହି ସମୟରେ ଅଭିବୃଦ୍ଧି ୭.୩%ରେ ରହିବ। ଅପରପକ୍ଷରେ ୨୦୧୯ରେ ଅଭିବୃଦ୍ଧି ୭.୬% ରହିବ ବୋଲି ଏହା ପୂର୍ବାନୁମାନ କରିଛି। ବିମୁଦ୍ରୀକରଣ ଏବଂ ନୂଆ ପରୋକ୍ଷ ଟିକସ ବ୍ୟବସ୍ଥା ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି)ର ପ୍ରଭାବ କ୍ଷୀଣସ୍ଥାୟୀ । ଟଙ୍କାର ମୂଲ୍ୟ ହ୍ରାସ, ଅସ୍ଥିର ବାହ୍ୟ ବିତ୍ତ ବଜାର ଏକ ଚ୍ୟାଲେଞ୍ଜ ହୋଇଥିବା ବେଳେ ଏହା ମୁଦ୍ରାସ୍ଫୀତିକୁ ବଢାଇବ। ବିତ୍ତୀୟ ଧାରା ଉପରେ ଏହାର ପ୍ରଭାବ ମଧ୍ୟ ପରିଲକ୍ଷିତ ହେବ ବୋଲି ବ୍ୟାଙ୍କ ପ୍ରକାଶ କରିଛି।




- ଏଡିବିର ଆକଳନ
- ୨୦୧୮ରେ ଅଭିବୃଦ୍ଧି ୭.୩% ରହିବ
- ଟଙ୍କା ମୂଲ୍ୟ ହ୍ରାସ, ବିତ୍ତ ବଜାର ଅସ୍ଥିରତା ଚ୍ୟାଲେଞ୍ଜ
- ମୁଦ୍ରା ସ୍ଫୀତି ପ୍ରଭାବିତ ହେବ

# ହୋଣ୍ଡା ଟୁହ୍ୱିଲର୍ସ ଇଣ୍ଡିଆର ରପ୍ତାନି ୨ ନିୟୁତ ଟପିଲା

**ନୂଆଦିଲ୍ଲୀ,୨୬-୯**

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡର ରପ୍ତାନି ୨ ନିୟୁତ ମାଇଲଖୁଣ୍ଟ ଅତିକ୍ରମ କରିଛି। ପ୍ରଥମ ୧ ନିୟୁତ ଗାଡି ରପ୍ତାନି ଲାଗି କମ୍ପାନୀକୁ ୧୪ ବର୍ଷ ସମୟ ଲାଗିଥିବା ବେଳେ ପରବର୍ତ୍ତୀ ୧ ନିୟୁତ ୟୁନିଟ ଯାନ ରପ୍ତାନି ମାତ୍ର ୩ ବର୍ଷ ମଧ୍ୟରେ ହୋଇଥିବା କମ୍ପାନୀ ପ୍ରକାଶ କରିଛି। ଏହି ୩ ବର୍ଷରେ କମ୍ପାନୀର ରପ୍ତାନି ୩ ଗୁଣ ବୃଦ୍ଧି ହୋଇଛି। ବିଦେଶରେ କମ୍ପାନୀର ବିଭିନ୍ନ ମଡେଲ ଯାନଗୁଡିକର ଚାହିଦା ବୃଦ୍ଧି ହେବାରୁ ରପ୍ତାନି ବଢିଛି। ୨୦୦୧ରେ କମ୍ପାନୀ କେବଳ ଆକ୍ଟିଭା ରପ୍ତାନି କରୁଥିଲା। ବର୍ତ୍ତମାନ ଏହା ୧୬ଟି ମଡେଲ ରପ୍ତାନି କରୁଛି। ସ୍କୁଟର ରପ୍ତାନିରେ କମ୍ପାନୀ ୬୩% ବଜାର ଅଂଶ ସହ ପ୍ରଥମ ସ୍ଥାନରେ ରହିଛି। ବର୍ତ୍ତମାନ ଡିଓ ମଡେଲର ରପ୍ତାନି ସର୍ବାଧିକ ରହିଛି। ସାର୍କ ରାଷ୍ଟ୍ର ଏବଂ ଲାଟିନ ଆମେରିକାର ଦେଶଗୁଡିକୁ କମ୍ପାନୀ ରପ୍ତାନି କରୁଥିବା ଜଣାଯାଇଛି। ଗୁଣାତ୍ମକ ମାନ ଏବଂ ପରିମାଣ ଜରିଆରେ ଭାରତ ଏବଂ ବିଶ୍ୱରେ ଅଗ୍ରଣୀ ଭୂମିକା ନେବାକୁ ଚାହୁଁଥିବା କମ୍ପାନୀର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ଯଦବିନ୍ଦର ସିଂ ଗୁଲେରିଆ ସୂଚନା ଦେଇଛନ୍ତି।

# ପୁଣେରେ ଆରଡିସି ସ୍ଥାପନ କଲା ଫକ୍ସୱାଗନ୍




**ପୁଣେ,୨୬-୯**

ଫକ୍ସୱାଗନ ଗ୍ରୁପ ସେଲସ୍ ଇଣ୍ଡିଆ ପକ୍ଷରୁ ପୁଣେର ଚକାନଠାରେ ଆଞ୍ଚଳିକ ବିତରଣ କେନ୍ଦ୍ର (ଆରଡିସି) ସ୍ଥାପନା ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀର ପୁଣେସ୍ଥିତ ପ୍ଲାଣ୍ଟ ପରିସରରେ ୨୫,୦୦୦ ବର୍ଗ ମିଟର ସ୍ଥାନରେ ଏହା ସ୍ଥାପନ ହୋଇଛି। ଏହି ପଦକ୍ଷେପ ଦ୍ୱାରା ଘରୋଇ ବଜାରରେ କମ୍ପାନୀ ନିଜ ସ୍ଥିତିକୁ ଦୃଢୀକରଣ କରିବାରେ ବିଶେଷ ଭାବେ ସହାୟକ ହେବ ବୋଲି ପ୍ରକାଶ କରିଛି। ନୂଆ ଆରଡିସିରେ ଷ୍ଟେଟ ଅଫ୍ ଆର୍ଟ ସୁବିଧା ସହ କମ୍ପାନୀର ସଦ୍ୟତମ ଅନୁପାଳନ ତଥା ବିଶ୍ୱ ସ୍ତରୀୟ ମାନକ ବ୍ୟବସ୍ଥା ରହିଛି। ନୂଆ ଆରଡିସିକୁ ଆଫ୍‌ଟର ସେଲସ ଆଣ୍ଡ ଭେଇକିଲ ଲଜିଷ୍ଟିକ୍ସ ଡାଇରେକ୍ଟର ଗ୍ରୁପ ଜଷ୍ଟି ନୋଲଟେ ଉଦ୍‌ଘାଟନ କରିଛନ୍ତି। ଏଥିରେ କମ୍ପାନୀର ବରିଷ୍ଠ ଅଧିକାରୀ ପି. ରବିଚନ୍ଦ୍ରନ, ପ୍ରଭିନ ସେଟ୍ଟୀ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ରପ୍ତାନି ବାଣିଜ୍ୟକୁ ଏହା ପରିଚାଳନା କରିବ। ଆସନ୍ତା ବର୍ଷ ପ୍ରଥମାର୍ଦ୍ଧରେ ଏହାର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ଷମ ହେବ ବୋଲି କମ୍ପାନୀ କହିଛି।

## ସମାନ ତେଲ ଟିକସ

# ରାଜି ହେଲେ ୪ ରାଜ୍ୟ, ୨ କେନ୍ଦ୍ରଶାସିତ ଅଞ୍ଚଳ

**ଚଣ୍ଡିଗଡ଼,୨୬-୯**

ଦେଶରେ ତେଲ ଦର ବୃଦ୍ଧି ସମସ୍ତଙ୍କ ପାଇଁ ମୁଣ୍ଡବ୍ୟଥା ହୋଇଥିବା ବେଳେ ୪ ରାଜ୍ୟ ଓ ୨ କେନ୍ଦ୍ର ଶାସିତ ଅଞ୍ଚଳ ଗୋଟିଏ ପ୍ରକାର ଟିକସ ଆଦାୟ ଲାଗି ରାଜି ହୋଇଛନ୍ତି। ହରିୟାଣା ଅର୍ଥମନ୍ତ୍ରୀ କ୍ୟାପ୍ଟେନ ଅଭିମନ୍ୟୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।




ଏଥିରେ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମନୀଷ ସିସୋଡିଆ, ପଞ୍ଜାବ ଅର୍ଥ ମନ୍ତ୍ରୀ ମନପ୍ରିତ ବାଦଲଙ୍କ ସମେତ ଚଣ୍ଡିଗଡ଼, ଉତ୍ତର ପ୍ରଦେଶ, ହରିୟାଣା, ହିମାଚଳ ପ୍ରଦେଶର ଅଧିକାରୀମାନେ ଉପସ୍ଥିତ ରହି ପେଟ୍ରୋଲ ଓ ଡିଜେଲର ଗୋଟିଏ ପ୍ରକାର ଟିକସ ଆଦାୟ ଲାଗି ରାଜି ହୋଇଛନ୍ତି। ତୈଳ ଦରକୁ କିଭଳି ଏକ ସମାନ ରଖାଯିବ ସେ ନେଇ ଏକ ଉପକମିଟି ଗଠନ କରାଯାଇଛି। ଏହି ଉପକମିଟିର ସୁପାରିସ କ୍ରମେ ଦର ଧାର୍ଯ୍ୟ କରାଯିବ। କେନ୍ଦ୍ର ସରକାରଙ୍କ ଗୋଟିଏ ଦେଶ ଗୋଟିଏ ଟିକସ ବ୍ୟବସ୍ଥା ଅନ୍ତର୍ଗତରେ ଏଭଳି ବ୍ୟବସ୍ଥା ଆପଣାଯାଉଛି। ଏଥିସହ ମଦ, ଗାଡ଼ିର ପଞ୍ଜୀକରଣ, ପରିବହନ ପରମିଟ୍‌କୁ ମଧ୍ୟ ସମାନ କରିବା ପାଇଁ ସେମାନେ ସହମତ ହୋଇଛନ୍ତି।

# ହିରୋ ଚ୍ୟାଲେଞ୍ଜ ଟାଇଟଲ ସ୍ପନସରଶିପର ସମ୍ପ୍ରସାରଣ

**ନୂଆଦିଲ୍ଲୀ,୨୬-୯**

ହିରୋ ମୋଟୋକର୍ପ ଲିମିଟେଡ ପକ୍ଷରୁ ହିରୋ ଚ୍ୟାଲେଞ୍ଜ ଟାଇଟଲ ସ୍ପନସରଶିପକୁ ସମ୍ପ୍ରସାରଣ କରାଯାଇଛି। ୨୦୧୮ ହିରୋ ୱାର୍ଲଡ ଚ୍ୟାଲେଞ୍ଜ ଆଲବାନୀର ବାମସରେ ନଭେମ୍ବର ୨୯ରୁ ଡିସେମ୍ବର ୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ହିରୋୱାର୍ଲଡ ଚ୍ୟାଲେଞ୍ଜ ଏକ ନୂତନ ଅନୁଭୂତି ପ୍ରଦାନ ଦିଗରେ ବିଶେଷ ଭାବେ ସହାୟକ ହେବ ବୋଲି ବିଶ୍ୱର ଶ୍ରେଷ୍ଠ ଗଲଫର ଟାଇଗର ଉଡସ୍ କହିଛନ୍ତି। ଏକ ପ୍ରମୁଖ ବ୍ରାଣ୍ଡ ଭାବେ ଯୁବ ଗଲଫରଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା ହିରୋ ମୋଟୋକର୍ପର ଅଧ୍ୟକ୍ଷ, ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ପୱନ ମୁଞ୍ଜାଲ କହିଛନ୍ତି। ହିରୋ ୱାର୍ଲଡ ଚ୍ୟାଲେଞ୍ଜ ୪ଟି ରାଉଣ୍ଡରେ ସମ୍ପନ୍ନ ହେବ। ଏଥିରେ ୩.୫ ନିୟୁତ ଡଲାରର ପର୍ସ ରହିଛି। ଏହାବାଦ ୧ ନିୟୁତ ଡଲାରର ବିଜେତା ପ୍ରାଇଜ ପ୍ରଦାନ କରାଯିବାର ଯୋଜନା ରହିଛି।



# ନିଶା ଫାଉଣ୍ଡେଶନ ପକ୍ଷରୁ ସମ୍ବର୍ଦ୍ଧିତ ହେବେ ଏ.ବି. ସିଂ

**ଭୁବନେଶ୍ୱର,୨୬-୯**

ଶିକ୍ଷା ଏବଂ ଯୁବ ସଶକ୍ତିକରଣ କ୍ଷେତ୍ରରେ ବିଶେଷ ଅବଦାନ ରଖୁଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ। ନିଶା ଫାଉଣ୍ଡେଶନ, ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ ଏବଂ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ୨୬ ସେପ୍ଟେମ୍ବରରେ ପାର୍ଲାମେଣ୍ଟ ହାଉସରେ ଏ ନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସମ୍ବର୍ଦ୍ଧିତ ହେବାକୁ ଥିବା ୧୦ ବ୍ୟକ୍ତିଙ୍କ ମଧ୍ୟରେ ଆକାଶ ଇନଷ୍ଟିଚ୍ୟୁଟ ଭୁବନେଶ୍ୱରର ମୁଖ୍ୟ ଅଜୟ ବାହାଦୁର ସିଂ ରହିଛନ୍ତି। ଶିକ୍ଷା କ୍ଷେତ୍ରକୁ ଅବଦାନ ଲାଗି ତାଙ୍କୁ ସମ୍ମାନିତ କରାଯିବ। ଜିନ୍ଦେଗୀ ନାମକ କାର୍ଯ୍ୟକ୍ରମ ଦ୍ୱାରା ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରଦାନ କ୍ଷେତ୍ରରେ ସିଂ ବର୍ତ୍ତମାନ କାର୍ଯ୍ୟରତ। ତାଙ୍କର ବିଭିନ୍ନ କାର୍ଯ୍ୟପନ୍ଥା ଉପରେ ସିଂ ପାୱାର ପଏଣ୍ଟ ଯୋଗେ ପ୍ରେଜେଣ୍ଟେଶନ ରଖିବେ।



# ଆଦିତ୍ୟ ହ୍ୟୁଣ୍ଡାଇରେ ଏମ୍ପ୍ଲଇ ମୋଟିଭେଶନ ପ୍ରୋଗ୍ରାମ

**ଭୁବନେଶ୍ୱର,୨୬-୯**

ଭୁବନେଶ୍ୱର ତମାଣ୍ଡୋସ୍ଥିତ ଆଦିତ୍ୟ ହ୍ୟୁଣ୍ଡାଇ ଶୋ'ରୁମଠାରେ ଏକ ଏମ୍ପ୍ଲଇ ମୋଟିଭେଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡର ଏରିଆ ପାର୍ଟସ ଆଣ୍ଡ ସର୍ଭିସ ମ୍ୟାନେଜର ସୌମ୍ୟ ଘୋଷ, ଆଦିତ୍ୟ ହ୍ୟୁଣ୍ଡାଇ ପରିଚାଳନା ନିର୍ଦ୍ଦେଶକ ଆଦିତ୍ୟ ପାତ୍ର, ସହକାରୀ ଉପସଭାପତି ହରମୋହନ ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ଉଚ୍ଚ ପଦାଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ୧୩କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରାହକ ସନ୍ତୁଷ୍ଟିକୁ ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ ଦିଗରେ କାର୍ଯ୍ୟ କରିବାକୁ କର୍ମଚାରୀଙ୍କୁ ପାତ୍ର ଏହି ଅବସରରେ ସୂଚନା ଦେଇଥିଲେ।



## ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNER[CM]
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

# ପୋର୍ଟାବିଲିଟିରେ ବଦଳାଇ ହେବ ସ୍ୱାସ୍ଥ୍ୟ ବୀମା କମ୍ପାନୀ

**ପ୍ର– ମୋର କିଛି ଟଙ୍କା ଡାକଘର ସଞ୍ଚୟ ସ୍କିମ୍‌ରେ ନିବେଶ କରିବା ପାଇଁ ଚାହୁଁଛି। ଡାକଘରେ ସଞ୍ଚୟ କରିବା ପାଇଁ କେଉଁ କେଉଁ ସ୍କିମ୍ ରହିଛି ଏବଂ ଏଥିରେ କେତେ ପରିମାଣରେ ସୁଧ ମିଳୁଛି ତାହା ଜାଣିବାକୁ ଚାହୁଁଛି। ଏଥି ସହିତ ସୁକନ୍ୟା ସମୃଦ୍ଧି ସ୍କିମ୍‌ର ସୁଧ ହାର ବିଷୟରେ ସୂଚନା ଦେବା ପାଇଁ ଅନୁରୋଧ।**

**–ମାଳତି ମଞ୍ଜରୀ ଜେନା, କେନ୍ଦ୍ରାପଡା**

ଉ–ଡାକଘର ସଞ୍ଚୟ ଯୋଜନାରେ ଅନେକ ସ୍କିମ୍ ରହିଛି। କେନ୍ଦ୍ର ସରକାର ପ୍ରତି ତିନିମାସରେ ଥରେ ସମୀକ୍ଷା କରି ଏ ସବୁ ସ୍କିମ୍‌ର ସୁଧହାର ପରିବର୍ତ୍ତନ କରିଥାଆନ୍ତି। କେନ୍ଦ୍ର ସରକାର ଗତ ତ୍ରୈମାସିକ ସମୀକ୍ଷା ବୈଠକରେ ଡାକଘର ସଞ୍ଚୟ ଯୋଜନାରେ ରହିଥିବା ସ୍କିମ୍‌ରେ ସୁଧହାର ବୃଦ୍ଧି କରିଛନ୍ତି। ସୁକନ୍ୟା ସମୃଦ୍ଧି ସ୍କିମ୍‌ର ସୁଧାହର ବର୍ତ୍ତମାନ ୮.୫% ରହିଛି। ନିଜ ଝିଅର ଉଚ୍ଚ ଶିକ୍ଷା କିମ୍ବା ବିବାହ ଖର୍ଚ୍ଚ ପୂରଣ କରିବା ପାଇଁ ସୁକନ୍ୟା ସମୃଦ୍ଧି ସ୍କିମ୍‌ରେ ସଞ୍ଚୟ କରିବା ଏକ ଭଲ ବିକଳ୍ପ। ଡାକଘର ସଞ୍ଚୟ ଯୋଜନାରେ ଥିବା ସମସ୍ତ ସ୍କିମ୍‌ର ସୁଧ ହାର ବିଷୟରେ ଜାଣିବା ପାଇଁ ପାର୍ଶ୍ୱସ୍ଥ ସାରଣୀକୁ ଦୃଷ୍ଟି ଦିଅନ୍ତୁ।

| ସ୍କିମ୍ | ବର୍ତ୍ତମାନ ସୁଧ ହାର ବାର୍ଷିକ(%) (୨୦୧୮ ସେପ୍ଟେମ୍ବର ୩୦, ପର୍ଯ୍ୟନ୍ତ) | ନୂତନ ସୁଧ ହାର ଲାଗୁ ହେବ, ବାର୍ଷିକ(%) (୨୦୧୮ ଅକ୍ଟୋବର ୧ରୁ ଡିସେମ୍ବର ୩୧ ପର୍ଯ୍ୟନ୍ତ) |
|---|---|---|
| ସୁକନ୍ୟା ସମୃଦ୍ଧି ସ୍କିମ୍ | ୮.୧ | ୮.୫ |
| ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା | ୮.୩ | ୮.୭ |
| ପବ୍ଲିକ୍ ପ୍ରୋଭିଡେଣ୍ଟ ଫଣ୍ଡ | ୭.୬ | ୮.୦ |
| ଜାତୀୟ ସଞ୍ଚୟ ସାର୍ଟିଫିକେଟ | ୭.୬ | ୮.୦ |
| କିଷାନ ବିକାଶ ପତ୍ର | ୭.୩(୧୧୮ ମାସରେ ପରିପକ୍ୱ ରାଶି ମିଳିବ) | ୭.୭( ୧୧୨ ମାସରେ ପରିପକ୍ୱ ରାଶି ମିଳିବ) |
| ଡାକଘର ମାସିକ ଆୟ ଯୋଜନା | ୭.୩ | ୭.୭ |
| ଡାକଘର ପୌନଃପୁନିକ ଯୋଜନା | ୬.୯ | ୭.୩ |
| ଡାକଘର ମିଆଦି ଜମା- ୫ ବର୍ଷ | ୭.୪ | ୭.୮ |
| ଡାକଘର ମିଆଦି ଜମା-୩ ବର୍ଷ | ୬.୯ | ୭.୨ |
| ଡାକଘର ମିଆଦି ଜମା-୨ ବର୍ଷ | ୬.୭ | ୭.୦ |
| ଡାକଘର ମିଆଦି ଜମା-୧ ବର୍ଷ | ୬.୬ | ୬.୯ |
| ଡାକଘର ସଞ୍ଚୟ ଜମା ଖାତା | ୪.୦ | ୪.୦ |

**ପ୍ର– ମୋ' ପରିବାର ପାଇଁ ଏକ ସ୍ୱାସ୍ଥ୍ୟବୀମା ପଲିସି କିଣିଥିଲି। ଏହା ଏକ ଫ୍ୟାମିଲି ଫ୍ଲୋଟର ପଲିସି। ପ୍ରତିବର୍ଷ ପ୍ରିମିୟମ ଦେଇ ଆସୁଛି। ଚଳିତ ବର୍ଷ ପ୍ରିମିୟମ ରାଶି ବଢି ଯାଇଛି। ଏକ ଚିଠି ନୋଡାଲ ଗ୍ରିଭାନ୍ସ ସେଲ୍‌କୁ ଲେଖିଥିଲେ ବି କୌଣସି ଉତ୍ତର ପାଇନାହିଁ। ଏ କ୍ଷେତ୍ରରେ କ'ଣ କରାଯାଇ ପାରିବ, ଦୟାକରି ପରାମର୍ଶ ଦିଅନ୍ତୁ।**

**– ସନାତନ ସାହୁ, ବ୍ରହ୍ମପୁର**

ଉ–ସ୍ୱାସ୍ଥ୍ୟବୀମା ପଲିସି ହେଉଛି ଏକ ବିନାଧାର୍ଯ୍ୟ ଦର ପଲିସି। ଏହା ଧାର୍ଯ୍ୟ–ଦର ପରାମର୍ଶଦାତା କମିଟି (ଟାରିଫ୍ ଆଡ୍‌ଭାଇଜରି କମିଟି) ଦ୍ୱାରା ନିୟନ୍ତ୍ରଣ କରାଯାଏ ନାହିଁ। ସମସ୍ତ ସ୍ୱାସ୍ଥ୍ୟବୀମା କମ୍ପାନୀ ବିଗତ ବର୍ଷର ଦାବି ଅର୍ଥ ପରିଶୋଧର ଅଭିଜ୍ଞତା ଓ ଅନ୍ୟାନ୍ୟ ଖର୍ଚ୍ଚକୁ ଦୃଷ୍ଟିରେ ରଖି ସମସ୍ତ ସ୍ୱାସ୍ଥ୍ୟବୀମା ପଲିସିର ବାର୍ଷିକ ପ୍ରିମିୟମ ରାଶି ପରିବର୍ତ୍ତନ କରିପାରିବେ। ଏଥିପାଇଁ ସେମାନଙ୍କ ହାତରେ ସ୍ୱାଧୀନତା ରହିଛି। ଯଦି ଆପଣ ଅଧିକ ପ୍ରିମିୟମ ଦେବା କ୍ଷେତ୍ରରେ ସନ୍ତୁଷ୍ଟ ନୁହନ୍ତି ତେବେ ପୋର୍ଟାବିଲିଟି ସୁବିଧା ମାଧ୍ୟମରେ ଅନ୍ୟ ଏକ ସ୍ୱାସ୍ଥ୍ୟବୀମା କମ୍ପାନୀକୁ ପରିବର୍ତ୍ତନ କରିପାରିବେ।

**ପ୍ର– ଦଶ ବର୍ଷ ସମୟସୀମା ଭିତରେ ୨୦ ଲକ୍ଷ ଟଙ୍କାର ଏକ ପାଣ୍ଠି ଗଠନ କରିବା ପାଇଁ ମ୍ୟୁଚୁଆଲ୍ ଫଣ୍ଡରେ କେତେ ଟଙ୍କା ମାସିକ ନିବେଶ କରିବା ଦରକାର? ଏ ବିଷୟରେ ପରାମର୍ଶ ଦେବା ପାଇଁ ଅନୁରୋଧ**

**– ପୁଷ୍ପଲତା ମିଶ୍ର, ବାଲୁଗାଁ**

ଉ– ମ୍ୟୁଚୁଆଲ୍ ଫଣ୍ଡରେ ବିଭିନ୍ନ ପ୍ରକାରର ସ୍କିମ୍ ରହିଛି। ଇକ୍ୱିଟି, ବାଲାନ୍ସଡ୍ ଇତ୍ୟାଦି। ନିୟମିତ ଓ ଶୃଙ୍ଖଳିତ ଉପାୟରେ ସଞ୍ଚୟ କଲେ ଯେକୌଣସି ଆର୍ଥିକ ଲକ୍ଷ୍ୟକୁ ହାସଲ କରାଯାଇ ପାରିବ। ୨୦ ଲକ୍ଷ ଟଙ୍କାର ଏକ ପାଣ୍ଠି ଗଠନ କରିବା ପାଇଁ ଯଦି ଆପଣଙ୍କ ମ୍ୟୁଚୁଆଲ୍ ଫଣ୍ଡ୍ ବର୍ଷକୁ ଅତି କମ୍‌ରେ ୧୨% ସୁଧ ପ୍ରଦାନ କରେ ତେବେ ଆପଣଙ୍କୁ ମାସିକ ୮୬୦୮ ଟଙ୍କା ନିବେଶ କରିବାକୁ ପଡିବ।

**ଆମ ଠିକଣା**
ବିଜ୍‌ନେସ ଧରିତ୍ରୀ, ବି-୧୫,
ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦

> ଭାରତ ପରି ଟିମ୍ ବିପକ୍ଷରେ ମ୍ୟାଚ୍ ଟାଇ ରଖିବା ଆମ ଲାଗି ଏକ ସ୍ମରଣୀୟ ବିଜୟ ସହ ସମାନ ।
> –ଅସଘର ଆଫଘାନ, ଆଫଗାନିସ୍ତାନ ଅଧିନାୟକ



> ଆଫଗାନିସ୍ତାନ କ୍ରିକେଟ୍‌ରେ ବହୁତ ଉନ୍ନତି ହୋଇଛି। ଏସିଆ କପ୍ ଆରମ୍ଭରୁ ସେମାନେ ଭଲ ଖେଳି ଆସୁଛନ୍ତି ଏବଂ ଆମେ ତାଙ୍କ ଖେଳକୁ ଉପଭୋଗ କରୁଛୁ ।
> –ମହେନ୍ଦ୍ର ସିଂ ଧୋନୀ, ଅଭିଜ୍ଞ ଭାରତୀୟ କ୍ରିକେଟର



## ସଂକ୍ଷେପରେ

### କୋରିଆ ଓପନ୍ ପ୍ରି- କ୍ୱାର୍ଟରରେ ସାଇନା



ସିଅଲ, ୨୬।୯(ପି.ଟି.): ଭାରତୀୟ ମହିଳା ଶଟ୍‌ଲର ସାଇନା ନେହ୍ୱାଲ ଏଠାରେ ଚାଲିଥିବା ୬ ଲକ୍ଷ ଆମେରିକୀୟ ଡଲାର ପୁରସ୍କାର ରାଶିବିଶିଷ୍ଟ କୋରିଆ ଓପନ ପ୍ରତିଯୋଗିତାର ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ତେବେ ଅନ୍ୟ ଦୁଇ ଭାରତୀୟ ସମୀର ବର୍ମା ଓ ଉଦୀୟମାନ ଖେଳାଳି ବୈଷ୍ଣବୀ ରେଡ୍ଡୀ ପରାଜୟ ସହ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ଫଳରେ ଏବେ ଏକମାତ୍ର ଭାରତୀୟ ଭାବେ ସାଇନା ଏହି ପ୍ରତିଯୋଗିତାରେ ତିଷ୍ଠି ରହିଛନ୍ତି। ବୁଧବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡର ଏକ ମୁକାବିଲାରେ ପ୍ରାକ୍ତନ ଏକ ନମ୍ବର ଖେଳାଳି ସାଇନା ୨୧-୧୨, ୨୧-୧୧ ସିଧାସଳଖ ଗେମ୍‌ରେ କୋରିଆର କିମ୍ ହେୟୋ ମିନ୍‌ଙ୍କୁ ପରାସ୍ତ କରିଛନ୍ତି। ପଞ୍ଚମ ସିଡ୍ ସାଇନା ପରବର୍ତ୍ତୀ ରାଉଣ୍ଡରେ ଘରୋଇ ଖେଳାଳି କିମ୍ ଗା ଉନ୍‌ଙ୍କୁ ଭେଟିବେ। ତେବେ ନିକଟରେ ହାଇଦ୍ରାବାଦ୍ ଓପନ୍ ଜିତିଥିବା ସମୀର ପୁରୁଷ ସିଙ୍ଗଲ୍ସର ଏକ ମ୍ୟାଚ୍‌ରେ ଡେନମାର୍କର ଆନ୍ଦ୍ରେସ ଆଣ୍ଟୋସେନଙ୍କ ନିକଟରୁ ୧୫-୨୧, ୨୧-୧୬, ୨୧-୭ ଗେମ୍‌ରେ ହାରିଯାଇଛନ୍ତି। ସେହିଭଳି ବୈଷ୍ଣବୀ ୧୦-୨୧, ୯-୨୧ ସିଧାସଳଖ ଗେମ୍‌ରେ ଆମେରିକାର ବିଓ୍ୱେନ ଝାଙ୍ଗ’ଙ୍କଠାରୁ ପରାଜୟର ସାମ୍ନା କରି ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି।

## ଏସିଆ କପ୍ କ୍ରିକେଟ

# ମୁଶଫିକର ଶତକରୁ ବଞ୍ଚିତ

**ଆବୁଧାବି, ୨୬।୯(ପି.ଟି.)**

ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟର ଷଷ୍ଠ ତଥା ଅନ୍ତିମ ସୁପର- ୪ ମ୍ୟାଚ୍‌ରେ ବୁଧବାର ପାକିସ୍ତାନ ଓ ବାଂଲାଦେଶ ପରସ୍ପରକୁ ଭେଟିଛନ୍ତି। ସ୍ଥାନୀୟ ସେଖ ଜାୟେଦ ଷ୍ଟାଡିୟମରେ ବାଂଲାଦେଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଉଇକେଟ କିପର ବ୍ୟାଟ୍ସମ୍ୟାନ ମୁଶଫିକର ରହିମ ଓ ମହମ୍ମଦ ମିଥୁନ ଲଢୁଆ ବ୍ୟାଟିଂ ପ୍ରଦର୍ଶନ କରିଥିଲେ ମଧ୍ୟ ବାଂଲାଦେଶ ବଡ଼ ସ୍କୋର ହାସଲ କରିପାରି ନାହିଁ। ମୁଶଫିକର ୯୯ କରି ଆଉଟ ହେବା ସହ ମାତ୍ର ୧ ରନ ପାଇଁ ଶତକରୁ ବଞ୍ଚିତ ହୋଇଛନ୍ତି। ବାଂଲାଦେଶ ୪୮.୫ ଓଭରରେ ୨୩୯ ରନ କରି ଅଲଆଉଟ ହୋଇଛି।

ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ମାତ୍ର ୧୨ ରନରେ ଟପ୍ ଅର୍ଡର ୩ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ଚତୁର୍ଥ ଉଇକେଟ ଯୋଡିରେ ମୁଶଫିକର ଓ ମିଥୁନ ୧୪୪ ରନର ଭାଗୀଦାରି ସ୍ଥାପନ କରି ସ୍ଥିତି ସମ୍ଭାଳିଥିଲେ। ମିଥୁନ ୬୦ ରନ କରି ଆଉଟ ହୋଇଥିବା ବେଳେ ମୁଶଫିକର ୯୯ ରନ ପ୍ୟାଭିଲିୟନ ଫେରିବା ସହ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହମୁଦୁଲ୍ଲା ୨୫, ମେହିଦି ହାସନ ୧୨, ଅଧିନାୟକ ମାଶ୍ରାଫି ମୋର୍ତ୍ତାଜା ୧୩ ରନ କରି ଆଉଟ ହୋଇଥିଲେ। ବାକି ବ୍ୟାଟ୍ସମ୍ୟାନମାନେ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ପାକିସ୍ତାନ ତରଫରୁ ଜୁନେଦ ଖାଁ ସର୍ବାଧିକ ୪, ଶାହିନ ଶାହ ଆଫ୍ରିଦି ଓ ହାସନ ଅଲୀ ଦୁଇଟି ଲେଖାଏ, ଶଦାବ ଖାଁ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର:**
ବାଂଲାଦେଶ ୪୮.୫ ଓଭରରେ ୨୩୯ ଅଲଆଉଟ୍ (ମୁଶଫିକର- ୯୯, ମିଥୁନ- ୬୦, ମହମୁଦୁଲ୍ଲା- ୨୫, ଜୁନେଦ- ୪/୧୯, ଆଫ୍ରିଦି- ୨/୪୭, ହାସନ- ୨/୬୦)।

# ଭାରତୀୟ ଟିଟି କୋଚ୍‌ଙ୍କ ଇସ୍ତଫା

**ନୂଆଦିଲ୍ଲୀ,୨୬।୯**

ଭାରତୀୟ ଟେବୁଲ ଟେନିସ (ଟିଟି) ଦଳକୁ ଶକ୍ତ ଧକ୍କା ଲାଗିଛି। ଗତ ଦୁଇ ବର୍ଷ ମଧ୍ୟରେ ଭାରତୀୟ ଟିଟି ଦଳର ଭାଗ୍ୟ ପରିବର୍ତ୍ତନ କରିଥିବା ଇଟାଲିଆନ୍ କୋଚ୍ ମାସିମୋ କୋଷ୍ଟାଣ୍ଟିନି ପଦରୁ ଇସ୍ତଫା ଦେଇଛନ୍ତି। ସେ ମୁଖ୍ୟ ବିଦେଶୀ କୋଚ୍ ଭାବେ କାର୍ଯ୍ୟରତ ଥିଲେ। ବ୍ୟକ୍ତିଗତ କାରଣ ଦର୍ଶାଇ ଇସ୍ତଫା ଦେଇଛନ୍ତି। କୋଷ୍ଟାଣ୍ଟିନିଙ୍କ ନେତୃତ୍ୱରେ ଭାରତୀୟ ଦଳ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆନ ଗେମ୍ସରେ ଚମତ୍କାର ପ୍ରଦର୍ଶନ କରି ବହୁ ସଂଖ୍ୟକ ପଦକ ଜିତିଥିଲା। ତାଙ୍କ ପତ୍ନୀଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିବାରୁ ସେ ପଦରୁ ଓହରିବାକୁ ନିଷ୍ପତ୍ତି ନେଇଛନ୍ତି। ଗତବର୍ଷ ଇଟାଲିରେ ତାଙ୍କ ପତ୍ନୀ ଏକ କାର୍ ଦୁର୍ଘଟଣାର ଶିକାର ହୋଇଥିଲେ। ଏହାବାଦ୍ ସେନିଗାଲିଆଠାରେ ତାଙ୍କର ଏକ ପାରିବାରିକ ରେଷ୍ଟୁରାଣ୍ଟ ରହିଛି, ଯାହାର ଦାୟିତ୍ୱ ତାଙ୍କ ପତ୍ନୀ ନେଉଥିଲେ। ଏବେ ଏହାର ଦାୟିତ୍ୱ ତାଙ୍କ ଉପରେ ପଡ଼ିଛି। କୋଷ୍ଟାଣ୍ଟିନିଙ୍କ କାର୍ଯ୍ୟକାଳ ଚଳିତ ମାସ ୩୦ ତାରିଖରେ ଶେଷ ହୋଇଥାନ୍ତା। ମାତ୍ର କ୍ରୀଡ଼ା ପ୍ରାଧିକରଣ (ସାଇ) ଓ ଟିଟିଏଫ୍‌ଆଇ ତାଙ୍କ କାର୍ଯ୍ୟକାଳକୁ ୨୦୨୦ ଟୋକିଓ ଅଲିମ୍ପିକ୍ସ ପର୍ଯ୍ୟନ୍ତ ବୃଦ୍ଧି କରିବା ନେଇ ଇଚ୍ଛୁକ ଥିଲେ।

# ଭାରତ–ଆଫଗାନିସ୍ତାନ ମ୍ୟାଚ୍ ଟାଇ

**ଦୁବାଇ, ୨୬।୯(ପି.ଟି.)**

ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଅନୁଷ୍ଠିତ ଏସିଆ କପ୍ ସୁପର-୪ ପର୍ଯ୍ୟାୟର ପଞ୍ଚମ ମ୍ୟାଚ୍ ଟାଇ ଭାବେ ଶେଷ ହୋଇଛି। ସ୍ଥାନୀୟ ଦୁବାଇ ଆନ୍ତର୍ଜାତିକ ଷ୍ଟାଡିୟମରେ ମଙ୍ଗଳବାର ଖେଳାଯାଇଥିବା ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଟସ୍ ଜିତି ଆଫଗାନିସ୍ତାନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ ହରାଇ ୨୫୨ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ଗୋଟିଏ ବଲ ବାକିଥାଇ ୨୫୨ ରନ କରି ଅଲଆଉଟ ହୋଇଯାଇଥିଲା। ୨୫୩ ରନର ପିଛା କରି ଭାରତ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ୩ଟି ରନ୍ ଆଉଟ ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଦଳ ତରଫରୁ ଓପନର ଲୋକେଶ ରାହୁଲ ୬୦, ଅମ୍ବାତି ରାୟୁଡୁ ୫୭, ଦୀନେଶ କାର୍ତ୍ତିକ ୪୪, ରବୀନ୍ଦ୍ର ଜାଡେଜା ୨୫, କେଦାର ଯାଦବ ୧୯, ଦୀପକ ଚହର ୧୨ ରନ କରି ଆଉଟ ହୋଇଥିଲେ। ଆଫଗାନିସ୍ତାନ ପକ୍ଷରୁ ଅଫତାବ ଆଲମ, ମହମ୍ମଦ ନବି, ରସିଦ ଖାଁ ଦୁଇଟି ଲେଖାଏ, ଜାଭେଦ ଅହମଦି ଗୋଟିଏ ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର**
ଆଫଗାନିସ୍ତାନ ଇନିଂସ ୫୦ ଓଭରରେ ୨୫୨/୮, (ଶାହଜାଦ- ୧୨୪, ନବି- ୬୪, ଜାଡେଜା- ୩/୪୬, କୁଲଦୀପ- ୨/୩୮)। ଭାରତ ୪୯.୫ ଓଭରରେ ୨୫୨(ରାହୁଲ- ୬୦, ରାୟୁଡୁ- ୫୭, କାର୍ତ୍ତିକ- ୪୪, ଜାଡେଜା- ୨୫, କେଦାର- ୧୯, ଆଲମ- ୨/୫୩, ନବି- ୨/୪୦, ରସିଦ- ୨/୪୧)।

## ଟାଇରେ ଧୋନୀଙ୍କ ରେକର୍ଡ

ଚଳିତ ଏସିଆ କପ୍ ସୁପର ଫୋର୍ ପର୍ଯ୍ୟାୟରେ ମଙ୍ଗଳବାର ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ମୋଟ୍ ୫୦୪ ରନ ସଂଗୃହୀତ ହୋଇଥିଲେ ମଧ୍ୟ ଶେଷରେ ଏହା ଟାଇରେ ସମାପ୍ତ ହୋଇଛି। ମ୍ୟାଚ୍‌ରେ ଆଫଗାନିସ୍ତାନ ପକ୍ଷରୁ ଧାର୍ଯ୍ୟ ୨୫୩ ରନର ଟାର୍ଗେଟ୍‌କୁ ପିଛା କରିଥିବା ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ୨୫୨ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଅଧିନାୟକ ଭାବେ ଧୋନୀଙ୍କ ଏହା ୨୦୦ତମ ଦିନିକିଆ ମ୍ୟାଚ୍ ହୋଇଥିଲା। ଦୀର୍ଘ ୨୧ ମାସ ପରେ ଦଳର ନେତୃତ୍ୱ ଭାର ସମ୍ଭାଳିଥିବା ଧୋନୀ କିନ୍ତୁ ଏହି ମ୍ୟାଚ୍‌ରେ ଦଳକୁ ବିଜୟ ଦେବାରେ ବିଫଳ ହୋଇଥିଲେ। ଏହି ମ୍ୟାଚ୍ ଟାଇରେ ସମାପ୍ତ ହୋଇଥିଲେ ମଧ୍ୟ ଧୋନୀ ଏକ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି। ଏକଦିବସୀୟ କ୍ରିକେଟରେ ଅଧିନାୟକ ଭାବେ ସର୍ବାଧିକ ମ୍ୟାଚ୍ ଟାଇ ରଖିବାର ରେକର୍ଡ ଧୋନୀଙ୍କ ନାମରେ ହୋଇଛି। ଅଧିନାୟକ ଭାବେ ଧୋନୀ ଦିନିକିଆରେ ୫ଟି ମ୍ୟାଚ୍ ଡ୍ର ରଖି ଏହି ତାଲିକାର ଶୀର୍ଷରେ ରହିଥିବାବେଳେ ଓ୍ୱେଷ୍ଟଇଣ୍ଡିଜର ଭିଭିଆନ ରିଚାର୍ଡସନ (୩ଟି), ଅଷ୍ଟ୍ରେଲିଆର ଷ୍ଟିଭ ଓ୍ୱ (୩) ଓ ଦକ୍ଷିଣ ଆଫ୍ରିକାର ସନ୍ ପୋଲକ୍ (୩) ପଛକୁ ରହିଛନ୍ତି। ସେହିଭଳି ଆହୁରି ଉଲ୍ଲେଖନୀୟ ଘଟଣା ହେଉଛି ଅଧିନାୟକ ଭାବେ ଧୋନୀଙ୍କ କ୍ୟାରିୟର ଟାଇରୁ ଆରମ୍ଭ ହୋଇଥିବାବେଳେ ଟାଇରେ ସମାପ୍ତ ହୋଇଛି। ଉଲ୍ଲେଖଯୋଗ୍ୟ, ଧୋନୀ ପ୍ରଥମଥର ଲାଗି ୨୦୦୭ ଆଇସିସି ଟି୨୦ ବିଶ୍ୱକପ୍‌ରେ ଭାରତୀୟ ଦଳର ଅଧିନାୟକ ନିଯୁକ୍ତ ହୋଇଥିଲେ। ସ୍କଟଲାଣ୍ଡ ବିପକ୍ଷ ପ୍ରଥମ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଥିଲା। ଏହାପରେ ପାକିସ୍ତାନ ବିପକ୍ଷ ମ୍ୟାଚ୍ ଟାଇ (ବୋଲ୍ ଆଉଟ୍‌ରେ ଫଳାଫଳ ନିର୍ଣ୍ଣୟ ହୋଇଥିଲା) ରହିଥିଲା।


# ଓଡ଼ିଶା ସରକାର

No.III-35

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଅଧିସୂଚନା

No. RDM-LAA-BLS-0032-2018/21199 R&DM Dated : 11.06.2018

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ସାଳନ୍ଦୀ ବାମପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- ମିରିଗିଣି, ଥାନା- ନୀଳଗିରି ସଂ-୯୪, ତହସିଲ-ନୀଳଗିରି, ଜିଲ୍ଲା-ବାଲେଶ୍ୱରରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୨୬.୯୬ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act. 2013)ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ସାଳନ୍ଦୀ ବାମପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ, ସୋରୋ କେନାଲ ଡିଭିଜନ, ସୋରୋ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ : ସାର୍ବଜନୀନ ଉଦ୍ଦେଶ୍ୟରେ ସାଳନ୍ଦୀ ବାମପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ– ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ:– ଉପଜିଲ୍ଲାପାଳ, ନୀଳଗିରି।
୬. ଜମିର ବିବରଣୀ :–

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ବାଲେଶ୍ୱର | ନୀଳଗିରି | ମିରିଗିଣି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୪୮.୮୧ | ଏ. ୨୬.୯୬ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, ସୋରୋ, ବାଲେଶ୍ୱରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ। ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ବାଲେଶ୍ୱର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– (ଅଭୟ କୁମାର ନାୟକ)
ଯୁଗ୍ମ ଶାସନ ସଚିବ

## LAND SCHEDULE

Land Acquisition for excavation of Salandi Left Main Cenal of Anandapur Barrage Project of Vill- Mirigini, P.S.- Nilagiri No.-94, Tahasil-Nilagiri, Dist- Balasore.

L.A. Case No.- 64/17

| କ୍ରମିକ ନଂ | ଖାତା ନଂ | ଜମି ମାଲିକଙ୍କ ନାମ-ପିତା, ଜାତି, ବାସସ୍ଥାନ | ପ୍ଲଟ ନଂ | କିସମ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୯ | ଅପର୍ତ୍ତି ଚରଣ ପରିଡା, ପି: ଦାମୋଦର ପରିଡା, ଜା- ଖଣ୍ଡାୟତ, ବା- ନିଜଗାଁ | ୯୫୧ | ଶାରଦ-୩ | ୦.୧୨ | ୦.୧୨ |
| | | | ୯୫୨ | ଶାରଦ-୨ | ୦.୧୯ | ୦.୧୯ |
| ୨ | ୨୦ | ଉଦୟ ନାରାୟଣ ରଥ, ପି- ବଳଭଦ୍ର ରଥ, ଜା : ବ୍ରାହ୍ମଣ, ବା: ନିଜଗାଁ | ୧୧୭୬ | ଶାରଦ-୧ | ୦.୨୧ | ୦.୦୧ |
| ୩ | ୫୫ | କେଶବ ଚନ୍ଦ୍ର ପରିଡା, ପି: ରାମଚନ୍ଦ୍ର ପରିଡା, ଜା- ଖଣ୍ଡାୟତ, ବା- ନିଜଗାଁ | ୧୦୧୮ / ୧୫୭୦ | ଶାରଦ-୨ | ୦.୮୧ | ୦.୦୬ |
| ୪ | ୭୮ | ଗୋବିନ୍ଦ ପାତ୍ର, ପି- ଜଗା ପାତ୍ର, ଜା: ପାଣ, ବା- ନିଜଗାଁ | ୯୮୮ | ଶାରଦ-୨ | ୦.୬୯ | ୦.୦୧ |
| | | | ୧୧୮୯ | ଶାରଦ-୨ | ୦.୯୫ | ୦.୯୦ |
| ୫ | ୯୬ | ଚକ୍ରଧର ବିଶ୍ୱାଳ, ପି: ଆନନ୍ଦ ବିଶ୍ୱାଳ, ଅର୍ଜ୍ଜୁନି ବିଶ୍ୱାଳ, ପି: ରାଧୁ ବିଶ୍ୱାଳ, ବଂଶୀଧର ବିଶ୍ୱାଳ, ପି- ପଞ୍ଚୁ ବିଶ୍ୱାଳ, ଲକ୍ଷ୍ମୀଧର ବିଶ୍ୱାଳ, ପି- ପାଣ୍ଡବ ବିଶ୍ୱାଳ, ଜେମା ବେଓ୍ୱା, ସ୍ୱା: ପାଣ୍ଡବ ବିଶ୍ୱାଳ, ସୁକୁମାର ବିଶ୍ୱାଳ, ଭାନୁ ବିଶ୍ୱାଳ, ଭାରତୀ ବିଶ୍ୱାଳ, ବାବୁଲା ବିଶ୍ୱାଳ, ପି- ଭୀମ ବିଶ୍ୱାଳ, ଶାନ୍ତି ବିଶ୍ୱାଳ, ସ୍ୱା: ଭୀମ ବିଶ୍ୱାଳ, ଜା: ଖଣ୍ଡାୟତ, ବା: ନିଜଗାଁ | ୧୧୬୬ | ଶାରଦ-୧ | ୦.୫୬ | ୦.୫୬ |
| | | | ୧୧୭୦ | ଶାରଦ-୧ | ୦.୧୬ | ୦.୧୨ |
| | | | ୧୧୭୪ | ଶାରଦ-୧ | ୦.୧୨ | ୦.୧୨ |
| ୬ | ୧୦୮ | ଜଗବନ୍ଧୁ ଲେଙ୍କା, ପି: ଭଗବାନ ଚନ୍ଦ୍ର ଲେଙ୍କା, ଜା: ଖଣ୍ଡାୟତ, ବା: ରାଇପୁର | ୧୦୦୬ | ଶାରଦ-୨ | ୦.୬୮ | ୦.୪୫ |
| | | | ୧୦୦୭ | ଶାରଦ-୧ | ୦.୨୬ | ୦.୦୧ |
| ୭ | ୧୧୧ | ଜନାର୍ଦ୍ଦନ ମିଶ୍ର, ପି: ଜଗନ୍ନାଥ ମିଶ୍ର, ବାଞ୍ଛାନିଧି ମିଶ୍ର, ବନମାଳୀ ମିଶ୍ର, ପି: କୃଷ୍ଣଚନ୍ଦ୍ର ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ | ୧୧୯୦ | ଶାରଦ-୨ | ୨.୯୦ | ୧.୯୮ |
| ୮ | ୧୨୧ | ଯୋଗେନ୍ଦ୍ର ପରିଡା, ଶିବ ପରିଡା, କେଶବ ପରିଡା, ପି: ରାମଚନ୍ଦ୍ର ପରିଡା, ଚାନ୍ଦ ବେଓ୍ୱା, ସ୍ୱା: ରାମଚନ୍ଦ୍ର ପରିଡା, ଅପ୍ରତି ପରିଡା, କାଶୀନାଥ ପରିଡା, ପି: ଦାମ ପରିଡା, ଜେମା ବେଓ୍ୱା, ସ୍ୱା: ଦାମ ପରିଡା, ବିମ୍ବାଧର ପରିଡା, ପି- ସୁଦାମ ପରିଡା, ଜା: ଖଣ୍ଡାୟତ , ବା: ନିଜଗାଁ | ୯୫୮ | ଶାରଦ-୨ | ୧.୨୮ | ୧.୧୮ |
| | | | ୯୯୦ | ଶାରଦ-୨ | ୧.୦୮ | ୦.୭୨ |
| | | | ୧୦୧୪ | ଶାରଦ-୨ | ୦.୪୫ | ୦.୦୯ |
| ୯ | ୧୨୩ | ଯୋଗେନ୍ଦ୍ର ପରିଡା, ଶିବ ପରିଡା, କେବଶ ପରିଡା, ପି: ରାମଚନ୍ଦ୍ର ପରିଡା, ଚାନ୍ଦ ବେଓ୍ୱା, ସ୍ୱା: ରାମଚନ୍ଦ୍ର ପରିଡା, ଅପର୍ତ୍ତି ପରିଡା, କାଶୀନାଥ ପରିଡା, ପି: ଦାମ ପରିଡା, ସାଗରୀ ପରିଡା, ସ୍ୱା: ଦାମ ପରିଡା, ବିଶ୍ୱମ୍ବର ପରିଡା, ପି: ସୁଦାମ ପରିଡା, ଉମା ବେଓ୍ୱା, ସ୍ୱା: ଘନ ପରିଡା, ଜା: ଖଣ୍ଡାୟତ, ବା: ନିଜଗାଁ | ୯୪୫ | ଶାରଦ-୩ | ୧.୬୦ | ୦.୬୭ |
| ୧୦ | ୧୨୫ | ଯୋଗେନ୍ଦ୍ର ପରିଡା, ଶିବ ପରିଡା, କେଶବ ପରିଡା, ପି: ରାମ ପରିଡା, ଚାନ୍ଦ ବେଓ୍ୱା, ସ୍ୱା: ରାମ ପରିଡା, ଅପର୍ତ୍ତି ପରିଡା, କାଶୀନାଥ ପରିଡା, ପି: ଦାମ ପରିଡା, ଜେମା ବେଓ୍ୱା, ସ୍ୱା: ଦାମ ପରିଡା, ବିମ୍ବାଧର ପରିଡା, ପି: ସୁଦାମ ପରିଡା, ଉମା ବେଓ୍ୱା, ସ୍ୱା: ଘନ ପରିଡା, ଜା: ଖଣ୍ଡାୟତ, ବା: ନିଜଗାଁ | ୧୦୧୨ | ଶାରଦ-୨ | ୦.୧୭ | ୦.୦୫ |
| ୧୧ | ୧୪୬ | ନରସିଂହ ଜେନା, ଅଭିରାମ ଜେନା, ନେଗେନ୍ଦ୍ର ଜେନା, ପି: ବିଦ୍ୟାଧର ଜେନା, ଜା: ଖଣ୍ଡାୟତ, ବା: ଛୋଟକାନପୁର | ୧୦୨୪ | ଶାରଦ-୨ | ୦.୬୫ | ୦.୬୫ |
| | | | ୧୧୬୨ | ଶାରଦ-୨ | ୦.୪୪ | ୦.୧୨ |
| | | | ୧୦୨୯ / ୧୬୦୧ | ଶାରଦ-୨ | ୦.୪୬ | ୦.୨୬ |
| ୧୨ | ୧୫୨ | ନାରାୟଣ ଦିବେଦୀ, ପି: ରଘୁନାଥ ଦିବେଦୀ, ରାଧାକୃଷ୍ଣ ଦିବେଦୀ, ପି: କାଶୀନାଥ ଦିବେଦୀ, ଜା: ବ୍ରାହ୍ମଣ, ବା: ନିଜଗାଁ | ୧୧୮୭ | ଶାରଦ-୨ | ୦.୧୮ | ୦.୧୭ |
| | | | ୧୧୯୨ | ଶାରଦ-୧ | ୧.୪୯ | ୦.୧୦ |
| ୧୩ | ୧୬୮ | ପାସନ ପାତ୍ର, ସ୍ୱା: ଗଣନାଥ ପାତ୍ର, ଜା: ପାତ୍ର ତନ୍ତି, ବା: ଛୋଟକାନପୁର | ୯୫୬ | ଶାରଦ-୩ | ୦.୧୬ | ୦.୧୦ |
| ୧୪ | ୧୭୧ | ପିତେଇ ପ୍ରଧାନ, ସ୍ୱା: ଯଦୁନାଥ ପ୍ରଧାନ, ଜା: ଖଣ୍ଡାୟତ, ବା: ଗାଙ୍ଗପୁରା | ୧୦୧୦ | ଶାରଦ-୧ | ୦.୬୫ | ୦.୧୬ |
| ୧୫ | ୧୭୨ | ପୂର୍ଣ୍ଣଚନ୍ଦ୍ର ପରିଡା, ପି: କଣ୍ଟୁରି ପରିଡା, ଜା: ଖଣ୍ଡାୟତ, ବା: ନିଜଗାଁ | ୯୬୨ | ଶାରଦ-୨ | ୦.୪୯ | ୦.୦୬ |
| | | | ୧୦୦୩ | ଶାରଦ-୨ | ୦.୭୦ | ୦.୬୬ |
| ୧୬ | ୧୮୦ | ପୁରସ୍ତମ ଦଳେଇ, ପି: ଭରଥ ଦଳେଇ, ଜା: ଖଣ୍ଡାୟତ, ବା: ନିଜଗାଁ | ୯୫୭ | ପତିତ | ୦.୧୮ | ୦.୦୩ |
| ୧୭ | ୧୯୫ | ବାଇଧର ସେଠୀ, କୈଳାସ ସେଠୀ, ପି: ହରି ସେଠୀ, ସାରଦା ବେଓ୍ୱା, ସ୍ୱା: ହରି ସେଠୀ, ଜା: ଧୋବା, ବା: ନିଜଗାଁ, ଖ: ସୂ:ଦ: ରାମଚନ୍ଦ୍ର ପାତ୍ର, ଲକ୍ଷ୍ମଣ ପାତ୍ର, କୃଷ୍ଣ ପାତ୍ର, ପି: ବନମାଳୀ ପାତ୍ର, ଜା:ପାତ୍ର ତନ୍ତୀ, ବା: ଛୋଟକାନପୁର, ରେ: ଦ: ନ- ୫୮୩, ତା ୨୫.୦୨.୭୨ ରିଖ ଓ ୨୧୫୧ ତା ୨୦.୦୫.୭୧ରିଖ | ୯୪୨ / ୧୫୨୮ | ଶାରଦ-୨ | ୦.୨୬ | ୦.୦୪ |
| ୧୮ | ୨୧୯ | ବୁଧିଆ ପାତ୍ର, ପି: ହରିଆ ପାତ୍ର, ଜା: ପାତ୍ର ତନ୍ତୀ, ବା: ନିଜଗାଁ | ୧୦୪୫ | ଶାରଦ-୨ | ୧.୧୮ | ୦.୩୩ |
| ୧୯ | ୨୨୮ | ଭଗବାନ ମହାପାତ୍ର ଓରଫ ପରିଡା, ପି: ଫକିର ପରିଡା, ଜା: ଖଣ୍ଡାୟତ, ବା: ନିଜଗାଁ | ୧୦୨୨ | ଶାରଦ-୨ | ୦.୧୬ | ୦.୧୨ |
| ୨୦ | ୨୫୭ | ଭିକା ପାତ୍ର, କୁଶ ପାତ୍ର, ପି: ଶାମ ପାତ୍ର, ଗୁରୁବାରୀ ଦେଇ, ସ୍ୱା: ଭିକା ପାତ୍ର, ଜା: ପାତ୍ର ତନ୍ତୀ, ବା: ନିଜଗାଁ | ୧୦୪୪ | ଶାରଦ-୨ | ୦.୨୩ | ୦.୨୩ |
| ୨୧ | ୨୬୭ | ମଦନ ମୋହନ ପରିଡା, ପି: ପ୍ରାଣବନ୍ଧୁ ପରିଡା, ଜା: ଖଣ୍ଡାୟତ, ବା: ନିଜଗାଁ | ୯୩୭ | ଶାରଦ-୩ | ୦.୦୨ | ୦.୦୨ |
| ୨୨ | ୨୭୦ | ମଦନ ମୋହନ ପରିଡା, ପି: ପ୍ରାଣବନ୍ଧୁ ପରିଡା, ଜା: ଖଣ୍ଡାୟତ, ବା: ନିଜଗାଁ | ୯୩୪ | ଶାରଦ-୩ | ୦.୬୧ | ୦.୩୪ |
| | | | ୯୩୫ | ଶାରଦ-୩ | ୦.୨୮ | ୦.୨୮ |
| | | | ୯୩୬ | ଶାରଦ-୩ | ୦.୧୦ | ୦.୧୦ |
| | | | ୯୩୮ | ଶାରଦ-୩ | ୦.୧୧ | ୦.୧୧ |
| | | | ୯୪୧ | ଶାରଦ-୨ | ୦.୮୧ | ୦.୮୧ |
| | | | ୧୦୬୩ | ଶାରଦ-୨ | ୦.୮୩ | ୦.୦୭ |
| ୨୩ | ୩୦୦ | ମୋହନା ପାତ୍ର, ପି: ପୁରସ୍ତମ ପାତ୍ର, ଜା: ପାଣ, ବା: ଛୋଟକାନପୁର | ୯୫୪ | ଶାରଦ-୩ | ୦.୧୫ | ୦.୧୫ |
| ୨୪ | ୩୨୧ | ରାଧାମୋହନ ଆଚାର୍ଯ୍ୟ, ପି: ଭଗବାନ ଆଚାର୍ଯ୍ୟ, ଜା: ବ୍ରାହ୍ମଣ, ବା: ନିଜଗାଁ | ୧୧୪୨ | ଶାରଦ-୨ | ୦.୪୨ | ୦.୩୫ |
| | | | ୧୧୭୧ | ଶାରଦ-୩ | ୦.୧୫ | ୦.୧୫ |
| | | | ୧୧୮୫ | ଶାରଦ-୨ | ୦.୪୭ | ୦.୪୦ |
| | | | ୧୧୮୬ | ଶାରଦ-୨ | ୦.୩୮ | ୦.୩୨ |
| ୨୫ | ୩୨୩ | ରାଧାମଣି ଦିବ୍ୟା, ସ୍ୱା: ପୁରସ୍ତମ ପାଣି, ରମାମଣି ଦେବୀ, ପି: ପୁରସ୍ତମ ପାଣି, ଜା : ବ୍ରାହ୍ମଣ, ବା: ନିଜଗାଁ | ୧୧୪୧ | ଶାରଦ-୨ | ୦.୯୦ | ୦.୧୨ |
| | | | ୧୧୬୫ | ଶାରଦ-୨ | ୦.୨୪ | ୦.୧୦ |
| ୨୬ | ୩୪୬ | ଲକ୍ଷ୍ମୀ ନାରାୟଣ ମିଶ୍ର, ବିଷ୍ଣୁ ମୋହନ ମିଶ୍ର, ବ୍ରଜ ମୋହନ ମିଶ୍ର, ପି: ରଘୁନାଥ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗଡ | ୧୦୧୫ | ଶାରଦ-୧ | ୧.୫୨ | ୧.୩୪ |
| ୨୭ | ୩୬୨ | ସଙ୍କୁରି ନାଏକ, ପି: ହାଡି ନାଏକ, ଜା: ଖଣ୍ଡାୟତ, ବା: ନିଜଗାଁ | ୧୧୮୪ | ଶାରଦ-୧ | ୦.୬୬ | ୦.୫୪ |
| ୨୮ | ୩୬୩ | ଶଚିମଣି ଦିବ୍ୟା, ସ୍ୱା: ଭାଗବତ ଶତପଥୀ, ଜା: ବ୍ରାହ୍ମଣ, ବା: ନିଜଗାଁ | ୧୧୯୧ | ଶାରଦ-୧ | ୧.୯୮ | ୦.୦୧ |
| ୨୯ | ୩୭୩ | ସରୋଜିନୀ ଦେଇ, ସ୍ୱା: ପଦ୍ମଲୋଚନ ମହାନ୍ତି, ଜା: ଖଣ୍ଡାୟତ, ବା: ନିଜଗଡ | ୧୦୧୧ | ଶାରଦ-୩ | ୦.୪୧ | ୦.୪୧ |
| ୩୦ | ୩୭୭ | ସାର ବେଓ୍ୱା, ସ୍ୱା: କାଳି ନାୟକ, ଜା : ଖଣ୍ଡାୟତ, ବା: ନିଜଗାଁ | ୧୦୨୯ / ୧୫୧୨ | ଶାରଦ-୨ | ୦.୦୧ | ୦.୦୧ |
| ୩୧ | ୩୮୪ | ଶ୍ରୀ ଦହିଖାଇ ଠାକୁରାଣୀ ବିଜେ, ନିଜଗାଁ ମାର୍ଫତ- ସାର ବେଓ୍ୱା, ସ୍ୱା: ଶତ୍ରୁଘ୍ନ ମଳିକ, ଜା: ଭୂମିଜ, ବା: ନିଜଗାଁ | ୯୪୩ | ବିଜେସ୍ଥଳୀ | ୦.୦୨ | ୦.୦୨ |
| ୩୨ | ୩୮୯ | ଶ୍ରୀମତୀ ଦେଇ, ସ୍ୱା: କେଶବ ଚନ୍ଦ୍ର ପରିଡା, ଜା: ଖଣ୍ଡାୟତ, ବା : ନିଜଗାଁ | ୯୫୫ | ଶାରଦ-୩ | ୦.୧୯ | ୦.୧୯ |
| ୩୩ | ୩୯୧ | ଶ୍ରୀମତୀ ପରିଡା, ସ୍ୱା: କେଶବ ଚନ୍ଦ୍ର ପରିଡା, ଜା: ଖଣ୍ଡାୟତ, ବା: ନିଜଗାଁ | ୧୦୨୩ | ଶାରଦ-୨ | ୦.୪୩ | ୦.୩୪ |
| ୩୪ | ୩୯୩ | ଶିବ ଓଝା, ଶୁକ ଓଝା, ପି: କୃଷ୍ଣ ଓଝା, ଜା: କମାର, ବା: ନିଜଗାଁ | ୧୦୧୦ / ୧୫୧୫ | ଶାରଦ-୧ | ୦.୧୫ | ୦.୧୫ |
| ୩୫ | ୪୦୦ | ସୁଶୀଳାମଣି ଦେବୀ, ସ୍ୱା: ରାଧାମୋହନ ଆଚାର୍ଯ୍ୟ, ଜା: ବ୍ରାହ୍ମଣ, ବା: ନିଜଗାଁ | ୧୧୭୭ | ଶାରଦ-୩ | ୦.୬୩ | ୦.୧୭ |
| ୩୬ | ୪୧୧ / ୧ | ସୁଶୀଳାମଣି ପାତ୍ର, ସ୍ୱା: ବିଶ୍ୱନାଥ ପାତ୍ର, ବିଶ୍ୱନାଥ ପାତ୍ର, ପି: ଚୌଧୁରୀ ପାତ୍ର, ଜା: ତନ୍ତି, ବା: ନିଜଗାଁ | ୧୦୨୭ | ଶାରଦ-୨ | ୦.୬୧ | ୦.୫୬ |
| ୩୭ | ୪୧୧ /୮ | ଶ୍ରୀ ଗୌରୀମଣି ପଣ୍ଡା, ପି: ଶ୍ୟାମ ସୁନ୍ଦର ପଣ୍ଡା, ଜା: ବ୍ରାହ୍ମଣ, ବା: ନିଜଗାଁ | ୧୧୬୭ | ଶାରଦ-୧ | ୦.୧୦ | ୦.୧୦ |
| | | | ୧୧୬୮ | ଶାରଦ-୧ | ୦.୦୮ | ୦.୦୮ |
| ୩୮ | ୪୧୧ /୧୦ | ନାଗେନ୍ଦ୍ର ଜେନା, ପି: ବିଦ୍ୟାଧର ଜେନା, ଜା: ଖଣ୍ଡାୟତ, ବା : ଛୋଟ କାନପୁର | ୧୦୦୫ | ଶାରଦ-୨ | ୦.୨୯ | ୦.୨୯ |
| | | | ୧୦୪୩ | ଶାରଦ-୨ | ୦.୬୬ | ୦.୦୧ |
| | | | ୧୦୦୯ / ୧୫୮୩ | ଶାରଦ-୧ | ୧.୨୫ | ୦.୨୦ |
| ୩୯ | ୪୧୧ / ୧୭ | ଶ୍ୟାମ ସୁନ୍ଦର ପଣ୍ଡା, ପି: ଜଗନ୍ନାଥ ପଣ୍ଡା, ଜା: ବ୍ରାହ୍ମଣ, ବା: ନିଜଗାଁ | ୧୦୨୫ | ଶାରଦ-୨ | ୦.୪୭ | ୦.୩୦ |
| ୪୦ | ୪୧୧ / ୨୩ | ପ୍ରଦିପ କୁମାର ପ୍ରଧାନ, ଦିଲ୍ଲୀପ କୁମାର ପ୍ରଧାନ, ଶିଶିର କୁମାର ପ୍ରଧାନ, ପି: ଅନାଦୀ ଚରଣ ପ୍ରଧାନ, ଜା: ଖଣ୍ଡାୟତ, ବା: ନିଜଗାଁ | ୧୦୨୮ | ଶାରଦ-୨ | ୦.୩୩ | ୦.୩୩ |
| ୪୧ | ୪୧୧ / ୪୬ | ଅନନ୍ତ ପାତ୍ର, ପ୍ରଫୁଲ୍ଲ ପାତ୍ର, ପି: ଭଗବାନ ପାତ୍ର, ଜା: ପାତ୍ର ତନ୍ତି, ବା: ନିଜଗାଁ | ୧୦୪୪ / ୧୫୬୮ | ଶାରଦ-୨ | ୦.୧୦ | ୦.୧୦ |
| ୪୨ | ୪୧୧ / ୪୮ | ପୂର୍ଣ୍ଣଚନ୍ଦ୍ର ରାଉତ, ଉଦୟ ନାଥ ରାଉତ, ପି: ଭଗବାନ ରାଉତ, ବା: ନିଜଗାଁ | ୧୦୧୩ | ଶାରଦ-୨ | ୦.୬୩ | ୦.୪୩ |
| ୪୩ | ୪୧୧ / ୫୦ | ଶ୍ରୀମତୀ ଶାନ୍ତିଲତା ଯେନା, ସ୍ୱା : ଅମୂଲ୍ୟ ଚରଣ ଯେନା, ଜା: କଣ୍ଡରା, ବା: ବେଡପାଳ, ଥାନା: ବାଲିଆପାଳ | ୧୦୨୬ | ଶାରଦ-୨ | ୦.୫୩ | ୦.୦୫ |
| ୪୪ | ୪୧୧ / ୫୨ | ପୁରସ୍ତମ ସେଠି, ପି: ଭରତ ସେଠି, ଜା: ଧୋବା, ବା: ମିରିଗିଣି | ୯୪୨ | ଶାରଦ-୨ | ୦.୭୮ | ୦.୬୩ |
| | | | ୯୪୪ | ଶାରଦ-୨ | ୧.୨୪ | ୧.୧୬ |
| ୪୫ | ୪୧୧ / ୫୩ | ସାରଥି ବେହେରା, ପି: ଗୋବିନ୍ଦ ଚନ୍ଦ୍ର ବେହେରା, ଜା: ଖଣ୍ଡାୟତ, ବା: ମିରିଗିଣି | ୯୮୯ | ଶାରଦ-୨ | ୦.୨୧ | ୦.୦୫ |
| | | | ୯୮୯ / ୧୫୪୩ | ଶାରଦ-୨ | ୦.୨୦ | ୦.୧୧ |
| ୪୬ | ୪୧୧ / ୬୪ | ପ୍ରଦୀପ କୁମାର ପ୍ରଧାନ, ଦିଲ୍ଲୀପ କୁମାର ପ୍ରଧାନ, ଶିଶିର କୁମାର ପ୍ରଧାନ, ଅନାଦି ଚରଣ ପ୍ରଧାନ, ଜା: ଖଣ୍ଡାୟତ, ବା: ନିଜଗାଁ | ୧୧୭୫ | ଶାରଦ-୧ | ୦.୨୫ | ୦.୦୧ |
| ୪୭ | ୪୧୧ / ୭୦ | ଶ୍ୟାମ ସୁନ୍ଦର ପଣ୍ଡା, ପି: ଜଗନ୍ନାଥ ପଣ୍ଡା, ଜା: ବ୍ରାହ୍ମଣ, ବା: ମିରିଗିଣି | ୧୨୨୬ | ଶାରଦ-୧ | ୦.୪୧ | ୦.୦୪ |
| ୪୮ | ୪୧୧ / ୭୫ | ସୁଦର୍ଶନ ଆଚାର୍ଯ୍ୟ, ପି: ଯୁଧିଷ୍ଠିର ଆଚାର୍ଯ୍ୟ, ଜା: ବ୍ରାହ୍ମଣ, ବା: ନିଜଗାଁ | ୧୧୭୨ | ଶାରଦ-୩ | ୦.୦୬ | ୦.୦୬ |
| | | | ୧୧୭୩ | ଶାରଦ-୩ | ୦.୨୦ | ୦.୨୦ |
| | | | ୧୧୮୩ | ଶାରଦ-୧ | ୦.୭୭ | ୦.୬୩ |
| ୪୯ | ୪୧୧ / ୮୬ | ଉପେନ୍ଦ୍ର ବିଶ୍ୱାଳ, ଦେବେନ୍ଦ୍ର ବିଶ୍ୱାଳ, ପି: ଚକ୍ରଧର ବିଶ୍ୱାଳ, ଜା: ଖଣ୍ଡାୟତ, ବା: ନିଜଗାଁ | ୧୧୬୬ / ୧୫୯୭ | ଶାରଦ-୧ | ୦.୧୭ | ୦.୦୭ |
| | | | ୧୧୭୪ / ୧୫୯୮ | ଶାରଦ-୧ | ୦.୦୮ | ୦.୦୮ |
| ୫୦ | ୪୧୧ / ୧୦୬ | ବଂଶୀଧର ବିଶ୍ୱାଳ, ପି: ପଞ୍ଚୁ ବିଶ୍ୱାଳ, ଜା: ଖଣ୍ଡାୟତ, ବା : ନିଜଗାଁ | ୧୧୬୯ / ୧୪୬୪ | ଶାରଦ-୨ | ୦.୧୦ | ୦.୦୩ |
| ୫୧ | ୪୧୧ / ୧୧୭ | ନୀଳକଣ୍ଠ ରାଉତ, ପି: ପୂର୍ଣ୍ଣଚନ୍ଦ୍ର ରାଉତ, ଜା: ଖଣ୍ଡାୟତ, ବା: ମିରିଗିଣି | ୧୦୦୪ | ଶାରଦ-୨ | ୦.୪୬ | ୦.୪୬ |
| ୫୨ | ୪୧୧ / ୧୨୪ | ବୀଣାପାଣି ଶତପଥୀ, ପି: ଗଙ୍ଗାଧର ଶତପଥୀ, ଜା: ବ୍ରାହ୍ମଣ, ବା: ମିରିଗିଣି | ୧୦୬୨ | ଶାରଦ-୧ | ୦.୪୪ | ୦.୧୭ |
| ୫୩ | ୪୧୧ / ୧୨୫ | ବୀଣାପାଣି ନନ୍ଦ, ସ୍ୱା: ଭଗବାନ ନନ୍ଦ, ଜା: ବ୍ରାହ୍ମଣ, ବା: ମିରିଗିଣି | ୧୧୮୮ | ଶାରଦ-୨ | ୦.୫୯ | ୦.୫୯ |
| ୫୪ | ୪୧୧ / ୧୩୧ | ଦୀନବନ୍ଧୁ ପରିଡା, ହାଡିବନ୍ଧୁ ପରିଡା, ପି: ନାଲୁ ପରିଡା, ଜା: ଖଣ୍ଡାୟତ, ବା: ମିରିଗିଣି | ୧୦୨୯ / ୧୬୨୪ | ଶାରଦ-୨ | ୦.୦୯ | ୦.୦୯ |
| ୫୫ | ୪୧୧ / ୧୩୭ | କୃଷ୍ଣ ଚନ୍ଦ୍ର ପରିଡା, ପି: କେଶବ ଚନ୍ଦ୍ର ପରିଡା, ଜା: ଖଣ୍ଡାୟତ, ବା: ମିରିଗିଣି | ୧୦୧୨ / ୧୬୩୩ | ଶାରଦ-୨ | ୦.୩୩ | ୦.୩୧ |
| ୫୬ | ୪୧୧ / ୧୪୨ | ରଘୁନାଥ ଦଳେଇ, ପି: ଉଦୟ ନାଥ ଦଳେଇ, ରତନୀ ଦେଇ, ସ୍ୱା: ଉଦୟନାଥ ଦଳେଇ. ନିରଞ୍ଜନ ଦଳେଇ, ଶଶଧର ଦଳେଇ, ପି-ଭୋଳାନାଥ ଦଳେଇ, ଲାବଣ୍ୟ ବେଓ୍ୱା, ସ୍ୱା: ଭୋଳାନାଥ ଦଳେଇ, ପୂର୍ଣ୍ଣଚନ୍ଦ୍ର ଦଳେଇ, ପୂର୍ଣ୍ଣ ଚନ୍ଦ୍ର ଦଳେଇ, ପି: ଅପର୍ତ୍ତି ଦଳେଇ, ଜା: ଖଣ୍ଡାୟତ, ବା: ମିରିଗିଣି | ୧୧୫୫ | ଶାରଦ-୧ | ୦.୪୬ | ୦.୦୯ |
| ୫୭ | ୪୧୧ / ୧୫୬ | ଭାଗବତ ସେଠୀ, ଗୋପାଳ ସେଠୀ, ସନ୍ତୋଷ କୁମାର ସେଠୀ, ରଘୁନାଥ ସେଠୀ, ପି: ବାଇଧର ସେଠୀ, ଜା: ଧୋବା, ବା: ନିଜଗାଁ | ୧୦୫୭ / ୧୬୫୪ | ଶାରଦ-୨ | ୦.୩୧ | ୦.୦୬ |
| ୫୮ | ୪୧୧ / ୧୬୮ | ନିରଞ୍ଜନ ପ୍ରଧାନ, ପି: ଭାସ୍କର ଚନ୍ଦ୍ର ପ୍ରଧାନ, ଜା: ଖଣ୍ଡାୟତ, ବା: ମଧୁବନ ସାମିଲ ମୌଜା–ମିରିଗିଣି | ୧୧୬୩ / ୧୬୬୧ | ଶାରଦ-୨ | ୦.୩୦ | ୦.୨୪ |
| ୫୯ | ୪୧୧ / ୧୬୯ | ରତ୍ନମଣି ପ୍ରଧାନ, ସ୍ୱା: ଭାସ୍କର ଚନ୍ଦ୍ର ପ୍ରଧାନ, ଜା: ଖଣ୍ଡାୟତ, ବା: ମଧୁବନ ସାମିଲ ମିରିଗିଣି | ୧୧୬୩ | ଶାରଦ-୨ | ୦.୩୦ | ୦.୨୪ |
| ୬୦ | ୪୧୧ / ୧୭୯ | ଅନାଦି ପାତ୍ର, ପି: ଗୋପୀନାଥ ପାତ୍ର, ଜା: ପାତ୍ର ତନ୍ତି, ବା: ଡେଙ୍ଗା ପିଆଶାଳ ସାମିଲ ମୌଜା ପୋଡାଶୁଳ | ୧୦୪୪ / ୧୬୬୮ | ଶାରଦ-୨ | ୦.୩୩ | ୦.୨୮ |
| ୬୧ | ୪୧୧ / ୨୨୭ | କୃଷ୍ଣ ଚନ୍ଦ୍ର ପରିଡା, ପି: କେଶବ ଚନ୍ଦ୍ର ପରିଡା, ଜା: ଖଣ୍ଡାୟତ, ବା: ନିଜଗାଁ | ୧୦୧୩ / ୧୬୯୩ | ଶାରଦ-୨ | ୦.୫୮ | ୦.୫୭ |
| | | | ୧୦୧୫ / ୧୬୯୪ | ଶାରଦ-୧ | ୧.୮୮ | ୦.୪୧ |
| ୬୨ | ୪୧୧ / ୨୩୯ | ଭାଗବତ ସେଠୀ, ଗୋପାଳ ଚନ୍ଦ୍ର ସେଠୀ, ସନ୍ତୋଷ କୁମାର ସେଠୀ, ରଘୁନାଥ ସେଠୀ, ପି: ବାଇଧର ସେଠୀ, ଜା: ଧୋବା, ବା: ମିରିଗିଣି | ୧୦୨୭ / ୧୬୯୯ | ଶାରଦ-୨ | ୦.୩୨ | ୦.୩୨ |
| ୬୩ | ୪୧୧ / ୨୪୬ | ପ୍ରଦୀପ କୁମାର ଜେନା, ପି: ନାଗେନ୍ଦ୍ର ଜେନା, ଜା: ଖଣ୍ଡାୟତ, ବା: ଛୋଟ କାନପୁର | ୧୦୦୫ / ୧୫୧୧ | ଶାରଦ-୨ | ୦.୧୮ | ୦.୧୬ |
| ୬୪ | ୪୧୧ / ୨୬୪ | ରବୀନ୍ଦ୍ର ନାଥ ବେହେରା, ପି: ଉପେନ୍ଦ୍ର ନାଥ ବେହେରା,ଜା: କୁବେର, ବା: ମିରିଗିଣି | ୯୪୬ | ଶାରଦ-୩ | ୦.୦୭ | ୦.୦୭ |
| | | | ୯୪୭ | ଶାରଦ-୩ | ୦.୨୯ | ୦.୧୦ |
| | | | ୯୫୩ | ଶାରଦ-୨ | ୦.୩୧ | ୦.୩୧ |
| ୬୫ | ୪୧୧ / ୨୬୬ | ମହେନ୍ଦ୍ର ନାଥ ବେହେରା, ପି: ଉପେନ୍ଦ୍ର ନାଥ ବେହେରା, ଜା : କୁବେର, ବା: ନିଜଗାଁ | ୧୦୦୨ | ଶାରଦ-୨ | ୦.୭୭ | ୦.୦୧ |
| ୬୬ | ୪୧୧ / ୨୯୨ | ପ୍ରମୋଦିନୀ ଦାଶ, ସ୍ୱା: ସୁଦର୍ଶନ ଦାଶ, ଜା: ବ୍ରାହ୍ମଣ, ବା: କାହାଳିଆ | ୧୧୪୩ | ଶାରଦ-୨ | ୦.୨୫ | ୦.୧୯ |
| | | 24001/14/0279/1819 | | ମୋଟ | ୪୮.୮୧ | ୨୬.୯୬ |



“ ଭୁବନେଶ୍ୱରରେ ହେବାକୁ ଥିବା ହକି ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ଖେଳାଳିଙ୍କୁ ପରୀକ୍ଷା ନୀରିକ୍ଷା କରାଯିବ ।

–ହରେନ୍ଦ୍ର ସିଂ, ଭାରତୀୟ ହକି ଦଳର ମୁଖ୍ୟକୋଚ୍



“ ଏସିଆ କପ୍‌ରେ ବାଂଲାଦେଶ ଓ ଆଫଗାନିସ୍ତାନ ବିପକ୍ଷରେ ଦଳର ନୈରାଶ୍ୟଜନକ ପ୍ରଦର୍ଶନର ଫଳ ମୋତେ ଭୋଗିବାକୁ ପଡୁଛି ।

–ଆଞ୍ଜେଲୋ ମାଥ୍ୟୁସ, ଶ୍ରୀଲଙ୍କା କ୍ରିକେଟର

# ଅଞ୍ଜଳି, ଅନିଲଙ୍କ ମିଟ୍ ରେକର୍ଡ

## ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍

ଭୁବନେଶ୍ୱର, ୨୬।୯(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସରେ ଅନୁଷ୍ଠିତ ଇଭେଣ୍ଟ ଗୁଡ଼ିକ ମଧ୍ୟରେ ମହିଳା ୪୦୦ ମିଟର ରେସ୍‌ରେ ହରିୟାଣାର ଅଞ୍ଜଳି ଦେବୀ ୧୬ ବର୍ଷର ମିଟ୍ ରେକର୍ଡ ଭାଙ୍ଗିଛନ୍ତି । ସେହିପରି ପୁରୁଷ ହାଇଜମ୍ପରେ ସର୍ଭିସେସର ସର୍ଭେସ ଅନିଲ କୁଶାରେ ୨.୨୪ ମିଟର ଡେଇଁ ମିଟ୍ ରେକର୍ଡର ଅଧିକାରୀ ହୋଇଛନ୍ତି ।

**ପୂର୍ଣ୍ଣିମାଙ୍କୁ ବ୍ରୋଞ୍ଜ ପଦକ**

ଓଡ଼ିଆ ଆଥଲେଟଙ୍କ ପାଇଁ ଖୁସି ଖବର ଆଣିଛନ୍ତି ପୂର୍ଣ୍ଣିମା ହେମ୍ବ୍ରମ । ବୁଧବାର ମହିଳା ୧୦୦ ମିଟର ହର୍ଡଲ୍ସରେ ରେଲୱେ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ପୂର୍ଣ୍ଣିମା ୧୪.୦୨ ସେକେଣ୍ଡ ସମୟ ନେଇ ୪ର୍ଥ ସ୍ଥାନ ଅଧିକାର କରିଥିଲେ । ତାମିଲନାଡୁର ସି.କାନିମୋଝି ୧୩.୭୧, ଜାପାନର ହିତୋମି ସିମୁରା ୧୩.୭୪ ଓ ତାମିଲନାଡୁର ଆର.ନିତ୍ୟା ୧୩.୯୯ ପ୍ରଥମ ତିନିସ୍ଥାନ ଅଧିକାର କରିଥିଲେ । ମାତ୍ର ସିମୁରା ବିଦେଶୀ ପ୍ରତିଯୋଗୀ ହୋଇଥିବାରୁ ନିୟମ ଅନୁସାରେ ପ୍ରତିଯୋଗିତାରେ ଭାଗ ନେଇପାରିବେ ମାତ୍ର ପଦକର ଦାବିଦାର ହୋଇପାରି ନାହାନ୍ତି । ଫଳରେ ନିତ୍ୟା ରୌପ୍ୟ ପଦକ ହାସଲ କରିଥିବାବେଳେ ୪ର୍ଥ ସ୍ଥାନରେ ଥିବା ପୂର୍ଣ୍ଣିମା ବ୍ରୋଞ୍ଜ ପଦକର ଅଧିକାରିଣୀ ହୋଇଛନ୍ତି । ପ୍ରକାଶ ଯୋଗ୍ୟ ଯେ, ଉଭୟ ଜାତୀୟ ରେକର୍ଡ ଓ ମିଟ୍ ରେକର୍ଡ ହର୍ଡଲ୍ସ କୁଇନ୍ ଅନୁରାଧା ବିଶ୍ୱାଳଙ୍କ ନାମରେ ରହିଛି । ୨୦୦୨ ସେପ୍ଟେମ୍ବର ୮ ତାରିଖରେ ନୂଆଦିଲ୍ଲୀଠାରେ ସେ ୧୩.୩୮ ସେକେଣ୍ଡ ସମୟ ନେଇ ଜାତୀୟ ରେକର୍ଡର ଅଧିକାରିଣୀ ହୋଇଥିଲେ । ଇତି ମଧ୍ୟରେ ୧୬ ବର୍ଷ ବିତି ଯାଇଥିଲେ ହେଁ ଏହି ରେକର୍ଡ ଏବେ ମଧ୍ୟ ଅତୁଟ ରହିଛି ।

**୪x୧୦୦ ପୁରୁଷ ରିଲେରେ ଓଡ଼ିଶା ଫେଲ୍**

୪x୧୦୦ ମିଟର ରିଲେ ରେସ୍‌ରେ ଓଡ଼ିଶା ପୁରୁଷ ଦଳ ଫାଇନାଲରେ ପ୍ରବେଶ କରିବାରେ ଅସମର୍ଥ ହୋଇଛନ୍ତି । ହିଟ୍–୧ରେ ରେସ୍ କରିଥିବା ଓଡ଼ିଶା ଦଳ ୪୩.୪୭ ସେକେଣ୍ଡ ସମୟ ନେଇ ୧୧ ଦଳଙ୍କ ମଧ୍ୟରେ ସବୁଠାରୁ ଶେଷ ସ୍ଥାନରେ ରହିଥିଲା । ଫାଇନାଲକୁ ଉନ୍ନୀତ ହୋଇଥିବା ଦଳଗୁଡ଼ିକ ହେଲେ ପଶ୍ଚିମବଙ୍ଗ(୪୨.୭୨ ସେକେଣ୍ଡ), ଅଲ୍ ଇଣ୍ଡିଆ ପୋଲିସ(୪୨.୬୫), ମଣିପୁର(୪୦.୯୮), ସର୍ଭିସେସ(୪୦.୬୬), ରେଲୱେ(୪୧.୧୧), ପଞ୍ଜାବ(୪୧.୪୩), ଦିଲ୍ଲୀ (୪୧.୫୨)ଓ ତାମିଲନାଡୁ(୪୧.୯୧) ।

**୨୦ କିଲୋମିଟର ଚାଲି**

ପୂର୍ବାହ୍ନରେ ଅନୁଷ୍ଠିତ ୨୦ କିଲୋମିଟର ଚାଲିରେ ସର୍ଭିସେସର ଗଣପତି ୧:୨୮.୩୫ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ । ହରିୟାଣାର ସନ୍ଦୀପ କୁମାର ୧:୨୮.୫୨ ଓ ସର୍ଭିସେସର ଦେଭିନ୍ଦର ସିଂ ୧:୨୯.୧୩ ସେକେଣ୍ଡ ସମୟ ନେଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଥିଲେ ।

**୧୧୦ ମିଟର ହର୍ଡଲ୍ସ**

ପୁରୁଷ ୧୧୦ ମିଟର ହର୍ଡଲ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ତାମିଲନାଡୁର ଜେ.ସୁରିନ୍ଦର । ସେ ୧୩.୮୯ ସେକେଣ୍ଡ ସମୟ ନେଇ ପ୍ରଥମ ହୋଇଥିବାବେଳେ ତେଲେଙ୍ଗାନାର କୁପ୍ପୁସାମି ପ୍ରେମ୍ କୁମାର ୧୪.୨୪ ଓ ସର୍ଭିସେସର ମେମନ ପୌଲୋସ ୧୪.୪୧ ସେକେଣ୍ଡ ସହିତ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି ।

**୧୦୦ ମିଟର ପୁରୁଷ**

ପୁରୁଷ ୧୦୦ ମିଟର ରେସ୍‌ରେ ୧୦.୩୯ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ପାଇଛନ୍ତି ସର୍ଭିସେସର ସଞ୍ଜିତ । ରେଲୱେର ବି.ଶିବା କୁମାର ୧୦.୫୩ ଓ ସର୍ଭିସେସର ବିଦ୍ୟା ସାଗର ୧୦.୫୪ ସେକେଣ୍ଡ ସମୟ ନେଇ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି ।

**ମହିଳା ୧୦୦ ମିଟର**

ମହିଳା ୧୦୦ ମିଟର ରେସ୍‌ରେ ତାମିଲନାଡୁର ଚନ୍ଦ୍ରଲେଖା ୧୧.୪୭ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ, ଏସ.ଅର୍ଚ୍ଚନା ୧୧.୭୧ ସେକେଣ୍ଡ ସହ ରୌପ୍ୟ ଓ କର୍ନାଟକର ରିନା ଜର୍ଜ ୧୧.୭୫ ସେକେଣ୍ଡ ନେଇ ବ୍ରୋଞ୍ଜ ପଦକ ପାଇଛନ୍ତି ।

**ମହିଳା ଲଙ୍ଗଜମ୍ପ**

ରେଲୱେ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଭି.ନୀନା ମହିଳା ଲଙ୍ଗଜମ୍ପରେ ୬.୩୭ ମିଟର ଡେଇଁ ସ୍ୱର୍ଣ୍ଣ ପଦକ ପାଇଛନ୍ତି । ତାମିଲନାଡୁର ହର୍ଷିନୀ ସର୍ବାନନ ୬.୨୧ ଓ ରେଲୱେର କାର୍ତ୍ତିକା ୬.୧୪ ମିଟର ଡେଇଁ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ।

**ପୁରୁଷ ୪୦୦ ମିଟର ରେସ୍**

ସର୍ଭିସେସର ନୋଆ ନିର୍ମଳ ଟୋମ ୪୬.୫୬ ସେକେଣ୍ଡ ସମୟ ନେଇ ପୁରୁଷ ୪୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ପଞ୍ଜାବର ଅର୍ଶଦୀପ ସିଂ ଭିର୍କ ୪୭.୧୩ ଓ ଚଣ୍ଡିଗଡ଼ର ଏ. ଆଲେକ୍ସ୪୭.୩୬ ସେକେଣ୍ଡ ସମୟ ନେଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି ।

**ମହିଳା ୪୦୦ ମିଟର**

ହରିୟାଣାର ଅଞ୍ଜଳି ଦେବୀ ମହିଳା ୪୦୦ ମିଟର ରେସ୍‌ରେ ୧୬ ବର୍ଷର ମିଟ୍ ରେକର୍ଡ ଭାଙ୍ଗିଛନ୍ତି । ସେ ଏଠାରେ ୫୧.୭୯ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ପୂର୍ବରୁ ମିଟ୍ ରେକର୍ଡ ଦିଲ୍ଲୀର କେ.ଏମ.ବୀଣାମୋଲଙ୍କ ନାମରେ ଥିଲା । ସେ ୨୦୦୨ରେ ୫୧.୯୦ ସେକେଣ୍ଡ ସମୟ ନେଇ ମିଟ୍ ରେକର୍ଡର ଅଧିକାରିଣୀ ଥିଲେ । ଏଠାରେ ପଞ୍ଜାବର ପ୍ରାଚୀ ୫୩.୧୭ ଓ ରେଲୱେର ସି.ସରଭାଥ ୫୩.୫୪ ସେକେଣ୍ଡ ସମୟ ନେଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଥିଲେ ।

**ପୁରୁଷ ହାଇଜମ୍ପ**

ପୁରୁଷ ହାଇଜମ୍ପରେ ସର୍ଭିସେସର ସର୍ଭେସ ଅନିଲ କୁଶାରେ ୨.୨୪ ମିଟର ଡେଇଁ ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ମିଟ୍ ରେକର୍ଡର ଅଧିକାରୀ ହୋଇଛନ୍ତି । ପୂର୍ବରୁ ମିଟ୍ ରେକର୍ଡ ଚେନ୍ନାଇର ଭି.ଏସ.ଯାଦବଙ୍କ ନାମରେ ଥିଲା । ସେ ୨୦୧୭ରେ ୨.୨୩ ମିଟର ଡେଇଁ ଏପର୍ଯ୍ୟନ୍ତ ମିଟ୍ ରେକର୍ଡର ଅଧିକାରୀ ଥିଲେ । ରେଲୱେର ସିଦ୍ଧାର୍ଥ ଯାଦବ ୨.୧୬ ଓ ସର୍ଭିସେସର ବି.ଚେତନ ୨.୧୬ ମିଟର ଡେଇଁ ଏଠାରେ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଥିଲେ ।

**ମହିଳା ଶଟ୍‌ପୁଟ୍**

ମହିଳା ଶଟ୍‌ପୁଟ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ରେଲୱେର ନଭଜିତ କୌର ଧିଲୋନ । ସେ ଜାତୀୟ ଓ ମିଟ୍ ରେକର୍ଡଠାରୁ ବହୁ ଦୂରରେ ରହିଥିଲେ ହେଁ ୧୫.୦୦ ମିଟର ଦୂରକୁ ଶଟ୍‌ପୁଟ୍ ଫିଙ୍ଗି ପ୍ରଥମସ୍ଥାନ ଅଧିକାର କରିଥିଲେ । ଆସାମର ତୁଣ୍ଡଲାଇ ନାର୍ଜାରେ ୧୪.୨୧ ଓ ରେଲୱେର ପି.ଉମା ୧୪.୧୭ ମିଟର ସହ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଥିଲେ ।

**ପୁରୁଷ ଡିସ୍କସ୍**

ସର୍ଭିସେସର ଧରମରାଜ ଯାଦବ ପୁରୁଷ ଡିସ୍କସ୍ ଥ୍ରୋରେ ୫୯.୫୬ ମିଟର ସହ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ । ଯାଦବଙ୍କ ସାଥି ଭାଜିର ୫୪.୦୪ ମିଟର ସହିତ ରୌପ୍ୟ ଏବଂ ହରିୟାଣାର ସଚିନ ୫୩.୬୫ ମିଟର ଥ୍ରୋ କରି ବ୍ରୋଞ୍ଜ ପଦକ ହାସଲ କରିଥିଲେ ।

**ଡେକାଥଲନ**

୧୦୦ ମିଟର ରେସ୍, ଲଙ୍ଗଜମ୍ପ, ଶଟ୍‌ପୁଟ, ହାଇଜମ୍ପ, ୪୦୦ ମିଟର ରେସ୍, ୧୧୦ ମିଟର ହର୍ଡଲ୍ସ, ଡିସ୍କସ୍ ଥ୍ରୋ, ପୋଲ୍‌ଭଲ୍ଟ, ଜାଭେଲିନ୍ ଥ୍ରୋ, ୧୫୦୦ ମିଟର ଆଦି ୧୦ଟି ଇଭେଣ୍ଟକୁ ନେଇ ଅନୁଷ୍ଠିତ ପୁରୁଷ ଡେକାଥଲନ ଇଭେଣ୍ଟରେ ସର୍ଭିସେସର ବୁଟା ସିଂ ୬୯୫୩ ପଏଣ୍ଟ ହାସଲ ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ରେଲୱେର ଅଭିଷେକ ଶେଟ୍ଟି ୬୮୫୫ ଓ ସର୍ଭିସେସର ମହମ୍ମଦ ହାଫସି ୬୭୪୪ ପଏଣ୍ଟ ସହ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି । ଏଥିରେ ଅଂଶଗ୍ରହଣ କରିଥିବା ଓଡ଼ିଶାର ସୁକଦେବ ମହାନ୍ତି ୪୯୨୪ ପଏଣ୍ଟ ପାଇ ୧୦ମ ସ୍ଥାନରେ ରହିଛନ୍ତି ।

**ପୁରୁଷ ୧୫୦୦ ମିଟର**

ରେଲୱେ ପ୍ରତିଯୋଗୀମାନେ ପୁରୁଷ ୧୫୦୦ ମିଟରରେ କ୍ଲିନ୍ ସୁଇପ୍ କରିଛନ୍ତି । ଅଜୟ କୁମାର ସରୋଜ ୩:୪୬.୪୯ ସେକେଣ୍ଡ ସହ ସ୍ୱର୍ଣ୍ଣ, ବିଶ୍ୱମ୍ଭର କୋଲୋକାର ୩:୪୭.୫୧ ସେକେଣ୍ଡ ସହ ରୌପ୍ୟ ଓ ସାଜେଶ ଜୋସେଫ ୩:୪୮.୭୪ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ପାଇଛନ୍ତି ।

**ମହିଳା ୧୫୦୦ ମିଟର**

ରେଲୱେର ପି.ୟୁ.ଚିତ୍ରା ମହିଳା ୧୫୦୦ ମିଟର ଟାଇଟଲ ହାସଲ କରିଛନ୍ତି । ସେ ୪:୨୪.୩୫ ସେକେଣ୍ଡ ସହ ସ୍ୱର୍ଣ୍ଣ, ଅନ୍ୟତମ ରେଲୱେ ପ୍ରତିଯୋଗୀ ଶିପ୍ରା ସରକାର ୪:୨୫.୪୫ ସେକେଣ୍ଡରେ ରୌପ୍ୟ ଏବଂ ବିହାରର ସୁଗନ୍ଧା କୁମାରୀ ୪:୩୦.୦୦ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ଅଧିକାର କରିଛନ୍ତି ।



ପୁରୁଷ ୧୧୦ ମିଟର ହର୍ଡଲ୍ସର କୃତୀ ପ୍ରତିଯୋଗୀଙ୍କ ସହ ଅତିଥି ଅନୁରାଧା ବିଶ୍ୱାଳ (ବାମ) ।

# ବିବାହ କରିବେ ସାଇନା–କାଶ୍ୟପ

ହାଇଦ୍ରାବାଦ,୨୬।୯

ଭାରତୀୟ ବ୍ୟାଡ୍‌ମିଣ୍ଟନ ଜଗତର ଦୁଇ ଷ୍ଟାର ଖେଳାଳିଙ୍କ ମଧ୍ୟରେ ଦୀର୍ଘଦିନ ହେଲା ଚାଲିଥିବା ହାଇପ୍ରୋଫାଇଲ ରୋମାନ୍ସ ଏବେ ବିବାହର ପରିଣତ ହେବାକୁ ଯାଉଛି । ମହିଳା ସିଙ୍ଗଲ୍ସ ଖେଳାଳି ସାଇନା ନେହ୍ୱାଲ ଓ ପୁରୁଷ ଖେଳାଳି ପାରୁପଲ୍ଲୀ କାଶ୍ୟପ ଚଳିତ ବର୍ଷର ଅନ୍ତିମ ଭାଗରେ ବିବାହ ବନ୍ଧନରେ ଆବଦ୍ଧ ହେବେ । ଭାରତୀୟ ବ୍ୟାଡ୍‌ମିଣ୍ଟନ ଜଗତର ଏହି ହାଇପ୍ରୋଫାଇଲ ବିବାହ ଡିସେମ୍ବର ୧୬ ତାରିଖରେ ସମ୍ପନ୍ନ ହେବ । ଏଥିରେ କେବଳ ୧୦୦ ଜଣ ଅତିଥି ଯୋଗଦେବେ ବୋଲି ଯୋଜନା କରାଯାଇଛି । ଏହାପରେ ଡିସେମ୍ବର ୨୧ ତାରିଖରେ ଏକ ବଡ଼ ଭୋଜିର ଆୟୋଜନ କରାଯିବ । ଗତ ଦଶନ୍ଧି ହେଲା ଦୁଇ ହାଇଦ୍ରାବାଦ ଖେଳାଳିଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା । କିନ୍ତୁ ଉଭୟ ଏହାକୁ ଲୁଚାଇ ରଖିଥିଲେ । ଏପରି କି ସାଥୀ ଖେଳାଳି କିଡାମ୍ବି ଶ୍ରୀକାନ୍ତ, ଏଚ୍. ଏସ୍ ପ୍ରଣୟ ଓ ଗୁରୁସାଇଦତ୍ତ ମଧ୍ୟ ଏସମ୍ପର୍କରେ ଅବଗତ ନ ଥିଲେ । ଯଦି କେହି ସେମାନଙ୍କ ପ୍ରେମ ସମ୍ପର୍କରେ ପ୍ରଶ୍ନ କରୁଥିଲେ, ଉଭୟେ ତାକୁ ଖଣ୍ଡନ କରୁଥିଲେ । ତେବେ ଚଳିତବର୍ଷ ହୋଇଥିବା କ୍ରୀଡ଼ାବିତଙ୍କ ବିବାହ ତାଲିକାରେ କାଶ୍ୟପ–ସାଇନା ସାମିଲ ହେବାକୁ ଯାଉଛନ୍ତି । ଏ ପର୍ଯ୍ୟନ୍ତ ସ୍କ୍ୱାଶ୍ ଖେଳାଳି ଦୀପିକା ପାଲିକଲ ଓ କ୍ରିକେଟର ଦୀନେଶ କାର୍ତ୍ତିକ, କ୍ରିକେଟର ଈଶାନ୍ତ ଶର୍ମା ଓ ପ୍ରତିମା ସିଂ, ରେସଲର ଗୀତା ଫୋଗତ ଓ ପାୱନ କୁମାର ଏବଂ ସାକ୍ଷୀ ମଲିକ ଓ ସତ୍ୟବର୍ତ୍ତ କାଦିଆନ ବିବାହ ବନ୍ଧନରେ ଆବଦ୍ଧ ହୋଇ ସାରିଛନ୍ତି । ଉଭୟେ ୨୦୦୫ରେ କୋଚ୍ ପୁଲ୍ଲେଲା ଗୋପିଚାନ୍ଦଙ୍କ ନିକଟରେ ପ୍ରଶିକ୍ଷଣ ଆରମ୍ଭ କରିବା ବେଳେ ପରସ୍ପରକୁ ଭେଟିଥିଲେ । ଏହାପରେ ସାଇନା ୨୦ ମେଜର ଟାଇଟଲ ସହ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ଓ ବିଶ୍ୱ ଚାମ୍ପିୟନଶିପ ରୌପ୍ୟ ପଦକ ଜିତିଥିଲେ ।

## ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ହକି
# ଭାରତୀୟ ଦଳରେ ଅମିତଙ୍କୁ ନିଆ ଗଲାନି

ନୂଆଦିଲ୍ଲୀ, ୨୬।୯(ପି.ଟି.)

ଯାହା ଆଶଙ୍କା କରାଯାଉଥିଲା, ଶେଷରେ ତାହା ସତ ହେଲା । ଆସନ୍ତା ମାସ ଓମାନର ବନ୍ଦର ରାଜଧାନୀ ମସ୍କାଟରେ ହେବାକୁଥିବା ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ହକି ପାଇଁ ବୁଧବାର ୧୮ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି । ଏହି ଦଳରେ କୌଣସି ଓଡ଼ିଆ ଖେଳାଳି ସ୍ଥାନ ଦିଆ ଯାଇ ନାହିଁ । ପୂର୍ବରୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ କ୍ୟାମ୍ପ ପାଇଁ ହକି ଇଣ୍ଡିଆ ପକ୍ଷରୁ ପ୍ରକାଶିତ ୨୫ ଜଣିଆ କୋର ଗ୍ରୁପ୍ ଖେଳାଳି ତାଲିକାରେ କୌଣସି ଓଡ଼ିଆ ଖେଳାଳି ସାମିଲ ହୋଇ ନ ଥିଲେ । ମାତ୍ର ପରେ ଅମିତ କ୍ୟାମ୍ପରେ ଅଛନ୍ତି ବୋଲି କୋଚ୍ ହରେନ୍ଦ୍ର ସିଂ ପ୍ରକାଶ କରିଥିଲେ । ଗଣମାଧ୍ୟମ ଚାପରେ ଅମିତ୍‌ଙ୍କୁ କ୍ୟାମ୍ପରେ ସାମିଲ କରାଯାଇଥିବା ଆଲୋଚନା ହୋଇଥିଲା । ମାତ୍ର ଏବେ ତାହା ସତରେ ପରିଣତ ହୋଇଛି । କୋର୍ ଗ୍ରୁପ୍‌ରେ ନ ଥିବାରୁ ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ପାଇଁ ଅମିତ୍‌ଙ୍କୁ ଚୟନକର୍ତ୍ତାମାନେ ଅଣଦେଖା କରିଥିବା ପ୍ରମାଣିତ ହୋଇଛି । ପି.ଆର. ଶ୍ରୀଜେସଙ୍କ ବଦଳରେ ତାରକା ମିଡଫିଲ୍ଡର ମନପ୍ରୀତ ସିଂଙ୍କୁ ଦଳର ଅଧିନାୟକ କରାଯାଇଛି । ଭାରତ ଡିଫେଣ୍ଡିଂ ଚାମ୍ପିୟନ ଭାବରେ ଚାମ୍ପିୟନ୍ସ ଟ୍ରଫିରେ ଅଂଶଗ୍ରହଣ କରିବ ।

**ଭାରତୀୟ ଦଳ:**

ଗୋଲକିପର: ପି.ଆର. ଶ୍ରୀଜେସ, କିଷ୍ଣନ୍ ବାହାଦୂର ପାଠକ । ଡିଫେଣ୍ଡର୍ସ: ହରମନପ୍ରୀତ ସିଂ, ଗୁରିନ୍ଦର ସିଂ, ବରୁନ କୁମାର, କୋଥାଜିତ୍ ସିଂ ଖାଡଙ୍ଗମ୍, ସୁରେନ୍ଦର କୁମାର, ଜରମନପ୍ରୀତ ସିଂ, ହାର୍ଦ୍ଦିକ ସିଂ । ମିଡଫିଲ୍ଡର୍ସ: ମନପ୍ରୀତ ସିଂ (ଅଧିନାୟକ), ସୁମିତ ନିଳକାନ୍ତ ଶର୍ମା, ଲଳିତ କୁମାର ଉପାଧ୍ୟାୟ, ଚିଙ୍ଗଲେନସାନ ସିଂ କାଙ୍ଗୁଜାମ (ଉପଅଧିନାୟକ) । ଫରୱାର୍ଡ୍ସ: ଆକାଶଦୀପ ସିଂ, ଗୁରଜନ୍ତ ସିଂ, ମନଦୀପ ସିଂ ଓ ଦିଲପ୍ରୀତ୍ ସିଂ ।

# ଦିଲ୍ଲୀକୁ ହରାଇଲା ଓଡ଼ିଶା

## ବିଜୟ ହଜାରେ ଟ୍ରଫି

କଟକ ଅଫିସ,୨୬।୯

ଚଳିତ ବିଜୟ ହଜାରେ ଟ୍ରଫି କ୍ରିକେଟରେ ଓଡ଼ିଶାକୁ ପ୍ରଥମ ବିଜୟ ସ୍ୱାଦ ମିଳିଛି । ନୂଆଦିଲ୍ଲୀସ୍ଥିତ ଏୟାରଫୋର୍ସ କମ୍ପ୍ଲେକ୍ସ ଗ୍ରାଉଣ୍ଡରେ ବୁଧବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଶକ୍ତିଶାଳୀ ଦିଲ୍ଲୀକୁ ୯ରନ୍‌ରେ ପରାସ୍ତ କରିଛି । ଏଥିସହ ପଏଣ୍ଟ ଟେବୁଲରେ ଗୋଟିଏ ସ୍ଥାନ ଉପରକୁ ଉଠି ଦଳ ୭ମ ସ୍ଥାନରେ ପହଞ୍ଚିଛି । ୪୮ ଓଭର ବିଶିଷ୍ଟ ଏହି ମ୍ୟାଚ୍‌ରେ ଓଡ଼ିଶାର ୩ ଖେଳାଳି ଅର୍ଦ୍ଧଶତକ ହାସଲ କରିବା ସହ ୭ ବୋଲର ଉଇକେଟ ହାସଲ କରିଥିଲେ । ଗୌତମ ଗମ୍ଭୀରଙ୍କ ନେତୃତ୍ୱାଧୀନ ଦିଲ୍ଲୀ ପାଇଁ ଏହାଥିଲା ଚଳିତ ସିଜନରେ ପ୍ରଥମ ପରାଜୟ । ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍ ୨୮ରେ ମଧ୍ୟପ୍ରଦେଶ ବିପକ୍ଷରେ ଖେଳିବ ।

ଅଧିନାୟକ ଗୋବିନ୍ଦ ପୋଦ୍ଦାର ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ । ୩.୫ ଓଭରରେ ଓଡ଼ିଶାର ଦଳଗତ ସ୍କୋର ୨୦ ହୋଇଥିବା ବେଳେ ଓପନର ଅନୁରାଗ ଷଡ଼ଙ୍ଗୀ(୫ରନ୍) ସିମରନଜିତ ସିଂଙ୍କ ବଲରେ ଉଇକେଟ କିପର ଉନ୍ମୁକ୍ତ ଚାନ୍ଦଙ୍କ ହାତରେ ଧରାପଡ଼ି ପ୍ୟାଭିଲିୟନ ଫେରିଥିଲେ । ଅନ୍ୟତମ ଓପନର ରାଜେଶ ଧୂପର ଓ ଅଧିନାୟକ ଗୋବିନ୍ଦ ବଡଶଟ୍ ଖେଳିବା ସହ ସହଜରେ ରନ୍ ସଂଗ୍ରହ କରିଥିଲେ । ୮.୧ ଓଭରରେ ଓଡ଼ିଶା ସ୍କୋର ୫୦ ଛୁଇଁଥିଲା । ଦଳୀୟ ସ୍କୋର ୯୨ ହୋଇଥିବା ବେଳେ ରାଜେଶ ୫ଟି ଚୌକା ଓ ଗୋଟିଏ ଛକା ବଳରେ ୪୬ରନ୍ କରି ମନନ ଶର୍ମାଙ୍କ ବଲରେ ଏଲବିଡବ୍ଲ୍ୟୁ ହୋଇଥିଲେ । ୧୯ତମ ଓଭରରେ ଓଡ଼ିଶାର ସ୍କୋର ୧୦୦ ଟପିଥିଲା । ପୂର୍ବତନ ଅଧିନାୟକ ବିପ୍ଳବ ସାମନ୍ତରାୟ ଓ ଅଧିନାୟକ ଗୋବିନ୍ଦ ସତର୍କତାର ସହ ବ୍ୟାଟିଂ କରିଥିଲେ । ୬୬ଟି ବଲରେ ଗୋବିନ୍ଦ ଅର୍ଦ୍ଧଶତକ ପୂରଣ କରିଥିଲେ । ବ୍ୟକ୍ତିଗତ ୫୬ରନରେ ଗୋବିନ୍ଦ ନୀତୀଶ ରାଣାଙ୍କ ବଲରେ ଏଲବିଡବ୍ଲ୍ୟୁ ହେବା ବେଳକୁ ଓଡ଼ିଶାର ସ୍କୋର ଥିଲା ୧୪୧ । ପରେ ବିପ୍ଳବ ଓ ଶୁଭ୍ରାଂଶୁ ସେନାପତିଙ୍କ ମଧ୍ୟରେ ୪ର୍ଥ ଉଇକେଟରେ ଶତକୀୟ ଭାଗୀଦାରି ସୃଷ୍ଟି ହୋଇଥିଲା । ୭୨ବଲରୁ ଅର୍ଦ୍ଧଶତକ ପୂରଣ କରିଥିବା ବିପ୍ଳବ ୬୩ରନ୍‌ରେ ଆଉଟ ହୋଇଥିଲେ । ନିର୍ଦ୍ଧାରିତ ୪୮ ଓଭରରେ ଓଡ଼ିଶାର ସ୍କୋର ୪ ଉଇକେଟ ବିନିମୟରେ ୨୪୯ ରନ୍ ହୋଇଥିଲା । ଶୁଭ୍ରାଂଶୁ ୫୯ରନ୍‌ରେ ଓ ସୂର୍ଯ୍ୟକାନ୍ତ ପ୍ରଧାନ ୧ରନ୍‌ରେ ଅପରାଜିତ ଥିଲେ । ୨୫୦ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଦିଲ୍ଲୀ ୨୪ରନରେ ୨ଟି ଉଇକେଟ ହରାଇଥିଲା । ଓପନର ଉନ୍ମୁକ୍ତ ଚାନ୍ଦ(୪ରନ୍)ଙ୍କୁ ଦୀପକ ବେହେରା ଓ ଧ୍ରୁବ ସୋରେ(୦)ଙ୍କୁ ସୂର୍ଯ୍ୟକାନ୍ତ ପ୍ରଧାନ ଆଉଟ କରିଥିଲେ । ଅଧିନାୟକ ଗମ୍ଭୀର ଓ ନୀତୀଶ ରାଣାଙ୍କ ମଧ୍ୟରେ ୪୮ରନ୍‌ର ଭାଗୀଦାରି ସୃଷ୍ଟି ହୋଇଥିଲା । ନୀତିଶଙ୍କୁ ୨୪ରନରେ ଗୋବିନ୍ଦ ଉଇକେଟକିପର ରାଜେଶଙ୍କ ହାତରେ ଧରାପକାଇ ଓଡ଼ିଶାକୁ ବଡ ବ୍ରେକ୍‌ଥ୍ରୁ ଦେଇଥିଲେ । ପରେ ଗୌତମଙ୍କୁ ୪୪ରନ୍‌ରେ ଅନୁରାଗ ଏଲବିଡବ୍ଲ୍ୟୁ କରିବା ଫଳରେ ମ୍ୟାଚ ପୁନର୍ବାର ଓଡ଼ିଶା ପକ୍ଷକୁ ଢ଼ଳିଥିଲା । ୧୦୨ରନ୍‌ରେ ଦିଲ୍ଲୀ ୪ଜଣଙ୍କ ଉଇକେଟ ହରାଇ ସାରିଥିଲା । ପରବର୍ତ୍ତୀ ସମୟରେ ଆକ୍ରମଣାତ୍ମକ ବ୍ୟାଟିଂ କରୁଥିବା ରିଷଭ ପନ୍ତ(୩୯ରନ୍), ହିମତ ସିଂ(୭ରନ୍), ମନନ ଶର୍ମା(୧୭ରନ୍) ସ୍ୱଳ୍ପ ରନ ବ୍ୟବଧାନରେ ଆଉଟ ହେବାରୁ ଓଡ଼ିଶାର ବିଜୟ ନିଶ୍ଚିତ ହୋଇଥିଲା । ଅନ୍ତିମ ୪ ଓଭରରେ ଦିଲ୍ଲୀକୁ ବିଜୟ ପାଇଁ ୫୦ରନ୍ ଆବଶ୍ୟକ କରୁଥିବା ବେଳେ ୪୦ରନ୍ କରିବାକୁ ସକ୍ଷମ ହୋଇଥିଲା । ୨୪୦ରନ୍‌ରେ ଦିଲ୍ଲୀ ଅଲଆଉଟ ହୋଇଥିଲା । ସୁବୋଧ ଭଟି ୪୨, ନଭଦୀପ ୨୫ରନ୍ ଓ ଲଳିତ ଯାଦବ ୨୫ରନ କରିଥିଲେ । ଓଡ଼ିଶା ପକ୍ଷରୁ ପପୁ ରାୟ ଓ ଦୀପକ ବେହେରାଙ୍କୁ ୨ଟି ଲେଖାଏ ଉଇକେଟ ମିଳିଥିବା ବେଳେ ସୂର୍ଯ୍ୟକାନ୍ତ ପ୍ରଧାନ, ଗୋବିନ୍ଦ ପୋଦ୍ଦାର, ଅନୁରାଗ ଷଡ଼ଙ୍ଗୀ, ପ୍ରୟାସ ସିଂ, ବିପ୍ଳବ ସାମନ୍ତରାୟ ଗୋଟିଏ ଲେଖାଏ ଉଇକେଟ ପାଇଥିଲେ ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା: ୪୮ ଓଭରରେ ୨୪୯/୪( ବିପ୍ଳବ–୬୩, ଶୁଭ୍ରାଂଶୁ–୫୯, ସିମରଜିତ ସିଂ –୧/୨୭) ।

ଦିଲ୍ଲୀ: ୨୪୦/ଅଲଆଉଟ (ଗମ୍ଭୀର–୪୪, ସୁବୋଧ–୪୨, ଦୀପକ ବେହେରା–୨/୨୫, ପପୁ ରାୟ–୨/୩୭) ।







# ପ୍ଲାଷ୍ଟିକ ଫ୍ରି ଓଡ଼ିଶା ଅଭିଯାନ



ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର 'ପ୍ଲାଷ୍ଟିକ ଫ୍ରି ଓଡ଼ିଶା' ଅଭିଯାନକୁ ସମର୍ଥନ ଜଣାଉଛନ୍ତି ରାଉରକେଲା ପାନପୋଷ କ୍ରୀଡ଼ା ଛାତ୍ରାବାସର ହକି ଖେଳାଳି ଏବଂ କୋଚ୍।







ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର 'ପ୍ଲାଷ୍ଟିକ ଫ୍ରି ଓଡ଼ିଶା' ଅଭିଯାନକୁ ସମର୍ଥନ ଜଣାଉଛନ୍ତି ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଚଟୁଅନକା ମାଝିପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର (ବାମ) ଶିକ୍ଷୟିତ୍ରୀଶିକ୍ଷକ।



ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର 'ପ୍ଲାଷ୍ଟିକ ଫ୍ରି ଓଡ଼ିଶା' ଅଭିଯାନକୁ ସମର୍ଥନ ଜଣାଉଛନ୍ତି କଟକ ମହାନଗର ନିଗମ (ସିଏମ୍‌ସି) ମେୟର ମୀନାକ୍ଷୀ ବେହେରା, ଡେପୁଟି ମେୟର ଅଜୟ ବାରିକ, କମିଶନର ଶରତ ଚନ୍ଦ୍ର ନାୟକ, ହେଲ୍‌ଥ ଷ୍ଟାଣ୍ଡିଂ କମିଟି ଅଧକ୍ଷ ରଞ୍ଜନ ବିଶ୍ୱାଳ ଓ କର୍ପୋରେଟରମାନେ।

# ମଦଭାଟି ଶ୍ରମିକଙ୍କୁ ହତ୍ୟା

## ୪ ଭାଟି କର୍ମଚାରୀଙ୍କୁ ପୋଲିସର ପଚରାଉଚୁରା

ପାଟଣାଗଡ଼,୨୬।୯(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ପାଟଣାଗଡ଼ ସହର ନିକଟ ସୁବର୍ଣ୍ଣରେଖା ନଦୀକୂଳରେ ଥିବା ଏକ ଦେଶୀ ମଦଭାଟିର ଜଣେ ଶ୍ରମିକ ହତ୍ୟାର ଶିକାର ହୋଇଛନ୍ତି। ମୃତ ଶ୍ରମିକ ଜଣକ ହେଲେ ସ୍ଥାନୀୟ ଭାଟିଶାଳପଡ଼ାର ନାରାୟଣ ମୁଣ୍ଡା (୪୦)। ମଙ୍ଗଳବାର ମଧ୍ୟରାତ୍ରରେ ନଦୀପଠାରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ନାରାୟଣଙ୍କୁ ଉଦ୍ଧାର କରାଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପାଟଣାଗଡ଼ ଉପଖଣ୍ଡ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ନାରାୟଣଙ୍କ ଶାଳକ ରମେଶ ମୁଣ୍ଡାଙ୍କ ଅଭିଯୋଗକୁ ଭିତ୍ତି କରି ପାଟଣାଗଡ଼ ଥାନାରେ ଏକ ମାମଲା (ନଂ.୧୯୬/୧୮) ରୁଜୁ ହୋଇଛି। ବୁଧବାର ସକାଳେ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ସନ୍ଦେହରେ ଭାଟିର ୪ ଜଣ କର୍ମଚାରୀଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ଅପରାହ୍ନରେ ପାଟଣାଗଡ଼ ଡାକ୍ତରଖାନରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ନାରାୟଣ ସମ୍ପୃକ୍ତ ମଦଭାଟିରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ମଙ୍ଗଳବାର ରାତିରେ ଧାର୍ଯ୍ୟ ସମୟରେ ସେ ଘରକୁ ଫେରି ନ ଥିଲେ। ବିଳମ୍ବ ହେବାରୁ ସ୍ତ୍ରୀ ସରୋଜିନୀ ତାଙ୍କ ମୋବାଇଲ ଫୋନ୍‌କୁ ଯୋଗାଯୋଗ କରିଥିଲେ। ହେଲେ ସେ ଫୋନ୍ ଉଠାଇ ନ ଥିଲେ। ରାତି ୮ଟାରୁ ସେ ମଦଭାଟିରୁ ବାହାରି ଆସିଥିବା ସରୋଜିନୀ ଜାଣିବାକୁ ପାଇଥିଲେ। ସନ୍ଦେହ ହେବାରୁ ସ୍ଥାନୀୟ ଲୋକଙ୍କ ସହାୟତାରେ ସରୋଜିନୀ ନଦୀପଠାରେ ତାଙ୍କୁ ଖୋଜାଖୋଜି କରିଥିଲେ। ରାତି ପ୍ରାୟ ୧୨ଟାରେ ସେମାନେ ପଠାରୁ ନାରାୟଣଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରିଥିଲେ। ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଥିବାରୁ ତାଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ତାଙ୍କ ପରିବାର ଲୋକଙ୍କ କହିବାନୁଯାୟୀ, ଶାନ୍ତ ସ୍ୱଭାବର ନାରାୟଣ କେବେ କାହା ସହ ଝଗଡ଼ା କରିବାର ନଜିର ନାହିଁ। ମଦଭାଟିରେ କୌଣସି କାରଣବଶତଃ କାହା ସହ ଝଗଡ଼ାରୁ ଏହି ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ନାରାୟଣଙ୍କ ମୃତ୍ୟୁ ପରେ ସ୍ତ୍ରୀ ସରୋଜିନୀ ଓ ତାଙ୍କର ୩ପିଲା ଅସହାୟ ହୋଇପଡ଼ିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ପଡ଼ାବାସୀ ଦାବି କରିଛନ୍ତି।


## ପରିବହନ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଶା, କଟକ

### ବିଜ୍ଞାପନ

ଏତଦ୍ୱାରା ବିଭିନ୍ନ ମାର୍ଗରେ ନୂତନ ପରମିଟ୍ ପ୍ରାପ୍ତି ନିମନ୍ତେ ଆବେଦନ କରିଥିବା ବସ୍ ମାଲିକ ତଥା ଆପତ୍ତି ଦାଖଲ କରିଥିବା ପ୍ରତିପକ୍ଷଙ୍କୁ ଜଣାଇ ଦିଆଯାଉଅଛି ଯେ, କ୍ରମିକ ସଂଖ୍ୟା ୧ ରୁ ୬୦ ଏବଂ ୬୧ ରୁ ୧୨୦ ପର୍ଯ୍ୟନ୍ତ ଶୁଣାଣି ଧାର୍ଯ୍ୟ ତାରିଖ ୨୭.୦୯.୧୮ ଓ ୨୮.୦୯.୦୯.୧୮କୁ ଆଇନଜୀବୀ ଙ୍କ କାର୍ଯ୍ୟାଳୟ ବନ୍ଦ ଆନ୍ଦୋଳନ ପରିପ୍ରେକ୍ଷୀରେ ସ୍ଥଗିତ ରଖାଗଲା ।
ଏହାର ଶୁଣାଣି ନିମନ୍ତେ ପୁନଃ ତାରିଖ ନିର୍ଦ୍ଧାରଣ ପରେ ଦୈନିକ ଖବର କାଗଜ ମାଧ୍ୟମରେ ସୂଚାଇ ଦିଆଯିବ ।

ସଚିବ
ରାଜ୍ୟ ପରିବହନ ପ୍ରାଧିକାରୀ
ଓଡ଼ିଶା, କଟକ






**Honda Motorcycle and Scooter India Pvt. Ltd., Registered Office:** Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; **Website:** www.honda2wheelersindia.com; **Customer Care:** customercare@honda2wheelersindia.com

BEST DEAL HONDA Buy. Sell. Exchange | ALWAYS WEAR HELMET WHILE RIDING | Also available: Annual Maintenance Contract** Road Side Assistance** Engine Health Assurance**

Follow us on

**Honda Exclusive Authorized Dealerships: ATTABIRA:** TS Motors - 06682-221001, 9178653139, T.S. Honda - 9178653139, 9438771477; **BARGARH:** Aashirbad Honda - 06646-246066, 9438024339; **BARPALI:** Abhishek Honda - 9437056675; **BELPAHAR:** Bharat Honda - 8018157547; **BHAWANIPATNA:** Mahesh Honda - 9437938985, 06670-235633; **BOLANGIR:** Amarnath Honda - 06652-233155, 8895258555; **BRAJRAJNAGAR:** JaiswaL Honda - 977747788; **JHARSUGUDA:** Gajraj Honda - 06645-214569, 9337645411; **JUNAGARH:** Jaga Janani Honda - 9583794900; **KHARIAR ROAD (NUAPADA):** Ambika Honda - 06678-222949, 9737643030; **KUCHINDA:** Krishna Honda - 06642-220346, 7894277470; **PADAMPUR:** Bindhyabasini Honda - 9437051078, 9937788078; **RAJGANGPUR:** Naisha Honda - 7008614081, 06624220051; **RAJKHARIAR:** Shree Shyamji Honda- 9178999997; **RENGALI:** BP Honda - 7377777362; **ROURKELA:** Koshala Honda - 0661-3290770, 9337749281; Harsheel Honda - 9337408180, 0661-2665533; **SAMBALPUR:** Jas Honda - 0663-2115817, 9238364199; **SONEPUR:** Meher Honda - 09937771704, 06654220200; **SUNDARGARH:** MaaSamaleswari Honda - 9938198641, 8984873500; **TITLAGARH:** Tanishta Honda - 09437037314.

**For Bulk/Institutional enquiries, please write us at: institutionalsales@honda2wheelersindia.com**


Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଦୁଷ୍ଟଙ୍କର ସାରା ଶରୀରରେ ବିଷ ରହିଛି। ଦୁଷ୍ଟ ତଥା କଣ୍ଟାର ଦୁଇପ୍ରକାର ଉପଚାର ରହିଛି ; ଜୋତାରେ ମଳି, ମକଚି ଦିଅ ନତୁବା ତାକୁ ଦୂରରେ ଛାଡି ଦେଇଆସ।
- ଚାଣକ୍ୟ



## ସଂକ୍ଷେପରେ

### ଭୋଟର ସଚେତନତା କାର୍ଯ୍ୟକ୍ରମ

**ପାଇକମାଳ, ୨୬।୯ (ଡି.ଏନ.ଏ):** ପାଇକମାଳ ବିନ୍ଧ୍ୟବାସିନୀ ଡିଗ୍ରୀ ମହାବିଦ୍ୟାଳୟ ସଭାଗୃହଠାରେ ଭୋଟର ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ପ୍ରଦୀପ୍ତ କୁମାର ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପାଇକମାଳ ବ୍ଲକ ଜିପିଓ ଭୀଷ୍ମଦେବ ମାଝି ଯୋଗଦେଇ ୧୮ବର୍ଷର ଛାତ୍ରୀଛାତ୍ରମାନେ କିପରି ଭୋଟର ତାଲିକାରେ ସାମିଲ ହୋଇପାରିବେ ସେ ନେଇ ସଚେତନ କରିଥିଲେ। ଶେଷରେ ଅଧକ୍ଷ ଲୋହିତ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

### ପୁରପଲ୍ଲୀରେ ଭାଗବତ ଜନ୍ମ

**ଅତାବିରା,୨୬।୯(ଡି.ଏନ.ଏ.):** ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ବିଭିନ୍ନ ଗ୍ରାମରେ ଭାଗବତ ଜନ୍ମ ଉତ୍ସବ ପାଳନ ଅବସରରେ ଭାଗବତ ପଠନ କରାଯାଇଛି । ଭାଗବତ ଟୁଙ୍ଗି ଗୁଡିକ ଭାଙ୍ଗିଯାଇ ଥିବାରୁ କ୍ଲବ, ମନ୍ଦିର ପ୍ରାଙ୍ଗଣରେ ଭାଗବତ ପଠନ କରି ଜନସାଧାରଣଙ୍କୁ ଭାଗବତ ବିଷୟରେ ଦିଗ୍‌ଦର୍ଶନ ଦିଆଯାଇଛି। ଅତାବିରା, କୁଲୁଣ୍ଡା, ଝିଲିମିଣ୍ଡା, ଲରମ୍ବା, କାଦୋବାହାଲ, ଉଦେପୁର, ଦେଶପର୍ଥଲା ଆଦି ଗ୍ରାମରେ ଭାଗବତ ଜନ୍ମ ପାଳିତ ହୋଇଯାଇଛି। ଭାଗବତ ଶୁଣିବା ପାଇଁ ଦର୍ଶକଙ୍କ ଭିଡ ଜମିଥିବା ଦେଖିବାକୁ ମିଳିଥିଲା। ଭାଗବତ ଟୁଙ୍ଗିଗୁଡିକ ପୁନରୁଦ୍ଧାର କରିବା ପାଇଁ ପ୍ରଶାସନ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

### ବାଳିକା ହାଇସ୍କୁଲରେ ହିନ୍ଦୀ ଦିବସ

**ବରଗଡ଼ ଅଫିସ୍,୨୬।୯:** ବରଗଡ଼ ସରକାରୀ ବାଳିକା ହାଇସ୍କୁଲରେ ସୋମବାର ହିନ୍ଦୀ ଦିବସ ପାଳନ କରାଯାଇଛି। ପ୍ରଧାନଶିକ୍ଷକ ଜ୍ୟୋତିକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ହିନ୍ଦୀ ଶିକ୍ଷୟିତ୍ରୀ ଶୈବାଳିନୀ ପ୍ରଧାନ ଉଦ୍ଦେଶ୍ୟ ଜ୍ଞାପନ ଓ ଶେହନାଜ ବେଗମ ସ୍ୱରଚିତ କବିତା ପାଠ କରିଥିଲେ । ବିଜ୍ଞାନ ଶିକ୍ଷୟିତ୍ରୀ ବୈଜୟନ୍ତୀ ଦଳପତି ହିନ୍ଦୀ ଭାଷାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ହିନ୍ଦୀ ତର୍କ, ଗୀତ ପ୍ରତିଯୋଗିତା ହୋଇଥିଲା। ଶିକ୍ଷୟିତ୍ରୀ ମିନତୀ ଷଡ଼ଙ୍ଗୀ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ବିଜ୍ଞାନ ଶିକ୍ଷକ ବିବେକାନନ୍ଦ ଅଦାବର ଧନ୍ୟବାଦ ଅର୍ପଣ କରିଥିଲେ ।

### ସିନେମେଟିକ ଭିଡିଓଗ୍ରାଫି ତାଲିମ

**ପାଇକମାଳ, ୨୬।୯ (ଡି.ଏନ.ଏ):** ପାଇକମାଳର ନୃସିଂହନାଥ ପରିସରରେ ପଦ୍ମପୁର ଉପଖଣ୍ଡ ଫଟୋଗ୍ରାଫି ସଂଘ ତରଫରୁ ଚାଲିଥିବା ସିନେମେଟିକ ଭିଡିଓଗ୍ରାଫି ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ଏହି ଶିବିରରେ ୩୦ ଜଣ ଫଟୋଗ୍ରାଫର ତାଲିମ ଗ୍ରହଣ କରିଥିଲେ । ଓଡିଆ ଓ ବଙ୍ଗଳା ସିନେମା ଜଗତର ପ୍ରଖ୍ୟାତ କ୍ୟାମେରାମ୍ୟାନ ଚନ୍ଦନ ମଜୁମଦାର ଶିବିରାର୍ଥୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ସଂଘ ସଭାପତି ସୁବାଶ ଚନ୍ଦ୍ର ଚୌପଦାର ନିଜସ୍ୱ ମତବ୍ୟକ୍ତ କରିଥିଲେ । ଭରତ ଚନ୍ଦ୍ର ସାହୁ, ତ୍ରିବିକ୍ରମ ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା । ଶେଷରେ ପ୍ରଶାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

### କଳାବ୍ୟାଜ୍ ପିନ୍ଧିଲେ ଅଧ୍ୟାପକ

**ବରଗଡ଼ ଅଫିସ୍,୨୬।୯:** ସମ୍ପୂର୍ଣ୍ଣ ଅନୁଦାନ ଦାବିରେ ଶିକ୍ଷକ, କର୍ମଚାରୀ ମିଳିତ ମଞ୍ଚର ଆନ୍ଦୋଳନ ଦିନକୁ ଦିନ ତେଜି ଉଠୁଛି। ସୋମବାରଠାରୁ ମଞ୍ଚର ଅଧ୍ୟାପକ, ଶିକ୍ଷକ, କର୍ମଚାରୀମାନେ କଳାବ୍ୟାଜ ପିନ୍ଧି ଶିକ୍ଷାଦାନ କାର୍ଯ୍ୟ କରିଛନ୍ତି । ଏଥିରେ ବରଗଡ଼ ଜିଲା ସାମିଲ ହୋଇଛି । ଜିଲାର ବରଗଡ଼ ଟ୍ରଷ୍ଟଫଣ୍ଡ କଲେଜ ସମେତ ବିଭିନ୍ନ କଲେଜରେ ଅଧ୍ୟାପକମାନେ କଳାବ୍ୟାଜ ପିନ୍ଧି ଶିକ୍ଷାଦାନ କରୁଛନ୍ତି । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହା ଜାରି ରହିବ। ଆବଶ୍ୟକ ହେଲେ ତୀବ୍ର ଆନ୍ଦୋଳନ କରାଯିବ ବୋଲି ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି ।

## ■ ପଦ୍ମପୁରରେ ଶ୍ରମ କମିଶନଙ୍କ ସମୀକ୍ଷା ବୈଠକ

# ଦାଦନ ରୋକିବାକୁ ଆଲୋଚନା

**ପଦ୍ମପୁର, ୨୬।୯ (ଡି.ଏନ.ଏ)**

ରାଜ୍ୟ ସରକାରଙ୍କ ଶ୍ରମ ବିଭାଗ କମିଶନର ଅଞ୍ଜନ କୁମାର ମାଣିକଙ୍କ ବରଗଡ ଜିଲା ଗସ୍ତ ଅବସରରେ ପଦ୍ମପୁର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଓ ତାର ନିରାକରଣ ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଶ୍ରମ କମିଶନର ମାଣିକ ଦାଦନ ରୋକିବା ପାଇଁ ବିଭାଗ ତରଫରୁ ନିଆଯାଉଥିବା ପଦକ୍ଷେପ ଏବଂ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟାର ନିରାକରଣ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ନିଜ ଅଞ୍ଚଳରେ ଶ୍ରମିକମାନେ କିଭଳି ଜୀବିକା ନିର୍ବାହ କରି ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବେ, ସରକାରଙ୍କ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ କରି ସେମାନଙ୍କୁ କାମ ଯୋଗାଇ ଦେବା ପାଇଁ ବିଡିଓ ଏବଂ ଉପସ୍ଥିତ ବିଭାଗୀୟ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏତଦ୍‌ବ୍ୟତୀତ ଯେଉଁ ଶ୍ରମିକମାନେ ଅଧିକ ଉପାର୍ଜନ ତଥା କାମଧନ୍ଦା ପାଇଁ ଅନ୍ୟ ରାଜ୍ୟକୁ ଯିବା ପାଇଁ ଇଚ୍ଛୁକ ସେମାନଙ୍କର ସମ୍ପୂର୍ଣ୍ଣ ବିବରଣୀ ପଞ୍ଚାୟତ ଏବଂ ବ୍ଲକସ୍ତରରେ ପଞ୍ଜୀକରଣ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଅନ୍ୟ ରାଜ୍ୟକୁ କାମ ପାଇଁ ଯାଇଥିବା ବିଜେପୁର ବ୍ଲକ ବାଦିପାଲି ଗ୍ରାମର ଧନେଶ୍ୱର ପୋଡ଼ ଏବଂ ଅନ୍ୟମାନେ କିଭଳି ବିଭିନ୍ନ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇ ଅନ୍ୟରାଜ୍ୟରେ ପ୍ରତିକୂଳ ପରିସ୍ଥିତିରେ କାମ କରୁଥିଲେ ତାହା ବର୍ଣ୍ଣନା କରିଥିଲେ। ଏହାସହିତ ବର୍ତ୍ତମାନ ଶ୍ରମ ବିଭାଗର ଯୋଜନାରେ ସାମିଲ ହୋଇ କିଭଳି ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି ତାହା ଉପରେ ମତାମତ ରଖିଥିଲେ । ଉକ୍ତ ବୈଠକରେ ସହକାରୀ ଶ୍ରମ କମିଶନରଙ୍କ ସମେତ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତ, ଡିପିଏମ ରାଜଗୋପାଳ ଦାଶ, ପଦ୍ମପୁର ଉପଜିଲାପାଳ ଦୌଲତ ଚନ୍ଦ୍ରାକର, ଜିଲା ଶ୍ରମ ଅଧିକାରୀ ହେମନ୍ତ କୁମାର ପ୍ରଧାନ, ଉପଖଣ୍ଡର ସମସ୍ତ ବିଡିଓ, ବିଭାଗୀୟ କର୍ମଚାରୀ ତଥା ବିଭିନ୍ନ ଅଞ୍ଚଳର ଶ୍ରମିକମାନେ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଉପଜିଲାପାଳ ଚନ୍ଦ୍ରାକର ସ୍ୱାଗତ ଭାଷଣ ଏବଂ ପ୍ରକଳ୍ପ ନିର୍ଦ୍ଦେଶକ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।



ବିଜେପୁର ବିଧାୟିକା ରୀତା ସାହୁ ସ୍ୱର୍ଗତ ସୁବଳ ସାହୁଙ୍କ ପ୍ରତିମୂର୍ତ୍ତି ଅନାବରଣ କରୁଛନ୍ତି ।

## କ୍ୟାନସର ହସ୍‌ପିଟାଲ ଦାବି ନେଇ ବୈଠକ

**ବରଗଡ଼ ଅଫିସ୍,୨୬।୯**

ବରଗଡ଼ ଜିଲାରେ କ୍ୟାନସର ହସ୍‌ପିଟାଲ ଦାବିକୁ ବ୍ୟାପକ କରିବା ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ପୁରୋହିତ ଭବନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । କ୍ୟାନସର ହସ୍‌ପିଟାଲ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଥିବା ସ୍ମାରକପତ୍ରର ଅଗ୍ରଗତି ଉପରେ ବୈଠକରେ ଆଲୋଚନା ହୋଇଥିଲା । ଏହି କ୍ରମରେ ସଙ୍ଗଠନର ଏକ ପ୍ରତିନିଧି ଦଳ ବରଗଡ଼ ଜିଲାପାଳଙ୍କୁ ଭେଟିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ସେହିପରି କ୍ୟାନସର ହସ୍‌ପିଟାଲ ଦାବି ନେଇ ଜିଲାର ବିଭିନ୍ନ ଅଞ୍ଚଳର ସଙ୍ଗଠନ ଗୁଡ଼ିକ ପକ୍ଷରୁ କରାଯାଇଥିବା ଦସ୍ତଖତ ଅଭିଯାନ ଉପରେ ମଧ୍ୟ ଆଲୋଚନା ହୋଇଥିଲା । ଦସ୍ତଖତ ଅଭିଯାନର କାଗଜାତକୁ ସଂଗ୍ରହ କରି ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା । ଦାବିକୁ ବ୍ୟାପକ କରିବା ପାଇଁ ଏକ କୋର କମିଟି ଗଠନ କରାଯିବା ସହ ଅକ୍ଟୋବର ୨ତାରିଖରେ ସ୍ଥାନୀୟ ପୁରୋହିତ ଭବନରେ ପୁଣି ଏକ ବୈଠକ କରାଯିବ ବୋଲି ସୂଚନା ଦିଆଯାଇଥିଲା ।



ବୈଠକରେ ଯୋଗ ଦେଇଥିବା ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନେ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ଦେହାନ୍ତ

**ସୋହେଲା,୨୬।୯(ଡି.ଏନ.ଏ.)**

ସୋହେଲା ବ୍ଲକ ବାଉଁସେନମୁରା ପଞ୍ଚାୟତ ଅନ୍ତର୍ଗତ ହୀରାପାଲି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ତଥା ଚାଷୀ ଜଳନ୍ଧର ସାହୁଙ୍କ ପରଲୋକ ହୋଇଛି । ତାଙ୍କୁ ୭୮ ବର୍ଷ ବୟସ ହୋଇଥିଲା । ସେ ଭଟଲି ଏବଂ ସୋହେଲା ବ୍ଲକର ବିଭିନ୍ନ ସ୍କୁଲରେ ଶିକ୍ଷକତା କରିଥିଲେ । ୨୦୦୦ ମସିହା ଜାନୁୟାରୀରେ ବନ୍ଦଲା ପ୍ରାଥମିକ ସ୍କୁଲରୁ ସେ ଚାକିରୀରୁ ଅବସର ଗ୍ରହଣ କରିଥିଲେ । ସେ ବରଗଡ (ଡୋରା) ଚିନି କାରଖାନା ପରିଚାଳନା କମିଟିର ସକ୍ରିୟ ସଦସ୍ୟ ଥିଲେ । ପୁଅ ଅରୁଣ କୁମାର ସାହୁ ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାଇ ଖେଳିଯାଇଛି ।

## ସୁବଳ ସାହୁଙ୍କ ପ୍ରତିମୂର୍ତ୍ତି, ଶିଶୁ ଉଦ୍ୟାନ ଉଦ୍‌ଘାଟିତ

**ବରପାଲି, ୨୬।୯ (ଡି.ଏନ.ଏ)**

ବରଗଡ଼ ଜିଲା ବରପାଲିରେ ପୂର୍ବତନ ବିଜେପୁର ବିଧାୟକ ସ୍ୱର୍ଗତ ସୁବଳ ସାହୁଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅନାବରଣ ସହ ଏକ ଶିଶୁ ଉଦ୍ୟାନ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ବିଜେପୁର ବିଧାୟିକା ରୀତା ସାହୁ ତାଙ୍କ ସ୍ୱାମୀ ସ୍ୱର୍ଗତ ସୁବଳ ସାହୁଙ୍କ ପ୍ରତିମୂର୍ତ୍ତିକୁ ଅନାବରଣ କରିଥିଲେ । ପରେ ସ୍ଥାନୀୟ ନୃପଲାଲ ଉଦ୍ୟାନ ପରିସରରେ ଦେବେଶ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଥିଲା। ଏଥିରେ ଜନାର୍ଦ୍ଦନ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ଅନଙ୍ଗ ଉଦୟ ସିଂଦେଓ, ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ମନ୍ତ୍ରୀ ସୁଶାନ୍ତ ସିଂ, ବୟନ ଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ବରଗଡ ଏମ୍‌ପି ପ୍ରଭାସ ସିଂ, ବିଧାୟିକା ରୀତା ସାହୁ, ଏନଏସି ଅଧ୍ୟକ୍ଷା ମୀନା ସେଠ, ବିଜେପୁର ବ୍ଲକ ଅଧ୍ୟକ୍ଷା ମାନିନୀ ଭୋଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ସିଲେଇରେ ବଁଧା ଜୀବନ୍ ଜୀବ୍‌କା

**ଜାମଟିକ୍ରା, ୨୬।୯ (ଡି.ଏନ.ଏ)**

ଜୀବନ୍ ଜୀବ୍‌କା ଲାଗି ବରଗଡ଼ ଜିଲା ଜାମଟିକ୍ରା ଅଂଚଲ୍‌କେ ଛତିଶଗଡରୁ ଗୁଟେ ପରିବାର ପଲେଇ ଆସି ଇଠାନେ ଗଲା ୫୦ ବଛର ହେଲା ରହି ଆସୁଛନ୍। ଫିରତ ବିଭାର(୬୫) ଇଠାନେ ନିଜ୍‌କୁ ସିଲେଇ କାମ୍‌ରେ ନିୟୋଜିତ୍ କରି କୁଟୁମ୍ ପୁଷ୍‌ବାର ସଂଗେ ପିଲାଛୁଆକୁ ବଡ଼ କରିଛନ୍। ଆଗ୍‌ରୁ ସେ ସିଲେଇ ମେସିନ୍‌କେ ସାଇକଲେ ବାଁଧି ଗାଁ ଗାଁ ବୁଲି ନୂଆଁ, ଚିରାଫଟା କପଡ଼ାଲତା ସିଲେଇ କରୁଥିଲେ। ହେଲେ ଏହେଦେ ତାକର ଦୁଇ ପୁଓ ଇ ସିଲେଇ କାମ୍ କରୁଛନ୍। ବଡ଼ଖା ପୁଓ ସନ୍ତୋଷ ବିଭାର(୩୮) ଫିଦିନ୍ ଗାଁ ଗାଁ ବୁଲି ଚିରାଫଟା ଲୁଗାପଟା ସିଲେଇ କରି ପରିବାର ଚଲଉଛନ୍। ସିଲେଇ କାମ୍‌ରୁ ଫିଦିନ୍ ୧ଶହରୁ ୨ଶହ ଟଁକା ତକ୍ ମିଳୁଥିଲା ବେଲେ ତେଲ୍ ନୁନ୍‌ରେ ୧୫୦ ଟଁକା ଖରଚ୍ ହେଉଛେ ବଲି ସେ କହିଛନ୍। ସରକାରୀ ସୁବିଧା ବଏଲେ ତାକର ପରିବାରକେ ୨୦ କେ.ଜି. ଚାଉଲ ମିଳୁଛେ। ସନ୍ତୋଷ ତାକର ବାପାରନୁ କାମ୍ ଶିଖି ୨୫ ବଛର ହେଲା ସିଲେଇ କାମ୍ କରୁଛନ୍। ହେଲେ ସେ ନୂଆଁ ସିଲେଇ ମେସିନ୍‌ଟେ ଘିନି କାମ୍ ବଢ଼ାବାକେ ଚାହୁଁଛନ୍, ହେଲେ ତାକର ଭାଏଗ୍‌ରେ ଟଁକା ୧୦ରୁ ୧୨ ହଜାର କେଭେ ଯୁଟି ନାଇଁପାରୁଛେ। ସେନ୍‌ତା ବଛରକ ୭ରୁ ୮ ମାସ୍ କାମ୍ କରିହେସି। ବର୍‌ଷା ୪ ମାସ୍‌କ କାମ୍ ଧଁଦା ପାଖାପାଖି ବଂଦ୍ ରହେସି। ସେଥିର୍‌ଲାଗି ଇ ଦିନ୍‌ମାନ୍‌କେ ଧାର ଉଧାର କରି ପରିବାର ଚଲାବାକେ ପଡ଼ସି। ଫେନ୍ କାମ୍‌ଧଁଦା ଆରମ୍ ହେଲେ ସେ ଲୁକ୍‌କର ପଏସା କଉଡ ସୁଝିଦେସନ୍। ଘର, ରୁଣ, ଜମିବାଡ଼ି ଆଦିର ଅଭାବ୍ ଅସ୍‌ବିଧା ରହିଛେ, ସରକାରୀ ସାହାଯ୍ ଲାଗି ପଁନ୍‌ଚେତ୍ ଆର୍ ବ୍ଲକ୍ କତ୍ତୁରପକ୍ଷଙ୍କୁଁ ବାରବାର ଗୁହାରି କଲେ ବି କେହି ନାଇଁ ଶୁନ୍‌ବାର। ତାଁକର ବାପା ଫିରତ ଆର୍ ଆଘର ଲେଖେନ୍ କାମ୍‌ବୁତା ନାଇଁ କରିପାରବାର। ରହେବାର ଲାଗି ପ୍ରଧାନମନ୍ତ୍ରୀ ଆବାସ ଯୋଜ୍‌ନାରେ ଘରଖଁଡେ ଆର ସିଲେଇ ବେଉସାକେ ବଢ଼ାବାର ଲାଗି ତାହାକୁ ବ୍ୟାଙ୍କ ରୁଣ ମିଳିପାର୍‌ଲେ ଭଲ୍ ହେତା ବଲି ସେ ଆଶ୍ ବାଁଧି ବସିଛନ୍। ହେଲେ ଏହେଦେ ନିଜର କଁଟ୍‌ବାଛ୍‌ର ପିଁଧନ୍ ଉଢ଼ନ୍ ବଜାରେ କମ୍ ପଏସାରେ ମିଳୁଛେ। ସେଥିର୍‌ଲାଗି ସିଲେଇ ପେଁଟ୍ କୁର୍‌ତା ପିଁଧିବାର ସଉକ୍ ବି ବହୁତ୍ ଲୋକ୍ ଛାଡିଦେଲେନ। ଯେନ୍‌ଥିର୍‌ଲାଗି ଆମର ଧଁଦାପାନିରେ ମାଡ୍ ପଡୁଛେ ବଲି ସନ୍ତୋଷ କହିଛନ୍।



କାମ୍‌କଲା ଅବସ୍‌ତାରେ ସନ୍ତୋଷ।

## ୫ ଟ୍ରାକ୍ଟର ଜବତ, ୬୧ ହଜାର ଜରିମାନା ଆଦାୟ

**ଅତାବିରା, ୨୬।୯(ଡି.ଏନ.ଏ.)**

ଭେଡେନ ତହସିଲ ଅନ୍ତର୍ଗତ ଉଦେପୁର ମହାନଦୀ ପଠାରୁ ବାଲି ଚୋରା ଚାଲାଣ କରୁଥିବା ବେଳେ ଦେଶଭଟଲି ଆରଆଇ ପିଅନ ମିର୍ଦ୍ଧା ଚଢାଉ କରି ୫ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛନ୍ତି । ପରେ ଭେଡେନ ଅତିରିକ୍ତ ତହସିଲଦାର ଦେବରାଜ ଡନସନା ଓ ହରିଓମ ଭୋଇ ଘଟଣାସ୍ଥଳକୁ ପହଞ୍ଚି ଟ୍ରାକ୍ଟର ପିଛା ୨୦ ହଜାର ୪ଶହ ଟଙ୍କା ଲେଖାଏଁ ଜରିମାନା କରିଥିଲେ। ୩ଟି ଟ୍ରାକ୍ଟର ମାଲିକଙ୍କଠାରୁ ମୋଟ ୬୧ ହଜାର ୨ଶହ ଟଙ୍କା ରାଜସ୍ୱ ଆଦାୟ କରାଯାଇଛି । ଅନ୍ୟ ୨ଟି ଟ୍ରାକ୍ଟର ମାଲିକ ଜରିମାନା ଦେଇ ନ ପାରିବାରୁ ରୁଷୁଡା ଫାଣ୍ଡି ପୋଲିସକୁ ହସ୍ତାନ୍ତର କରାଯାଇଛି ।

## ଝରଣାର ୨ ଶହ ଫୁଟ୍ ତଳକୁ ଖସିପଡ଼ି ଛାତ୍ର ଗୁରୁତର

**ବରଗଡ଼ ଅଫିସ୍,୨୬।୯**

ବରଗଡ଼ ଜିଲା ଭଟଲି ଥାନା ଅନ୍ତର୍ଗତ ନଳିଚୂଆଁକୁ ସାଙ୍ଗମାନଙ୍କ ସହିତ ପିକ୍‌ନିକ କରିବା ପାଇଁ ଯାଇଥିବାବେଳେ ଝରଣା ଉପରୁ ପ୍ରାୟ ୨ଶହ ଫୁଟ୍ ତଳକୁ ଖସିପଡ଼ି ଜଣେ ଡିପ୍ଲୋମା ଛାତ୍ର ଗୁରୁତର ଆହତ ହୋଇଛନ୍ତି । ଆହତ ଛାତ୍ର ଜଣକ ବରଗଡ଼ ପୌର ପରିଷଦ ଅଧୀନ ଗୋବିନ୍ଦପାଲି ତଥା ସ୍ଥାନୀୟ ଏକ ଘରୋଇ ଶିକ୍ଷାନୁଷ୍ଠାନର ଛାତ୍ର ରାହୁଲ ଦାଶ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ରାହୁଲ ସକାଳୁ କଲେଜକୁ ଯାଉଛି କହି ଘରୁ ଯାଇଥିଲେ। ମାତ୍ର ସେ କଲେଜ ଯିବା ପରିବର୍ତ୍ତେ ୫ଜଣ ସାଙ୍ଗଙ୍କ ସହିତ ଭଟଲି ବ୍ଲକ ଅନ୍ତର୍ଗତ ବାରପାହାଡ଼ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ରହିଥିବା ନଳିଚୂଆଁ ପ୍ରପାତ ନିକଟକୁ ପିକ୍‌ନିକ ପାଇଁ ବାଇକ ଯୋଗେ ଯାଇଥିଲେ। ସେଠାରୁ ସେ ତଳକୁ ଖସି ପଡ଼ି ଗୁରୁତର ଆହତ ହୋଇଥିଲେ । ସେଠାରୁ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

## ଅନନ୍ତ ବ୍ରତ ସମ୍ପନ୍ନ

**ବିଜେପୁର/ସୋହେଲା, ୨୬।୯ (ଡି.ଏନ.ଏ)**

ବିଜେପୁର ଏନଏସି ସଦର ମହକୁମାରେ ଚାରିଦିନ ଧରି ଚାଲିଥିବା ପ୍ରସିଦ୍ଧ ଅନନ୍ତ ବ୍ରତ ମହୋତ୍ସବ ବୁଧବାର ଭସାଣି ଶୋଭାଯାତ୍ରା ସହ ସମ୍ପନ୍ନ ହୋଇଛି । ଶୋଭାଯାତ୍ରାରେ ମୃଣ୍ମୟ ପ୍ରତିମାଗୁଡିକୁ ଗ୍ରାମ ପରିକ୍ରମା କରିବା ପରେ ଦାମୋଦର କଟାରେ ବିସର୍ଜନ କରାଯାଇଥିଲା । ଚଳିତ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ କରୁଥିବା ଉପରପଡା ଅନନ୍ତ ବ୍ରତ ମହୋତ୍ସବର ଗୁରୁବାର ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ଜଣାପଡିଛି ।

**ସୋହେଲା,(ଡି.ଏନ.ଏ):** ସୋହେଲାସ୍ଥିତ ହଟଲି ମଣ୍ଡପଠାରେ ଜୀବନ ଆଶା କ୍ଲବ ତରଫରୁ ସାର୍ବଜନୀନ ଅନନ୍ତପୂଜା ଅନୁଷ୍ଠିତ ହୋଇଥିଲା । ଏଥିରେ ସଚିଦା ଝାଙ୍କର ଓ ତାଙ୍କ ସ୍ତ୍ରୀ ସଞ୍ଜୁ ଝାଙ୍କର କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ । ସୁମନ୍ତ ପାଣିଗ୍ରାହୀ, ହିମାଂଶୁ ଦାସ, ସରୋଜ ଦେବତା ଓ ମନୋରଞ୍ଜନ ମହାପାତ୍ର ପୂଜାକାର୍ଯ୍ୟ କରିଥିଲେ । ରବିବାର କଳସ ଶୋଭାଯାତ୍ରା ଓ ପୂଜାରମ୍ଭ ଏବଂ ସୋମବାର ପୂର୍ଣ୍ଣାହୂତି ହୋଇଥିଲା । ସନ୍ଧ୍ୟାରେ କୃଷ୍ଣଗୁରୁ ଭଜନ ଓ ଡ୍ୟାନ୍ସ ପରିବେଷଣ କରାଯାଇଥିଲା । ବୁଧବାର ସକାଳେ ଭସାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମନ ମାଝି, ବୁଲୁ ପରୁଆ ସହଯୋଗ କରିଥିଲେ ।

## ଅଛାଣ୍ଡପାଲିରେ ଇନ୍ଦ୍ରପୂଜା



ଭେଡେନ ବ୍ଲକ ଅଛାଣ୍ଡପାଲିରେ ଇନ୍ଦ୍ରପୂଜା କରାଯାଉଛି ।

**ଭେଡ଼େନ,୨୬।୯(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଲୁହାଖଣ୍ଡି ଗ୍ରାମପଞ୍ଚାୟତର ଅଛାଣ୍ଡପାଲିରେ ଭାଗବତ ଜନ୍ମ ତଥା ଇନ୍ଦ୍ରପୂଜା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଛି । ଏଥିପାଇଁ ସ୍ଥାନୀୟ ରାମ ମନ୍ଦିରରେ ୧୫ରୁ ଅଧିକ ବ୍ରାହ୍ମଣ ସାମୂହିକ ଭାଗବତ ପାଠ କରିଥିଲେ । ଏହାସହ ଋଷ୍ୟଶୃଙ୍ଗ ମୁନି ତଥା ଇନ୍ଦ୍ର ପୂଜା କରାଯାଇଥିଲା । ଏଥିରେ ତାରାଦୀପ ପଧାନ କର୍ତ୍ତା ତଥା ବିପିନ ବିହାରୀ ପଣ୍ଡା ପୁରୋହିତ ଦାୟିତ୍ୱ ସମ୍ପାଦନ କରିଥିଲେ । ସେହିପରି ଅରେଇଗୁଡ଼ି ଭାଗବତ ସେବା ସଂସ୍ଥାନ ତରଫରୁ ଭାଗବତ ଜନ୍ମ ପାଳିତ ହୋଇଛି। ଏଥିରେ ଆନନ୍ଦ ସାହୁ ଏବଂ ସୁରୁଚି ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ନିତ୍ୟାନନ୍ଦ ବିଶି ପ୍ରବଚନ ଓ ଯୋଗେଶ୍ୱର ପାଣିଗ୍ରାହୀ ଭାଗବତ ପାଠ କରିଥିଲେ। ଦୁର୍ଲଭ ବାଗ, ଭଗବାନ ସାହୁ ଏବଂ ଅନ୍ୟ ଗ୍ରାମବାସୀ ସହଯୋଗ କରିଥିଲେ।

# ପରିବହନ କର୍ମଚାରୀଙ୍କ ଧର୍ମଘଟ ପ୍ରତ୍ୟାହୃତ

**ପଦ୍ମପୁର, ୨୬।୯ (ଡି.ଏନ.ଏ)**

ବିଭିନ୍ନ ଦାବି ନେଇ ଗତ ୧ ତାରିଖଠାରୁ ଓଡିଶା ପରିବହନ ନିଗମ ପଦ୍ମପୁର ଶାଖା କର୍ମଚାରୀ ସଂଘ ଜାରି ରଖିଥିବା ଆନ୍ଦୋଳନକୁ ପ୍ରତ୍ୟାହାର କରିଛି। ଏହି ପରିପେକ୍ଷୀରେ ୨୫ ତାରିଖ ଅପରାହ୍ଣ ୫ଟା ସମୟରେ ପଦ୍ମପୁର ଉପଜିଲାପାଳ ଦୌଲତ ଚନ୍ଦ୍ରାକରଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଆନ୍ଦୋଳନରତ କର୍ମଚାରୀମାନଙ୍କ ବିଭିନ୍ନ ଦାବି ଉପରେ ଆଲୋଚନା କରାଯାଇଥିଲା। ଡିପିଏମ ସମ୍ବଲପୁର ରାଜେନ୍ଦ୍ର ପୂଝାରୀ କର୍ମଚାରୀମାନଙ୍କର ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପଦ୍ମପୁର ଉପଜିଲାପାଳ ଚନ୍ଦ୍ରାକର ଜନସାଧାରଣଙ୍କ ସ୍ୱାର୍ଥ ତଥା ଆଗାମୀ ପୂଜା ପାର୍ବଣକୁ ଦୃଷ୍ଟିରେ ରଖି ବସ୍ ଚଳାଚଳକୁ ସ୍ୱାଭାବିକ କରିବା ପାଇଁ କର୍ମଚାରୀ ସଂଘର କର୍ମକର୍ତ୍ତାମାନଙ୍କୁ ଅନୁରୋଧ କରିଥିଲେ। ଏହି ଆଲୋଚନାରେ ପଦ୍ମପୁର ୟୁନିଟ ଓଏସଆରଟିସି ଇନଚାର୍ଜ ସର୍ବେଶ୍ୱର ପାଲ, ନାଗରିକ କମିଟି ସଭାପତି ରାମଚନ୍ଦ୍ର ତ୍ରିପାଠୀ, ଯୁଗ୍ମ ସମ୍ପାଦକ ନିରୋଜ ବୋଧ, ଓକିଲ ସଂଘ ସଭାପତି ଯୋଗେନ୍ଦ୍ର କୁମାର ଭୋଇ, ଓକିଲ ରାଧାବଲ୍ଲଭ ପାଣିଗ୍ରାହୀ, ବିଜେଡି ଟାଉନ ସଭାପତି ନବକିଶୋର ସାହୁ, ଭାଜପା ନଗର ସଭାପତି ସୁନୀଲ ଅଗ୍ରୱାଲ, ଆଇଆଇସି କେ. ପ୍ରିୟଙ୍କା ରାଉତରାୟ, ଓଏସଆରଟିସି କର୍ମଚାରୀ ସଂଘ ସଭାପତି ପ୍ରଶାନ୍ତ ମାଝୀ, ସମ୍ପାଦକ ଥବିର ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

**ଦାବି ପୂରଣ ପାଇଁ ପ୍ରତିଶ୍ରୁତି**



ପରିବହନ ନିଗମ କର୍ମଚାରୀଙ୍କ ସମସ୍ୟାର ସମାଧାନ ପାଇଁ ପଦ୍ମପୁର ଉପଜିଲାପାଳ ଙ୍କ ଅଧ୍ୟକ୍ଷତାରେ ବୈଠକ ଚାଲିଛି ।



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ। ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ

## ସଂକ୍ଷେପରେ

### ଦୁର୍ଘଟଣାରେ ବୃଦ୍ଧ ମୃତ

**ବୌଦ୍ଧ,୨୬।୯(ସ୍ୱ.ପ୍ର.):** ବୌଦ୍ଧ ଜିଲା ପୁରୁଣାକଟକ ଥାନା ଅନ୍ତର୍ଗତ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ଆଡେଣୀଗଡର ଗୋଛାବାରୀଠାରେ ଅପରାହ୍ନ ୨ଟା ସମୟରେ ଏକ ଗାଡ଼ି ଦୁର୍ଘଟଣାରେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଟକ ଜିଲା ନରସିଂହପୁର ଘେତାଡିହା ଗ୍ରାମର ବିପ୍ରଚରଣ ରଣା। ଖବରପାଇ ଆଡେଣୀଗଡ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ପଠାଇଛନ୍ତି। ଏ ନେଇ ଫାଣ୍ଡି ଅଧିକାରୀ ଏକେ ସ୍ୱାଇଁଙ୍କୁ ପଚାରିବାରୁ ଗାଡିଟି ଫେରାର ଥିବା କହିବା ସହ ତଦନ୍ତ ଚାଲିଥିବା ପ୍ରକାଶ କରିଥିଲେ।

### ବାଇକ୍-ଟେମ୍ପୁ ଧକ୍କା, ଜଣେ ଗୁରୁତର

**ଜହ୍ନାପଙ୍କ,୨୬।୯(ଡି.ଏନ.ଏ.):** ବୌଦ୍ଧ-ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥର ବୁରକଟା ଛକ ଆନନ୍ଦ ମାର୍ଗ ଆଶ୍ରମ ନିକଟରେ ପୂର୍ବାହ୍ନରେ ଏକ ସଡ଼କ ଦୁର୍ଘଟଣା ଘଟି ଜଣେ ଗୁରୁତର ହୋଇଛନ୍ତି। ଜହ୍ନାପଙ୍କ ପଟରୁ ବୌଦ୍ଧ ଆଡକୁ ଯାଉଥିବା ବାଇକ୍‌କୁ ସମାନ ଦିଗରେ ଯାଉଥିବା ଏକ ଟେମ୍ପୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ବାଇକରେ ଯାଉଥିବା ଶଗଡା ପଞ୍ଚାୟତ ପନକା ଗାଁର ଅଶୋକ କହଁର ଓ ରାମଚନ୍ଦ୍ର କହଁର ଛିଟକି ପଡିଥିଲେ। ତେବେ ଅଶୋକଙ୍କ ନାକ ଓ ମୁଣ୍ଡ ଫାଟି ଯାଇଥିବାରୁ ରକ୍ତସ୍ରାବ ହୋଇଥିଲା। ପିଏଲଭି ସନ୍ତୋଷ ସାହୁ ଏକ ଟେମ୍ପୁ ଯୋଗେ ତାଙ୍କୁ ବୌଦ୍ଧ ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ। ଧକ୍କା ଦେଇଥିବା ଅଟୋଟି ସେଠାରୁ ଫେରାର ହୋଇଯାଇଛି।

### ଭାରତ ବନ୍ଦରେ ସାମିଲ ହେବ ବ୍ୟବସାୟୀ ସଂଘ

**ବୌଦ୍ଧ,୨୬।୯(ସ୍ୱ.ପ୍ର.):** ଭାରତୀୟ ଖୁଚୁରା ବଜାରରେ ବିଦେଶୀ ପୁଞ୍ଜି ନିବେଶକୁ ବିରୋଧ କରି ଭାରତୀୟ ବ୍ୟବସାୟୀ ସଂଘ ପକ୍ଷରୁ ଆସନ୍ତା ୨୮ତାରିଖରେ ଦିଆଯାଇଥିବା ବନ୍ଦ ଡାକରାରେ ବୌଦ୍ଧ ବ୍ୟବସାୟୀ ସଂଘ ସାମିଲ ହେବାକୁ ନିଷ୍ପତ୍ତି ନେଇଛି। ବୌଦ୍ଧ ବ୍ୟବସାୟୀ ସଂଘର କର୍ମକର୍ତ୍ତା ଓ ସଦସ୍ୟମାନଙ୍କ ମଧ୍ୟରେ ଆଲୋଚନା ପରେ ଶନିବାର ବୌଦ୍ଧର ସମସ୍ତ ଦୋକାନ ବଜାର ବନ୍ଦ ରହିବ ବୋଲି ବୌଦ୍ଧ ବ୍ୟବସାୟୀ ସଂଘର ସଭାପତି ସୁବାଶ ଚନ୍ଦ୍ର ସାହୁ ଏକ ପ୍ରେସ ବିଜ୍ଞପ୍ତି ରେ ସୂଚନା ପ୍ରଦାନ କରିଛନ୍ତି।

ସିଆଲିରେ ନୂଆଁଖାଇ ଭେଟ୍‌ଘାଟ୍

# ଭାଇଚାରାର ବାର୍ତ୍ତା ବହନ କରେ ନୂଆଁଖାଇ

**ସୋନପୁର,୨୬।୯(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଆଲି ଯାତ୍ରା ପଡିଆଠାରେ ବିଜୁ ଜନତା ଦଳ ପକ୍ଷରୁ ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀ ସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଜଳସମ୍ପଦ, ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଜେଡି ରାଜ୍ୟ ଉପସଭାପତି ତଥା ରାଜ୍ୟସଭା ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଶ୍ଚିମ ଓଡିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଭାଇଚାରାର ବାର୍ତ୍ତା ବହନ କରୁଛି। ପରିବାର, ସମାଜ ଭିତରେ ଏକତା ନୂଆଁଖାଇ ପରମ୍ପରାର ଉଦ୍ଦେଶ୍ୟ। ଏହା ଗରିବ-ଧନୀ ଓ ଉଚ୍ଚ-ନୀଚର ଭେଦଭାବ ଦୂର କରେ। ଆମ ନେତା ନବୀନ ପଟ୍ଟନାୟକ ଓ ଆମ ଦଳ ବିଜେଡି କ୍ଷମତା ପାଇଁ ବିଭେଦ ରାଜନୀତିରେ ବିଶ୍ୱାସ ରଖନ୍ତିନି। ଭାଇଚାରା ବଜାୟ ରହିବା ଆମର ଲକ୍ଷ୍ୟ ବୋଲି ଆଚାର୍ଯ୍ୟ କହିଥିଲେ। ରାଜ୍ୟ ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂଆଁଖାଇ ସଂହତିର ପ୍ରତୀକ। ଏହି ପରମ୍ପରା ବହୁ ପ୍ରାଚୀନ। ଏହାଦ୍ୱାରା ଆତ୍ମୀୟତା ସୃଷ୍ଟି ହୋଇଥାଏ। ଏଭଳି ଭାଇଚାରା ଅଞ୍ଚଳର ବିକାଶରେ ସହାୟକ ହେବ ବୋଲି ମନ୍ତ୍ରୀ ମାଝି ଆଶାପ୍ରକାଶ କରିଥିଲେ। ସ୍ଥାନୀୟ ବିଧାୟକ ନିରଞ୍ଜନ ପୂଜାରୀ ତାଙ୍କ ବକ୍ତବ୍ୟରେ ଅଞ୍ଚଳର ବିକାଶ ଓ ଭାଇଚାରା ପ୍ରତିଷ୍ଠା ତାଙ୍କର ପ୍ରାଥମିକତା। ନିର୍ବାଚନମଣ୍ଡଳୀକୁ ପ୍ରଗତି ପଥରେ ଆଗେଇ ନେବା ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜିଲା ସଭାପତି ସରୋଜ କମ୍ପ, ଉପସଭାପତି ରମେଶ ପୂଜାରୀ, ସାଧାରଣ ସମ୍ପାଦକ ଅଭିମନ୍ୟୁ କୁଶଳ, ଯୁବ ବିଜେଡି ସଭାପତି ତଥା ବିନିକା ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନନ୍ଦ, ଡୁଙ୍ଗୁରିପାଲି ବ୍ଲକ ଅଧ୍ୟକ୍ଷ ମକରଧ୍ୱଜ ସାହୁ, ପ୍ରାକ୍ତନ ଜିଲା ପରିଷଦ ଅଧ୍ୟକ୍ଷ ହିମାଂଶୁ ଶେଖର ବିଶ୍ୱାଳ ଓ ଜୁଲୁଣ୍ଡା ସମିତି ସଭ୍ୟ ରମେଶ ସାହୁ ନୂଆଁଖାଇ ଶୁଭେଚ୍ଛା ଜଣାଇବା ସହିତ ନବୀନ ସରକାରର ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ବିକାଶ ମୂଳକ କାର୍ଯ୍ୟର ଧାରାକୁ ବଜାୟ ରଖିବା ପାଇଁ ଆସନ୍ତା ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାକୁ ଉପସ୍ଥିତ ଜନତାଙ୍କୁ ଆହ୍ୱାନ ଦେଇଥିଲେ। ବୀଣାପାଣି ପୂଜାରୀ, ରାଜକୁମାର ସୁନା, ଗଦିଦାର କୁଅଁର ଓ ସରପଞ୍ଚ ନିରୂପମା କାଲୁ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ମେଣ୍ଡାର କୋସଲି କବି ଏକା ପଧାନ କୋସଲି କବିତା ପାଠ କରିଥିଲେ। ଏହି ଅବସରରେ ରାଷ୍ଟ୍ରପତିଙ୍କଠାରୁ କୃଷି କର୍ମଣ ପୁରସ୍କାର ପାଇଥିବା ଜିଲାର ଦୁଇ ଚାଷୀ କ୍ଷିତିସୁତା ମିଶ୍ର ଓ ଅନିତା ପଟେଲଙ୍କ ସମେତ ଶିକ୍ଷାବିତ୍ ଧନୁ ପଧାନ, ସନ୍ତୋଷ ପଧାନ, ସୂଯର୍ୟନାରାୟଣ ସାହୁ, ବାଙ୍ଗିପାଲିର କୋସଲି କବି ସନ୍ତୋଷ ପଧାନ, ଦଣ୍ଡ ଲେଖକ ରସିକ ସାହୁ, ଭଜନ ଗାୟକ ବାସୁଦେବ ସାହୁ, ବରିଷ୍ଠ ଖବରଦାତା ଅଶୋକ କୁମାର ସାହୁ, ସଫଳ ଚାଷୀ ସତ୍ୟନାରାୟଣ ମିଶ୍ର ଓ ଶରତ ମିଶ୍ରଙ୍କ ଭଳି ପ୍ରତିଭାଙ୍କୁ ଦଳ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲା ସମ୍ପାଦକ ମାନଭଞ୍ଜନ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ରାଗରାଗିଣୀ ମେଲୋଡି ଗ୍ରୁପ ସମ୍ବଲପୁରର କଳାକାର ମାନେ ସମ୍ବଲପୁରୀ ଗୀତ, ତରଭାର କିଶୋର ବେଜ୍‌ଙ୍କ ପାଲା ଦଳ ପାଲା ପରିବେଷଣ କରିଥିଲେ। ସେହିପରି ବଲାଙ୍ଗୀର ଜିଲା ଲୋଇସିଂହାର ସଙ୍ଗୀତ ସାଧନା ଅନୁଷ୍ଠାନର ଶଙ୍କର ବେହେରା ଓ ସାଥି କଳାକାରଙ୍କ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ଓ ପଶ୍ଚିମ ଓଡିଶାର ଲୋକନୃତ୍ୟ ପରିବେଷଣ କରା ଯାଇଥିଲା। ଡୁଙ୍ଗୁରିପାଲି, ତରଭା, ବିନିକା ଓ ସୋନପୁରର ହଜାର ହଜାର ଜନସାଧାରଣ ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ତରଭା ବ୍ଲକର ପ୍ରାକ୍ତନ ଅଧ୍ୟକ୍ଷ ଶତ୍ରୁଘ୍ନ ପୁଷ୍ଟି, ଜିଲା ପରିଷଦ ସଭ୍ୟ ପ୍ରବୀଣ ନାଗ, ପ୍ରହଲ୍ଲାଦ ନାୟକ, ବାସୁଦେବ ରଣା, ଛାତ୍ର ବିଜେଡି ସଭାପତି ଶାଶ୍ୱତ କୁମାର ମିଶ୍ର, ବିଭୁଦତ୍ତ ରାଜହଂସ ଓ ଶୁଭେନ୍ଦୁ କୁମାର ପଣ୍ଡାଙ୍କ ସମେତ ଦଳୀୟ ସରପଞ୍ଚ, ସମିତି ସଭ୍ୟ ସମସ୍ତ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।




ସୋନପୁର ନିର୍ବାଚନମଣ୍ଡଳୀ ସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ବିଜେଡି ନେତୃବୃନ୍ଦ।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଅଭିଯୁକ୍ତ ଫେରାର

**ମନମୁଣ୍ଡା,୨୬।୯(ଡି.ଏନ.ଏ.)**

ସୋମବାର ମନମୁଣ୍ଡା ଥାନା ଏକ ଗ୍ରାମରେ ଜନୈକ ନାବାଳିକାଙ୍କ ବଳାତ୍କାର କରାଯାଇଥିବା ନେଇ ନିଜେ ପିଡିତା ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ତେବେ ଅଭିଯୁକ୍ତ ଫେରାର ହୋଇଯାଇଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ଜନୈକ ନାବାଳିକା ଜଣଙ୍କ ସୋମବାର ଅପରାହ୍ନ ପ୍ରାୟ ୧ଟା ସମୟରେ ମା'ଙ୍କ ସହ ଘରଠାରୁ ଅଧ କିମି ଦୂର ତାଙ୍କ ଖଳାକୁ ଗୋବର ପକାଇବାକୁ ଯାଇଥିଲେ। ମା' ସଙ୍ଗେ ସଙ୍ଗେ ପଳାଇ ଆସିଥିବାବେଳେ ଝିଅଟି ସେଠାରେ ଜହ୍ନି ତୋଳିବାରେ ଲାଗିଥିଲେ। ତାଙ୍କୁ ଏକୁଟିଆ ଦେଖି ଉକ୍ତ ଗ୍ରାମର ଲଳିତ ମେଣ୍ଡିଲିଙ୍କ ପୁଅ ରାଜକୁମାର ନାବାଳିକାଙ୍କ ହାତକୁ ଯୋରଜବରଦସ୍ତି ଟାଣି ସେଠାରୁ ଅଧ କିମି ଦୂରରେ ଥିବା ଏକ ବୁଦା ନିକଟକୁ ନେଇ ବଳାତ୍କାର କରିଥିଲେ। ଟାଣି କରି ନେବା ସମୟରେ ନାବାଳିକ ଜଣଙ୍କ ପ୍ରତିବାଦ କରିବାରୁ ତାଙ୍କୁ ମାରିଦେବାର ଧମକ ଦେଇଥିଲେ। ଏ ନେଇ ଥାନାରେ କେଶ ନଂ. ୧୭୯/୧୮ରେ ଏକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବା ପାଇଁ ମତପ୍ରକାଶ ପାଇଛି।

## ପୁରପଲ୍ଲୀରେ ଭାଗବତ ଜନ୍ମ ଉତ୍ସବ

**ବୀରମହାରାଜପୁର, ୨୬।୯ (ଡି.ଏନ.ଏ.)**

ଭାଦ୍ରବ ପୂର୍ଣ୍ଣିମା ଉପଲକ୍ଷେ ମଙ୍ଗଳବାର ପାଳନ କରାଯାଇଥିବା ଭାଗବତ ଜନ୍ମ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଚାରିବେଦ, ବେଦାନ୍ତ, ଉପନିଷଦ, ବ୍ରହ୍ମସୂତ, ଅଷ୍ଟାଦଶ ପୁରାଣର ସାରକଥାକୁ ନେଇ ଭଗବାନ କୃଷ୍ଣ ଦେପାୟନ ବ୍ୟାସ ଏହିଦିନ ରଚନା କରିଥିଲେ ପରମଶାସ୍ତ୍ର ଶ୍ରୀମଦ ଭାଗବତ। ତେଣୁ ବୀରମହାରାଜପୁର ଅଞ୍ଚଳର ବିଭିନ୍ନ ମଠ, ମନ୍ଦିର, ଭାଗବତ ଟୁଙ୍ଗୀ ଓ ଭାଗବତ ଗାଦୀମାନଙ୍କରେ ଭାଗବତ ଜନ୍ମ ଉତ୍ସବ ସମାରୋହରେ ପାଳିତ ହୋଇଥିଲା। ଏହି ଅବସରରେ ପୁରପଲ୍ଲୀର ବିଭିନ୍ନ ସ୍ଥାନରେ ଦ୍ୱାଦଶ ସ୍କନ୍ଧ ଭାଗବତର ଅନନ୍ତମୁଖୀ ପାରାୟଣ କରାଯାଇଥିଲା। ଗୋଟିଏ ଦିନରେ ସମ୍ପୂର୍ଣ୍ଣ ଓଡିଆ ଭାଗବତର ପଠନ ଓ ପୁରାଣ ହେତୁ ଚାରିଆଡେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ବ୍ରତଧାରୀମାନଙ୍କ ଉଦ୍‌ଯାପନୀ ପର୍ବ ସହ ବୁଧବାର ସକାଳେ ଉକ୍ତ ଆଧ୍ୟାତ୍ମିକ ସମାରୋହର ପରିସମାପ୍ତି ଘଟିଛି।



କେନଞ୍ଜରିଆପାଲିରେ ଭାଗବତର ଅନନ୍ତମୁଖୀ ପାରାୟଣ।

### ବିଦ୍ୟାଳୟ ପରିଚାଳନା କମିଟିର ତାମିଲ କାର୍ଯ୍ୟକ୍ରମ

**ବାଉଁଶୁଣୀ,୨୬।୯(ଡି.ଏନ୍.ଏ.)**

ବାଉଁଶୁଣୀ ୱାଇସିଡିଏ ପକ୍ଷରୁ ସାଲେଇପଡା ଶାଖା କାର୍ଯ୍ୟାଳୟଠାରେ ଗୋଛାପଡା, ଗୁନ୍ଦୁଲିଆ, ଶଗଡା, ଗ୍ରାମ ପଞ୍ଚାୟତର ବିଭିନ୍ନ ପରିଚାଳନା କମିଟିର ୫୦ଜଣ ସଭ୍ୟାସଭ୍ୟଙ୍କୁ ତାମିଲ୍ ଦିଆଯାଇଛି। ପ୍ରକାଶ ପାଣ୍ଡେ ସ୍ୱାଗତ ଭାଷଣ ଦେବା ସହ ସଭାକୁ ପରିଚାଳନା କରିଥିଲେ। ତାଲିମଦାତା ଭାବେ କୋଦଣ୍ଡଧର ମେହେର ଥିଲେ। ସରକାରଙ୍କ ତରଫରୁ ସିବିଧା ସୁଯୋଗ, ବିଭିନ୍ନ ପ୍ରକାରର ଆଇନ କାନୁନ୍, ମାଗଣା ବାଧ୍ୟତା ମୂଳକ ଶିକ୍ଷା ଅଧିକାର, ବିଦ୍ୟାଳୟ ପରିଚାଳନା କମିଟିର ରୂପରେଖ ଗଠନ, ବିଦ୍ୟାଳୟ ବିକାଶ ଯୋଜନା, କିପରି ଭାବେ ପିଲାଙ୍କ ପାଖରେ ଗୁଣାତ୍ମକ ଶିକ୍ଷା ପହଞ୍ଚିବ ସେ ନେଇ ତାଲିମ୍ ପ୍ରଦାନ କରିଥିଲେ। ସୁରେନ୍ଦ୍ର ମେହେର, ବବୁନ୍ ଦାଶ, ସ୍ୱାଗତିକା ମହାନନ୍ଦ, କୃଷ୍ଣଚନ୍ଦ୍ର ମେହେର, ରଞ୍ଜିତ ସିଂହ ଉପସ୍ଥିତ ଥିଲେ।

## ସଡକ ସୁରକ୍ଷା ତାଲିମ ନେଲେ କଲେଜ ଛାତ୍ର

**ସିଂଘିଯୁବା,୨୬।୯(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା କନିଷ୍ଠ ମହାବିଦ୍ୟାଳୟରେ ଅଧ୍ୟକ୍ଷା ପ୍ରଗତି ପଟ୍ଟନାୟକଙ୍କ ସଭାପତିତ୍ୱରେ ଶତାଧିକ କଲେଜ ଛାତ୍ରୀଙ୍କୁ ସଡକ ସୁରକ୍ଷା ତାଲିମ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିନିକା ତହସିଲଦାର ଅଲେଖ ଘୁଟା ଯୋଗଦେଇ ଛାତ୍ରୀମାନଙ୍କୁ ଟ୍ରାଫିକ୍ ନିୟମ ପାଳନ କରି ଜୀବନକୁ ସୁରକ୍ଷା ବଳୟରେ ରଖିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ବିନିକା ଥାନା ଅଧିକାରୀ ରୀନା ବେହେରା ଯୋଗ ଦେଇଥିଲେ। ଗାଡି ଚାଳନା ବେଳେ ମୋବାଇଲରେ କଥା ନ ହେବା, ସବୁବେଳେ ହେଲମେଟ ପିନ୍ଧିବା, ଦ୍ରୁତ ବେଗରେ ଗାଡି ନ ଚଳାଇବା, ରାସ୍ତା ପାର୍ ସମୟରେ ସତର୍କତା ଅବଲମ୍ବନ କରିବାକୁ ସଚେତନ କରାଯାଇଛି। ସଡକ ଦୁର୍ଘଟଣା କମିବାର ପ୍ରଣାଳୀ ଏବଂ ଡ୍ରାଇଭିଂ ଲାଇସେନ୍ସ ପ୍ରତି ସଚେତନ ହେବା ସହିତ ଅନ୍ୟକୁ ସଚେତନ କରିବାକୁ ଅଧ୍ୟାପିକା ଗୀତାଞ୍ଜଳି ତ୍ରିପାଠୀ ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ପଞ୍ଚାନନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ କଲେଜର ଛାତ୍ରୀମାନଙ୍କ ମଧ୍ୟରେ ଟ୍ରାଫିକ୍ ସଚେତନତା ନେଇ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୌସୁମୀରାଣୀ ନାୟକ, ଲୋନି ବାରିକ, ଲିଲିମା ଦାସ, ତ୍ରିବେଣୀ ପଣ୍ଡା, ସରିତା ମଲ୍ଲିକଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା।



ତାଲିମ ନେଇଥିବା ଜଣେ ଛାତ୍ରୀଙ୍କୁ ଟ୍ରାଫିକ ସଚେତନତା ପୁସ୍ତିକା ପ୍ରଦାନ କରାଯାଉଛି।

## ହିନ୍ଦୀ ଦିବସ, ସ୍ୱଚ୍ଛତା ହିଁ ସେବା

**ପଲଶାଗୋରା,୨୬।୯(ଡି.ଏନ.ଏ.)**

ବୌଦ୍ଧ ନେହେରୁ ଯୁବ କେନ୍ଦ୍ର ତରଫରୁ କନ୍ଧମାଳ ବ୍ଲକ ଜାଲପାଲି ଗ୍ରାମଠାରେ ବୁଧବାର ହିନ୍ଦୀ ଦିବସ ଓ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଂଯୋଜକ ଦୀପକ ବାରିକଙ୍କ ଅଧ୍ୟକ୍ଷତାରେ ଓ ବିତ୍ତ ଅଧିକାରୀ ଶଶାଙ୍କଶେଖର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ରାମଚନ୍ଦ୍ର ମଲିକ, ଜୀବନ ଜ୍ୟୋତି କ୍ଲବ ସଭାପତି ଗଜିନ୍ଦ୍ର ବାଘ, ବିଦ୍ୟାଧର ବାଘ ଓ ରଶ୍ମିରଞ୍ଜନ ବେହେରା ଯୋଗଦେଇଥିଲେ। ହିନ୍ଦୀ ତର୍କ ପ୍ରତିଯୋଗିତାରେ ରଶ୍ମି ରଞ୍ଜନ ପ୍ରଥମ, ବେଣୁଧର ସୁନା ଦ୍ୱିତୀୟ ଓ ଉମେଶ ସୁନା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସଂଗୀତରେ ବର୍ଷାରାଣୀ ବାଘ, ଝିନା ବାଘ ଓ ମନିଷା ତାଣ୍ଡିଙ୍କୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ଗାଁ ଓ ନଳକୂପ ପରିସର ସଫେଇ କରାଯାଇଥିଲା।

## ଅଗ୍ନିଶମ କର୍ମଚାରୀଙ୍କ ଆନ୍ଦୋଳନ

**ବାଉଁଶୁଣୀ,୨୬।୯(ଡି.ଏନ୍.ଏ.)**

ବାଉଁଶୁଣୀ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ ଆରମ୍ଭ କରିଛନ୍ତି। ସେମାନେ ୬ଟି ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଦାବି ଗୁଡିକ ମଧ୍ୟରେ ରହିଛି ଓଡିଶା ଅଗ୍ନିଶମ କର୍ମଚାରୀମାନଙ୍କୁ ଓଡିଶା ପୋଲିସ କର୍ମଚାରୀମାନଙ୍କ ସହିତ ସମାନ ଦରମା ଓ ଭତ୍ତା ପ୍ରଦାନ, ଚୁକ୍ତି ଭିତ୍ତିକ କର୍ମଚାରୀମାନଙ୍କୁ ନିୟମିତ ଦରମା, ଅବସର ପ୍ରାପ୍ତ କର୍ମଚାରୀମାନଙ୍କୁ ତୁରନ୍ତ ପେନ୍‌ସନ୍ ଓ ଅବସର କାଳିନ ପ୍ରାପ୍ୟ ପ୍ରଦାନ, ଅନ୍ୟ କର୍ମଚାରୀମାନଙ୍କ ଭଳି ୮ ଘଣ୍ଟା ଡ୍ୟୁଟି ଓ ଖାଲି ପଡିଥିବା ପଦବୀ ପୂରଣ ପାଇଁ ସଂଘ ପକ୍ଷରୁ ଏହି ଆନ୍ଦୋଳନ ଜାରି ରହିଛି। ଅଗ୍ନିଶମ କର୍ମଚାରୀମାନେ ନିଜ ଜିବନକୁ ବାଜି ଲଗେଇ ସେବା ଯୋଗାଇଦେଇ ଆସୁଥିଲେ ମଧ୍ୟ ସରକାର ଏହି କର୍ମଚାରୀମାନଙ୍କ ପ୍ରତି ଅବହେଳା କରିଆସୁଛନ୍ତି। ପୂର୍ବରୁ କର୍ମଚାରୀମାନେ ଅସୁବିଧା ଗୁଡିକ ସରକାରଙ୍କୁ ଜଣାଇଥିଲେ ହେଲେ ସରକାର ଦୃଷ୍ଟି ଦେଇ ନ ଥିଲେ। ଏଥି ଯୋଗୁ ଅଗ୍ନିଶମ କର୍ମଚାରୀମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନରେ ବସିଛନ୍ତି। ଏହା ଯୋଗୁ ଲୋକ ମାନେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି।

## ବ୍ୟାଙ୍କ କର୍ମଚାରୀଙ୍କ ଘରୁ ଲୁଟ୍ ଉଦ୍ୟମ ପଣ୍ଡ

**ବୀରମହାରାଜପୁର, ୨୬।୯(ଡି.ଏନ.ଏ.)**

- ଗ୍ରାମବାସୀଙ୍କ ହାବୁଡରେ ପଡି ଜଣେ ଗିରଫ
- ବୋଲେରୋ ସହ ୩ ଫେରାର

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅଧୀନ ମୁର୍ଷୁଣ୍ଡୀ ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ସଶସ୍ତ୍ର ଡକାୟତି ଉଦ୍ୟମ ହୋଇଥିବାବେଳେ ଗ୍ରାମବାସୀଙ୍କ ଉପସ୍ଥିତି ଯୋଗୁ ତାହା ପଣ୍ଡ ହୋଇଛି। ଗ୍ରାମବାସୀ ଜଣେ ଅଭିଯୁକ୍ତଙ୍କୁ କାବୁ କରିବା ସହ ପୋଲିସ ଜିମା ଦେବା ପରେ ଗିରଫ କରାଯାଇଛି। ସ୍ଥାନୀୟ ଜଣେ ବ୍ୟାଙ୍କ କର୍ମଚାରୀଙ୍କ ଘରେ ଡକାୟତି ଘଟାଇବାକୁ ଏକ ବୋଲେରୋରେ ଆସି ପ୍ରସ୍ତୁତି ଚଳାଇଥିବାବେଳେ ଲୋକେ ଜାଣି ପାରିବାରୁ ତାହା ବିଫଳ ହୋଇଛି। ଏ ସଂକ୍ରାନ୍ତରେ ସାରଙ୍ଗଧର ନାଏକଙ୍କ ଏତଲାକ୍ରମେ ବୀରମହାରାଜପୁର ଥାନାରେ ଦଫା ୪୫୭, ୩୯୩ ଦଫରେ ଏକ ମାମଲା (ନଂ ୧୪୦/୧୮) ରୁଜୁ କରି ତଦନ୍ତ ଚଳାଇଛି। ଫେରାର ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ତନାଘନା ଜାରି ରହିଥିବା ପ୍ରକାଶ।

ସୂଚନା ମତେ ବୀରମହାରାଜପୁଠାରୁ ପ୍ରାୟ ୭ କି.ମି. ଦୂର ମୁର୍ଷୁଣ୍ଡୀ ଗ୍ରାମରେ ମଙ୍ଗଳବାର ରାତିରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିବାବେଳେ ଗାଁ ଉପକଣ୍ଠରେ ଥିବା ଜଣେ ବ୍ୟାଙ୍କ କର୍ମଚାରୀଙ୍କ ଘରୁ ଲୁଟ ପାଇଁ ପାହାନ୍ତା ପ୍ରହରରେ ସଜବାଜ ଚାଲିଥିଲା। ତେବେ କୌଣସି ମତେ ଏହାର ସୁରାକ ପାଇ ଲୋକେ ଧରିଥିଲେ। ଦୁର୍ବୃତ୍ତମାନେ ବୋଲେରୋରେ ବି ଫେରାର ହେବାବେଳକୁ ସେମାନଙ୍କ ମଧ୍ୟରୁ ବିକାଶ ଦେହୁରୀ ନାମକ ଜଣେ ଅଭିଯୁକ୍ତ ହାବୁଡରେ ପଡିଯାଇଥିଲେ। ଖବର ପାଇ ବୀରମହାରାଜପୁର ପୋଲିସ ସେଠାରେ ପହଞ୍ଚି ତାଙ୍କୁ ନେଇଥିଲେ। ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ, ଗିରଫ ଅଭିଯୁକ୍ତଙ୍କ ଘର ସୁବଳୟା ଥାନା ଅଧୀନସ୍ଥ ବଡବର୍ଡାକଟା ଗ୍ରାମରେ ଏବଂ ସେ ଜଣେ ଟ୍ରାକ୍ଟରଚାଳକ। ଫେରାର ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣେ ଏହି ଅଞ୍ଚଳର ହୋଇଥିବାବେଳେ ୨ଜଣ ସମ୍ବଲପୁର ଅଞ୍ଚଳରୁ ଆସିଥିବା ଆଇଆଇସି କୁଶ ପାଣିଗ୍ରାହୀଙ୍କଠାରୁ ସୂଚନା ମିଳିଛି। ଫେରାର ଅଭିଯୁକ୍ତ ଧରାପଡି ନ ଥିଲେ ହେଁ ଘଟଣାର ଶୀଘ୍ର ପର୍ଦ୍ଦାଫାଶ ହେବ ବୋଲି ପୋଲିସ କହିଛି।

ଶିକ୍ଷକ ନିଯୁକ୍ତି ଦାବି

# ବିଦ୍ୟାଳୟ ଫାଟକରେ ତାଲା ପକାଇଲେ

**ଉଲୁଣ୍ଡା, ୨୬।୯ (ଡି.ଏନ.ଏ.)**

- ସାମିଲ ହେଲେ ଛାତ୍ରୀଛାତ୍ର, ଗ୍ରାମ୍ୟ ଶିକ୍ଷାକମିଟି ଓ ଅଭିଭାବକ
- ଦୁଇ ଦିନ ଭିତରେ ସମସ୍ୟାର ସମାଧାନର ପ୍ରତିଶ୍ରୁତି ଦେଲେ ଏବିଇଓ

ଶିକ୍ଷକ ଅଭାବ ଯୋଗୁଁ ଶିକ୍ଷାଦାନ ବ୍ୟାହତ ହୋଇଥିବା ବେଳେ ଆବଶ୍ୟକ ଶିକ୍ଷକ ପୂରଣ ଦାବିନେଇ ଆନ୍ଦୋଳନକୁ ଛାତ୍ରୀଛାତ୍ର ଓହ୍ଲାଇଛନ୍ତି। ଆଗକୁ ପରୀକ୍ଷା ଥିବାରୁ ତୁରନ୍ତ ସମସ୍ୟାର ସମାଧାନ କରି ଶିକ୍ଷାଦାନ ସ୍ୱାଭାବିକ କରିବା ଦାବିନେଇ ସ୍କୁଲ ମୁଖ୍ୟ ଫାଟକରେ ଅଭିଭାବକ ଓ ଛାତ୍ରୀଛାତ୍ର ତାଲା ପକାଇଛନ୍ତି। ଏଭଳି ଏକ ସ୍ପର୍ଶକାତର ଘଟଣା ଘଟିଛି ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ନିମ୍ନା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ।

ସୂଚନା ମତେ ୧୯୫୩ ମସିହାରୁ ପ୍ରତିଷ୍ଠିତ ନିମ୍ନାର ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନର ବ୍ୟବସ୍ଥା ଥିବା ବେଳେ ଚଳିତ ଶିକ୍ଷାବର୍ଷରେ ୧୯୪ ଜଣ ଛାତ୍ରୀଛାତ୍ର ଏଠାରେ ଅଧ୍ୟୟନରତ। ବିଦ୍ୟାଳୟର ପ୍ରାଇମେରୀ ବିଭାଗରେ ୧୦୬ ଜଣ ଏବଂ ଅପର ପ୍ରାଇମେରୀ ବିଭାଗରେ ୮୮ ଜଣ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ଶିକ୍ଷାଦାନ ପାଇଁ ମାତ୍ର ୪ ଜଣ ଶିକ୍ଷକ ଅଛନ୍ତି। ତେବେ ପ୍ରାଇମେରୀ ବିଭାଗରେ ୧୦୬ ଛାତ୍ରୀଛାତ୍ରଙ୍କ ପାଇଁ ୪ ଜଣ ଓ ଅପର ପ୍ରାଇମେରୀ ପାଇଁ ୩ ଜଣ ଶିକ୍ଷକଙ୍କ ଆବଶ୍ୟକ ସରକାରୀ ବ୍ୟବସ୍ଥାରେ ଥିବା ବେଳେ କିଛି ବର୍ଷ ଧରି ଉକ୍ତ ବିଦ୍ୟାଳୟରେ ଏହାର ବ୍ୟତିକ୍ରମ ଦେଖାଦେଉଛି। ଏନେଇ ବିଗତ ଶିକ୍ଷାବର୍ଷରେ ଗ୍ରାମବାସୀ ଆନ୍ଦୋଳନ କରିଥିବା ଯୋଗୁଁ ସୁନୀଲ ପଣ୍ଡା ଏବଂ ରମେଶ ଚନ୍ଦ୍ର ମିଶ୍ର ନାମକ ୨ଜଣ ଶିକ୍ଷକଙ୍କୁ ବିଦ୍ୟଳାୟକୁ ପ୍ରେରଣ କରାଯାଇଥିଲା। ମାତ୍ର ଚଳିତ ଜୁଲାଇ ୨ତାରିଖରୁ ଉଭୟ ଶିକ୍ଷକଙ୍କୁ ସ୍ଥାନାନ୍ତରିତ କରାଯିବାରୁ ଶିକ୍ଷାଦାନ ବିପର୍ଯ୍ୟସ୍ତ ହୋଇପଡିଥିବା ଗ୍ରାମ୍ୟ ଶିକ୍ଷା କମିଟି ସଭାପତି ବୃନ୍ଦାବନ ବେହେରା କହିଛନ୍ତି। ଘଟଣା ସମ୍ପର୍କରେ ଅଭିଭାବକ, ଗ୍ରାମ୍ୟଶିକ୍ଷା କମିଟି ଏବଂ ବିଦ୍ୟାଳୟ ଶିକ୍ଷକଙ୍କ ପକ୍ଷରୁ ବିଇଓଙ୍କୁ ସେପ୍ଟେମ୍ବର ୧୯ ତାରିଖରେ ଲିଖିତ ଭାବେ ଜଣାଇ ଦିଆଯାଇଥିଲା। ତେବେ ଏ ପର୍ଯ୍ୟନ୍ତ ବିଭାଗ ଶିକ୍ଷକ ନିଯୁକ୍ତି ନେଇ କୌଣସି ତତ୍ପରତା ଦେଖାଇ ନଥିବା ଯୋଗୁଁ ଛାତ୍ରୀଛାତ୍ରଙ୍କ ସମେତ ଗ୍ରାମର ଝସକେତନ ମେହେର, ଧବଳେଶ୍ୱର ମେହେର, ବେଦବ୍ୟାସ ମେହେର, ଜଗନ୍ନାଥ ମେହେର, କ୍ଷିରାବ୍ଧୀ ତରିଆ, ମୀନା ବାଘ,ଦମୟନ୍ତୀ ମେହେର ପ୍ରମୁଖ ଅଭିଭାବକ ବିଦ୍ୟାଳୟ ମୁଖ୍ୟ ଫାଟକରେ ବୁଧବାର ସକାଳେ ତାଲା ପକାଇଛନ୍ତି। ଘଟଣା ସମ୍ପର୍କରେ ଖବର ପାଇ ଏବିଇଓ ସନ୍ତୋଷ କୁମାର ରଥ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ ସୁଦ୍ଧା କୌଣସି ସମାଧାନର ସୂତ୍ର ବାହାରି ପାରିନାହିଁ। ଆବଶ୍ୟକ ଶିକ୍ଷକ ପୂରଣ ନହେବା ପର୍ଯ୍ୟନ୍ତ ତାଲା ବନ୍ଦ ଆନ୍ଦୋଳନ ଜାରି ପ୍ରକାଶ କରିଛନ୍ତି। ଏନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇ ୨ଦିନ ଭିତରେ ସମସ୍ୟାର ସମାଧାନ ଦିଗରେ ଚେଷ୍ଟା କରିବି ବୋଲି ଉଲୁଣ୍ଡା ଏବିଇଓ ରଥ ପ୍ରକାଶ କରିଛନ୍ତି।




ଶିକ୍ଷକ ନିଯୁକ୍ତି ଦାବିରେ ସ୍କୁଲରେ ତାଲା ପଡିଥିବା ବେଳେ ଗେଟ ସମ୍ମୁଖରେ ଛାତ୍ରୀଛାତ୍ର ଏକତ୍ରିତ ହୋଇଛନ୍ତି।



“ ଗୋଟିଏ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିଦେଲେ ଆଉ ଗୋଟିଏ ପାଇଁ ଆପେ ଆପେ ବାଟ ଫିଟିଯାଏ।
- ଆର. ଡବ୍ଲ୍ୟୁ. ଇମରସନ୍



## ସଂକ୍ଷେପରେ

### ଦୁର୍ଗାପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପିତ

**ବିଜେପୁର, ୨୬।୯ (ଡି.ଏନ.ଏ):** ବିଜେପୁର ସାର୍ବଜନୀନ ନବ ଦିନାତ୍ମକ ଦୁର୍ଗାପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଛି । ସଭାପତି ସନତ କୁମାର ଗଡତିଆ କର୍ତ୍ତା, କିଶୋର ପୂଜାରୀ ପୁରୋହିତ କର୍ମ ତୁଲାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୁଷ୍ପରଞ୍ଜନ ଗଡତିଆ, ଯୁଗଳ କିଶୋର ପଧାନ, ଯୋଗୀନ୍ଦ୍ର ମେହେର, ଜନାର୍ଦ୍ଦନ ପାଣିଗ୍ରାହୀ, ନବୀନ କୁମାର ସାହୁ, ପାଣ୍ଡବ ପଧାନ, ସରୋଜ ସାହୁ, ମନୋଜ ପଣ୍ଡା ପ୍ରମୁଖ ପୂଜା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ । ଆଗାମୀ ୯ ତାରିଖରୁ ଆରମ୍ଭ ହେଉଥିବା ଏହି ନବଦିନାତ୍ମକ ଦୁର୍ଗାପୂଜା ସମାରୋହରେ ମହାସପ୍ତମୀରୁ ରାବଣ ରାଜ କାର୍ଯ୍ୟକ୍ରମ ଆୟୋଜିତ ହେବ । ବିଜୟା ଦଶମୀରେ ସ୍ଥାନୀୟ ହାଇସ୍କୁଲ ପଡିଆରେ ରାବଣପୋଡି ଉତ୍ସବ ଅନୁଷ୍ଠିତ ହେବ ବୋଲି ପୂଜା କମିଟି ସୂଚନା ଦେଇଛି ।

### ଚାଷୀ ଆନ୍ଦୋଳନ ସାମୟିକ ସ୍ଥଗିତ

**ଭେଡ଼େନ,୨୬।୯(ଡ଼ି.ଏନ.ଏ):** ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଭେଡ଼େନ, ରେଶମ, ଅର୍ଣ୍ଣାପାଲି, ଅରେଇଗୁଡ଼ି, ଲୁହାଖଣ୍ଡି, ତାଲମେଣ୍ଡା, ଅର୍ଜୁଣ୍ଡା ଓ ସଂକ୍ରାଡ଼ା ଆଦି ଗ୍ରାମପଞ୍ଚାୟତର ଚାଷୀମାନଙ୍କୁ ଏଯାଏ ସଂଶୋଧିତ ଫସଲବୀମା ରାଶି ମିଳିନାହିଁ। ଏ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଜାରି ରହିଛି । ତେବେ ଏହାର ପ୍ରତିବାଦରେ ବୁଧବାର ହେବାକୁ ଥିବା ତାଲାବନ୍ଦ ଆନ୍ଦୋଳନ ୫ ଦିନ ପାଇଁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି । ସେପ୍ଟେମ୍ବର ଶେଷ ସୁଦ୍ଧା ସଂଶୋଧିତ ହାରରେ ବୀମା ରାଶି ପ୍ରଦାନ କରା ନ ଗଲେ ଅକ୍ଟୋବର ମାସ ଆରମ୍ଭରୁ ଚାଷୀମାନେ ପୁଣି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ବୁଧବାର ନିଷ୍ପତ୍ତି ଗ୍ରହଣ କରିଛନ୍ତି ।

### ଦୁର୍ଗାପୂଜା କମିଟି ଗଠିତ

**ଭେଡ଼େନ,୨୬।୯(ଡ଼ି.ଏନ.ଏ):** ଭେଡ଼େନ ବ୍ଲକ ଅନ୍ତର୍ଗତ ଚିଚିଣ୍ଡା ଗ୍ରାମର ଦୁର୍ଗାପୂଜା ପାଳନ ପରିଚାଳନା ପାଇଁ ଏକ କମିଟି ଗଠିତ ହୋଇଛି । ଏଥିରେ ସଭାପତି ହରିଶ୍ଚନ୍ଦ୍ର ରାଉତିଆ, ଉପସଭାପତି ରବି ମେହେର, ସମ୍ପାଦକ ତ୍ରିଲୋଚନ ଭୋଇ, ସହ ସମ୍ପାଦକ ମନବୋଧ ମେହେର ଏବଂ କୋଷାଧ୍ୟକ୍ଷ ଭାବେ ଆନନ୍ଦ ରାଉତ ମନୋନିତ ହୋଇଛନ୍ତି । ଏହାସହ ଉପଦେଷ୍ଟା ମଣ୍ଡଳୀରେ ସରପଞ୍ଚ ସୁଶାନ୍ତ ପ୍ରଧାନ, ପୂର୍ବତନ ସରପଞ୍ଚ ରବି ବାବୁ, ରାଜକିଶୋର ମେହେର, ଦୀନ ଦୟାଲ ଭୋଇ ପ୍ରମୁଖ ରହିଛନ୍ତି । ଚଳିତ ପୂଜାକୁ ଅଧିକ ଆକର୍ଷଣୀୟ କରିବାସହ ନାଟକ, ନୃତ୍ୟ ପ୍ରତିଯୋଗିତା, ଅର୍କେଷ୍ଟ୍ରା ଆଦି କରାଯିବାକୁ ପୂଜା କମିଟି ତରଫରୁ ନିଷ୍ପତ୍ତି ନିଆଯାଇଛି ।

■ ପରିଷ୍କାର ପରିଚ୍ଛନ୍ନତା ସେମିନାର

# ବ୍ୟକ୍ତିଗତ ପରିଚ୍ଛନ୍ନତାକୁ ଗୁରୁତ୍ୱ

**ବରଗଡ଼ ଅଫିସ୍,୨୬।୯**

ବିକାଶ ଅଡ଼ିଟୋରିୟମଠାରେ ପରିଷ୍କାର ପରିଚ୍ଛନ୍ନତା ଶୀର୍ଷକ ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି। ବିକାଶ ଡିଗ୍ରୀ କଲେଜର ୟୁଥ ରେଡ଼କ୍ରସ, ଏନଏସଏସ ୟୁନିଟ୍ ଏବଂ ବିକାଶ ଉଚ୍ଚ ମାଧ୍ୟମିକ ସ୍କୁଲର ୟୁଥ ରେଡ଼କ୍ରସ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସେମିନାରର ଅଧ୍ୟାପିକା ସରିତା ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ । ବିକାଶ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲର ଚର୍ମରୋଗ ବିଶେଷଜ୍ଞ ଡା. ଇପ୍‌ସିତା ଦେବତା ଅତିଥି ପ୍ରବକ୍ତା ଭାବେ ଯୋଗଦେଇ ଚର୍ମ ସମ୍ବନ୍ଧୀୟ ରୋଗ ଏବଂ ତାର ପ୍ରତିକାର ଉପରେ ସଚେତନ କରିଥିଲେ । ଏହା ସହିତ ଛାତ୍ରୀମାନଙ୍କ ହଷ୍ଟେଲ ଜୀବନରେ ବ୍ୟକ୍ତିଗତ ପରିଷ୍କାର ପରିଚ୍ଛନ୍ନତା ଉପରେ ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଥିଲେ । ବିକାଶ ଡିଗ୍ରୀ କଲେଜ ଉପାଧ୍ୟକ୍ଷା ପୁଷ୍ପିତା ପଣ୍ଡାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଉକ୍ତ ସେମିନାରରେ ବିକାଶ ଉଚ୍ଚ ମାଧ୍ୟମିକ ସ୍କୁଲର ଯୁକ୍ତଦୁଇ ପ୍ରଥମ ବର୍ଷ ଓ ବିକାଶ ଆବାସିକ ସ୍କୁଲର ଏକାଦଶ ଶ୍ରେଣୀର ଛାତ୍ରୀମାନେ ଏବଂ ଡିଗ୍ରୀ କଲେଜ ଓ ଉଚ୍ଚ ମାଧ୍ୟମିକ ସ୍କୁଲର ଅଧ୍ୟାପିକାମାନେ ଯୋଗ ଦେଇଥିଲେ। ୟୁଥ ରେଡ଼କ୍ରସର କାଉନସିଲର ଅଧ୍ୟାପିକା ଶ୍ୱେତପଦ୍ମା ମହାନ୍ତି ସେମିନାର ପରିଚାଳନା କରିଥିଲେ ।

**ବିକାଶ ଅଡିଟୋରିୟମ୍**




ସେମିନାରରେ ଭାଗ ନେଇଥିବା ଛାତ୍ରୀ ଏବଂ ଅଧ୍ୟାପିକାମାନେ ।

# ଆଇଓସିଏଲ ପ୍ରତିନିଧିଙ୍କ ପରିଦର୍ଶନ

**ବରଗଡ଼ ଅଫିସ୍,୨୬।୯**

ବରଗଡ଼ ଓ ବିଜେପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନକୁ ମଙ୍ଗଳବାର ଆଇଓସିଏଲର ଏକ ପ୍ରତିନିଧି ଦଳ ପରିଦର୍ଶନ କରିଥିଲେ। ଏହି ପ୍ରତିନିଧି ଦଳରେ ଭାଜପା ରାଜ୍ୟ ଉପସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସୁରେଶ୍ୱର ଶତପଥୀ, ଅବନୀକାନ୍ତ ପଣ୍ଡା, ଶକୁନ୍ତଳା ମହାପାତ୍ର, ସନତ ଗଡ଼ତିଆ ଏବଂ ସ୍ଥାନୀୟ ଗ୍ରାମବାସୀ ସାମିଲ ହୋଇଥିଲେ । ବରଗଡ଼ ମହିଳା ସମିତି, ଚକରକେନ୍ଦ୍ର ପ୍ରାଥମିକ ସ୍କୁଲ, ଖୁଣ୍ଟପାଲି ତୁରୁଙ୍ଗା ହାଇସ୍କୁଲ, ପୁଞ୍ଜିପଥର ଓ ଟି. ଗଣ୍ଡପାଲି ପ୍ରାଥମିକ ସ୍କୁଲକୁ ସେମାନେ ପରିଦର୍ଶନ କରିଥିଲେ। ଉପରୋକ୍ତ ସ୍କୁଲ ଗୁଡ଼ିକରେ ନୂତନ କୋଠରୀ, ସ୍କୁଲ ପାଚେରୀ, ଶୌଚାଳୟ, ପାନୀୟଜଳ ପ୍ରକଳ୍ପ ଏବଂ ବରଗଡ଼ ମହିଳା ସମିତିରେ ଏକ କମ୍ୟୁନିଟି ସେଣ୍ଟର ନିର୍ମାଣ କରାଯିବ ବୋଲି ପ୍ରତିନିଧି ଦଳ ସୂଚନା ଦେଇଥିଲେ ।



ଗ୍ରାମବାସୀଙ୍କ ଗହଣରେ ଆଇଓସିଏଲ ପ୍ରତିନିଧିମାନେ ।

# ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଜୟନ୍ତୀ

**ବରଗଡ଼ ଅଫିସ୍,୨୬।୯**

ବରଗଡ଼ ସହରସ୍ଥିତ ଭାଜପା କାର୍ଯ୍ୟାଳୟରେ ମଙ୍ଗଳବାର ସନ୍ଧ୍ୟାରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଜିଲା ସଭାପତି ଡା. ଅରୂପାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସୌରୀଚରଣ ବାରିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଦଳୀୟ କର୍ମୀମାନେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ତୈଳଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଭାଜପା ନେତା ପ୍ରୀତମ ସିଂ, ଅଶୋକ ପଣ୍ଡା, ଡା. ସୁବଳ କର, ଅକ୍ରୁର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ଜିଲା ସାଧାରଣ ସମ୍ପାଦକ ରବି ନାରାୟଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।



ଭାଜପା କାର୍ଯ୍ୟାଳୟରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳନ କରାଯାଉଛି ।

## ସୁପ୍ରିୟା ସ୍ମାରକୀ ଫୁଟବଲ
# କଳାପାଣି, ଫୁଲାପାଲି ବିଜୟୀ

**ବରଗଡ଼ ଅଫିସ୍,୨୬।୯**

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ବୁଧବାର ଅନୁଷ୍ଠିତ ୨ଟି ମ୍ୟାଚରେ କଳାପାଣି ଓ ଫୁଲାପାଲି ପ୍ରତିପକ୍ଷ ଦଳକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । କଳାପାଣି ଓ ଲେବିଡ଼ି ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା । ଏଥିରେ କଳାପାଣି ୫-୦ ଗୋଲରେ ବିଜୟୀ ହୋଇଥିଲା। ଦଳର ରୁନୁ ମହାପାତ୍ର ୨ଟି ଗୋଲ ସ୍କୋର କରିଥିବା ବେଳେ ଉମେଶ ନାୟକ, ରଞ୍ଜନ ନାୟକ ଓ ନିଲୁ ଭୁଏ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ । ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଫୁଲାପାଲି ପ୍ରତିପକ୍ଷ ମୁଣ୍ଡାପଡ଼ାକୁ ୧-୦ ଗୋଲରେ ହରାଇଥିଲା । ଦଳର ଅନୁଜ ଷଣ୍ଢ ଗୋଲ ସ୍କୋର କରିଥିଲେ । ଜିଲା କ୍ରୀଡ଼ା ସଂସଦର ସମ୍ପାଦକ ଯୁଗଳ ପ୍ରସାଦ ସିଂ, ବିଷ୍ଣୁ ଧାନୁକା ଅତିଥି ଭାବେ ଯୋଗ ଦେଇଥିଲେ । ପଞ୍ଚାନନ ପାତ୍ର, ସନ୍ତୋଷ ପ୍ରଧାନ, ଅନୀଲ ବାଗ, ମନୋଜ ଭୂୟାଁ, ରଞ୍ଜୁ ଛତ୍ରିଆ, ପ୍ରଦୀପ ଦାଶ, ଅଶ୍ୱିନୀ ମେହେର, ଶ୍ରୀନୁ ରାଓ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ । ଗୁରୁବାର ସିକିର୍ଡ଼ି ପ୍ରତିପକ୍ଷ ଭାବେ ପୁଟପୁଟପାଲି ଏବଂ ଏମ ଗଣ୍ଡପାଲି ପ୍ରତିପକ୍ଷ ଭାବେ କମଗାଁ ଜୁନିୟର କଲେଜକୁ ଭେଟିବାର କାର୍ଯ୍ୟକ୍ରମ ରହିଛି ।

■ ଝିଅକୁ ବାପା ଗର୍ଭବତୀ କରିବା ଘଟଣା

# ମାମଲା ରୁଜୁ, ଅଭିଯୁକ୍ତ ଫେରାର

**ଅତାବିରା,୨୬।୯(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ଅଞ୍ଚଳରେ ନିଜ ନାବାଳିକା ଝିଅକୁ ତାଙ୍କ ବାପା ଗର୍ଭବତୀ କରିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ଏ ନେଇ ପୀଡ଼ିତା ଝିଅଙ୍କ ମା' ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା(ନଂ.୨୦୦/୧୮) ରୁଜୁ କରି ତଦନ୍ତ ଚଳାଇଛି । ସେହିପରି ବୁଧବାର ଜିଲା ଶିଶୁ କଲ୍ୟାଣ ସମିତି(ସିଡବ୍ଲୁସି)ର କର୍ମକର୍ତ୍ତା ଅତାବିରା ଥାନାକୁ ଯାଇ ଘଟଣା ସମ୍ପର୍କରେ ପୋଲିସକୁ ପଚରାଉଚୁରା କରିଥିବା ସୂଚନା ମିଳିଛି । ପ୍ରକାଶ ଯେ, ବାହ୍ୟ ଜିଲାର ଏକ ଶ୍ରମିକ ଦମ୍ପତି ନିଜ ପରିବାର ସହିତ ଅତାବିରାକୁ ଆସି ରହୁଛନ୍ତି । ତେବେ ନାବାଳିକା ଝିଅ ସହିତ ତାଙ୍କ ବାପା ଶାରୀରିକ ସମ୍ପର୍କ ରଖିଥିଲେ ଏବଂ ଝିଅ ଗର୍ଭବତୀ ହୋଇଥିଲା । ଏହା ଜଣାପଡ଼ିବା ପରେ ଗର୍ଭବତୀ ଝିଅର ଗର୍ଭ ନଷ୍ଟ କରିବା ପାଇଁ ଅଞ୍ଚଳର ଏକ ଡାକ୍ତରଖାନାକୁ ମଧ୍ୟ ନିଆଯାଇଥିଲା। ମାତ୍ର ଝିଅର ଗର୍ଭାବସ୍ଥା ପ୍ରାୟ ୭ ମାସ ହୋଇ ଯାଇଥିବାରୁ ଗର୍ଭ ନଷ୍ଟ ସମ୍ଭବ ହୋଇ ନ ଥିଲା ଏବଂ ଘଟଣାଟି ପଦାକୁ ଆସିଥିଲା । ଏହା ପ୍ରଘଟ ହେବା ପରେ ପୀଡ଼ିତା ନାବାଳିକାଙ୍କ ମା' ଥାନାରେ ଏତଲା ଦେଇଥିଲେ । ଅଭିଯୁକ୍ତ ବାପା ଫେରାର ଅଛନ୍ତି । ତେବେ ଉକ୍ତ ଗର୍ଭବତୀ ନାବାଳିକାଙ୍କ ଗର୍ଭ ନଷ୍ଟ ପାଇଁ ଡାକ୍ତରଖାନାକୁ ନିଆଯାଇଥିବା ବେଳେ ସମ୍ପୃକ୍ତ ଡାକ୍ତର ଜାଣି ସୁଦ୍ଧା ପୋଲିସକୁ କାହିଁକି ଖବର ଦେଇ ନ ଥିଲେ, ତାକୁ ନେଇ ଏବେ ନାନା ସନ୍ଦେହ ଉପୁଜିଛି ।

## ଧରିତ୍ରୀ ପ୍ରତିନିଧିଙ୍କ ଅଫିସ ପୋଡ଼ାଜଳା ମାମଲା
# ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ



ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି ।

**ବରଗଡ଼ ଅଫିସ୍,୨୬।୯**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ସରଣ୍ଡାର ଧରିତ୍ରୀ ପ୍ରତିନିଧି ଯୁଧିଷ୍ଠିର ମହାପାତ୍ରଙ୍କ ଅଫିସ ପୋଡ଼ାଜଳା ଘଟଣାରେ ପୋଲିସ ଛାନଭିନ ଜାରି ରଖିଛି। ବରଗଡ଼ ଏସ୍‌ପି ମୁକେଶ କୁମାର ଭାମୁଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ଡିଏସପି ନଗେନ୍ଦ୍ର ପ୍ରସାଦ ନାୟକ, ଅତାବିରା ଥାନା ଆଇଆଇସି ଗୌରାଙ୍ଗ ଚରଣ ସାହୁ ପ୍ରମୁଖ ସାଇଣ୍ଟିଫିକ ଟିମ୍ ସହିତ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଘଟଣାସ୍ଥଳର ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରିବା ସହିତ ବିଭିନ୍ନ ଦିଗକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି । ଏ ନେଇ ଅତାବିରା ଥାନାରେ ଏକ ମାମଲା(ନଂ.୨୦୩/୧୮) ରୁଜୁ ହୋଇଛି । ଗୁରୁବାର ଘଟଣାସ୍ଥଳକୁ ଅନୁସନ୍ଧାନୀ କୁକୁର ଅଣାଯାଇ ଅନୁସନ୍ଧାନ କରାଯିବ ବୋଲି ପୋଲିସ କହିଛି ।

ପ୍ରକାଶ ଯେ, ମହାପାତ୍ରଙ୍କ ଅନୁପସ୍ଥିତିର ସୁଯୋଗ ନେଇ କେହି ଦୁର୍ବୃତ୍ତ ତାଙ୍କ ଅଫିସ ଗୃହର ଆଜବେଷ୍ଟସ ଛାତ ଭାଙ୍ଗି ପେଟ୍ରୋଲ ଢ଼ାଳିବା ସହିତ ଏକ ବାଡ଼ିରେ କପଡ଼ା ଗୁଡ଼ାଇ ନିଆଁ ସଂଯୋଗ କରିଥିଲେ । ଫଳରେ ଅଫିସ ମଧ୍ୟରେ ରହିଥିବା ବାଇକ, କମ୍ପ୍ୟୁଟର, ୨ଟି ପ୍ରିଣ୍ଟର, କୁଲର, ପଙ୍ଖା ସମେତ ଅନ୍ୟ ଆସବାବପତ୍ର ଏବଂ କାଗଜାତ ପୋଡ଼ି ଛାରଖାର ହୋଇଯାଇଥିଲା । ଏ ନେଇ ସୂଚନା ଦେବା ପରେ ମଙ୍ଗଳବାର ରାତ୍ରିରେ ଘଟଣାସ୍ଥଳକୁ ପହଞ୍ଚି ପୋଲିସ ତଦନ୍ତ ଆରମ୍ଭ କରିଥିଲା । ଘଟଣାସ୍ଥଳରେ କପଡ଼ା ଗୁଡ଼ା ଯାଇଥିବା ବାଡ଼ି, ନିକଟରେ ହଳେ ଚପଲ ପଡ଼ିଥିବାବେଳେ ଅଫିସ କାନ୍ଥ ଉପରକୁ ଚଢ଼ିବାବେଳେ ଦୁର୍ବୃତ୍ତଙ୍କ ଜୋତା ଚିହ୍ନ ମଧ୍ୟ ରହିଛି । ସେହିପରି ଆଜବେଷ୍ଟସ ଫଟାଇବାରେ ବ୍ୟବହୃତ ପଥରକୁ ମଧ୍ୟ ଛାତ ଉପରୁ ପୋଲିସ ଜବତ କରିଛି । ଜଣେ ଗଣମାଧ୍ୟମ ପ୍ରତିନିଧିଙ୍କ ଅଫିସରେ ଦୁର୍ବୃତ୍ତଙ୍କ ଏଭଳି କାଣ୍ଡକୁ ବିଭିନ୍ନ ମହଲରେ ନିନ୍ଦା କରାଯିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ସାଧାରଣରେ ଦାବି ହୋଇଛି ।

# ଯୁକ୍ତ ଦୁଇ ଛାତ୍ରୀଛାତ୍ରଙ୍କ କୃମିନାଶକ ଔଷଧ ବଣ୍ଟନ

**ଅତାବିରା, ୨୬।୯(ଡି.ଏନ.ଏ.)**

ଅତାବିରା ବ୍ଲକ ଲରମ୍ଭା କଲେଜଠାରେ ବୁଧବାର କୃମିନାଶକ ଦିବସ ଅବସରରେ ଛାତ୍ରୀଛାତ୍ରମାନଙ୍କୁ କୃମିନାଶ ଔଷଧ ବଣ୍ଟନ କରାଯାଇଥିଲା। କଲେଜ ଅଧ୍ୟକ୍ଷ ଧନେଶ୍ୱର ମେହେର କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଡଃ ପ୍ରମୋଦ କୁମାର ଭୋଇ, ଅଧ୍ୟାପକ ଡ ଅଜିତ କୁମାର ନାଥ, ସଂଘମିତ୍ରା ମହାକୁର, ଯୁବ ରେଡକ୍ରସ ଅଧିକାରୀ ସୁନୀଲ ପ୍ରଧାନ, ଅଧ୍ୟାପକ ଗଙ୍ଗାଧର ଚୌହାନ, ମନୋରଞ୍ଜନ ତ୍ରିପାଠୀ, ସରୋଜ ନାୟକ, ପବିତ୍ର ମାହାଣା, ମୋନିକା ଶତଥୀ, ଆଶା କର୍ମୀ ପଙ୍କଜିନୀ ଛୁରିଆ, ପଙ୍କଜିନୀ ପଶାୟତ ପ୍ରମୁଖ ଯୋଗ ଦେଇ ଯୁକ୍ତ ଦୁଇ ବିଭାଗର କଳା, ବିଜ୍ଞାନ ଓ ବାଣିଜ୍ୟ ଛାତ୍ରୀଛାତ୍ରଙ୍କୁ କୃମିନାଶନ ଔଷଧ ପ୍ରଦାନ କରିଥିଲେ ।



କୃମିନାଶକ ଦିବସ ଅବସରରେ ବୁଧବାର ଅତାବିରା ବ୍ଲକ ଲରମ୍ଭା କଲେଜଠାରେ ଯୁକ୍ତ ଦୁଇ ଛାତ୍ରୀଛାତ୍ରଙ୍କୁ ଔଷଧ ବଣ୍ଟନ କରାଯାଉଛି ।

■ ନିର୍ମାଣ ଶ୍ରମିକ ସଚେତନତା ଶିବିର

# ୫୦ ଶ୍ରମିକଙ୍କୁ କାର୍ଡ ପ୍ରଦାନ

**ବରଗଡ଼ ଅଫିସ୍,୨୬।୯**

ବରଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ବୁଧବାର ନିର୍ମାଣ ଶ୍ରମିକଙ୍କ ଉପରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବିକଳ୍ପ ବିବାଦ ସମାଧାନ କେନ୍ଦ୍ରର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ଶିବିରରେ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ସୁବାଷ ଚନ୍ଦ୍ର ଧଳ, ଉପଖଣ୍ଡୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁବ୍ରତ ଆଚାର୍ଯ୍ୟ, କନିଷ୍ଠ ସହାୟକ ଜଗନ୍ନାଥ ଷଡ଼ଙ୍ଗୀ ପ୍ରମୁଖ ଯୋଗଦାନ କରି ନିର୍ମାଣ ଶ୍ରମିକଙ୍କ ଆଇନଗତ ଅଧିକାର ଓ କାର୍ଯ୍ୟ ଉପରେ ଅବଗତ କରାଇଥିଲେ । ଶିବିରରେ ୫୦ରୁ ଊର୍ଦ୍ଧ୍ୱ ନିର୍ମାଣ ଶ୍ରମିକ ଯୋଗଦାନ କରିଥିଲେ। ୫୦ଜଣ ନିର୍ମାଣ ଶ୍ରମିକଙ୍କୁ ସେମାନଙ୍କ ପଞ୍ଜୀକରଣ କାର୍ଡ଼ ପ୍ରଦାନ କରାଯାଇଥିଲା ।




ବିକଳ୍ପ ବିବାଦ ସମାଧାନ କେନ୍ଦ୍ରର ସମ୍ମିଳନୀ କକ୍ଷରେ ଜଣେ ନିର୍ମାଣ ଶ୍ରମିକଙ୍କୁ ପଞ୍ଜୀକରଣ କାର୍ଡ଼ ପ୍ରଦାନ କରାଯାଉଛି ।

# ରାଜ୍ୟ କବାଡ଼ି ଟିମ୍ ଘୋଷିତ

**ବରଗଡ଼ ଅଫିସ୍,୨୬।୯**

ମଧ୍ୟପ୍ରଦେଶର ହାତପିପଲିଆ ଦେବାସଠାରେ ଆସନ୍ତା ଅକ୍ଟୋବର ୧ରୁ ୫ତାରିଖ ପର୍ଯ୍ୟନ୍ତ ୧୭ବର୍ଷରୁ କମ୍ ବର୍ଗର ବାଳିକା, ବାଳକଙ୍କ ଜାତୀୟସ୍ତରୀୟ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଇଁ ରାଜ୍ୟର ଟିମ୍ ଘୋଷଣା କରାଯାଇଛି । ପ୍ରତିଯୋଗିତା ପାଇଁ ରାଜ୍ୟ ସ୍କୁଲ କବାଡ଼ି ଦଳର ମ୍ୟାନେଜର ଭାବେ ବରଗଡ଼ ଶିକ୍ଷା ଜିଲାର ଶାରୀରିକ ଶିକ୍ଷା ନିରୀକ୍ଷକ ତଥା ସ୍ଥାନୀୟ ଟାଉନ ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ପ୍ରଶାନ୍ତ କୁମାର ଭୋଇ ମନୋନୀତ ହୋଇଛନ୍ତି । ବାଳିକା କବାଡ଼ି ଦଳରେ ନବଜ୍ୟୋତି ହାଇସ୍କୁଲର କ୍ରୀଡ଼ା ଶିକ୍ଷୟିତ୍ରୀ ଶୁଭଶ୍ରୀ ଭୋଇ ବାଳିକା ପ୍ରଶିକ୍ଷିକା ଭାବେ ମନୋନୀତ ହୋଇଛନ୍ତି। ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀ ମ୍ୟାନେଜର ଭୋଇଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଜାତୀୟ ଦଳରେ ଓଡ଼ିଶା ପକ୍ଷରୁ ସାମିଲ ହୋଇଥିବା ବାଳିକା ଖେଳାଳିମାନେ ହେଲେ, ମନିଷା ନାଗ, ଲକ୍ଷ୍ମୀ ସନ୍ତା, ମଞ୍ଜୁଳା ସନ୍ତା, ଇସ୍ତାର ସନ୍ତା, ଦୀପାଞ୍ଜଳି ମହାପାତ୍ର, କାଞ୍ଚନ ବଳିଆରସିଂ, ସନ୍ଧ୍ୟା ମଲ୍ଲିକ, ଲିଜା ବେହେରା, ସତ୍ୟବତୀ ବାଗ ସୁମିତ୍ରା ମୁଣ୍ଡାରୀ, ସବିତା ଭରସା ଓ ସୁମିତ୍ରା ଦାଶ । ସେହିପରି ବାଳକ ବିଭାଗରେ ଦିଲୀପ ମହାରଣା, ଅମିତ କୁମାର ରାୟ, କେ ପ୍ରକାଶ ରେଡ୍ଡି, ଏସ.କେ ଆଲ୍ଲାଉଦ୍ଦିନ, ଶୁଭମ ଡନସନା, ରିତିକ୍ ରାଜ ଗୁପ୍ତା, ସନ୍ଦୀପ କୁମାର ସିଂ, କେଦାର ହାତୀ, ଓମପ୍ରକାଶ ଗଣିତ, ସନ୍ତୋଷ ସାହୁ, ଦୋଳମଣି ମାଝି, ସ୍ୱାଗତ ବେହେରା ରହିଥିବାବେଳେ ଶୁଭ୍ରାଂଶୁ ଶେଖର ବେହେରାଙ୍କୁ ପ୍ରଶିକ୍ଷକ ନିଯୁକ୍ତି ଦିଆଯାଇଛି ।

**ମ୍ୟାନେଜର ମନୋନିତ**



ପ୍ରଶାନ୍ତ କୁମାର ଭୋଇ, ଟିମ୍ ମ୍ୟାନେଜର ।



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି
ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ଲୋଇସିଂହା ଭାଜପାର ବିଭିନ୍ନ କାର୍ଯ୍ୟକ୍ରମ

**ଲୋଇସିଂହା,୨୬।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ମଣ୍ଡଳ ଭାଜପା ପକ୍ଷରୁ ବିଭିନ୍ନ ସ୍ଥାନରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୁଧବାର ମଣ୍ଡଳ ସଭାପତି ଜ୍ୟୋତି ରାଉତଙ୍କ ଅଧ୍ୟକ୍ଷତା ଓ ଏସସି ସେଲ ଅଧ୍ୟକ୍ଷ ଆନନ୍ଦ ନାଏକଙ୍କ ପରିଚାଳନାରେ ଲୋଇସିଂହା ଅଧୀନ କୁଶଙ୍ଗ ଉପସ୍ୱାସ୍ଥ୍ୟ କେନ୍ଦ୍ର ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ କର୍ମୀ ଯୋଗଦେଇ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ଓ ବାହର ସଫେଇ କରିଥିଲେ। ମଙ୍ଗଳବାର ବ୍ଲକ ଅଧୀନ ବୁଢ଼ୀପଦରଠାରେ ଡ.ଦୀନଦୟାଲ ଉପାଧ୍ୟାୟଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଥିଲା। ଏଠାରେ ମଣ୍ଡଳ ସଭାପତି, ଏସିସେଲ ଅଧ୍ୟକ୍ଷ ସମେତ ଉତ୍ତମ କବାଟ, ସୁଦୀପ ସାଙ୍କ ସମେତ ପଞ୍ଚାୟତ ଅଧୀନ ଗ୍ରାମର ଦଳୀୟ କର୍ମୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଦୀନଦୟାଲଙ୍କ ଅଭିମୁଖ୍ୟ ସମ୍ପର୍କରେ ଦଳୀୟ ନେତା ଜନସାଧାରଣଙ୍କୁ ବୁଝାଇଥିଲେ।

### ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ

**ଟିକ୍ରାପଡା,୨୬।୯(ଡି.ଏନ୍.ଏ.):** ସଇଁତଲା ବ୍ଲକ ଟିକ୍ରାପଡ଼ାସ୍ଥିତ ମାଉସୀ ମନ୍ଦିରରେ ଭାଜପା ଟିକ୍ରାପଡ଼ା ଯୋନ କମିଟି ଆନୁକୂଲ୍ୟରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମହେନ୍ଦ୍ର ଠାକୁର, ଜିଲା ଓବିସି ମୋର୍ଚ୍ଚା ଉପସଭାପତି ଅକ୍ଷୟ ରଣା ଅତିଥି ଭାବେ ଯୋଗ ଦେଇଥିଲେ। ଟିକ୍ରାପଡ଼ା ମଣ୍ଡଳ ସଭାପତି ବାସୁଦେବ ଚୌହାନ ଏଥିରେ ଅଧକ୍ଷତା କରିଥିଲେ। ସାଧାରଣ ସମ୍ପାଦକ କରୁଣାସିନ୍ଧୁ ପସାୟତ ସଭା ସଂଯୋଜନା କରିଥିଲେ। ମହେନ୍ଦ୍ର ଅମାତ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିଲେ। ସୁନ୍ଦର ଖର୍ସେଲ, ଗୋପବନ୍ଧୁ ବର୍ଗର୍ତ୍ତା, ପ୍ରସନ୍ନ ଦୀପ, ପ୍ରକାଶ ବଗର୍ତ୍ତା, ବଂଶୀଧର ସୁନାନୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବକ୍ତାମାନେ ଦୀନଦୟାଲଙ୍କ ଜୀବନୀ ଓ ଆଦର୍ଶ ସମ୍ବନ୍ଧରେ କହିଥିଲେ। ଉପ ସଭାପତି ଗଦାଧର ବଗର୍ତ୍ତା ଧନ୍ୟବାଦ ଅର୍ପଣ କରିଥିଲେ।

### ଭାଗବତ ଜନ୍ମୋତ୍ସବ

**ଟିକ୍ରାପଡା,୨୬।୯(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ସଇଁନ୍ତଲା ବ୍ଲକ କରମତଲାସ୍ଥିତ ଗିରି ଗୋବର୍ଦ୍ଧନ ମନ୍ଦିରଠାରେ ଭାଗବତ ଜନ୍ମୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଧାକାନ୍ତ ପାଢ଼ୀ ପୂଜକ ରହିଥିଲେ। ମନୋହର ବାଗ କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ। ଲିଙ୍ଗରାଜ ବେହେରା ପ୍ରବଚନ ଦେଇଥିଲେ। ଭବାନୀ ହୋତା ପୁରାଣ ପାଠ କରିଥିଲେ। ମଠାଧୀଶ ସଦାନନ୍ଦ ଦାସଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା।

ସେହିପରି ଟିକ୍ରାପଡା ପଞ୍ଚାୟତ ଅଧିନ ଫଟାମୁଣ୍ଡାଠାରେ ସପ୍ତାହବ୍ୟାପୀ ଚାଲିଥିବା ଭାଗବତ ପାରାୟଣ ବୁଧବାର ସମାପ୍ତ ହୋଇଯାଇଛି। ଏଥିରେ ଗୋବର୍ଦ୍ଧନ ପାଣିଗ୍ରାହୀ ପୂଜକ ରହିଥିଲେ। ନୃପତି ପୁଟେଲ, ପୂର୍ଣ୍ଣଚନ୍ଦ୍ର ପୁଟେଲ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ବିଭିନ୍ନ ସନ୍ଧ୍ୟାରେ ଲିଙ୍ଗରାଜ ବେହେରା, ଉଦ୍ଧବ ତ୍ରିପାଠୀ ପ୍ରବଚନ ପ୍ରଦାନ କରିଥିଲେ। ଜୟଦେବ ଯୋଶୀ ବ୍ୟାସ ରହିଥିଲେ। ହରିପ୍ରସାଦ ବାଘ, ଶାନ୍ତନୁ କୁମାର ବାଘ, ନୀଳମଣି ଦାସ ବାଦ୍ୟଯନ୍ତ୍ରରେ ସହାୟତା କରିଥିଲେ।

# କୃମିନାଶକ ଔଷଧ ଖାଇ ପୁଣି ୧୦ ଅସୁସ୍ଥ

**ବଲାଙ୍ଗୀର ଅଫିସ/ସଇଁତଲା, ୨୬।୯ (ଡି.ଏନ.ଏ.)**

**ସଇଁତଲା ବ୍ଲକ**
- ଛାତ୍ରୀଛାତ୍ର, ଅଭିଭାବକ ଆତଙ୍କିତ
- କଂଗ୍ରେସର ଧାରଣା ଆଜି



ସଇଁତଲା ହସ୍ପିଟାଲରେ କୃମିନାଶକ ଔଷଧ ଖାଇ ଅସୁସ୍ଥ ହୋଇପଡିଥିବା ଛାତ୍ରୀଛାତ୍ର।

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଘୁନସର ସରକାରୀ ପ୍ରାଥମିକ ବିଦ୍ୟାଳୟରେ କୃମିନାଶକ ଔଷଧ ଖାଇ ଶତାଧିକ ଛାତ୍ରୀଛାତ୍ର ଅସୁସ୍ଥ ହେବାର ଦିନକ ପରେ ବୁଧବାର ଏହି ବ୍ଲକର ତେଡେଲପଦର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୁଣି ଏଭଳି ଏକ ଘଟଣା ଘଟିଛି। କୃମିନାଶକ ଔଷଧ ଖାଇ ବୁଧବାର ଏହି ସ୍କୁଲର୧୦ ଜଣ ଛାତ୍ରୀଛାତ୍ରଙ୍କ ଅବସ୍ଥା ଗୁରୁତର ହୋଇଛନ୍ତି। ସମସ୍ତ ଅସୁସ୍ଥଙ୍କୁ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ଚିକିତ୍ସା କରାଯାଇଛି। ଗତ ୩ ଦିନ ଭିତରେ ଦୁଇଟି ସ୍କୁଲରେ କୃମିନାଶକ ଔଷଧ ସେବନ କରିବା ପରେ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡିବା ଘଟଣାକୁ ନେଇ ସାଧାରଣରେ ଚିନ୍ତା ପ୍ରକଟ ପାଇଛି। ସରକାରୀ ହସପିଟାଲରୁ ବଣ୍ଟନ କରାଯାଉଥିବା କୃମିନାଶକ ଔଷଧର ମାନ ଉପରେ ଏବେ ପ୍ରଶ୍ନ ଉଠିଛି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଅଭିଭାବକ, ବୁଦ୍ଧିଜୀବୀ ଓ କଂଗ୍ରେସ ଦଳ ତରଫରୁ ଦାବି କରାଯାଇଛି।

ସଇଁତଲା ବ୍ଲକ ଅର୍ନ୍ତଗତ ତେଡେଲପଦର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର କୃମିନାଶକ ଔଷଧ ବଣ୍ଟନ କରାଯାଇଥିଲା। ମଧ୍ୟାହ୍ନଭୋଜନ ଖାଇ ସାରିବା ପରେ ଛାତ୍ରୀଛାତ୍ରମାନେ ଏହି ଔଷଧ ଖାଇଥିଲେ। ଔଷଧ ଖାଇବାର କିଛି ସମୟ ପରେ ବିଦ୍ୟାଳୟ ଛାତ୍ରୀଛାତ୍ର ରୂପାନ୍ତି ହରପାଲ (୧୩), ରଶ୍ମିତା ରଣା (୧୩), ରୁବି ରଣା (୧୨), ସ୍ୱପ୍ନା ହରପାଲ (୧୨), ରୋସନ କୁମ୍ଭାର (୧୨), ଆରତୀ ରଣା (୧୨), ଆକାଶ ସୁନା (୧୩), ହିମାଂଶୁ ରଣା (୧୧), ସସ୍ମିତା ରଣା (୧୧), ରୀନା ଭୋଇ (୧୧) ଏହି ୧୦ଜଣ ଛାତ୍ରୀଛାତ୍ରଙ୍କୁ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଉପସ୍ଥିତ ଡ଼ାକ୍ତର ସମରେନ୍ଦ୍ର ମହାପାତ୍ର, ନମିତା ବିଶିଙ୍କ ନେତୃତ୍ୱରେ ଚିକିତ୍ସା ଆରମ୍ଭ ହୋଇଥବଲା। ବିଦ୍ୟାଳୟ ଶିକ୍ଷକ ଶେଷଦେବ ପଧାନଙ୍କ କହିବା ଅନୁସାରେ ମଧ୍ୟାହ୍ନ ଭୋଜନ ଖାଇସାରିବା ପରେ ଘୁନସର ଡାକ୍ତର ଭୋଜରାଜ ସାହୁ, ଆଶାକର୍ମୀ ବାସନ୍ତୀ ହରପାଲ, ଅଙ୍ଗନୱାଡ଼ି କର୍ମୀ ରଶ୍ମିତା ସାଗରଙ୍କ ଉପସ୍ଥିତିରେ କୃମିନାଶକ ଔଷଧ ଦିଆଯାଇଥିଲା। ଔଷଧ ସେବନ କରିବାର କିଛି ସମୟ ପରେ ହଠାତ ୧୦ଜଣ ଛାତ୍ରୀଛାତ୍ରଙ୍କ ମୁଣ୍ଡ ବୁଲାଇବା ସହ ବାନ୍ତି ହୋଇଥିଲା। ପରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ମନୋଜ ସାହୁ, ଶେଷଦେବ ପଧାନ ଓ ବେଦପ୍ରକାଶ ପଟେଲ ନିଜ ବାଇକରେ କେତେକ ଛାତ୍ରୀଛାତ୍ରଙ୍କୁ ଡାକ୍ତରଖାନାକୁ ଆଣିଥିଲେ। ପରେ ବିଦ୍ୟାଳୟର ଅନ୍ୟ କିଛି ଛାତ୍ରୀଛାତ୍ରଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ସଇଁତଲା ଡାକ୍ତରଖାନାକୁ ଅଣାଯାଇଥିଲା। ବିଦ୍ୟାଳୟରେ ସାମାନ୍ୟ ଅସୁସ୍ଥତା ଅନୁଭବ କରୁଥିବା ଛାତ୍ରୀଛାତ୍ରଙ୍କୁ ଡା. ଭୋଜରାଜ ସାହୁ ଚିକିତ୍ସା କରିଥିଲେ। କୃମିନାଶକ ଔଷଧ ଖାଇ ପୁଣି ଛାତ୍ରୀଛାତ୍ର ଅସୁସ୍ଥ ହେବା ଖବର ପ୍ରଚାରିତ ହେବା ପରେ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂଭୋଇ, ଭାଜପା ନେତା ଅଶୋକ ଦୋରା ଘଟଣାସ୍ଥଳରେ ପହଞ୍ଚି ଅସୁସ୍ଥ ଛାତ୍ରଛାତ୍ରୀଙ୍କ ଅବସ୍ଥା ପଚାରି ବୁଝିଥିଲେ। ଦେବେନ ଯୋଷୀ, କୈଳାସ ରଣା, ସୀତାରାମ ମାଝି, ପୋଲିସ ଏସଆଇ ସୁନୀଲ ସୋରେନ ଉପସ୍ଥିତ ରହି ସହଯୋଗ କରିଥିଲେ। ତେବେ ଚିକିତ୍ସା ପରେ ସମସ୍ତ ଅସୁସ୍ଥ ଛାତ୍ରୀଛାତ୍ର ଘରକୁ ଫେରିଥିବା ଜଣାପଡିଛି। ଘଟଣା ପରେ ପୂର୍ବତନ ମନ୍ତ୍ରୀ ସିଂଭୋଇ ବଲାଙ୍ଗୀର ସିଡ଼ିଏମଓଙ୍କ ସହ ଫୋନ୍ ଯୋଗେ କଥା ହୋଇ ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ପ୍ରଶାସନ କୃମିନାଶକ ଔଷଧର ମାନ ପରୀକ୍ଷା ନ କରି ଛାତ୍ରୀଛାତ୍ରଙ୍କୁ କିଭଳି ଭାବେ ଖାଇବାକୁ ଦେଇଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଏହି ଘଟଣାକୁ ବିରୋଧ କରି ଗୁରୁବାର କଂଗ୍ରେସ ପକ୍ଷରୁ ସଇଁତଲା ଡ଼ାକ୍ତରଖାନା ସମ୍ମୁଖରେ ଧାରଣା ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

### ଗଞ୍ଜେଇ ଜବତ, ଯୁବକ ଗିରଫ

**ଗୁଡ଼ଭେଲା,୨୬।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁଷୁରା ଓ ବଲାଙ୍ଗୀର ଅବକାରୀ ବିଭାଗର ମୋବାଇଲ ଟିମ ଏକ ବାଇକରେ ଚାଲାଣ ହେଉଥିବା ୨କେଜି ଗଞ୍ଜେଇକୁ ଜବତ କରିଛି। ଚାଲାଣ ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ତୁଷୁରା ସହର ଦେଇ ଯାଉଥିବା ଏକ ନମ୍ବର ବିହିନ ବାଇକରେ ଗଞ୍ଜେଇ ଥିବା ଯାଉଥିବା ସନ୍ଦେହ କରି ଅବକାରୀ ବିଭାଗ ଅଧିକାରୀମାନେ ଉକ୍ତ ଗାଡିକୁ ଅଟକାଇଥିଲେ। ତଲାସୀ ବେଳେ ଉକ୍ତ ବାଇକରୁ ଗଞ୍ଜେଇ ବାହାରି ଥିଲା। ଗିରଫ ଯୁବକ ଜଣକ ହେଲେ ଗୁଡଭେଲା ବ୍ଲକ ବିରାମୁଣ୍ଡା ଗ୍ରାମର ବୀର ନାଗ।

### ବଜ୍ରପାତରେ ମହିଳା ମୃତ

**ବଙ୍ଗୋମୁଣ୍ଡା,୨୬।୯(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ନାଏକପଡାରେ ଗୁରୁବାର ମଧ୍ୟାହ୍ନରେ ବଜ୍ରପାତ ଘଟି ପ୍ରେମଲତା ରଣା(୪୦)ନାମକ ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି। ଦ୍ୱିପ୍ରହରରେ ଅଞ୍ଚଳରେ ଘଡଘଡି ସହ ବର୍ଷା ହୋଇଥିଲା। ପ୍ରେମଲତା ନିଜ ଧାନ କ୍ଷେତରେ ଘାସ ବାଛୁଥିବା ସମୟରେ ବଜ୍ରଘାତ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କଣ୍ଟାବାଞ୍ଜି ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବଙ୍ଗୋମୁଣ୍ଡା ଆର୍‌ଆଇ ଦୁର୍ଗାନନ୍ଦ ବାଗ ଘଟଣାର ତଦନ୍ତ କରିବା ସହ ରିପୋର୍ଟ ପ୍ରସ୍ତୁତ କରିଛନ୍ତି।

## ୨୦୧୭ ମରୁଡ଼ି ସହାୟତା ଦାବିରେ ରାସ୍ତାରୋକୋ

**ଲୋଇସିଂହା,୨୬।୯ (ଡି.ଏନ.ଏ)**

୨୦୧୭ ଖରିଫ ମରୁଡି ସହାୟତା ଦାବି ତେଜିଛି। ବୁଧବାର ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଫାସଡଠାରେ ବଲାଙ୍ଗୀର ସଦର ବ୍ଲକ କଂଗ୍ରେସ ତରଫରୁ ବଲାଙ୍ଗୀର-ବରଗଡ ୨୬ନଂ ରାଜପଥ ଅବରୋଧ କରାଯାଇଥିଲା। ପୂର୍ବାହ୍ନ୧୦ଟାରୁ ଆରମ୍ଭ ହୋଇଥିବା ରାସ୍ତାରୋକୋ ପ୍ରାୟ ୧ଘଣ୍ଟା ଧରି ଚାଲିଥିଲା। ଅବରୋଧସ୍ଥଳକୁ ଉପଜିଲାପାଳ ଭୈରବସିଂ ପଟେଲ, ଲୋଇସିଂହା ତହସିଲଦଦାର କର୍ଣ୍ଣ ମଲ୍ଲିକ ପହଞ୍ଚି ବିକ୍ଷୋଭକାରୀଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳ ଓ ରାଜ୍ୟ ସରକାରଙ୍କୁ ଅବଗତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଅଧିକାରୀଦ୍ୱୟ କହିଥିଲେ। ସଦର ବ୍ଲକ କଂଗ୍ରେସ ସଭାପତି ରାମପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ଜିଲା ଜୋନ ସଭାପତି ରାଧାକାନ୍ତ ଭୋଇ, ବ୍ଲକ ଉପାଧ୍ୟକ୍ଷା ଯଶୋବନ୍ତୀ ବଘାର, ସକମା ସରପଞ୍ଚ ଉଗ୍ରସେନ ବରାଳ, ମଚ୍ଛିନ ମହାକୁର, ପଦ୍ମଲୋଚନ ବରାଡ, ପ୍ରକାଶ ବରାଳ, ହିମାଂଶୁ ନାଗ, ଲକ୍ଷ୍ମୀ ପଧାନଙ୍କ ସମେତ ଅଞ୍ଚଳବାସୀ ବିକ୍ଷୋଭରେ ସାମିଲ ହୋଇଥିଲେ। ବ୍ଲକ କଂଗ୍ରେସ ସଭାପତି ମିଶ୍ର ଗତ ୨୦୧୭ ଖରିଫ ମରୁଡିରେ ପ୍ରଭାବିତ ହୋଇଥିବା ସୂଚନା ଦେଇଥିଲେ। ସରକାରଙ୍କ ଭୁଲ ଆକଳନ ଯୋଗୁ ଅନେକ ପଞ୍ଚାୟତର ଚାଷୀ ସହୟତା ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଥିଲେ। ଜିଲା କଂଗ୍ରେସ ସଭାପତି ଦିଲୀପ ବହେରା ବିକ୍ଷୋଭରେ ସାମିଲ ହୋଇ ଏଥିପାଇଁ ଜିଲା ପ୍ରଶାସନର ଅବହେଳା ଓ ସ୍ଥାଣୁତାକୁ ଦାୟୀ ବୋଲି କହିଥିଲେ।



ଫାସଡଠାରେ ବଲାଙ୍ଗୀର ସଦର ବ୍ଲକ କଂଗ୍ରେସ ତରଫରୁ ବଲାଙ୍ଗୀର-ବରଗଡ ୨୬ନଂ ରାଜପଥ ଅବରୋଧ କରାଯାଇଛି।

## ନବାନ୍ନ ଲାଗିକଲେ ଆଦିବାସୀ

**ପାଟଣାଗଡ,୨୬।୮(ଡି.ଏନ.ଏ.)**



ଗ୍ରାମବାସୀ ପୂଜାର୍ଚ୍ଚନା କରୁଛନ୍ତି।

ବଲାଙ୍ଗୀର ଜିଲା ପାଟଣାଗଡ ଥାନା ଅନ୍ତର୍ଗତ ଗଂଜାଉଡାର ଗ୍ରାମରେ ପ୍ରତିବର୍ଷ ପରି ଏବର୍ଷ ମଧ ଆଦିବାସୀମାନେ ନବାନ୍ନ ଅବସରରେ ଗ୍ରାମର ଶ୍ମଶାନଘାଟ ନିକଟରେ ତାଙ୍କ ପୂର୍ବ ପୁରୁଷଙ୍କ ପୂଜା କରି ଏକ ସଭାର ଆୟୋଜନ କରିଛନ୍ତି। ପୁରଷାନୁକ୍ରମେ ଏହି ପୂଜା ହେଉଥିବାବେଳେ ଏବର୍ଷ ଏହି ପୂଜା କରିବାକୁ ସେମାନେ ଭୟଭୀତ ହୋଇଥିଲେ। କାରଣ ସେହି ଜମି ନିକଟରେ ଏ ବର୍ଷ ଏକ ସୋଲାର ପାୱାର ପ୍ଲାଣ୍ଟର ନିର୍ମାଣ ଚାଲିଛି। ସେହି ସୋଲାର ପ୍ଲାଣ୍ଟ ମାଲିକ ଜଙ୍ଗଲ ଜମି, ଗୋଚର ଜମି ଯେଉଁଠାରେ ଆଦିବାସୀମାନେ କାମ କରି ଚଳୁଥିଲେ ସେ ସବୁ ଜମିକୁ ଅକ୍ତିଆର କରିନେଇଥିବା ଅଭିଯୋଗ କରିଥିଲେ। ଫଳରେ କମ୍ପାନୀ ସେମାନଙ୍କ ନାଁରେ ମିଥ୍ୟା ମାମଲା କରି ସେମାନଙ୍କୁ ଜେଲରେ ପୁରାଇ ଦେଇଥିବା ସେମାନେ ଅଭିଯୋଗ କରିଛନ୍ତି। ତେଣୁ ଏବର୍ଷ ସେମାନେ ସେହି ସ୍ଥାନରେ ପୂଜା କରିବାକୁ ଡରୁଥିଲେ। ପରେ ପାଟଣାଗଡ ଜନମଞ୍ଚର ସହଯୋଗକ୍ରମେ ବୁଧବାର ସମସ୍ତେ ଏକଜୁଟହୋଇ ସେଠାରେ ପୂଜା କରିଥିଲେ ଏବଂ ଏକ ସଭାର ଆୟୋଜନ କରିଥିଲେ। ଏହି ସଭାରେ ଗ୍ରାମର ସମସ୍ତ ଆଦିବାସୀ ସୋଲାର କମ୍ପାନୀର କାର୍ଯ୍ୟକୁ ନିନ୍ଦା କରିଥିଲେ। କମ୍ପାନୀ ୫୧ଏକର ଜମି ନିଜ ନାଁରେ ରେଜେଷ୍ଟ୍ରି କରିଥିବାବେଳେ ପ୍ରାୟ ୧୨୦-୧୩୦ ଏକର ସରକାରୀ ଜଙ୍ଗଲ ଜମି ନିଜ କବଜାରେ ନେଇ ବାଡ ଦେଇ ସୋଲାର ପ୍ୟାନେଲମାନ ବସାଇଛି। ଆହୁରି ମଧ ଗୋଚର ଜମି ଏବଂ ଜଙ୍ଗଲ ଜମିର ଶହଶହ ବଡ ବଡ ଗଛ କାଟି ଦେଇଥିବାରୁ ସେମାନଙ୍କ ଜୀବନ ଜୀବିକାରେ ବିଶେଷ ପ୍ରଭାବ ପଡିଥିବା ଅଭିଯୋଗ କରିଛନ୍ତି। ଅବସରପ୍ରାପ୍ତ ସେନା ବାହିନୀର ଯବାନମାନଙ୍କୁ ଦିଆଯାଇଥିବା ସରକାରୀ ଜମିକୁ ମଧ ସୋଲାର କମ୍ପାନୀ ଅକ୍ତିଆର କରିଥିବା ସେମାନେ ଅଭିଯୋଗ କରିଛନ୍ତି। ଜଙ୍ଗଲକୁ ଯିବା ପାଇଁ ଥିବା ରାସ୍ତାକୁ କମ୍ପାନୀ ଅକ୍ତିଆର କରିଥିବାରୁ ସେମାନଙ୍କୁ ଜଙ୍ଗଲକୁ ନିର୍ଭର କରି ନିଜ ଜୀବିନ ଜୀବିକା ନିର୍ବାହ କରୁଥିବା କଷ୍ଟକର ହୋଇପଡିଛି ବୋଲି ଅଭିଯୋଗ କରିଛନ୍ତି। ମୃତ୍ତିକା ସଂରକ୍ଷଣ ବିଭାଗ ଦ୍ୱାରା କମ୍ପାନୀ ଅକ୍ତିଆର ସ୍ଥାନରେ ପୂର୍ବରୁ ଏକ ପୋଖରୀ ଖନନ କରାଯାଇଥିଲା। ସମ୍ପୂର୍ଣ୍ଣ ଭାବରେ ସରକାରୀ ଟଙ୍କାର ଏହି ପୋଖରୀ ଖନନ କରାଯାଇଥିବାବେଳେ ସେଠାରେ ଗୋରୁ ଶୋଷ ମେଣ୍ଟାଉଥିଲେ। ତାକୁ ମଧ କମ୍ପାନୀ ମାଟି ପୋତି ସମତୂଲ କରି ନିଜ ଅକ୍ତିଆରରେ ରଖିଛି। କମ୍ପାନୀ କାମ ଆରମ୍ଭ କରିବା ଦିନଠାରୁ ସ୍ଥାନୀୟ ଆଦିବାସୀ, ଓକିଲ, ବୁଦ୍ଧିଜୀବୀ ଏହାକୁ ବିରୋଧ କରି ଆସୁଥିଲେ। ଉପଖଣ୍ଡ ପ୍ରଶାସନ ପାଖରେ ବାରମ୍ବାର କମ୍ପାନୀ ବିରୋଧରେ ଅଭିଯୋଗ କରି ଆସୁଥିଲେ, ହେଲେ ପ୍ରଶାସନ ଏଦିଗରେ କୌଣସି କାରଣବଶତଃ ଚୁପ ବସିଥିଲା। ଏନେଇ ପାଟଣାଗଡରେ ଗତ ୧୭ ତାରିଖ ହୋଇଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ସେମାନେ ଏହାର ବିଧିବଦ୍ଧ ତଦନ୍ତ ନିମନ୍ତେ ଅଭିଯୋଗ ମଧ କରିଛନ୍ତି। ଏଣୁ ଜିଲାପାଳ ତୁରନ୍ତ ସେମାନଙ୍କ ସମସ୍ୟାର ସମାଧାନ କଲେ ଗ୍ରାମବାସୀ ଉପକୃତ ହେବେ ବୋଲି କହିଛନ୍ତି।

### ଚାଉଳବାଞ୍ଜିରେ ନୂଆଁଖାଇ ଭେଟ୍‌ଘାଟ

## ନାଚଗୀତରେ ଝୁମିଲେ ଦର୍ଶକ

**ଖପ୍ରାଖୋଲ, ୨୬।୯(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ମହରାପଦର ପଞ୍ଚାୟତ ଅନ୍ତର୍ଗତ ଚାଉଳବାଞ୍ଜି ଗାଁରେ ନୂଆଁଖାଇ ଭେଟ୍‌ଘାଟ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଧରମ ସିଂ ଧରୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭେଟଘାଟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଓଡିଶା ପଛୁଆ ବର୍ଗ ଉନ୍ନୟନ ପରିଷଦ ସଭାପତି ବଳରାମ ସିଂ ଯାଦବ ଯୋଗଦେଇଥିଲେ। ସମ୍ମାନିତ ଅତିଥି ରୂପେ ସମ୍ପାଦକ ଶା'ନୁ କୁମାର ନାଏକ, ନାରୀ ନେତ୍ରୀ ସବିତା ମହରା, ସିଆରସିସି ସତ୍ୟବାନ ସାହୁ, ଶିକ୍ଷାବିତ୍ ରାଧେଶ୍ୟାମ ନାଏକ, ଆଦିବାସୀ ନେତା ଟିକେଶ୍ୱର ଧରୁଆ, ଗାଁ ଗଉଁଆ ତୀର୍ଥରାଜ ନିଆଲ ପ୍ରମୁଖ ଯୋଗଦେଇ ନୂଆଖାଇ ଉପରେ ଆଲୋକପାତ କରିବା ସହ ପାରମ୍ପରିକ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପାରମ୍ପରିକ ନାଚ ଗୀତ ପରିବେଶିତ ହୋଇଥିବାବେଳେ ଦର୍ଶକ ଝୁମି ଉଠିଥିଲେ। ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହେବା ସହ କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ପ୍ରହ୍ଲାଦ ସାହୁ ପରିଚାଳନା କରିଥିବାବେଳେ ଧରମ ସିଂ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ।



ନୂଆଁଖାଇ ଭେଟ୍‌ଘାଟରେ ମଞ୍ଚାସୀନ ଅତିଥି।

### ■ ପଞ୍ଚାୟତ ସମିତିସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍

## ୬ ବିଶିଷ୍ଟ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା

**ମୁରିବାହାଲ,୨୬।୯(ଡି.ଏନ.ଏ)**

ବଲାଙ୍ଗୀର ଜିଲା ମୁରିବାହାଲ ପଞ୍ଚାୟତ ସମିତିସ୍ତରୀୟ ପ୍ରଥମ ବାର୍ଷିକ ନୂଆଁଖାଇ ଭେଟ୍‌ଘାଟ୍ ସ୍ଥାନୀୟ ପଞ୍ଚାୟତ ହାଇସ୍କୁଲ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ନୂଆଁଖାଇ ଭେଟ୍‌ଘାଟ୍ କମିଟି ସଭାପତି ତଥା ପଞ୍ଚାୟତ ସମିତି ଅଧକ୍ଷ ହଂସରାଜ ଜୈନ ସଭାପତିତ୍ୱ କରିଥିଲେ। ଏଥିରେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ଅନଙ୍ଗଉଦୟ ସିଂଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂଆଁଖାଇ ଏକ ନିଆରା କୃଷିଭିତ୍ତିକ ପର୍ବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ମୁରିବାହାଲ ତହସିଲଦାର ସରିତା ଗୁପ୍ତା, ବ୍ଲକ ଉପାଧକ୍ଷ ସୁନ୍ଦରମଣୀ ବାଗ, ସାମାଜିକ କର୍ମୀ ଭବାନୀପ୍ରସାଦ ହୋତା, ସଞ୍ଜୀବ ନାଗ ପ୍ରମୁଖ ଯୋଗଦେଇ ନୂଆଁଖାଇର ଉଦ୍ଦେଶ୍ୟ, ଅଞ୍ଚଳରେ ବିକାଶ ଉପରେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତାଭାବେ ଡିଏଭି ମହାବିଦ୍ୟାଳୟ ପୂର୍ବତନ ଅଧକ୍ଷ ଡ. ଶିବ ପ୍ରସାଦ ବେହେରା ଉପସ୍ଥିତ ରହି ନୂଆଁଖାଇ ପର୍ବ ପାଳନ, ମା' ବାପାଙ୍କ ପ୍ରତି ଯୁବପିଢ଼ିଙ୍କ ସମାନ ତଥା ଗ୍ରାମ ପ୍ରତି ମମତା ଓ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଜିଲାର ୬ଜଣ ବିଶିଷ୍ଟ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ସେମାନେ ହେଲେ ଟିଟିଲାଗଡ଼ର ବଂଶୀ ବାଦକ ରଞ୍ଜନ ପଟ୍ଟନାୟକ, ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ପ୍ରଧାପକ ଡ. ସାନନ୍ଦ ଚିନ୍ଦା, ବିଶିଷ୍ଟ କଳାକାର ସର୍ବେଶ୍ୱର ଭୋଇ, ଘୁଡୁକା ନୃତ୍ୟକାର ଉମାକାନ୍ତ ବେହେରା, ଅବସରପ୍ରାପ୍ତ ଭାରତୀୟ ସେନା ଅଧିକାରୀ ନାଏକ ହସିକେଶନ ପ୍ରଧାନୀ, ଆଦର୍ଶ ଚାଷୀ ବ୍ରଜମୋହନ ବନଛୋର। ଏହା ସାଙ୍ଗକୁ ବିଶିଷ୍ଟ କଳାକାର ଓ କଣ୍ଠଶିଳ୍ପୀ ଶତ୍ରୁଘନ ଲୁହା, ରୁକୁ ସୁନା, କୁମାରୀ ରୋହିଣୀ ଛୁରାଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ୨୨ଜଣ ସରପଞ୍ଚ ଓ ସମିତି ସଭ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା। ପରେ ଶତ୍ରୁଘନ ଲୁହା, ସର୍ବେଶ୍ୱର ଭୋଇ, ରୁକୁ ସୁନାଙ୍କ ସମ୍ବଲପୁର ଅର୍କେଷ୍ଟ୍ରା ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିଲା। ଶତାଧିକ ଦର୍ଶକ ମନଭରି ଏହାର ଉପଭୋଗ କରିଥିଲେ। ଜୟକିଷାନ ବାଗ, ହେମନ୍ତ ବାଗ, ବନବିହାରୀ ଯୋଶୀ ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। କମିଟି ସାଧାରଣ ସମ୍ପାଦକ ତଥା ହଳଦୀ ସରପଞ୍ଚ ଗୋପୀନାଥ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।



ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଙ୍କ ସହ ଅନ୍ୟମାନେ।

### ବ୍ରାହ୍ମଣ ସମାଜ ପକ୍ଷରୁ ଭାଗବତ ଜନ୍ମ

**ମୁରିବାହାଲ, ୨୬।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ରାହ୍ମଣ ସମାଜ ପକ୍ଷରୁ ବଜାରପଡା ହନୁମାନ ମନ୍ଦିର ନିକଟରେ ଭାଗବତ ଜନ୍ମ ଉତ୍ସବ ସମାରୋହରେ ପାଳିତ ହୋଇଯାଇଛି। ହନୁମାନ ମନ୍ଦିରରେ ସକାଳେ ପୂଜାର୍ଚ୍ଚନା ପରେ ଭାଗବତ ଜନ୍ମ ପୁରାଣ ପଠନ କରାଯାଇଥିଲା। କର୍ତ୍ତାଭାବେ ଅନାମ ଷଡଙ୍ଗୀ ଓ ତାଙ୍କ ସ୍ତ୍ରୀ ସୋଭାଗିନୀ ଷଡଙ୍ଗୀ କାର୍ଯ୍ୟ ତୁଲାଇଥିଲେ। ସମାଜର ସଭାପତି ସବ୍ୟସାଚୀ ମିଶ୍ର, ବ୍ଲକ କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ଦାସ ପୂଜା ଦାୟିତ୍ୱ ତୁଲାଇଥିଲେ। ଏହା ସାଙ୍ଗକୁ ବ୍ରାହ୍ମଣ ସମାଜର ପ୍ରଗତି ପାଇଁ ହଳଦୀ ସରପଞ୍ଚ ଗୋପିନାଥ ପାଣିଗ୍ରାହୀ ଓ ବ୍ରଜବନ୍ଧୁ ମିଶ୍ରଙ୍କୁ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ବିରଞ୍ଚି ନାରାୟଣ ଖମାରୀ, ସରୋଜ କୁମାର ଖମାରୀ, ଅରୁଣ କୁମାର ଖମାରୀ, ପ୍ରସାଦ ପଣ୍ଡା, ଦୁଃଖିଶ୍ୟାମ ଖମାରୀ, ଘାସିରାମ ପାଣିଗ୍ରାହୀ, ସୁଜିତ ରଞ୍ଜନ ତ୍ରିପାଠୀ, ବଳଦେବ ଷଡଙ୍ଗୀ, କାର୍ତ୍ତିକ ଠାକୁର, ରିକୁ ତ୍ରିପାଠୀ।



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### କୋମନା, ନୂଆପଡାରେ ଭାଗବତ ଜନ୍ମ

ନୂଆପଡା ଅଫିସ/ କୋମନା, ୨୬।୯ (ଡି.ଏନ.)- କୋମନା ଜଗନ୍ନାଥ ମନ୍ଦିର ପରିସରରେ କୋମନା ବ୍ରାହ୍ମଣ ସମାଜ ତରଫରୁ ଭାଗବତ ଜନ୍ମୋତ୍ସବ ପାଳିତ ହୋଇଯାଇଛି । ଏଥିରେ ବ୍ରଜବନ୍ଧୁ ମିଶ୍ର କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିବାବେଳେ ରାଜକିଶୋର ପୁରୋହିତ ପୌରହିତ୍ୟ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ରାହ୍ମଣ ସମାଜର ସମ୍ପାଦକ ବୀରଅନନ୍ତ ପଣ୍ଡା, ସଭାପତି ଯୁଗଳ କିଶୋର ମିଶ୍ର ମୁଖ୍ୟ ଭୂମିକା ଗ୍ରହଣ କରିଥିବାବେଳେ ଗଣେଶ ମିଶ୍ର, ଚରଣ ପାତ୍ର, ପ୍ରମୋଦ ବେହେରା ପ୍ରମୁଖ ସହଯୋଗ କରିଥିଲେ । ଏହିଭଳି ନୂଆପଡା ସହରସ୍ଥିତ ରାଧାକୃଷ୍ଣ ପଡାରେ ମନ୍ଦିରରେ ରାଧାକୃଷ୍ଣ ସେବା ସଂସ୍ଥା ତରଫରୁ ଭାଗବତ ଜନ୍ମ ପାଳିତ ହୋଇଥିଲା । ଏଥିରେ ସର୍ବଶ୍ରୀ ଭଗବାନ ପତି କର୍ତ୍ତା ଭାବେ ରହିଥିବାବେଳେ ରାମେଶ୍ୱର ମୁଣ୍ଡ, ଶ୍ରୀବତ୍ସ ପାଢୀ, ଗଜେନ୍ଦ୍ର ମିଶ୍ର, ପ୍ରସନ୍ନ ପାଢୀ ପ୍ରମୁଖ ପରିଚାଳନା କରିଥିଲେ । ଏଥିରେ ସହରର ବହୁ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ଯୋଗଦେଇଥିଲେ ।




ୟୁଥ୍ ପାର୍ଲାମେଣ୍ଟରେ ମଞ୍ଚାସୀନ ଅତିଥିବୃନ୍ଦ ।



ଅଂଶ ଗ୍ରହଣ କରିଥିବା ଛାତ୍ରୀଛାତ୍ରମାନେ ।

# ରାଷ୍ଟ୍ର ନିର୍ମାଣରେ ଯୁବପିଢ଼ୀ ଅଂଶୀଦାର ହୁଅନ୍ତୁ

- ନୂଆପଡ଼ାରେ ୟୁଥ୍ ପାର୍ଲାମେଣ୍ଟ
- ଯୋଗଦେଲେ ବହୁ ଯୁବ ନେତା
- ଓଡ଼ିଶାରୁ ୩ଜଣ ଯିବେ ଦିଲ୍ଲୀ

ନୂଆପଡା ଅଫିସ,୨୬।୯

ନୂଆପଡା ନ୍ୟାସନାଲ କଲେଜରେ ଆୟୋଜିତ ୟୁଥ ପାର୍ଲାମେଣ୍ଟ କାର୍ଯ୍ୟକ୍ରମର ବୁଧବାର ଥିଲା ଉଦ୍‌ଯାପନୀ ଦିବସ। ରାଜ୍ୟର ଗୋଟିଏ ମାତ୍ର ଜିଲା ନୂଆପଡାରେ ୟୁଏନଡିପି ଏବଂ ନେହେରୁ ଯୁବ କେନ୍ଦ୍ରର ମିଳିତ ଉଦ୍ୟମରେ ମହାବିଦ୍ୟାଳୟସ୍ତରୀୟ ୟୁଥ ପାର୍ଲାମେଣ୍ଟ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ନେହେରୁ ଯୁବ କେନ୍ଦ୍ରର ଜିଲା ଯୁବ ସଂଯୋଜକ ନରେଶ ଶର୍ମା ସଭାପତିତ୍ୱ କରିଥିଲେ । ନୂଆପଡା ଏସପି ସ୍ମିତ ପରମାର ମୁଖ୍ୟ ଅତିଥି, ପୂର୍ବତନ ରାଜ୍ୟସଭା ସଦସ୍ୟଙ୍କ ପ୍ରତିନିଧି ସୁରେଶ କୁମାର ଆଚାରୀ ବିଶେଷ ଅତିଥି, ଡିଏଭି କଲେଜ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଶିବ ପ୍ରସାଦ ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ସଭାପତି ଶର୍ମା ଯୁବ ସମାଜ ଆଗକୁ ଆସି ଆଗାମୀ ଦିନରେ କିପରି ଜଣେ ସ୍ୱଚ୍ଛ ଏବଂ ବଳିଷ୍ଠ ରାଜନେତା ପାର୍ଲାମେଣ୍ଟାରିଆନ ହୋଇପାରିବେ ସେଥିପାଇଁ ଏହି କାର୍ଯ୍ୟକ୍ରମ ଏକ ପ୍ରେରଣା ବୋଲି କହିଥିଲେ । ସୂଚନାଯୋଗ୍ୟ ଯେ, ନେହେରୁ ଯୁବ କେନ୍ଦ୍ର ତରଫରୁ ଜିଲାର ସମସ୍ତ ୫ଟି ଯାକ ବ୍ଲକରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ପାର୍ଲାମେଣ୍ଟ କରାଯାଇଥିଲା । ତେବେ ମଙ୍ଗଳବାର କାର୍ଯ୍ୟକ୍ରମରେ ଜିଲାର ସମସ୍ତ ଯୁକ୍ତ ଦୁଇ ଡିଗ୍ରୀ କଲେଜର ବଛା ବଛା ୬୦ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ । ଏମାନଙ୍କୁ ୭ଟି ଟେବୁଲରେ ଭାଗ କରାଯାଇଥିଲା । ଏମାନେ ଦେଶର ୭ଟି ପ୍ରମୁଖ ରାଜନୈତିକ ଦଳର ଭୂମିକା ନେଇ ବିତର୍କରେ ଭାଗ ନେଇଥିଲେ । ଦୀର୍ଘ ଦୁଇ ଘଣ୍ଟା ଧରି ଏକ ସଂଘର୍ଷପୂର୍ଣ୍ଣ ବାତାବରଣରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ନେହେରୁ ଯୁବ କେନ୍ଦ୍ରର ସଂଯୋଜକ ଶର୍ମା ପରିଚାଳନା କରିଥିଲେ । ଏମାନଙ୍କ ମଧ୍ୟରୁ ୩ଜଣଙ୍କୁ ଚୟନ କରାଯିବ । ସେମାନେ ଦିଲ୍ଲୀରେ ହେବାକୁ ଥିବା ଜାତୀୟସ୍ତରୀୟ ୟୁଥ୍ ପାର୍ଲାମେଣ୍ଟରେ ଓଡିଶାର ପ୍ରତିନିଧିତ୍ୱ କରିବେ ବୋଲି ସୂଚନା ଦିଆଯାଇଛି । ଏହି ଅବସରରେ ଅତିଥିମାନେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଥିବା କୃତୀ ପ୍ରତିଭାଙ୍କୁ ପ୍ରଶଂସା କରିଥିଲେ । ରାଜନୀତି ଦ୍ୱାରା କେବଳ ସମାଜ ସେବା କରିହେବ ତାହା ନୁହେଁ । ବରଂ ଉତ୍ତମ ରାଷ୍ଟ୍ର ନିର୍ମାଣରେ ରାଜନେତାଙ୍କର ଆବଶ୍ୟକତା ରହିଛି । ଯୁବକମାନଙ୍କ ମଧ୍ୟରେ ମଧ୍ୟ ସେହି ପ୍ରତିଭା ରହିଛି । ସେମାନେ ଆଗକୁ ଆସି ରାଜନୀତିରେ ସକ୍ରିୟ ଅଂଶ ଗ୍ରହଣ କରିବାକୁ ଗୁରୁତ୍ୱଦେଇଥିଲେ । ଏଭଳି ଏକ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, କ୍ଲବ କର୍ମକର୍ତ୍ତା ସକ୍ରୀୟ ଭାବେ ଅଂଶ ଗ୍ରହଣ କରିଥିବାରୁ ଅତିଥିମାନେ ଧନ୍ୟବାଦ ଜଣାଇଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ମୁକେଶ ପାଣ୍ଡେ, ପ୍ରତିମା ମାଝି, ଶକ୍ତିମୟୀ ମାଝି, ହିମାନୀ ମାଝି, ଗଜେନ୍ଦ୍ର ବାରିକ ପ୍ରମୁଖ ସହଯୋଗିତା କରିଥିଲେ ।

### ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ଆନ୍ଦୋଳନ ଜାରି

ନୂଆପଡା ଅଫିସ/ ବୋଡେନ, ୨୬।୯ (ଡି.ଏନ.ଏ.)

ଓଡିଶା ଅଗ୍ନିଶମ କର୍ମଚାରୀ ସଂଘ ୬ ଦଫା ଦାବି ନେଇ ସୋମବାରଠାରୁ ଚାଲିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ବୁଧବାର ୩ୟ ଦିନରେ ପହଞ୍ଚିଛି । ଆନ୍ଦୋଳନ ଯୋଗୁ ଜିଲା ସଦର ମହକୁମା ସମେତ ଜିଲାର ଖରିଆରରୋଡ, କୋମନା ଏବଂ ଖଡିଆଳରେ ବିଭାଗ କାର୍ଯ୍ୟାଳୟ ଏକ ପ୍ରକାର ଠପ ହୋଇପଡିଛି । କର୍ମଚାରୀମାନେ ୬ଦଫା ଦାବିରେ ଅଗ୍ନିଶମ କର୍ମଚାରୀଙ୍କୁ ଓଡିଶା ପୋଲିସ କର୍ମଚାରୀଙ୍କ ସହିତ ସମାନ ଦରମା ଏବଂ ଭତ୍ତା ପ୍ରଦାନ, ଓଡିଶା ଅଗ୍ନିଶମ ସେବା ସଂସ୍କାରକୁ ତୁରନ୍ତ ସରକାରୀ ପଞ୍ଜୀକରଣ ଭୁକ୍ତ କରିବା ଆଦି ଅନ୍ତର୍ଭୁକ୍ତ ରହିଛି । ଖରିଆରରୋଡ ଅଗ୍ନିଶମ ବିଭାଗ କାର୍ଯ୍ୟାଳୟରେ ଆନ୍ଦୋଳନରେ ଧନୀରାମ ସାହୁ, ପ୍ରକାଶ ବେହେରା, ଡ୍ରାଇଭର ପୂର୍ଣ୍ଣ ଚନ୍ଦ୍ର ପାଣିଗ୍ରାହୀ, ଦୁର୍ବାଦଳ କବାଟ, ବିଶ୍ୱନାଥ ପାଣ୍ଡେ ପ୍ରମୁଖ ସାମିଲ ହୋଇଛନ୍ତି । ସେହିପରି ବୋଡେନ ଅଗ୍ନିଶମ କାର୍ଯ୍ୟାଳୟ କର୍ମଚାରୀମାନେ ମଧ୍ୟ ସାମିଲ ହୋଇଛନ୍ତି । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗଦେବେ ନାହିଁ ବୋଲି ଅଗ୍ନିଶମ ମୁଖ୍ୟ କର୍ମଚାରୀ ଇମାନ ଗୋରିଆ, ହାବିଲଦାର ରଘୁନାଥ ନାଏକ, ପ୍ରଦୀପ ଦେହୁରିଆ ତଥା ସମସ୍ତ କର୍ମଚାରୀମାନେ କହିଛନ୍ତି ।

### ସିନାପାଲିରେ ଇଣ୍ଟରନେଟ୍ ସେବା ବିପର୍ଯ୍ୟସ୍ତ

## ତୀବ୍ର ହେଉଛି ଜନ ଅସନ୍ତୋଷ

ସିନାପାଲି ,୨୬।୯ (ଡି.ଏନ.ଏ.)

ଡିଜିଟାଲ ଇଣ୍ଡିଆର ସ୍ୱପ୍ନ ନେଇ ସରକାର ଦେଶର ବିଭିନ୍ନ ସରକାରୀ କାର୍ଯ୍ୟାଳୟମାନଙ୍କୁ କମ୍ପ୍ୟୁଟରୀକରଣ କରୁଥିବା ବେଳେ ବର୍ତ୍ତମାନ ନୂଆପଡା ଜିଲା ସିନାପାଲି ବ୍ଲକ୍‌ରେ ଥିବା ବିଭିନ୍ନ କାର୍ଯ୍ୟାଳୟମାନଙ୍କରେ ମଧ୍ୟ କମ୍ପ୍ୟୁଟର ସଂଯୋଗ ହୋଇସାରିଛି । ହେଲେ ଏଠାରେ କମ୍ପ୍ୟୁଟର ମାଧ୍ୟମରେ ଅନ୍‌ଲାଇନ୍ ସେବା ପାଇବାରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ସିନାପାଲି ବ୍ଲକ ଅଞ୍ଚଳରେ ବିଏସ୍ଏନ୍ଏଲ୍‌ର ବ୍ରଡବ୍ୟାଣ୍ଡ ଓ ଏୟାରଟେଲ୍‌ର ଫୋର୍-ଜି ମାଧ୍ୟମରେ ଇଣ୍ଟରନେଟ୍ ସେବା ଯୋଗାଇ ଦେବାର ବନ୍ଦୋବସ୍ତ ହୋଇଛି । କିନ୍ତୁ ଦେଖିବାକୁ ଗଲେ ଏହି ସବୁ ଟାୱାର କେବଳ ନାମକୁ ମାତ୍ର ଏହି ଅଞ୍ଚଳରେ କାମ କରୁଥିବା ଭଳି ମନେ ହେଉଛି । ମାସକୁ ପ୍ରାୟ ଅର୍ଦ୍ଧାଧିକ ଦିନ ବିଏସ୍ଏନ୍ଏଲ୍‌ର ବ୍ରଡବ୍ୟାଣ୍ଡ ସେବା ଗ୍ରାହକ ପାଇପାରୁ ନ ଥିବା ବେଳେ ଏୟାରଟେଲ୍‌ର ଫୋର୍-ଜି ଥାଇ ମଧ୍ୟ ଏହା ପୂର୍ଣ୍ଣ ଭାବରେ ଗ୍ରାହକମାନଙ୍କୁ ସେବା ପ୍ରଦାନ କରିବାରେ ଅସମର୍ଥ ହେଉଛି । ଯାହା ଫଳରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟମାନଙ୍କରେ ଏହି କମ୍ପ୍ୟୁଟର ବିଭାଗରେ କାର୍ଯ୍ୟରତ କର୍ମଚାରୀମାନେ ଆରାମରେ ବସି ରହୁଥିବାବେଳେ ବିପର୍ଯ୍ୟସ୍ତ ଇଣ୍ଟରନେଟ୍ ସେବା ଯୋଗୁ ଲୋକେ ବହୁ ଦୂରଦୂରାନ୍ତରୁ ଆସି ଫେରି ଯିବାକୁ ବାଧ୍ୟ ହେଉଛନ୍ତି । ଅନେକ ସମୟରେ ଏମ୍‌ଜିଏନ୍‌ଆର୍‌ଇଜିସ୍ ଯୋଜନାରେ ଶ୍ରମିକମାନେ କାମ କରି ମଧ୍ୟ ଦୀର୍ଘ ଦିନ ପରେ ସେମାନଙ୍କ ପାଉଣା ପାଇପାରୁ ନ ଥିବା ଦେଖାଯାଉଛି । ସେହିପରି ତହସିଲ କାର୍ଯ୍ୟାଳୟରେ ଜମିପଟ୍ଟା, ଜାତି ପ୍ରମାଣ ପତ୍ର, ଆୟ ପ୍ରମାଣ ପତ୍ର, ନିବାସ ପ୍ରମାଣ ପତ୍ର ପ୍ରଭୃତି ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ ହେଉଥିବାବେଳେ ଏଠାରେ ଦୀର୍ଘ ଦିନ ଅପେକ୍ଷା କଲା ପରେ ମଧ୍ୟ ଲୋକେ ଏ ସବୁ ପାଇପାରୁ ନାହାନ୍ତି । ବିଭିନ୍ନ ପଦ ପଦବୀ ପାଇଁ ଅନ୍‌ଲାଇନ୍ ଯୋଗେ ଆବେଦନ କରିବାକୁ ଯାଇ ଯୁବତୀଯୁବକମାନେ ବହୁ ଅସୁବିଧାର ସମ୍ମୁଖିନ ହେଉଥିବା ବେଳେ ଆବେଦନ କରିବା ପାଇଁ ଅନ୍ୟ କୌଣସି ଦୂରଦୂରାନ୍ତର ସ୍ଥାନକୁ ଯିବାକୁ ବାଧ୍ୟ ହେଉଛନ୍ତି । ଅନେକ ସମୟରେ ଅଞ୍ଚଳବାସୀଙ୍କ ତରଫରୁ ସିନାପାଲି ବନ୍ଦ ଓ ରାସ୍ତାରୋକୋ କରି ପ୍ରଶାସନକୁ ଦାବି ଜଣାଇଥିଲେ ମଧ୍ୟ ପ୍ରଶାସନ ତରଫରୁ ଏ ସମସ୍ୟାର ସମାଧାନ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଅଞ୍ଚଳରେ ଜନ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି ।



ଇଣ୍ଟରନେଟ୍ ସୁବିଧା ପାଇଁ ଲାଗିଥିବା ଇଣ୍ଟନେଟ ଟାୱାର ।

## ରହସ୍ୟ ଘେରରେ ସୁକଲସାଏଙ୍କ ନିଖୋଜ ଘଟଣା

ଖଡିଆଳ, ୨୬।୯ (ଡି.ଏନ.ଏ.)

ନୂଆପଡା ଜିଲା ବୋଡେନ ଥାନା ଭଇଁଷାଦାନୀ ଗାଁର ଆଦିମ ଜନଜାତି ସମ୍ପ୍ରଦାୟର ପ୍ରଥମ ଶିକ୍ଷିତ ଯୁବକ ତଥା ସ୍ୱାସ୍ଥ୍ୟ କର୍ମୀ ଭାବେ କାର୍ଯ୍ୟରତ ସୁକଲସାଏ ପହରିଆ ଗତ ୨୦୧୮ ଏପ୍ରିଲ ୧୯ରେ ପୋଲିସ ଡାକୁଛି କହି ଘରୁ ବାହାରିଥିଲେ । ସେହି ଦିନ ଠାରୁ ନିଖୋଜ ହୋଇଯାଇଥିବା ବେଳେ ଘରୁ ବାହାରିବାର ୫୨ ଦିନ ପରେ ଅର୍ଥାତ ୨୦୧୮ ଜୁନ୍ ୯ ତାରିଖ ଦିନ ଗାଁ ନିକଟସ୍ଥ ରାନୀଖୋଲା ଜଙ୍ଗଲରୁ ଏକ କଙ୍କାଳ ମିଳିଥିଲା । ଜଙ୍ଗଲରେ ପଡି ରହିଥିବା କଙ୍କାଳ ନିକଟରୁ ସୁକଲସାଏଙ୍କ ବ୍ୟାଗ, ପ୍ୟାଣ୍ଟ ସାର୍ଟ, ମୋବାଇଲ ଫୋନ ସମେତ ଅନ୍ୟାନ୍ୟ ସାମଗ୍ରୀ ମିଳିଥିଲା । ଫଳରେ ଉକ୍ତ କଙ୍କାଳ ସୁକଲସାଏଙ୍କର ବୋଲି ହୋଇଥିବା ଦର୍ଶାଇ ବୋଡେନ ପୋଲିସ କଙ୍କାଳ ସମେତ ସୁକଲସାଏ ପହରିଆଙ୍କ ବାପା ଓ ମା'ଙ୍କ ରକ୍ତ ନମୁନା ସଂଗ୍ରହ କରି ବୁର୍ଲା ମେଡିକାଲ ପରୀକ୍ଷାଗାରକୁ ପଠାଇଥିଲା । ଇତି ମଧ୍ୟରେ ୩ମାସରୁ ଉର୍ଦ୍ଧ୍ୱ ବିତିଯାଇଥିଲେ ହେଁ ଏ ପର୍ଯ୍ୟନ୍ତ ରିପୋର୍ଟ ଆସି ନାହିଁ କି ଗତ ୨୦୧୭ ଡିସେମ୍ବରରୁ ନିଖୋଜ ହେବା ସମୟ ସୀମା ମଧ୍ୟରେ ବକେୟା ଦରମା ଦିଆଯାଇ ପାରି ନାହିଁ । ଫଳରେ ପରିବାର ପ୍ରତିପୋଷଣ କରିବାରେ ବହୁ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି । ପରୀକ୍ଷାଗାରକୁ ପଠାଯାଇଥିବା କଙ୍କାଳର ଶୀଘ୍ର ରିପୋର୍ଟ ପ୍ରଦାନ ସହ ବକେୟା ଥିବା ଦରମା ପ୍ରଦାନ ଏବଂ ଥଇଥାନ ଅନୁସାରେ ଚାକିରୀ ଯୋଗାଇବା ଦାବିରେ ସୁକଲସାଏଙ୍କ ସ୍ତ୍ରୀ ସୌଭାଗ୍ୟ ନିଜ ୧ ବର୍ଷର ଝିଅ ଓ ସପରିବାର ସହ ଖଡିଆଳରେ ଅନୁଷ୍ଠିତ ଜିଲାପାଳ ଅଭିଯୋଗ ଶୁଣାଣି ଶିବିରରେ ଦ୍ୱାରସ୍ଥ ହୋଇଛନ୍ତି । ସୌଭାଗ୍ୟଙ୍କ ଅଭିଯୋଗକୁ ଗ୍ରହଣ କରି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିବା ଜଣାପଡିଛି । ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ପଚାରିବାରୁ ସୁକଲସାଏ ପରିବାରଙ୍କ ପକ୍ଷରୁ କରାଯାଇଥିବା ଅଭିଯୋଗ ହସ୍ତଗତ ହୋଇଛି । ଜିଲାପାଳ ଓ ଏସପିଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି ।

## ମଦଭାଟି ଉଚ୍ଛେଦ ପାଇଁ ଗ୍ରାମବାସୀଙ୍କ ଦାବି

ଭବାନୀପାଟଣା,୨୬।୯(ଡି.ଏନ.ଏ.)

ସ୍କୁଲ, କଲେଜଠାରୁ ପାଞ୍ଚ ଶହ ମିଟର ଦୂରରେ ମଦ ଭାଟି ଖୋଲିବାର ନିୟମ ସରକାର କରିଥିବା ବେଳେ ବେଆଇନ ଭାବେ ଦୀର୍ଘ ବର୍ଷ ଧରି କଲେଜ ସମ୍ମୁଖରେ ଦେଶୀ ମଦ ଭାଟି ରହିଛି । କଳାହାଣ୍ଡି ଜିଲା ଗୋଲାମୁଣ୍ଡ ବ୍ଲକ ସାନଚେତ ଗାଁରେ ଏଭଳି ଏକ ମଦ ଭାଟି ରହିଥିବା ଦେଖିବାକୁ ମିଳିଛି । ବାରମ୍ବାର ମଦଭାଟିକୁ ଉଚ୍ଛେଦ କରାଯିବା ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ଜିଲା ପ୍ରଶାସନ କର୍ଣ୍ଣପାତ କରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସୂଚନା ଅନୁଯାୟୀ, ସାନଚେର ଗାଁଠାରେ ୧୯୯୭ରେ ଆଞ୍ଚଳିକ ମହାବିଦ୍ୟାଳୟ ସ୍ଥାପିତ ହୋଇଥିବା ବେଳେ ସେଠାରେ ଏକ ବିହାରୀ ଦେଶୀ ମଦଭାଟି ରହିଛି । ଫଳରେ ଛାତ୍ରୀଛାତ୍ରମାନଙ୍କୁ ଅନେକ ଅସୁବିଧାରେ ସମ୍ମୁଖୀନ ହେବାକୁ ପଡୁଛି । ଏହି ମୁଖ୍ୟ ରାସ୍ତା ଦେଇ ଅନେକ ସମୟରେ ପ୍ରଶାସନିକ ଅଧିକାରୀମାନେ ଯିବା ଆସିବା କରୁଥିଲେ ମଧ୍ୟ ଏହାକୁ ଅଣଦେଖା କରି ଚାଲିଯାଉଥିବା ଅଭିଯୋଗ ହେଉଛି । ଦେଶୀ ମଦ ଭାଟିକୁ ମହାବିଦ୍ୟାଳୟ ସମ୍ମୁଖ ଏବଂ ରାସ୍ତାଠାରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରିବା ବିଭିନ୍ନ ସଙ୍ଗଠନ ଦାବି କରି ଆସୁଥିଲେ ମଧ୍ୟ ପ୍ରଶାସନ କର୍ଣ୍ଣପାତ କରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଚେରଗାଁ ଦେଶୀ ମଦ ଭାଟିରେ କାର୍ଯ୍ୟ କରୁଥିବା ବିହାରୀ ବାବୁମାନେ ଏହି ଅଞ୍ଚଳରେ କେଗାଁ, ସିନାପାଲି, ନୂଆଗାଁ, ଚହକା, ବଡଚେରଗାଁ, ଉଛଳା ଗ୍ରାମ ପଞ୍ଚାୟତର ଅନେକ ଗାଁ ଏବଂ ପଡାପଡାରେ ଦେଶି ମଦ କୋଠି ଖୋଲାଇ ବେଆଇନ ଭାବରେ ମଦ ବିକ୍ରୟ କରୁଛନ୍ତି । ଫଳରେ ଅନେକ ସମୟରେ ଗାଁ ଗଣ୍ଡାରେ ବିଶୃଙ୍ଖଳାର ବାତାବାରଣ ସୃଷ୍ଟି ହେଉଛି ।

### ଢାବାରୁ ବିଦେଶୀ ମଦ ଜବତ ଘଟଣା

## ଜେଲ ଗଲେ ପୂର୍ବତନ ଛାତ୍ର ନେତା

ନୂଆପଡ଼ା ଅଫିସ/କୋମନା ୨୬।୯ (ଡି.ଏନ.ଏ.)

କୋମନା ଥାନା ଅନ୍ତର୍ଗତ ଗନିଆରୀ ଗାଁ ନିକଟସ୍ଥ ଏକ ଢାବାରେ କୋମନା ଥାନା ପୋଲିସ ଚଢାଉ କରି ଢାବା ମ୍ୟାନେଜରଙ୍କୁ ଗିରଫ କରିସାରିଥିବାବେଳେ ଢାବା ମାଲିକ ତଥା ବିଜେଡି ଛାତ୍ର ଜନତା ଦଳର ପୂର୍ବତନ ସଭାପତି ହେମନ୍ତ କୁମାର କର ଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ଖଡିଆଳ ଜେଲକୁ ଚାଲାଣ କରାଯାଇଛି । ସେ କୋର୍ଟରେ ଆତ୍ମସମର୍ପଣ କରିଥିବାବେଳେ କୋମନା ଗ୍ରାମ୍ୟନ୍ୟାୟାଳୟ ଜାମିନ ନାମଞ୍ଜୁର କରି ଖଡିଆଳ ଜେଲକୁ ପଠାଇ ଦେଇଛି । ସୂଚନାଯୋଗ୍ୟ, କୋମନା ପୋଲିସ ଟିମ ଜାତୀୟ ରାଜପଥ ୩୫୩କଡରେ ଥିବା ଢାବା ଉପରେ ଗତ ୨୨ତାରିଖ ରାତିରେ ଚଢାଉ କରିଥିଲା । ସେଠାରୁ ୧୬ଲିଟର ବିଦେଶୀ ମଦ ଜବତ କରିଥିବାବେଳେ ଏଥିରେ ଅଭିଯୁକ୍ତ ଢାବା ମ୍ୟାନେଜର ବିଶରାମ ହଂସ(୩୪)ଙ୍କୁ ପୋଲିସ ଗିରଫ କରିଥିଲା । ଏହାକୁ ନେଇ ପୋଲିସ କେସ୍ ନଂ୨୨୯/୧୮ରେ ଢାବା ମ୍ୟାନେଜର ଏବଂ ମାଲିକ କରଙ୍କ ନାମରେ ଏକ ମାମଲା ରୁଜୁ କରିଥିଲା । ଏହାର ଠିକ ୩ଦିନ ପରେ କର କୋମନା ଗ୍ରାମ୍ୟ ନ୍ୟାୟାଳୟରେ ଆତ୍ମସମର୍ପଣ କରିଥିଲେ । ଗ୍ରାମ୍ୟ ନ୍ୟାୟାଳୟ ତାଙ୍କର ଜାମିନକୁ ନାମଞ୍ଜୁର କରି ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦେଇଛନ୍ତି । ଏହି ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି । ପ୍ରକାଶ ଯେ, କିଛି ମାସ ତଳେ ହେମନ୍ତ କର ବିଜେଡି ଦଳରୁ ଇସ୍ତଫା ଦେଇଥିଲେ ।

## ଆଇନସେବା ପ୍ରାଧିକରଣ ସଚିବ ଶିଶୁ ଭବନ ବୁଲି ଦେଖିଲେ

ନୂଆପଡା ଅଫିସ,୨୬।୯

ନୂଆପଡ଼ା ଜିଲାରେ କୌଣସି ଶିଶୁଙ୍କୁ ଶିକ୍ଷାସ୍ୱାସ୍ଥ୍ୟ କିମ୍ବା ଅନାଥ ରହିବାକୁ ଦିଆଯିବ ନାହିଁ । ଏହି ପରିପ୍ରେକ୍ଷୀରେ ଜିଲାବ୍ୟାପି ବିଭିନ୍ନ ଶିଶୁ ଭବନରେ ସୁରକ୍ଷିତ ଅବସ୍ଥାରେ ଏକ ବ୍ୟବସ୍ଥିତ ଢଙ୍ଗରେ ରଖାଯାଇଛି । ଏହା ଉପରେ ହଠାତ ଜିଲା ଆଇନ ସେବା ପ୍ରାଧିକରଣର ଦୃଷ୍ଟି ପଡିଛି । ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପ୍ରାଧିକରଣର ସଚିବ ଅଜିତ କୁମାର ଓତା ବୁଲି ଦେଖିଛନ୍ତି । କସ୍ତୁରବା ବାଳାଶ୍ରମରେ ୨୨, ନବପ୍ରଭା ଓପନ ସେଲଟର ୧୯, କାରୁଣ୍ୟ ବାଲନିକେତନରେ ୧୬, ଗୁରୁକୁଳ ଆଶ୍ରମରେ ୪୩ ଜଣ ଶିଶୁ ରହୁଥିବା ଦେଖିବାକୁ ପାଇଥିଲେ । ସମସ୍ତ ଶିଶୁ ଶିଶୁ କଲ୍ୟାଣ ସମିତି ନୂଆପଡାଙ୍କ ଆଦେଶ କ୍ରମେ କିଶୋର ନ୍ୟାୟ ଅଧିନିୟମ ଅନୁଯାୟୀ ରହୁଥିବା ଦେଖିବାକୁ ପାଇଥିଲେ । ଶିଶୁମାନଙ୍କ ଖାଦ୍ୟପେୟ, ପରିମଳ ବ୍ୟବସ୍ଥା ପରିଦର୍ଶନରେ ସଚିବ ସନ୍ତୁଷ୍ଟ ପ୍ରକାଶ କରିଥିଲେ । ତିନୋଟି ଜାଗାର ପରିମଳ ବ୍ୟବସ୍ଥା ସହ ଶୃଙ୍ଖଳାକୁ ନେଇ ସେ ଖୁସି ପ୍ରକଟ କରିଥିଲେ । ଏହି ପରିପ୍ରେକ୍ଷୀରେ ସଚିବ ଓତା କ୍ୟାମ୍ପସରେ ତୁରନ୍ତ ସିସିଟିଭି କାର୍ଯ୍ୟକାରୀ କରିବାକୁ ପରାମର୍ଶ କରିଥିଲେ ।

# ନାଁ'କେ ଅଛେ ସ୍କୁଲ, ଅଙ୍ଗନୱାଡି କେନ୍ଦ୍ର

ନୂଆପଡା ଅଫିସ,୨୬।୯

**ନୂଆପଡ଼ାର ଗଡଗଡ଼ା ଗାଁ**
- ମଉଲିକ୍ ସୁବିଧା ସୁଯୋଗ୍‌ନୁ ବଁଚିତ୍ ଗାଁବାସୀ
- ସରକାରୀ ଅଧିକାରୀଙ୍କର ପାଦ୍ ନାଇଁ ପଡିଥିବାର ଗାଁ
- ଗାଁକେ ଯାଇ ଥିତି ପର୍‌ଖିମିଃ ବ୍ଲକ୍ ଶିକ୍ଷାଅଧିକାରୀ

କେହେନ୍‌ସି ଲୋକ୍ କି ଜନବସତିକେ ମଉଲିକ୍ ସୁବିଧାରୁ ବଁଚିତ୍ ନାଇଁ କରାଯାଏ ବଲି ସରକାର ଅଁଟା ଭିଡୁଛନ୍ । ଇଥିରଲାଗି କୋଟି କୋଟି ଟଁକାର ଯୋଜ୍‌ନା ସବୁ କାଯ୍‌କାରୀ ହେଉଛେ । ହେଲେ ବିଭାଗୀୟ ଅଧିକାରୀମାନେ ଏସି ଦପ୍‌ତର ଛାଡି ନାଇଁ ପାରୁଥିବାର ଲାଗି ଯୋଜ୍‌ନାମାନ୍‌କର ସଫଲ୍‌ତାକେ ନେଇ ପ୍ରଶ୍ନବାଚୀ ସୁରୁଷ୍‌ଟି ହେଉଛେ । ନୂଆପଡା ଜିଲା ସୁନାବେଡା ଅଭୟାରଣ୍ୟ ଭିତ୍‌ରେ ଥିବାର ଗାଁ ଗଡଗଡାକେ ଦେଖ୍‌ଲେ ସବୁ ଫଁଟିକ୍ ଜନାପଡୁଛେ । ଇଠାନେ ସ୍କୁଲ୍ ଚାଲିଛେ ହେଲେ ପଢ଼ାକୁଠି ନାଁଇ । ଶୁଶୁମାନ୍‌କୁ ଖାଏଦ୍ ନାଇଁ ମିଲ୍‌ବାର କି ଗରବ୍‌ବତୀମାନ୍‌କୁ ଠିକ୍ ହିସାବେ ଟୀକା କି ଖାଏଦ୍ ନାଇଁ ମିଲ୍‌ବାର । ବୁଢ଼ୀବୁଢ଼ା ଭତା ନାଇଁ ମିଲୁଥିଲାବେଲେ ଗାଁରେ କେହେନ୍‌ସି ସରକାରୀ ଯୋଜ୍‌ନା କାଯ୍‌କାରୀ ନାଇଁ ହେବାର । ବଛର ବଛର ଧରି ସରକାରୀ ବାବୁମାନ୍‌କର ଦେଖା ଦର୍‌ଶନ୍ ନାଇଁ ମିଲ୍‌ବାର । କୋମନା ବ୍ଲକ୍ ସୁନାବେଡା ପଁନ୍‌ଚେତର ଗଡଗଡ ଗାଁ ଘଁଚ୍ ଜଂଗଲ୍ ଭିତ୍‌ରେ ରହିଛେ । ଇଠାନେ ମୋଟ୍ ୪୦ଟା ପରିବାର୍‌ର ୨ଶହ ଲୋକ୍ ବାସ୍ କରୁଛନ୍ । ସଭେ ପହରିଆ ସମାଜର ଲୋକ୍ ରହୁଥିଲାବେଲେ ଇମାନ୍‌କର ସାମାଜିକ୍ ଥିତି ବହୁତ୍ ଦୁର୍‌ବଲ୍ । ବଛରଯାକ ଝାର ଜଂଗଲରୁ ଜଂଗ୍‌ଲି ଦରବ୍ ଠୁଲେଇ କୁଟୁମ୍ ପୁଷୁଛନ୍ । ବାକି ସମିଆ ଜଂଗଲ୍‌ରୁ ବାଉଁଶ ଆନି ଭିନେ ଭିନେ କିସ୍‌ମର ସଉଖିନ୍ ଜିନିସ ତିଆରି ବିକାଭଂଗା କରି ଦୁଇ ପଏସା ରୁଜ୍‌ଗାର କର୍‌ସନ୍ । ଇଠାନେ ଶିକ୍ଷାର ମାନ୍ ବହୁତ୍ ଦୁର୍‌ବଲ ଥିଲାବେଲେ ଇତାକେ ଦୁରୁଷ୍ଟିରେ ରଖି ଆଏଜ୍‌କେ ବହୁତ୍ ବଛର ଆଗ୍‌ରୁ ଗୁଟେ ସ୍କୁଲ୍‌ର ଥାପ୍‌ନା କରିଥିଲେ । ସେ ଦିନର ଖଁଟିମାଟିର ଘରେ ଆଏଜ୍ ବି ପଢ଼ା ହେଉଛେ । ହେଲେ ଝନେ ଶିକ୍ଷକ୍ ୧୫ ଝନ୍ ଛାତ୍ରୀଛାତ୍ରକୁ ନେଇ ସ୍କୁଲ୍ ଚଲେଇଛନ୍ । ଜଂଗଲ୍ ଜାଗାକେ ଅତଡିଆ ରାସ୍‌ତାଘାଟ୍ ଆର୍ ଯାଆସ କର୍‌ବାରେ ଅସ୍‌ବିଧା ହେଉଥିବାର ଲାଗି ଶିକ୍ଷକ୍ ଝନ୍‌କ ହପ୍‌ତାକ ୪ରୁ ୫ ଦିନ୍ ଆସୁଥିବାର ଗାଁବାସୀ କହିଛନ୍ । ସୋମବାର ଦିନ ବେଲାକେ ଆମର ପର୍‌ତିନିଧି ଅତଡିଆ ଅଂଚଲ୍‌ରେ ଶିକ୍ଷାର ପରକୁତ୍ ଥିତି ଦେଖ୍‌ବାକେ ପୁହୁଁଚିଥିଲେ । ହେଲେ ଶିକ୍ଷାର ନାଁରେ ସରକାର ସବୁବେଲେ ଡିଁଗ୍‌ରା ପିଟୁଛନ୍ । ହେଲେ ଇଠାନେ ସବୁ ସରକାରୀ ଯୋଜ୍‌ନା ଫସର ଫାଟିଥିବାର ନଜରକେ ଆସିଥିଲା । ଗାଁରେ ୪ରୁ ୫ ଝନ୍ ଛୁଆ ସ୍କୁଲ୍ ୟୁନିଫର୍ମ ପିନ୍ଧି ବୁଲୁଥିଲେ । ସ୍କୁଲ୍ କେନ୍‌ଠାନେ ଅଛେ ବଲି ପଚ୍‌ରାଲାରୁ ଝନେ ମହିଲା ନିଜ୍‌କୁ ରଁଧ୍‌ନି ବଲି କହି ତାକର ଖଁଟିମାଟି ଘର୍ ପାସ୍‌କେ ଡାକି ନେଇଥିଲେ । ଭଂଗା ଦଦ୍‌ରା ଜାଗାରେ ସ୍କୁଲ୍ ଚାଲୁଛେ । ସେଠାନେ ସେ ବେଲାକେ ରଁଧାବଢ଼ା କରି ଛାତ୍ରୀଛାତ୍ରକୁଁ ଖାଏବାକେ ଦେସନ୍ । ବହୁତ୍ ଦିନ୍ ହେଲା ଚାଉଲ୍ ସରିଯାଇଥିବାର ଲାଗି ରଁଧାବଢ଼ା ବଂଦ୍ ଥିବାର ସେ କହିଥିଲେ । ଛାତ୍ରୀଛାତ୍ରକଁର କଥା ପଚ୍‌ରାଲାରୁ ଶିକ୍ଷକ୍ ନାଇଁ ଆସିଥିବାର ଲାଗି ଯେ ଯେନ୍‌ତା କ୍ଷେତ୍‌କେ ଜଂଗଲ୍‌କେ ଯାଇଥିବାର କହିଥିଲେ । ଇଠାନେ ସ୍କୁଲ୍ ଲାଗି ଗୁଟେ ଥାୟୀ ପକାଘର ତିଆରବାକେ ଗାଁବାସୀ ଦାବିକରି ଆସୁଥିଲେ ବି କେହି ନାଇଁ ଶୁନୁଥିବାର ଅଭିଯୋଗ୍ କରିଥିଲେ । ଆରଗୁଟେ ଆଡେ ଇଠାନେ ଅଙ୍ଗନୱାଡି କେନ୍ଦ୍ରର ଥିତି ବି ଠିକ୍ ସେନ୍‌ତା । ଇଠାନ୍‌କେ ସୁନାବେଡାରୁ ଝନେ କର୍‌ମୀ ଆଏସନ୍ । ହେଲେ ସେଦିନ ସେ ନାଇଁ ଆସିଥିବାର ଲାଗି କେନ୍ଦ୍ରଟା ବଂଦ୍ ଥିଲା । ଖାଏଦ୍ ରଁଧା ବି ବଂଦ୍ ଥିଲା । ଗାଁରେ କେହେନ୍‌ସି ପରିବାର୍‌ର ଆର୍‌ଥିକ୍ ଥିତି ଠିକ୍ ନାଁଇ । ବହୁତ୍ ପରିବାର ନିହାତି ଗରିବ୍ ହେଇଥିବାର ଲାଗି ଦିନ୍‌କ ବେଲେ ଖାଇ ବଁଚୁଥିବାର ଗାଁର ଲୋକ୍ କହିଛନ୍ । ସେନ୍‌ତା ଗାଁକେ ବହୁତ୍ ବଛର ହେଲା କେହେନ୍‌ସି ସରକାରୀ ବାବୁ ନାଇଁ ଆସିଥିବାର ଗାଁର ଲୋକ୍ ଅଭିଯୋଗ୍ କରିଛନ୍ । ଇଠାନେ ଶିଶୁ ସୁରକ୍ଷା ଯୋଜ୍‌ନା, ପରିବାର କଲ୍ୟାଣ ଯୋଜ୍‌ନା ଶୂନ୍ ହେଇ ପଡିଛେ । ଇତାର ଉପ୍‌ରେ ଜିଲାପାଲ ନିଜେ ଧିଆନ୍ ଦେଇ ସରକାରୀ ଯୋଜ୍‌ନାମାନ୍ ଠିକ୍‌ସେ କାଯ୍‌କାରୀ କର୍‌ବାକେ ମତ୍ ପର୍‌କାଶ ପାଇଛେ । ଇ ବାବ୍‌ଦେ ନୂଆପଡା ବ୍ଲକ୍ ଶିକ୍ଷାଅଧିକାରୀ ରେଶମ ଲାଲ ନାଏକଙ୍କୁ ପଚ୍‌ରାଲାରୁ ଇ ବାବ୍‌ଦେ ମୋର ପାସ୍‌କେ କେହେନ୍‌ସି ପର୍‌କାର ଅଭିଯୋଗ୍ ନାଇଁ ଆସି ବଲି ସଫେଇ ଦେଇଥିଲେ । ନିଜେ ଗାଁକେ ଯାଇ ଥିତି ପର୍‌ଖିବେ ବଲି କହିଥିଲେ ।



ଗଡଗଡା ଗାଁରେ ସ୍କୁଲ ଚାଲୁଥିବା କୁରିଆ ପାସେ ଛୁଆକର ସଂଗେ ରଁଧ୍‌ନି ଠିଆ ହେଇଛନ୍ ।

**ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ ଲାଞ୍ଜିଗଡ଼ ବିଧାୟକ**

ଲାଞ୍ଜିଗଡ ବିଧାୟକ ତଥା କଳାହାଣ୍ଡି ଜିଲା ଯୋଜନା କମିଟି ଅଧ୍ୟକ୍ଷ ବଳଭଦ୍ର ମାଝିଙ୍କ ଗାଡ଼ି ବୁଧବାର ସକାଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଛି । ଏଥିରେ ବିଧାୟକ ମାଝି ଅଳ୍ପକେ ବର୍ତ୍ତି ଯାଇଛନ୍ତି ।

# କୁମୁଦିନୀଙ୍କୁ କଟକ ବଡ଼ମେଡିକାଲ ସ୍ଥାନାନ୍ତର

## ■ ଜିଲା ପ୍ରଶାସନ ପକ୍ଷରୁ ରେଡକ୍ରସରୁ ସହାୟତା

**ଜୁନାଗଡ,୨୬।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମାଟିଗାଁ ଗ୍ରାମର କୁମୁଦିନୀ ପୂଝାରୀ (୨୩) ଗତ ୩ ବର୍ଷ ହେଲା ଅଜଣା ରୋଗରେ ଆକ୍ରାନ୍ତ ହେବା ଘଟଣା ସମ୍ପର୍କରେ ରବିବାର ଖବର ପାଇଁ ଜୁନାଗଡ ଏନଏସି ଅଧ୍ୟକ୍ଷା ବିଜୟା ଲକ୍ଷ୍ମୀ କନ୍ଦପାନ, ବିଜେଡି ଜିଲା ସଭାନେତ୍ରୀ କଲ୍ୟାଣୀ ନାଏକ, ବ୍ଲକ ସଭାନେତ୍ରୀ ମନିଷା ସାହୁ, ସାମାଜିକ କର୍ମୀ ସୁଖବିନ୍ଦର ସିଂହ, ଅମିତ ପୁରୋହିତ ପ୍ରମୁଖ ମାଟିଗାଁକୁ ଯାଇ ରୋଗରେ ପୀଡିତା କୁମୁଦିନୀଙ୍କୁ ଚିକିତ୍ସା କରିବା ପାଇଁ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଭଗବାନ ପଣ୍ଡା କୁମୁଦିନୀଙ୍କୁ ପ୍ରାଥମିକ ଚିକିତ୍ସା କରିବା ପରେ ସୋମବାର ତାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ କୁମୁଦିନୀଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରାଯାଇଥିଲା।



କଟକ ବଡମେଡିକାଲକୁ କୁମୁଦିନୀଙ୍କୁ ସ୍ଥାନାନ୍ତର କରାଯାଇଛି ।

ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଦେଖିବା ପାଇଁ ବୁଧବାର ଜୁନାଗଡ ଏନଏସି ଅଧ୍ୟକ୍ଷା ବିଜୟା ଲକ୍ଷ୍ମୀ କନ୍ଦପାନ, ବିଜେଡି ଜିଲା ସଭାନେତ୍ରୀ କଲ୍ୟାଣୀ ନାଏକ, ବ୍ଲକ ସଭାନେତ୍ରୀ ମନିଷା ସାହୁ, ସାମାଜିକ କର୍ମୀ ଅମିତ ପୁରୋହିତ ପ୍ରମୁଖ ପହଞ୍ଚିଥିଲେ। କୁମୁଦିନୀଙ୍କ ସ୍ୱାସ୍ଥ୍ୟାବସ୍ଥା ରିପୋର୍ଟ ଆସିବା ପରେ ବୁଧବାର ସନ୍ଧ୍ୟାରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଏପଟେ ଜିଲା ପ୍ରଶାସନ ପକ୍ଷରୁ ମଧ୍ୟ କୁମୁଦିନୀଙ୍କୁ ରେଡକ୍ରସ ପକ୍ଷରୁ ସହାୟତା ଦେବା ପାଇଁ ମଞ୍ଜୁର କରାଯାଇଥିବା ଜଣାପଡିଛି। ଜୁନାଗଡ ବ୍ଲକ ମାଟିଗାଁ ଗ୍ରାମର କୁମୁଦିନୀ ଗତ ୩ ବର୍ଷ ହେଲା ଅଜଣା ରୋଗରେ ଆକ୍ରାନ୍ତ ହୋଇଛନ୍ତି। ତାଙ୍କ ହାତ, ଗୋଡ ଠିକ ଭାବରେ ଚଳ ପ୍ରଚଳ ହୋଇପାରୁନାହିଁ। ଫଳରେ ଦିନରାତି ସେ ଅତିକଷ୍ଟରେ ଅସହାୟ ଭାବରେ ଜୀବନ ଯାପନ କରୁଛନ୍ତି। ପୂର୍ବରୁ ତାଙ୍କ ବାପା ମଙ୍ଗଳି ଓ ମା’ ଖିତିସୁତାଙ୍କ ମୃତ୍ୟୁ ହୋଇସାରିଥିବା ବେଳେ ଏବେ ତାଙ୍କ ବୃଦ୍ଧା ଜେଜେମା ହେମ (୬୪) ସାହାର ପାଲଟିଛନ୍ତି। ବୃଦ୍ଧା ହେମ ତାଙ୍କୁ ନେବା ଆଣିବା କରିବା ସହ ମା’ ଭଳି ଖୁଆଇ ସେବା କରୁଛନ୍ତି। ସରକାରୀ ସହାୟତା ବାବଦକୁ କେବଳ ୩ ଶହ ଟଙ୍କା ଭତ୍ତା ବୃଦ୍ଧା ହେମଙ୍କୁ ମିଳୁଥିବା ବେଳେ ରାଶନ କାର୍ଡଟିଏ ମଧ୍ୟ ଏ ପର୍ଯ୍ୟନ୍ତ ମିଳିନାହିଁ। ଫଳରେ ଉଭୟଙ୍କ ପାଇଁ ଦୁଇ ଓଳି ଖାଇବା କଷ୍ଟକର ହୋଇପଡିଛି। ଏହି କ୍ଷେତ୍ରରେ କୁମୁଦିନୀଙ୍କ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି।

# ବିଧାୟକଙ୍କ କେସିଙ୍ଗା ସହର ପରିଦର୍ଶନ

**କେସିଙ୍ଗା,୨୬।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ସହର ୱାର୍ଡ ନଂ. ୧୦ ଓ ୧୧କୁ ଭବାନୀପାଟଣା ନିର୍ବାଚନ ମଣ୍ଡଳୀ ବିଧାୟକ ଅନାମ ନାଏକ ବୁଧବାର ସକାଳ ୭ଟାରେ ପରିଦର୍ଶନ କରିଥିଲେ । ସକାଳେ ବିଧାୟକ ନାଏକ ମର୍ଣ୍ଣିଂ ୱାର୍କରେ ଆସି ଉକ୍ତ ଦୁଇଟି ୱାର୍ଡର ପାନୀୟ ଜଳ, ରାସ୍ତା ଘାଟ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଡ୍ରେନ ସଫେଇ, ବିଦ୍ୟୁତ ପ୍ରଭୃତି ସମସ୍ୟା ଉପରେ ପଡାବାସୀଙ୍କ ସହିତ ଆଲୋଚନା କରିଥିଲେ। ଯେଉଁ ସବୁ ସମସ୍ୟାଗୁଡିକ ରହିଛି ତାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ପ୍ରତିଶ୍ରୁତି ଦେଇ ଭବାନୀପାଟଣା ଫେରି ଯାଇଥିଲେ। ଏହି ପରିଦର୍ଶନରେ ବିଜେଡି ଯୁବ ବାହିନୀ ସଭାପତି ଶିଶିର ପରିଡା, ଯୁବନେତା ଚମ୍ପକ ସାହା, ଦେବି ମିଶ୍ର ପ୍ରମୁଖ କର୍ମୀମାନେ ଯୋଗଦେଇଥିଲେ। ଏହି ଦୁଇଟି ୱାର୍ଡ ଡେଙ୍ଗୁ ପ୍ରବଣ ଅଞ୍ଚଳ ହୋଇଥିବାରୁ ଗତ ୨୦୧୧ରେ ୧୧ ଜଣଙ୍କ ମୃତ୍ୟୁ ଘଟିଥିଲା। କେସିଙ୍ଗା ସହର ୧୨ଟି ୱାର୍ଡ ମଧ୍ୟରୁ ୧୦ ଓ ୧୧ ନମ୍ବର ୱାର୍ଡରେ ଡେଙ୍ଗୁ ଓ ମ୍ୟାଲେରିଆ ଲୋକେ ଆକ୍ରାନ୍ତ ହୋଇଥାନ୍ତି ।



କେସିଙ୍ଗା ସହରର ୧୦ ନଂ. ୱାର୍ଡବାସୀଙ୍କ ସହିତ ବିଧାୟକ ଆଲୋଚନା କରୁଛନ୍ତି ।

## ସଂକ୍ଷେପରେ



### ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ ଲାଞ୍ଜିଗଡ଼ ବିଧାୟକ

**ଲାଞ୍ଜିଗଡ଼,୨୬।୯(ଡି.ଏନ.ଏ.)**- ଲାଞ୍ଜିଗଡ ବିଧାୟକ ତଥା କଳାହାଣ୍ଡି ଜିଲା ଯୋଜନା କମିଟି ଅଧ୍ୟକ୍ଷ ବଳଭଦ୍ର ମାଝିଙ୍କ ଇନୋଭା (ନଂ. ଓଆର୍ ୦୮ସି-୦୩୩୩) ବୁଧବାର ସକାଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଛି । ଏଥିରେ ବିଧାୟକ ବସିଥିବା ବେଳେ ସେ ଅଳ୍ପକେ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି । ସୂଚନାନୁଯାୟୀ, ବିଧାୟକ ମାଝି ସକାଳୁ ବିଶ୍ୱନାଥପୁରସ୍ଥିତନିଜ ବାସଭବନରୁ ବାହାରି ଜିଲା ଯୋଜନା କମିଟି ବୈଠକରେ ଯୋଗଦେବାକୁ ଭବାନୀପାଟଣା ଯାଉଥିଲେ । ଏହି ସମୟରେ ପୋଖରୀବନ୍ଧ-ସିରେକୁପା ମଝି ଢେପଗୁଡା ଘାଟି ନିକଟରେ ଏକ ପୋଲ ଭିତରେ ଖସି ପଡିଥିବା ଟ୍ରକକୁ ଉଦ୍ଧାର କରୁଥିବା ଏକ କ୍ରେନ୍ ତାଙ୍କ ଇନୋଭାକୁ ଧକ୍କା ଦେଇଥିଲା। ଏଥିରେ ଇନୋଭାର ଡାହାଣ ପଟ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାବେଳେ ଭାଗ୍ୟବଶତଃ ବିଧାୟକ କିମ୍ବା ତାଙ୍କ ଡ୍ରାଇଭରର କୌଣସି କ୍ଷତି ଘଟି ନ ଥିବା ଜଣାପଡିଛି । ଭବାନୀପାଟଣାରୁ ପୋଖରୀବନ୍ଧ ପର୍ଯ୍ୟନ୍ତ ରାସ୍ତାରେ ଖାଲଖମରେ ଭର୍ତ୍ତି ଥିବାବେଳେ ଅତି ଅଣଓସାରିଆ ରାସ୍ତା ଯୋଗୁ ଏଭଳି ଦୁର୍ଘଟଣା ଘଟୁଛି ବୋଲି ଚର୍ଚ୍ଚା ହେଉଛି ।



### ସଂସ୍କାର ଭାରତୀ କଳାକାର ସମ୍ମାନିତ

**ସେରଗଡ଼, ୨୬।୯ (ଡି.ଏନ.ଏ.)**- କଳାହାଣ୍ଡି ଜିଲା ନର୍ଲା ବ୍ଲକସ୍ଥିତ ପଲସାପଡ଼ା ଗ୍ରାମ ନୀଳଚକ୍ର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ସଂସ୍କାର ଭାରତୀ କଳାକାରମାନଙ୍କୁ ଭାଗବତ ଜନ୍ମ ଉତ୍ସବ ସନ୍ଧ୍ୟାରେ ମାନପତ୍ର ସହ ସମ୍ମାନିତ କରାଯାଇଛି। ଗଣେଶ ଚତୁର୍ଥୀ ଦିନ ସଂସ୍କାର ଭାରତୀ ପଲସାପଡ଼ାର କଳାକାରଙ୍କୁ ନେଇ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାୟ ୨୦ଜଣ କଳାକାରଙ୍କୁ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଛି। ସାଂସ୍କୃତିକ ମଞ୍ଚରେ ନର୍ଲା ନିର୍ବାଚନ ମଣ୍ଡଳୀ ଯୁବନେତା ତଥା ସାମାଜିକ କର୍ମୀ ଜିତୁ ମିଶ୍ର, ଗାଁ ଗୌନ୍ତିଆ ତ୍ରିନାଥ ନାଏକ, ପୂର୍ବତନ ସମିତି ସଭ୍ୟ ରାଧେଶ୍ୟାମ ଶର୍ମା, ଅନୁଷ୍ଠାନର ପୂର୍ବତନ ସଭାପତି ହିମାଞ୍ଚଳ ନାଏକ, ନେହେରୁ ଯୁବ କେନ୍ଦ୍ର ସଭ୍ୟ ହେମସାଗର ସାହୁ ପ୍ରମୁଖ ଉପସ୍ଥିତ ରହି କଳାକାରଙ୍କୁ ସମ୍ମାନିତ କରିଥିଲେ। ସଭା ପରିଚାଳନା ଶିକ୍ଷକ ସୁରେଶ ଶର୍ମା କରିଥିବା ବେଳେ ଶିକ୍ଷକ ବଂଶୀଧର ନାଏକ ଧନ୍ୟବାଦ ଦେଇଥିଲେ।

# ବିଶ୍ୱସ୍ତରୀୟ କର୍ମଶାଳା କଳାହାଣ୍ଡି ଡାଏଲଗ୍ ୨୮ରେ

**ଧର୍ମଗଡ/ ଭବାନୀପାଟଣା, ୨୬।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣାଠାରେ ଆସନ୍ତା ୨୮ ତାରିଖରେ ବିଶ୍ୱସ୍ତରୀୟ କର୍ମଶାଳା ‘କଳାହାଣ୍ଡି ଡାଏଲଗ୍’ ଉଦଘାଟିତ ହେବ। ଜିଲାର ଐତିହ, ପରମ୍ପରା, ସଂସ୍କୃତି ଏବଂ ସାମ୍ପ୍ରତିକ ବିକାଶ ଧାରାକୁ ଲୋକ ଲୋଚନକୁ ଆଣିବା ଉଦ୍ଦେଶ୍ୟରେ ଏହି କର୍ମଶାଳାର ଆୟୋଜନ କରାଯାଉଛି। ଏହି କର୍ମଶାଳାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବେ ବୋଲି ବୁଧବାର ସ୍ଥାନୀୟ ଭାଗୀରଥି ଇନ କନଫରେନ୍ସ ହଲଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ରାଜ୍ୟ ଯୋଜନା ବୋର୍ଡ ସ୍ୱତନ୍ତ୍ର ସଚିବ ତଥା କଳାହାଣ୍ଡି ଡାଏଲଗ ଅଧ୍ୟକ୍ଷ ସୁଜିତ କୁମାର ଏହି ସୂଚନା ଦେଇଛନ୍ତି । ଏହି କର୍ମଶାଳା ୩ ଦିନ ଧରିହେବାକୁ ଥିବା ବେଳେ ଏଥିରେ ବିଶ୍ୱସ୍ତର ସହ କଳାହାଣ୍ଡି ଜିଲାରୁ ବହୁ ବୁଦ୍ଧିଜୀବୀ, ନୀତି ନିର୍ଦ୍ଧାରକ, ବିକାଶର ଉଦ୍ୟୋକ୍ତା, ସାମାଜିକ ଉଦ୍ୟୋକ୍ତା, ସାମାଜିକ କର୍ମୀମାନେ ଯୋଗଦେଇ ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା, ତର୍କ ବିତର୍କରେ ଭାଗ ନେଇ ସାମଗ୍ରୀକ ନିର୍ଯ୍ୟାସର ଏକ ବିଶ୍ୱସ୍ତରୀୟ ଚିଠା କଳାହାଣ୍ଡି ଡାଏଲଗ ପ୍ରକାଶିତ ହେବ । ଏହି କାର୍ଯ୍ୟକ୍ରମରେ ୨୦୦ ବିଶ୍ୱ ବିଦ୍ୟାଳୟ ଛାତ୍ରୀଛାତ୍ର, ୧୦୦ ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ଏବଂ ବହୁ ପ୍ରତିଷ୍ଠିତ ବ୍ୟକ୍ତିମାନେ ଉପସ୍ଥିତ ରହିବେ । ଏହି ଅବସରରେ ଜିଲାର ନାମକୁ ଯେଉଁ ବ୍ୟକ୍ତିମାନେ ଗୋରାବନ୍ୱିତ କରିଛନ୍ତି ଏବଂ ବିଶ୍ୱସ୍ତରରେ ସୁନାମ ଅର୍ଜନ କରିଛନ୍ତି ସେହି ୫ଜଣ ବ୍ୟକ୍ତଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିବେ। ଖବରଦାତା ସମ୍ମଳନୀରେ କଳାହାଣ୍ଡି ଡାଏଲଗ ସଦସ୍ୟ ହୃଷୀକେଶ ମିଶ୍ର, କଳାହାଣ୍ଡି ଡାଏଲଗ ପ୍ରୋଜେକ୍ଟ ମ୍ୟାନେଜର ସିଧାର୍ଥ ମିଶ୍ର, ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ସଭାପତି ଶୁଶାନ୍ତ ମହାପାତ୍ର, ମହାବୀର ସାଂସ୍କୃତିକ ଅନୁଷ୍ଠାନ ବିରଞ୍ଚି ପଣ୍ଡା ଏବଂ ସୁଭମ ଅନୁଷ୍ଠାନ ଶୁଶାନ୍ତ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।




ଖବରଦାତା ସମ୍ମିଳନୀରେ ଡାଏଲଗ୍ କଳାହାଣ୍ଡି ପକ୍ଷରୁ ସୂଚନା ଦିଆଯାଉଛି।

## ଶ୍ରୀମଦ୍ ଭାଗବତ ଜନ୍ମୋତ୍ସବ, ପାରାୟଣ

**ଭବାନୀପାଟଣା,୨୬।୯ (ଡି.ଏନ.ଏ.)**

ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ କନ୍ଧବାନ୍ଧୋପଲା ଶ୍ରୀମଦ୍ ଭାଗବତ ଟୁଙ୍ଗୀ ଆନୁକୂଲ୍ୟରେ ଶ୍ରୀମଦ୍ ଭାଗବତଙ୍କ ଜନ୍ମ ଉତ୍ସବ ବୁଧବାର ମହାସମାରୋହରେ ପାଳିତ ହୋଇଯାଇଛି। କନ୍ଧବାନ୍ଧୋପଲା ଗଜଲକ୍ଷ୍ମୀ ପୂଜା କମିଟି ସଦସ୍ୟ ସଦସ୍ୟାଗଣ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂସ୍ଥା କେଫ୍ୟୁ ସହଯୋଗରେ ୨୫ ତାରିଖରେ ପୂଜନ କାର୍ଯ୍ୟକ୍ରମ ଜାତୀୟ ରାଜପଥ ୨୬ ରାସ୍ତାର ଉପର ପଡାରେ ଆୟୋଜିତ ହୋଇଥିଲା। ଏହି ଅବସରରେ ଭାଗବତ ପ୍ରେମି ଓ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ନେଇ ନାମ ସଙ୍କୀର୍ତ୍ତନ ସହିତ ଭଗବାନ ଶ୍ରୀମଦ୍ ଭାଗବତଙ୍କ ଜନ୍ମ ପାଳନ କରିବା ସହିତ ଭାଗବତ ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ଲକ୍ଷ୍ମୀଧର ବେହେରା, ପଦ୍ମଲୋଚନ ସାହୁ, ଖର୍ଶେଲ ରଣା, ଯୁଗଧର ରଣା, ଝସକେତନ ରଣା, ଭାଗିରଥି ରଣା ଓ ଗଜଲକ୍ଷ୍ମୀ ପୂଜା କମିଟି ସକ୍ରିୟ ସଦସ୍ୟ ଧନେଶ୍ୱର ସାହୁ, ଦୁଲମଣି ପଟେଲ, ଉଜ୍ଜଳରଣା, ଭାଗିରଥି ରାଣା, ଲମ୍ବୋଦର ସାହୁ, ନକୁଳ କାଣ୍ଡ, ସଦସ୍ୟା କନକଲତା ବେହେରା, କସ୍ତୁରୀ ବେହେରା, ଜମୁନା ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶ୍ରୀମଦ୍ ଭାଗବତ ଟୁଙ୍ଗୀ କନ୍ଧବାନ୍ଧୋପଲାର ସଭାପତି ଧର୍ମଦେବ ସାହୁ ଓ ସମ୍ପାଦକ କଲ୍ୟାଣ ବେହେରା ଓ ଶିକ୍ଷାବିତ୍ ଡୋଳାମଣି ସାହୁ ତଥା କେଫ୍ୟୁର ସଭାପତି ନାଦରାଜ ନାଏକ ଓ ସମ୍ପାଦକ ହୃଷିକେଶ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଗାଁରେ ପହଞ୍ଚିଲା ପୁଣି ଜଣେ ଦାଦନଙ୍କ ମୃତଦେହ

## ■ କର୍ଲାମୁଣ୍ଡା ବ୍ଲକ : ମାସେ ମଧ୍ୟରେ ୩ ଦାଦନଙ୍କ ମୃତ୍ୟୁ

**କର୍ଲାମୁଣ୍ଡା,୨୬।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇ ଗତ ଏକ ମାସ ମଧ୍ୟରେ ୩ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିବା ଘଟଣା ଅଞ୍ଚଳରେ ଆଲୋଡନା ସୃଷ୍ଟି କରିଛି। ଏପରି ସ୍ଥଳେ କର୍ଲାମୁଣ୍ଡା ବ୍ଲକ ସାପଲହରା ପଞ୍ଚାୟତ କଣ୍ଡରେଇ ଗ୍ରାମର ଜଣେ ଯୁବ ଦାଦନ ଶ୍ରମିକଙ୍କ ସୋମବାର ବାଙ୍ଗାଲୋରରେ ମୃତ୍ୟୁ ଘଟିଛି। ସେ ହେଲେ କଣ୍ଡରେଇ ଗ୍ରାମର ରଞ୍ଜନ ଗହୀର (୨୨) ।

ରଞ୍ଜନ ଗହୀର କିଛି ମାସ ତଳେ କର୍ଣ୍ଣାଟକର ବାଙ୍ଗାଲୋରକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ସେ ଏକ କମ୍ପାନୀରେ କାମ କରୁଥିବା ବେଳେ ତାଙ୍କର ହଠାତ୍ ମୃତ୍ୟୁ ହୋଇଥିଲା। ତାଙ୍କ



ରଞ୍ଜନ ଗହୀରଙ୍କ ଫାଇଲ ଫଟୋ।

ମୃତ୍ୟୁ ଖବର ଫୋନ ମାଧ୍ୟମରେ ପାଇ ତାଙ୍କ ବାପା ଖୁସିରାମ ଗହୀର ଏକ ମାତ୍ର ପୁଅଙ୍କ ମୃତଦେହ ଆଣିବା ପାଇଁ କେସିଙ୍ଗା ଷ୍ଟେଶନରୁ ଟ୍ରେନ ଯୋଗେ ବାଙ୍ଗାଲୋର ଅଭିମୁଖେ ବାହାରିଥିଲେ। ତେବେ ରଞ୍ଜନଙ୍କ ମୃତଦେହ ଆମ୍ବୁଲାନ୍ସ ଯୋଗେ ମଙ୍ଗଳବାର ରାତିରେ ଗାଁରେ ପହଞ୍ଚିଥିଲା। ଶବ ପହଞ୍ଚିବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଅଗଷ୍ଟ ଶେଷ ସପ୍ତାହରେ କୁନ୍ଦେଇପାଲି ଗ୍ରାମର ଦୁଇ ଜଣ ଦାଦନ ଶ୍ରମିକଙ୍କ ମୃତଦେହ ଗାଁକୁ ଫେରିଥିବା ବେଳେ ଏହାର କିଛି ଦିନ ମଧ୍ୟରେ ଏବେ ରଞ୍ଜନଙ୍କ ମୃତଦେହ ଗାଁକୁ ଫେରିଛି । ସେହିପରି ଗତ ଦୁଇ ବର୍ଷ ମଧ୍ୟରେ ଏହି ବ୍ଲକର ପ୍ରାୟ ୭ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଲାଣି । ହେଲେ ଶ୍ରମ ବିଭାଗ ପକ୍ଷରୁ ମୃତବ୍ୟକ୍ତିଙ୍କ ପରିବାରକୁ କୌଣସି ପ୍ରକାର ସହାୟତା ଦିଆଯାଇ ନାହିଁ କିମ୍ବା ଶ୍ରମିକମାନଙ୍କ ନାମ ପଞ୍ଜୀକରଣ କରାଯାଉ ନ ଥିବାରୁ ରାଜ୍ୟ ବାହାରେ ସେମାନଙ୍କ ମୃତ୍ୟୁ ଘିଟିଲେ ପରିବାର ଲୋକେ ସହାୟତା ପାଇବାରୁ ବଞ୍ଚିତ ହେଉଛନ୍ତି।

# ଦୂରଦର୍ଶନ କେନ୍ଦ୍ର ଉନ୍ନତି ପାଇଁ ଦାବିପତ୍ର

**ଭବାନୀପାଟଣା,୨୬।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ସଦର ମହକୁମାଠାରେ ୧୯୯୪ଠାରୁ ସ୍ଥାପିତ ଭବାନୀପାଟଣା ଦୂରଦର୍ଶନ କେନ୍ଦ୍ର ବର୍ତ୍ତମାନ ସ୍ଥାଣୁ ପାଲିଟିଯାଇଛି । ଏହାକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ନିମନ୍ତେ ଭବାନୀପାଟଣାର କଳା ସଂସ୍କୃତି ସମନ୍ୱୟ ସମିତି ପକ୍ଷରୁ ଏକ ସ୍ମାରକପତ୍ର ଦୂରଦର୍ଶନର ନୂଆଦିଲ୍ଲୀସ୍ଥିତ ମହାନିର୍ଦ୍ଦେଶକଙ୍କୁ ଉଦ୍ଦେଶ୍ୟରେ ଗତ ମଙ୍ଗଳବାର ଭବାନୀପାଟଣା ଦୂରଦର୍ଶନ କେନ୍ଦ୍ର ଦାୟିତ୍ୱରେ ଥିବା କେନ୍ଦ୍ର ନିର୍ଦ୍ଦେଶଙ୍କୁ ପ୍ରଦାନ କରାଯାଇଛି । ସମନ୍ୱୟ ସମିତି ଆବାହକ ଶାନ୍ତନୁ କୁମାର ମୁଣ୍ଡଙ୍କ ନେତୃତ୍ୱରେ ପ୍ରଦାନ କରାଯାଇଥିବା ଏହି ଦାବିପତ୍ରରେ ଭବାନୀପାଟଣା ଦୂରଦର୍ଶନ କେନ୍ଦ୍ରରେ ଥିବା ପୁରାତନ ସେଟଅପ୍‌କୁ ବଦଳାଇ ଡିଜିଟାଲ ସେଟ୍‌ଅପ୍ କରିବା ଭବାନୀପାଟଣା କେନ୍ଦ୍ରରେ ଥିବା ମୂଲ୍ୟବାନ କେମେରା ଓ ଆନ୍ୟାନ୍ୟ ଯନ୍ତ୍ରପାତିଗୁଡିକୁ ଏଠାରୁ ଅନ୍ୟ ଷ୍ଟେଶନ୍‌କୁ ସ୍ଥାନାନ୍ତର ନ କରିବା ଆବଶ୍ୟକ ଅନୁଯାୟୀ ଯଥେଷ୍ଟ ଟେକ୍‌ନିକାଲ୍ କର୍ମଚାରୀ ଓ ଇଞ୍ଜିନିୟରଙ୍କୁ ଯୋଗାଇଦେବା ବିନା ସବ୍‌ଷ୍ଟିଚ୍ୟୁଟ୍‌ରେ ଏଠାରୁ ବଦଳି ହେଉଥିବା କର୍ମଚାରୀମାନଙ୍କୁ ରିଲିଭ ନ କରିବା, ବର୍ତ୍ତମାନ କାର୍ଯ୍ୟକାରୀ କରାଯାଉଥିବା ସପ୍ତାହର ସୋମବାର ଓ ଗୁରୁବାର ଦିନର ମାତ୍ର ୩୦ ମିନିଟର କାର୍ଯ୍ୟକ୍ରମର ସମୟ ବୃଦ୍ଧି କରାଯିବା, ସ୍ଥାନୀୟ ସମ୍ବାଦ ପ୍ରଚାର ପାଇଁ ସର୍ବନିମ୍ନ ୫ ମିନିଟ ସମୟ ଦେବା ତଥା କେନ୍ଦ୍ରକୁ ଏକ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ କେନ୍ଦ୍ରରୂପେ ପରିଗଣିତ କରିବା ପାଇଁ ଆବଶ୍ୟକ ଯନ୍ତ୍ରପାତି ଓ ଷ୍ଟାଫ୍ ଯୋଗାଇ ଦେବା ପାଇଁ ମୁଖ୍ୟ ଦାବିଗୁଡିକ ଉଲ୍ଲେ ଖରହିଛି । ଏହା ବ୍ୟତୀତ ସ୍ଥାନୀୟ ପ୍ରତିଭାମାନଙ୍କୁ ଚିହ୍ନଟକରି ସ୍ଥାନୀୟ କଳାକାରମାନଙ୍କୁ ନେଇ ଉନ୍ନତମାନ କାର୍ଯ୍ୟକ୍ରମ ପ୍ରସ୍ତୁତ ନିମନ୍ତେ ମଧ୍ୟ ଦାବି କରାଯାଇଛି । ସ୍ଥାନୀୟ ଦୂରଦର୍ଶନ କେନ୍ଦ୍ର ନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ କଲେ କଳା ସଂସ୍କୃତି ସମନ୍ୱୟ ସମିତିର ଆବାହକ ମୁଣ୍ଡଙ୍କ ସହ ସମିତି ବରିଷ୍ଠ ସଦସ୍ୟ ପ୍ରଭାସ ଚନ୍ଦ୍ର ମିଶ୍ର, ଉମେଶ ଚନ୍ଦ୍ର ପଣ୍ଡା, ସୁନୀଲ କୁମାର ବେହେରା ଓ ଆବ୍ଦୁଲକାଦିର ପ୍ରମୁଖ ଉପସ୍ଥିତ ଥିଲେ ।

# କଂଗ୍ରେସର ମୋ ବୁଥ୍, ମୋ ଗୌରବ କାର୍ଯ୍ୟକ୍ରମ

**ଜୁନାଗଡ,୨୬।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମାଲିଗୁଡା ପଞ୍ଚାୟତ ବୋଦେଲ ଓ ସନ୍ୟାସୀକୁଣ୍ଡାମାଲ ପଞ୍ଚାୟତ ଘୋଲିଜିବାଠାରେ ବୁଧବାର କଂଗ୍ରେସର ମୋ ବୁଥ, ମୋ ଗୌରବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚାରବାହାଲ ଜୋନ ସଭାପତି ତଥା ଯୁବ ଆଇନଜୀବୀ ଚିତ୍ତ ରଞ୍ଜନ ନିଆଲଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗଗନେଶ୍ୱର ବାଗ, କ୍ଷୀରସିନ୍ଧୁ ବାଗ, ମଣିରାମ ବେମାଲ, ନିତେଶ ସିଂ, ଅଜିତ ପଟେଲ, ମେଘ ସୁନାନୀ, ବଡ ନିଆଲ, ହରିଶଙ୍କର ଉଙ୍ଗରୀ, ଧନବଲ ମାଝି, ସୁନିଲ ନିଆଲ, ଘନଶ୍ୟାମ ରଣା, ବି ଗ୍ରେଡ ସେବା ଦଳ ଯୁବ କଂଗ୍ରେସ ସଭାପତି ଗୋକୁଲ ଚନ୍ଦ୍ର ନାଗ ପ୍ରମୁଖ ଉପସ୍ଥିତ ଥିଲେ। ତୃଣମୂଳସ୍ତରରେ କଂଗ୍ରେସର ସଙ୍ଗଠନ କିପରି ମଜଭୁତ ହୋଇ ପାରିବ ସେ ନେଇ ଆଲୋଚନା କରାଯାଇଥିଲା। ଏହାସହ ବିଭିନ୍ନ ପ୍ରସଙ୍ଗରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରାଯାଇଥିଲା। ଅନ୍ୟପକ୍ଷରେ ବୋଦେଲର ନୂତନ ବୁଥ ସଭାପତି ଭାବେ ଗଗନେଶ୍ୱର ବାଗ ଓ ଘୋଲିଜିବା ପାଇଁ ବଡ ନିଆଲଙ୍କୁ ମନୋନୀତ କରାଯାଇଛି।




ମୋ ବୁଥ୍, ମୋ ଗୌରବ କାର୍ଯ୍ୟକ୍ରମରେ ଉପସ୍ଥିତ କଂଗ୍ରେସ କର୍ମୀମାନେ ।

## ଭାଗବତ ଜନ୍ମ ପାଳିତ

**ସେରଗଡ଼,୨୬।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ସେରଗଡ଼ ଜଗନ୍ନାଥ ମନ୍ଦିରଠାରେ ମିଳିତ ଭାଗବତ ସଂଘ ପକ୍ଷରୁ ମଙ୍ଗଳବାର ଭାଗବତ ଜନ୍ମ ପାଳିତ ହୋଇଯାଇଛି । ଏହି ଅବସରରେ ଭୋରରୁ ମିନ୍ଦିରରେ ମଙ୍ଗଳ ଆରତି ପରେ ଶ୍ରୀମଦ୍ ଭାଗବତ ମହାପୁରାଣ ପୂଜନ, ହୋମ, ସଂକଳ୍ପ, ପୁଷ୍ପାଞ୍ଜଳୀ ପରେ ଶ୍ରୀମଦ୍ ଭାଗବତ ପୁରାଣ ପ୍ରଥମ ସ୍କନ୍ଧର ପ୍ରଥମ ଅଧ୍ୟାୟରୁ ସପ୍ତମ ଅଧ୍ୟାୟ ପାରାୟଣ କରାଯାଇଥିଲା । ସଂଘ ପକ୍ଷରୁ ସନ୍ଧ୍ୟାରେ ନାମ ସଂର୍କିତ୍ତନ, ପ୍ରାରମ୍ଭିକ ଭଜନ ସଦ୍‌ସଙ୍ଗ ସଭାର ଆୟୋଜନ କରାଯାଇଥିଲା । ସଂଘ ସ୍ଥାୟୀ ସଭାପତି ପଞ୍ଚାନନ ଭୋଇ ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ବବୃବାହାନ ପଧାନ ପ୍ରରମ୍ଭିକ ଭଜନ ଗନ କରିଥିଲେ । ଯଜ୍ଞ କର୍ତ୍ତା ଭାବେ ପର୍ଶୁରାମ ସାହୁ ଓ ପୂର୍ଣ୍ଣମୀ ସାହୁ ଦାୟୀତ୍ୱ ତୁଲାଇଥିଲେ। ପୁରୋହିତ ପଣ୍ଡିତ ପ୍ରେମଲାଲ ପଣ୍ଡା ପୂଜା କାର୍ଯ୍ୟ ସମ୍ପାଦନା କରିଥିବା ବେଳେ ଗ୍ରାମ ଗୌନ୍ତିଆ ମାଧବ ନାଏକ, ଗୋବିନ୍ଦ ସାହୁ, ଭୋଜରାଜ ସାହୁ, କିଶୋର ମାଝି, ଉପାସୁ ସରାଫ, ରମେଶ ଚନ୍ଦ୍ର ସାହୁ, ନାଥ ଭୋଇ, ପ୍ରହ୍ଲାଦ ପଧାନ ପ୍ରମୁଖ ସହଯୋଗ କରିଥିଲେ।

# ମୋ ସ୍କୁଲ ଅଭିଯାନ ସହ ସ୍ୱଚ୍ଛତା ପକ୍ଷ ପାଳିତ

**ଭବାନୀପାଟଣା,୨୬।୯ (ଡି.ଏନ.ଏ.)**

ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ଗୁଡିଆଲିପଦର ଗ୍ରାମପଞ୍ଚାୟତ ଇଚ୍ଛାପୁରଠାରେ ଥିବା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଗତ ମଙ୍ଗଳବାର ବିଦ୍ୟାଳୟସ୍ତରୀୟ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ସହିତ ସବୁଦିନ ଯିବା ସ୍କୁଲ ଓ ସ୍ୱଚ୍ଛତା ପକ୍ଷ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କବିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗନ୍ନାଥ ପୁରୋହିତ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ପରିବେଶ ବିତ୍ ତଥା ମୋ ସ୍କୁଲ ଅଭିଯାନ ଜିଲା କମିଟି ସଦସ୍ୟ ରବିନ୍ଦ୍ର ପଟ୍ଟନାୟକ, ଗଣନାଥପୁର ସିଆରସିସି ଜଗନ୍ନାଥ ଦାଶ, ଦେପୁର ସିଆରସିସି ଜୟନ୍ତ କୁମାର ପତି, ମେଦିନୀପୁର ସିଆରସିସି ରାଧେଶ୍ୟାମ ଦାସ ଓ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଶୂନ୍ୟ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ । ପୁରାତନ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ




ମୋ ସ୍କୁଲ ଏବଂ ସ୍ୱଚ୍ଛତା ପକ୍ଷ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ପରେ ପରେ ସିଆରସିସି ଜଗନ୍ନାଥ ଦାଶଙ୍କ ସଂଯୋଜନାରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ପ୍ରାରମ୍ଭରେ ବିଦ୍ୟାଳୟ କୁନିକୁନି ଛାତ୍ରୀଛାତ୍ରଙ୍କ ଦ୍ୱାରା ‘ସ୍ୱଚ୍ଛ ମନ ଓ ସ୍ୱଚ୍ଛ ଭାରତ’ ଶୀର୍ଷକ ଏକ ସଚେତନତାଧର୍ମୀ ଏକାଙ୍କିକା ପରିବେଶଣ କରାଯିବା ସହ ‘ଆସ ସବୁଦିନେ ସ୍କୁଲଯିବା’ ଓ ‘ମୋ ସ୍କୁଲ ଅଭିଯାନ’ ସମ୍ପର୍କିତ ନୃତ୍ୟ ସଙ୍ଗୀତ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା। ବିଦ୍ୟାଳୟ ଶିକ୍ଷୟିତ୍ରୀ ବସୁମତୀ ସାହୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ମୁଖ୍ୟଅତିଥି ପୁରୋହିତ ଏବଂ ଅନ୍ୟାନ୍ୟ ଅତିଥିମାନେ ମୋ ସ୍କୁଲ ଅଭିଯାନରେ ପୁରାତନ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ଭୂମିକା ସମ୍ପର୍କରେ ବିଭିନ୍ନ ଆଲୋଚନା କରିଥିଲେ । ଏଥି ସହ ଆଜିର କାର୍ଯ୍ୟକ୍ରମରେ ଏତେ ସଂଖ୍ୟକ ଅଭିଭାବକ, ପୁରାତନ ଛାତ୍ରଛାତ୍ରୀ ଓ ଗ୍ରାମବସୀ ଉପସ୍ଥିତ ଥିବାରୁ ପ୍ରଶଂସା କରିବା ସହ ଏହି ଭଳି ଗୋଷ୍ଠୀ ସହାୟତା ମିଳିଲେ ବିଦ୍ୟାଳୟ ନିଶ୍ଚୟ ଜିଲାର ଏକ ଆଦର୍ଶ ବିଦ୍ୟାଳୟର ମାନ୍ୟତା ଲାଭ କରିବ ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ମୋ ସ୍କୁଲ ଅଭିଯାନ ପାଣ୍ଠି ନିମନ୍ତେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଓ ଶହ ଶିକ୍ଷୟିତ୍ରୀମାନେ ୧୦ ହଜାର ଟଙ୍କା ଓ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଏବଂ ତାଙ୍କ ସହପାଠୀମାନେ ୧୦ ହଜାର ଟଙ୍କା ଦାନ କରିଥିଲେ । ବିଦ୍ୟାଳୟର ଅନ୍ୟ ପୁରାତନ ଛାତ୍ରୀଛାତ୍ରମାନେ ମଧ୍ୟ ଆର୍ଥୀକ ସାହାଯ୍ୟ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ପୁଷ୍ପମିତ୍ରା କାନୁନ୍‌ଗୋ ଗୋଟିଏ ୱାଟର ଫିଲ୍‌ଟର ଓ ସଂଘମିତ୍ରା କାନୁନ୍‌ଗୋ ଏକ ଟେବୁଲ ପ୍ରଦାନ କରିଥିଲେ । ସିଆରସିସି ଜଗନ୍ନାଥ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।



ଅଶେଷ ଦୁର୍ଗତି ଓ ଦୁଃସମୟରେ ମଧ ଯେଉଁମାନେ ଶାନ୍ତ ଓ ସ୍ଥିର ରହିପାରନ୍ତି, ସେମାନେ ଦୃଢ଼ମନା ଏବଂ ସ୍ଥିର ଚିତ୍ତ ଅଟନ୍ତି।
- ସାରଳା ଦାସ

## ସଂକ୍ଷେପରେ

### ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

**ଡୁଙ୍ଗୁରିପାଲି,୨୬।୯(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଜୟ ମାତାଦୀ କ୍ଲବ ବସଷ୍ଟାଣ୍ଡ ଦୁର୍ଗାପୂଜା କମିଟିର ପ୍ରସ୍ତୁତି ବୈଠକ ସ୍ଥାନୀୟ ଦୁର୍ଗାପୂଜା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସଙ୍ଖାଳି ସାହୁ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଆଗାମୀ ଦୁର୍ଗା ପୂଜାପାଇଁ ଏକ କମିଟି ଗଠନ କରାଯାଇଛି। କମିଟି ସଭାପତି ଭାବେ ଶଙ୍ଖାଳି ସାହୁ, ଉପସଭାପତି ଲବ ପଧାନ, ସମ୍ପାଦକ ଶିବ ବୁଡେକ୍, ସହସମ୍ପାଦକ ପ୍ରଦୀପ ବାରିକ, କୋଷାଧକ୍ଷ ଭାବରେ ଦାଶ ବାରିକ,ସହ କୋଷାଧକ୍ଷ ଭାବରେ ରମେଶ ଗଡତିଆଙ୍କୁ ଚୟନ କରାଯାଇଛି। ସାଂସ୍କୃତିକ କାର୍ଯ୍ୟକ୍ରମ ଦାୟିତ୍ୱ ମୁକେଶ ଭୋଇ, ବୀରେନ୍ଦ୍ର ଭୋଇ, ସୁବୋଧ ମହାଲିଙ୍ଗ ଉପରେ ନ୍ୟସ୍ତ ରହିଛି। ଉପଦେଷ୍ଟା କମିଟିରେ ଚକା ମେହେର, ଗୋପାଳ ବାରି, ପବିତ୍ର ମୋହନ ପାଣ୍ଡିଆ, ଲକ୍ଷ୍ମଣ ମେହେର, ସୁନିଲ ଅଗ୍ରୱାଲ, ମାକ୍ରଣ୍ଡ ବେହେରାଙ୍କୁ ଚୟନ କରାଯାଇଛି।

### ଭାଗବତ ଜନ୍ମ ଅନନ୍ତମୁଖୀ ପାରାୟଣ

**ଖପ୍ରାଖୋଲ, ୨୬।୯(ଡି.ଏନ.ଏ.):** ଖପ୍ରାଖୋଲ ଜଗନ୍ନାଥ ମନ୍ଦିର ପରିସରରେ ଶ୍ରୀମଦ ଭାଗବତ ଜନ୍ମ ଉତ୍ସବ ଓ ଅନନ୍ତମୁଖି ଭାଗବତ ପାରାୟଣ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସକାଳୁ ବେଦମନ୍ତ୍ର ସହ ପୂଜାପାଠ, ଭାଗବତ ଦ୍ୱାଦଶ ସ୍କନ୍ଦ ପୂଜନ ଅନୁଷ୍ଠିତ ହୋଇଥିଲା। ପରେ ବ୍ରାହ୍ମଣମାନେ ସମସ୍ତ ଭାଗବତ ପଠନ କରିଥିଲେ। ଏକା ସାଙ୍ଗରେ ଅନେକ ବ୍ରାହ୍ମଣ ଭାଗବତ ପଠନ କରୁଥିବାରୁ ଗାଁରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଅପରାହ୍ନରେ ହୋମଯଜ୍ଞ ସହ ଅନନ୍ତମୁଖୀ ଉଦ୍‌ଯାପିତ ହୋଇଥିଲା। ପୂଜାକର୍ତ୍ତାଭାବେ ନିରାକାର ବାରିକ ସପତ୍ନୀକ କାର୍ଯ୍ୟ ସମ୍ପାଦନ କରିଥିଲେ।

### ଶୃଙ୍ଖଳିତ ଦୁର୍ଗାପୂଜା ଉପରେ ଗୁରୁତ୍ୱ

**ଗୁଡ଼ଭେଲା,୨୬।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଅନ୍ତର୍ଗତ ଡାହିମାଳର ୧୯ତମ ସାର୍ବଜନୀନ ଦୁର୍ଗାପୂଜା ପାଇଁ ବିପିନ ମହାଲିଙ୍ଗଙ୍କ ସଭାପତିତ୍ୱରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳା ସହ ପାଳନ କରାଯିବ। ୧୬ ପହର ନାମଯଜ୍ଞ ଆୟୋଜନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଶୃଙ୍ଖଳିତ ପୂଜା ପାଇଁ ଏକ ପରିଚାଳନା କମିଟି ଗଠିତ ହୋଇଛି। ସଭାପତିଭାବେ ଅନନ୍ତ ରଣା, ଉପସଭାପତି ସତ୍ୟଭାନ ଭୋଇ, ସମ୍ପାଦକ ଜଗମୋହନ ତ୍ରିପାଠୀ, ସହସମ୍ପାଦକ ଅଭିରାମ ବୁଡେକ, ଦେବିନ ମନହୀରା କୋଷାଧକ୍ଷଭାବେ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ମୁକେଶ ପ୍ରଧାନ, କୈଳାଶ ମନହୀରା, ରାଧାନାଥ ଭୋଇ, ଅନନ୍ତ ସାହୁ ପ୍ରମୁଖ କମିଟିର ସଦସ୍ୟ ରହିଛନ୍ତି।

**ଆଜି କ'ଣ କେଉଁଠି ସ୍ତମ୍ଭରେ**
ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ବଲାଙ୍ଗୀର ଜିଲା ପରିଷଦ ବୈଠକ

# ଚାଷ କ୍ଷୟକ୍ଷତି, କୃଷିବୀମା ପୁନଃ ଆକଳନ ଦାବି

**ବଲାଙ୍ଗୀର ଅଫିସ, ୨୬।୯**

ଚକଡା ପୋକ ଉପଦ୍ରବକୁ ନେଇ ସତର୍କ କରାଇଲେ ନରସିଂହ



ବଲାଙ୍ଗୀର ଜିଲା ପରିଷଦ ବୈଠକରେ ଉପସ୍ଥିତ ଜନପ୍ରତିନିଧି, ସରକାରୀ ଅଧିକାରୀ।

ବଲାଙ୍ଗୀର ଡିଆରଡିଏ ସମ୍ମିଳନୀ କକ୍ଷରେ ଜିଲା ପରିଷଦ ଅଧକ୍ଷା ଭାରତୀ ମହାନନ୍ଦଙ୍କ ଅଧକ୍ଷତାରେ ବୁଧବାର ଜିଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବଲାଙ୍ଗୀର ବିଧାୟକ ତଥା ରାଜ୍ୟ ବିରୋଧୀଦଳ ନେତା ନରସିଂହ ମିଶ୍ର, ଲୋଇସିଂହା ବିଧାୟକ ଯୋଗେନ୍ଦ୍ର ବେହେରା, କଣ୍ଟାବାଞ୍ଜି ବିଧାୟକ ମହମ୍ମଦ ଆୟୁବ ଖାନ୍, ଟିଟିଲାଗଡ ବିଧାୟିକା ଟୁକୁନୀ ସାହୁ, ଜିଲା ପରିଷଦ ଉପାଧକ୍ଷ ପାଣ୍ଡବ ସାହୁ, ପାଟଣାଗଡ ବିଧାୟକ ପ୍ରତିନିଧି ମାଧବ ସାଏ, ଜିଲାପାଳ ଅରିନ୍ଦମ ଡାକୁଆ, ଡିଆରଡିଏ ପିଡି ଡ ମହେଶ୍ୱର ସ୍ୱାଇଁ, ସମସ୍ତ ଜିଲା ପରିଷଦ ସଦସ୍ୟା, ସଦସ୍ୟ, ବ୍ଲକ ଅଧକ୍ଷା, ଅଧକ୍ଷ, ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ବୈଠକରେ ମେ ମାସ ୨୫ ତାରିଖରେ ଅନୁଷ୍ଠିତ ଜିଲା ପରିଷଦ ବୈଠକରେ ପ୍ରସ୍ତାବିତ ବିଭିନ୍ନ ପ୍ରକଳ୍ପର ଅନୁପାଳନ ବିବରଣୀ ସମ୍ପର୍କରେ ଆଲୋଚନା କରାଯାଇ ଏହାକୁ ଅନୁମୋଦନ କରାଯାଇଥିଲା।

ବୈଠକରେ ବିରୋଧୀଦଳ ନେତା ମିଶ୍ର ଜିଲାର କୃଷି ଓ କୃଷକ ସମସ୍ୟାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ମରୁଡିଜନିତ ଚାଷ କ୍ଷୟକ୍ଷତି ଏବଂ କୃଷିବୀମା କ୍ଷତିପୂରଣକୁ ନେଇ ହୋଇଥିବା ଅବ୍ୟବସ୍ଥାକୁ ନେଇ ସେ ଉଦ୍‌ବେଗ ପ୍ରକାଶ କରିଥିଲେ। କୃଷି ବୀମା ପାଇଁ କ୍ଷତି ଆକଳନକୁ ନେଇ ସେ ପ୍ରଶ୍ନ କରିଥିଲେ। ଏହାକୁ ଉପସ୍ଥିତ ସମସ୍ତ ଜନପ୍ରତିନିଧି ସମର୍ଥନ କରି କୃଷି ବୀମା ଆକଳନ ନିୟମ ଉପରେ ପ୍ରଶ୍ନ କରିଥିଲେ। କ୍ରପ୍‌କଟିଂ ବେଳେ କୃଷି ବିଭାଗ, ରାଜସ୍ୱ ବିଭାଗ, ପରିସଂଖ୍ୟାନ ବିଭାଗ, ଚାଷୀ ଏବଂ ସ୍ଥାନୀୟ ଲୋକ ଉପସ୍ଥିତି ରହି ଫସଲ କଟାଯିବା ଏବଂ କ୍ରପ୍‌କଟିଂ ରିପୋର୍ଟ ଆକଳନ କରାଯିବା ନିୟମ ଥିଲେ ମଧ ଏହା ଉଲ୍ଲଂଘନ କରାଯାଉଥିବା ଗୃହରେ ଆଲୋଚନା ହୋଇଥିଲା। କୃଷି ଆକଳନ ଉପରଠାଉରିଆ ଭାବେ କରାଯାଉଥିବା ଅଭିଯୋଗ କରିଥିଲେ। ଏହାକୁ ନେଇ ବୈଠକରେ ବିରୋଧୀଦଳ ନେତା, ଭାଜପା, ବିଜେଡି ବିଧାୟକ, ବିଧାୟିକା, ବ୍ଲକ ଅଧକ୍ଷା ଓ ଅନ୍ୟ ଜନପ୍ରତିନିଧିମାନେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କଠୋର ଭାଷାରେ ସମାଲୋଚନା କରିଥିଲେ। କୃଷି ଆକଳନ କରିବା ନାଁରେ ପ୍ରହସନ କରାଯାଉଛି ବୋଲି ଅଭିଯୋଗ କରିଥିଲେ। ସରକାର ଚାଷୀଙ୍କ ପ୍ରତି ଘୋର ଅନ୍ୟାୟ କରି କମ୍ପାନୀ ପ୍ରୀତି ଦେଖାଉଥିବା ଅଭିଯୋଗ କରିଥିଲେ। ଏହାକୁ ନେଇ ଉପସ୍ଥିତ ସମସ୍ତ ଜନପ୍ରତିନିଧି ଜିଲାର ପ୍ରତ୍ୟେକ ଅଞ୍ଚଳରେ ଚାଷ କ୍ଷୟକ୍ଷତିର ପୁନଃ ଆକଳନ କରାଯାଇ କୃଷିବୀମା କ୍ଷତିପୂରଣ କରିବାକୁ ଦାବି କରିଥିଲେ। କୃଷି କ୍ଷୟକ୍ଷତି ଆକଳନ ରିପୋର୍ଟ ଯେଉଁଥିରେ କି ସମସ୍ତଙ୍କ ଦସ୍ତଖତ ଥାଏ ତାହାର କପି ସମସ୍ତଙ୍କୁ ଦିଆଯାଉ ବୋଲି ପ୍ରସ୍ତାବ ପାରିତ ହୋଇଥିଲା।

ସ୍ୱାସ୍ଥ୍ୟ ବିଭାଗ ଆଲୋଚନାବେଳେ ସଇଁତଲାରେ କୃମିନାଶକ ଔଷଧ ଖାଇ ଛାତ୍ରୀଛାତ୍ର ଅସୁସ୍ଥ ହେବାକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ସିଡିଏମ୍‌ଓଙ୍କୁ ଏନେଇ ଜନପ୍ରତିନିଧିମାନେ ବିଭିନ୍ନ ପ୍ରଶ୍ନ କରି ଘାଇଲା କରିଥିଲେ। ବର୍ତ୍ତମାନ ଜିଲାରେ ଥିବା ଡାକ୍ତର ଅଭାବ ସମସ୍ୟାକୁ ନେଇ ସଭାରେ ଏକ ପ୍ରସ୍ତାବ ପାରିତ ହୋଇଥିଲା। ଡାକ୍ତରଖାନାମାନଙ୍କରେ ସମୁଦାୟ ୨୬୦ ଡାକ୍ତର ପଦବୀ ଥିଲେ ହେଁ ଏଥିରୁ ୧୨୦ ପଦବୀ ଖାଲି ପଡିଥିବାରୁ ଜିଲାରେ ସ୍ୱାସ୍ଥ୍ୟ ଅବ୍ୟବସ୍ଥା ଉଦ୍‌ବେଗଜନକ ହୋଇପଡିଛି ବୋଲି ଗୃହରେ ସମସ୍ତ ସଦସ୍ୟ ଆଲୋଚନା କରିଥିଲେ। ଗ୍ରାମାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୪ଜଣ ସ୍ପେସାଲିଷ୍ଟ ଡାକ୍ତରଙ୍କ ସହିତ ସର୍ବମୋଟ ୬ଜଣ ଡାକ୍ତର ରହିବା କଥା କିନ୍ତୁ କୌଣସି ସ୍ଥାନରେ ଡାକ୍ତରଙ୍କ ପୂର୍ଣ୍ଣାଙ୍ଗ ପଦବୀ ପୂରଣ ହୋଇନାହିଁ। ନିକଟରେ ଭୀମଭୋଇ ମେଡିକାଲ କଲେଜ ଆରମ୍ଭ ହୋଇଯାଇଥିବାରୁ ଜିଲାରେ ଡାକ୍ତର ଅଭାବ ସଦସ୍ୟ ଆହୁରି ବଢ଼ିଛି। ରାଜ୍ୟ ସରକାରଙ୍କୁ ଜିଲାର ସମସ୍ତ ଡାକ୍ତର ପଦବୀ ପୂରଣ କରିବା ପାଇଁ ଚିଠି କରାଯାଉ ବୋଲି ବିଧାୟକ ମିଶ୍ରଙ୍କ ପ୍ରସ୍ତାବ ଦେବାପରେ ସମସ୍ତେ ଏହାକୁ ସମର୍ଥନ କରିଥିଲେ ଓ ଏହା ପାରିତ ହୋଇଥିଲା। ଜିଲାରେ ଦେଖାଦେଇଥିବା ଚକଡା ପୋକ ଉପଦ୍ରବକୁ ନେଇ ଗୃହରେ ଆଲୋଚନା ହୋଇଥିଲା। ଏନେଇ କୃଷି ବିଭାଗ ଉପନିର୍ଦ୍ଦେଶକଙ୍କୁ ସଦସ୍ୟମାନେ ନାନ ପ୍ରଶ୍ନ କରିଥିଲେ। କୀଟନାଶକ ଔଷଧ ନଥିବାରୁ ଚାଷୀ କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ କରିଥିଲେ। ଦୁଇ ମାସ ପୂର୍ବରୁ ଦେଓଗାଁ ଠାରେ ସାର ବଣ୍ଟନ ଅବ୍ୟବସ୍ଥାରେ ଦାୟୀ କର୍ମଚାରୀଙ୍କ ବିରୁଦ୍ଧରେ କାହିଁକି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ବୋଲି ଡିଡିଏଙ୍କୁ ପ୍ରଶ୍ନ କରାଯାଇଥିଲା। ଏହି ବୈଠକରେ ଜଳସେଚନ, ମତ୍ସ୍ୟ, ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ବିଜୁ ପକ୍କାଘର, ଗୋପବନ୍ଧୁ ଗ୍ରାମୀଣ ଯୋଜନା ଏବଂ ଅନ୍ୟାନ୍ୟ ଯୋଜନା ଉପରେ ସବିଶେଷ ଆଲୋଚନା ହୋଇଥିଲା।

### ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର କର୍ମକର୍ତ୍ତା ଚୟନ

**ଟିଟିଲାଗଡ, ୨୬।୯(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଟିଟିଲାଗଡରେ ନିଖିଳ ଉତ୍କଳ ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘର ଟିଟିଲାଗଡ ଶାଖାର ଏକ ବନ୍ଧୁ ମିଳନ ତଥା ନୂଆଁଖାଇ ଭେଟଘାଟ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ସକୁନ୍ତଳା ମହାକୁଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସଂଘର ରାଜ୍ୟ ସଭାପତି ସରୋଜ କୁମାର ମହାନ୍ତି ଏବଂ ସମ୍ପାଦକ ସୁବଳ କିଶୋର ମହାନ୍ତି ପ୍ରମୁଖ ଯୋଗଦେଇ ସମସ୍ତଙ୍କୁ ନୂଆଁଖାଇର ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ସଂଘର ଟିଟିଲାଗଡ ଶାଖାର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ରାମେଶ୍ୱର ଛତର, ଉପସଭାପତି ଖଗେଶ୍ୱର ମାଝୀ, ସମ୍ପାଦକ ସୁରେଶ କୁମାର ସାହୁ, ସହ ସମ୍ପାଦକ ସକୁନ୍ତଳା ମହାକୁଡ, ସଂଗଠନ ସମ୍ପାଦକ ଯୋଗେନ୍ଦ୍ର ପାତ୍ର, କୋଷାଧକ୍ଷ ସଦାଶିବ ରଣା ମନୋନୀତ ହୋଇଥିଲେ। ଉପଦେଷ୍ଟା ଭାବେ ରମେଶ ଚନ୍ଦ୍ର ଦଣ୍ଡକାର ଏବଂ ୯ଜଣଙ୍କୁ କାର୍ଯ୍ୟକାରୀଣୀରେ ରଖାଯାଇଛି। ସଂଘର ଜିଲା ସଭାପତି ଡଗର କୁବେର, ସମ୍ପାଦକ ହରିହର ଥପାଙ୍କ ଉପସ୍ଥିତିରେ ସମସ୍ତ ନୂତନ କର୍ମକର୍ତ୍ତାମାନଙ୍କୁ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ଅଧିକାଂଶ ଜିଲାର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଶେଷରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୱାର୍ଡ ସଭ୍ୟାସଭ୍ୟ ବିଡିଓଙ୍କୁ ଫେରାଦ

**ବଙ୍ଗୋମୁଣ୍ଡା,୨୬।୯(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ଭୁର୍ଷାଗୁଡା ଗ୍ରାମ ପଞ୍ଚାୟତରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଉକ୍ତ ପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟ ନାଏବ ସରପଞ୍ଚ ଟିକେ ସାହୁଙ୍କ ନେତୃତ୍ୱରେ ବିଡିଓଙ୍କୁ ଫେରାଦ ହୋଇଛନ୍ତି। ଅଭିଯୋଗ ଅନୁସାରେ ଉକ୍ତ ପଞ୍ଚାୟତରେ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ସରପଞ୍ଚ ସେମାନଙ୍କୁ ଅଣଦେଖା କରୁଛନ୍ତି। ମାସିକ ବୈଠକ ମଧ ଠିକ୍ ସମୟରେ ଡକାଯାଉ ନାହିଁ। ବିଡିଓ ଅନିରୁଦ୍ଧ ପ୍ରଧାନ ଉଭୟଙ୍କୁ ଡକାଇ ଘଟଣାର ତଦନ୍ତ କରାହେବ ବୋଲି ସେମାନେ ଭେଟିବା ପରେ ପ୍ରତିଶ୍ରୁତି ଦେଇଛନ୍ତି। ଚାରିଦିନ ଭିତରେ ଦାବି ପୂରଣ ନ ହେଲେ ଆଗାମୀ ପଦକ୍ଷେପ ନିଆଯିବ ବୋଲି ସେମାନେ ଏହି ଅବସରରେ କହିଛନ୍ତି। ନାଏବ ସରପଞ୍ଚ ଟିକେ ସାହୁଙ୍କ ସହ ସଭ୍ୟ ପ୍ରଫୁଲ୍ଲ ସରାଫ, ନିରଞ୍ଜନ ଜାନି, ଅଭୟା ପୁଟେଲ, ଦୋଳମଣି ବନଛୋର ପ୍ରମୁଖ ଉପସ୍ଥିତ ଥିଲେ।

## ଅଗ୍ନିଶମ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଖପ୍ରାଖୋଲ,୨୬।୯(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଓଡିଆପାଲିଠାରେ ଥିବା ଅସ୍ଥାୟୀ ଅଗ୍ନିଶମ ସେବା କେନ୍ଦ୍ର ସମ୍ମୁଖରେ ଅଗ୍ନିଶମ କର୍ମଚାରୀମାନେ ୬ ଦଫା ଦାବିରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ଦାବିଗୁଡିକ ମଧ୍ୟରେ ଅଗ୍ନିଶମ କର୍ମଚାରୀଙ୍କୁ ପୋଲିସ୍ କର୍ମଚାରୀମାନଙ୍କ ସହିତ ସମାନ ଦରମା ଓ ଭତ୍ତା ପ୍ରଦାନ, ଅଗ୍ନିଶମ ସେବା ସଂସ୍ଥାର ହାବିଲଦାର ଏବଂ ଫାୟାରମ୍ୟାନ ଆସୋସିଏଶନକୁ ତୁରନ୍ତ ସରକାରୀ ପଞ୍ଜୀକରଣଭୁକ୍ତ କରିବା ଭଳି ୬ ଦଫା ଦାବିରେ କର୍ମଚାରୀମାନେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଏହାର ନେତୃତ୍ୱ ସରୋଜ ସିନ୍ଧୁ, ଧନଞ୍ଜୟ ସେଠ ପ୍ରମୁଖ ୯ ଜଣ କର୍ମଚାରୀ ସାମିଲ ହୋଇଛନ୍ତି।

### ସଡକ ସୁରକ୍ଷା ତାଲିମ ନେଲେ କଲେଜ ଛାତ୍ର

**ସିଂଘିଯୁବା,୨୬।୯(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା କନିଷ୍ଠ ମହାବିଦ୍ୟାଳୟରେ ଅଧକ୍ଷା ପ୍ରଗତି ପଟ୍ଟନାୟକଙ୍କ ସଭାପତିତ୍ୱରେ ଶତାଧିକ କଲେଜ ଛାତ୍ରୀଙ୍କୁ ସଡକ ସୁରକ୍ଷା ତାଲିମ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିନିକା ତହସିଲଦାର ଅଲେଖ ଘୁଟା ଯୋଗଦେଇ ଛାତ୍ରୀମାନଙ୍କୁ ଟ୍ରାଫିକ୍ ନିୟମ ପାଳନ କରି ଜୀବନକୁ ସୁରକ୍ଷା ବଳୟରେ ରଖିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ବିନିକା ଥାନା ଅଧିକାରୀ ରୀନା ବେହେରା ଯୋଗ ଦେଇଥିଲେ। ଗାଡି ଚାଳନା ବେଳେ ମୋବାଇଲରେ କଥା ନ ହେବା, ସବୁବେଳେ ହେଲମେଟ ପିନ୍ଧିବା, ଦ୍ରୁତ ବେଗରେ ଗାଡି ନ ଚଳାଇବା, ରାସ୍ତା ପାର୍ ସମୟରେ ସତର୍କତା ଅବଲମ୍ବନ କରିବାକୁ ସଚେତନ କରାଯାଇଛି। ସଡକ ଦୁର୍ଘଟଣା କମିବାର ପ୍ରଣାଳୀ ଏବଂ ଡ୍ରାଇଭିଂ ଲାଇସେନ୍ସ ପ୍ରତି ସଚେତନ ହେବା ସହିତ ଅନ୍ୟକୁ ସଚେତନ କରିବାକୁ ଅଧାପିକା ଗୀତାଞ୍ଜଳି ତ୍ରିପାଠୀ ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଅଧାପକ ପଞ୍ଚାନନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଜରାସିଂହା କ୍ଲଷ୍ଟର ଉଚ୍ଛେଦକୁ ବିରୋଧ କଲା ଗ୍ରାମ୍ୟ କମିଟି

## ବିଇଓଙ୍କ କାର୍ଯ୍ୟାଳୟ ଘେରାଉ

**ଦେଓଗାଁ,୨୨।୯(ଡି.ଏନ.ଏ)**



ଜରାସିଂହା କ୍ଲଷ୍ଟର ଉଚ୍ଛେଦ ବିରୋଧରେ ବିଇଓ ଭାଗ୍ୟବତୀ ଦାସଙ୍କୁ ଗ୍ରାମ୍ୟ ଉନ୍ନୟନ କମିଟି ଦାବିପତ୍ର ପ୍ରଦାନ କରୁଛନ୍ତି।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା କ୍ଲଷ୍ଟର ଉଚ୍ଛେଦ ଦାବିକୁ ବିରୋଧ କରି ଗ୍ରାମ୍ୟ ଉନ୍ନୟନ କମିଟି ତଥା ଗ୍ରାମବାସୀଙ୍କ ତରଫରୁ ବୁଧବାର ବ୍ଲକ ଶିକ୍ଷାଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟକୁ ଘେରାଉ କରାଯାଇଥିଲା। ଦେଓଗାଁ ବ୍ଲକ ଶିକ୍ଷାବିଭାଗ ୧୫ଟି କ୍ଲଷ୍ଟରରେ ବିଭକ୍ତ ହୋଇଛି। ସେଥିରୁ ଜରାସିଂହା ଅନ୍ୟତମ। ଏଠାରେ ଗତ ୬ବର୍ଷ ହେଲା ସିଆରସିସି ଅବସର ନେବା ପରେ କାହାରିକୁ ନିଯୁକ୍ତି ଦିଆ ନ ଯାଇ ବିଭାଗ ତରଫରୁ ଜଣେକ ଶିକ୍ଷକଙ୍କୁ ଦାୟିତ୍ୱ ଦେଇ ବିଭିନ୍ନ କ୍ଲଷ୍ଟରସ୍ତରୀୟ କାର୍ଯ୍ୟ ସମ୍ପାଦନ କରାଯାଉଥିଲା। ଗତ ଦୁଇଦିନ ତଳେ ଜିଲା ପ୍ରକଳ୍ପ ସଂଯୋଜକଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜରାସିଂହା କ୍ଲଷ୍ଟରକୁ ଉଚ୍ଛେଦ କରି ବଗଡା କ୍ଲଷ୍ଟରେ ସାମିଲ କରି ଦିଆଯାଇଥିବା ଖବର ଜଣାପଡିବା ପରେ ସ୍ଥାନୀୟ ଗ୍ରାମ୍ୟ ଉନ୍ନୟନ କମିଟି ତଥା ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ବୁଧବାର ଗ୍ରାମ୍ୟ କମିଟି ସଭାପତି ସୁନ୍ଦରମଣି ଦଣ୍ଡସେନାଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ତଥା ଗ୍ରାମବାସୀ ସ୍ଥାନୀୟ ଶିକ୍ଷାବିଭାଗ ଅଫିସକୁ ଆସି ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ନିବେଦନ କରିଥିଲେ। ଏହା ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଚେତାବନୀ ଦେଇଥିବା କମିଟି ସୂଚନା ଦେଇଛି। ଏହାବ୍ୟତୀତ ଉକ୍ତ କ୍ଲଷ୍ଟର ଅଧିନରେ ଥିବା ୨୦ଟି ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ମଧ କ୍ଲଷ୍ଟର ଉଚ୍ଛେଦକୁ ନେଇ ବିଇଓ ଭାଗ୍ୟବତୀ ଦାଶଙ୍କୁ ଲିଖିତଭାବେ ଅଭିଯୋଗ କରିଛନ୍ତି। ଏ ଦିଗରେ ବିହିତ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ବିଦ୍ୟାଳୟକୁ କୌଣସି ଶିକ୍ଷୟିତ୍ରୀଶିକ୍ଷକ ପାଠ ପଢ଼ାଇବାକୁ ଆସିବେ ନାହିଁ ବୋଲି ଲିଖିତଭାବେ ଦାବିପତ୍ର ଦେଇଥିବା ଜଣାପଡିଛି। ଏ ଦିଗରେ ଜିଲାପାଳ ତୁରନ୍ତ ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି। ସମସ୍ୟାକୁ ନେଇ ବିଇଓ ଦାଶଙ୍କୁ ପଚାରିବାରୁ ଏହା ଜିଲାସ୍ତରରେ କରାଯାଇଥିବାରୁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବି ବୋଲି କହିଥିଲେ।

## ବିଦେଶୀ ହଟାଅ, ଲୋଇସିଂହା ବଞ୍ଚାଅ ଅଭିଯାନର ବୈଠକ

**ଲୋଇସିଂହା,୨୬।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ବିଦେଶୀ ହଟାଅ,ଲୋଇସିଂହା ବଞ୍ଚାଅ ଅଭିଯାନର ଷଷ୍ଠ ବୈଠକ ଅନୁଷ୍ଠିତ ହୋଇଯାଇଛି। ସହଦେବ ସାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଲୋଇସିଂହା, ଆଗଲପୁର ଓ ପୁଇଁତଳା ବ୍ଲକର ବହୁ ସଂଖ୍ୟକ କର୍ମୀ ଯୋଗଦେଇଥିଲେ। ବୈଠକରେ ସହଦେବ ସା, ପ୍ରଦୀପ ଗୁରୁ, ଅଶୋକ ବାରିକ, ଉତ୍ତର କୁମାର ହେର୍ଣ୍ଣା, ସମ୍ପତି ନନ୍ଦ, ଦିଲୀପ ବାରିକ, ପୂର୍ଣ୍ଣଚନ୍ଦ୍ର ସାହୁ, ଶଶାଙ୍କଶେଖର ଭୋଇ, ଭରତଭୂଷଣ ପଧାନ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଗତ ୨ଟି ନିର୍ବାଚନରେ ଲୋଇସିଂହାରେ ବାହାର ଅଞ୍ଚଳର ପ୍ରାର୍ଥୀ ଦିଆଯାଉଥିବାରୁ ସେମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବାହାର ଅଞ୍ଚଳର ଲୋକେ ଏଠାରେ ଜନ ପ୍ରତିନିଧି ହେଉଥିବାରୁ ଲୋଇସିଂହା ନିର୍ବାଚନ ମଣ୍ଡଳୀ ପଛୁଆ ହୋଇ ପଡିଥିବା ସେମାନେ ଅଭିଯୋଗ କରିଥିଲେ। ବିଜୟୀ ପ୍ରାର୍ଥୀମାନେ ବିଜେଡିର ମୂଳକର୍ମୀଙ୍କଠାରୁ ଦୂରେଇ ଯାଉଛନ୍ତି। ୨୦୧୯ ନର୍ବାଚନରେ ନିର୍ବାଚନ ମଣ୍ଡଳୀର ଜଣେ ବ୍ୟକ୍ତିଙ୍କୁ ବିଜେଡି ପ୍ରାର୍ଥୀ କରିବା ପାଇଁ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କଠାରେ ଦାବି ରଖିବାକୁ ବୈଠକରେ ସିଦ୍ଧାନ୍ତ ହୋଇଥିଲା। ଅଭିଯାନକୁ ବ୍ୟାପକ କରିବା ପାଇଁ ୩ ବ୍ଲକର ୩୩ଜଣ ଛାମୁଆ ନେତାଙ୍କୁ ନେଇ ୩୩ଜଣିଆ ଲୋଇସିଂହା ସ୍ୱାଭିମାନ ମଞ୍ଚ ଗଠନ କରାଯାଇଥିଲା। ସହଦେବ ସା ସ୍ୱାଭିମାନ ମଞ୍ଚର ସଭାପତି ମନୋନୀତ ହୋଇଛନ୍ତି।



ବୁର୍ଡା ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ବିଦେଶୀ ହଟାଅ, ଲୋଇସିଂହା ବଞ୍ଚାଅ ଅଭିଯାନର ବୈଠକ।

# ଥମୁନି ଶିକ୍ଷକ ବଦଳି ବିଭ୍ରାଟ

**ଦେଓଗାଁ, ୨୨।୯(ଡି.ଏନ.ଏ.)**



ଉପରଝରରେ ବରଗଛ ମୂଳେ ଛାତ୍ରୀଛାତ୍ରମାନେ ଉପସ୍ଥାନ ପକାଉଛନ୍ତି।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ନୂତନ ସରକାରୀ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ଓ ନୂଆଁପାଲି ଉନ୍ନିତ ପ୍ରାଥମିକ ବିଦ୍ୟାଳୟରେ ଆଜକୁ ତିନିଦିନ ଧରି ଶିକ୍ଷକ ବଦଳିକୁ ନେଇ ଆନ୍ଦୋଳନ ଜାରି ରହିଛି। ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ବ୍ୟାହତ ହୋଇଯାଇଛି। ଉପରଝରରେ ତିନିଦିନ ଆନ୍ଦୋଳନ ପରେ ବୁଧବାର ମଧ ୩ଶହରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ଷ୍ଟାଡିୟମ ନିକଟ ବରଗଛ ମୂଳେ ଉପସ୍ଥାନ ପକାଇ ନିଜନିଜ ଘରକୁ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଗଛମୂଳେ ବସିରହିଥିବା ଦେଖିବାକୁ ମିଳିଛି। ସେହିପରି ନୂଆଁପାଲିରେ ମଧ ତଦ୍ରୂପ ଅବସ୍ଥା ନଜରକୁ ଆସିଛି। ବ୍ଲକ ଶିକ୍ଷା ବିଭାଗର ବୈମାତୃକ ମନୋଭାବ ଯୋଗୁଁ ଆଜି ଶିକ୍ଷା ବ୍ୟବସ୍ଥା ଧିରେ ଧିରେ ଭୁଷୁଡିବାରେ ଲାଗିଛି ବୋଲି ସାଧାରଣରେ ଆଲୋଚ୍ୟର ବିଷୟ ହୋଇଛି। ସ୍କୁଲ କମିଟି ତଥା ଅଭିଭାବକଙ୍କ ବିନା ପରାମର୍ଶରେ ବିଭାଗୀୟ ଅଧିକାରୀମାନେ ଶିକ୍ଷକଙ୍କୁ ବଦଳି କରିବାରୁ ଅଭିଭାବକ ତଥା ଗ୍ରାମବାସୀଙ୍କ ମଧରେ ଉତ୍ତେଜନା ଦେଖାଦେବା ସହ ବିଭ୍ରାଟ ସୃଷ୍ଟି ହୋଇଥିବା ଅଭିଯୋଗ ହେଉଛି।

ପ୍ରକାଶ ଯେ, ଗତ ୨୨ଦିନ ତଳେ କୁହିମୁଣ୍ଡା ପ୍ରାଥମିକ ବିଦ୍ୟାଳୟରୁ ଉପରଝର ସ୍କୁଲକୁ ଡେପୁଟେସନରେ ଆସିଥିବା ଶିକ୍ଷକ ରୋହିତ ସାମଲଙ୍କୁ ପୁନଶ୍ଚ ବିଭାଗ କୁହିମୁଣ୍ଡା ସ୍କୁଲକୁ ଫେରାଇନେବା ପରେ ଅଭିଭାବକ ତଥା ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଆନ୍ଦୋଳନ ପରେ ବ୍ଲକ ଶିକ୍ଷା ବିଭାଗ ପୁଣି ଉପରଝର ସ୍କୁଲକୁ ନୂଆଁପାଲି ପ୍ରାଥମିକ ସ୍କୁଲରର ଶିକ୍ଷୟିତ୍ରୀ ସ୍ମିତା ବିଶିଙ୍କୁ ଯୋଗଦେବା ପାଇଁ ନିର୍ଦ୍ଦେଶ ଦେଇଥିଲା। ଫଳରେ ନୂଆଁପାଲି ବିଦ୍ୟାଳୟର ଅଭିଭାବକ ଉକ୍ତ ଶିକ୍ଷୟିତ୍ରୀଙ୍କୁ ଉପରଝରକୁ ଛାଡିବା ପାଇଁ ରୋକଟୋକ ମନା କରିଥିଲେ। ଏହାପରେ ବିଇଓ ଭାଗ୍ୟବତୀ ଦାଶ ଓ ଏବିଇଓ ଅଭିନ୍ନ କୁମାର ନାଏକ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରି ଶିକ୍ଷକ ଦେବାପାଇଁ ପ୍ରତିଶୃତି ଦେଇଥିଲେ ସୁଦ୍ଧା ଆନ୍ଦୋଳନକାରୀ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ବଦଳି ନ କରିବା ଜିଦରେ ଅଟଳ ରହିଛନ୍ତି। ଅନ୍ୟପକ୍ଷେ ଉପରଝର ସ୍କୁଲକୁ ଗୌରଗୋଠ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବୈବସ୍ୱତ ପଧାନଙ୍କୁ ବଦଳି କରାଯାଇ ଉପରଝର ସମସ୍ୟାର ସମାଧାନ କରାଯାଇଥିବା ବିଇଓ ଭାଗ୍ୟବତୀ ଦାଶ କହିଛନ୍ତି। ଏ ବିଷୟରେ ଜିଲା ଶିକ୍ଷାଧିକାରୀ ସୁବୋଧ କୁମାର ଦାଶଙ୍କୁ ପଚାରିବାରୁ ଆନ୍ଦୋଳନ ଯୋଗୁଁ ବିଦ୍ୟାଳୟ ବନ୍ଦ ରହିଥିବାରୁ ବିଭାଗୀୟ ସ୍ତରରେ କୌଣସି ଖବର ପାଇନାହିଁ। ମୁଁ ତୁରନ୍ତ ସମସ୍ୟାର ସମାଧାନ ଦିଗରେ ଚେଷ୍ଟା କରିବି ବୋଲି କହିଥିଲେ।

**ଦେଓଗାଁ ବ୍ଲକ**
- ପାଠପଢ଼ାରୁ ବଞ୍ଚିତ ରହୁଛନ୍ତି ଛାତ୍ରୀଛାତ୍ର
- ବୃଦ୍ଧିପାଉଛି ଜନ ଅସନ୍ତୋଷ

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ସେପ୍ଟେମ୍ବର ୨୭/୨୦୧୮



ଉପାସନା ସେତିକିବେଳେ ସଫଳ ହୁଏ, ଯେତେବେଳେ ଜଣେ ଅହିଂସା ଉପରେ ସିଦ୍ଧିଲାଭ କରେ।

-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଭାରସାମ୍ୟ ହରାଇ ଗଛକୁ ପିଟିଲା ବୋଲେରୋ, ଜଣେ ଗୁରୁତର

**ରାଉରକେଲା ଅଫିସ,୨୬। ୯-** ସେକ୍ଟର-୩ ଥାନା ଅଧୀନ ଦୀପିକା ଇଂଲିଶ ମାଧମ ବିଦ୍ୟାଳୟ ନିକଟରେ ବୁଧବାର ଅପରାହ୍ନରେ ଏକ ବୋଲେରୋ ଭାରସାମ୍ୟ ହରାଇ ଗଛରେ ପିଟି ହୋଇ ରାସ୍ତା ଡିଭାଇଡର ଉପରକୁ ଛିଟିକି ପଡିଥିଲା। ଏଥିରେ ବସିଥିବା ୪ଜଣଙ୍କ ମଧ୍ୟରୁ ୩ ସାମାନ୍ୟ ଆହତ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଆଇଜିଏଚ୍ ଆଇସିୟୁରେ ଭର୍ତ୍ତି କରାଯାଇଥିବା ବେଳେ ତାଙ୍କ ପରିଚୟ ଜଣାପଡି ନାହିଁ। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡି (ନଂ.ଓଆର୍-୧୪ପି-୭୨୦୯) ଜବତ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

### ୨୮ରେ ୧୨ଘଣ୍ଟିଆ ଔଷଧ ବ୍ୟବସାୟ ବନ୍ଦ

**ରାଉରକେଲା ଅଫିସ,୨୬।୯-** ସର୍ବଭାରତୀୟ ଔଷଧ ବ୍ୟବସାୟୀ ସଂଗଠନର ଆହ୍ୱାନ କ୍ରମେ ଆସନ୍ତା ୨୮ତାରିଖରେ ସୁନ୍ଦରଗଡ଼ ଜିଲାରେ ଔଷଧ ବ୍ୟବସାୟ ୧୨ଘଣ୍ଟା ବନ୍ଦ ରହିବ ବୋଲି ଜିଲା ସଂଗଠନ ସଭାପତି ରଣଜିତ ବିଶ୍ୱାଳ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ସରକାରଙ୍କ ଇ ଫାମାର୍ସୀ ପ୍ରସ୍ତାବକୁ ବିରୋଧ କରି ଏହି ବନ୍ଦ ପାଳନ କରାଯିବ। ଔଷଧ ବ୍ୟବସାୟୀ ମାରଣ ନୀତି ଯୋଗୁ ଦେଶର ୮ଲକ୍ଷ ଔଷଧ ବ୍ୟବସାୟୀଙ୍କ ସମେତ ଜିଲାର ୧୨ଶହ ଔଷଧ ଦୋକାନୀ ଏଥିରେ ସାମିଲ ହେବେ। ଅନ୍‌ଲାଇନ ଔଷଧ ବ୍ୟବସାୟ କରାଗଲେ ପ୍ରକୃତ ଔଷଧ ରୋଗୀ ତଥା ସର୍ବସାଧାରଣଙ୍କ ପାଖରେ ଠିକଣା ସମୟରେ ପହଞ୍ଚି ପାରିବ ନାହିଁ। ଔଷଧର ଗୁଣବତାର ମଧ ପରୀକ୍ଷଣ ବ୍ୟବସ୍ଥା ରହିବ ନାହିଁ। ଏହି ପ୍ରସ୍ତାବ ବ୍ୟବସାୟିକ ବିଶୃଙ୍ଖଳା ସୃଷ୍ଟି କରୁଥିବା ବେଳେ ଇ ଫାର୍ମାସୀ ପ୍ରାବଧାନ ଯୋଗୁ ଜଣେ ବ୍ୟକ୍ତି କୌଣସି ମତେ ଇ ପ୍ରେସକ୍ରିପସନ ପ୍ରସ୍ତୁତ କରି ଔଷଧ ମଗାଇ ପାରିବ ନାହିଁ ବୋଲି ସଂଗଠନ କର୍ମକର୍ତ୍ତା କହିଛନ୍ତି। ବିନା ଡାକ୍ତରୀ ପରାମର୍ଶରେ ଏଭଳି ଔଷଧ ମଗାଇ ସେବନ କରିବା ଶେଷରେ ବିପଦକୁ ଆମନ୍ତ୍ରଣ କରିବ। ଏହି ଭଳି ଭ୍ରମାତ୍ମକ ଯୋଜନାରୁ ଦେଶର ଲକ୍ଷାଧିକ ଔଷଧ ବେପାରୀ ଜୀବିକା ହରାଇବେ ବୋଲି ସଂଗଠନ କର୍ମକର୍ତ୍ତା ଅଭିଯୋଗ କରିଛନ୍ତି। ଏଣୁ ଏଭଳି ବନ୍ଦ ପାଳନ କରିବାକୁ ନିସ୍ପତି ନିଆଯାଇଥିବା ଆସୋସିଏଶନ ସୂଚନା ପ୍ରଦାନ କରାଯାଇଛି।




ରାଉରକେଲା ଶ୍ରମିକ ସଂଘ ପକ୍ଷରୁ ବିର୍ସାଛକରେ ଧାରଣା ଦିଆଯାଇଛି।

# ବୋନସ, ୭ ଦଫା ଦାବିରେ ଆର୍‌ଏସ୍‌ଏସ୍‌ର ଧାରଣା

- ଶ୍ରମିକ ମାରଣ ନୀତିର ସମାଲୋଚନା
- ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଲଢେଇ ଜାରି ରଖିବାକୁ ୟୁନିୟନ ନେତୃମଣ୍ଡଳୀର ଆହ୍ୱାନ

**ରାଉରକେଲା ଅଫିସ,୨୬। ୯**

ଆର୍‌ଏସ୍‌ପି ତଥା ସେଲ୍ କର୍ମଚାରୀ ଓ ଠିକା ଶ୍ରମିକଙ୍କୁ ଦୁର୍ଗା ପୂଜା ପୂର୍ବରୁ ବୋନସ ପ୍ରଦାନ ସହ ଅନ୍ୟ ୭ ଦଫା ଦାବି ନେଇ ବୁଧବାର ରାଉରକେଲା ଶ୍ରମିକ ସଂଘ ପକ୍ଷରୁ ବିର୍ସାଛକରେ ଧାରଣା ଦିଆଯାଇଥିଲା। ଏହି ଅବସରରେ ଉପସ୍ଥିତ ୟୁନିୟନ ନେତୃମଣ୍ଡଳୀ ଅଭିଯୋଗ କରିଥିଲେ ଯେ, ପୂଜା ପୂର୍ବରୁ ଆର୍‌ଏସ୍‌ପି ତଥା ସେଲ୍ କର୍ତ୍ତୃପକ୍ଷ ନିଶ୍ଚିତ ବୋନସ ପ୍ରଦାନ କରନ୍ତୁ। ଏଥିସହ ନୂତନ ବେତନ ଚୁକ୍ତିନାମା ନେଇ ଏନ୍‌ଜେସିଏସ୍ ବୈଠକ, ସେଲ୍ ପେନସନ ସ୍କିମକୁ ତୁରନ୍ତ କାର୍ଯ୍ୟକାରୀ କରିବା, ପ୍ରତିମାସରେ ମିଳୁଥିବା ଇନ୍‌ସେଣ୍ଟିଭ ରିୱାର୍ଡ ଓ ଅନ୍ୟ ସମସ୍ୟାର ସମାଧାନ କରିବାକୁ ଦାବି କରିଥିଲେ। ସେହିପରି ଷ୍ଟିଲ ଟାଉନସିପ୍‌ରେ ବାସଗୃହ, ବିଦ୍ୟୁତ୍ ସରବରାହ ବ୍ୟବସ୍ଥାକୁ ଲୋକାଭିମୁଖୀ କରିବା, କାରଖାନା ଭିତରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବା ଆଦି ୭ଦଫା ଦାବି ଉପସ୍ଥାପନ କରାଯାଇଥିଲା। ଏନେଇ ସକାଳ ୮ଟାରୁ ୟୁନିୟନ ସଭାନେତ୍ରୀ ଡିଏସ୍ ପାନିକର ଯୋଗଦେଇ କର୍ତ୍ତୃପକ୍ଷଙ୍କ ଶ୍ରମିକ ମାରଣ ନୀତିର ତୀବ୍ର ସମାଲୋଚନା କରିଥିଲେ। ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା କହିଥିଲେ, କେନ୍ଦ୍ର ସରକାର ଓ ସେଲ କର୍ତ୍ତୃପକ୍ଷ ଯେଉଁଭଳି ଶ୍ରମିକ ମାରଣ ନୀତି ଆପଣାଇଛନ୍ତି ତାକୁ ବରଦାସ୍ତ କରାଯିବ ନାହିଁ। କାର୍ଯ୍ୟକାରୀ ସଭାପତି ହରି ରାଉତରାୟ ବକ୍ତବ୍ୟରେ ପୂଜା ପୂର୍ବରୁ କର୍ମଚାରୀଙ୍କୁ ବୋନସ ପ୍ରଦାନ ନେଇ ଦାବି କରିଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କର୍ମଚାରୀମାନେ ସଂଘଠିତ ହୋଇ ଲଢେଇ ଜାରି ରଖିବାକୁ ଉପସ୍ଥିତ ୟୁନିୟନ ନେତୃମଣ୍ଡଳୀ ଆହ୍ୱାନ ଦେଇଥିଲେ। କର୍ମଚାରୀଙ୍କ ଦାବି ସମୂହ ନେଇ ସେଲ୍ କର୍ତ୍ତୃପକ୍ଷ ବୈଠକ ନ ଡାକିବା ନିଆଁରେ ଘିଅ ଢାଳିବା ଅବସ୍ଥା ସୃଷ୍ଟି କରିବାକୁ ଯାଉଛି। ତୁରନ୍ତ ପେନସନ ସହ ଅନ୍ୟ ସମସ୍ତ ଦାବି ପୂରଣ କରା ନ ଗଲେ ୟୁନିୟନ ପକ୍ଷରୁ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି କୁହାଯାଇଛି। ଅକ୍ଷୟ ଜେନା, ମହିପାଳ ବାଗ, ଦିଲୀପ ମହାପାତ୍ର, ଆର୍.କେ ପଣ୍ଡା, ନିହାର ଦାସ, ପ୍ରଶାନ୍ତ ନାୟକ, ବିକାଶ ବେହୁରିଆ, ସୁଧାଂଶୁ ଖୁଣ୍ଟିଆ, କଳାକାର ନାୟକ, ରମେଶ ମଲ୍ଲିକ, ସନ୍ତୋଷ ମହାନ୍ତି, ଦୁର୍ଗା ଜେନା ପ୍ରମୁଖ ଧାରଣାରେ ଉପସ୍ଥିତ ଥିଲେ।

### ଧରିତ୍ରୀ ପ୍ରତିନିଧିଙ୍କ ଅଫିସ ପୋଡ଼ାଜଳା ମାମଲା

# ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ

**ବରଗଡ଼ ଅଫିସ,୨୬।୯**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ସରଣ୍ଡାର ଧରିତ୍ରୀ ପ୍ରତିନିଧି ଯୁଧିଷ୍ଠିର ମହାପାତ୍ରଙ୍କ ଅଫିସ ପୋଡ଼ାଜଳା ଘଟଣାରେ ପୋଲିସ ଛାନଭିନ ଜାରି ରଖିଛି। ବରଗଡ଼ ଏସ୍‌ପି ମୁକେଶ କୁମାର ଭାମୁଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ଡିଏସପି ନଗେନ୍ଦ୍ର ପ୍ରସାଦ ନାୟକ, ଅତାବିରା ଥାନା ଆଇଆଇସି ଗୌରାଙ୍ଗ ଚରଣ ସାହୁ ପ୍ରମୁଖ ସାଇଣ୍ଟିଫିକ ଟିମ୍ ସହିତ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଘଟଣାସ୍ଥଳର ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରିବା ସହିତ ବିଭିନ୍ନ ଦିଗକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି । ଏ ନେଇ ଅତାବିରା ଥାନାରେ ଏକ ମାମଲା(ନଂ.୨୦୩/୧୮) ରୁଜୁ ହୋଇଛି । ଗୁରୁବାର ଘଟଣାସ୍ଥଳକୁ ଅନୁସନ୍ଧାନୀ କୁକୁର ଅଣାଯାଇ ଅନୁସନ୍ଧାନ କରାଯିବ ବୋଲି ପୋଲିସ କହିଛି । ପ୍ରକାଶ ଯେ, ମହାପାତ୍ରଙ୍କ ଅନୁପସ୍ଥିତିରେ ସୁଯୋଗ ନେଇ କେହି ଦୁର୍ବୃତ୍ତ ତାଙ୍କ ଅଫିସ ଗୃହର ଆଜବେଷ୍ଟସ ଛାତ ଭାଙ୍ଗି ପେଟ୍ରୋଲ ଢ଼ାଳିବା ସହିତ ଏକ ବାଡ଼ିରେ କପଡ଼ା ଗୁଡ଼ାଇ ନିଆଁ ସଂଯୋଗ କରିଥିଲେ । ଫଳରେ ଅଫିସ ମଧ୍ୟରେ ରହିଥିବା ବାଇକ, କମ୍ପ୍ୟୁଟର, ୨ଟି ପ୍ରିଣ୍ଟର, କୁଲର, ପଙ୍ଖା ସମେତ ଅନ୍ୟ ଆସବାବପତ୍ର ଏବଂ କାଗଜାତ ପୋଡ଼ି ଛାରଖାର ହୋଇଯାଇଥିଲା । ଏ ନେଇ ସୂଚନା ଦେବା ପରେ ମଙ୍ଗଳବାର ରାତ୍ରିରେ ଘଟଣାସ୍ଥଳକୁ ପହଞ୍ଚି ପୋଲିସ ତଦନ୍ତ ଆରମ୍ଭ କରିଥିଲା । ଘଟଣାସ୍ଥଳରେ କପଡ଼ା ଗୁଡ଼ା ଯାଇଥିବା ବାଡ଼ି, ନିକଟରେ ହଳେ ଚପଲ ପଡ଼ିଥିବାବେଳେ ଅଫିସ କାନ୍ଥ ଉପରକୁ ଚଢ଼ିବାବେଳେ ଦୁର୍ବୃତ୍ତଙ୍କ ଜୋତା ଚିହ୍ନ ମଧ୍ୟ ରହିଛି । ସେହିପରି ଆଜବେଷ୍ଟସ ଫଟାଇବାରେ ବ୍ୟବହୃତ ପଥରକୁ ମଧ୍ୟ ଛାତ ଉପରୁ ପୋଲିସ ଜବତ କରିଛି । ଜଣେ ଗଣମାଧ୍ୟମ ପ୍ରତିନିଧିଙ୍କ ଅଫିସରେ ଦୁର୍ବୃତ୍ତଙ୍କ ଏଭଳି କାଣ୍ଡକୁ ବିଭିନ୍ନ ମହଲରେ ନିନ୍ଦା କରାଯିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ସାଧାରଣରେ ଦାବି ହୋଇଛି ।



ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି ।



ସାମାଜିକ ଅନୁଷ୍ଠାନ ସାଥୀ ପକ୍ଷରୁ ସଚେତନତା କରାଯାଉଛି।

# ପଲିଥିନ ମୁକ୍ତ ରାଉରକେଲା ପାଇଁ ସାଥୀର ଆହ୍ୱାନ

**ରାଉରକେଲା ଅଫିସ,୨୬। ୯**

ରାଉରକେଲା ସହରକୁ ସବୁଜ ସୁନ୍ଦର ଓ ପଲିଥିନ ମୁକ୍ତ କରିବା ଉଦ୍ଦେଶ୍ୟ ନେଇ ସାମାଜିକ ଅନୁଷ୍ଠାନ ସାଥୀ ପକ୍ଷରୁ ପ୍ରୟାସ ଆରମ୍ଭ କରାଯାଇଛି। ଏନେଇ ପର୍ଯ୍ୟାୟ କ୍ରମେ ବିଭିନ୍ନ ଅଞ୍ଚଳରେ ସଂଗଠନର କର୍ମକର୍ତ୍ତା ସଭା, ଶୋଭାଯାତ୍ରା ସାଙ୍ଗକୁ ଲୋକଙ୍କୁ ସଚେତନ କରାଉଛନ୍ତି। ଏହାର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଡେଲି ମାର୍କେଟରୁ ଆରମ୍ଭ କରାଯାଇ ମହତାବରୋଡ ପର୍ଯ୍ୟନ୍ତ ଆସିଥିଲା। ଏଥିରେ ସାଥୀର ସଭାପତି ସଦାନନ୍ଦ ସାହୁ, ଅରୁଣ ଦାସ, ଜସ୍ମିତା ପ୍ରଧାନ, ସ୍ୱାଗତିକା ମହାନ୍ତି, ରଜନୀକାନ୍ତ ସ୍ୱାଇଁ, କାର୍ତ୍ତିକ ନାୟକ, ଡଃ.କିଶୋରୀ ଦାସ, ଟ୍ରାଫିକ ଗେଟ ଫଳ ବ୍ୟବସାୟୀ ସଂଘ ସଭାପତି ସୂର୍ଯ୍ୟନାରାୟଣ ବାରିକ, ସମ୍ପାଦକ ଗଣେଷ ସୌନକର, ଦିଲୀପ ପ୍ରସାଦ କେଶରୀ, ଓକିଲ ସଂଘ ସାଧାରଣ ସମ୍ପାଦକ ଅକ୍ଷୟ ସାହୁ, ବରିଷ୍ଠ ଆଇନଜୀବୀ ଗିରିଶ ମହାପାତ୍ର ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇ ପଲିଥିନର ଭୟାବହତା ସମ୍ପର୍କରେ ସହରବାସୀଙ୍କୁ ସଚେତନ କରାଇଥିଲେ। ଆସନ୍ତା ଅକ୍ଟୋବର ୨ତାରିଖରୁ ସହରର ପ୍ରତ୍ୟେକ ବ୍ୟବସାୟୀ ଯେପରି ପଲିଥିନ ବ୍ୟବହାର ନ କରନ୍ତି ସେ ଦିଗରେ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ମାର୍ଟ ସିଟି ସଂଯୋଜକ ପ୍ରଶାନ୍ତ ନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ମହାବିଦ୍ୟାଳୟରେ ଆତ୍ମରକ୍ଷା କୌଶଳ ତାଲିମ ପ୍ରଦାନ

**ରାଉରକେଲା ଅଫିସ,୨୬। ୯**

ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ପ୍ରଦାନ କରାଯାଇଛି। ମାଷ୍ଟର ଟ୍ରେନରଙ୍କ ଉପସ୍ଥିତିରେ କର୍ମଶାଳା ଆୟୋଜନ କରାଯାଇଥିଲା। ଏଥିରେ ଅନ୍ତର୍ଜାତୀୟ ଟ୍ରେନର ରାଜୀବ ସିଂ ଯୋଗଦେଇ ଆତ୍ମରକ୍ଷା କୌଶଳର ଆବଶ୍ୟକତା ଓ ବ୍ୟବହାରିକ ଜ୍ଞାନ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ପରିବର୍ତ୍ତିତ ପରିସ୍ଥିତିରେ ମହିଳା ତଥା ଛାତ୍ରୀଙ୍କ ଆତ୍ମରକ୍ଷା ସମ୍ପ୍ରତି ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପରି ଅବସ୍ଥାରେ ରାଜ୍ୟ ସରକାରଙ୍କ ଏହି ଯୋଜନାରେ ପ୍ରତ୍ୟେକ କଲେଜ ଛାତ୍ରୀଙ୍କୁ ପ୍ରଦାନ କରାଯାଉଥିବା ତାଲିମ ସଫଳତା ଆଣି ଦେଇଛି। ଏହାକୁ ଛାତ୍ରୀମାନେ ମନ ଦେଇ ଶିକ୍ଷା କରିବା ଉଚିତ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆର୍‌ଡିଏ ଅଧକ୍ଷ ସାରଦା ନାୟକ ଯୋଗଦେଇ କହିଥିଲେ, ଏଭଳି ପ୍ରଶିକ୍ଷଣ ଦ୍ୱାରା ଛାତ୍ରୀମାନେ ନିଜ ସୁରକ୍ଷା ନିଜେ କରିପାରିବେ ବୋଲି କହିଥିଲେ। ମହାବିଦ୍ୟାଳୟ ଅଧକ୍ଷ ଡ. ଦେବେନ୍ଦ୍ର ବେହେରା କାର୍ଯ୍ୟକ୍ରମ ପରିଚାଳନା କରି ପ୍ରଶିକ୍ଷଣର ସଫଳତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ସସ୍ମିତା ସାମଲ, ବାସନ୍ତୀ କୁଜୁର, ଲଳିତା ବାର୍ଲା, ଅର୍ଣ୍ଣପୂର୍ଣ୍ଣା ମହନ୍ତ ଓ ପ୍ରଧାପିକା ମମତା ବାକ୍ସଲା ପ୍ରମୁଖ ଉପସ୍ଥିତ ଥିଲେ।




ଟ୍ରେନର ରାଜୀବ ସିଂ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ପ୍ରଦାନ କରୁଛନ୍ତି।

# ବିଜୁ ଯୁବବାହିନୀ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ୱାର୍ଡ ନେଇ ସଚେତନତା

**ରାଉରକେଲା ଅଫିସ,୨୬। ୯**

ମହାନଗର ନିଗମ ଅଧୀନ ୧୯ନମ୍ବର ୱାର୍ଡ ମାଲଗୋଦାମ ଅଞ୍ଚଳରେ ବିଜୁ ଯୁବବାହିନୀ ପକ୍ଷରୁ ବୁଧବାର ଏକ ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଏଥିରେ ୫୦ରୁ ଊର୍ଦ୍ଧ୍ୱ ଯୁବକ ସାମିଲ ହୋଇଥିଲେ। ଆସନ୍ତା ଅକ୍ଟୋବର ୨ତାରିଖରୁ ପ୍ଲାଷ୍ଟିକ ବର୍ଜନରେ ସମସ୍ତେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସୀତାରାମ ଦତ୍ତ, ବିଜୁ ଯୁବବାହନୀ କାର୍ଯ୍ୟକ୍ରମ ସଂଯୋଜକ ବିକ୍ରମ ନାୟକ, ପାର୍ଥ ସାରଥି ସାହୁ, ୱାର୍ଡ ସଂଯୋଜକ ଜଗଦୀଶ ପାଲ ବାବୁ ପ୍ରମୁଖ ଉପସ୍ଥିତ ଥିଲେ।



ବିଜୁ ଯୁବବାହିନୀ ପକ୍ଷରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।

# ପଣ୍ଡିତ ଦୀନଦୟାଲଙ୍କ ଜୟନ୍ତୀ ପାଳିତ

**ରାଉରକେଲା ଅଫିସ,୨୬। ୯**

ରାଷ୍ଟ୍ରୀୟ ଜନସଂଘ ପ୍ରତିଷ୍ଠାତା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୦୨ତମ ଜୟନ୍ତୀ ବୁଧବାର ଭାଜପା କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି। ଏଥିରେ ସଭାପତି ଜଗବନ୍ଧୁ ବେହେରା ଅଧକ୍ଷତା କରିଥିଲେ। ସେହିପରି ଜିଲାର ପ୍ରତ୍ୟକ ମଣ୍ଡଳ ପକ୍ଷରୁ ଜୟନ୍ତୀ ପାଳନ କରାଯାଇଛି। ରାଷ୍ଟ୍ରୀୟ ଭାବନାର ପ୍ରତୀକ ପଣ୍ଡିତ ଉପାଧ୍ୟାୟଙ୍କୁ ଭାଜପା କର୍ମକର୍ତ୍ତା ଓ କର୍ମୀମାନେ ଶ୍ରଦ୍ଧାଞ୍ଜଳି ପ୍ରଦାନ ପୂର୍ବକ ତାଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବାକୁ ତାଙ୍କର ଅହରହ ଉଦ୍ୟମ ଚିର ସ୍ମରଣୀୟ ହୋଇ ରହିବ ବୋଲି କର୍ମକର୍ତ୍ତାମାନେ କହିଥିଲେ। ଭାଷା, ଧର୍ମ ଓ ରାଜନୀତି ଆଦି ସମସ୍ତ ବିବିଧତା ସତ୍ତ୍ୱେ ସମସ୍ତେ ଭାରତ ମାତାର ସନ୍ତାନ ବୋଲି ପଣ୍ଡିତ ଉପାଧ୍ୟାୟ କହୁଥିବା ବେଳେ ସଂକୀର୍ଣ୍ଣତାରୁ ଊର୍ଦ୍ଧ୍ୱରେ ରହି ରାଷ୍ଟ୍ର ଧର୍ମରେ ପ୍ରତ୍ୟେକ ନାଗରିକ ଉଦ୍‌ବୁଦ୍ଧ ହେବାକୁ ନେଇ ପଣ୍ଡିତ ଉପାଧ୍ୟାୟ ୧୯୫୧ରେ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ସହ ମିଶି ଜନସଂଘ ପ୍ରତିଷ୍ଠା କରିଥିଲେ। ରାଷ୍ଟ୍ରୀୟ ହିତ ପାଇଁ ତାଙ୍କ ନିଷ୍ଠା, ଉଦ୍ୟମ ଓ ସମର୍ପଣ ମନୋଭାବ ତାଙ୍କୁ ଚିର ଅମର କରି ରଖିବ ବୋଲି ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ନେତା କିଶୁନ ସାହୁ, ମୁଖପାତ୍ର ଭଗବାନ ରାଉତ, ନିହାର ରାୟ, ଧୀରେନ ସେନାପତି, ରମେଶ ଅଗ୍ରୱାଲ, ରାମଚନ୍ଦ୍ର ବଡାଇକ, ବାବୁଲି ମୁର୍ମୁ, ମଳୟ ମହାପାତ୍ର, ବିନୟ ଗୌନ୍ତିଆ, ସ୍ମିତା ସାହୁ, ଶୁଶୀଳା ଶର୍ମା, ରାକେଶ ଜେନା, ମମତା ନାୟକ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।

# ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ପକ୍ଷରୁ ଦାବିପତ୍ର

**ରାଉରକେଲା ଅଫିସ,୨୬।୯**

ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ରାଉରକେଲା ଶାଖା ପକ୍ଷରୁ ବିଭିନ୍ନ ସମସ୍ୟାର ସାମଧାନ ପାଇଁ ମଙ୍ଗଳବାର ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍) ନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଦର୍ଶାଯାଇଛି ଯେ ଆର୍‌ଜିଏଚ୍ ଉପରେ ଜିଲା ତଥା ଜିଲା ବାହାରୁ ଆସୁଥିବା ଅନେକ ରୋଗୀ ନିର୍ଭର କରିଥାନ୍ତି। ଏହା ସତ୍ତ୍ୱେ ହସ୍ପିଟାଲର ଉନ୍ନତି ପ୍ରତି ସରକାର ଦୃଷ୍ଟି ଦେଉନାହାନ୍ତି। ରାଜ୍ୟ ସରକାର ହସ୍ପିଟାଲର ଶଯ୍ୟା ସଂଖ୍ୟା ବୃଦ୍ଧି କରିବାକୁ କହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ତାହା ପୂରଣ ହୋଇନାହିଁ। ଫଳରେ ରୋଗୀମାନେ ଶଯ୍ୟା ନ ପାଇ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ହସ୍ପିଟାଲରେ ମାତ୍ର ୧୨୮ ଶଯ୍ୟା ରହିଥିବା ବେଳେ ପ୍ରତ୍ୟେକ ଦିନ ୫ଶହ ରୋଗୀଙ୍କୁ ଶଯ୍ୟା ଆବଶ୍ୟକ ପଡୁଛି। ଏପରିକି ହସ୍ପିଟାଲରେ କର୍ମଚାରୀଙ୍କ ଅଭାବ ରହିଛି। ୫ଟି ଠିକା ସଂସ୍ଥା ମାଧ୍ୟମରେ ସଫେଇ କର୍ମଚାରୀଙ୍କ ସହ ଅନ୍ୟ ଆବଶ୍ୟକ ପଦ ପୂରଣ କରାଯାଇଛି। ତେବେ ସମ୍ପୃକ୍ତ ସଂସ୍ଥାଗୁଡ଼ିକ କର୍ମଚାରୀଙ୍କୁ ସରକାରୀ ନିୟମ ଅନୁସାରେ ପାଉଣା ଓ ଅନ୍ୟ ସାମାଜିକ ସୁରକ୍ଷା ଦେବାରେ ଅବହେଳା କରୁଛନ୍ତି। ଫଳରେ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। କେବଳ ଏତିକି ନୁହେଁ, ହସ୍ପିଟାଲରେ କିରାଣି ସହ ଅନ୍ୟ ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦ ଖାଲି ପଡ଼ିଛି। ଏ ଦିଗରେ ସରକାର ତୁରନ୍ତ ଧ୍ୟାନ ଦେବା ଆବଶ୍ୟକ ବୋଲି ସଂଗଠନ ପକ୍ଷରୁ ଦର୍ଶାଯାଇଛି। ଅନେକ କ୍ଷେତ୍ରରେ କିଛି ଅଧିକାରୀଙ୍କ ପ୍ରରୋଚନାରେ ଅନଭିଜ୍ଞ କର୍ମଚାରୀଙ୍କୁ କାମରେ ନିୟୋଜିତ କରାଯାଉଛି। ଫଳରେ ରୋଗୀ ସେବାରେ ଅବହେଳା ପରିଲକ୍ଷିତ ହେଉଛି। କିଛି କର୍ମଚାରୀ ଓ ମେଡିକାଲ ଅଫିସରଙ୍କ ଘରେ କାମ କରୁଥିବା ଲୋକଙ୍କୁ ଆଣି ହସ୍ପିଟାଲରେ କାମରେ ଲଗାଇ ଦରମା ପ୍ରଦାନ କରାଯାଉଛି। ଏହା ସମ୍ପୂର୍ଣ୍ଣ ଭାବେ ବେଆଇନ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଆର୍‌ଜିଏଚ୍‌ରେ ସୁନ୍ଦରଗଡ଼ ସଦର ହସ୍ପିଟାଲଠାରୁ ରୋଗୀ ସଂଖ୍ୟା ଅଧିକ। ଏପରି ଅବସ୍ଥାରେ ଆବଶ୍ୟକ କର୍ମଚାରୀ ଅଭାବ ଅନେକ କ୍ଷେତ୍ରରେ ସ୍ଥାଣୁତା ସୃଷ୍ଟି କରୁଛି ବୋଲି ସଂଗଠନ କର୍ମକର୍ତ୍ତା ଅଭିଯୋଗ କରିଛନ୍ତି। ତୁରନ୍ତ ଉପରିସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ଏକ ପ୍ରତିନିଧି ଦଳ ଆର୍‌ଜିଏଚ୍ ନିର୍ଦ୍ଦେଶକ ରାଜେନ୍ଦ୍ର ପଟ୍ଟନାୟକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ସମ୍ପାଦକ ସୁବାସ ପାଣିଗ୍ରାହୀ, ଆନନ୍ଦ ମହାନ୍ତି, ହୃଦାନନ୍ଦ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।



ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ପକ୍ଷରୁ ଆରଜିଏଚ୍ ନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ସେପ୍ଟେମ୍ବର ୨୭/୨୦୧୮



ୡଟି ପଦାର୍ଥ ଉପରେ ଭରସା କରନାହିଁ-ଜୟ କରାଯାଇ ନ ଥିବା ମନ, ଶତ୍ରୁମାନଙ୍କର ସ୍ନେହ, ସ୍ୱାର୍ଥୀମାନଙ୍କର ତୋଷାମଦ ଏବଂ ବଜାର ଜ୍ୟୋତିଷୀମାନଙ୍କ ଭବିଷ୍ୟବାଣୀ।

- ଗୌତମ ବୁଦ୍ଧ



## ସଂକ୍ଷେପରେ



### ମହିଳାଙ୍କ ମଦ ବିରୋଧୀ ଅଭିଯାନ: ସ୍ମାରକପତ୍ର ପ୍ରଦାନ

**ବାଲିଶଙ୍କରା, ୨୬।୯(ଡି.ଏନ.ଏ.)-** ବାଲିଶଙ୍କରା ବ୍ଲକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ତେଲେଇକାନୀ ପଞ୍ଚାୟତର ବେଲମୁଣ୍ଡା, ବାନୁଯୋର, ଭାଲୁମୁଣ୍ଡା ୩ଟି ଗ୍ରାମର ୩୦ଟି ସ୍ୱୟଂ ସହାୟକ ମହିଳା ଗ୍ରୁପ ସଦସ୍ୟାମାନେ ଏକତ୍ରିତ ଭାବେ ପ୍ରଥମେ ଭାଲୁମୁଣ୍ଡା ଗ୍ରାମର ବୈଠକ କରି ମଦ ରନ୍ଧା ବିକ୍ରିକୁ ବନ୍ଦ କରିବା ପାଇଁ ଶପଥ ପାଠ ନେଇଥିଲେ। ଏହା ପରେ ବିଭିନ୍ନ ସ୍ଲୋଗାନ ଦେଇ ୩ଟି ଗ୍ରାମ ପରିକ୍ରମା କରିଥିଲେ। ମଦ ରନ୍ଧା କେନ୍ଦ୍ରଗୁଡିକରେ ରନ୍ଧାମଦକୁ ଜବତ କରି ଢାଳି ଦେଇଥିଲେ। ଅଞ୍ଚଳରେ ମଦ ରନ୍ଧା ଯୋଗୁ ବିଭିନ୍ନ ଘରୋଇ କଳହ ସହ ସଂସାର ଉଜୁଡି ଯାଉଥିବା ଯୋଗୁ ମହିଳାମାନେ ଅଣ୍ଟା ଭିଡିଥିଲେ ମଦ ବନ୍ଦ କରିବା ପାଇଁ। ମହିଳା ଗ୍ରୁପ ସଦସ୍ୟାମାନେ କିଞ୍ଜିରିକେଲା ଥାନା ଅଧିକାରୀ ବିଦେଶୀ ବାଘଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏହି ମଦ ବିରୋଧୀ ଅଭିଯାନ କାର୍ଯ୍ୟକ୍ରମରେ ମିଳନ, ମା' ସନ୍ତୋଷୀ, ମହିମା, ସୁଶାନ୍ତ, ମା ତାରିଣୀ, ସରସ୍ୱତୀ, ସୁରଭି, ଜ୍ୟୋତି ପ୍ରିୟସିନୀ, ଲକ୍ଷ୍ମୀ, ମଦର ଟେରେସା, କଳ୍ପନା, ଉଷା, ଅଞ୍ଜଳି, ମୁସ୍କାନ, ଶାନ୍ତି, ସାଲିମା ଏହିପରି ୩୦ଟି ମହିଳା ସ୍ୱୟଂ ସହାୟକ ଗ୍ରୁପ ସଦସ୍ୟାମାନେ ଅଂଶଗ୍ରହଣ କରିଥିଲେ।



### ଆଦର୍ଶ ଶିକ୍ଷକଙ୍କ ପରଲୋକ

**ସୁନ୍ଦରଗଡ଼, ୨୬।୯ (ଡି.ଏନ୍.ଏ)** -ସୁନ୍ଦରଗଡ ଜିଲାର ଜଣାଶୁଣା ଆଦର୍ଶ ହାଇସ୍କୁଲ ଶିକ୍ଷକ ତଥା ଭବାନୀଶଙ୍କର ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ଅଶୋକ କୁମାର ବେହେରାଙ୍କ ବୁଧବାର ସକାଳେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୫୯ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ବେହେରା ଦେବଗଡ ଜିଲା କଂସର ହାଇସ୍କୁଲରୁ ଶିକ୍ଷକତା ଆରମ୍ଭ କରି ପରବର୍ତ୍ତୀ ସମୟରେ ସୁନ୍ଦରଗଡ ଜିଲାର ବିଭିନ୍ନ ହାଇସ୍କୁଲରେ ଶିକ୍ଷକତା କରି ଜଣେ ଆଦର୍ଶ ଶିକ୍ଷକ ଭାବେ ପ୍ରିୟଭାଜନ ହୋଇପାରିଥିଲେ। ସେ ବିଭିନ୍ନ ଧାର୍ମିକ ଓ ସାମାଜିକ ସଙ୍ଗଠନ ସହ ଜଡିତ ଥିଲେ। ବୁଧବାର ସକାଳେ ସୁନ୍ଦରଗଡ ସମଲେଶ୍ୱରୀ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହେବା ଖବର ପ୍ରକାଶିତ ହେବା ପରେ ତାଙ୍କର ସହକର୍ମୀ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର ମହଲରେ ଶୋକର ଛାୟା ଖେଳି ଯାଇଛି। ଇବ୍ ନଗରସ୍ଥିତ ବାସଭବନରେ ତାଙ୍କର ଆତ୍ମୀୟ ସ୍ୱଜନ ବହୁ ଶିକ୍ଷୟିତ୍ରୀ, ଶିକ୍ଷକ, ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ନିଜସ୍ୱ ଗ୍ରାମ ତେଲିପାଲିକୁ ତାଙ୍କ ମରଶରୀରକୁ ନିଆଯାଇ ସେଠାରେ ଇଚ୍ଛାନଦୀ କୂଳରେ ଅନ୍ତିମ ସଂସ୍କାର କରାଯାଇଥିଲା।

# ମଦ ବିରୋଧୀ ଆନ୍ଦୋଳନ ତେଜୁଛି

**ବଡ଼ଗାଁ, ୨୬।୯(ଡି.ଏନ.ଏ.)**

ପୋଲିସ ଓ ଅବକାରୀ କର୍ମଚାରୀଙ୍କ ଛତ୍ରଛାୟା ତଳେ ରହି ସୁନ୍ଦରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ମଦ ବେପାରୀ ନିର୍ଭୟ, ଅବାଧରେ କାରବାର କରୁଛନ୍ତି। ବିକ୍ରେତାଙ୍କୁ ମଦ ବିକ୍ରୀ ବନ୍ଦ କରିବାକୁ କହିଲେ ଅଶ୍ରାବ୍ୟ ଗାଳି, ଧମକ ଦେଇ ଯାଅ କାହାକୁ କହିବ କହୁଛନ୍ତି। ସରକାର, ପୋଲିସ ଓ ଅବକାରୀ ବିଭାଗକୁ ମଦ ବନ୍ଦ ପାଇଁ କଡା ନିର୍ଦ୍ଦେଶ ଦିଅନ୍ତୁ , ନଚେତ ନିର୍ବାଚନରେ ପରିଣାମ ଭୋଗିବାକୁ ପ୍ରସ୍ତୁତ ରୁହନ୍ତୁ ବୋଲି ସୁନ୍ଦରଗଡ ଜିଲା ବଡଗାଁ ଓ କୁତ୍ରା ଥାନା ଅଞ୍ଚଳରେ ମଦ ବିରୋଧୀ ଆନ୍ଦୋଳନ ଚଳାଇଥିବା ମହିଳାମାନେ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗଙ୍ଗାଜଳ ପଞ୍ଚାୟତର ୪୦ଟି ଏସ୍ଏଚ୍‌ଜିରେ ମହିଳାଙ୍କୁ ନେଇ ମାସେ ହେଲା ମଦ ବିରୋଧୀ ଆନ୍ଦୋଳନ ଆରମ୍ଭ ହୋଇଛି।




ମଦ ବିରୋଧୀ ଆନ୍ଦୋଳନରେ ଏସ୍ଏଚ୍‌ଜି ସଭ୍ୟା ସାମିଲ ହୋଇଛନ୍ତି।

ଦିନକୁ ଦିନ ଆନ୍ଦୋଳନ ତେଜୁଛି। ଏ ନେଇ ପଞ୍ଚାୟତବାସୀ ଗ୍ରାମସଭାରେ ବିକ୍ରୀ ବନ୍ଦ ପାଇଁ ପ୍ରସ୍ତାବ ଗୃହୀତ କରିବା ସହ ଗତମାସ ୨୩ ତାରିଖ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଜଣାଇଛନ୍ତି। ଏହା ପରେ ମଧ୍ୟ ଅବକାରୀ କିମ୍ବା ପୋଲିସ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଗତ ସପ୍ତାହ ମହିଳାମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆନ୍ଦୋଳନବେଳେ ମହିଳାମାନେ ଗାଁର ମଦଭାଟିକୁ ବନ୍ଦ ନ କଲେ ଜାଳି ଦେବାକୁ ଚେତାବନୀ ଦେବାରୁ ଭାଟି ମ୍ୟାନେଜର ଭାଟିରେ ମଦ ବନ୍ଦ କରିବାକୁ ଲିଖିତ ଦେଇଛନ୍ତି। ମହିଳାମାନେ ମଦ ବିକ୍ରେତାଙ୍କ ଘରୁ ମଦ ଜବତ କରି ଥାନାରେ ଜଣାଉଛନ୍ତି। ପୋଲିସ ମଦ ଜବତ କରୁଥିଲେ ମଧ୍ୟ ଚାର୍ଜସିଟରେ କମ ଦର୍ଶାଉଛନ୍ତି। ଏଥିରୁ ପୋଲିସର କାର୍ଯ୍ୟକଳାପ କିପରି ଅନୁମାନ କରାଯାଇପାରେ। ଅବକାରୀ ବିଭାଗ କର୍ମଚାରୀଙ୍କୁ ପାଇବା ବଡ ମୁସ୍କିଲ। ଏମାନଙ୍କୁ ଫୋନ କଲେ ମଧ୍ୟ ଶୁଣୁ ନ ଥିବା ଅଭିଯୋଗ ହୋଇଆସୁଛି। ଉଲ୍ଲେଖଯୋଗ୍ୟ ଯେ, ଗଙ୍ଗାଜଳ ଗାଁର ହାଇସ୍କୁଲ ନିକଟରେ ଥିବା ଜଣେ ବ୍ୟକ୍ତିଙ୍କ ଘରେ ମଦ ବିକ୍ରୀ କରାଯାଉଥିଲାବେଳେ ଟେଙ୍କପଡା, ଗୋଁଡପଡା ଓ ମଝାପଡାରେ ୩ରୁ ୫ଟି ଲେଖାଏଁ ମଦଭାଟି ଘରେ ଚାଲିଛି। ମଦ ବିକ୍ରେତାମାନେ ମହିଳାଙ୍କୁ ନାଲି ଆଖି ଦେଖାଉଥିଲାବେଳେ ପୋଲିସ, ଅବକାରୀ ବିଭାଗ କର୍ମଚାରୀ ସହଯୋଗ କରୁନାହାନ୍ତି। ନିର୍ବାଚିତ ଲୋକପ୍ରତିନିଧିଙ୍କ ସହଯୋଗ ମିଳୁ ନ ଥିବା ମହିଳାମାନେ କହିଛନ୍ତି। ଏ ସମ୍ପର୍କରେ ବଡଗାଁ ଅବକାରୀ ଇନ୍ସପେକ୍ଟରଙ୍କୁ ପଚାରିବାରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

**ଗଙ୍ଗାଜଳ ଗାଁ**

- ପୋଲିସ, ଅବକାରୀ ବିଭାଗର ସହଯୋଗ ମିଳୁନାହିଁ
- ସ୍କୁଲଠାରୁ ଅଳ୍ପ ଦୂରରେ ମଦବିକ୍ରି ହେଉଛି
- ବିକ୍ରେତା ମଦବିରୋଧ ମହିଳାଙ୍କୁ ନାଲି ଆଖି ଦେଖାଉଛନ୍ତି

## ଏମାନେ ଯାହା କହନ୍ତି...



ଗାଁରେ ମଦର ବନ୍ୟା ଛୁଟୁଛି। ଅବକାରୀ ଓ ପୋଲିସ ଚେତୁନାହିଁ। ଆମେ ମହିଳାଙ୍କ ଆନ୍ଦୋଳନକୁ ସମ୍ପୂର୍ଣ୍ଣ ସହଯୋଗ କରିବୁ।

**- ପ୍ରଦୀପ କୁମାର ନାଏକ- କୁତ୍ରା ବ୍ଲକ କଂଗ୍ରେସ ସଭାପତି**



ମଦ ବନ୍ଦ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବୁ। ସରକାର ମଦ ବିକ୍ରିକୁ ପ୍ରୋତ୍ସାହନ ଦେବା ଓ ପୋଲିସ, ଅବକାରୀ ନୀରବଦ୍ରଷ୍ଟା ସାଜିବା ଦୁର୍ଭାଗ୍ୟଜନକ ।

**- ପଦ୍ମା ବେହେରା, ସମ୍ପାଦିକା**



ଗାଁରେ ମଦ ବେପାର ବହୁତ ବଢ଼ିଯାଇଛି । ଛୋଟ ପିଲା ମଧ୍ୟ ମଦ କବଳରୁ ବାଦ ପଡିନାହାନ୍ତି। ଆମେ ପଞ୍ଚାୟତରେ ବନ୍ଦ ପାଇଁ ପ୍ରସ୍ତାବ ଗୃହୀତ କରିଛୁ।

**- ମନବୋଧ ସା, ୱାର୍ଡମେମ୍ବର**



ମଦ ରାକ୍ଷସ ଗାଁକୁ କବଳିତ କରିଛି। ଚାରିପଟେ ଖାଲି ଦେଶୀ, ବିଦେଶୀ ମଦ। ଆମେ ମଦ ବିକ୍ରୀ ବନ୍ଦ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନକାରୀ ମହିଳାଙ୍କୁ ସହଯୋଗ କରିବୁ।

**- କିଶୋର ମରେଇ, ୱାର୍ଡମେମ୍ବର**



ପୋଲିସ ଓ ଅବକାରୀ ବିଭାଗ ସହଯୋଗ କରୁନାହାନ୍ତି। ଫଳରେ ମଦ ବିକ୍ରେତା ଧମକଚମକ ଦେବାକୁ ପଛାଉ ନାହାନ୍ତି ।

**- ରିନା ଟେଟେ, ନାଏବ ସରପଞ୍ଚ**

## ଚାନ୍ଦା ଆଦାୟ ନେଇ ଟ୍ରକ୍ ଚାଳକଙ୍କୁ ମାଡ଼ ଓ ଲୁଟ୍ ଘଟଣା: ୪ ଗିରଫ

**କୁଆଁରମୁଣ୍ଡା, ୨୬।୯(ଡି.ଏନ.ଏ.)**

ବେଆଇନ ଭାବେ ପୂଜା ଚାନ୍ଦା ଆଦାୟ ନେଇ ଟ୍ରକ ଚାଳକଙ୍କୁ ମାଡ ଘଟଣାରେ ବୀରମିତ୍ରପୁର ପୋଲିସ ବୁଧବାର ୪ଜଣ ଯୁବକଙ୍କୁ ଗିରଫ କରିଥିବା ଜଣାପଡିଛି। ମଙ୍ଗଳବାର ସକାଳ ୯ଟାରେ ଛତିଶଗଡ ଅଞ୍ଚଳର ଟ୍ରକ ଚାଳକ ଗୁରୁଦେବ ସିଂ (୨୭)ଙ୍କ ଟ୍ରକ ସିଜି୦୪ଜେସି ୮୬୦୩ କୁ ବୀରମିତ୍ରପୁର ଅଞ୍ଚଳର ୬ଜଣ ଯୁବକ ପୂଜା ଚାନ୍ଦା ପାଇଁ ଅଟକାଇଥିଲେ। ସେ ଦାବି ମୁତାବକ ଚାନ୍ଦା ନ ଦେବାରୁ ତାଙ୍କ ଟ୍ରକରେ ଲାଇଟ, କାଚ ଇତ୍ୟାଦିକୁ ବାଡିରେ ବାଡେଇ ଭାଙ୍ଗିବା ସହ ଗୁରୁଦେବଙ୍କୁ ବାଡିରେ ପିଟିପିଟି ଲହୁଲୁହାଣ କରିଥିଲେ। ଏହା ପରେ ତାଙ୍କ ମନିପର୍ସ ଛଡାଇ ନେଇଥିଲେ। ଉକ୍ତ ପର୍ସରେ ଗୁରୁଦେବ ୨୭ ହଜାର ଟଙ୍କା, ଡ୍ରାଇଭିଂ ଲାଇସେନ୍ସ ଓ ପେଟ୍ରୋଲକାର୍ଡ ରଖିଥିଲେ ବୋଲି ବୀରମିତ୍ରପୁର ଥାନାରେ ଏତଲାରେ ଅଭିଯୋଗ କରିଛନ୍ତି। ୪ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ଅନ୍ୟ ୨ଜଣ ଫେରାର ଥିବା ଜଣାପଡିଛି। ଏହି ଘଟଣା ବୀରମିତ୍ରପୁର ଅଞ୍ଚଳରେ କିଭଳି ଆଇନଶୃଙ୍ଖଳା ପରିସ୍ଥିତି ଅଛି ତାହାର ସ୍ପଷ୍ଟ ଉଦାହରଣ। ସୂଚନାଥାଉ କି, ଗତ ପ୍ରାୟ ୮ମାସରୁ ଉର୍ଦ୍ଧ୍ୱ ହେଲା ବୀରମିତ୍ରପୁର ଥାନାରେ ଆଇଆଇସି ପଦ ଖାଲି ପଡିଥିବାବେଳେ ଅନ୍ୟାନ୍ୟ ଆବଶ୍ୟକୀୟ କର୍ମଚାରୀ ନାହାନ୍ତି। ଫଳରେ ଦାୟିତ୍ୱରେ ଥିବା ପୋଲିସ, ପିଏସଏଫଆଇ ପ୍ରଭୃତି ଏହି ଥାନା ଅଞ୍ଚଳରେ ଶାନ୍ତିଶୃଙ୍ଖଳା, ଅପରାଧିକ କାର୍ଯ୍ୟକଳାପ ନିୟନ୍ତ୍ରଣ କରିବାକୁ ସମର୍ଥ ହେବ ନା ନାହିଁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଜିଲାସ୍ତରୀୟ ଜାତୀୟ କୃମିନାଶକ ଦିବସ ପାଳିତ

**ସୁନ୍ଦରଗଡ, ୨୬।୯ (ଡି.ଏନ୍.ଏ)**

ସ୍ଥାନୀୟ ସେଣ୍ଟମେରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ବୁଧବାର ଜିଲାସ୍ତରୀୟ ଜାତୀୟ କୃମିନାଶକ ଦିବସ ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଦିଲ୍ଲୀପ କୁମାର ଷଡଙ୍ଗୀ ପ୍ରଦୀପ ପ୍ରଜ୍ଜଳନ କରି ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ଅଭିଭାଷଣରେ କୃମିର ଶରୀରକୁ ପ୍ରଭାବ ଓ ଏହାର କାରଣ ଓ ନିରାକରଣ ଉପରେ ଆଲୋକପାତ କରିଥିଲେ। କୃମିଯୋଗୁ ଉତ୍ପନ୍ନ ହେଉଥିବା ରକ୍ତହୀନତା, ଭୋକ ନ ହେବା, ଦୁର୍ବଳ ଓ ବିଚଳିତ ଲାଗିବା, ପେଟ କାଟିବା, ବାନ୍ତି ଲାଗିବା, ତରଳ ଝାଡା ହେବା, ଝାଡାରେ ରକ୍ତ ପଡିବା ଆଦି ଲକ୍ଷଣ ଦେଖାଯାଏ। ଏଥିପାଇଁ ସ୍ୱଚ୍ଛତା ଓ ପରିଚ୍ଛନ୍ନତା ପ୍ରତି ସଚେତନ ରହିବା ପାଇଁ ଉପଦେଶ ଦେଇଥିଲେ। ଏହାର ପ୍ରତିକାର ପାଇଁ ୧ରୁ ୧୯ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାମାନଙ୍କ କୃମି ଔଷଧ ଦେବା ପାଇଁ ଜିଲାରେ ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ର, ଟୀକାଦାନ କେନ୍ଦ୍ର ଓ ବିଦ୍ୟାଳୟ ତଥା ମହାବିଦ୍ୟାଳୟରେ ଔଷଧ ସେବନର ବ୍ୟବସ୍ଥା କରାଯାଇଥିବା ମୁଖ୍ୟ ଚିକିତ୍ସାଧିକାରୀ ଷଡଙ୍ଗୀ ସୂଚନା ଦେଇଥିଲେ। ଏଥିରେ ଜିଲା ପ୍ରୋଗ୍ରାମ ମ୍ୟାନେଜର ଦୀପକ କୁମାର ମହାନ୍ତି ଯେଉଁମାନେ ଆଜି ପର୍ଯ୍ୟନ୍ତ ଔଷଧ ଖାଇନାହାନ୍ତି, ସେମାନେ ଆସନ୍ତା ଅକ୍ଟୋବର ୩ ତାରିଖରେ ଉପରୋକ୍ତ ସ୍ଥାନଗୁଡିକରେ ଔଷଧ ସେବନର ସୁବିଧା ନେଇପାରିବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗର ଅଶ୍ୱିନୀ କୁମାର ମିଶ୍ର, ଜିଲା ଉପରିଚାଳକ ମହେନ୍ଦ୍ର ବାଗ୍, ଜିଲା ଜନସ୍ୱାସ୍ଥ୍ୟ ସୂଚନା ଅଧିକାରୀ ସନ୍ତୋଷ କୁମାର ପାଣ୍ଡେ, ପରିସଂଖ୍ୟାନ ଅନୁସନ୍ଧାନକାରୀ ଅଧିକାରୀ ତଥା ଭାରପ୍ରାପ୍ତ ଜିଲା ସମାଜ କଲ୍ୟାଣ ଅଧିକାରୀ ସାଉଣ୍ଡି ଲାକ୍ରା, ସେଣ୍ଟ ମେରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବେରନାବେଟ କେରକେଟା ଏବଂ ଅନ୍ୟ ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଜିଲାସ୍ତରୀୟ ଜାତୀୟ କୃମିନାଶକ ଦିବସ ପାଳନ ଅବସରରେ ଉପସ୍ଥିତ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ, ଶିକ୍ଷୟିତ୍ରୀ।

## ଗାଁରେ ପହଞ୍ଚିଲା ପୁଣି ଜଣେ ଦାଦନଙ୍କ ମୃତଦେହ

**କର୍ଲାମୁଣ୍ଡା,୨୬।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇ ଗତ ଏକ ମାସ ମଧ୍ୟରେ ୩ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିବା ଘଟଣା ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଏପରି ସ୍ଥଳେ କର୍ଲାମୁଣ୍ଡା ବ୍ଲକ ସାପଲହରା ପଞ୍ଚାୟତ କଣ୍ଡରେଇ ଗ୍ରାମର ଜଣେ ଯୁବ ଦାଦନ ଶ୍ରମିକଙ୍କ ସୋମବାର ବାଙ୍ଗାଲୋରରେ ମୃତ୍ୟୁ ଘଟିଛି। ସେ ହେଲେ କଣ୍ଡରେଇ ଗ୍ରାମର ରଞ୍ଜନ ଗହୀର (୨୨) । ରଞ୍ଜନ ଗହୀର କିଛି ମାସ ତଳେ କର୍ନାଟକର ବାଙ୍ଗାଲୋରକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ସେ ଏକ କମ୍ପାନୀରେ କାମ କରୁଥିବା ବେଳେ ତାଙ୍କର ହଠାତ୍ ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ଫୋନ ମାଧ୍ୟମରେ ପାଇ ତାଙ୍କ ବାପା ଖୁସିରାମ ଗହୀର ଏକ ମାତ୍ର ପୁଅଙ୍କ ମୃତଦେହ ଆଣିବା ପାଇଁ କେସିଙ୍ଗା ଷ୍ଟେଶନରୁ ଟ୍ରେନ ଯୋଗେ ବାଙ୍ଗାଲୋର ଅଭିମୁଖେ ବାହାରିଥିଲେ। ତେବେ ରଞ୍ଜନଙ୍କ ମୃତଦେହ ଆମ୍ବୁଲାନ୍ସ ଯୋଗେ ମଙ୍ଗଳବାର ରାତିରେ ଗାଁରେ ପହଞ୍ଚିଥିଲା। ଶବ ପହଞ୍ଚିବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଅଗଷ୍ଟ ଶେଷ ସପ୍ତାହରେ କୁନ୍ଦେଇପାଲି ଗ୍ରାମର ତିନି ଜଣ ଦାଦନ ଶ୍ରମିକଙ୍କ ମୃତଦେହ ଗାଁକୁ ଫେରିଥିବା ବେଳେ ଏହାର କିଛି ଦିନ ମଧ୍ୟରେ ଏବେ ରଞ୍ଜନଙ୍କ ମୃତଦେହ ଗାଁକୁ ଫେରିଛି । ସେହିପରି ଗତ ଦୁଇ ବର୍ଷ ମଧ୍ୟରେ ଏହି ବ୍ଲକର ପ୍ରାୟ ୭ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଲାଣି ।

### ଥମୁନି ଚୋରି: ପୁଣି ୨ ଦୋକାନରୁ ଲୁଟ୍

## ବଡ଼ଗାଁ ଥାନା ଅଞ୍ଚଳ ଅପରାଧୀଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି

**ବଡ଼ଗାଁ, ୨୬।୯(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅଞ୍ଚଳ ଅପରାଧୀମାନଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି। ୬ମାସରୁ ଉର୍ଦ୍ଧ୍ୱ ହେଲା କିଛିଦିନ ବ୍ୟବଧାନରେ ଘର ଓ ଦୋକାନରୁ ଚୋରି ହେବା ସହିତ ବାଇକ ଚୋରି ହେଉଛି। ବଡଗାଁ ଥାନା ପୋଲିସର ଦୁର୍ବଳତାକୁ ପରଖିଥିବା ଚୋର, ଲୁଟେରାମାନେ ଅବାଧରେ ମିନିଟ୍ରକରେ ଆସି ଦୋକାନ ଭାଙ୍ଗି ଚୋରି କରି ଅବାଧରେ ଚାଲିଯାଉଛନ୍ତି। ଗତ ରବିବାର ଜରଙ୍ଗଲୋଇ ଗ୍ରାମର କୌଶିକ ବେହେରାଙ୍କ ସାର ଦୋକାନର ଆଜବେଷ୍ଟସ ଭାଙ୍ଗି ଚୋର ପଶିଥିଲେ। ଶବ୍ଦ ଶୁଣି ପାଖ ଦୋକାନରେ ଶୋଇଥିବାବେଳେ କେତେକ ଯୁବକ ଉଠିଯିବାରୁ ଚୋର ଦଳ ଆଣିଥିବା ମିନିଟ୍ରକ ନେଇ ଚମ୍ପଟ ମାରିଥିଲେ। ମଙ୍ଗଳବାର ରାତିରେ ଡୁଡାଲଗା ବସଷ୍ଟାଣ୍ଡସ୍ଥିତ ବାସୁଦେବ ସାଙ୍କ ରାଶନ ଦୋକାନର ପଛ ଓ ସମ୍ମୁଖ ପଟ ତାଲା ଭାଙ୍ଗି ଚୋରମାନେ ୨ଲକ୍ଷ ୫ ହଜାର ଟଙ୍କା କ୍ୟାସ ଓ ବିସ୍କୁଟ, ସିଗାରେଟ, ସୋରିଷ ତେଲ, ରିଫାଇନ ତେଲ, ହରଲିକ୍ସ, କମଳାପସନ୍ଦଆଦି ଅନେକ ସାମଗ୍ରୀ ଚୋରି କରି ନେଇଛନ୍ତି। ଏହାର ମୂଲ୍ୟ ୨୭ହଜାର ଟଙ୍କା ହେବ। ଏସବୁ ସାମଗ୍ରୀ ବହୁ ସଂଖ୍ୟକ ଥିବାରୁ ଚୋରମାନେ ୪୦୭ ଭଳି ଯାନ ବ୍ୟବହାର କରିଥିବା ଅନୁମାନ କରାଯାଉଛି। ସେହିପରି ଲଟାପଡ଼ାର ଦୋଳଗୋବିନ୍ଦ ହୋତାଙ୍କ ଘରେ ଚୋରି ହୋଇଛି। ଘରେ କେହି ନ ଥିବାବେଳେ ଚୋରମାନେ ତାଲା ଭାଙ୍ଗି ଘରେ ପଶିଥିଲେ। ମୋବାଇଲ, ଘରକରଣା ସାମଗ୍ରୀ କିଛି ନେଇଯାଇଛନ୍ତି। ଗତ କିଛିମାସ ମଧ୍ୟରେ ଅନେକ ଚୋରି ଘଟଣା ଘଟିଥିଲେ ମଧ୍ୟ ପୋଲିସ ଜରଙ୍ଗଲୋଇରେ ବ୍ୟାଟେରୀ ଚୋରି କରିଥିବା ଚୋରକୁ ଧରିଥିଲାବେଳେ ଅନ୍ୟ ଘଟଣାରେ ପୋଲିସର ହାତ ଖାଲି । ଜରଙ୍ଗଲୋଇ ଘଟଣାରେ ଚୋର ବାଇକ ଛାଡି ଯାଇଥିବାରୁ ଚୋର ଧରିପାରିଥିଲେ ମଧ୍ୟ ଅନ୍ୟ ଘଟଣାରେ ଚୋରଙ୍କୁ ପୋଲିସ ଧରିପାରିନାହିଁ । ୪ମାସ ମଧ୍ୟରେ ୪ଟି ଲୁଟ ଘଟଣାରେ ମଧ୍ୟ ପୋଲିସକୁ ବିଫଳତାର ମୁହଁ ଦେଖିବାକୁ ପଡିଛି । ରାତ୍ରିକାଳୀନ ପେଟ୍ରୋଲିଂ ନାଁରେ ପୋଲିସ ବାହାରୁଥିଲେ ମଧ୍ୟ କେତେକ ସ୍ଥାନରେ ଆଡ୍ଡା ଜମାଇ ରହୁଥିବା ଅଭିଯୋଗ ହେଉଛି । ଘନଘନ ଚୋରି ଯୋଗୁ ବ୍ୟବସାୟୀ ମହଲରେ ଧନଜୀବନ ସୁରକ୍ଷାକୁ ନେଇ ଚିନ୍ତିତ ଅଛନ୍ତି। ପୋଲିସର ବିଫଳତା ଓ ନିଷ୍କ୍ରିୟତାକୁ ନେଇ ଲୋକେ ବାଟଘାଟରେ କଡା ଟିପ୍ପଣୀ ଦେଉଛନ୍ତି। ଜିଲା ଅଧିକାରୀ ବଡଗାଁ ଥାନାରେ ଆଇଆଇସି ନିଯୁକ୍ତ କରିବା ସହ ଚୋରଙ୍କୁ ଧରିବା ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି ।

# ସ୍ୱଚ୍ଛ ଭାରତ ଅଭିଯାନରୁ କୃଷି ଉନ୍ନତି କାର୍ଯ୍ୟକ୍ରମ

**ସୁନ୍ଦରଗଡ଼, ୨୬।୯ (ଡି.ଏନ୍.ଏ)**

ଭାରତ ସରକାରଙ୍କ ସ୍ୱଚ୍ଛତା ହିଁ ସେବା ପକ୍ଷ ପାଳନ ଅବସରରେ ଭାରତୀୟ ଜଳ ପ୍ରବନ୍ଧନ ଅନୁଷ୍ଠାନ, ଭୁବନେଶ୍ୱର ଦ୍ୱାରା ସୁନ୍ଦରଗଡ ଜିଲାର ଆଦିବାସୀ ଅଧ୍ୟୁଷିତ ସଦର ବ୍ଲକ ଅନ୍ତର୍ଗତ ବିର୍ଜାବେର୍ଣ୍ଣା ଗ୍ରାମରେ ଦ୍ୱିଦିବସୀୟ କୃଷି ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅବସରରେ ଅନୁଷ୍ଠାନ ପକ୍ଷରୁ ଗତ ୨୫ତାରିଖ ପ୍ରଥମ ଦିବସରେ ଆଧୁନିକ ମତ୍ସ୍ୟ ଚାଷ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଦ୍ୱିତୀୟ ଦିବସରେ ସମନ୍ୱିତ କୃଷି ପଦ୍ଧତି, ପନିପରିବା ଚାଷ ଏବଂ ରୋଗ ପୋକ ନିୟନ୍ତ୍ରଣ ଉପରେ କୃଷି ବୈଜ୍ଞାନିକମାନେ ଆଲୋକପାତ କରି ଚାଷୀମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ବିର୍ଜାବେର୍ଣ୍ଣା ଗ୍ରାମର ଅଗ୍ରଣୀ ଚାଷୀ ମିଥିଲା ମୁଣ୍ଡା, ଗୋପୀନାଥ ମୁଣ୍ଡା ଏବଂ ମାଛଚାଷୀ ମଣିଧର ମୁଣ୍ଡା ଜଳପ୍ରବନ୍ଧନ ଅନୁଷ୍ଠାନ ଦ୍ୱାରା କରାଯାଇଥିବା ସମନ୍ୱିତ କୃଷି ଏବଂ ମାଛଚାଷ ଦ୍ୱାରା ସେମାନଙ୍କର ରୋଜଗାର ଏବଂ ଜୀବନଧାରଣ ମାନରେ ଆସିଥିବା ଆଖି ଦୃଶିଆ ପରିବର୍ତ୍ତନ ସମ୍ପର୍କରେ ନିଜର ଅନୁଭୂତିକୁ ବର୍ଣ୍ଣନା କରିଥିଲେ। ସ୍ଥାନୀୟ ଜିଲା ପରିଷଦ ସଦସ୍ୟ ସୁଖଲାଲ ମୁଣ୍ଡା ଗ୍ରାମରେ ଗତ ୩ବର୍ଷରେ କୃଷି କ୍ଷେତ୍ରରେ ହୋଇଥିବା ସର୍ବାଙ୍ଗୀନ ଉନ୍ନତି ପଛରେ ଜଳ ପ୍ରବନ୍ଧନ ସଂସ୍ଥାର ଭୂମିକାକୁ ପ୍ରଶଂସା କରିଥିଲେ। ସଂସ୍ଥା ଦ୍ୱାରା କରାଯାଇଥିବା ପ୍ରମୁଖ କାର୍ଯ୍ୟକ୍ରମ ମଧ୍ୟରୁ ସିଞ୍ଚନ କୃଷି ପଦ୍ଧତି ଏବଂ କୃଷି କ୍ଷେତ୍ରରେ ପାଇପ୍ ଦ୍ୱାରା ଜଳ ଯୋଗାଣ କରାଯାଇ କିଭଳି ଜଳସଂରକ୍ଷଣ ଏବଂ ଜଳ ଉତ୍ପାଦନ ବୃଦ୍ଧି କରାଯାଇ ପାରିଛି ସେ ବିଷୟରେ ମଧ୍ୟ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଗ୍ରାମବାସୀଙ୍କ ସହଯୋଗରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜଳ ପ୍ରବନ୍ଧନ ସଂସ୍ଥାର ବୈଜ୍ଞାନିକ ଡଃ ରାଜୀବ କୁମାର ମହାନ୍ତି, ଡ. ସଚିନକାନ୍ତ ରାଉତରାୟ, ଡ. ରବୀନ୍ଦ୍ର କୁମାର ପଣ୍ଡା ଏବଂ ନିକଟସ୍ଥ କିରେଇ କୃଷିବିଜ୍ଞାନ କେନ୍ଦ୍ରର ପରିଚାଳନା ମୁଖ୍ୟ ଡ. ଡେଭିଡ ବାଗେ, ପାଣିପାଗ କୃଷି ବିଜ୍ଞାନୀ ଡ. ସଞ୍ଜିବ ବିଶ୍ୱାସୀ, ବୈଜ୍ଞାନିକ ସତ୍ୟମୟ ଶତପଥୀ ପ୍ରମୁଖ ଯୋଗଦେଇଥିଲେ।




ବିର୍ଜାବେର୍ଣ୍ଣା ଗ୍ରାମରେ କୃଷି ଶିବିରରେ ଉପସ୍ଥିତ ଚାଷୀ, କୃଷି ଅଧିକାରୀ, ବୈଜ୍ଞାନିକ।



ଗାୟତ୍ରୀ ମନ୍ତ୍ର ହିଁ ମନୁଷ୍ୟକୁ କୁପଥ ତ୍ୟାଗ କରି ସୁପଥରେ ଚାଲିବାକୁ ପ୍ରେରଣା ଦେଇଥାଏ, ଏହାଦ୍ୱାରା ସତ୍ୟ ଓ ଅସତ୍ୟର ବିଚାରଶୀଳତା ତଥା ଆତ୍ମାର ବିକାଶ ଘଟିଥାଏ।
- ବାଲ୍ ଗଙ୍ଗାଧର ତିଲକ



## ସଂକ୍ଷେପରେ



### ୫ପ୍ରକଳ୍ପର ଶିଳାନ୍ୟାସ

**ଲଖନପୁର,୨୬।୯(ଡି.ଏନ୍.ଏ)-** ଝାରସୁଗୁଡା ଜିଲା ଲଖନପୁର ବ୍ଲକ ଅଞ୍ଚଳରେ ଗତ ମଙ୍ଗଳବାର ପଶ୍ଚିମ ଓଡ଼ିଶା ବିକାଶ ପରିଷଦ(ଡବ୍ଲ୍ୟୁଡିସି)ପାଣ୍ଠି ବ୍ୟୟରେ ୫ପ୍ରକଳ୍ପ ଶିଳାନ୍ୟାସ ହୋଇଛି । ଏଥିମଧ୍ୟରେ ୫ଲକ୍ଷ ଟଙ୍କା ବ୍ୟୟରେ ସାଗରପାଲି ବେହେରାପଡା କଂକ୍ରିଟ୍ ରାସ୍ତା, ୫ଲକ୍ଷ ଟଙ୍କା ବ୍ୟୟରେ କଲ୍ୟାଣ ମଣ୍ଡପ, ୫ଲକ୍ଷ ଟଙ୍କା ବ୍ୟୟରେ ଏକଫାଳିଆପଡ଼ାରେ କଲ୍ୟାଣ ମଣ୍ଡପ, ୫ଲକ୍ଷ ଟଙ୍କା ବ୍ୟୟରେ ଜାମଗାଁ ଗ୍ରାମର ଜଗନ୍ନାଥ ମନ୍ଦିର ପୁନଃରୁଦ୍ଧାର,୧୨ଲକ୍ଷ ଟଙ୍କା ବ୍ୟୟରେ କୋଇଲି ଘୋଘର ଶାନ୍ତି କୁଟିର କଲ୍ୟାଣ ମଣ୍ଡପ ସାଙ୍ଗକୁ ଆଲୋକିକରଣ ଆଦି ରହିଛି । ଏସବୁ ପ୍ରକଳ୍ପକୁ ବିଭାଗୀୟ ଡବ୍ଲ୍ୟୁଡିସି ଅଧ୍ୟକ୍ଷ କିଶୋର ମହାନ୍ତି ଶିଳାନ୍ୟାସ କରିଛନ୍ତି। ଏଥିରେ ବିଜେଡି ବ୍ଲକ ସଭାପତି ରାଜେନ୍ଦ୍ର ପ୍ରସାଦ ସାହୁ, ପ୍ରମୋଦ ଗଡତିଆ, ସୁରଭି ଛତ୍ରିଆ, ଗୀତାଞ୍ଜଳି ଗଡତିଆ, ରବିରତ୍ନ ପ୍ରଧାନ, ସଞ୍ଜୀତ ପ୍ରଧାନ, ମହେନ୍ଦ୍ର ସାଏ, ବିଶ୍ୱନାଥ ନାୟକ, ଶମ୍ଭୁ ମହାନ୍ତି, ପଦ୍ମଲୋଚନ ଭୋଇ, ଗଜାନନ ଭଁୟର, ଶେଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ଇ-ଫାର୍ମାସୀକୁ ବିରୋଧ: ୨୮ରେ ବନ୍ଦ ରହିବ ଔଷଧ ଦୋକାନ

**ଝାରସୁଗୁଡା ଅଫିସ,୨୬।୯-** ଇ-ଫାର୍ମାସୀକୁ ପ୍ରୋତ୍ସାହନ ଦେବାକୁ ସରକାର ଯୋଜନା କରୁଛନ୍ତି। ଏହାଦ୍ୱାରା ଦେଶର ୮.୫୦ ହଜାର ଔଷଧ ବ୍ୟବସାୟୀ ପ୍ରଭାବିତ ହେବ ସହ ଲୋକ ମଧ୍ୟ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି। ତେଣୁ ସରକାରଙ୍କ ଏହି ପ୍ରସ୍ତାବକୁ ବିରୋଧ କରି ସର୍ବଭାରତୀୟ ଔଷଧ ବ୍ୟବସାୟୀ ସଙ୍ଗଠନ ୨୮ ତାରିଖରେ ଦେଶବ୍ୟାପୀ ବନ୍ଦ ଡାକରା ଦେଇଛି। ସଂଘର ଆହ୍ୱାନ କ୍ରମେ ଝାରସୁଗୁଡ଼ା ଜିଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନ ବନ୍ଦରେ ସାମିଲ ହୋଇବାକୁ ସମହତି ପ୍ରକାଶ କରିଛି। ଇ-ଫାର୍ମାସୀ ବିରୋଧ କରି ୨୮ ତାରିଖରେ ସମସ୍ତ ଔଷଧ ଦୋକାନ ବନ୍ଦ ରଖିବାକୁ ବୁଧବାର ଏକ ଖବରଦାତା ସମ୍ମିଳନୀରେ ସଂଘ ପ୍ରକାଶ କରିଛି। ଖବରଦାତା ସମ୍ମିଳନୀରେ ଜିଲା ସଂଘର ମନୋଜ ବଂଶଲ, ମନ ମହାପାତ୍ର, ତରୁଣ ଶର୍ମା, ଅମିତ ସରାୱଗି ଏବଂ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

■ ବିମାନସେବା ସର୍ବେକ୍ଷଣ

# ୨୭% ଲୋକ ଝାରସୁଗୁଡ଼ା-ନୂଆଦିଲ୍ଲୀ ବିମାନସେବା ଚାହୁଁଛନ୍ତି

**ଝାରସୁଗୁଡା ଅଫିସ,୨୬।୯**

ବୀର ସୁରେନ୍ଦ୍ର ସାଏ(ଭିଏସ୍ଏସ୍) ବିମାନବନ୍ଦର କାର୍ଯ୍ୟକ୍ଷମ ହୋଇସାରିଛି। ଏହି ବିମାନବନ୍ଦରକୁ ନେଇ ପଶ୍ଚିମ ଓଡ଼ିଶାର ପ୍ରତ୍ୟେକ ଜିଲା ଆଶାବାଦୀ ଅଛନ୍ତି। ଆଞ୍ଚଳିକ ଭିତ୍ତିରେ ବିମାନ ସେବା ଦୃଷ୍ଟିରୁ ପଶ୍ଚିମ ଓଡ଼ିଶା ରାଜ୍ୟର ଦ୍ୱିତୀୟ କେନ୍ଦ୍ର ହୋଇପାରିଥିବା ବେଳେ ଏଠାରୁ ଦେଶର ବିଭିନ୍ନ ସ୍ଥାନକୁ ବିମାନସେବା ଆରମ୍ଭ ନେଇ ଲୋକ ନିଜର ଉତ୍ସୁକତା ପ୍ରକାଶ କରିଛନ୍ତି। ଝାରସୁଗୁଡ଼ା ଏବଂ ଏହାର ଆଖପାଖ ଜିଲା ସମେତ ରାଜ୍ୟ ବାହାରେ ରହୁଥିବା ବ୍ୟକ୍ତିବିଶେଷ, ଛାତ୍ରୀଛାତ୍ର ସେବା ନିରୂପଣ ଦିଗରେ ନିଜର ମତ ପ୍ରକାଶ କରିଛନ୍ତି। ଝାରସୁଗୁଡ଼ାର ଏକ ଅନ୍‌ଲାଇନ୍ ନିଉଜ ପୋର୍ଟାଲ ଦ୍ୱାରା କରାଯାଇଥିବା ସର୍ବେକ୍ଷଣ ମୁତାବକ




ସର୍ବେକ୍ଷଣ ପରିସଂଖ୍ୟାନ ଫଟୋଚିତ୍ର।

ଲୋକ ଭିଏସ୍ଏସ୍ ବିମାନବନ୍ଦରରୁ ଦେଶର ରାଜଧାନୀକୁ ଉଡିବା ପାଇଁ ସର୍ବାଧିକ ମତପ୍ରକାଶ କରିଛନ୍ତି। ଦେଶର ପ୍ରମୁଖ ସହରକୁ ବିମାନ ସେବା ଦିଗରେ ଏକ ହଜାରରୁ ଅଧିକ ଲୋକ ନିଜ ମତବ୍ୟକ୍ତ କରିଛନ୍ତି।

ଝାରସୁଗୁଡ଼ା ଲାଇଭ୍ ନାମକ ଏକ ୱେବ୍ ନିଉଜ ପୋର୍ଟାଲ ପକ୍ଷରୁ ବିମାନ ସେବା, ବିମାନବନ୍ଦରରେ ଉପଲବ୍ଧ ହେବାକୁ ଥିବା ସୁବିଧା, ସେବାର ବ୍ୟବଧାନ ବାବଦରେ ଜୁଲାଇ ୨ ତାରିଖରୁ ଏକ ସର୍ବେକ୍ଷଣ କରାଯାଇଥିଲା। ଏହି ସର୍ବେକ୍ଷଣରେ ବିଭିନ୍ନ ସ୍ଥାନର ୧୦୮୮ ଲୋକ ଅଂଶଗ୍ରହଣ କରି ନିଜର ମତ ଦେଇଛନ୍ତି। ସର୍ବେକ୍ଷଣରେ ଝାରସୁଗୁଡ଼ା ଭିଏସ୍ଏସ୍ ଏୟାରପୋର୍ଟରୁ ଦେଶର ପ୍ରମୁଖ ସହର କୋଲକତା, ନୂଆଦିଲ୍ଲୀ, ମୁମ୍ବାଇ, ବାଙ୍ଗାଲୋର, ବିଶାଖାପଟଣା, ହାଇଦ୍ରାବାଦ୍, ଭୁବନେଶ୍ୱର, ଚେନ୍ନାଇକୁ ବିମାନ ଚଳାଚଳ ବାବଦରେ ମତ ସଂଗ୍ରହ ଆରମ୍ଭ ହୋଇଥିଲା। ଯେଉଁଥିରେ ସର୍ବାଧିକ ୨୬.୯% ଲୋକ ଝାରସୁଗୁଡ଼ାରୁ ଦିଲ୍ଲୀକୁ ବିମାନସେବା ପାଇଁ ଆଶାୟୀ ଥିବା ଜଣାପଡିଛି। ଅନ୍ୟ ସହରଗୁଡିକ ମଧ୍ୟରେ କୋଲକତାକୁ ୧୮.୭%, ବାଙ୍ଗାଲୋରକୁ ୧୮.୮%, ମୁମ୍ବାଇକୁ ୧୩.୭% ଲୋକ ବିମାନସେବା ଚାହୁଁଥିବା ଝାରସୁଗୁଡା ଲାଇଭ୍ ଜରିଆରେ ପ୍ରକାଶ କରିଛନ୍ତି। ଦିଲ୍ଲୀ, ମୁମ୍ବାଇ, ବାଙ୍ଗାଲୋର ଏବଂ କଲିକତା ସପକ୍ଷରେ ୭୮.୧% ଲୋକ ମତ ଦେଇଥିବା ବେଳେ, ଅବଶିଷ୍ଟ ୪ଟି ସହର ବିଶାଖାପଟଣମ୍, ଚେନ୍ନାଇ, ଭୁବନେଶ୍ୱର ଏବଂ ହାଇଦ୍ରାବାଦ ସପକ୍ଷରେ ମାତ୍ର ୨୧.୯% ଲୋକ ମତ ଦେଇଛନ୍ତି।

ସେହିପରି ବିମାନବନ୍ଦର ପରିସରରେ ଅନ୍ୟାନ୍ୟ ସୁବିଧା ପାଇଁ ମଧ୍ୟ ଏହି ସର୍ବେକ୍ଷଣ ଜରିଆରେ ମତ ଦେଇଛନ୍ତି। ସୂଚନାଯୋଗ୍ୟ, ଭୁବନେଶ୍ୱରୁ ନୂଆଦିଲ୍ଲୀ ଯାଉଥିବା ଏୟାର ଇଣ୍ଡିଆର ବିମାନକୁ ଝାରସୁଗୁଡ଼ାରେ ଅବତରଣ କରିବା ସହ ଏଠାରୁ ଯାତ୍ରୀ ନେଇ ଯିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତମାସରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟକୁ ଚିଠି ଲେଖିଥିଲେ। ଏପରିକି ସେପ୍ଟେମ୍ବର ୨୨ ତାରିଖରେ ବିମାନବନ୍ଦର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସମାନ ଅନୁରୋଧ ପ୍ରଧାନମନ୍ତ୍ରୀଙ୍କୁ କରିଥିଲେ। ଏହାସହ ଏହି ଅବତରଣ ବାବଦରେ ହେବାକୁ ଥିବା କ୍ଷତି ଭରଣ କରିବାକୁ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ। ବର୍ତ୍ତମାନ ସର୍ବେକ୍ଷଣରେ ଝାରସୁଗୁଡ଼ାରୁ ନୂଆଦିଲ୍ଲୀ ଉଡିବାକୁ ଲୋକ ଇଚ୍ଛା ପ୍ରକାଶ କରିଥିବାରୁ କେନ୍ଦ୍ର ସରକାର କି ପଦକ୍ଷେପ ନେବେ ଆଗାମୀ ଦିନରେ ସ୍ପଷ୍ଟ ହେବ।

### ବନ୍ଧବାହାଲରୁ ନାବାଳିକା ଉଦ୍ଧାର, ମୁକ୍ତ ଆଶ୍ରୟ କେନ୍ଦ୍ରରେ ଥଇଥାନ

**ଲଖନପୁର,୨୬।୯(ଡି.ଏନ୍.ଏ.)**

ଝାରସୁଗୁଡା ଜିଲା ଲଖନପୁର ବ୍ଲକ ବନ୍ଧବାହାଲ ଏମ୍‌ସିଏଲ୍ କଲୋନୀରୁ ବୁଧବାର ଚାଇଲ୍ଡଲାଇନ୍ ଅଧିକାରୀମାନେ ୧୩ବର୍ଷିଆ ଜଣୈକା ନାବାଳିକାଙ୍କୁ ଉଦ୍ଧାର କରି ସିଡବ୍ଲୁସିଙ୍କ ନିର୍ଦ୍ଦେଶ କ୍ରମେ ମୁକ୍ତ ଆଶ୍ରୟ କେନ୍ଦ୍ରରେ ଥଇଥାନ କରାଯାଇଛି। ଉଦ୍ଧାର ଜଣୈକା ନାବାଳିକା ଜଣଙ୍କ ସ୍ଥାନୀୟ ଅଞ୍ଚଳର। ତାଙ୍କର ମା, ବାପା କେହି ନାହାନ୍ତି। ସମ୍ପର୍କୀୟଙ୍କ ନିକଟରେ ରହି ବନ୍ଧବାହାଲ ଓ ଏହାର ଆଖପାଖରେ ଅସୁରକ୍ଷିତ ଭାବେ ବୁଲାବୁଲି କରି ଭିକ୍ଷାବୃତ୍ତି କରି ଚଳୁଥିଲେ। ପ୍ରତିଦିନ ଭଳି ବୁଧବାର ସକାଳେ ଏମ୍‌ସିଏଲ୍ କଲୋନୀରେ ଜଣୈକା ନାବାଳିକା ଭିକ୍ଷାବୃତ୍ତି କରୁଥିବା ବେଳେ ଦିଶା ମହିଳା ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାନେତ୍ରୀ ପଦ୍ମିନୀ ସିଂହ ଏହା ଜାଣିପାରିଥିଲେ। ପରେ ନାବାଳିକାଙ୍କୁ ତାଙ୍କ କ୍ୱାର୍ଟର୍ସରେ ଅଟକାଇ ଝାରସୁଗୁଡା ଚାଇଲ୍ଡଲାଇନ୍‌କୁ ଫୋନ୍ ଯୋଗେ ଜଣାଇଥିଲେ। ଖବରପାଇ ଚାଇଲ୍ଡଲାଇନ୍ ଅଧିକାରୀମାନେ ବନ୍ଧବାହାଲରେ ପହଁଞ୍ଚି ନାବାଳିକାଙ୍କୁ ଉଦ୍ଧାର କରି ନିକଟସ୍ଥ ଫାଣ୍ଡିରେ ଲିଖିତ ଭାବେ ଜଣାଇଥିଲେ।



କାର୍ଯ୍ୟାଳୟ ସମ୍ମୁଖରେ ଅଗ୍ନିଶମ କର୍ମଚାରୀଙ୍କ ଧାରଣା।

## ତୃତୀୟ ଦିନରେ ଅଗ୍ନିଶମ କର୍ମଚାରୀଙ୍କ ଆନ୍ଦୋଳନ

**ଲଖନପୁର,୨୬।୯(ଡି.ଏନ୍.ଏ)**

୬ଦଫା ଦାବିନେଇ ରାଜ୍ୟରେ ଅଗ୍ନିଶମ କର୍ମଚାରୀମାନେ ଗତ ୨୪ତାରିଖରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଏହି ଅବସରରେ ଝାରସୁଗୁଡ଼ା ଜିଲା ଲଖନପୁର ଅଗ୍ନିଶମ କର୍ମଚାରୀମାନେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ଆନ୍ଦୋଳନ ଜାରି ରଖିଛନ୍ତି। କର୍ମଚାରୀଙ୍କ ଆନ୍ଦୋଳନ ଫଳରେ ଜରୁରୀ କାଳୀନ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଫଳରେ ଜନସାଧାରଣ ସିଧାସଳଖ ପ୍ରଭାବିତ ହେଉଛନ୍ତି। ଏହି କାର୍ଯ୍ୟବନ୍ଦ ଆନ୍ଦୋଳନରେ ୧୪ଜଣ କର୍ମଚାରୀ ସାମିଲି ହୋଇଛନ୍ତି। ଏଥିମଧ୍ୟରେ ଅଲେଖ କୁଜୁର୍, ନିକୋଲାସ୍ ବିଲୁଙ୍ଗ, ଅଶ୍ୱିନୀ କୁମାର ସାହୁ, ପ୍ରକାଶ ମୁଦୁଲି, ରମେଶ ମହାଲିଙ୍ଗ, ଏସ୍ଆଇ ମରାଇ, ନିଧି କୁମାର ମାଝି, ଶଶାଙ୍କ ଶେଖର ସାହୁ, ସ୍ୱାଧୀନ ଜାଲ୍, ମନୋଜ ପ୍ରଧାନ ପ୍ରମୁଖ ରହିଛନ୍ତି। ଦାବି ମଧ୍ୟରେ ଓଡ଼ିଶା ଅଗ୍ନିଶମ କର୍ମଚାରୀମାନଙ୍କୁ ଓଡ଼ିଶା ପୋଲିସ୍ କର୍ମଚାରୀମାନଙ୍କ ସହିତ ସମାନ ଦରମା ଓ ଭତ୍ତା ପ୍ରଦାନ, ଅଗ୍ନିଶମ ସେବାସଂସ୍ଥାର ହାବିଲଦାର ଓ ଫାୟାରମ୍ୟାନ୍‌ଙ୍କୁ ତୁରନ୍ତ ସରକାରୀ ପଞ୍ଜୀକରଣ, ଚୁକ୍ତି ଭିତିକ କର୍ମଚାରୀମାନଙ୍କୁ ନିୟମିତ ଦରମାଭୁକ୍ତ କରିବା ସହିତ ଅଗ୍ନିଶମ କର୍ମଚାରୀମାନଙ୍କୁ ନିଜ ଜିଲା ଓ ଆବଶ୍ୟକ ସ୍ଥଳେ ନିକଟସ୍ଥ ଜିଲାରେ ନିଯୁକ୍ତ କରିବା ଆଦି ଦାବି ରହିଛି।

### ଅରବିନ୍ଦ ସ୍କୁଲ ଶ୍ରେଣୀ ଗୃହ ଉଦ୍‌ଘାଟିତ

**କିର୍ମିରା, ୨୬।୯(ଡି.ଏନ.ଏ.)**

କିର୍ମିରା ବ୍ଲକ ବନ୍ଧପାଲିସ୍ଥିତ ଶ୍ରୀ ଅରବିନ୍ଦ ଜ୍ଞାନ ଜ୍ୟୋତି ପୂର୍ଣ୍ଣାଙ୍ଗ ଶିକ୍ଷା ଗବେଷଣା କେନ୍ଦ୍ରର ପଶ୍ଚିମ ଓଡିଶା ବିକାଶ ପରିଷଦ ଅନୁଦାନରେ ନିର୍ମିତ ୨ଟି ଶ୍ରେଣୀ ଗୃହ ଉଦ୍‌ଘାଟିତ ହୋଇଯାଇଛି । ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ କିଶୋର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା। ସ୍କୁଲ ପ୍ରବନ୍ଧନ ସମ୍ପାଦକ ନରେନ୍ଦ୍ର ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବନ୍ଧପାଲି ସରପଞ୍ଚ ମଞ୍ଜୁଲତା ପଟେଲ, ସ୍କୁଲ ସଭାପତି ଉପେନ୍ଦ୍ର ଦାସ, ଶିକ୍ଷକ ଲୋକନାଥ ନାଏକ ବିଜେଡି ଜିଲା ଯୁବ ସଭାପତି ତ୍ରିନାଥ ଗୁଆଲ, ସଦସ୍ୟ ରବି ସିଂ, ସନ୍ତୋଷ ବେହେରା, ଚୂଡ଼ାମଣୀ ସାହୁ, ଗୋପାଲ କଲାର, ବିଇଓ ଅଶୋକ ପଟେଲ, ପ୍ରଧାନ ଶିକ୍ଷକ ଲୋକନାଥ ନାୟକ , ବିହାରୀ ବିଶ୍ୱାଳ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ବନ୍ଧବାହାଲ ଜଗନ୍ନାଥ ମନ୍ଦିର ରୋଷେୟା ଫେରାର

**ଲଖନପୁର,୨୬।୯(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ବନ୍ଧବାହାଲସ୍ଥିତ ଜଗନ୍ନାଥ ମନ୍ଦିର ଦୀନବାନ୍ଧବ କ୍ଷେତ୍ରରେ ଭୋଗ ରାନ୍ଧୁଥିବା ରୋଷେୟା ଠିକାଦାର କର୍ମଚାରୀଙ୍କୁ ଧରି ସୋମବାର ବିଳମ୍ବିତ ରାତିରେ ମନ୍ଦିରରୁ ଫେରାର୍ ହୋଇଯାଇଛନ୍ତି। ଏସମ୍ପର୍କରେ ଖବର ପାଇ ମନ୍ଦିର କମିଟି ସଦସ୍ୟମାନେ ସ୍ଥାନୀୟ ବନ୍ଧବାହାଲ ଫାଣ୍ଡିରେ ଜଣାଇଛନ୍ତି। କମିଟି ସଦସ୍ୟ କବିରାଜ ବେହେରା, ରମେଶ ମଲ୍ଲିକ ପ୍ରମୁଖ ଏକ ଦଳ ଫେରାର୍ ରୋଷେୟାକୁ ଖୋଜିବା ପାଇଁ ଢେଙ୍କାନାଳ ଜିଲା ଭୂଷଣ ଥାନାରେ ପହଞ୍ଚି ପୋଲିସ୍‌ର ସହଯୋଗ କାମନା କରିଛନ୍ତି। ସେଠାକାର ସ୍ଥାନୀୟ ପୋଲିସ୍ ଫେରାର୍ ରୋଷେୟା ସୁଭେନ୍ଦୁ ସାହୁଙ୍କ ଗ୍ରାମ ଖଲିବେର୍ଣ୍ଣାରେ ପହଞ୍ଚି ଥିଲେ। ବନ୍ଧବାହାଲରୁ ଫେରାର୍ ହେବା ପରେ ସୁଭେନ୍ଦୁ ନିଜ ଗ୍ରାମକୁ ଆସି ନ ଥିବା ପୋଲିସ୍ ଜାଣିବାକୁ ପାଇଛି। ଏହା ଜଣାପଡିବା ପରେ କମିଟି କର୍ମକର୍ତ୍ତା ସୁଭେନ୍ଦୁଙ୍କ ଶ୍ୱଶୁର ଘର ସପ୍ତଶଯ୍ୟା ଗ୍ରାମରେ ପହଞ୍ଚି ଥିଲେ । ସେଠାରେ ମଧ୍ୟ ସେ ନ ଥିଲେ। ଘଟଣା ସମ୍ପର୍କରେ କମିଟି ସଦସ୍ୟମାନେ ଶ୍ୱଶୁର ଘର ଲୋକଙ୍କୁ ଜଣାଇଛନ୍ତି। ସୁଭେନ୍ଦୁଙ୍କ ସମ୍ପର୍କରେ ଜାଣିବା ପରେ ଶ୍ୱଶୁରଘର ଲୋକେ କମିଟି ସଦସ୍ୟଙ୍କୁ ଜଣାଇବେ ବୋଲି କହିଛନ୍ତି। ଫେରାର୍ ରୋଷେୟାଙ୍କୁ ଧରିବା ପାଇଁ ବନ୍ଧବାହାଲ ଫାଣ୍ଡି ଓ ଭୁଷଣ ଥାନା ପୋଲିସ ମଧ୍ୟରେ କଥାବର୍ତ୍ତା ଚାଲିଛି । ସୂଚନା ଯୋଗ୍ୟ, ୩ମାସ ତଳେ ରୋଷେୟା ସୁଭେନ୍ଦୁ ମନ୍ଦିରରେ ଅନ୍ନ ଭୋଗ, ଖଜାଭୋଗ ଆଦି ବିଭିନ୍ନ ଭୋଗ କରିବା ପାଇଁ ମନ୍ଦିର କମିଟି ସହିତ କଥାବାର୍ତ୍ତା କରିଥିଲେ । ଏଥିପାଇଁ ସେ ମାସିକ କିଛି ଅର୍ଥ ମନ୍ଦିର କମିଟିକୁ ଦେବା ପାଇଁ କହିଥିଲେ। ମନ୍ଦିର କମିଟି ଜିମାଦାରିରେ ରୋଷେୟା ଶୁଭେନ୍ଦୁ ସ୍ଥାନୀୟ ଅଞ୍ଚଳର କେତେକ ରାଶନ ଦୋକାନରୁ ଧାରରେ ଡାଲି, ଚାଉଳ ଆଦି ରୋଷେଇ ସାମଗ୍ରୀ ଆଣୁ ଥିଲେ। ବିକ୍ରି ହେଲା ପରେ ଦୋକାନରେ ଉଧାରୀ ପରିଶୋଧ କରୁଥିଲେ । ଏଭଳି ଭାବେ ଚାଲି ଥିବା ବେଳେ ଦୋକାନମାନଙ୍କରେ ଲକ୍ଷାଧିକ ଟଙ୍କା ଧାର ରହିଛି। ଏପଟେ ମନ୍ଦିର କମିଟି ଧାରର ଜିମାନେଇଛନ୍ତି। ରୋଷେୟା ମନ୍ଦିରକୁ ଯେଉଁ ଅର୍ଥ ଦେବା କଥା ତାହା ମଧ୍ୟ ଦେଇ ନାହାନ୍ତି। ଏଭଳି ସ୍ଥିତିରେ ଲକ୍ଷାଧିକ ଟଙ୍କା ଧାର ନେଇ ରୋଷେୟା ଫେରାର୍ ହୋଇଯାଇଛନ୍ତି।। ଠିକା ରୋଷେୟାଙ୍କ ସହିତ ମନ୍ଦିର କମିଟିର କୌଣସି ଲିଖିତ ଚୁକ୍ତି ହୋଇ ନ ଥିଲା। ଖାଲି ସେତିକି ନୁହେଁ ଠିକା ରୋଷେୟା ଅଗ୍ରୀମ ଆକାରରେ କମିଟି ନିକଟରେ କୌଣସି ଅର୍ଥ ଜମା କରି ନ ଥିଲେ। ଫଳରେ ରୋଷେୟା ନିଜର ଉପସ୍ଥିତି ବୁଦ୍ଧି ଲଗାଇ କମିଟି ସଦସ୍ୟଙ୍କୁ ଠକି ଫେରାର୍ ହୋଇଯିବା ପାଇଁ ସକ୍ଷମ ହୋଇଛନ୍ତି। ଆଗକୁ ଏଭଳି କାର୍ଯ୍ୟ ଉପରେ ମନ୍ଦିର କମିଟି ସଚେତନ ହେବାକୁ ଶ୍ରଦ୍ଧାଳୁମାନେ ଦାବି କରିଛନ୍ତି।

## ସ୍କୁଲସ୍ତରୀୟ ଖୋ ଖୋ ଦଳର ଟିଟିଲାଗଡ଼ ଯାତ୍ରା

**ଝାରସୁଗୁଡା ଅଫିସ,୨୬।୯**

ରାଜ୍ୟସ୍ତରୀୟ ଖୋ ଖୋ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ବୁଧବାର ସକାଳେ ଝାରସୁଗୁଡ଼ା ଟିମ୍ ଟିଟଲାଗଡ଼ ଅଭିମୁଖେ ଯାତ୍ରା କରିଛି। ଜିଲା ବିଦ୍ୟାଳୟ ସମୂହର ଖୋ ଖୋ ବାଳକ ଓ ବାଳିକା ଦଳର ଟ୍ରେନ ଯୋଗେ ଏହି ଯାତ୍ରା କରିଛନ୍ତି। ଏହି ପ୍ରତିଯୋଗିତା ୪ଦିନ ଧରି ଚାଲିବ। ଦଳରେ ୨୪ଜଣ ବାଳକ, ୨୪ଜଣ ବାଳିକା ଓ ୫ ଜଣ ଅଫିସିଆଲ ରହିଛନ୍ତି। ଶିକ୍ଷୟିତ୍ରୀ ମମତା ପାଣ୍ଡେଙ୍କ ନେତୃତ୍ୱରେ ଏହି ଟିମ୍ ଯାଇଥିବା ବେଳେ ଅନ୍ୟ ସହକାରୀ ଭାବେ ରୁବି ପଟେଲ, ଆଦିତ୍ୟ ମେହେର, ଅକ୍ଷୟ ନାୟକ, ନିର୍ମଳ ସାହୁ ପ୍ରମୁଖ ରହିଛନ୍ତି। ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ପାଇଁ ଜିଲା ଶାରୀରିକ ଶିକ୍ଷା ନୀରିକ୍ଷକ ଉମ୍ବରୁଧର ପୂଜାରୀ, ବିଦ୍ୟାଧର ପ୍ରଧାନ ଏବଂ ଜିଲା କ୍ରୀଡ଼ାସଂସ୍ଥାର କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।




ଟିଟିଲାଗଡ଼ ଯାଉଥିବା ପ୍ରତିଯୋଗୀଙ୍କ ସହ କ୍ରୀଡା ସଂସ୍ଥାର କର୍ମକର୍ତ୍ତା।

### ଗମ୍ଭାରିଡିହିରେ ସ୍ୱଚ୍ଛତା ଅଭିଯାନ

**କିର୍ମିରା,୨୬।୯(ଡି.ଏନ୍.ଏ.)**

କିର୍ମିରା ବ୍ଲକ ଅର୍ଡା ପଞ୍ଚାୟତ ଗମ୍ଭାରିଡିହି ଗ୍ରାମରେ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ସଫେଇ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଗ୍ରାମର ନଳକୂପ, ଗାଁ ମଣ୍ଡପ, ରାସ୍ତାପାର୍ଶ୍ୱ ଏବଂ ନାଳା ସଫା କରିଥିଲେ। ଏଥିରେ ଚନ୍ଦନା ଜେନା, ପ୍ରିୟାବତୀ ନାୟକ, ମମତା ନାଏକ, ସସ୍ମିତାନାୟକ, ଶ୍ରୀମନ୍ତିନୀ ସାହୁ, ପ୍ରକାଶିନୀ ନାଏକ, କିଶୋର ନାଏକ, ଇନ୍ଦୁ ଭୋଲ, ଜେମାବତୀ ସାହୁ, ମୀରୀ ନାୟକ ତଥା ମା' ବେଦମତୀ ଗ୍ରୁପ, ନଳିନୀ ଗ୍ରୁପ ଏବଂ ପ୍ରଭାତୀ ଗ୍ରୁପର ସଦସ୍ୟମାନେ ସହଯୋଗ କରିଥିଲେ।

■ ଝାରସୁଗୁଡ଼ା ରୋଡ ଷ୍ଟେଶନ

## ଭିତ୍ତିଭୂମି, ଆନୁଷଙ୍ଗିକ ସୁବିଧା ଯାଞ୍ଚ

**ଝାରସୁଗୁଡା ଅଫିସ,୨୬।୯**

ଝାରସୁଗୁଡ଼ା ରୋଡ ଷ୍ଟେଶନର ଭିତ୍ତିଭୂମି ଏବଂ ଆନୁଷଙ୍ଗିକ ସୁବିଧା ଯାଞ୍ଚ ପାଇଁ ବୁଧବାର ଏକ ଯୁଗ୍ମ କମିଟି ଗସ୍ତ କରିଥିଲେ। ଜିଲା ପ୍ରଶାସନ, ପୋଲିସ ଏବଂ ରେଳ କର୍ତ୍ତୃପକ୍ଷଙ୍କ ମିଳିତ କମିଟି ଏହି ଯାଞ୍ଚ କରିଛନ୍ତି। ଯାଞ୍ଚ ସଂକ୍ରାନ୍ତୀୟ ରିପୋର୍ଟ ଉପରେ ଆଲୋଚନା ପାଇଁ ଅକ୍ଟୋବର ପ୍ରଥମ ସପ୍ତାହରେ ଏକ ବୈଠକ ଅନୁଷ୍ଠିତ ହେବ। ଏହି ବୈଠକ ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ଏହାସହିତ ଷ୍ଟେଶନକୁ ସିଧାସଳଖ ଯୋଗାଯୋଗ କରିବା ପାଇଁ ଏକ ରାସ୍ତା ଆବଶ୍ୟକ ରହିଥିବା ବେଳେ ସରକାରୀ ଜମି ଜବରଦଖଲକାରୀଙ୍କୁ ହଟାଇ ରାସ୍ତା ନିର୍ମାଣ କରାଯିବ ବୋଲି କମିଟି ସ୍ଥିର କରିଛି। ସୂଚନାଯୋଗ୍ୟ, ଗତ କିଛିମାସ ପୂର୍ବରୁ ଏକ ଏକ୍ସପ୍ରେସ୍ ଟ୍ରେନର ଦିଗ ପରିବର୍ତ୍ତନ କରିବାକୁ ରେଳବାଇ ଘୋଷଣା କରିଥିଲା। ଏହାକୁ ବିରୋଧ କରି ସହରର ସମସ୍ତ ସାମାଜିକ ସଙ୍ଗଠନ ଆନ୍ଦୋଳନ ଡାକରା ଦେଇଥିଲେ। ଆନ୍ଦୋଳନ ନିଷ୍ପତ୍ତି ପରେ ପ୍ରଶାସନ ପକ୍ଷରୁ ଜରୁରୀ ବୈଠକ ଡକାଯାଇଥିଲା। ବୈଠକରେ ଜିଲା ପ୍ରଶାସନ ଏବଂ ସଙ୍ଗଠନଗୁଡିକ ପକ୍ଷରୁ ଆବଶ୍ୟକ ସୁବିଧା ଯୋଗାଇବାକୁ ତାଲିକା ପ୍ରଦାନ କରାଯାଇଥିଲା। ଉକ୍ତ ତାଲିକା ଅନୁସାରେ ରେଳବାଇ ସମସ୍ତ କାମ କରିବା ପରେ ଅନୁଧ୍ୟାନ କରିବାକୁ ପ୍ରଶାସନ ଏବଂ ପୋଲିସକୁ ନିମନ୍ତ୍ରଣ କରିଥିଲା। ବୁଧବାର ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ, ଏସ୍‌ପି ଅଶ୍ୱିନୀ ମହାନ୍ତି, ରେଳବାଇ ଉପ ବାଣିଜ୍ୟକ ଅଧିକାରୀ ସମେତ ରଘୁମଣି ପଟେଲ, ପିଣ୍ଟୁ ପାଢୀ, ବାଲ ଗୋବିନ୍ଦ ମିଶ, ହୀରାଲାଲ ଲୋକଚନ୍ଦାନୀ, ଉଦିତ ପଣ୍ଡା, ରମେଶ ଗାନ୍ଧୀ, ଯୁଗଲ ସୁଲତାନିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଫୁଟ୍‌ବଲ୍ ଟୁର୍ନାମେଣ୍ଟ: ବାଣ୍ଡିପାହାଡ଼ ଚାମ୍ପିୟନ

**ଲଖନପୁର,୨୬।୯(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ବାଗମୁଣ୍ଡା ଖେଳପଡ଼ିଆରେ ସ୍ଥାନୀୟ ବନପାଲି ଜୟଦୁର୍ଗା କ୍ଲବ ପକ୍ଷରୁ ଗଣେଶ ପୂଜା ଉପଲକ୍ଷେ ତିନି ଦିବସୀୟ ଫୁଟ୍‌ବଲ୍ ଟୁର୍ନାମେଣ୍ଟ ଗତ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟ ଗତ ରବିବାର ଉଦ୍‌ଘାଟିତ ହୋଇଥିଲା। ଏଥିରେ ସମୁଦାୟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଲଖନପୁର ବାଣ୍ଡିପାହାଡ଼ ଦଳ ଓ ଅଇଁଲାଝରନ୍ ଦଳ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଅଇଁଲାଝରନ୍ ଦଳକୁ ହରାଇ ବାଣ୍ଡିପାହାଡ ଦଳ ଚାମ୍ପିୟନ ହୋଇଛି। ଆୟୋଜକଙ୍କ ପକ୍ଷରୁ ବିଜେତା ବାଣ୍ଡିପାହାଡ଼ ଦଳକୁ ଚାମ୍ପିୟନ ଟ୍ରଫି ସହ ୭ହଜାର ଓ ଉପବିଜେତା ଅଇଁଲାଝରନ୍ ଦଳକୁ ରନର୍ସ ଟ୍ରଫି ସହ ୫ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଟୁର୍ନମେଣ୍ଟର ସମସ୍ତ ମ୍ୟାଚ୍‌କୁ ମହେନ୍ଦ୍ର ବଗର୍ତ୍ତୀ, କାର୍ତ୍ତିକ ଦାସ ଓ କୌଶିକ କୌଶିକୀ ପ୍ରମୁଖ ରେଫରି ଭାବେ ଦାୟିତ୍ୱ ତୁଲାଇଥିଲେ। ଏଥିରେ ମୁଖ୍ୟଅତିଥି ଡବ୍ଲ୍ୟୁଡିସି ଅଧ୍ୟକ୍ଷ କିଶୋର ମହାନ୍ତି, ବିଶ୍ୱନାଥ ନାୟକ, ଶମ୍ଭୁ ମହାନ୍ତି, ରାଜେନ୍ଦ୍ର ପ୍ରସାଦ ନାୟକ, ପ୍ରମୋଦ ଗଡତିଆ, ସଞ୍ଜୀତ ପ୍ରଧାନ, ରବିରତ୍ନ ପ୍ରଧାନ, ସୁରଭି ଛତ୍ରିଆ, ଗୀତାଞ୍ଜଳି ଗଡତିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଆୟୋଜକ ଜୟଦୁର୍ଗା କ୍ଲବ ସଭାପତି ରମେଶ ଧୁରୁଆ, ସମ୍ପାଦକ ଗୌରଚନ୍ଦ୍ର ବନଛୋର, ବିନୋଦ ବନଛୋର, ହରିହର ବନଛୋର, ଅଧିକାରୀ ବନଛୋର,ଦିଲୀପ ଭଇଁସାଲ, ପ୍ରଶାନ୍ତ କାଲୋ, ଲକ୍ଷ୍ମଣ ଧୁରୁଆ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

ଦୁଷ୍ଟଙ୍କର ସାରା ଶରୀରରେ ବିଷ ରହିଛି। ଦୁଷ୍ଟ ତଥା କଣ୍ଟାର ଦୁଇପ୍ରକାର ଉପଚାର ରହିଛି ; ଜୋତାରେ ମଳି, ମକଚି ଦିଅ ନତୁବା ତାକୁ ଦୂରରେ ଛାଡି ଦେଇଆସ।
- ଚାଣକ୍ୟ

## ସଂକ୍ଷେପରେ

### ଭୋଟର ସଚେତନତା କାର୍ଯ୍ୟକ୍ରମ

**ପାଇକମାଳ, ୨୬।୯ (ଡି.ଏନ.ଏ):** ପାଇକମାଳ ବିନ୍ଧ୍ୟବାସିନୀ ଡିଗ୍ରୀ ମହାବିଦ୍ୟାଳୟ ସଭାଗୃହଠାରେ ଭୋଟର ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ପ୍ରଦୀପ୍ତ କୁମାର ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପାଇକମାଳ ବ୍ଲକ ଜିପିଓ ଭୀଷ୍ମଦେବ ମାଝି ଯୋଗଦେଇ ୧୮ବର୍ଷର ଛାତ୍ରୀଛାତ୍ରମାନେ କିପରି ଭୋଟର ତାଲିକାରେ ସାମିଲ ହୋଇପାରିବେ ସେ ନେଇ ସଚେତନ କରିଥିଲେ। ଶେଷରେ ଅଧକ୍ଷ ଲୋହିତ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

### ପୁରପଲ୍ଲୀରେ ଭାଗବତ ଜନ୍ମ

**ଅତାବିରା,୨୬।୯(ଡି.ଏନ.ଏ.):** ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ବିଭିନ୍ନ ଗ୍ରାମରେ ଭାଗବତ ଜନ୍ମ ଉତ୍ସବ ପାଳନ ଅବସରରେ ଭାଗବତ ପଠନ କରାଯାଇଛି । ଭାଗବତ ଟୁଙ୍ଗି ଗୁଡିକ ଭାଙ୍ଗିଯାଇ ଥିବାରୁ କ୍ଲବ, ମନ୍ଦିର ପ୍ରାଙ୍ଗଣରେ ଭାଗବତ ପଠନ କରି ଜନସାଧାରଣଙ୍କୁ ଭାଗବତ ବିଷୟରେ ଦିଗ୍‌ଦର୍ଶନ ଦିଆଯାଇଛି। ଅତାବିରା, କୁଲୁଣ୍ଡା, ଝିଲିମିଣ୍ଡା, ଲରମ୍ବା, କାଦୋବାହାଲ, ଉଦେପୁର, ଦେଶପର୍ଥଲା ଆଦି ଗ୍ରାମରେ ଭାଗବତ ଜନ୍ମ ପାଳିତ ହୋଇଯାଇଛି। ଭାଗବତ ଶୁଣିବା ପାଇଁ ଦର୍ଶକଙ୍କ ଭିଡ ଜମିଥିବା ଦେଖିବାକୁ ମିଳିଥିଲା। ଭାଗବତ ଟୁଙ୍ଗିଗୁଡିକ ପୁନରୁଦ୍ଧାର କରିବା ପାଇଁ ପ୍ରଶାସନ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

### ବାଳିକା ହାଇସ୍କୁଲରେ ହିନ୍ଦୀ ଦିବସ

**ବରଗଡ଼ ଅଫିସ୍,୨୬।୯:** ବରଗଡ଼ ସରକାରୀ ବାଳିକା ହାଇସ୍କୁଲରେ ସୋମବାର ହିନ୍ଦୀ ଦିବସ ପାଳନ କରାଯାଇଛି। ପ୍ରଧାନଶିକ୍ଷକ ଜ୍ୟୋତିକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ହିନ୍ଦୀ ଶିକ୍ଷୟିତ୍ରୀ ଶୈବାଳିନୀ ପ୍ରଧାନ ଉଦ୍ଦେଶ୍ୟ ଜ୍ଞାପନ ଓ ଶେହନାଜ ବେଗମ ସ୍ୱରଚିତ କବିତା ପାଠ କରିଥିଲେ । ବିଜ୍ଞାନ ଶିକ୍ଷୟିତ୍ରୀ ବୈଜୟନ୍ତୀ ଦଳପତି ହିନ୍ଦୀ ଭାଷାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ହିନ୍ଦୀ ତର୍କ, ଗୀତ ପ୍ରତିଯୋଗିତା ହୋଇଥିଲା। ଶିକ୍ଷୟିତ୍ରୀ ମିନତୀ ଷଡ଼ଙ୍ଗୀ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ବିଜ୍ଞାନ ଶିକ୍ଷକ ବିବେକାନନ୍ଦ ଅଦାବର ଧନ୍ୟବାଦ ଅର୍ପଣ କରିଥିଲେ ।

### ସିନେମେଟିକ ଭିଡିଓଗ୍ରାଫି ତାଲିମ

**ପାଇକମାଳ, ୨୬।୯ (ଡି.ଏନ.ଏ):** ପାଇକମାଳର ନୃସିଂହନାଥ ପରିସରରେ ପଦ୍ମପୁର ଉପଖଣ୍ଡ ଫଟୋଗ୍ରାଫି ସଂଘ ତରଫରୁ ଚାଲିଥିବା ସିନେମେଟିକ ଭିଡିଓଗ୍ରାଫି ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ଏହି ଶିବିରରେ ୩୦ ଜଣ ଫଟୋଗ୍ରାଫର ତାଲିମ ଗ୍ରହଣ କରିଥିଲେ । ଓଡିଆ ଓ ବଙ୍ଗଳା ସିନେମା ଜଗତର ପ୍ରଖ୍ୟାତ କ୍ୟାମେରାମ୍ୟାନ ଚନ୍ଦନ ମଜୁମଦାର ଶିବିରାର୍ଥୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ସଂଘ ସଭାପତି ସୁବାଶ ଚନ୍ଦ୍ର ଚୌପଦାର ନିଜସ୍ୱ ମତବ୍ୟକ୍ତ କରିଥିଲେ । ଭରତ ଚନ୍ଦ୍ର ସାହୁ, ତ୍ରିବିକ୍ରମ ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା । ଶେଷରେ ପ୍ରଶାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

### କଳାବ୍ୟାଜ୍ ପିନ୍ଧିଲେ ଅଧ୍ୟାପକ

**ବରଗଡ଼ ଅଫିସ୍,୨୬।୯:** ସମ୍ପୂର୍ଣ୍ଣ ଅନୁଦାନ ଦାବିରେ ଶିକ୍ଷକ, କର୍ମଚାରୀ ମିଳିତ ମଞ୍ଚର ଆନ୍ଦୋଳନ ଦିନକୁ ଦିନ ତେଜି ଉଠୁଛି। ସୋମବାରଠାରୁ ମଞ୍ଚର ଅଧ୍ୟାପକ, ଶିକ୍ଷକ, କର୍ମଚାରୀମାନେ କଳାବ୍ୟାଜ ପିନ୍ଧି ଶିକ୍ଷାଦାନ କାର୍ଯ୍ୟ କରିଛନ୍ତି । ଏଥିରେ ବରଗଡ଼ ଜିଲା ସାମିଲ ହୋଇଛି । ଜିଲାର ବରଗଡ଼ ଟ୍ରଷ୍ଟଫଣ୍ଡ କଲେଜ ସମେତ ବିଭିନ୍ନ କଲେଜରେ ଅଧ୍ୟାପକମାନେ କଳାବ୍ୟାଜ ପିନ୍ଧି ଶିକ୍ଷାଦାନ କରୁଛନ୍ତି । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହା ଜାରି ରହିବ। ଆବଶ୍ୟକ ହେଲେ ତୀବ୍ର ଆନ୍ଦୋଳନ କରାଯିବ ବୋଲି ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି ।

■ ପଦ୍ମପୁରରେ ଶ୍ରମ କମିଶନଙ୍କ ସମୀକ୍ଷା ବୈଠକ

# ଦାଦନ ରୋକିବାକୁ ଆଲୋଚନା

**ପଦ୍ମପୁର, ୨୬।୯ (ଡି.ଏନ.ଏ)**

ରାଜ୍ୟ ସରକାରଙ୍କ ଶ୍ରମ ବିଭାଗ କମିଶନର ଅଞ୍ଜନ କୁମାର ମାଣିକଙ୍କ ବରଗଡ ଜିଲା ଗସ୍ତ ଅବସରରେ ପଦ୍ମପୁର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଓ ତାର ନିରାକରଣ ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଶ୍ରମ କମିଶନର ମାଣିକ ଦାଦନ ରୋକିବା ପାଇଁ ବିଭାଗ ତରଫରୁ ନିଆଯାଉଥିବା ପଦକ୍ଷେପ ଏବଂ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟାର ନିରାକରଣ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ନିଜ ଅଞ୍ଚଳରେ ଶ୍ରମିକମାନେ କିଭଳି ଜୀବିକା ନିର୍ବାହ କରି ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବେ, ସରକାରଙ୍କ ବିଭିନ୍ନ ଯୋଜନାରେ ଅର୍ନ୍ତଭୁକ୍ତ କରି ସେମାନଙ୍କୁ କାମ ଯୋଗାଇ ଦେବା ପାଇଁ ବିଡିଓ ଏବଂ ଉପସ୍ଥିତ ବିଭାଗୀୟ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏତଦ୍‌ବ୍ୟତୀତ ଯେଉଁ ଶ୍ରମିକମାନେ ଅଧିକ ଉପାର୍ଜନ ତଥା କାମଧନ୍ଦା ପାଇଁ ଅନ୍ୟ ରାଜ୍ୟକୁ ଯିବା ପାଇଁ ଇଚ୍ଛୁକ ସେମାନଙ୍କର ସମ୍ପୂର୍ଣ୍ଣ ବିବରଣୀ ପଞ୍ଚାୟତ ଏବଂ ବ୍ଲକସ୍ତରରେ ପଞ୍ଜୀକରଣ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଅନ୍ୟ ରାଜ୍ୟକୁ କାମ ପାଇଁ ଯାଇଥିବା ବିଜେପୁର ବ୍ଲକ ବାଦିପାଲି ଗ୍ରାମର ଧନେଶ୍ୱର ପୋଡ଼ ଏବଂ ଅନ୍ୟମାନେ କିଭଳି ବିଭିନ୍ନ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇ ଅନ୍ୟରାଜ୍ୟରେ ପ୍ରତିକୁଳ ପରିସ୍ଥିତିରେ କାମ କରୁଥିଲେ ତାହା ବର୍ଣ୍ଣନା କରିଥିଲେ। ଏହାସହିତ ବର୍ତ୍ତମାନ ଶ୍ରମ ବିଭାଗର ଯୋଜନାରେ ସାମିଲ ହୋଇ କିଭଳି ଆର୍ମନିର୍ଭରଶୀଳ ହୋଇପାରିଛନ୍ତି ତାହା ଉପରେ ମତାମତ ରଖିଥିଲେ । ଉକ୍ତ ବୈଠକରେ ସହକାରୀ ଶ୍ରମ କମିଶନରଙ୍କ ସମେତ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତ, ଡିପିଏମ ରାଜଗୋପାଳ ଦାଶ, ପଦ୍ମପୁର ଉପଜିଲାପାଳ ଦୌଲତ ଚନ୍ଦ୍ରାକର, ଜିଲା ଶ୍ରମ ଅଧିକାରୀ ହେମନ୍ତ କୁମାର ପ୍ରଧାନ, ଉପଖଣ୍ଡର ସମସ୍ତ ବିଡିଓ, ବିଭାଗୀୟ କର୍ମଚାରୀ ତଥା ବିଭିନ୍ନ ଅଞ୍ଚଳର ଶ୍ରମିକମାନେ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଉପଜିଲାପାଳ ଚନ୍ଦ୍ରାକର ସ୍ୱାଗତ ଭାଷଣ ଏବଂ ପ୍ରକଳ୍ପ ନିର୍ଦ୍ଦେଶକ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।



ବିଜେପୁର ବିଧାୟିକା ରୀତା ସାହୁ ସ୍ୱର୍ଗତ ସୁବଳ ସାହୁଙ୍କ ପ୍ରତିମୂର୍ତ୍ତି ଅନାବରଣ କରୁଛନ୍ତି ।

## ସୁବଳ ସାହୁଙ୍କ ପ୍ରତିମୂର୍ତ୍ତି, ଶିଶୁ ଉଦ୍ୟାନ ଉଦ୍‌ଘାଟିତ

**ବରପାଲି, ୨୬।୯ (ଡି.ଏନ.ଏ)**

ବରଗଡ଼ ଜିଲା ବରପାଲିରେ ପୂର୍ବତନ ବିଜେପୁର ବିଧାୟକ ସ୍ୱର୍ଗତ ସୁବଳ ସାହୁଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅନାବରଣ ସହ ଏକ ଶିଶୁ ଉଦ୍ୟାନ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ବିଜେପୁର ବିଧାୟିକା ରୀତା ସାହୁ ତାଙ୍କ ସ୍ୱାମୀ ସ୍ୱର୍ଗତ ସୁବଳ ସାହୁଙ୍କ ପ୍ରତିମୂର୍ତ୍ତିକୁ ଅନାବରଣ କରିଥିଲେ । ପରେ ସ୍ଥାନୀୟ ନୃପଲାଲ ଉଦ୍ୟାନ ପରିସରରେ ଦେବେଶ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଥିଲା। ଏଥିରେ ଜନାର୍ଦ୍ଦନ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ଅନଙ୍ଗ ଉଦୟ ସିଂଦେଓ, ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ମନ୍ତ୍ରୀ ସୁଶାନ୍ତ ସିଂ, ବୟନ ଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ବରଗଡ ଏମ୍‌ପି ପ୍ରଭାସ ସିଂ, ବିଧାୟିକା ରୀତା ସାହୁ, ଏନଏସି ଅଧ୍ୟକ୍ଷା ମୀନା ସେଠ, ବିଜେପୁର ବ୍ଲକ ଅଧ୍ୟକ୍ଷା ମାନିନୀ ଭୋଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## କ୍ୟାନସର ହସ୍‌ପିଟାଲ ଦାବି ନେଇ ବୈଠକ

**ବରଗଡ଼ ଅଫିସ୍,୨୬।୯**

ବରଗଡ଼ ଜିଲାରେ କ୍ୟାନସର ହସ୍‌ପିଟାଲ ଦାବିକୁ ବ୍ୟାପକ କରିବା ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ପୁରୋହିତ ଭବନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । କ୍ୟାନସର ହସ୍‌ପିଟାଲ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଥିବା ସ୍ମାରକପତ୍ରର ଅଗ୍ରଗତି ଉପରେ ବୈଠକରେ ଆଲୋଚନା ହୋଇଥିଲା । ଏହି କ୍ରମରେ ସଙ୍ଗଠନର ଏକ ପ୍ରତିନିଧି ଦଳ ବରଗଡ଼ ଜିଲାପାଳଙ୍କୁ ଭେଟିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ସେହିପରି କ୍ୟାନସର ହସ୍‌ପିଟାଲ ଦାବି ନେଇ ଜିଲାର ବିଭିନ୍ନ ଅଞ୍ଚଳର ସଙ୍ଗଠନ ଗୁଡ଼ିକ ପକ୍ଷରୁ କରାଯାଇଥିବା ଦସ୍ତଖତ ଅଭିଯାନ ଉପରେ ମଧ୍ୟ ଆଲୋଚନା ହୋଇଥିଲା । ଦସ୍ତଖତ ଅଭିଯାନର କାଗଜାତକୁ ସଂଗ୍ରହ କରି ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା । ଦାବିକୁ ବ୍ୟାପକ କରିବା ପାଇଁ ଏକ କୋର କମିଟି ଗଠନ କରାଯିବା ସହ ଅକ୍ଟୋବର ୨ତାରିଖରେ ସ୍ଥାନୀୟ ପୁରୋହିତ ଭବନରେ ପୁଣି ଏକ ବୈଠକ କରାଯିବ ବୋଲି ସୂଚନା ଦିଆଯାଇଥିଲା ।



ବୈଠକରେ ଯୋଗ ଦେଇଥିବା ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନେ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ଦେହାନ୍ତ

**ସୋହେଲା,୨୬।୯(ଡି.ଏନ.ଏ.)**

ସୋହେଲା ବ୍ଲକ ବାଉଁସେନମୁରା ପଞ୍ଚାୟତ ଅନ୍ତର୍ଗତ ହୀରାପାଲି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ତଥା ଚାଷୀ ଜଳନ୍ଧର ସାହୁଙ୍କ ପରଲୋକ ହୋଇଛି । ତାଙ୍କୁ ୭୮ ବର୍ଷ ବୟସ ହୋଇଥିଲା । ସେ ଭଟଲି ଏବଂ ସୋହେଲା ବ୍ଲକର ବିଭିନ୍ନ ସ୍କୁଲରେ ଶିକ୍ଷକତା କରିଥିଲେ । ୨୦୦୦ ମସିହା ଜାନୁୟାରୀରେ ବନ୍ଦଲା ପ୍ରାଥମିକ ସ୍କୁଲରୁ ସେ ଚାକିରୀରୁ ଅବସର ଗ୍ରହଣ କରିଥିଲେ । ସେ ବରଗଡ (ଡୋରା) ଚିନି କାରଖାନା ପରିଚାଳନା କମିଟିର ସକ୍ରିୟ ସଦସ୍ୟ ଥିଲେ । ପୁଅ ଅରୁଣ କୁମାର ସାହୁ ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାଇ ଖେଳିଯାଇଛି ।

## ସିଲେଇରେ ବଁଧା ଜୀବନ୍ ଜୀବ୍‌କା

**ଜାମଟିକ୍ରା, ୨୬।୯ (ଡି.ଏନ.ଏ)**

ଜୀବନ୍ ଜୀବ୍‌କା ଲାଗି ବରଗଡ଼ ଜିଲା ଜାମଟିକ୍ରା ଅଂଚଲ୍‌କେ ଛତିଶଗଡରୁ ଗୁଟେ ପରିବାର ପଲେଇ ଆସି ଇଠାନେ ଗଲା ୫୦ ବଛର ହେଲା ରହି ଆସୁଛନ୍। ଫିରତ ବିଭାର(୬୫) ଇଠାନେ ନିଜ୍‌କୁ ସିଲେଇ କାମ୍‌ରେ ନିୟୋଜିତ୍ କରି କୁଟୁମ୍ ପୁଷ୍‌ବାର ସଂଗେ ପିଲାଛୁଆକୁ ବଡ଼ କରିଛନ୍। ଆଗ୍‌ରୁ ସେ ସିଲେଇ ମେସିନ୍‌କେ ସାଇକଲେ ବାଁଧି ଗାଁ ଗାଁ ବୁଲି ନୂଆଁ, ଚିରାଫଟା କପଡ଼ାଲତା ସିଲେଇ କରୁଥିଲେ। ହେଲେ ଏହେଦେ ତାକର ଦୁଇ ପୁଓ ଇ ସିଲେଇ କାମ୍ କରୁଛନ୍। ବଡ଼ଖା ପୁଓ ସନ୍ତୋଷ ବିଭାର(୩୮) ଫିଦିନ୍ ଗାଁ ଗାଁ ବୁଲି ଚିରାଫଟା ଲୁଗାପଟା ସିଲେଇ କରି ପରିବାର ଚଲଉଛନ୍। ସିଲେଇ କାମ୍‌ରୁ ଫିଦିନ୍ ୧ଶହରୁ ୨ଶହ ଟଁକା ତକ୍ ମିଲୁଥିଲା ବେଲେ ତେଲ୍ ନୁନ୍‌ରେ ୧୫୦ ଟଁକା ଖରଚ୍ ହେଉଛେ ବଲି ସେ କହିଛନ୍। ସରକାରୀ ସୁବିଧା ବଏଲେ ତାକର ପରିବାରକେ ୨୦ କେ.ଜି. ଚାଉଳ ମିଲୁଛେ। ସନ୍ତୋଷ ତାକର ବାପାରନୁ କାମ୍ ଶିଖି ୨୫ ବଛର ହେଲା ସିଲେଇ କାମ୍ କରୁଛନ୍। ହେଲେ ସେ ନୂଆଁ ସିଲେଇ ମେସିନ୍‌ଟେ ଘିନି କାମ୍ ବଢ଼ାବାକେ ଚାହୁଁଛନ୍, ହେଲେ ତାକର ଭାଏଗ୍‌ରେ ଟଁକା ୧୦ରୁ ୧୨ ହଜାର କେଭେ ଯୁଟି ନାଇଁପାରୁଛେ। ସେନ୍‌ତା ବଛରକ ୭ରୁ ୮ ମାସ୍ କାମ୍ କରିହେସି। ବର୍‌ଷା ୪ ମାସ୍‌କ କାମ୍ ଧଁଦା ପାଖାପାଖି ବଂଦ୍ ରହେସି। ସେଥିର୍‌ଲାଗି ଇ ଦିନ୍‌ମାନ୍‌କେ ଧାର ଉଧାର କରି ପରିବାର ଚଲାବାକେ ପଡ଼ସି। ଫେନ୍ କାମ୍‌ଧଁଦା ଆରମ୍ ହେଲେ ସେ ଲୁକ୍‌କର ପଏସା କଉଡ ସୁଝିଦେସନ୍। ଘର, ରୁଣ, ଜମିବାଡ଼ି ଆଦିର ଅଭାବ୍ ଅସ୍‌ବିଧା ରହିଛେ, ସରକାରୀ ସାହାଯ୍ ଲାଗି ପଁନ୍‌ଚେତ୍ ଆର୍ ବ୍ଲକ୍ କତୃରପକ୍ଷକୁଁ ବାରବାର ଗୁହାରି କଲେ ବି କେହି ନାଇଁ ଶୁନ୍‌ବାର। ତାଁକର ବାପା ଫିରତ ଆର୍ ଆଘର ଲେଖେନ୍ କାମ୍‌ବୁତା ନାଇଁ କରିପାରବାର। ରହେବାର ଲାଗି ପ୍ରଧାନମନ୍ତ୍ରୀ ଆବାସ ଯୋଜ୍‌ନାରେ ଘରଖଁଡେ ଆର ସିଲେଇ ବେଉସାକେ ବଢ଼ାବାର ଲାଗି ତାହାକୁ ବ୍ୟାଙ୍କ ରୁଣ ମିଳିପାର୍‌ଲେ ଭଲ୍ ହେତା ବଲି ସେ ଆଶ୍ ବାଁଧି ବସିଛନ୍। ହେଲେ ଏହେଦେ ନିଜର କଁଟ୍‌ବାଛର ପିଁଧନ୍ ଉଢ଼ନ୍ ବଜାରେ କମ୍ ପଏସାରେ ମିଲୁଛେ। ସେଥିର୍‌ଲାଗି ସିଲେଇ ପେଁଟ୍ କୁର୍‌ତା ପିଁଧିବାର ସଉକ୍ ବି ବହୁତ୍ ଲୋକ୍ ଛାଡିଦେଲେନ। ଯେନ୍‌ଥିର୍‌ଲାଗି ଆମର ଧଁଦାପାନିରେ ମାଡ୍ ପଡୁଛେ ବଲି ସନ୍ତୋଷ କହିଛନ୍।



କାମ୍‌କଲା ଅବସ୍‌ତାରେ ସନ୍ତୋଷ।

## ୫ ଟ୍ରାକ୍ଟର ଜବତ, ୬୧ ହଜାର ଜରିମାନା ଆଦାୟ

**ଅତାବିରା, ୨୬।୯(ଡି.ଏନ.ଏ.)**

ଭେଡେନ ତହସିଲ ଅନ୍ତର୍ଗତ ଉଦେପୁର ମହାନଦୀ ପଠାରୁ ବାଲି ଚୋରା ଚାଲାଣ କରୁଥିବା ବେଳେ ଦେଶଭଟଲି ଆରଆଇ ପିଅନ ମିର୍ଦ୍ଧା ଚଢାଉ କରି ୫ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛନ୍ତି । ପରେ ଭେଡେନ ଅତିରିକ୍ତ ତହସିଲଦାର ଦେବରାଜ ଡନସନା ଓ ହରିଓମ ଭୋଇ ଘଟଣାସ୍ଥଳକୁ ପହଞ୍ଚି ଟ୍ରାକ୍ଟର ପିଛା ୨୦ ହଜାର ୪ଶହ ଟଙ୍କା ଲେଖାଏଁ ଜରିମାନା କରିଥିଲେ। ୩ଟି ଟ୍ରାକ୍ଟର ମାଲିକଙ୍କଠାରୁ ମୋଟ ୬୧ ହଜାର ୨ଶହ ଟଙ୍କା ରାଜସ୍ୱ ଆଦାୟ କରାଯାଇଛି । ଅନ୍ୟ ୨ଟି ଟ୍ରାକ୍ଟର ମାଲିକ ଜରିମାନା ଦେଇ ନ ପାରିବାରୁ ରୁଷୁଡା ଫାଣ୍ଡି ପୋଲିସକୁ ହସ୍ତାନ୍ତର କରାଯାଇଛି ।

## ଝରଣାର ୨ ଶହ ଫୁଟ୍ ତଳକୁ ଖସିପଡ଼ି ଛାତ୍ର ଗୁରୁତର

**ବରଗଡ଼ ଅଫିସ୍,୨୬।୯**

ବରଗଡ଼ ଜିଲା ଭଟଲି ଥାନା ଅନ୍ତର୍ଗତ ନଳିତୁଆଁକୁ ସାଙ୍ଗମାନଙ୍କ ସହିତ ପିକ୍‌ନିକ କରିବା ପାଇଁ ଯାଇଥିବାବେଳେ ଝରଣା ଉପରୁ ପ୍ରାୟ ୨ଶହ ଫୁଟ୍ ତଳକୁ ଖସିପଡ଼ି ଜଣେ ଡିପ୍ଲୋମା ଛାତ୍ର ଗୁରୁତର ଆହତ ହୋଇଛନ୍ତି । ଆହତ ଛାତ୍ର ଜଣକ ବରଗଡ଼ ପୌରପରିଷଦ ଅଧୀନ ଗୋବିନ୍ଦପାଲି ତଥା ସ୍ଥାନୀୟ ଏକ ଘରୋଇ ଶିକ୍ଷାନୁଷ୍ଠାନର ଛାତ୍ର ରାହୁଲ ଦାଶ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ରାହୁଲ ସକାଳୁ କଲେଜକୁ ଯାଉଛି କହି ଘରୁ ଯାଇଥିଲେ। ମାତ୍ର ସେ କଲେଜ ଯିବା ପରିବର୍ତ୍ତେ ୫ଜଣ ସାଙ୍ଗଙ୍କ ସହିତ ଭଟଲି ବ୍ଲକ ଅନ୍ତର୍ଗତ ବାରପାହାଡ଼ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ରହିଥିବା ନଳିତୁଆଁ ପ୍ରପାତ ନିକଟକୁ ପିକ୍‌ନିକ ପାଇଁ ବାଇକ ଯୋଗେ ଯାଇଥିଲେ। ସେଠାରୁ ସେ ତଳକୁ ଖସି ପଡ଼ି ଗୁରୁତର ଆହତ ହୋଇଥିଲେ । ସେଠାରୁ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

## ଅନନ୍ତ ବ୍ରତ ସମ୍ପନ୍ନ

**ବିଜେପୁର/ସୋହେଲା, ୨୬।୯ (ଡି.ଏନ.ଏ)**

ବିଜେପୁର ଏନଏସି ସଦର ମହକୁମାରେ ଚାରିଦିନ ଧରି ଚାଲିଥିବା ପ୍ରସିଦ୍ଧ ଅନନ୍ତ ବ୍ରତ ମହୋତ୍ସବ ବୁଧବାର ଭସାଣି ଶୋଭାଯାତ୍ରା ସହ ସମ୍ପନ୍ନ ହୋଇଛି । ଶୋଭାଯାତ୍ରାରେ ମୃଣ୍ମୟ ପ୍ରତିମାଗୁଡିକୁ ଗ୍ରାମ ପରିକ୍ରମା କରିବା ପରେ ଦାମୋଦର କଟାରେ ବିସର୍ଜନ କରାଯାଇଥିଲା । ଚଳିତ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ କରୁଥିବା ଉପରପଡା ଅନନ୍ତ ବ୍ରତ ମହୋତ୍ସବର ଗୁରୁବାର ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ଜଣାପଡିଛି ।

**ସୋହେଲା,(ଡି.ଏନ.ଏ):** ସୋହେଲାସ୍ଥିତ ହଟଲି ମଣ୍ଡପଠାରେ ଜୀବନ ଆଶା କ୍ଲବ ତରଫରୁ ସାର୍ବଜନୀନ ଅନନ୍ତପୂଜା ଅନୁଷ୍ଠିତ ହୋଇଥିଲା । ଏଥିରେ ସଚିଦା ଝାଙ୍କର ଓ ତାଙ୍କ ସ୍ତ୍ରୀ ସଞ୍ଜୁ ଝାଙ୍କର କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ । ସୁମନ୍ତ ପାଣିଗ୍ରାହୀ, ହିମାଂଶୁ ଦାସ, ସରୋଜ ଦେବତା ଓ ମନୋରଞ୍ଜନ ମହାପାତ୍ର ପୂଜାକାର୍ଯ୍ୟ କରିଥିଲେ । ରବିବାର କଳସ ଶୋଭାଯାତ୍ରା ଓ ପୂଜାରମ୍ଭ ଏବଂ ସୋମବାର ପୂର୍ଣ୍ଣାହୁତି ହୋଇଥିଲା । ସନ୍ଧ୍ୟାରେ କୃଷ୍ଣଗୁରୁ ଭଜନ ଓ ଡ୍ୟାନ୍ସ ପରିବେଷଣ କରାଯାଇଥିଲା । ବୁଧବାର ସକାଳେ ଭସାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମନ ମାଝି, ବୁଲୁ ପରୁଆ ସହଯୋଗ କରିଥିଲେ ।

## ଅଛାଣ୍ଡପାଲିରେ ଇନ୍ଦ୍ରପୂଜା



ଭେଡେନ ବ୍ଲକ ଅଛାଣ୍ଡପାଲିରେ ଇନ୍ଦ୍ରପୂଜା କରାଯାଉଛି ।

**ଭେଡ଼େନ,୨୬।୯(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଲୁହାଖଣ୍ଡି ଗ୍ରାମପଞ୍ଚାୟତର ଅଛାଣ୍ଡପାଲିରେ ଭାଗବତ ଜନ୍ମ ତଥା ଇନ୍ଦ୍ରପୂଜା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଛି । ଏଥିପାଇଁ ସ୍ଥାନୀୟ ରାମ ମନ୍ଦିରରେ ୧୫ରୁ ଅଧିକ ବ୍ରାହ୍ମଣ ସାମୂହିକ ଭାଗବତ ପାଠ କରିଥିଲେ । ଏହାସହ ରୁଷ୍ୟଶୃଙ୍ଗ ମୁନି ତଥା ଇନ୍ଦ୍ର ପୂଜା କରାଯାଇଥିଲା । ଏଥିରେ ତାରାଦୀପ ପଧାନ କର୍ତ୍ତା ତଥା ବିପିନ ବିହାରୀ ପଣ୍ଡା ପୁରୋହିତ ଦାୟିତ୍ୱ ସମ୍ପାଦନ କରିଥିଲେ । ସେହିପରି ଅରେଇଗୁଡ଼ି ଭାଗବତ ସେବା ସଂସ୍ଥାନ ତରଫରୁ ଭାଗବତ ଜନ୍ମ ପାଳିତ ହୋଇଛି। ଏଥିରେ ଆନନ୍ଦ ସାହୁ ଏବଂ ସୁରୁଚି ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ନିତ୍ୟାନନ୍ଦ ବିଶି ପ୍ରବଚନ ଓ ଯୋଗେଶ୍ୱର ପାଣିଗ୍ରାହୀ ଭାଗବତ ପାଠ କରିଥିଲେ। ଦୁର୍ଲଭ ବାଗ, ଭଗବାନ ସାହୁ ଏବଂ ଅନ୍ୟ ଗ୍ରାମବାସୀ ସହଯୋଗ କରିଥିଲେ।

## ପରିବହନ କର୍ମଚାରୀଙ୍କ ଧର୍ମଘଟ ପ୍ରତ୍ୟାହୃତ

**ପଦ୍ମପୁର, ୨୬।୯ (ଡି.ଏନ.ଏ)**

ବିଭିନ୍ନ ଦାବି ନେଇ ଗତ ୧ ତାରିଖଠାରୁ ଓଡିଶା ପରିବହନ ନିଗମ ପଦ୍ମପୁର ଶାଖା କର୍ମଚାରୀ ସଂଘ ଜାରି ରଖିଥିବା ଆନ୍ଦୋଳନକୁ ପ୍ରତ୍ୟାହାର କରିଛି। ଏହି ପରିପେକ୍ଷୀରେ ୨୫ ତାରିଖ ଅପରାହ୍ନ ୫ଟା ସମୟରେ ପଦ୍ମପୁର ଉପଜିଲାପାଳ ଦୌଲତ ଚନ୍ଦ୍ରାକରଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଆନ୍ଦୋଳନରତ କର୍ମଚାରୀମାନଙ୍କ ବିଭିନ୍ନ ଦାବି ଉପରେ ଆଲୋଚନା କରାଯାଇଥିଲା। ଡିପିଏମ ସମ୍ବଲପୁର ରାଜେନ୍ଦ୍ର ପୂଝାରୀ କର୍ମଚାରୀମାନଙ୍କର ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପଦ୍ମପୁର ଉପଜିଲାପାଳ ଚନ୍ଦ୍ରାକର ଜନସାଧାରଣଙ୍କ ସ୍ୱାର୍ଥ ତଥା ଆଗାମୀ ପୂଜା ପାର୍ବଣକୁ ଦୃଷ୍ଟିରେ ରଖି ବସ୍ ଚଳାଚଳକୁ ସ୍ୱାଭାବିକ କରିବା ପାଇଁ କର୍ମଚାରୀ ସଂଘର କର୍ମକର୍ତ୍ତାମାନଙ୍କୁ ଅନୁରୋଧ କରିଥିଲେ। ଏହି ଆଲୋଚନାରେ ପଦ୍ମପୁର ୟୁନିଟ ଓଏସଆରଟିସି ଇନଚାର୍ଜ ସର୍ବେଶ୍ୱର ପାଲ, ନାଗରିକ କମିଟି ସଭାପତି ରାମଚନ୍ଦ୍ର ତ୍ରିପାଠୀ, ଯୁଗ୍ମ ସମ୍ପାଦକ ନିରୋଜ ବୋଧ, ଓକିଲ ସଂଘ ସଭାପତି ଯୋଗେନ୍ଦ୍ର କୁମାର ଭୋଇ, ଓକିଲ ରାଧାବଲ୍ଲଭ ପାଣିଗ୍ରାହୀ, ବିଜେଡି ଟାଉନ ସଭାପତି ନବକିଶୋର ସାହୁ, ଭାଜପା ନଗର ସଭାପତି ସୁନୀଲ ଅଗ୍ରୱାଲ, ଆଇଆଇସି କେ. ପ୍ରିୟଙ୍କା ରାଉତରାୟ, ଓଏସଆରଟିସି କର୍ମଚାରୀ ସଂଘ ସଭାପତି ପ୍ରଶାନ୍ତ ମାଝୀ, ସମ୍ପାଦକ ଥବିର ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

**ଦାବି ପୂରଣ ପାଇଁ ପ୍ରତିଶ୍ରୁତି**



ପରିବହନ ନିଗମ କର୍ମଚାରୀଙ୍କ ସମସ୍ୟାର ସମାଧାନ ପାଇଁ ପଦ୍ମପୁର ଉପଜିଲାପାଳ ଙ୍କ ଅଧ୍ୟକ୍ଷତାରେ ବୈଠକ ଚାଲିଛି ।